ଟେକ୍ସଟ୍ ବୁକ୍ କମିଟିଙ୍କ ଅନୁମୋଦିତ

ମିଡ଼ିଲ

ଭାରତବର୍ଷର ଇତିହାସ

(୬ଷ୍ଠ ଓ ୭ମ ଶ୍ରେଣୀ ନିମନ୍ତେ)

ଭୋଲାଲାଲ୍ ଦାସ ବି.ଏ., ଏଲ୍. ଏଲ୍. ବି

Digitized by srujanika@gmail.com

ପଦ୍ଧାର ଓଡ଼ିଶା ଡିରେକ୍ଟର ମହୋଦୟଙ୍କ ତା।୧୪-୪-୩୪ର ୪୮୩୦ ନମ୍ବର
ନୋଟିସରେ ୬ଷ୍ଠ ଓ ୭ମ ଶ୍ରେଣୀର ପାଠ୍ୟପୁସ୍ତକରୂପେ ମଞ୍ଜୁରିତ

ମିଡ଼ିଲ୍

ଭାରତବର୍ଷର ଇତିହାସ

ଭୋଲାଲାଲ ଦାସ ବି. ଏ., ଏଲ୍. ଏଲ୍. ବି. ଙ୍କ

ହିନ୍ଦୀ ଇତିହାସର ଉତ୍କଳ ଅନୁବାଦ

ଅନୁବାଦକ—**ପଣ୍ଡିତ ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥ**

ହେଡପଣ୍ଡିତ, ରେଭେନ୍ସା କଲେଜିଏଟ୍ ସ୍କୁଲ, କଟକ

ପ୍ରକାଶକ—**ଶ୍ରୀ ଉମାଚରଣ ମହାନ୍ତି**

ପ୍ରୋପ୍ରାଇଟର, କଟକ ପବ୍ଲିଶିଂ ହାଉସ୍, ନୟାସଡ଼କ, କଟକ ।

Middle

HISTORY OF INDIA

For Classes VI & VII.

Author of the Hindi edition,

Bholalal Das, B. A., L. L. B.

Translated into Oriya by

Pandit Kulamoni Das, Kabyatirth

Head Pandit, R. C. School, Cutta

PUBLISHED BY

Uma Charan Moha

Proprietor, Cuttack Publish

Nayasarak, Cutt

Price-/10/-0

Published in Hindi, Urdu

Digitized by srujanika@gmail.com

ଦ୍ୱିତୀୟ ସଂସ୍କରଣ

Prnited by M. Kar,
UTKAL SAHITYA PRESS
CUTTACK.
1936

Digitized by srujanika@gmail.com

1st Edition—2000 copies—1933

2nd Edition—2000 copies—1936

Digitized by srujanika@gmail.com

ବିଷୟ ସୂଚୀ

ବିଷୟ — ପୃଷ୍ଠା

ଉପକ୍ରମଣିକା

ଭାରତବର୍ଷର ପ୍ରାକୃତିକ ଅବସ୍ଥା ୧
ହିମାଳୟର ପାର୍ବତ୍ୟ ପ୍ରଦେଶ ୨
ହିନ୍ଦୁସ୍ଥାନର ସମତଳଭୂମି ୩
ଦାକ୍ଷିଣାତ୍ୟର ମାଳଭୂମି ୪

ପ୍ରଥମ ଖଣ୍ଡ

ହିନ୍ଦୁଯୁଗ

ଭାରତବର୍ଷର ଆଦିମନିବାସୀ ୬
ଦ୍ରାବିଡ ସଭ୍ୟତା ୭
ଆର୍ଯ୍ୟମାନଙ୍କର ଭାରତବର୍ଷରେ ପ୍ରବେଶ ୯
ବେଦ ୧୧
ବେଦରେ ଆର୍ଯ୍ୟମାନଙ୍କ ଇତିହାସ ୧୨
ଆର୍ଯ୍ୟମାନଙ୍କର ବିସ୍ତାର ୧୪
ରାମାୟଣ ୧୫
ମହାଭାରତ ୧୭
ରାମାୟଣ ଓ ମହାଭାରତର ତୁଳନା ୧୯
ପ୍ରାଚୀନ ରାଜବଂଶ ୨୦
ଶିଶୁନାଗବଂଶ ୨୧
ବୁଦ୍ଧଦେବ ୨୨
ବୌଦ୍ଧଧର୍ମର ଶିକ୍ଷା ୨୫
ମହାତ୍ମା ମହାବୀର ଓ ଜୈନଧର୍ମ ୨୬
ଜୈନଧର୍ମ ଓ ବୌଦ୍ଧଧର୍ମରେ ତୁଳନା ୨୭
ନନ୍ଦବଂଶ ୨୭
ସିକନ୍ଦରଙ୍କ ଯୁଦ୍ଧ ୨୮
ନନ୍ଦବଂଶର ପତନ (ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ) ୩୦
ମୌର୍ଯ୍ୟବଂଶ ୩୦
ମେଗାସ୍ଥିନିସଙ୍କ ଭାରତ ବର୍ଣ୍ଣନ ୩୧
ସମ୍ରାଟ ଅଶୋକ ୩୨
ଅନ୍ଧ୍ରବଂଶ ୩୫
କୁଶନ ରାଜବଂଶ ୩୮
ନବୀନ ହିନ୍ଦୁରାଜବଂଶ ୪୦
ଗୁପ୍ତବଂଶ ୪୦
ଫାହିୟାନଙ୍କ ଯାତ୍ରା ୪୩
ମାଳବୀୟ ରାଜବଂଶ ୪୩
ରାଜପୁତ ରାଜବଂଶ ୪୭
ରାଜପୁତମାନଙ୍କ ଶୌର୍ଯ୍ୟ ୪୮
ଶୂରବଂଶ, ପାଲବଂଶ ସେନବଂଶ ୪୯
ଦକ୍ଷିଣ ଭାରତର ରାଜ୍ୟ ୫୦
ରାଷ୍ଟ୍ରକୂଟ ୫୦

Digitized by srujanika@gmail.com

ବିଷୟ	ପୃଷ୍ଠା
ହିନ୍ଦୁ ରାଜତ୍ୱକାଳରେ ଭାରତବର୍ଷର ସାମାଜିକ ଅବସ୍ଥା	୫୧
ପ୍ରାଗ୍‌ବୌଦ୍ଧକାଳ	୫୧
ବୌଦ୍ଧକାଳ	୫୨
ବୌଦ୍ଧୋତ୍ତରକାଳ	୫୩

ଦ୍ୱିତୀୟ ଖଣ୍ଡ

ବିଷୟ	ପୃଷ୍ଠା
ମୁସଲମାନ ଜାତି ଓ ଏମାନଙ୍କର ଧର୍ମର ପରିଚୟ	୫୬
ଇସ୍‌ଲାମ୍ ଧର୍ମର ଶିକ୍ଷା	୫୮
ଭାରତରେ ପ୍ରଥମ ମୁସଲମାନ୍ ଆକ୍ରମଣ	୫୮
ସବକ୍ତଗିନ୍ ଓ ସୁଲତାନ୍ ମହମୁଦ୍ ଗଜନିଙ୍କ ଆକ୍ରମଣ	୬୦
ମହମ୍ମଦ୍ ଘୋରିଙ୍କ ଆକ୍ରମଣ	୬୪

ଭାରତରେ ପଠାଣ ରାଜତ୍ୱ

ବିଷୟ	ପୃଷ୍ଠା
ଦାସ ବଂଶ	୬୬
ଖିଲଜି ବଂଶ	୬୨
ତୋଗଲକ ବଂଶ	୬୭
ତୈମୁରଲଙ୍ଗଙ୍କ ଆକ୍ରମଣ	୬୯
ସୈୟଦ ବଂଶ	୮୧
ଲୋଦୀ ବଂଶ	୮୧
ପଠାଣମାନଙ୍କ ଶାସନକାଳରେ ଭାରତର ଅବସ୍ଥା	୮୨

ମୋଗଲ ରାଜତ୍ୱକାଳ

ବିଷୟ	ପୃଷ୍ଠା
ବାବର୍	୮୮
ହୁମାୟୁନ୍	୯୧
ଶେର୍‌ସାହା	୯୪
ସମ୍ରାଟ ଅକବର୍	୯୬
ଜାହାଙ୍ଗୀର	୧୦୫
ଶାହାଜାହାନ୍	୧୧୦
ଅରଙ୍ଗଜେବ୍	୧୧୪
ଶିବାଜୀ ଓ ମରହଟ୍ଟା ଜାତି	୧୨୧
ଅରଙ୍ଗଜେବଙ୍କ ଉତ୍ତରାଧିକାରୀ ଓ ମୋଗଲମାନଙ୍କର ପତନ	୧୨୪
ମୋଗଲ ରାଜତ୍ୱରେ ଭାରତର ଅବସ୍ଥା	୧୩୦
ମରହଟ୍ଟା ଓ ଶିଖମାନଙ୍କ ଅଭିବୃଦ୍ଧି	୧୩୨

ତୃତୀୟ ଖଣ୍ଡ

ଇଉରୋପୀୟ ଯୁଗ

ବିଷୟ	ପୃଷ୍ଠା
ଇଉରୋପୀୟମାନଙ୍କର ଭାରତ ଆଗମନ	୧୩୬
ଇଂରେଜମାନଙ୍କର ଭାରତ ଆଗମନ	୧୩୯

Digitized by srujanika@gmail.com

ବିଷୟ	ପୃଷ୍ଠା
ଇଂରେଜ ଓ ଫରାସୀଙ୍କ ମଧ୍ୟରେ ଯୁଦ୍ଧ	୧୪୦
ପ୍ରଥମ କର୍ଣ୍ଣାଟକ ଯୁଦ୍ଧ	୧୪୧
ଦ୍ୱିତୀୟ କର୍ଣ୍ଣାଟକ ଯୁଦ୍ଧ	୧୪୨
ରବର୍ଟ କ୍ଲାଇବ	୧୪୩
ତୃତୀୟ କର୍ଣ୍ଣାଟକ ଯୁଦ୍ଧ	୧୪୪
ଇଂରେଜମାନଙ୍କ କର୍ତ୍ତୃକ ବଙ୍ଗଳା ଅଧିକାର	୧୪୬
ପଲାସୀ ଯୁଦ୍ଧ	୧୪୮
ମୀର୍ ଜାଫର୍	୧୫୦
ମୀର୍ କାସୀମ୍	୧୫୧
ଲର୍ଡ କ୍ଲାଇବ୍	୧୫୨
ହାଇଦର ଅଲ୍ଲୀ ଓ ପ୍ରଥମ ମହୀଶୂର ଯୁଦ୍ଧ	୧୫୪
ଇଷ୍ଟଇଣ୍ଡିଆ କୋମ୍ପାନୀର ରାଜତ୍ୱକାଳ	୧୫୫
ରେଗୁଲେଟିଙ୍ଗ୍ ଆକ୍ଟ (ଶାସନ ବିଧାନ)	୧୫୬
ଓ୍ୱାରେନ୍ ହେଷ୍ଟିଙ୍ଗସ୍ (ପ୍ରଥମ ଗଭର୍ଣ୍ଣର ଜେନେରଲ୍)	୧୫୬
ପ୍ରଥମ ମହାରହଟ୍ଟା ଯୁଦ୍ଧ	୧୫୯
ଦ୍ୱିତୀୟ ମହୀଶୂର ଯୁଦ୍ଧ	୧୬୦
ପିଟ୍ ସାହେବଙ୍କ ଇଣ୍ଡିଆ ବିଲ୍	୧୬୨
ଲର୍ଡ କର୍ଣ୍ଣୱାଲିସ (ଦ୍ୱିତୀୟ ଗଭର୍ଣ୍ଣର ଜେନେରଲ୍)	୧୬୩
ଚିରସ୍ଥାୟୀ ବନ୍ଦୋବସ୍ତ	୧୬୪
ତୃତୀୟ ମହୀଶୂର ଯୁଦ୍ଧ	୧୬୫
ସର ଜନ୍ ଶୋର ତୃତୀୟ ଗଭର୍ଣ୍ଣର ଜେନେରଲ	୧୬୬
ମାର୍କ୍ୱିସ୍ ଅଫ୍ ୱେଲେସ୍ଲି (ଚତୁର୍ଥ ଗଭର୍ଣ୍ଣର ଜେନେରଲ୍)	୧୬୮
ଚତୁର୍ଥ ମହୀଶୂର ଯୁଦ୍ଧ	୧୭୦
ଦ୍ୱିତୀୟ ମରହଟ୍ଟା ଯୁଦ୍ଧ	୧୭୧
ତୃତୀୟ ମରହଟ୍ଟା ଯୁଦ୍ଧ	୧୭୩
ଅନ୍ୟାନ୍ୟ ରାଜାମାନଙ୍କ ସହିତ ବ୍ୟବହାର	୧୭୩
ଲର୍ଡ କର୍ଣ୍ଣୱାଲିସ୍ ଦ୍ୱିତୀୟଥର (ପଞ୍ଚମ ଗଭର୍ଣ୍ଣର ଜେନେରଲ)	୧୭୪
ଲର୍ଡ ମିଣ୍ଟୋ (ଷଷ୍ଠ ଗଭର୍ଣ୍ଣର ଜେନେରଲ)	୧୭୫
ଲର୍ଡ ମୟରା ବା ହେଷ୍ଟିଙ୍ଗସ୍ (୭ମ ଗଭର୍ଣ୍ଣର ଜେନେରଲ୍)	୧୭୭
ନେପାଳ ଯୁଦ୍ଧ ବା ଗୁର୍ଖାଙ୍କ ଲଢେଇ	୧୭୮
ପିଣ୍ଡାରୀମାନଙ୍କ ସହିତ ଯୁଦ୍ଧ	୧୮୦
ଚତୁର୍ଥ ମରହଟ୍ଟା ଯୁଦ୍ଧ	୧୮୦
ଲର୍ଡ ଆମହର୍ଷ୍ଟ (ଅଷ୍ଟମ ଗଭର୍ଣ୍ଣର ଜେନେରଲ୍)	୧୮୨
ପ୍ରଥମ ବ୍ରହ୍ମଯୁଦ୍ଧ	୧୮୨
ଭରତପୁର ଦୁର୍ଗ ଅଧିକାର	୧୮୩

Digitized by srujanika@gmail.com

ବିଷୟ	ପୃଷ୍ଠା
ଲର୍ଡ଼ ୱିଲ୍ୟମ୍ ବେଣ୍ଟିଙ୍କ୍ (ନବମ ଗଭର୍ଣ୍ଣର ଜେନେରଲ)	୧୮୩
ରାଜ୍ୟ ବିସ୍ତାର ଓ ଶାସନସଂସ୍କାର	୧୮୪
ଶିକ୍ଷା ସଂସ୍କାର	୧୮୬
ଲର୍ଡ଼ ଅକ୍‌ଲଣ୍ଡ (ଦଶମ ଗଭର୍ଣ୍ଣର ଜେନେରଲ୍)	୧୮୮
ପ୍ରଥମ ଅଫଗାନ ଯୁଦ୍ଧ	୧୮୯
ଲର୍ଡ଼ ଏଲେନ୍‌ବରା (ଏକାଦଶ ଗଭର୍ଣ୍ଣର ଜେନେରଲ୍)	୧୯୦
ଦ୍ୱିତୀୟ ଅଫଗାନ ଯୁଦ୍ଧ	୧୯୦
ଲର୍ଡ଼ ହାର୍ଡ଼ିଞ୍ଜ (ଦ୍ୱାଦଶ ଗଭର୍ଣ୍ଣର ଜେନେରେଲ୍)	୧୯୨
ପ୍ରଥମ ଶିଖ ଯୁଦ୍ଧ	୧୯୩
ଲର୍ଡ଼ ଡେଲ୍‌ହାଉସି (ତ୍ରୟୋଦଶ ଗଭର୍ଣ୍ଣର ଜେନେରଲ୍)	୧୯୩
ଦ୍ୱିତୀୟ ଶିଖଯୁଦ୍ଧ	୧୯୪
ଦ୍ୱିତୀୟ ବ୍ରହ୍ମଯୁଦ୍ଧ	୧୯୬
ରାଜ୍ୟ ବିସ୍ତାର	୧୯୬
ଡେଲ୍‌ହାଉସିଙ୍କର ସଂସ୍କାରମାନ	୧୯୮
ଲର୍ଡ଼ କେନିଙ୍ଗ୍ (ଚତୁର୍ଦ୍ଦଶ ଗଭର୍ଣ୍ଣର ଜେନେରଲ୍)	୨୦୦
ସିପାହୀ ବିଦ୍ରୋହ	୨୦୦
ବିଦ୍ରୋହର ବିସ୍ତାର	୨୦୧
ବିଦ୍ରୋହ ଦମନ	୨୦୩
ବ୍ରିଟିଶ ପାର୍ଲିଆମେଣ୍ଟ ଅଧୀନ ଭାରତବର୍ଷ	୨୦୬
ମହାରାଣୀ ଭିକ୍ଟୋରିଆ ଓ ଏହାଙ୍କ ବଂଶଧରମାନଙ୍କ ରାଜତ୍ୱକାଳ	୨୦୬
ଲର୍ଡ଼ କାନିଙ୍ଗ (ପ୍ରଥମ ଭାଇସରାୟ)	୨୦୭
,, ଏଲ୍‌ଗିନ ଦ୍ୱିତୀୟ (,,)	୨୦୮
,, ସର ଜନ ଲରେନ୍‌ସ (ତୃତୀୟ ,,)	୨୦୮
,, ମେଓ (ଚତୁର୍ଥ ,,)	୨୦୯
,, ନର୍ଥବ୍ରୁକ (ପଞ୍ଚମ ,,)	୨୧୦
,, ଲିଟନ (ଷଷ୍ଠ ,,)	୨୧୨
ତୃତୀୟ ଆଫଗାନ ଯୁଦ୍ଧ	୨୧୨
ଲର୍ଡ଼ ରିପନ (ସପ୍ତମ ,,)	୨୧୩
,, ଡଫ୍‌ରିନ (ଅଷ୍ଟମ ,,)	୨୧୪
ତୃତୀୟ ବ୍ରହ୍ମଯୁଦ୍ଧ	୨୧୫
ଲର୍ଡ଼ ଲାନ୍‌ସଡାଉନ (ନବମ ,,)	୨୧୬
,, ଏଲ୍‌ଗିନ (ଦଶମ ,,)	୨୧୬
,, କର୍ଜନ (ଏକାଦଶ ,,)	୨୧୬
,, ମିଣ୍ଟୋ ଦ୍ୱିତୀୟ (ଦ୍ୱାଦଶ,,)	୨୧୯
,, ହାର୍ଡ଼ିଞ୍ଜ (ତ୍ରୟୋଦଶ ,,)	୨୨୧
,, ଚେମସ୍‌ଫୋର୍ଡ଼ (ଚତୁର୍ଦ୍ଦଶ ,,)	୨୨୨
,, ରେଡିଙ୍ଗ (ପଞ୍ଚଦଶ ,,)	୨୨୩
,, ଅରୱିନ (ଷୋଡ଼ଶ ,,)	୨୨୪
,, ଉଇଲିଙ୍ଗଡନ (ସପ୍ତଦଶ ,,)	୨୨୬
ଉପସଂହାର	୨୨୭

Digitized by srujanika@gmail.com

ମଧ୍ୟ

ଭାରତବର୍ଷର ଇତିହାସ

ଉପକ୍ରମଣିକା

ଭାରତବର୍ଷର ପ୍ରାକୃତିକ ଅବସ୍ଥା

ଭାରତବର୍ଷ ଦେଶ ନୁହେଁ, ପ୍ରାୟ ମହାଦେଶ

ଭାରତବର୍ଷକୁ ପୃଥିବୀର ସବୁ ଦେଶର ସାର ସଂଗ୍ରହ ବୋଲାଯାଇ ପାରେ । ଏହା ଏସିଆ ମହାଦେଶର ଅନ୍ତର୍ଗତ ଗୋଟିଏ ଦେଶ ହେଲେହେଁ ବିସ୍ତାର ଓ ବିଭବରେ ଏହା ସମ୍ପୂର୍ଣ୍ଣରୂପେ ଗୋଟିଏ ମହାଦେଶ ପରି । ଏହାର ଜଳବାୟୁ ଅତ୍ୟନ୍ତ ଶୀତଳ ଓ ଅତ୍ୟନ୍ତ ଗରମ ଥିବାରୁ ଏଠାରେ ଶୀତପ୍ରଧାନ ଦେଶର ଓ ଗ୍ରୀଷ୍ମପ୍ରଧାନ ଦେଶର ଉଦ୍ଭିଦ, ଜୀବ ଓ ଭିନ୍ନ ଭିନ୍ନ ପଦାର୍ଥମାନ ଦେଖିବାକୁ ମିଳେ । ଏ ଦେଶ ଯେଉଁପରି ସୁନ୍ଦର ଓ ବିଶାଳ, ସେହିପରି ଉର୍ବର ଓ ସମ୍ପତ୍ତିଶାଳୀ । ଈଶ୍ୱର ମନୁଷ୍ୟଜୀବନର ଯାବତୀୟ ଆବଶ୍ୟକ ସାମଗ୍ରୀ ପୂର୍ଣ୍ଣ ମାତ୍ରାରେ ଏଠାରେ ରଖିଅଛନ୍ତି । ଭାରତବର୍ଷର ପ୍ରାକୃତିକ ଗଠନ ଏହି ସମସ୍ତ ବିଶେଷତ୍ୱର କାରଣ ।

ପ୍ରାକୃତିକ ଗଠନ

ତେବେ ଏହାର ଗଠନ କିପରି ? ଆମ୍ଭେମାନେ ଦେଖୁଥାଉଁ ଯେ, ଏସିଆ ମହାଦେଶର ଦକ୍ଷିଣରେ ଏହି ଦେଶ ଗୋଟିଏ ପ୍ରକାଣ୍ଡ ଉପଦ୍ୱୀପ । ଏହାର ଉତ୍ତରରେ ପର୍ବତଶ୍ରେଣୀ ହିମାଳୟ ୧୯୦୦ ମାଇଲ ବ୍ୟାପି ବିସ୍ତାରିତ । ଏହି ପର୍ବତର ଗଠନପ୍ରଣାଳୀ ଦେଖିଲେ ମନେ ହୁଏ ଯେ ଶତ୍ରୁର କବଳରୁ ଭାରତକୁ ରକ୍ଷା କରିବା ପାଇଁ ଭଗବାନ୍ ପର୍ବତରୂପେ ଏହି ଅଭେଦ୍ୟ ପ୍ରାଚୀର ନିର୍ମାଣ କରିଅଛନ୍ତି ।

Digitized by srujanika@gmail.com

ପୃଥିବୀର ଅନ୍ୟ କୌଣସି ପର୍ବତ ଉଚ୍ଚତାରେ ହିମାଳୟ ସଙ୍ଗେ ତୁଳନୀୟ ହୋଇ ପାରିବ ନାହିଁ । ଅବଶିଷ୍ଟ ତିନି ଦିଗରେ କେବଳ ସମୁଦ୍ର ବ୍ୟାପିଛି । ସତେ ଯେପରି ପରମେଶ୍ୱର ବିଦେଶୀ ଆକ୍ରମଣକାରୀମାନଙ୍କଠାରୁ ଭାରତକୁ ରକ୍ଷା କରିବା ପାଇଁ ଏହି ଦୁର୍ଗମ ପରିଖା ଖୋଳି ଅଛନ୍ତି; ସୁତରାଂ ଭାରତବର୍ଷ ସମ୍ପୂର୍ଣ୍ଣରୂପେ ଅନ୍ୟ ଦେଶମାନଙ୍କ ସଂସ୍ପର୍ଶ (ବା ସମ୍ପର୍କ)ର ବାହାରେ ଅବସ୍ଥିତ । ପ୍ରାୟ ଏକ ହଜାର ବର୍ଷ ପର୍ଯ୍ୟନ୍ତ ଭାରତର ସଭ୍ୟତା, ଶକ୍ତି, ଓ ସମ୍ପତ୍ତି ନିର୍ବିଘ୍ନରେ ଉନ୍ନତି ଲାଭ କରୁଥିଲା । ସେତେବେଳେ ଅନ୍ୟ କୌଣସି ଦେଶ ଏହାର ଉନ୍ନତିରେ ବାଧା ଦେଇ ପାରୁ ନ ଥିଲା ।

ଭାରତବର୍ଷର ଭିନ୍ନ ଭିନ୍ନ ନାମ

ଏହି ଦେଶର ଦୈର୍ଘ୍ୟ ଉତ୍ତର ଦକ୍ଷିଣରେ ଦୁଇ ହଜାର ମାଇଲରୁ କିଛି ଅଧିକ । ପୂର୍ବ ପଶ୍ଚିମରେ ବିସ୍ତାର ବ୍ରହ୍ମଦେଶରୁ ବେଲୁଚିସ୍ଥାନ ପର୍ଯ୍ୟନ୍ତ ଅଢ଼େଇ ହଜାର ମାଇଲରୁ ବେଶୀ । ଏ ଦେଶ ଇଂଲଣ୍ଡ ଅପେକ୍ଷା ଚଉଦଗୁଣ ବଡ଼ । ଭାରତବର୍ଷର ସଂକ୍ଷିପ୍ତ ନାମ ଭାରତ ଅଟେ । ଇରାନୀମାନେ 'ସ' କୁ 'ହ' ଉଚ୍ଚାରଣ କରନ୍ତି, ଏଥିଯୋଗୁଁ ମୁସଲମାନମାନେ ସିନ୍ଧୁନଦୀର ଏହି ଅଞ୍ଚଳର ଦେଶକୁ ହିନ୍ଦୁସ୍ଥାନ କହିଲେ । ୟୁନାନୀମାନେ ସିନ୍ଧୁକୁ ଇଣ୍ଡସ୍ କହନ୍ତି, ଏଥିଯୋଗୁଁ ୟୁରୋପୀୟମାନେ ଏ ଦେଶର ନାମ ଇଣ୍ଡିଆ (ଭାରତବର୍ଷ) ରଖିଲେ । ଏଥିରୁ ଆମ୍ଭେମାନେ ଏହାର ବିସ୍ତୃତି ବୁଝି ପାରିବା । ଏହାର ପ୍ରାକୃତିକ ଭାଗ କେତେ ଗୋଟି, ତାହା ବର୍ତ୍ତମାନ ଆଲୋଚନା କରିବାକୁ ହେବ । ସମଗ୍ର ଭାରତବର୍ଷକୁ ପ୍ରଧାନ ତିନିଗୋଟି ଭାଗରେ ବିଭକ୍ତ କରାଯାଇ ପାରେ । ଯଥା—(୧) ହିମାଳୟ ପାର୍ବତ୍ୟ ପ୍ରଦେଶ, (୨) ଉତ୍ତର ହିନ୍ଦୁସ୍ଥାନର ସମତଳ ଭୂମି ଓ (୩) ଦକ୍ଷିଣର ମାଳଭୂମି ।

୧ । ହିମାଳୟର ପାର୍ବତ୍ୟ ପ୍ରଦେଶ—ଏହି ପ୍ରଦେଶ ହିନ୍ଦୁସ୍ଥାନର ଉତ୍ତରାଂଶରେ ଅବସ୍ଥିତ । ପୂର୍ବେ ବୋଲାଯାଇଅଛି ଯେ, ଭାରତବର୍ଷର ଉତ୍ତରରେ ହିମାଳୟ ପର୍ବତ ଶ୍ରେଣି ରହିଅଛି, ସୁତରାଂ ଏହି ପ୍ରଦେଶ ପାହାଡ଼ ଓ ଜଙ୍ଗଲରେ ପରିପୂର୍ଣ୍ଣ । ନେପାଳ, ସିକିମ ଓ ଭୂଟାନ ଏହି ତିନି ଗୋଟି ରାଜ୍ୟ ହିମାଳୟର ପାର୍ବତ୍ୟ ପ୍ରଦେଶରେ ଅବସ୍ଥିତ ।

Digitized by srujanika@gmail.com

ଇଂରେଜ ଶାସନାଧୀନ ଗଢ଼ୱାଲ୍, କମାୟୁନ ପ୍ରଭୃତି କେତେଗୋଟି ଜିଲ୍ଲା ମଧ୍ୟ ଏହି ପାର୍ବତ୍ୟ ଭାଗର ଅନ୍ତର୍ଗତ । ଏହି ଭାଗ ପର୍ବତମୟ ଥିବାରୁ ବିଶେଷ ଉର୍ବର ନ ହେଲେହେଁ ଏହି ପ୍ରଦେଶ ଅନ୍ୟ ପ୍ରଦେଶମାନଙ୍କଠାରୁ କୌଣସି ଅଂଶରେ ହୀନ ନୁହେ । ଉତ୍ତର ଭାରତବର୍ଷର ପ୍ରାୟ ସବୁ ନଦ-ନଦୀ ଏହି ପ୍ରଦେଶରୁ ଉତ୍ପନ୍ନ ହୋଇ ଏହାକୁ ଉର୍ବର କରୁଅଛି । ଏଠାରେ କାଠର ଅକ୍ଷୟ ଭଣ୍ଡାର ରହିଅଛି । ଏହା ଛଡ଼ା କସ୍ତୁରୀ, ଚାମର, କମ୍ବଳ ଏବଂ ଅନ୍ୟାନ୍ୟ ଶୀତଦେଶର ବସ୍ତୁ ମଧ୍ୟ ଏଠାରୁ ଆମ୍ଭମାନଙ୍କ ଦେଶକୁ ଆମଦାନି ହେଉଅଛି । ହିମାଳୟ ପୃଥିବୀର ଅନ୍ୟ ପର୍ବତମାନଙ୍କଠାରୁ ଉଚ୍ଚତମ ଏବଂ ଏହାର ଶିଖର ଆକାଶକୁ ଲାଗିଅଛି । ଏହି ପର୍ବତରେ ଖାଇବାର, ବୋଲାନ୍ ଓ କୁର୍ରମ୍ ପ୍ରଭୃତି କେତେଗୋଟି ସଙ୍କୀର୍ଣ୍ଣ ପଥ ବା ଘାଟୀ ଅଛି । ଏହି ଘାଟୀମାନଙ୍କ ବାଟେ ପଶ୍ଚିମ ଓ ଉତ୍ତର ଦେଶର ଲୋକମାନେ ଭାରତକୁ ଗମନାଗମନ କରନ୍ତି; ସୁତରାଂ ଏଥିଦ୍ୱାରା ବହିର୍ଜଗତ୍ ସଙ୍ଗେ ଭାରତର ସମ୍ବନ୍ଧ ଲାଗି ରହିଅଛି । ହିମାଳୟ ପର୍ବତର ଶିଖରଦେଶ ବରଫଦ୍ୱାରା ଆବୃତ । ଏହି ବରଫ ତରଳିବାରୁ ଉତ୍ତରଭାରତର ନଦୀସମୂହର ଉତ୍ପତ୍ତି ହୋଇଅଛି । ହିମାଳୟର କଅଁଳ ନିମ୍ନଦେଶରେ ଦେବଦାରୁ ପ୍ରଭୃତି ଶୀତପ୍ରଧାନ ଦେଶର ବୃକ୍ଷମାନ ଉତ୍ପନ୍ନ ହୁଏ ଏବଂ ଶୀତପ୍ରଧାନ ଦେଶର ଜୀବଜନ୍ତୁ ଏଠାରେ ଦେଖାଯାନ୍ତି । ଏହି ପାର୍ବତ୍ୟ ଦେଶର ନାନାସ୍ଥାନରେ ସମତଳ ଭୂମି ମଧ୍ୟ ଅଛି । ଏହି ଉଚ୍ଚଭୂମିକୁ ତରାଇ କୁହାଯାଏ । ତରାଇରେ ପ୍ରଚୁର ପରିମାଣରେ ଧାନ ଫସଲ ହୁଏ ଏବଂ ଏହି ସବୁ ଅଞ୍ଚଳରେ ଘନ ଲୋକବସତି ମଧ୍ୟ ଅଛି । ଉଚ୍ଚ ପାର୍ବତ୍ୟ ଦେଶ ବୋଲି ଏହି ଦେଶର ଭିନ୍ନ ଭିନ୍ନ ସ୍ଥାନର ଉଚ୍ଚତା ଅନୁସାରେ କେଉଁ କେଉଁ ସ୍ଥାନର ଜଳବାୟୁ ଅତ୍ୟନ୍ତ ଶୀତଳ ଓ କେଉଁ କେଉଁ ସ୍ଥାନର ଜଳବାୟୁ ଅତ୍ୟନ୍ତ ଗରମ । ଏହି ପ୍ରଦେଶରେ ଇଂରେଜଶାସନାଧୀନ ସିମଲା, ମସୁରୀ, ନାଇନିତାଲ ଓ ଦାର୍ଜିଲିଙ୍ଗ ପ୍ରଭୃତି କେତେ ଗୋଟି ମନୋରମ ଓ ସ୍ୱାସ୍ଥ୍ୟକର ପାର୍ବତ୍ୟ ନଗର ଅବସ୍ଥିତ ।

୨ । **ହିନ୍ଦୁସ୍ଥାନର ସମତଳଭୂମି**—ଭାରତର ଏହା ଗୋଟିଏ ପ୍ରଧାନ ଓ ବିଶେଷ ଉଲ୍ଲେଖଯୋଗ୍ୟ ଅଂଶ । ଯେଉଁ ସମତଳଭୂମି ହିମାଳୟ

Digitized by srujanika@gmail.com

ପର୍ବତର ଦକ୍ଷିଣରୁ ବିନ୍ଧ୍ୟାଚଳ ପର୍ଯ୍ୟନ୍ତ ବିସ୍ତୃତ । ପ୍ରାଚୀନକାଳରେ ତାହା ଆର୍ଯ୍ୟାବର୍ତ୍ତ ନାମରେ ପ୍ରସିଦ୍ଧ ଥିଲା । ବର୍ତ୍ତମାନ ଏହାକୁ ଉତ୍ତର ହିନ୍ଦୁସ୍ଥାନ କୁହାଯାଏ । ଅନେକଗୁଡ଼ିଏ ନଦୀର ଜଳରେ ଏହି ସମତଳଭୂମି ନିରନ୍ତର ସିକ୍ତ ହେଉଥିବାରୁ ଏହା ଅତ୍ୟନ୍ତ ଉର୍ବର ଏବଂ ଏ ଅଞ୍ଚଳ ଲୋକବସତିରେ ପରିପୂର୍ଣ୍ଣ । ପଞ୍ଜାବ, ସିନ୍ଧୁ, ରାଜପୁତାନା, ଆଗ୍ରା ଓ ଅଯୋଧ୍ୟା, ଯୁକ୍ତପ୍ରଦେଶ, ମଧ୍ୟ-ପ୍ରଦେଶ, ବିହାର, ଓଡ଼ିଶା ଓ ବଙ୍ଗ ପ୍ରଭୃତି ପ୍ରଧାନ ପ୍ରଦେଶମାନ ଏହି ଅଂଶରେ ଅବସ୍ଥିତ । ଏହି ପ୍ରଦେଶରେ ସିନ୍ଧୁ, ବ୍ରହ୍ମପୁତ୍ର, ଗଙ୍ଗା, ଯମୁନା ପ୍ରଭୃତି ନଦ ନଦୀ ପ୍ରବାହିତ ହେଉଅଛନ୍ତି ବୋଲି ପ୍ରଚୁର ଶସ୍ୟ ଉତ୍ପନ୍ନ ହୁଏ । ବିଭବଶାଳୀ ବୋଲି ପୃଥିବୀରେ ଏହି ଅଂଶର ଖ୍ୟାତି ଅଛି । ଏହି ଖ୍ୟାତି ହେତୁରୁ ପ୍ରାଚୀନକାଳରେ ବିଦେଶୀୟମାନେ ଲୋଭପରବଶ ହୋଇ ଭାରତବର୍ଷକୁ ଆକ୍ରମଣ କରୁଥିଲେ । ଏହି ସ୍ଥାନର ଜଳବାୟୁ ଅତି ଥଣ୍ଡା ବା ଅତି ଗରମ ନୁହେଁ । ଏହି ଭୂଭାଗ ଶସ୍ୟଶ୍ୟାମଳ କ୍ଷେତ୍ରମାନଙ୍କରେ ପରିପୂର୍ଣ୍ଣ । ହିମାଳୟଦ୍ୱାରା ଆସିଆର ଅନ୍ୟ ଅଂଶରୁ ପୃଥକ୍ ହୋଇଥିବା ଭାରତବର୍ଷକୁ ବିନ୍ଧ୍ୟଗିରି ଯେଉଁ ଦୁଇଭାଗରେ ବିଭକ୍ତ କରିଅଛି, ଏହି ସମତଳଭୂମି ତହିଁର ଉତ୍ତରଖଣ୍ଡ ଅଟେ ।

ଐତିହାସିକ ଘଟଣାମାନଙ୍କ କେନ୍ଦ୍ର

୩ । ଦାକ୍ଷିଣାତ୍ୟ ମାଳଭୂମି—ପ୍ରାଚୀନକାଳରେ ଏହି ସ୍ଥାନ ଦକ୍ଷିଣାବର୍ତ୍ତ ବା ଦାକ୍ଷିଣାତ୍ୟ ନାମରେ ପରିଚିତ ଥିଲା । ଆଜିକାଲି ପାଶ୍ଚାତ୍ୟମାନେ ଏହାକୁ ଡେକ୍କାନ୍ କହନ୍ତି । ଏହାର ଆକାର ତ୍ରିଭୁଜ ପରି ଓ ବିନ୍ଧ୍ୟଗିରିର ଦକ୍ଷିଣରେ ଏହା ଅବସ୍ଥିତ । ବିନ୍ଧ୍ୟ ପର୍ବତର ପୂର୍ବ ଓ ପଶ୍ଚିମ ପ୍ରାନ୍ତରୁ ଦୁଇଟି ସୁଦୀର୍ଘ ପର୍ବତଶ୍ରେଣୀ ଦକ୍ଷିଣାପଥର ପ୍ରାଚୀରରୂପେ ଯଥାକ୍ରମେ ପୂର୍ବ ଓ ପଶ୍ଚିମ ଦିଗରେ ସମୁଦ୍ରତୀରରେ ବିସ୍ତୃତ । ଏହି ଦୁଇ ପର୍ବତଶ୍ରେଣୀର ନାମ ପୂର୍ବଘାଟ ଓ ପଶ୍ଚିମଘାଟ । ଦାକ୍ଷିଣାତ୍ୟ ଉତ୍ତର-ଭାରତର ସମତଳ କ୍ଷେତ୍ର ଅପେକ୍ଷା ଉଚ୍ଚତର ଏବଂ ବିଷୁବରେଖାର ଅଧିକତର ସମୀପବର୍ତ୍ତୀ ହୋଇଥିବାରୁ ଏ ସ୍ଥାନର ଜଳବାୟୁ କିଞ୍ଚିତ୍ ଅଧିକ ଉତ୍ତପ୍ତ । ପୂର୍ବଭାଗ ଢାଲୁ ହୋଇଥିବାରୁ ଏ ଅଞ୍ଚଳର ପ୍ରାୟ ସବୁ ନଦୀ ପୂର୍ବଆଡ଼କୁ ପ୍ରବାହିତ । ପଶ୍ଚିମ ଦିଗକୁ ଦୁଇଟି

ଦାକ୍ଷିଣାତ୍ୟ

Digitized by srujanika@gmail.com

ମାତ୍ର ନଦୀ ପ୍ରବାହିତ ହେଉଅଛି ;—ନର୍ମଦା ଓ ତାପ୍ତି । ବୋମ୍ବାଇ, ମାନ୍ଦ୍ରାଜ, ହାଇଦ୍ରାବାଦ୍, ମହୀଶୂର ପ୍ରଭୃତି ପ୍ରଦେଶ ଓ ରାଜ୍ୟ ଏହି ଅଂଶରେ ଅବସ୍ଥିତ । ଏହାର ସର୍ବଦକ୍ଷିଣରେ କୁମାରିକା ଅନ୍ତରୀପ । ଏହିଠାରେ ପୂର୍ବଘାଟ ଓ ପଶ୍ଚିମଘାଟ ସମ୍ମିଳିତ ହୋଇଅଛି । ଏକ ସମୟରେ ଲଙ୍କା ଯିବାପାଇଁ ରାମେଶ୍ୱର ନିକଟରେ ଶ୍ରୀରାମଚନ୍ଦ୍ର ଗୋଟିଏ ସେତୁ ବାନ୍ଧିଥିଲେ । ଏହାର ନାମ ସେତୁବନ୍ଧ ରାମେଶ୍ୱର । ଏ ଅଞ୍ଚଳରେ ଉତ୍ପନ୍ନ ଫସଲ ଅପେକ୍ଷାକୃତ ଅଳ୍ପ, କିନ୍ତୁ ସୁନା, ରୂପା, ଲୁହା ଆଦିର ଅନେକ ଅମୂଲ୍ୟ ଖଣି ଏଠାରେ ଅଛି ।

ଭାରତର ବୈଚିତ୍ର୍ୟ

ଭାରତବର୍ଷ ଏହିପରି ତିନିଗୋଟି ପ୍ରାକୃତିକ ବିଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗ ବିଚିତ୍ର ଓ ରହସ୍ୟପୂର୍ଣ୍ଣ । ଏହି ବିଭାଗଗୁଡ଼ିକର ଗଠନ ବିଷୟ ଆମ୍ଭମାନଙ୍କୁ ଭଲ କରି ମନେ ରଖିବାକୁ ହେବ; କାରଣ, ଭାରତବର୍ଷର ଜଳବାୟୁ, ଉତ୍ପନ୍ନଦ୍ରବ୍ୟ, ବ୍ୟବହାର, ଭାଷା, ପ୍ରଥା, ଧର୍ମ ପ୍ରଭୃତିର ପ୍ରଭେଦ ଭିନ୍ନ ଭିନ୍ନ ଅଞ୍ଚଳର ପ୍ରାକୃତିକ ଗଠନ ଉପରେ ନିର୍ଭର କରେ । ସେ ଯାହା ହେଉ ଭାରତବର୍ଷ ପୃଥିବୀର ଯାବତୀୟ ଦେଶ ମଧ୍ୟରେ ଅତୁଳନୀୟ । ଏକ ସମୟରେ ଏ ଦେଶର ସଭ୍ୟତା ଅତ୍ୟନ୍ତ ଉନ୍ନତ ଥିଲା; ସହସ୍ର ସହସ୍ର ବର୍ଷବ୍ୟାପୀ ପୂର୍ଣ୍ଣ-ଶାନ୍ତି ବ୍ୟତୀତ ସେଉଳି ସଭ୍ୟତା ଆଦୌ ସମ୍ଭବପର ନୁହେ । ଏହି ଶାନ୍ତି ଏହାର ପ୍ରାକୃତିକ ବିଭାଗ ଓ ଗଠନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ତେଣୁ ପ୍ରାଚୀନ କାଳରେ ଏ ଦେଶ ଅତ୍ୟନ୍ତ ଉନ୍ନତି ଲାଭ କରିଥିଲା ।

Digitized by srujanika@gmail.com

ପ୍ରଥମ ଖଣ୍ଡ

(ହିନ୍ଦୁ ଯୁଗ)

ଭାରତବର୍ଷର ଆଦିମ ନିବାସୀ—

ବର୍ତ୍ତମାନ ଏ ଦେଶ ଇଂରେଜଙ୍କ ଶାସନାଧୀନ ଅଛି । ଏଥିପୂର୍ବେ ମୁସଲମାନ୍ ବାଦସାହାମାନେ ଏ ଦେଶରେ ରାଜତ୍ୱ କରୁଥିଲେ, କିନ୍ତୁ ମୁସଲମାନ ରାଜତ୍ୱପୂର୍ବେ ଏ ଦେଶରେ ହିନ୍ଦୁମାନେହିଁ ଅଧିପତି ଥିଲେ । ହିନ୍ଦୁମାନେ ଆର୍ଯ୍ୟ ଜାତିର ସନ୍ତାନ । କ୍ରମାନ୍ୱୟରେ ବହୁ ସହସ୍ର ବର୍ଷକାଳ ଭାରତରେ ହିନ୍ଦୁମାନଙ୍କ ଆଧିପତ୍ୟ ଅକ୍ଷୁଣ୍ଣ ଥିଲା । ଐତିହାସିକମାନେ ଅନୁମାନ କରନ୍ତି ଯେ, ଆର୍ଯ୍ୟମାନେ ଭାରତବର୍ଷର ଆଦିମ ଅଧିବାସୀ ନୁହନ୍ତି । ସେମାନେ ଅନ୍ୟ ଦେଶରୁ ଏ ଦେଶକୁ ଆସିଥିଲେ । ବର୍ତ୍ତମାନ ମନରେ ସ୍ୱତଃ ଏହି ପ୍ରଶ୍ନର ଉଦୟ ହୁଏ ଯେ, କେଉଁମାନେ ଭାରତର ପ୍ରାଚୀନ ଅଧିବାସୀ ଥିଲେ ଏବଂ ସେମାନଙ୍କ ବଂଶଧରମାନେ ବର୍ତ୍ତମାନ କେଉଁଠାରେ ଅଛନ୍ତି ?

ଏହାର କୌଣସି ସ୍ପଷ୍ଟ ପ୍ରମାଣ ନ ଥିଲେହେଁ ଏପରି ଅନୁମାନ କରାଯାଉଅଛି ଯେ, ଅନାର୍ଯ୍ୟଗଣ ଭାରତରେ ସର୍ବପ୍ରଥମେ ବାସ କରୁଥିଲେ ।

ଅନାର୍ଯ୍ୟ

ଭାରତର ଭିନ୍ନ ଭିନ୍ନ ସ୍ଥାନରେ କୋଲ୍ହ, ଭୀଲ, ସାନ୍ତାଳ, ନାଗା, ଲେପ୍‌ଚା, ଭୂଟିଆ, ମୁଣ୍ଡା, ଜୁଆଙ୍ଗ, କନ୍ଧ, ଶବର ପ୍ରଭୃତି ଯେଉଁ ସବୁ ବନ୍ୟ ଜାତି ଦେଖାଯାନ୍ତି, ସେହିମାନେହିଁ ଆଦିମ ନିବାସୀଗଣଙ୍କର ସନ୍ତାନ ବୋଲି ପରିଗଣିତ ହୁଅନ୍ତି । ଏକ ସମୟରେ ସେମାନଙ୍କ ପୂର୍ବପୁରୁଷମାନେ ସମଗ୍ର ଉତ୍ତର-ଭାରତର ଗୃହଅଙ୍କେ ବ୍ୟାପିଥିଲେ । ଏମାନଙ୍କ ସଭ୍ୟତା ସମ୍ବନ୍ଧରେ ନାନା ପ୍ରକାର ମତଭେଦ ଦେଖାଯାଏ । ଉପରେ ଯେଉଁ ସବୁ ଜଙ୍ଗଲୀ ଜାତିଙ୍କ ବିଷୟ ଉଲ୍ଲେଖ କରାଯାଇଅଛି, ସେମାନେ ବର୍ତ୍ତମାନ ମଧ୍ୟ ବଣ ଓ ପାହାଡ଼ରେ ବାସ କରୁଅଛନ୍ତି ଏବଂ ଅଜଯାଏ ଅସଭ୍ୟ ଅବସ୍ଥାରେ ଅଛନ୍ତି; କିନ୍ତୁ ବର୍ତ୍ତମାନ ଅନୁସନ୍ଧାନଦ୍ୱାରା ଜଣାଯାଉଅଛି ଯେ, ଏହି ଅନାର୍ଯ୍ୟମାନେ ଏକାବେଳକେ ଅସଭ୍ୟ ନ ଥିଲେ । ଏମାନଙ୍କ

Digitized by srujanika@gmail.com

ସଭ୍ୟତା ଅନାର୍ଯ୍ୟମାନଙ୍କ ସଭ୍ୟତା ଅପେକ୍ଷା ଅବଶ୍ୟ ଭିନ୍ନ ଥିଲା; କିନ୍ତୁ ଏମାନେ ସଭ୍ୟ ଥିଲେ । ଏକଥା ଦାକ୍ଷିଣାତ୍ୟବାସୀ ଦ୍ରାବିଡ଼ମାନଙ୍କଠାରେ ବିଶେଷ ଭାବରେ ପ୍ରମାଣିତ ହୋଇଅଛି ।

ଅନାର୍ଯ୍ୟମାନଙ୍କ ସଭ୍ୟତା

ଏମାନେ ଆଜିକାଲି ମାନ୍ଦ୍ରାଜ, କାନାଡ଼ା ବା କର୍ଣ୍ଣାଟକ ଓ ତାମିଲ ପ୍ରଦେଶମାନଙ୍କରେ ଦେଖାଯାଆନ୍ତି । ଏମାନେ ମୁଖ୍ୟତଃ ତାମିଲ, ତେଲୁଗୁ ଓ କାନାଡ଼ି ଭାଷାରେ କଥାବାର୍ତ୍ତା କରନ୍ତି । ଏହି ଭାଷାତ୍ରୟ ଏବଂ ଉପର୍ଯ୍ୟୁକ୍ତ ଅସଭ୍ୟ ଜାତିମାନଙ୍କ କଥିତ ଭାଷାସମୂହ ମଧ୍ୟରେ ଐକ୍ୟ ଥିବା ପ୍ରମାଣିତ ହୋଇଅଛି; ଅତଏବ ଏ ସମସ୍ତ ଜାତି ଅନାର୍ଯ୍ୟ ନାମରେ ପ୍ରସିଦ୍ଧ । ଏହି ଅନାର୍ଯ୍ୟ ଜାତିମାନଙ୍କ ସମ୍ପର୍କରେ ଦ୍ରାବିଡ଼ମାନଙ୍କ ସଭ୍ୟତା ସମ୍ବନ୍ଧରେ ଏଠାରେ କିଞ୍ଚିତ୍ ଉଲ୍ଲେଖ କରିବା ଆବଶ୍ୟକ ବୋଲି ପ୍ରତୀତ ହେଉଅଛି ।

ଦ୍ରାବିଡ ସଭ୍ୟତା—ଆର୍ଯ୍ୟମାନଙ୍କ ପ୍ରାଚୀନ ଗ୍ରନ୍ଥ ବେଦରୁ ଜଣାଯାଏ ଯେ, ସେମାନେ ଅନାର୍ଯ୍ୟମାନଙ୍କୁ ପରାସ୍ତ କରି ପ୍ରଥମେ ଉତ୍ତର ଭାରତରେ ବସତି କରିଥିଲେ । ଶତ୍ରୁତା ହେତୁରୁ ସେମାନେ ଅନାର୍ଯ୍ୟମାନଙ୍କ ସଭ୍ୟତାକୁ ଖୁବ ତୁଚ୍ଛ ମନେ କରୁଥିଲେ ଓ ଅନେକ ସ୍ଥଳରେ ତାହାର ନିନ୍ଦା ମଧ୍ୟ କରୁଥିଲେ; ତଥାପି ଅନାର୍ଯ୍ୟମାନଙ୍କର ନଗର, ଦୁର୍ଗ ଓ ସୈନ୍ୟମାନଙ୍କର ବର୍ଣ୍ଣନା ବେଦରେ ମିଳୁଅଛି । ଅନାର୍ଯ୍ୟମାନଙ୍କ ନିଜର ସାହିତ୍ୟ ତାମିଲ ଭାଷାର ପ୍ରାଚୀନ ଗ୍ରନ୍ଥମାନଙ୍କରେ ଦେଖାଯାଏ ଯେ, ସେମାନେ ଧନପୂର୍ଣ୍ଣ ନଗରମାନଙ୍କରେ ବାସ କରୁଥିଲେ, ସୂତାର ଧଳା ଲୁଗା ପିନ୍ଧୁଥିଲେ, ସୁନା ରୁପା ପ୍ରଭୃତି ବହୁମୂଲ୍ୟ ଧାତୁ ଓ ପଦାର୍ଥକୁ ଆପଣାର ନାନା ବ୍ୟବହାରରେ ଲଗାଉଥିଲେ, ପଥରରେ ଗୃହ ଓ ଦୁର୍ଗ ନିର୍ମାଣ କରି ଜାଣୁଥିଲେ ଏବଂ ବାଣିଜ୍ୟ ମଧ୍ୟ କରୁଥିଲେ । ଆଜିକାଲିର କୋଲ୍, ଭିଲ ଓ କନ୍ଧଙ୍କ ପରି ଏମାନେ କେବଳ ଭୂତ ପ୍ରେତର ପୂଜା କରୁ ନ ଥିଲେ, ବରଂ ଈଶ୍ୱରଙ୍କ ସମ୍ବନ୍ଧରେ ମଧ୍ୟ ଏମାନଙ୍କର ଜ୍ଞାନ ଥିଲା । ଅବଶ୍ୟ ଏମାନଙ୍କ ପରିବାର ମଧ୍ୟରେ ପିତାଙ୍କ ପରିବର୍ତ୍ତରେ ମାତାଙ୍କର କର୍ତ୍ତୃତ୍ୱ ଅଧିକ ଥିଲା ଏବଂ ଏମାନଙ୍କ ମଧ୍ୟରେ ଜାତିବିଭାଗ ନ ଥିଲା । ସମ୍ପ୍ରତି ପଞ୍ଜାବର ମଣ୍ଟଗୁମେରି ଓ ଲରକାନା ଜିଲ୍ଲାରେ ମହେଞ୍ଜୋଦାରୁ ଓ ହରପାରେ ଖୋଳା ହୋଇ ଭୂଗର୍ଭରୁ ଯେଉଁ ବସ୍ତୁ ମିଳିଅଛି

Digitized by srujanika@gmail.com

ତହିଁରୁ ଉତ୍ତମରୂପେ ଜଣାପାଉଅଛି ଯେ ଆଜକୁ ୭୦୦୦ ବର୍ଷ ପୂର୍ବେ ଏ ସ୍ଥାନର ସଭ୍ୟତା ଅତ୍ୟନ୍ତ ଉନ୍ନତ ଥିଲା । ପଣ୍ଡିତମାନେ ଅନୁମାନ କରୁଅଛନ୍ତି ଯେ, ଏଥି ପୂର୍ବରୁ ଆର୍ଯ୍ୟମାନେ ଏ ଦେଶକୁ ଆସି ନ ଥିଲେ ଓ ଅନାର୍ଯ୍ୟମାନେହିଁ ଏଠାରେ ବାସ କରୁଥିଲେ । ଅତଏବ ଏ ସବୁ ଅନାର୍ଯ୍ୟ ସଭ୍ୟତାର ଚିହ୍ନ । ଅନାର୍ଯ୍ୟମାନଙ୍କ ମଧ୍ୟରେ ଏହାହିଁ ଦ୍ରାବିଡ଼ସଭ୍ୟତା ବୋଲି ପଣ୍ଡିତମାନେ ମାନୁଅଛନ୍ତି । କାରଣ ସମଗ୍ର ଅନାର୍ଯ୍ୟଜାତି ମଧ୍ୟରେ ଦ୍ରାବିଡ଼ମାନେହିଁ ଅଧିକ ସଭ୍ୟ ଥିଲେ ।

ଦ୍ରାବିଡ଼ ସଭ୍ୟତାର ସୃଷ୍ଟି

ସେ ଯାହା ହେଉ, ଏହା ସତ୍ୟ ଯେ, ଯେଉଁ ଅନାର୍ଯ୍ୟମାନଙ୍କୁ ଆମ୍ଭେମାନେ ବର୍ବର ଅସଭ୍ୟ ବୋଲି କହି ଆସୁଅଛୁଁ, ସେମାନେ ପ୍ରକୃତରେ ଅସଭ୍ୟ ଓ ଜଙ୍ଗଲି ନ ଥିଲେ । ବର୍ତ୍ତମାନ ଆମ୍ଭମାନଙ୍କୁ ଅଶିକ୍ଷିତ ଦେଖି ଯେବେ କେହି ଆମ୍ଭମାନଙ୍କ ପୂର୍ବ ପୁରୁଷମାନଙ୍କୁ ଅଶିକ୍ଷିତ ଓ ଅସଭ୍ୟ ମନେ କରନ୍ତି, ତେବେ ସେ ନିତାନ୍ତ ଭ୍ରମ କରିବେ । ସେହିପରି ଆମ୍ଭେମାନେ ଆଜିକାଲିର ଜଙ୍ଗଲି କୋଲ୍, ଭିଲ, କନ୍ଧ ପ୍ରଭୃତି ଜାତିଙ୍କୁ ଦେଖି ପ୍ରାଚୀନକାଳର ଅନାର୍ଯ୍ୟମାନଙ୍କୁ ଅସଭ୍ୟ ବୋଲି କହିବାକୁ ସାହସ କରି ନ ପାରୁଁ । ଅନ୍ୟ ପକ୍ଷରେ ଆମ୍ଭମାନଙ୍କୁ ବାଧ୍ୟ ହୋଇ ସ୍ୱୀକାର

କୋଣ୍ଡ ଭିଲମାନଙ୍କ ଶର ଚାଳନା

Digitized by srujanika@gmail.com

କରିବାକୁ ହେବ ଯେ, ଭାରତର ଆଦିମ ଅଧିବାସୀ ଅନାର୍ଯ୍ୟମାନେ ଯଥେଷ୍ଟ ପରିମାଣରେ ସଭ୍ୟ ଥିଲେ । ଆର୍ଯ୍ୟମାନେ ସେମାନଙ୍କୁ ପରାସ୍ତ କରି ବଣକୁ ତଡ଼ି ଦେଲେ । ଆର୍ଯ୍ୟମାନଙ୍କ ଭୟରେ ଅନେକ ଅନାର୍ଯ୍ୟ ଉତ୍ତର-ଭାରତ ତ୍ୟାଗ

ଅସଭ୍ୟ ରହିବାର କାରଣ

କରି ଦକ୍ଷିଣ ଭାରତକୁ ଚାଲିଗଲେ ଏବଂ ସେଠାରେ ନିଜର ଆଧିପତ୍ୟ ସ୍ଥାପନ କଲେ । ଏମାନେହିଁ ଦ୍ରାବିଡ଼ । ଏମାନେ ପୂର୍ବରୁ ସଭ୍ୟ ଥିଲେ ଏବଂ ପରେ ମଧ୍ୟ ସଭ୍ୟ ହୋଇ ରହିଲେ । ଯେତେବେଳେ ଆର୍ଯ୍ୟମାନେ ଦକ୍ଷିଣ ଭାରତରେ ଆସି ଉପସ୍ଥିତ ହେଲେ, ସେତେବେଳେ ଅନାର୍ଯ୍ୟମାନେ ସେମାନଙ୍କ ସଙ୍ଗେ ମିଳାମିଶା ହୋଇ ଗଲେ । ବର୍ତ୍ତମାନ ଆମ୍ଭେମାନେ ଦେଖୁଥାଉଁ ଯେ, ଆଜିକାଲି ଦ୍ରାବିଡ଼ମାନେ ହିନ୍ଦୁ ସଭ୍ୟତାର ପ୍ରଭାବରେ ପୂର୍ଣ୍ଣରୂପେ ପ୍ରଭାବିତ ହୋଇଅଛନ୍ତି, କିନ୍ତୁ ସେମାନଙ୍କର ଭାଷା ଓ ଶରୀରର କୃଷ୍ଣବର୍ଣ୍ଣ ସେମାନଙ୍କ ପ୍ରାଚୀନ ଅନାର୍ଯ୍ୟତାକୁ ପ୍ରମାଣ କରୁଅଛି । ଯେଉଁ ଅନାର୍ଯ୍ୟମାନେ ଉତ୍ତର ଭାରତରେ ରହିଗଲେ, ଆପଣା ସଭ୍ୟତାର ବିକାଶ ଓ ରକ୍ଷଣ କରିବାପାଇଁ ସେମାନଙ୍କୁ ସୁଯୋଗ ମିଳିଲା ନାହିଁ । ଅତଏବ ସେମାନେ କ୍ରମଶଃ ଅବନତ ହୋଇ ନିତାନ୍ତ ଅସଭ୍ୟ ହୋଇଗଲେ । ଅଥବା ଏହା ମଧ୍ୟ ସମ୍ଭବ ଯେ, ଏମାନେ ପ୍ରାଚୀନ କାଳରୁ ଅସଭ୍ୟ ଥିଲେ, କାରଣ କୌଣସି ଜାତିର ପ୍ରତ୍ୟେକ ଶାଖା ବା ଅଙ୍ଗ ଯେ ଉନ୍ନତ ଓ ସଭ୍ୟ ହେବ ଏହା ସମ୍ଭବ ନହେଁ ।

ଏହି ଅନାର୍ଯ୍ୟମାନଙ୍କ ବିଷୟ ଆମ୍ଭେମାନେ ବିଶେଷଭାବରେ ଜାଣୁ ନାହୁଁ । ଅବଶ୍ୟ ଏତିକି ମାତ୍ର ଜଣାଅଛି ଯେ, ଆର୍ଯ୍ୟମାନେ ସେମାନଙ୍କୁ ପରାସ୍ତ କରି ଭାରତରେ ନିଜର ଅଧିକାର ସ୍ଥାପନ ଓ ଆପଣା ସଭ୍ୟତା ବିସ୍ତାର କରିଥିଲେ । ଆଧୁନିକ ହିନ୍ଦୁଜାତି ସେହି ଆର୍ଯ୍ୟମାନଙ୍କର ସନ୍ତାନ ଅଟନ୍ତି ।

ଆର୍ଯ୍ୟମାନଙ୍କର ଭାରତବର୍ଷରେ ପ୍ରବେଶ

ଭିନ୍ନ ଭିନ୍ନ ଜାତିର ଭାଷା, ଧର୍ମ, ସଭ୍ୟତା, ଆଚାର, ବ୍ୟବହାର ପ୍ରଭୃତି ପ୍ରଣିଧାନ କଲେ ଜଣାଯାଏ ଯେ, ଏକ ସମୟରେ ହିନ୍ଦୁ, ମୁସଲମାନ, ଇରାଣୀ,

ଆର୍ଯ୍ୟମାନଙ୍କ ଶାଖାମାନ

ପାର୍ସୀ, ଜର୍ମାନ୍, ଫରାସୀ, ଇଂରେଜ, ଗ୍ରୀକ୍, ରୋମକ ପ୍ରଭୃତି ଜାତିଙ୍କ ପୂର୍ବପୁରୁଷମାନେ ଏକ ଥିଲେ ଓ ସେମାନେ ଏକ ସ୍ଥାନରେ ବାସ କରୁଥିଲେ । ସେମାନେ ଆପଣାକୁ ଆର୍ଯ୍ୟ

Digitized by srujanika@gmail.com

ବୋଲି କହୁଥିଲେ । ପଣ୍ଡିତମାନେ ଅନୁମାନ କରନ୍ତି ଯେ, ସେମାନେ ମଧ୍ୟ-ଆସିଆରେ ପ୍ରଥମେ ରହୁଥିଲେ, କିନ୍ତୁ ସେମାନଙ୍କ ସଂଖ୍ୟା ବଢ଼ିଯିବାରୁ ସେମାନଙ୍କ ଭିତରୁ ଦଳେ ପଶ୍ଚିମ ଅଞ୍ଚଳକୁ ଚାଲିଯାଇ ଗ୍ରୀକ୍, ରୋମକ ଏବଂ ଅନ୍ୟାନ୍ୟ ଇଣ୍ଡୋୟୁରୋପୀୟ ଜାତିରେ ପରିଣତ ହେଲେ; ଦ୍ୱିତୀୟ ଦଳ ଦକ୍ଷିଣ ଅଞ୍ଚଳକୁ ଗଲେ ଏବଂ ପରେ ଇରାନୀ ଓ ପାରସୀ ପ୍ରଭୃତି ଜାତିରେ ପରିଣତ ହେଲେ; ତୃତୀୟ ଦଳ ପୂର୍ବ-ଦକ୍ଷିଣ ଅଞ୍ଚଳକୁ ଆସି ପଞ୍ଜାବରେ ବାସ କରିବାକୁ ଲାଗିଲେ । ଏହିମାନେ ଭାରତୀୟ ଆର୍ଯ୍ୟଜାତି ହେଲେ ଓ ଏମାନେହିଁ ଅନାର୍ଯ୍ୟ-ମାନଙ୍କୁ ବିତାଡ଼ିତ କରି କ୍ରମେ ସମଗ୍ର ଭାରତରେ ବ୍ୟାପିଗଲେ ।

ମଧ୍ୟ-ଆସିଆ ପ୍ରକୃତରେ ଆର୍ଯ୍ୟମାନଙ୍କ ଆଦିମ ବାସଭୂମି ଥିଲା । ଏହି ସିଦ୍ଧାନ୍ତ ବିଷୟରେ କେତେ ଦିନ ହେଲା ପଣ୍ଡିତମାନଙ୍କ ମଧ୍ୟରେ ମତଭେଦର ସୃଷ୍ଟି ହୋଇଅଛି । ଲୋକମାନ୍ୟ ସ୍ୱର୍ଗୀୟ ବାଳ ଗଙ୍ଗାଧର ତିଳକ ପ୍ରଥମେ ବେଦ ଏବଂ ଅନ୍ୟାନ୍ୟ ଅତ୍ୟନ୍ତ ପ୍ରାଚୀନ ଗ୍ରନ୍ଥ ଅଧ୍ୟୟନ କରି ପ୍ରଚାର କଲେ ଯେ, ଆଦିମକାଳରେ ଆର୍ଯ୍ୟମାନେ ମଧ୍ୟ-ଆସିଆରେ ବାସ କରୁ ନ ଥିଲେ, ପରନ୍ତୁ ଉତ୍ତର ମେରୁ ନିକଟବର୍ତ୍ତୀ ପ୍ରଦେଶ ସେମାନଙ୍କର ଆଦି ବାସସ୍ଥାନ ଥିଲା; ବେଦ କେବଳ ଆର୍ଯ୍ୟମାନଙ୍କର ପ୍ରାଚୀନ ଗ୍ରନ୍ଥ ନୁହେଁ, ବରଂ ଏହା ସମଗ୍ର ମାନବ-ସମାଜର ପ୍ରାଚୀନତମ ଗ୍ରନ୍ଥ । ଆଜିପର୍ଯ୍ୟନ୍ତ ବେଦ ଅପେକ୍ଷା ପ୍ରାଚୀନତର ଅନ୍ୟ କୌଣସି ଗ୍ରନ୍ଥର ସନ୍ଧାନ ସଂସାରରେ ମିଳି ନାହିଁ । ଏଥିରୁ ଆର୍ଯ୍ୟମାନଙ୍କର ଆଚାରବ୍ୟବହାର ସମ୍ବନ୍ଧରେ ଅନେକ ତଥ୍ୟ ଉତ୍ତମରୂପେ ମିଳୁଅଛି । ବେଦରେ ଏପରି ଅନେକ ମନ୍ତ୍ର ଅଛି, ଯାହାର ଅର୍ଥ ଆଜିଯାଏ ମଧ୍ୟ ଜଣାଯାଇ ପାରୁ ନାହିଁ । ଏଥିରୁ ଏହା ଅନୁମିତ ହୁଏ ଯେ, ଏ ଗ୍ରନ୍ଥ ଏତେ ପ୍ରାଚୀନ ଯେ, ଏହାର ସମ୍ପୂର୍ଣ୍ଣ ରହସ୍ୟୋଦ୍ଘାଟନ କରିବାରେ ଆମ୍ଭେମାନେ ଅସମର୍ଥ; ଏଥି ଯୋଗୁଁ ସ୍ପଷ୍ଟ ଜଣା ପଡୁଅଛି ଯେ ବେଦରୁ ଆର୍ଯ୍ୟମାନଙ୍କର ପ୍ରାଚୀନ ବାସସ୍ଥାନ ସମ୍ବନ୍ଧରେ ଯେତେ ତଥ୍ୟ ମିଳି ପାରେ, ଅନ୍ୟ କୌଣସି ଉପାଦାନରୁ ସେତେ ମିଳି ପାରିବ ନାହିଁ ।

ଆର୍ଯ୍ୟମାନଙ୍କ ପ୍ରଥମ ନିବାସ

ବେଦରେ ସୂର୍ଯ୍ୟ, ନକ୍ଷତ୍ର, ଉଷା ଓ ଯଜ୍ଞର କାଳ ସମ୍ବନ୍ଧରେ ଏପରି ବର୍ଣ୍ଣନା ମିଳୁଅଛି, ଯହିଁରୁ ସ୍ପଷ୍ଟ ଜଣାଯାଏ ଯେ, ଏହି ସବୁ ବର୍ଣ୍ଣନାକାରୀଗଣ

Digitized by srujanika@gmail.com

ଧ୍ରୁବଲୋକ ବା ଉତ୍ତରମେରୁରେ ବାସ କରୁଥିଲେ । ଏଣେ ମଧ୍ୟ ବିଜ୍ଞାନ ଶାସ୍ତ୍ରର ସାହାଯ୍ୟରେ ଉତ୍ତମରୂପେ ସିଦ୍ଧାନ୍ତ କରାଯାଇଅଛି ଯେ, ପୂର୍ବେ ପୃଥିବୀ ଗୋଟିଏ ଜ୍ୱଳନ୍ତ ଗୋଲା ଥିଲା ଓ ତାହା ଧୀରେ ଧୀରେ ଶୀତଳ ହୋଇ ମନୁଷ୍ୟମାନଙ୍କ ବାସୋପଯୋଗୀ ହେଲା । ପ୍ରଥମେ ଏହି ଧ୍ରୁବଲୋକ (ଉତ୍ତରମେରୁ ପ୍ରଦେଶ) ଶୀତଳ ହେଲା ଏବଂ ସେହି ସ୍ଥାନରେ ମାନବର ଉତ୍ପତ୍ତି ହେଲା; କାଳକ୍ରମେ ସେହି ସ୍ଥାନ ଏପରି ଥଣ୍ଡା ହୋଇ ଉଠିଲା ଯେ, ତାହା ଆଉ ମନୁଷ୍ୟର ବାସୋପଯୋଗୀ ହୋଇ ରହିଲା ନାହିଁ । ବୈଜ୍ଞାନିକମାନେ ଅନୁମାନ କରନ୍ତି ଯେ, ଏହି ଘଟଣା ଆଜକୁ ପ୍ରାୟ ବାର ହଜାର ବର୍ଷ ପୂର୍ବେ ଘଟିଥିଲା । ଅତଏବ ବେଦ ଓ ବିଜ୍ଞାନ ପ୍ରମାଣ ଉପରେ ନିର୍ଭର କରି ମହାତ୍ମା ତିଲକ ଏହି ସିଦ୍ଧାନ୍ତ କରିଅଛନ୍ତି ଯେ, ଆର୍ଯ୍ୟମାନେ ପ୍ରଥମେ ମଧ୍ୟଏସିଆରେ ନ ଥାଇ ଉତ୍ତର ମେରୁର ନିକଟବର୍ତ୍ତୀ ପ୍ରଦେଶରେ ରହୁଥିଲେ; ଏବଂ ପୃଥିବୀ କ୍ରମେ କ୍ରମେ ଯେପରି ଶୀତଳ ହୋଇ ଆସିଲା, ସେମାନେ ସେହିପରି ଦକ୍ଷିଣ ଦିଗର ଉଷ୍ଣ ପ୍ରଦେଶ ଆଡ଼କୁ ଘୁଞ୍ଚି ଘୁଞ୍ଚି କରି ଆସିଲେ । ବର୍ତ୍ତମାନ ଏହି ମତକୁ ଅନେକ ପଣ୍ଡିତ ମାନୁଅଛନ୍ତି ।

ବେଦ

ବେଦ—ବେଦର ଅର୍ଥ ଜ୍ଞାନ । ଏହା ଭାରତୀୟ ଆର୍ଯ୍ୟ (ହିନ୍ଦୁ) ମାନଙ୍କର ସର୍ବାପେକ୍ଷା ଅଧିକ ପୂଜ୍ୟ ଧର୍ମଗ୍ରନ୍ଥ ଅଟେ । ବେଦ ଚାରି ଗୋଟି—ଋକ୍, ଯଜୁଃ, ସାମ ଓ ଅଥର୍ବ । ବେଦର ରଚନାକାଳ ନିର୍ଣ୍ଣୟ କରିବା କେବଳ ଯେ କଠିନ ଏହା ନୁହେଁ, ବରଂ ଅସମ୍ଭବ । ହିନ୍ଦୁମାନେ ବେଦକୁ ଅନାଦି ବୋଲି ମାନନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ଏହା ଈଶ୍ୱରଙ୍କ ବାକ୍ୟ । ଅତଏବ ସେମାନଙ୍କ ମତରେ ଯେଉଁ ସମୟରୁ ମନୁଷ୍ୟର ଅସ୍ତିତ୍ୱ ହୋଇଅଛି, ସେହି ସମୟରୁ ବେଦ ଅଛି । ଇଉରୋପୀୟ ପଣ୍ଡିତମାନେ ବେଦକୁ ଏତେ ପ୍ରାଚୀନ ବୋଲି ମାନୁ ନାହାନ୍ତି, ଅଥଚ କେବେ ବେଦ ରଚିତ ହେଲା, ଏହା ନିର୍ଣ୍ଣୟ କରି ପାରୁ ନାହାନ୍ତି । ସେମାନେ କହନ୍ତି ଯେ, ଭିନ୍ନ ଭିନ୍ନ ଋଷିମାନେ ଦେବତାମାନଙ୍କ ସ୍ତୁତି ନିମିତ୍ତ ଯେଉଁ ସବୁ ମନ୍ତ୍ର ରଚନା କରିଥିଲେ, ବେଦ ସେହି ସମସ୍ତ ମନ୍ତ୍ରର ସଂଗ୍ରହ; ପ୍ରଥମେ ଏହି ସମସ୍ତ ମନ୍ତ୍ର ବିକ୍ଷିପ୍ତ ଭାବରେ ଥିଲା, କିନ୍ତୁ ଖ୍ରୀଷ୍ଟଜନ୍ମର ପ୍ରାୟ ଦୁଇ ସହସ୍ର ବର୍ଷ ପୂର୍ବରେ ଏ ମନ୍ତ୍ର-

Digitized by srujanika@gmail.com

ମାନଙ୍କର ବିଭାଗ ଓ ସଂଗ୍ରହ କରାଗଲା । ଲୋକମାନ୍ୟ ତିଳକଙ୍କ ମତରେ ଖ୍ରୀଷ୍ଟଜନ୍ମର ଚାରି ସହସ୍ର ବର୍ଷ ପୂର୍ବରେ ଏହା ସଂଗ୍ରହ କରାଯାଇଥିଲା । ବେଦରେ ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ବରୁଣ, ଯମ, ଉଷା ପ୍ରଭୃତି ଦେବତାମାନଙ୍କର ବନ୍ଦନା ଅଛି । ଆହୁରି ମଧ୍ୟ ଆର୍ଯ୍ୟମାନେ କିପରି ରହୁଥିଲେ, କିଭଳି ସଭ୍ୟ ଥିଲେ, ଏମାନଙ୍କର କିପରି ଉଦ୍‌ଯୋଗ ଥିଲା, ଇତ୍ୟାଦି ବିଷୟର ବର୍ଣ୍ଣନା ବେଦରେ ଅଛି । ଋକ୍‌ବେଦ ସର୍ବାପେକ୍ଷା ପ୍ରାଚୀନ ଓ ଅଥର୍ବବେଦ ସମସ୍ତଙ୍କ ଅପେକ୍ଷା ନୂତନ । ବେଦର ଦୁଇଟି ଭାଗ ଅଛି । ଯଥା—ସଂହିତା ଓ ବ୍ରାହ୍ମଣ । ବୈଦିକ ମନ୍ତ୍ରମାନ ସଂହିତା ଓ ଉକ୍ତ ମନ୍ତ୍ରମାନଙ୍କର ଗଦ୍ୟମୟ ବ୍ୟାଖ୍ୟା ବ୍ରାହ୍ମଣ ନାମରେ ଅଭିହିତ ।

ବେଦରେ ଆର୍ଯ୍ୟମାନଙ୍କ ଇତିହାସ—କେତେକ ଇଉରୋପୀୟ ପଣ୍ଡିତ କହନ୍ତି ଯେ, ହିନ୍ଦୁମାନେ ନିଜର ଇତିହାସ ଲେଖି ରଖି ନ ଥିଲେ, କିନ୍ତୁ ଏକଥା ସତ୍ୟ ନୁହେଁ । ବେଦ ପାଠ କଲେ ଜଣାଯାଉଅଛି ଯେ, ଆର୍ଯ୍ୟମାନେ ନିଜର ଇତିହାସ ସମ୍ବନ୍ଧରେ ଯେତେ ସାମଗ୍ରୀ ପୃଥିବୀରେ ରଖି ଯାଇ ଅଛନ୍ତି, ଅନ୍ୟ କୌଣସି ପ୍ରାଚୀନ ଜାତି ସେପରି କରି ନାହାନ୍ତି । ସେମାନେ ଏହି ସମସ୍ତ ଉପାଦାନକୁ ଅନୁପମ ସତ୍ୟତା ଓ ପରିଶ୍ରମସହକାରେ ସାଇତି ଯାଇଅଛନ୍ତି । ଆମ୍ଭେମାନେ କହୁଅଛୁଁ, ଆର୍ଯ୍ୟମାନଙ୍କର ଇତିହାସ ବେଦରେ ଅଛି, କିନ୍ତୁ ସେହି ପ୍ରାଚୀନ ଯୁଗରେ କେହି ଲେଖାପଢ଼ା ଜାଣି ନ ଥିଲେ । ତଥାପି ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଯେ, ପ୍ରାଚୀନ ଆର୍ଯ୍ୟମାନେ ସହସ୍ର ସହସ୍ର ବର୍ଷ ପର୍ଯ୍ୟନ୍ତ ବେଦର ପ୍ରତି ଅକ୍ଷରକୁ ଗୁରୁଶିଷ୍ୟପରମ୍ପରାରେ କେବଳମାତ୍ର ନିଜର ଅସାଧାରଣ ସ୍ମରଣଶକ୍ତି ସାହାଯ୍ୟରେ ଅକ୍ଷୁଣ୍ଣଭାବରେ ରକ୍ଷା କରି ଆସିଅଛନ୍ତି । ଆପଣା ଗୁରୁଙ୍କ ମୁହଁରୁ ଶୁଣି ଶୁଣି ଶିଷ୍ୟ ଏହାକୁ ସ୍ମରଣ ରଖୁଥିଲେ ବୋଲି ବେଦର

ବେଦବ୍ୟାସ

ଅନ୍ୟ ନାମ 'ଶ୍ରୁତି' ଥିଲା । ପରବର୍ତ୍ତୀ କାଳରେ ବ୍ୟାସଦେବ ସେହି ମନ୍ତ୍ରଗୁଡ଼ିକ ସଂଗ୍ରହ କରି ବିଭାଗ କରିବାରୁ ତାଙ୍କର ନାମ 'ବେଦବ୍ୟାସ' ହେଲା । ଅନୁମାନ କରାଯାଏ ଯେ, ଏହି ସଙ୍କଳନ ଓ ବିଭାଗକରଣ ଆଜିକୁ ଚାରି ହଜାର ବର୍ଷ ପୂର୍ବର ଘଟଣା । ତହିଁରୁ ଆମ୍ଭେମାନେ ଜାଣି ପାରୁଥାଉଁ ଯେ, ଆର୍ଯ୍ୟମାନେ ଅନାର୍ଯ୍ୟମାନଙ୍କ ଅପେକ୍ଷା ଖୁବ ଅଧିକ ସଭ୍ୟ ଥିଲେ । ଆର୍ଯ୍ୟମାନେ ଦେଖିବାକୁ ସୁନ୍ଦର, ଗୌରବର୍ଣ୍ଣବିଶିଷ୍ଟ ଓ ଡେଙ୍ଗା ଥିଲେ ଏବଂ ଖୁବ ବଳିଷ୍ଠ

Digitized by srujanika@gmail.com

ଥିଲେ । ପ୍ରତ୍ୟେକ ଆର୍ଯ୍ୟ ପରମାତ୍ମା (ଭଗବାନ)ଙ୍କ ନିକଟରେ ଶତ ବର୍ଷ ପରମାୟୁ ପ୍ରାର୍ଥନା କରୁଥିଲେ । ସେମାନେ ବଡ଼ ସରଳପ୍ରକୃତିକ ଥିଲେ ଏବଂ ପବିତ୍ରଭାବରେ ଜୀବନ ବିତାଉଥିଲେ । ସେମାନେ ଗାଈ, ବଳଦ, ଘୋଡ଼ା, କୁକୁର ଓ ମେଣ୍ଢା ପାଳୁଥିଲେ ଏବଂ ସୂତା ଓ ରେଶମରେ ତିଆରି ଲୁଗା ପିନ୍ଧୁଥିଲେ । କୃଷିକର୍ମ ମଧ୍ୟ ସେମାନଙ୍କୁ ଜଣା ଥିଲା ଏବଂ ସେମାନେ ରାନ୍ଧି ଭଲ ଖାଦ୍ୟ ଭୋଜନ କରୁଥିଲେ ଓ ବଣ କାଟି ବା ପୋଡ଼ି ତାହାକୁ ବାସୋପଯୋଗୀ ସ୍ଥାନରେ ପରିଣତ କରୁଥିଲେ ।ସେମାନେ ଯୁଦ୍ଧ କରି ଜାଣୁଥିଲେ ଏବଂ ଯୁଦ୍ଧରେ ତୀର, ବର୍ଚ୍ଛା, କଟାରି, ତରବାରି, ଢାଲ ଓ ଗଦା ପ୍ରଭୃତି ହାତହତିଆର ଚଳାଇ ଜାଣୁଥିଲେ । ଅନାର୍ଯ୍ୟମାନଙ୍କ ସହିତ ସେମାନଙ୍କୁ ଭାରତରେ ବହୁକାଳ ଯାଏ ଲଢ଼ିବାକୁ ପଡ଼ିଥିଲା ଏବଂ ଶେଷରେ ଯେତେବେଳେ ସେମାନେ ସମଗ୍ର ଦେଶକୁ ଜୟ କରି ନେଲେ, ସେତେବେଳେ ଉକ୍ତ ଦେଶର ନାମ 'ଆର୍ଯ୍ୟାବର୍ତ୍ତ' ଦେଲେ । ସେମାନେ ଅଶ୍ୱ ଏବଂ ରଥରେ ଚଢ଼ି ଯୁଦ୍ଧ କରୁଥିଲେ ଏବଂ ଜାହାଜ ମଧ୍ୟ ନିର୍ମାଣ କରି ଜାଣୁଥିଲେ ।

ଆର୍ଯ୍ୟମାନେ ଏକାନ୍ତ ଧାର୍ମିକ ଥିଲେ; ସେମାନେ ବେଦକୁ ଈଶ୍ୱରବାଣୀ ମନେ କରି ଅତ୍ୟନ୍ତ ଉତ୍ସାହସହକାରେ ତାହା ଅଧ୍ୟୟନ କରୁଥିଲେ । ବେଦରେ ଯେଉଁସବୁ ଯଜ୍ଞର ବିଧାନମାନ ଅଛି, ସେହି ସବୁ ଯଜ୍ଞ ଅନୁଷ୍ଠାନ କରିବାରେ ସେମାନେ ଅଧିକ ସମୟ ବ୍ୟୟ କରୁଥିଲେ । କେବେ କେବେ ସେମାନେ ବର୍ଷକାଳବ୍ୟାପୀ ଯଜ୍ଞର ଅନୁଷ୍ଠାନ କରୁଥିଲେ । କୌଣସି ରାଜ୍ୟ ସ୍ଥାପିତ ହେଲା ପରେ ସେମାନେ ରାଜସୂୟ ଓ ଅଶ୍ୱମେଧ ପରି କଠିନ ଯଜ୍ଞମାନଙ୍କର ମଧ୍ୟ ଅନୁଷ୍ଠାନ କରୁଥିଲେ । ଏହି ସମସ୍ତ ଯଜ୍ଞରେ ସହସ୍ର ସହସ୍ର ରାଜା ସମବେତ ହେଉଥିଲେ । ଯଜ୍ଞାନୁଷ୍ଠାନ ବେଳେ ସେମାନେ ସୋମରସ ନାମକ ଏକପ୍ରକାର ମାଦକଦ୍ରବ୍ୟ ପାନ କରୁଥିଲେ । ଯଜ୍ଞରୁ ବଳି ପଡ଼ୁଥିବା ମାଂସ ମଧ୍ୟ ସେମାନେ ଭକ୍ଷଣ କରୁଥିଲେ ।

ସେମାନଙ୍କର ସାମାଜିକ ଜୀବନ ମଧ୍ୟ ବଡ଼ ସରଳ ଓ ଶୃଙ୍ଖଳାବଦ୍ଧ ଥିଲା । ପହିଲେ ପହିଲେ ସେମାନଙ୍କ ମଧ୍ୟରେ ଜାତିଭେଦ ପ୍ରାୟ ନ ଥିଲା;

Digitized by srujanika@gmail.com

କେବଳ ଆର୍ଯ୍ୟ ଓ ଅନାର୍ଯ୍ୟ ଜାତି ମଧ୍ୟରେ ଭେଦ ଥିଲା; କିନ୍ତୁ ପରେ ସାମାଜିକ ଉନ୍ନତି ସଙ୍ଗେ ସଙ୍ଗେ ଆର୍ଯ୍ୟମାନେ ବ୍ରାହ୍ମଣ, କ୍ଷତ୍ରିୟ ଓ

ଜାତଭେଦ

ବୈଶ୍ୟ ଏହି ତିନି ଶ୍ରେଣୀରେ ବାଣ୍ଟି ହୋଇଗଲେ । ଅନାର୍ଯ୍ୟମାନେ ଶୂଦ୍ର ନାମରେ ପରିଗଣିତ ହେଲେ । ବେଦରେ ଏହି ଚାରି ଜାତିର ଉଲ୍ଲେଖ ଅଛି । ସେକାଳରେ ସ୍ତ୍ରୀଲୋକମାନଙ୍କର ଅବରୋଧପ୍ରଥା ନ ଥିଲା ଏବଂ ସେମାନେ ମଧ୍ୟ ବେଦାଧ୍ୟୟନ କରୁଥିଲେ । ବିଶ୍ୱବାରା ଓ ଲୋପାମୁଦ୍ରା ନାମ୍ନୀ ସ୍ତ୍ରୀଦ୍ୱୟ ବେଦମନ୍ତ୍ର ରଚନା କରିଥିଲେ । ସ୍ତ୍ରୀମାନେ ପୁରୁଷମାନଙ୍କ ସଙ୍ଗେ ଯଜ୍ଞରେ ଯୋଗ ଦେଉଥିଲେ । ସେକାଳରେ ବାଲ-ବିବାହ ହେଉ ନ ଥିଲା । ବିବାହପ୍ରଥା ନିୟମାବଦ୍ଧ ହୋଇଥିଲା । କିନ୍ତୁ ସହମରଣ (ମୃତ ସ୍ୱାମୀଙ୍କ ଶବ ସଙ୍ଗେ ଜୀଅନ୍ତା ପତ୍ନୀ ପୋଡ଼ି ମରିବା) ପ୍ରଥା ସେକାଳରେ ଚଳୁ ନ ଥିଲା ।

ଆର୍ଯ୍ୟମାନଙ୍କ ଜ୍ଞାନ ମଧ୍ୟ ଖୁବ୍ ଉନ୍ନତି ଲାଭ କରିଥିଲା । ଅସଭ୍ୟ-ମାନଙ୍କ ପରି ସେମାନେ ଭୂତପ୍ରେତାଦିର ପୂଜା କରି ନ ଥିଲେ । ପ୍ରକୃତିର ଭିନ୍ନ ଭିନ୍ନ ବିଭାଗରେ ଭିନ୍ନ ଭିନ୍ନ ଦେବତାଙ୍କର କଳ୍ପନା କରି

ଆର୍ଯ୍ୟମାନଙ୍କ ଜ୍ଞାନ

ସେମାନେ ସୂର୍ଯ୍ୟ, ଇନ୍ଦ୍ର ଓ ବରୁଣ ପ୍ରଭୃତି ଦେବତାମାନଙ୍କର ଅର୍ଚ୍ଚନା କରୁଥିଲେ । ତଥାପି ଈଶ୍ୱର ଏକ ଏ ଜ୍ଞାନ ସେମାନଙ୍କ ହୃଦୟରେ ଜାତ ହୋଇଥିଲା । ସେମାନେ କହୁଥିଲେ ଯେ ଲୋକେ ବିଭିନ୍ନ ନାମ ଓ ରୂପରେ ଏକମାତ୍ର ଈଶ୍ୱରଙ୍କୁ ଡାକନ୍ତି । ବେଦରେ ଏପରି ଅନେକ ମନ୍ତ୍ର ଅଛି, ଯହିଁରୁ ସ୍ପଷ୍ଟ ଜଣାପଡ଼େ ଯେ, ଇନ୍ଦ୍ର, ସୂର୍ଯ୍ୟ ପ୍ରଭୃତି ଦେବତାଯାକ ଏକ ପରମାତ୍ମା ପରମେଶ୍ୱରଙ୍କର ଭିନ୍ନ ଭିନ୍ନ ନାମ । ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ଆର୍ଯ୍ୟମାନଙ୍କର ଜ୍ଞାନ ଥିଲା ଏବଂ ସେମାନେ ସୂର୍ଯ୍ୟ ଓ ନକ୍ଷତ୍ରାଦିର ଗତିରୁ କାଳ ଗଣନା ଓ ଯଜ୍ଞର ବେଳ ନିରୂପଣ କରୁଥିଲେ । ସେମାନେ ସଙ୍ଗୀତ-ପ୍ରିୟ ଥିଲେ; କେବଳ ଗାନ କରିବାପାଇଁ ସେମାନେ ଋଗ୍‌ବେଦରୁ ଗୁଡ଼ିଏ ସୁନ୍ଦର ସ୍ତୋତ୍ର ବାଛୁଥିଲେ ଏବଂ ସେଗୁଡ଼ିକୁ ସାମବେଦ ନାମ ଦିଆଗଲା ।

ଆର୍ଯ୍ୟମାନଙ୍କର ବିସ୍ତାର—ବେଦରେ ବାରମ୍ବାର ସପ୍ତସିନ୍ଧୁର ଉଲ୍ଲେଖ ଦେଖାଯାଏ । ଏଥିରୁ ସ୍ପଷ୍ଟରୂପେ ଜଣାଯାଏ ଯେ, ଆର୍ଯ୍ୟମାନେ

Digitized by srujanika@gmail.com

1157

ଅସି ପ୍ରଥମେ ପଞ୍ଜାବରେ ବାସ କରୁଥିଲେ ଏବଂ ସେହି ହେତୁରୁ ପରେ ଏ ଦେଶର ନାମ ପଞ୍ଚନଦ ବା ପଞ୍ଜାବ ରଖାଗଲା । ଆର୍ଯ୍ୟମାନେ କେବଳ ଏହି ଦେଶରେ ଆବଦ୍ଧ ରହି ନ ଥିଲେ । ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ସେମାନେ କ୍ରମେ କ୍ରମେ ଅନ୍ୟାନ୍ୟ ଦେଶକୁ ମଧ୍ୟ ଆଗକୁ ମାଡ଼ିଗଲେ । କେତେକ ଦିନ ମଧ୍ୟରେ କୋଶଳ, କାଶୀ, ବିଦେହ ପ୍ରଭୃତି ରାଜ୍ୟ ସ୍ଥାପିତ ହେଲା ଏବଂ ସେହି ସବୁ ଦେଶରେ ଭିନ୍ନ ଭିନ୍ନ ରାଜବଂଶର ରାଜାମାନେ ରାଜତ୍ୱ କରିବାକୁ ଲାଗିଲେ । ବିଶେଷତଃ ଗଙ୍ଗା ଓ ଯମୁନାର ପାର୍ଶ୍ୱବର୍ତ୍ତୀ ଉର୍ବରଭୂମି ବହୁ ଜନାକୀର୍ଣ୍ଣ ହୋଇପଡ଼ିଲା ଏବଂ ସୂର୍ଯ୍ୟବଂଶୀୟ ରାଜାମାନେ ସେଠାରେ ବହୁଦିନ ପର୍ଯ୍ୟନ୍ତ ରାଜତ୍ୱ କଲେ । ଦିଲ୍ଲୀ ନିକଟବର୍ତ୍ତୀ ହସ୍ତିନାପୁରରେ କୁରୁମାନଙ୍କ ରାଜ୍ୟ ଥିଲା । ସେମାନେ ଚନ୍ଦ୍ରବଂଶୀୟ ଥିଲେ ।

ଚନ୍ଦ୍ର ଓ ସୂର୍ଯ୍ୟବଂଶ ରାମାୟଣ ଓ ମହାଭାରତରେ ଏମାନଙ୍କର ଇତିହାସ ମିଳେ ।

ଏହିପରି ସମଗ୍ର ଉତ୍ତର ଭାରତରେ ଆର୍ଯ୍ୟମାନଙ୍କ ରାଜ୍ୟ ସ୍ଥାପିତ ହେଲା ଏବଂ ତହିଁର ନାମ ଆର୍ଯ୍ୟାବର୍ତ୍ତ ହେଲା ।

ଏହା ପରେ ଆର୍ଯ୍ୟମାନେ ବିନ୍ଧ୍ୟାଚଳକୁ ଅତିକ୍ରମ କଲେ । ରାମଚନ୍ଦ୍ର କିପରି ଭାରତର ଦକ୍ଷିଣ ସୀମାନ୍ତରେ ଉପନୀତ ହୋଇଥିଲେ ଆମ୍ଭେମାନେ ରାମାୟଣ ପାଠ କରି ଏହା ଜାଣିପାରୁଁ । ସେ ବାନର ଓ ଭଲ୍ଲୁକମାନଙ୍କର ସାହାଯ୍ୟ ଗ୍ରହଣ କରିଲେ, କିନ୍ତୁ ସେହି ବାନର ଭଲ୍ଲୁକମାନେ ପ୍ରକୃତରେ ଅନାର୍ଯ୍ୟ ଥିଲେ ବୋଲି ଅନୁମିତ ହୁଏ । ଏହିପରି ଦକ୍ଷିଣ ଭାରତରେ ଆର୍ଯ୍ୟ-ସଭ୍ୟତା ସ୍ଥାପିତ ହେଲା ଏବଂ ଏହି ଅଂଶର ନାମ ଦାକ୍ଷିଣାତ୍ୟ ହେଲା । ଅନ୍ୟାନ୍ୟ କେତେକ ପୁରାଣରେ ପ୍ରାଚୀନ ରାଜବଂଶମାନଙ୍କର ଇତିହାସ ବର୍ଣ୍ଣିତ ଅଛି, କିନ୍ତୁ ରାମାୟଣ ଓ ମହାଭାରତରେ ଯଥାକ୍ରମେ ସୂର୍ଯ୍ୟବଂଶୀୟ ଓ ଚନ୍ଦ୍ରବଂଶୀୟ ରାଜାମାନଙ୍କର କିଛି ବୃତ୍ତାନ୍ତ ଅଧିକ ଉଲ୍ଲେଖ ଅଛି ।

ରାମାୟଣ— ରାମାୟଣର କଥା ଏ ଦେଶରେ ସୁପ୍ରସିଦ୍ଧ । ଅତଏବ ସେ ସମ୍ବନ୍ଧରେ ଅଧିକ କିଛି ନ କହି ଏଠାରେ କେତେଗୋଟି ମାତ୍ର କଥାର ଉଲ୍ଲେଖ କରାଯିବ । ଆଜିକାଲି ଯାହାକୁ ଆମ୍ଭେମାନେ ଅଯୋଧ୍ୟା ସମସ୍ତେ କହୁଥାଉ, ତାହା ପ୍ରାଚୀନ କୋଶଳ ରାଜ୍ୟର ରାଜଧାନୀ ଥିଲା । ମନୁଙ୍କଠାରୁ ଆରମ୍ଭ କରି ଅନେକ ରାଜା ଏଠାରେ ରାଜତ୍ୱ କରିଥିଲେ । ଏହି ବଂଶରେ

Digitized by srujanika@gmail.com


ପ୍ରାଚୀନ ଭାରତ
ହିନ୍ଦୁକୁଶ ପର୍ବତ
ତକ୍ଷଶିଳା
ଗାନ୍ଧାର
କୁରୁକ୍ଷେତ୍ର
ଇନ୍ଦ୍ରପ୍ରସ୍ଥ
ହସ୍ତିନାପୁର
ମଥୁରା
ମାଳବ
ଉଜ୍ଜୟିନୀ
କୋଶଳ
ଅଯୋଧ୍ୟା
ମିଥିଳା
କାମରୂପ
ସୌରାଷ୍ଟ୍ର
କଳିଙ୍ଗ
ଆରବ ସାଗର
ବଙ୍ଗୋପସାଗର

ସୂର୍ଯ୍ୟନାମଧାରୀ ଜଣେକ ରାଜା ବିଶେଷ ଖ୍ୟାତି ଲାଭ କରିଥିଲେ । ଏହି ହେତୁରୁ ତାହାଙ୍କ ନାମ ଅନୁସାରେ ତାଙ୍କ ବଂଶଧରମାନେ ଆପଣାକୁ ସୂର୍ଯ୍ୟ-ବଂଶୀୟ ଆଖ୍ୟା ପ୍ରଦାନ କଲେ । ପରେ ଏ ବଂଶରେ ରଘୁ ନାମରେ ଆଉ ଜଣେ ରାଜା ବିଶେଷ ପ୍ରତିଷ୍ଠା ଲାଭ କରିଥିଲେ । ତାହାଙ୍କ ନାମ ଅନୁସାରେ ଏହି ବଂଶର ଦ୍ୱିତୀୟ ନାମ 'ରଘୁବଂଶ ।' ରାମଚନ୍ଦ୍ର ରଘୁଙ୍କର ପ୍ରପୌତ୍ର ଥିଲେ । ସେ ଶୂର, ବୀର ଓ ଧାର୍ମିକ ବୋଲି ପରିଚିତ ଥିଲେ । ତାହାଙ୍କ ରାଜତ୍ୱ ଏପରି ସୁବ୍ୟବସ୍ଥିତ ଓ ଶାନ୍ତିପୂର୍ଣ୍ଣ ଥିଲା ଯେ, ଆଜି ସୁଦ୍ଧା 'ରାମରାଜ୍ୟ' ଶବ୍ଦ ପ୍ରବାଦବାକ୍ୟରେ ପରିଣତ ହୋଇଅଛି । ଯେବେ କୌଣସି ରାଜା ସୁଚାରୁରୂପେ ରାଜକାର୍ଯ୍ୟ ନିର୍ବାହ କରନ୍ତି, ତାହାହେଲେ ଆମ୍ଭେ ଉକ୍ତ ରାଜାଙ୍କୁ ପ୍ରଶଂସା କରି କହୁଥାଉଁ, "ଆହା ! ଏ ରାଜାଙ୍କ ରାଜ୍ୟ ରାମରାଜ୍ୟ ।" ପ୍ରକୃତରେ ରାମଚନ୍ଦ୍ରଙ୍କ ପରି ପ୍ରଜାବତ୍ସଳ ରାଜା ଆଉ ପୃଥିବୀରେ ଜନ୍ମି ନାହାନ୍ତି । ସେ ପ୍ରଜାରଞ୍ଜନ ନିମିତ୍ତ ପ୍ରାଣପ୍ରିୟା ପତ୍ନୀ ସୀତାଙ୍କୁ ବନବାସ ଦଣ୍ଡ ଦେଇଥିଲେ । ଏହି ଗୋଟିଏ ମାତ୍ର ଘଟଣାରୁ ଆମ୍ଭେମାନେ ତାଙ୍କ ପ୍ରଜାବାତ୍ସଲ୍ୟର ଯଥେଷ୍ଟ ଆଭାସ ପାଉଁ । ଏହି ରାମଚନ୍ଦ୍ରଙ୍କ ବଂଶଧରମାନେ ବର୍ତ୍ତମାନ ନେପାଳ ଓ ଉଦୟପୁରରେ ରାଜତ୍ୱ କରୁଅଛନ୍ତି । ଏହି ରାଜବଂଶଦ୍ୱୟ ବିଶେଷ ସୁପ୍ରତିଷ୍ଠ ବୋଲି ବିବେଚିତ ।

ମହାଭାରତ—ରାମାୟଣ ପରି ମହାଭାରତର ଏତେ ପ୍ରଚାର ନାହିଁ । ଅତଏବ ଏହାର କଥା ସଂକ୍ଷେପରେ ଜାଣିବା ଆବଶ୍ୟକ । ପୂର୍ବକାଳରେ ପଞ୍ଜାବର କେତେଗୋଟି ଜାତି ରାଜତ୍ୱ କରୁଥିଲେ; ସେମାନଙ୍କ ମଧ୍ୟରେ କୁରୁ ଓ ପାଞ୍ଚାଳ ଏହି ଦୁଇ ବଂଶ ପ୍ରଧାନ ଥିଲେ । କୁରୁରାଜ ବିଚିତ୍ରବୀର୍ଯ୍ୟଙ୍କର ଧୃତରାଷ୍ଟ୍ର ଓ ପାଣ୍ଡୁ ନାମରେ ଦୁଇ ପୁତ୍ର ଥିଲେ । ବଡ଼ ଭାଇ ଧୃତରାଷ୍ଟ୍ର ଜନ୍ମାନ୍ଧ ଥିଲେ ବୋଲି ତାଙ୍କ ପରିବର୍ତ୍ତରେ ସାନ ଭାଇ ପାଣ୍ଡୁ ରାଜସିଂହାସନରେ ବସିଲେ, କିନ୍ତୁ ଅଳ୍ପଦିନ ପରେ ତାହାଙ୍କର ମୃତ୍ୟୁ ହୋଇଥିଲା । ତାହାଙ୍କର ପାଞ୍ଚଗୋଟି ପୁତ୍ର ଥିଲେ—ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ । ଏମାନେ ପଞ୍ଚପାଣ୍ଡବ ବୋଲି ପରିଚିତ । ତେଣେ ଧୃତରାଷ୍ଟ୍ରଙ୍କର ଏକ ଶତ ପୁତ୍ର ଥିଲେ, ସେମାନଙ୍କ ମଧ୍ୟରୁ ଦୁର୍ଯ୍ୟୋଧନ ଜ୍ୟେଷ୍ଠ । ସେ ଭାରି ଦୁଷ୍ଟ ଥିଲେ ଓ ପିଲାଦିନରୁ ପାଣ୍ଡବମାନଙ୍କ ଦ୍ୱେଷ କରୁଥିଲେ । କୌଣସି ପ୍ରକାରେ ପାଣ୍ଡବମାନେ ମଲେ ସେ

Digitized by srujanika@gmail.com

ସେମାନଙ୍କୁ କୌଣସି ଉପାୟରେ ମାରିଦେଲେ ସେ ଅକଣ୍ଟକ ରାଜ୍ୟ କରିବେ ବୋଲି ସର୍ବଦା ଭାବୁଥିଲେ। ଏଥିପାଇଁ ସେ ନାନା ଉପାୟ କଲେ କିନ୍ତୁ ସବୁ ନିଷ୍ଫଳ ହେଲା । ପାଞ୍ଚାଳ ରାଜକନ୍ୟା ଦ୍ରୌପଦୀଙ୍କ ସଙ୍ଗେ ପାଣ୍ଡବମାନଙ୍କର ବିବାହ ହେଲା । ଅବଶେଷରେ ଦୁର୍ଯ୍ୟୋଧନ ଓ ପାଣ୍ଡବମାନଙ୍କ ମଧ୍ୟରେ ଆପୋଷରେ ନିଷ୍ପତ୍ତି ହୋଇ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହେଲା । ଏକ ଭାଗରେ ପାଣ୍ଡବମାନେ ରାଜତ୍ୱ କଲେ, ଅନ୍ୟ ଭାଗରେ ଦୁର୍ଯୋଧନ ରାଜତ୍ୱ କଲେ । ଅଧୁନାତନ ଦିଲ୍ଲୀର କିଛି ଦୂର ଛଡ଼ା ହସ୍ତିନାପୁର ବା ଇନ୍ଦ୍ରପ୍ରସ୍ଥରେ ପାଣ୍ଡବମାନେ ରାଜ୍ୟ ସ୍ଥାପନ କରି ନ୍ୟାୟପଥରେ ରହି ରାଜ୍ୟ ଶାସନ କରିବାକୁ ଲାଗିଲେ; କିନ୍ତୁ ଏଥିରେ ଦୁର୍ଯୋଧନଙ୍କ ଚିତ୍ତ ସହିଲା ନାହିଁ । ସେ ଜୁଆଖେଳରେ ଯୁଧିଷ୍ଠିରଙ୍କୁ ପରାଜିତ କଲେ । ଖେଳର ସର୍ତ୍ତ ଅନୁସାରେ ପାଣ୍ଡବମାନେ ଆପଣା ରାଜ୍ୟ ଓ ସିଂହାସନକୁ ହାରି ୧୩ ବର୍ଷକାଳ ବନବାସ କଲେ ।

କୌରବ ଓ ପାଣ୍ଡବ ମଧ୍ୟରେ ଦ୍ୱେଷ

ବନବାସ ଶେଷ ହେବାରୁ ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କ ପାଖରେ ସେମାନଙ୍କ ଭାଗରେ ପୂର୍ବରୁ ପଡ଼ିଥିବା ଅର୍ଦ୍ଧରାଜ୍ୟ ପ୍ରାର୍ଥନା କଲେ । କିନ୍ତୁ ଦୁର୍ଯୋଧନ ସ୍ପଷ୍ଟଭାବରେ ଉତ୍ତର ଦେଲେ ଯେ, ବିନା ଯୁଦ୍ଧରେ ସେ ପାଣ୍ଡବମାନଙ୍କୁ ସୂଚ୍ୟଗ୍ର ପରିମିତ ଭୂମି ମଧ୍ୟ ଛାଡ଼ି ଦେବେ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଦୁଇ ପକ୍ଷ ମଧ୍ୟରେ ମେଳ ସ୍ଥାପନ ପାଇଁ ପୂର୍ଣ୍ଣ ଚେଷ୍ଟା କରିଥିଲେ, କିନ୍ତୁ ଜିଦଖୋର ଦୁର୍ଯୋଧନ କୌଣସି କଥା ମାନିଲେ ନାହିଁ । ଅବଶେଷରେ ଯୁଦ୍ଧ ହେଲା । ଏହାହିଁ ମହାଭାରତ ଯୁଦ୍ଧ ନାମରେ ବିଖ୍ୟାତ । ଦିଲ୍ଲୀର ୭୦ ମାଇଲ ଦକ୍ଷିଣ ପାଣିପଥ ନାମକ ପଡ଼ିଆରେ ଏହି ଯୁଦ୍ଧ ସଂଘଟିତ ହୋଇଥିଲା । ଏହି ସ୍ଥାନକୁ ସେହି ସମୟରୁ ଲୋକେ କୁରୁକ୍ଷେତ୍ର ନାମରେ ଡାକି ଆସୁଅଛନ୍ତି । ଏବେ ମଧ୍ୟ ସେଠାରେ ସୂର୍ଯ୍ୟଗ୍ରହଣ ସମୟରେ ଗୋଟିଏ ବଡ଼ ମେଳା ହୁଏ । ଏହି ଯୁଦ୍ଧରେ ଦୁର୍ଯ୍ୟୋଧନ ପରାଜିତ ହେଲେ ଏବଂ ପାଣ୍ଡବମାନେ ଜୟଲାଭ କଲେ ।

କୁରୁକ୍ଷେତ୍ର ଯୁଦ୍ଧ

ଏହି ମହାଭାରତ ଯୁଦ୍ଧଦ୍ୱାରା ଭାରତବର୍ଷର ଭାରି ହାନି ହେଲା । କାରଣ, ଏହି ଯୁଦ୍ଧ ପାଇଁ ଦୁଇ ପକ୍ଷ ଖୁବ ଉଦ୍‌ଯୋଗ କରିଥିଲେ । ସେତେ-

Digitized by srujanika@gmail.com

ବେଳେ ଆର୍ଯ୍ୟାବର୍ତ୍ତର ପ୍ରତ୍ୟେକ ପ୍ରସିଦ୍ଧ ରାଜା ଏହି ଦୁଇ ପକ୍ଷ ମଧ୍ୟରୁ କୌଣସି

କୁରୁକ୍ଷେତ୍ର ଯୁଦ୍ଧର ଫଳ

ଏକ ପକ୍ଷ ଅବଲମ୍ବନ କରି ଯୁଦ୍ଧ କରିଥିଲେ । ଯୁଦ୍ଧରେ ପ୍ରାୟ ସମସ୍ତେ ମଲେ । ଗଳ ପୂତ ହୋଇ କେଣେ ଦୁଇ ଜଣ ମାତ୍ର ଯୁଦ୍ଧରୁ ବଞ୍ଚିଗଲେ । ପାଣ୍ଡବମାନେ ବିଜୟୀ ହୋଇଥିଲେହେଁ ଏତେ ଲୋକଙ୍କ ମୃତ୍ୟୁରେ ରାଜ୍ୟ ପ୍ରତି ଏକାନ୍ତ ଉଦାସୀନ ହୋଇ ପଡ଼ିଲେ । ସେମାନେ କେବଳ ୩୬ ବର୍ଷ ରାଜତ୍ୱ ପରେ ରାଜ୍ୟତ୍ୟାଗ କରି ହିମାଳୟ ଅଭିମୁଖରେ ଯାତ୍ରା କଲେ । ଏହା ପୂର୍ବେ ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ଇହଲୀଳା ସାଙ୍ଗ କରିଥିଲେ । ଏହାର ଶେଷ ଫଳ ଏହି ହେଲା ଯେ, ମହାଭାରତ ଯୁଦ୍ଧ ପରେ ସମଗ୍ର ଭାରତବର୍ଷକୁ ଘୋର ଅନ୍ଧକାର ଘୋଟିଗଲା । ଭାରତର ବିଦ୍ୟା, ବୁଦ୍ଧି, କଳା, ସଭ୍ୟତା ସମୂଳରେ ବିନାଶପ୍ରାପ୍ତ ହେଲା ।

ରାମାୟଣ ଓ ମହାଭାରତର ତୁଳନା—ହିନ୍ଦୁ-ବିଶ୍ୱାସ ଅନୁସାରେ ରାମାୟଣ ମହାଭାରତ ଅପେକ୍ଷା ପ୍ରାଚୀନତର ଗ୍ରନ୍ଥ । ମହାଭାରତରେ

ସାମାଜିକ ଅବସ୍ଥା

ରାମାୟଣର ସମୁଦାୟ କଥା ସଂକ୍ଷେପରେ ଲିଖିତ ହୋଇଥିବା ଦେଖାଯାଏ; କିନ୍ତୁ ରାମାୟଣରେ ମହାଭାରତର ନାମ ପର୍ଯ୍ୟନ୍ତ ଉଲ୍ଲିଖିତ ହୋଇ ନାହିଁ । କେତେକଣ ବିଦ୍ୱାନ୍ କହନ୍ତି ଯେ, ପ୍ରକୃତ ପକ୍ଷରେ ମହାଭାରତହିଁ ପ୍ରାଚୀନତର ଗ୍ରନ୍ଥ । ସେ ଯାହାହେଉ, ଉଭୟ ଗ୍ରନ୍ଥରୁ ତତ୍‌କାଳୀନ ସମାଜର ଅବସ୍ଥା ବେଶ ଜଣା ପଡ଼େ । ରାମାୟଣ କାଳରେ ସମାଜ ଅଧିକତର ସରଳ ଓ ଆରମ୍ଭିକ ଅବସ୍ଥାରେ ଥିଲା । ଲୋକଙ୍କ ମନରୁ ଦ୍ୱେଷ, କପଟତା, ଈର୍ଷ୍ୟା ପ୍ରଭୃତି ଭାବ ଅଧିକାର କରି ନ ଥିଲା । ଯୁଦ୍ଧ ଓ ରାଜକାର୍ଯ୍ୟ ପରିଚାଳନ ପ୍ରଣାଳୀ ସରଳ, ନିରାଡ଼ମ୍ବର ଥିଲା । ମହାଭାରତ ଯୁଗରେ ଭିନ୍ନ ଭିନ୍ନ କଳାର ଉନ୍ନତି ଘଟିଥିଲା ସତ୍ୟ, ମାତ୍ର ଦ୍ୱେଷ ଓ କଳହ

ଚକ୍ରବର୍ତ୍ତୀ

ଉତ୍ତରୋତ୍ତର ବଢ଼ୁଥିଲା । ଭାରତବର୍ଷ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇ ସ୍ୱତନ୍ତ୍ର ରାଜାମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ଏମାନଙ୍କୁ ଯେଉଁ ପରାକ୍ରମୀ ରାଜା ଆପଣା ବାହୁବଳରେ ଅଧୀନ କରୁଥିଲେ, ସେ ଏହି ଜୟଲାଭର ପ୍ରତିଷ୍ଠା ପାଇଁ ରାଜସୂୟ ବା ଅଶ୍ୱମେଧ ଯଜ୍ଞ କରୁଥିଲେ । ଉକ୍ତ ଯଜ୍ଞରେ ପରାଜିତ ରାଜାମାନେ ଭିନ୍ନ ଭିନ୍ନ କର୍ମମାନ

Digitized by srujanika@gmail.com

କରୁଥିଲେ ଓ ବିଜେତା ଆପଣାକୁ ଚକ୍ରବର୍ତ୍ତୀ ଘୋଷଣା କରୁଥିଲେ । ଉଭୟ ପୁସ୍ତକକୁ ହିନ୍ଦୁମାନେ ଧର୍ମଗ୍ରନ୍ଥରୂପେ ମାନ୍ୟ କରନ୍ତି । କିନ୍ତୁ ରାମାୟଣର ଆଦର ଟିକିଏ ଅଧିକ । ମହାଭାରତରେ ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ଗୀତାର

ଗୀତା ଉପଦେଶ ବାଣୀ ଜଗତରେ ଅଦ୍ୱିତୀୟ ରତ୍ନ । ଗୀତାର ସାର ମର୍ମ ଏହି କି—କର୍ତ୍ତବ୍ୟବୁଦ୍ଧିରେ ମନୁଷ୍ୟ ସ୍ୱୀୟ କର୍ତ୍ତବ୍ୟ ପାଳନ କରିବ, କିନ୍ତୁ ଫଳ ପ୍ରାପ୍ତିର ଆଶା କରିବ ନାହିଁ । ଏହା ବେଦ ପରି ପରମ ମାନନୀୟ ।

ପ୍ରାଚୀନ ରାଜବଂଶ—(ଖ୍ରୀଷ୍ଟପୂର୍ବ ୭୫୦ ରୁ ୨୨୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) କେତେକ ଲୋକଙ୍କର ଧାରଣା ଏହି ଯେ, ଆମ୍ଭମାନଙ୍କ ପୂର୍ବପୁରୁଷମାନେ ପ୍ରାଚୀନ ଭାରତବର୍ଷର କୌଣସି କ୍ରମବଦ୍ଧ ଇତିହାସର ଉପାଦାନ ରଖି

ଐତିହାସିକ ସାମଗ୍ରୀର ଅଭାବ ନାହାନ୍ତି । କିନ୍ତୁ ପ୍ରକୃତରେ ବୁଝିବାକୁ ଗଲେ, ସେ ବିଷୟରେ ଏ ପର୍ଯ୍ୟନ୍ତ ମଧ୍ୟ ଯଥେଷ୍ଟ ଅନୁସନ୍ଧାନ କରାଯାଇ ନାହିଁ କିମ୍ବା ସେ ସମସ୍ତ ସାମଗ୍ରୀ ବାରମ୍ବାର ନଷ୍ଟ କରି ଦିଆଯାଇଅଛି । ଯଦ୍ୟପି ଆତତାୟୀମାନେ ବଡ଼ ବଡ଼ ପୁସ୍ତକାଗାର ଏକାବେଳକେ ପୋଡ଼ି ଦେଇ-ଥିଲେ ଏବଂ ଇଉରୋପୀୟମାନଙ୍କର ଏ ଦେଶକୁ ଆସିବାର କିଛି ଦିନ ପରେ ମଧ୍ୟ ଏ ଦେଶରୁ ଅନେକ ହସ୍ତଲିଖିତ ପ୍ରାଚୀନ ପୁସ୍ତକ ଲୁଣ୍ଠିତ ହୋଇଥିଲା, ତଥାପି ବାକି ରହିଯାଇଥିବା ପୁସ୍ତକମାନଙ୍କ ସମ୍ବନ୍ଧରେ ଯେତିକି ଅନ୍ୱେଷଣ ହେଉ-ଅଛି ଏବଂ ପ୍ରାଚୀନ ଅନୁଶାସନ ପ୍ରଭୃତିର ପାଠୋଦ୍ଧାର କାର୍ଯ୍ୟ ଯେତିକି ପ୍ରକାଶିତ ହେଉଅଛି, ନୂତନ ନୂତନ ଐତିହାସିକ ସାମଗ୍ରୀମାନ ତେତିକି ମିଳୁଅଛି । ଏହାଦ୍ୱାରା ପୂର୍ବରୁ ସିଦ୍ଧାନ୍ତ କରାଯାଇଥିବା ଅନେକ ସିଦ୍ଧାନ୍ତ ପରିବର୍ତ୍ତିତ ହୋଇଅଛି ଓ ହେଉଅଛି । କିନ୍ତୁ ଏ ପର୍ଯ୍ୟନ୍ତ ଯେଉଁ ତଥ୍ୟମାନ ମିଳି ଅଛି, ସେଥିରୁ ଜଣାଯାଏ ଯେ, ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ରାଜବଂଶ ସମୂହହିଁ ଅତି ପ୍ରାଚୀନ । ସେମାନଙ୍କ କାଳ ନିର୍ଣ୍ଣୟ କରିବା ଅସମ୍ଭବ ନ ହେଲେ ମଧ୍ୟ କଠିନ ଅଟେ । ଏହି ବଂଶମାନଙ୍କ ଅବସ୍ଥା ପରବର୍ତ୍ତୀ କାଳରେ କିପରି

Digitized by srujanika@gmail.com

ହେଲା, ତାହା ପୁରାଣ ପ୍ରଭୃତିରୁ ଜଣାଯାଉଅଛି । କିନ୍ତୁ ଏଗୁଡ଼ିକର ସମ୍ପୂର୍ଣ୍ଣ ଐତିହାସିକ ବିବରଣ ମିଳିବା ଏକାବେଳକେ ଅସମ୍ଭବ । ଅତଏବ ଏହି ଦୁଇ ମହାକାବ୍ୟରେ ବର୍ଣ୍ଣିତ ହୋଇଥିବା ବିବରଣ ସଂଘଟିତ ହେବା ପରେ କେତେକ ସହସ୍ର ବର୍ଷପର୍ଯ୍ୟନ୍ତ ଭାରତର ଇତିହାସ କେବଳ ଅନ୍ଧକାରମୟ ବୋଲି କହିବାକୁ ହେବ । ଏହା ପରେ ଖ୍ରୀଷ୍ଟପୂର୍ବ ୬୦୦ ବର୍ଷ ସମୟରୁ କିଛି କିଛି ଐତିହାସିକ ସାମଗ୍ରୀ ଆମ୍ଭମାନଙ୍କୁ ମିଳୁଅଛି ଓ ତାହା ମଗଧର ଶିଶୁନାଗ ରାଜବଂଶର ବିବରଣ ଅଟେ ।

ଶିଶୁନାଗବଂଶ— ଶିଶୁନାଗ ଖ୍ରୀଷ୍ଟପୂର୍ବ ୬୫୦ ଅବ୍ଦରେ ମଗଧ ଅଧିକାର କରି ସ୍ୱୀୟ ବଂଶର ମୂଳଭିତ୍ତି ପ୍ରତିଷ୍ଠିତ କରିଥିଲେ । ରାଜଗୃହ ଏହାଙ୍କ ରାଜଧାନୀ ଥିଲା । କଥିତ ଅଛି ଯେ, ମହାଭାରତୋକ୍ତ ଜରାସନ୍ଧ ଏହି ସ୍ଥାନରେ ରାଜତ୍ୱ କରୁଥିଲେ ଏବଂ ସେପର୍ଯ୍ୟନ୍ତ ମଗଧ ରାଜ୍ୟ ତାହାଙ୍କ ବଂଶଧରମାନଙ୍କ ଅଧିକାରରେ ଥିଲା । ଶିଶୁନାଗଙ୍କ ପରେ ତାଙ୍କ ତିନି ଜଣ ଉତ୍ତରାଧିକାରୀ ମଧ୍ୟ ଏହି ରାଜଗୃହର ସିଂହାସନ ଅଳଙ୍କୃତ କରିଥିଲେ, କିନ୍ତୁ ସେ ତିନି ଜଣଙ୍କ ସମ୍ବନ୍ଧରେ କୌଣସି ବିବରଣ ଜଣା ନାହିଁ ।

୬୦ ବର୍ଷ ପରେ ବିମ୍ବିସାର ନାମକ ରାଜା ମଗଧ ସିଂହାସନ ଆରୋହଣ କଲେ । ସେ ମଗଧ ରାଜ୍ୟକୁ ବହୁଦୂର ପର୍ଯ୍ୟନ୍ତ ବିସ୍ତାରିତ କରିଥିଲେ ଓ ଖ୍ରୀଷ୍ଟପୂର୍ବ ୫୯୦ ରୁ ୫୬୨ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ବୁଦ୍ଧଦେବ ଏହାଙ୍କ ଶାସନକାଳରେ ନିଜ ଧର୍ମ ପ୍ରଚାର କରିବାକୁ ଆରମ୍ଭ କରିଥିଲେ । ବିମ୍ବିସାର ନିଜ ସ୍ତ୍ରୀ ପୁତ୍ର ସହିତ ତାଙ୍କର ଶିଷ୍ୟତ୍ୱ ସ୍ୱୀକାରପୂର୍ବକ ଆଜୀବନ ବୌଦ୍ଧଧର୍ମ ପ୍ରଚାର କରିବାରେ ଲଗିଲେ ।

ବିମ୍ବିସାରଙ୍କ ପରେ ତାଙ୍କ ପୁତ୍ର ଅଜାତଶତ୍ରୁ ମଗଧ ସିଂହାସନ ଆରୋହଣ କରି ପିତାଙ୍କ ରାଜ୍ୟକୁ ଆହୁରି ବହୁଦୂର ପର୍ଯ୍ୟନ୍ତ ବଢ଼ାଇଥିଲେ । ଏ କୋଶଳ ଏବଂ ଲିଚ୍ଛବିଙ୍କ ସଙ୍ଗେ ଯୁଦ୍ଧ କରି ଏମାନଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ ଏବଂ କୋଶଳ ଓ ବୈଶାଳୀକୁ (ଲିଚ୍ଛବି ରାଜ୍ୟର ରାଜଧାନୀ ମଜଫରପୁର ଜିଲ୍ଲାରେ ଥିଲା) ମଗଧ ରାଜ୍ୟରେ ମିଶାଇଲେ । ବିମ୍ବିସାର ଗଙ୍ଗା ଓ ସୋନନଦୀର ସଙ୍ଗମସ୍ଥଳରେ 'ପାଟଲି' ନାମକ ଯେଉଁ ଦୁର୍ଗ ନିର୍ମାଣ

Digitized by srujanika@gmail.com

କରାଇଥିଲେ ପରବର୍ତ୍ତୀକାଳରେ ତାହା ପାଟଳିପୁତ୍ର (ବର୍ତ୍ତମାନ ପାଟନା) ନାମରେ ପ୍ରସିଦ୍ଧି ଲାଭ କରିଥିଲା । ଏହାଙ୍କ ପରେ ସେ ବଂଶର ଅନ୍ୟ ଦୁଇ ଜଣ ରାଜା ସିଂହାସନ ଅରୋହଣ କରିଥିଲେ । ସେମାନଙ୍କ ପରେ ମଗଧର ଶାସନ ନନ୍ଦବଂଶର ଅଧୀନ ହୋଇଲା । ଶିଶୁନାଗବଂଶୀୟ ରାଜାମାନଙ୍କ ରାଜତ୍ୱ-କାଳରେ ଭାରତର ଦୁଇଟି ପ୍ରସିଦ୍ଧ ଧର୍ମର ଅଭ୍ୟୁଦୟ ହୋଇଥିଲା । ୧ ବୌଦ୍ଧଧର୍ମ ଓ ୨ ଜୈନଧର୍ମ ।

ବୁଦ୍ଧ—ଆଜିକାଲି ପୃଥିବୀର ବୌଦ୍ଧଧର୍ମାବଲମ୍ବୀମାନଙ୍କ ସଂଖ୍ୟା ଅନ୍ୟ ଧର୍ମାବଲମ୍ବୀଙ୍କ ସଂଖ୍ୟା ଅପେକ୍ଷା ଅଧିକ । ସମଗ୍ର ଚୀନ, ଜାପାନ, ଶ୍ୟାମ, ବ୍ରହ୍ମ ପ୍ରଭୃତି ଦେଶରେ ଏହି ଧର୍ମ ପ୍ରଚଳିତ ଅଛି । ଭାରତବର୍ଷରେ ମଧ୍ୟ ଏହି ଧର୍ମର ବିଶେଷ ପ୍ରଚାର ଥିଲା, କିନ୍ତୁ ପରେ ତାହା ନଷ୍ଟ ହୋଇଗଲା । ଏବେ ମଧ୍ୟ ଏ ଦେଶରେ କେତେକ ବୌଦ୍ଧ ଅଛନ୍ତି । ବସ୍ତୁତଃ ବୌଦ୍ଧଧର୍ମ ପରେ ଅନ୍ୟ କୌଣସି ଧର୍ମ ଏହା ଅପେକ୍ଷା ଉଦାରତାର ଶିକ୍ଷା ଦେଇ ନାହିଁ । ଏହି ମହାଧର୍ମର ପ୍ରବର୍ତ୍ତକ କିଏ ? ମହାପୁରୁଷ ବୁଦ୍ଧ ଏହାର ପ୍ରବର୍ତ୍ତକ । ସୌଭାଗ୍ୟର ବିଷୟ ଯେ, ସେ ଅମ୍ଭମାନଙ୍କ ଭାରତବର୍ଷର ଅନ୍ତର୍ଗତ ନେପାଳ ରାଜ୍ୟରେ ଜନ୍ମଗ୍ରହଣ କରିଥିଲେ । ତାହାଙ୍କ ଜୀବନର ଇତିବୃତ୍ତ ଏହିପରି—

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ନେପାଳ ଅନ୍ତର୍ଗତ କପିଳବାସ୍ତୁ ନାମକ ନଗରରେ ରାଜା ଶୁଦ୍ଧୋଦନ ରାଜତ୍ୱ କରୁଥିଲେ । ତାଙ୍କ ରାଣୀଙ୍କ ନାମ ମାୟାଦେବୀ । ସନ୍ତାନ ନ ହେବାରୁ ଏହି ରାଜଦମ୍ପତି ଘୋର ଦୁଃଖରେ

ଜୀବନଚରିତ

କାଳଯାପନ କରୁଥିଲେ । ଅନନ୍ତର କଠିନ ତପସ୍ୟାର ଫଳରେ ତାହାଙ୍କର ଗୋଟିଏ କୁମାର ଜାତ ହେଲେ । ପୁତ୍ରଙ୍କ ନାମ ସିଦ୍ଧାର୍ଥ ଦିଆଗଲା । ଅତ୍ୟଧିକ ସ୍ନେହହେତୁରୁ ବା ରାଜପୁତ୍ର ସିଦ୍ଧାର୍ଥଙ୍କ ଭାବୁକତା ହେତୁରୁ ହେଉ, ରାଜପୁତ୍ରଙ୍କୁ କୌଣସି ଦୁଃଖପ୍ରଦ ଘଟଣା ବା ଦୃଶ୍ୟ ଦେଖାଇବାକୁ ହେବ ନାହିଁ ବୋଲି ରାଜା ଶୁଦ୍ଧୋଦନ ଦୃଢ଼ ଆଦେଶ କରିଥିଲେ । ରାଜପୁତ୍ର ଅତ୍ୟନ୍ତ ଯତ୍ନ ଓ ରାଜସିଦ୍ଧି ସହକାରେ ଲାଳିତପାଳିତ ହେଲେ ଏବଂ ତାଙ୍କ ସମ୍ମୁଖରେ ନିତ୍ୟ ନୂତନ ନୂତନ ସୁଖ-ସାମଗ୍ରୀ ଉପସ୍ଥାପିତ କରାଗଲା । ସେ ଅତ୍ୟନ୍ତ ଭାବୁକ ଥିଲେ ଓ ପର ଦୁଃଖରେ ସେ ଅତ୍ୟନ୍ତ ଦୁଃଖୀ

Digitized by srujanika@gmail.com

ହୋଇଥିଲେ । ରାଜସିଦ୍ଧି ଓ ଆଡ଼ମ୍ବରରେ ତାଙ୍କ ମନ ଲାଗୁ ନ ଥିଲା । ଅନନ୍ତର ୧୮ ବର୍ଷ ବୟସ ସମୟରେ ଯଶୋଧାରା ନାମ୍ନୀ ରାଜକୁମାରୀଙ୍କ ସଙ୍ଗେ ରାଜା ତାହାଙ୍କୁ ବିବାହସୂତ୍ରରେ ଆବଦ୍ଧ କଲେ । ସିଦ୍ଧାର୍ଥଙ୍କର ଗୋଟିଏ କୁମାର ଜାତ ହେଲା, ମାତ୍ର ତହିଁରେ ସେ ଆନନ୍ଦ ଅନୁଭବ କଲେ ନାହିଁ ; କାରଣ ତାଙ୍କ ମନ କୌଣସି ଅଜ୍ଞାତ ସତ୍ୟଲାଭ କରିବାକୁ ସର୍ବଦା ବ୍ୟଗ୍ର ହେଉଥିଲା । ବିବାହର

ବୁଦ୍ଧଦେବ

କିଛିଦିନ ପୂର୍ବେ ବୁଦ୍ଧଦେବ ଥରେ ଉଆସରୁ ବାହାରି ନଗର ଭ୍ରମଣରେ ବହିର୍ଗତ ହେଲେ । ଏତେଦିନ ଯାଏ ସେ ରାଜନଗରରେ କୌଣସି ଦୁଃଖମୟ ଘଟନା ଦେଖି ନ ଥିଲେ । ପୃଥିବୀରେ ରୋଗ, ଦୁଃଖ, ଜରା ଓ ମୃତ୍ୟୁ ଯେ କିପରି ଭୟାନକ ବସ୍ତୁ ତାହା ମଧ୍ୟ ସେ ଜାଣି ପାରି ନ ଥିଲେ । ଦୈବକ୍ରମେ ସେଦିନ ବୁଦ୍ଧଦେବ ବାଟରେ ଦେଖିଲେ ଯେ, ଜଣେ ବୃଦ୍ଧ ଖଣ୍ଡିଏ ବାଡ଼ି ଉପରେ ଭରା ଦେଇ ଚାଲୁଅଛି; ସେ ସାରଥିକୁ ପଚାରିଲେ, ଏ ଲୋକର ଏତେ କଷ୍ଟ ହେଉଅଛି କାହିଁକି ? ସାରଥି ଉତ୍ତର ଦେଲା, ଏ ଲୋକ ବୃଦ୍ଧ ହୋଇଅଛି, ସୁତରାଂ ଏଥିରେ ଆଶ୍ଚର୍ଯ୍ୟର ବିଷୟ କଣ ଅଛି ? ସମସ୍ତେ ତ ଏହିପରି ଦିନେ ଜରାଗ୍ରସ୍ତ ହେବେ ଓ ମୃତ୍ୟୁମୁଖରେ ପତିତ ହେବେ । ଏହା ଶୁଣି ସିଦ୍ଧାର୍ଥ ଅତ୍ୟନ୍ତ ଚିନ୍ତିତ ହେଲେ । ଆଗକୁ କିଛିଦୂର ଯାଇ ସେ ଜଣେ ବ୍ୟାଧିଗ୍ରସ୍ତ ଲୋକକୁ ଦେଖିଲେ । ତତ୍ପରେ ଦେଖିଲେ ଯେ, ଗୋଟିଏ ଶବ ଦାହ ହେବାପାଇଁ ଶ୍ମଶାନକୁ ନିତ ହେଉଅଛି । ଏହି ସମସ୍ତ ଦୃଶ୍ୟ ଦ୍ୱାରା ତାଙ୍କ ଚିତ୍ତକୁ ଏକାବେଳକେ ବୈରାଗ୍ୟ ଅଧିକାର କଲା । ତାଙ୍କର ପୁତ୍ର ଜାତ ହେବା ପରେ ରାଜନଗରରେ ଘୋର ଉତ୍ସବ କରାଗଲା । କେତେଦିନ ପର୍ଯ୍ୟନ୍ତ

ବୈରାଗ୍ୟ

ନୃତ୍ୟ ଗୀତ ଲାଗି ରହିଥିଲା । ଏଥିଯୋଗୁଁ ସପ୍ତମଦିନ ରାତିରେ ରାଜନଗରର ଲୋକମାନେ ଅକାମରା ହୋଇ କିଏ କୁଆଡ଼େ ଅଚେତ ହୋଇ ଶୋଇ ପଡ଼ିଲେ । ରାଜକୁମାର ସିଦ୍ଧାର୍ଥ ଏହିପରି ଗୋଟିଏ ସୁଯୋଗ ଖୋଜୁଥିଲେ । ଏହି ଅବସରରେ ସେ ରାଜୈଶ୍ୱର୍ଯ୍ୟ, ସ୍ତ୍ରୀ ପୁତ୍ର ସମସ୍ତ ତ୍ୟାଗ କରି ରାଜଧାନୀରୁ ବାହାରିଗଲେ ।

Digitized by srujanika@gmail.com

ପ୍ରଥମେ ସେ ରାଜଗୃହକୁ ଆସିଲେ ଓ ଆପଣାର ନାମକୁ ଗୌତମ ବୋଲି ଲୋକଙ୍କୁ ପରିଚୟ ଦେଲେ । ରାଜା ବିମ୍ବିସାର ତାହାଙ୍କ ରୂପରଙ୍ଗ ଓ ଗୁଣରେ ମୁଗ୍ଧ ହୋଇ ତାହାଙ୍କୁ ଅର୍ଦ୍ଧରାଜ୍ୟ ପ୍ରଦାନ କରିବାକୁ ଇଚ୍ଛା କଲେ; ମାତ୍ର ଗୌତମଙ୍କର ରାଜ୍ୟରେ ପ୍ରୟୋଜନ ନ ଥିଲା । ସେ ତ ପିତୃରାଜ୍ୟ ତ୍ୟାଗ କରିଥିଲେ । ସେ ମହାସତ୍ୟର ଅନୁସନ୍ଧାନରେ ଲାଗିଥିଲେ । ଶେଷରେ ସେ ବିମ୍ବିସାରଙ୍କ ପ୍ରସ୍ତାବକୁ ଅସ୍ୱୀକାରପୂର୍ବକ ରାଜଗୃହ ପରିତ୍ୟାଗ କରି ଚାଲିଗଲେ ଏବଂ ନାଳନ୍ଦା ବିଶ୍ୱବିଦ୍ୟାଳୟରେ କେତେକ ବର୍ଷ ଧର୍ମଗ୍ରନ୍ଥ ଅଧ୍ୟୟନ କରିବାକୁ ଲାଗିଲେ । ସେଠାରେ ସେ ଜାଣିଲେ ଯେ, ତପସ୍ୟାଦ୍ୱାରା ଦିବ୍ୟଜ୍ଞାନ ଲାଭ କରାଯାଇ ପାରେ । ଅନନ୍ତର ସେ ଜଙ୍ଗଲକୁ ଗଲେ ଓ ଅନ୍ନଜଳ ପରିତ୍ୟାଗପୂର୍ବକ ଶରୀରକୁ ଶୁଖାଇବାକୁ ଲାଗିଲେ; କିନ୍ତୁ ପରେ ସେ ଜାଣି ପାରିଲେ ଯେ, ଏପରି କରିବାଦ୍ୱାରା ଶାରୀରିକ କ୍ଲେଶ ବ୍ୟତୀତ ଆଉ କିଛି ମିଳିବ ନାହିଁ । ତତ୍ପରେ ସେ ଆହାର ଗ୍ରହଣ କଲେ ଏବଂ ଗୟା ନିକଟବର୍ତ୍ତୀ ଗୋଟିଏ ବଟବୃକ୍ଷ ମୂଳରେ ବସି ଧ୍ୟାନ କରିବାକୁ ଲାଗିଲେ । ଅବଶେଷରେ ସେ ଦିବ୍ୟଜ୍ଞାନ ଲାଭ କଲେ । ବର୍ତ୍ତମାନ ଏହି ସ୍ଥାନ ବୋଧଗୟା ନାମରେ ଖ୍ୟାତ ଓ ଏହା ବୌଦ୍ଧଧର୍ମାବଲମ୍ବୀମାନଙ୍କର ପ୍ରସିଦ୍ଧ ତୀର୍ଥ । ଦିବ୍ୟଜ୍ଞାନ ଲାଭ ପରେ ଗୌତମ ଆପଣାକୁ ବୁଦ୍ଧ ନାମରେ ପରିଚୟ ଦେଲେ ।

ବୁଦ୍ଧଗୟା ମନ୍ଦିର

ଏଥିପରେ ବୁଦ୍ଧଦେବ ସଂସାରକୁ ନିଜ ମତ ଶିକ୍ଷା ଦେବାକୁ ଆରମ୍ଭ

Digitized by srujanika@gmail.com

କଲେ । ପ୍ରଥମେ କାଶୀ ନିକଟବର୍ତ୍ତୀ ସାରନାଥରେ ସେ ନିଜ ମତ ଶିକ୍ଷା ଦେଲେ । ପରେ ମଗଧକୁ ଆସି ରାଜା ବିମ୍ବିସାରଙ୍କୁ ସ୍ୱଧର୍ମରେ ଦୀକ୍ଷିତ କଲେ । ଏହାପରେ ସ୍ଥାନେ ସ୍ଥାନେ ବୁଲି ସେ ସମଗ୍ର ଉତ୍ତରଭାରତରେ ଲୋକଙ୍କୁ ନିଜ ଧର୍ମ ଶିକ୍ଷା ଦେବାକୁ ଲାଗିଲେ । ତାହାଙ୍କର ଶିଷ୍ୟ ସଂଖ୍ୟା କ୍ରମେ ବଢ଼ିଲା । ସେ ତାଙ୍କ ରାଜନଗରକୁ ମଧ୍ୟ ଗଲେ, ସେଠାରେ ତାଙ୍କ ପତ୍ନୀ ଯଶୋଧାରା ଓ ପୁତ୍ର ରାହୁଲ ତାହାଙ୍କ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏହି ଭାବରେ ସେ ଏକ ବୃହତ୍ ବୌଦ୍ଧସଂଘ (ଦଳ) ଗଠନ କଲେ । ସ୍ୱଧର୍ମ ଶିକ୍ଷା ଦେଇ ଦେଇ ଶେଷରେ ୮୦ ବର୍ଷ ବୟସରେ ବୁଦ୍ଧଦେବ ଅସାର ଶରୀର ତ୍ୟାଗକଲେ ।

ବୌଦ୍ଧଧର୍ମର ଶିକ୍ଷା—ଈଶ୍ୱର କିଏ ଓ ଜୀବାତ୍ମା ସଙ୍ଗେ ପରମାତ୍ମାଙ୍କ ସମ୍ବନ୍ଧ କଅଣ, ଏ ସମ୍ବନ୍ଧରେ ବୁଦ୍ଧଦେବ କୌଣସି ସ୍ଥାନରେ କିଛି କହି ନାହାନ୍ତି । ଏହି ଦୁରୂହ ବିବାଦରୁ ଦୂରରେ ରହିବାପାଇଁ ସେ ନିଜ ଶିଷ୍ୟମାନଙ୍କୁ କହିଅଛନ୍ତି । ତେଣୁ କେହି କେହି ଭ୍ରମ କରନ୍ତି ଯେ, ବୌଦ୍ଧଧର୍ମ ନାସ୍ତିକ, କିନ୍ତୁ ଏହା ଠିକ୍ ନୁହେ । ନିଜର ଆଚରଣ ଠିକ୍ ରଖିବାପାଇଁ ବୁଦ୍ଧଦେବ ଶିଷ୍ୟମାନଙ୍କୁ ଉପଦେଶ ଦେଇଅଛନ୍ତି । ତାଙ୍କ ଉପଦେଶର ସାର ମର୍ମ ଏହି ଯେ—ମନୁଷ୍ୟ ନିଜ ସୁକର୍ମ ବା ଦୁଷ୍କର୍ମର ଫଳରେ ଉନ୍ନତି ବା ଅବନତି ଲାଭ କରେ । ଈଶ୍ୱର କାହାର ପାପପୁଣ୍ୟରେ ଭାଗୀ ନୁହନ୍ତି । ସେହି ହେତୁରୁ ଯେତେ ଦିନଯାଏ ଲୋକ ନିଜ ଆଚରଣ ଠିକ୍ ରଖି କର୍ମରୁ ମୁକ୍ତିଲାଭ ନ କରିବ, ସେତେଦିନ ପର୍ଯ୍ୟନ୍ତ ତାକୁ ମୋକ୍ଷ ମିଳିବ ନାହିଁ । ସେ କହିଛନ୍ତି ଯେ, ବାସନା ସକଳ ପ୍ରକାର କର୍ମର ମୂଳ ଓ ବାସନା ବା ଇଚ୍ଛାକୁ ଜୟ କରି ପାରିଲେ ଲୋକକୁ କର୍ମବନ୍ଧନରେ ପଡ଼ିବାକୁ ହେବ ନାହିଁ । ନିଜର ଆଚରଣକୁ ଠିକ୍ କରିବାକୁ ହେଲେ ଜୀବ ପ୍ରତି ଦୟା କରିବା, ସତ୍ୟ କହିବା, ପବିତ୍ର ହୋଇ ରହିବା, ଉତ୍ତମ କାର୍ଯ୍ୟମାନ କରିବା, ଚୋରି ନ କରିବା, ହିଂସା ନ କରିବା, ମିଥ୍ୟା ନ କହିବା, ଘୃଣା ନ କରିବା ପ୍ରଭୃତି ଆବଶ୍ୟକ ବୋଲି ସେ ବାରମ୍ବାର ଅତି ଉତ୍ତମ ଉପଦେଶ ଦେଇଅଛନ୍ତି ।

ତ୍ରିପିଟକ

ଏହି ଉପଦେଶ ଅନୁସାରେ ଚାଲିଲେ ମନୁଷ୍ୟ ନିଶ୍ଚୟ ପ୍ରକୃତ ଉନ୍ନତିଲାଭ କରି ପାରିବ । ବୁଦ୍ଧଦେବଙ୍କ ମୃତ୍ୟୁ ପରେ ତାହାଙ୍କ ଶିଷ୍ୟମାନେ ତତ୍‌ପ୍ରଦତ୍ତ ଉପଦେଶାବଳୀ ସଂଗ୍ରହ କଲେ । ଏହି ସଂଗ୍ରହ 'ତ୍ରିପିଟକ' ନାମରେ ଅଭିହିତ । ଏହି ଉପଦେଶଗୁଡ଼ିକ ଅତ୍ୟନ୍ତ ଉଦାର ଓ ସରଳ ଅଟେ ।

Digitized by srujanika@gmail.com

ମହାତ୍ମା ମହାବୀର ଓ ଜୈନଧର୍ମ—ଏହି ସମୟରେ ଭାରତରେ ଜୈନଧର୍ମ ନାମକ ଆଉ ଗୋଟିଏ ମହାଧର୍ମର ଉଦୟ ହୋଇଥିଲା । 'ଜୈନ' ଶବ୍ଦ 'ଜିନ' ଶବ୍ଦରୁ ଉତ୍ପନ୍ନ । ଜିନ ଶବ୍ଦର ଅର୍ଥ ପବିତ୍ର । ବୌଦ୍ଧଧର୍ମର ପୂର୍ବେ ଏହି ଧର୍ମର ଅସ୍ତିତ୍ୱ ଥିବାର ନିଦର୍ଶନ ମିଳୁଅଛି; କିନ୍ତୁ ସେତେବେଳେ ଏହା ଦେଶରେ ବିଶେଷରୂପେ ବ୍ୟାପି ନ ଥିଲା । ବର୍ତ୍ତମାନ ମହାବୀର ନାମକ ଜୈନାଚାର୍ଯ୍ୟ ଏହି ଧର୍ମର ବିଶେଷ ବିସ୍ତାର କରିଥିଲେ । ତେଣୁ ତାଙ୍କୁ ଏହାର ଯଥାର୍ଥ ପ୍ରବର୍ତ୍ତକ ବୋଲାଯାଏ । କଥିତ ଅଛି ଯେ, ମହାବୀରଙ୍କ ପୂର୍ବେ ୨୩ ଜଣ ଧର୍ମାଚାର୍ଯ୍ୟ ଏହି ଧର୍ମ ମତର ପ୍ରଚାର କରିଥିଲେ । ସେମାନେ ତୀର୍ଥଙ୍କର ନାମରେ ଅଭିହିତ । ପରେଶନାଥ ତ୍ରୟୋବିଂଶ ଏବଂ ମହାବୀର ଚତୁର୍ବିଂଶ ତୀର୍ଥଙ୍କରରୂପେ ପ୍ରସିଦ୍ଧ ।

ମହାବୀର ପ୍ରାୟ ବୁଦ୍ଧଦେବଙ୍କ ସମକାଳୀନ ଥିଲେ । ପାଟନାର ଉତ୍ତରରେ ଥିବା ବୈଶାଳୀର ଏକ ସର୍ଦ୍ଦାର ବଂଶରେ ପ୍ରାୟ ଖ୍ରୀଷ୍ଟପୂର୍ବ ୫୪୯ ଅବ୍ଦରେ ଏ ମହାତ୍ମା ଜନ୍ମଗ୍ରହଣ କରିଥିଲେ । ବୁଦ୍ଧଦେବଙ୍କ ପରି ଏ ମହାତ୍ମା ମଧ୍ୟ ଯୁବାକାଳରେ ସତ୍ୟଧର୍ମର ଅନୁସନ୍ଧାନ ନିମିତ୍ତ ଗୃହ ତ୍ୟାଗ କରିଥିଲେ । ଏହି ସମୟରେ ଏ ଦେଶରେ ଧର୍ମ ନାମରେ ବହୁତ ଜୀବହିଂସା ହେଉଥିଲା । ବୁଦ୍ଧଦେବ ଓ ମହାବୀର ଏହି ନିଷ୍ଠୁର ବ୍ୟବହାରର ପ୍ରଭାବ ବିଶେଷଭାବରେ ଅନୁଭବ କରିଥିଲେ । ଏହା ପରେ ମହାବୀର ଯେତେବେଳେ ସତ୍ୟଧର୍ମର ପ୍ରକୃତ ତତ୍ତ୍ୱ ଅବଗତ ହେଲେ, ସେତେବେଳେ ସେ ମଧ୍ୟ ଦେଶଗ୍ରାମ ବୁଲି ବୁଲି ତାହା ପ୍ରଚାର କରିବାକୁ ଲାଗିଲେ । ସେ ବିଶେଷତଃ ବିହାର ଅଞ୍ଚଳରେ ସ୍ୱଧର୍ମ ପ୍ରଚାର କରିଥିଲେ । ପରବର୍ତ୍ତୀ କାଳରେ ତାହାଙ୍କର ଶିଷ୍ୟମାନଙ୍କ ଦ୍ୱାରା ଏହି ଧର୍ମ ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ପ୍ରଚାରିତ ଓ ବିସ୍ତୃତ ହେଲା । ଆଜିକାଲି ରାଜସ୍ଥାନ, ଯୁକ୍ତପ୍ରଦେଶ ଏବଂ ବୋମ୍ବାଇ ପ୍ରଭୃତି ପ୍ରଦେଶରେ ଅନେକ ଜୈନମତାବଲମ୍ବୀ ଲୋକ ଦେଖାଯାଆନ୍ତି । ଏମାନଙ୍କର ସଂଖ୍ୟା ପନ୍ଦର ଲକ୍ଷରୁ ଅଧିକ ହେବ । ମହାବୀର କ୍ରମାନ୍ୱୟରେ ତିରିଶ ବର୍ଷକାଳ ସ୍ୱଧର୍ମ ପ୍ରଚାର କରି ପାଟନା ଜିଲ୍ଲାର ଅନ୍ତର୍ଗତ ପାବା ନାମକ ନଗରରେ ୭୨ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ ।

ଜୀବନଚରିତ

Digitized by srujanika@gmail.com

ଜୈନଧର୍ମର ଉପଦେଶ ଅହିଂସାର ଅତ୍ୟୁଚ୍ଚ ସୋପାନକୁ ଅବଲମ୍ବନ କରିଅଛି । କେବଳ ମନୁଷ୍ୟଜାତି ପ୍ରତି ପ୍ରେମ କରିବା ଏହି ଧର୍ମର ଶିକ୍ଷା ନୁହେଁ; ପରନ୍ତୁ ପୃଥିବୀର ସମଗ୍ର ଜୀବ ପ୍ରତି ଦୟା ଓ ପ୍ରେମ କରିବାକୁ ଏହି ଧର୍ମ ଶିକ୍ଷା ଦେଇଅଛି । ଏହି ଧର୍ମମତରେ ମନୁଷ୍ୟଜୀବନ କେବଳ ଭୋଗବିଳାସ ଓ ସ୍ୱାର୍ଥସାଧନ ନିମନ୍ତେ ଅଭିପ୍ରେତ ନୁହେଁ; ପରନ୍ତୁ କଠୋର ସଂଯମ ଏବଂ ତପସ୍ୟା ପାଇଁ ମନୁଷ୍ୟ ସୃଷ୍ଟି ହୋଇଅଛି । ପଶୁମାନଙ୍କ ଚିକିତ୍ସା ପାଇଁ ମଧ୍ୟ ମହାବୀର ପଶୁଚିକିତ୍ସାଳୟ ପ୍ରତିଷ୍ଠା କରାଇଥିଲେ । ଏହି ହେତୁରୁ ଅଦ୍ୟକାଳ ମଧ୍ୟ ଜୈନମାନେ ଗୋଶାଳା ଓ ଧର୍ମଶାଳା ପ୍ରଭୃତି ପବିତ୍ର ଅନୁଷ୍ଠାନମାନଙ୍କରେ ବହୁତ ଧନ ବ୍ୟୟ କରିବାର ଦେଖାଯାଏ । ମହାବୀର ପ୍ରଚାର କରିଅଛନ୍ତି ଯେ, ଏହି ପ୍ରକାର ସଂଯମ ଓ ନିୟମଦ୍ୱାରା ମନୁଷ୍ୟ ଆପଣା କର୍ମବନ୍ଧନରୁ ମୁକ୍ତିଲାଭ କରି ପାରେ ।

ଜୈନଧର୍ମର ଶିକ୍ଷା

ଜୈନଧର୍ମ ଓ ବୌଦ୍ଧଧର୍ମର ତୁଳନା—ଏହି ଦୁଇ ଧର୍ମରେ ଅନେକ ବିଷୟରେ ସମତା ଅଛି । ଏହି ଦୁଇ ମତ ପ୍ରାୟ ଏକପ୍ରକାରରେ ଉତ୍ପନ୍ନ । ଉଭୟେ ସ୍ୱୀକାର କରନ୍ତି ଯେ, ଈଶ୍ୱର କାହାରିକୁ ସୁଖ ବା ଦୁଃଖ ଦିଅନ୍ତି ନାହିଁ ବା ତହିଁରୁ ମୁକ୍ତ କରି ପାରନ୍ତି ନାହିଁ । ନିଜର କର୍ମଫଳରେ ମନୁଷ୍ୟ ଉନ୍ନତି ଓ ଅବନତି ଲାଭ କରି ପାରେ ଓ ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟର କର୍ମର ସମ୍ପୂର୍ଣ୍ଣ ଲୋପ ହୋଇ ନ ଥାଏ, ସେତେଦିନ ପର୍ଯ୍ୟନ୍ତ ଜୀବନକୁ ଏ ସଂସାରରେ ଥରକୁଥର ଜନ୍ମଗ୍ରହଣ କରିବାକୁ ଓ ମରିବାକୁ ପଡ଼େ; ଅତଏବ ନିଜର ଆଚରଣର ସଂସ୍କାର କରିବାହିଁ ମୁକ୍ତିର ଏକମାତ୍ର ଉପାୟ ଅଟେ । ବୌଦ୍ଧ ଓ ଜୈନ ଉଭୟ ମତ ସନ୍ନ୍ୟାସ-ଧର୍ମର ପକ୍ଷପାତୀ ଏବଂ ସର୍ବସାଧାରଣଙ୍କ ପାଇଁ ମୁକ୍ତି ବା ନିର୍ବାଣର ବାଟ ଖୋଲି ଦେଇଅଛନ୍ତି । ଏହି ଦୁଇ ଧର୍ମମତରେ ସାମାନ୍ୟ ମାତ୍ର ଭେଦ ଅଛି ଏବଂ ଜୈନମାନେ କହନ୍ତି ଯେ, ସେମାନଙ୍କର ଧର୍ମ ସୃଷ୍ଟିର ଆଦିକାଳରୁ ଅଛି ଏବଂ ମହାବୀର ସେମାନଙ୍କ ଧର୍ମର ଜଣେ ପ୍ରବର୍ତ୍ତକ ମାତ୍ର; ପରନ୍ତୁ ବୁଦ୍ଧଦେବଙ୍କଠାରୁ ତାଙ୍କ ଧର୍ମର ଉତ୍ପତ୍ତି ହୋଇଅଛି ବୋଲି ବୌଦ୍ଧମାନେ କହନ୍ତି ଏବଂ ବୁଦ୍ଧଦେବଙ୍କୁ ଈଶ୍ୱରପଦବାଚ୍ୟ କରନ୍ତି । ଯଦିଚ ଉଭୟମତାବଲମ୍ବୀମାନେ

Digitized by srujanika@gmail.com

ଦୟାଧର୍ମର ପ୍ରଚାର କରିଅଛନ୍ତି, ତଥାପି ଜୈନମାନେ ଦୟାଧର୍ମକୁ ବିଶେଷ ପ୍ରଧାନ ବୋଲି ମାନନ୍ତି । ଏପରି କି ଜୀବହତ୍ୟା ଭୟରେ ଜୈନମାନେ ରାତିରେ ଦୀପ ଜାଳନ୍ତି ନାହିଁ କିମ୍ବା ରାତିରେ ବେପେଇବାସ କରନ୍ତି ନାହିଁ, ପାଣି ଛାଣିକରି ପିଅନ୍ତି ଏବଂ ବିଷାକ୍ତ ଜୀବମାନଙ୍କୁ ମଧ୍ୟ ହତ୍ୟା କରନ୍ତି ନାହିଁ । ବୌଦ୍ଧଧର୍ମ ଭାରତବର୍ଷ ବାହାରେ ମଧ୍ୟ ପ୍ରଚାରିତ ହୋଇଛି । ଏପରି କି ଧନେ ଏହା ସଂସାରବ୍ୟାପୀ ହୋଇ ପଡ଼ିଥିଲା; କିନ୍ତୁ ଜୈନମତ କେବେ ହେଲେ ଭାରତବର୍ଷର ବାହାରେ ପ୍ରଚାରିତ ହୋଇ ନାହିଁ କିମ୍ବା ବୌଦ୍ଧଧର୍ମ ପରି ପ୍ରସିଦ୍ଧ ହୋଇ ନାହିଁ ।

ନନ୍ଦବଂଶ—ଖ୍ରୀଷ୍ଟପୂର୍ବ ୪୦୦ ଅବ୍ଦରେ ମହାପଦ୍ମ ନନ୍ଦ ଏହି ବଂଶ ସ୍ଥାପନ କରିଥିଲେ । ତାହାଙ୍କର ଆଠଗୋଟି ପୁତ୍ର ଥିଲେ । ସେମାନେ ସମସ୍ତେ ନବ ନନ୍ଦ ନାମରେ ଅଭିହିତ । ସେମାନଙ୍କ ମଧ୍ୟରେ ଧନ ନନ୍ଦ ସମସ୍ତଙ୍କଠାରୁ ବେଶି ପ୍ରସିଦ୍ଧ । ପାଟଳିପୁତ୍ର ନନ୍ଦବଂଶୀୟ ରାଜାମାନଙ୍କର ରାଜଧାନୀ ଥିଲା ।

ନବ ନନ୍ଦ

ସେମାନେ ଅତ୍ୟନ୍ତ ପ୍ରତାପଶାଳୀ ରାଜା ଥିଲେ ଏବଂ ସେମାନଙ୍କ ରାଜ୍ୟ ମଗଧ, କୋଶଳ ଓ କାଶୀ ପ୍ରଦେଶ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେମାନଙ୍କ ସୈନ୍ୟରେ ଦୁଇ ଲକ୍ଷ ପଦାତିକ, କୋଡ଼ିଏ ହଜାର ଅଶ୍ୱାରୋହୀ, ଦୁଇ ହଜାର ରଥାରୋହୀ ଓ ଚାରି ହଜାର ଗଜାରୋହୀ ସୈନ୍ୟ ଥିଲେ । ଧନ ନନ୍ଦଙ୍କ ରାଜତ୍ୱ-କାଳରେ ସିକନ୍ଦର ସାହା (ଆଲେକ୍‌ଜାଣ୍ଡର) ପଞ୍ଜାବର ଏକ ଅଂଶକୁ ଜୟ କରିଥିଲେ ଏବଂ ଆହୁରି କିଛିଦୂର ଅଗ୍ରସର ହେବାକୁ ତାଙ୍କର ବିଚାର ଥିଲା; କିନ୍ତୁ ସେ ନନ୍ଦରାଜାମାନଙ୍କର ଚତୁରଙ୍ଗ ସେନାର ବିବରଣ ଶୁଣି ତାଙ୍କର ଆଉ ଆଗକୁ ବଢ଼ିବାର ସାହସ ନ ହେବାରୁ ସେ ସେହିଠାରୁ ବାହୁଡ଼ି ଗଲେ ।

ସିକନ୍ଦର ବା ଆଲେକଜାଣ୍ଡରଙ୍କ ଯୁଦ୍ଧ—ସିକନ୍ଦର ଇଉରୋପ ମହାଦେଶର ୟୁନାନ୍ ବା ଆଧୁନିକ ଗ୍ରୀସଦେଶ ଅନ୍ତର୍ଗତ ମାସିଡ଼ନ୍ ନାମକ ପ୍ରଦେଶର ରାଜା ଥିଲେ । ସେ ସମଗ୍ର ୟୁନାନ୍ ଦେଶକୁ ଜୟ କରି ଅଧିକାର କରିଥିଲେ । କ୍ରମେ ଅନ୍ୟାନ୍ୟ ଦେଶ ଜୟ କରିବାର ଇଚ୍ଛା ତାଙ୍କ ହୃଦୟରେ ଜାତ ହେଲା । ସେ ପ୍ରକାଣ୍ଡ ସୈନ୍ୟଦଳ ନେଇ ପାରସ୍ୟ ପ୍ରଭୃତି ଦେଶ ଜୟ

Digitized by srujanika@gmail.com

କରି ଖ୍ରୀଷ୍ଟପୂର୍ବ ୩୨୭ ଅବ୍ଦରେ ଭାରତର ପଶ୍ଚିମ ସୀମାରେ ଆସି ପହଞ୍ଚିଲେ । ସେତେବେଳେ ସେଠାରେ ଅନେକ କ୍ଷୁଦ୍ର କ୍ଷୁଦ୍ର ରଜା ରାଜତ୍ୱ କରୁଥିଲେ । ସିକନ୍ଦର ଅନାୟାସରେ ସେମାନଙ୍କ ମଧ୍ୟରୁ କେତେକ ଜଣ ରଜାଙ୍କୁ ପରାସ୍ତ କରି ଝେଲମ୍ ନଦୀ ପାର ହୋଇ ପୁରୁ ନାମକ ଜଣେକ ରଜାଙ୍କୁ ଆକ୍ରମଣ କଲେ । ପୁରୁ ଦୁର୍ବଳ ରଜା ନ ଥିଲେ । ସେ ମଧ୍ୟ ପ୍ରକାଣ୍ଡ ସୈନ୍ୟବଳ ନେଇ ସିକନ୍ଦରଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଆସିଲେ । ଦିନେ ରାତରେ ସିକନ୍ଦର ଗୋପନରେ ନଦୀ ପାର ହୋଇ ହଠାତ୍ ପୁରୁଙ୍କ ସୈନ୍ୟ-ମାନଙ୍କୁ ଆକ୍ରମଣ କଲେ । ଦୁଇ ପକ୍ଷଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା, ଦୁର୍ଭାଗ୍ୟ-ବଶତଃ ପୁରୁଙ୍କ ହାତୀମାନେ ଆହତ ହୋଇ ପଛକୁ ହଟିଲେ ଏବଂ

ସକନ୍ଦର

ରଜା ପୁରୁ

ଏଥିଯୋଗୁଁ ପୁରୁଙ୍କ ନିଜର ସେନାଦଳ ମଧ୍ୟରେ ମହା ହୁଲସ୍ଥୁଲ କାଣ୍ଡ ଘଟିଲା । ଏଥିଯୋଗୁଁ ପୁରୁ ହାରିଗଲେ ଓ ସିକନ୍ଦରଙ୍କ ସେନାଙ୍କ ଦ୍ୱାରା ବନ୍ଦୀ ହେଲେ । ସେ ବନ୍ଦୀଭାବରେ ସିକନ୍ଦର ପାଖାଙ୍କ ଛାମୁକୁ ଆଣୀତ ହୁଅନ୍ତେ ସିକନ୍ଦର ତାଙ୍କୁ ପଚାରିଲେ, "କହନ୍ତୁ, ଆମ୍ଭେ ଆପଣଙ୍କ ସଙ୍ଗେ କପରି ବ୍ୟବହାର କରିବୁଁ ?" ପୁରୁ ନିର୍ଭୀକଭାବରେ ଉତ୍ତର କଲେ, "ରଜାଙ୍କ ସଙ୍ଗେ ରଜା ଯେଉଁପରି ବ୍ୟବହାର କରନ୍ତି, ଆପଣ ଆମ୍ଭ ସଙ୍ଗେ ସେହିପରି ବ୍ୟବହାର କରିବେ ।" ସିକନ୍ଦର ପୁରୁଙ୍କର ଏହି ସାହସିକ ଉତ୍ତର ଶୁଣି ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ତାହାଙ୍କୁ କେବଳ ଜିଣିଥିବା ନିଜ ରାଜ୍ୟ ଲେଉଟାଇ ଦେଇ କ୍ଷାନ୍ତ ହେଲେ ନାହିଁ ପରନ୍ତୁ ତହିଁ ସହିତ ସିକନ୍ଦର ଜିଣିଥିବା ଅନ୍ୟ କେତେକ ରାଜ୍ୟ ମଧ୍ୟ ପୁରୁଙ୍କୁ ପ୍ରଦାନ କଲେ । ସିକନ୍ଦର ଆହୁରି

Digitized by srujanika@gmail.com

କିଛିଦୂର ଅଗ୍ରସର ହେବାକୁ ଇଚ୍ଛା କରୁଥିଲେ, କିନ୍ତୁ ସେଠାରୁ ବାହୁଡ଼ିଲେ । ସିକନ୍ଦର ଭାରତରୁ ବାହୁଡ଼ି ଯିବାବେଳେ ବିଜିତ ପ୍ରଦେଶମାନଙ୍କରେ ନିଜର କେତେକ ସୈନ୍ୟ ଓ ଜଣେ ପ୍ରତିନିଧିଙ୍କୁ ରଖିଗଲେ ।

ନନ୍ଦବଂଶର ପତନ (ଚନ୍ଦ୍ରଗୁପ୍ତଙ୍କ ରାଜ୍ୟ)—ନନ୍ଦବଂଶର ଶେଷ ରାଜା ମୁରାନାମ୍ନୀ ଶୂଦ୍ରାଣୀକୁ ବିବାହ କରିଥିଲେ । ସେହି ଶୂଦ୍ରାଣୀ ଗର୍ଭରୁ ଯେଉଁ ପୁତ୍ର ଜନ୍ମିଲେ ତାହାଙ୍କର ନାମ ଚନ୍ଦ୍ରଗୁପ୍ତ ରଖିଲେ । ବାଲ୍ୟାବସ୍ଥାରେ ଚନ୍ଦ୍ରଗୁପ୍ତଙ୍କ ବୁଦ୍ଧି ଅତ୍ୟନ୍ତ ତୀକ୍ଷ୍ଣ ଥିବାର ଦେଖି ଅନ୍ୟ ଭାଇମାନେ ଈର୍ଷାନ୍ୱିତ ହୋଇ ଚନ୍ଦ୍ରଗୁପ୍ତଙ୍କୁ ଦେଖି ପାରୁ ନ ଥିଲେ ଏବଂ ଅବଶେଷରେ ଛଳନା-କ୍ରମେ ତାଙ୍କଠାରେ କୌଣସି ଅପରାଧର ଆରୋପ କରି ତାଙ୍କୁ ରାଜ୍ୟରୁ ତଡ଼ାଇଲେ । କଥିତ ଅଛି ଯେ ଚନ୍ଦ୍ରଗୁପ୍ତ ସିକନ୍ଦରଙ୍କ ସଙ୍ଗେ ରହି ନାନା ଯୁଦ୍ଧକୌଶଳ ଶିଖିଥିଲେ ଏବଂ ଶେଷରେ ସିକନ୍ଦର ଭାରତରୁ ବାହୁଡ଼ିଯିବା ପରେ ଚନ୍ଦ୍ରଗୁପ୍ତ ସେନା ସଂଗ୍ରହ କରି ସିକନ୍ଦର ଭାରତରେ ଯେଉଁ ଯୁନାନୀ ଶାସକଙ୍କୁ ରଖିଯାଇଥିଲେ ତାଙ୍କୁ ପରାସ୍ତ କରି ସମଗ୍ର ପଞ୍ଜାବ ଦେଶକୁ ଆପଣା ଅଧିକାରରେ ଆଣିଲେ । ଦୈବକ୍ରମେ ଚନ୍ଦ୍ରଗୁପ୍ତଙ୍କୁ ଜଣେ ବିଶେଷ ରାଜନୀତି-ବିଶାରଦ ବ୍ରାହ୍ମଣ ମନ୍ତ୍ରୀ ମିଳିଗଲେ । ଏହି ମହାମନ୍ତ୍ରୀଙ୍କ ନାମ ଚାଣକ୍ୟ ।

ଚାଣକ୍ୟ

ଚାଣକ୍ୟଙ୍କ ସହାୟତାରେ ଚନ୍ଦ୍ରଗୁପ୍ତ ସମଗ୍ର ନନ୍ଦବଂଶର ଧ୍ୱଂସ ସାଧନ କଲେ ଓ ସ୍ୱୟଂ ମଗଧ ସିଂହାସନ ଆରୋହଣ କଲେ । ଚନ୍ଦ୍ରଗୁପ୍ତଙ୍କ ମାତାଙ୍କ ନାମାନୁସାରେ ତାହାଙ୍କ ନାମ ମୌର୍ଯ୍ୟ ହେଲା ଓ ତାଙ୍କ ରାଜବଂଶ ମୌର୍ଯ୍ୟବଂଶ ନାମରେ ପରିଚିତ ହେଲା ।

ମୌର୍ଯ୍ୟବଂଶ—ଚନ୍ଦ୍ରଗୁପ୍ତ ଏହି ବଂଶର ପ୍ରବର୍ତ୍ତକ ହେଲେ । ମନ୍ତ୍ରୀ ଚାଣକ୍ୟଙ୍କ ସାହାଯ୍ୟରେ ଏ ନିଜ ରାଜ୍ୟକୁ ବହୁଦୂର ପର୍ଯ୍ୟନ୍ତ ବଢ଼ାଇଥିଲେ । କିଛିଦିନ ମଧ୍ୟରେ ମୌର୍ଯ୍ୟବଂଶର ଜୟପତାକା ସମଗ୍ର ଉତ୍ତରଭାରତରେ ଫର ଫର ହୋଇ ଉଡ଼ିଲା । ସିକନ୍ଦରଙ୍କ ସେନାପତି ସେଲ୍ୟୁକସ୍ ତାହାଙ୍କଠାରୁ ପଞ୍ଜାବ ଛଡ଼ାଇ ନେବାକୁ ପ୍ରବଳ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇ ପାରିଲେ ନାହିଁ ।

ସେଲ୍ୟୁକସ୍

ଚନ୍ଦ୍ରଗୁପ୍ତ ତାହାଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ; ତେଣୁ ସେ ବାଧ୍ୟ ହୋଇ ଚନ୍ଦ୍ରଗୁପ୍ତଙ୍କ ସଙ୍ଗେ ସନ୍ଧି କଲେ ଓ ଚନ୍ଦ୍ରଗୁପ୍ତଙ୍କ ସଙ୍ଗେ ନିଜ କନ୍ୟାର ବିବାହ କରାଇଲେ । ଭାରତବର୍ଷର ଅବସ୍ଥା ଜାଣିବା ପାଇଁ

Digitized by srujanika@gmail.com

ସେଲ୍ୟୁକସ୍ ଜଣ ଦୂତ ମେଗାସ୍ଥିନିସଙ୍କୁ ପାଟନାକୁ ପଠାଇଥିଲେ । ମେଗାସ୍ଥିନିସ ପାଞ୍ଚ ବର୍ଷ ପାଟନାରେ ଥିଲେ ଏବଂ ସେଠାରେ ଯାହା ଯାହା ଦେଖିଥିଲେ ଓ ଶୁଣିଥିଲେ ତାହାଁର ବିବରଣୀ ଗ୍ରୀକ ଭାଷାରେ ଲେଖି ରଖିଯାଇ ଅଛନ୍ତି ।

ମେଗାସ୍ଥିନିସଙ୍କ ଭାରତବର୍ଣ୍ଣନ—ମେଗାସ୍ଥିନିସ ଲେଖିଅଛନ୍ତି, ସେ ସମୟରେ ଭାରତବର୍ଷ ଅତ୍ୟନ୍ତ ସମୃଦ୍ଧିସମ୍ପନ୍ନ ଓ ସଭ୍ୟ ଦେଶ ଥିଲା । ସେତେବେଳେ ଏ ଦେଶରେ ବଡ଼ ବଡ଼ ରାଜାମାନେ ରାଜତ୍ୱ କରୁଥିଲେ । ଅନ୍ଧ୍ରମାନେ ଦାକ୍ଷିଣାତ୍ୟରେ ବିସ୍ତୃତ ରାଜ୍ୟ ସ୍ଥାପନ କରିଥିଲେ । ପ୍ରକାଣ୍ଡ ସେନା, ଅନେକ ଦୁର୍ଗ ଓ ନଗର ସେମାନଙ୍କର ଅଧୀନ ଥିଲା । ସୌରାଷ୍ଟ୍ର (ଗୁଜରାଟ) ରେ ସୌରାଷ୍ଟ୍ରମାନଙ୍କର ରାଜ୍ୟ ଥିଲା । ସେମାନେ ବାଣିଜ୍ୟ କରୁଥିଲେ, ତେଣୁ ଖୁବ୍ ଧନୀ ଥିଲେ । ମେଗାସ୍ଥିନିସ ଲେଖିଅଛନ୍ତି ଯେ, ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱରେ ଗ୍ରାମ ଓ ସହରର ଶାସନପ୍ରଣାଳୀ ପୃଥକ୍ ପୃଥକ୍ ଥିଲା । ସହରମାନଙ୍କ ଶାସନ କାର୍ଯ୍ୟ ପରିଚାଳନ ନିମିତ୍ତ ଛଅ ଗୋଟି ସମିତି (ବା ବୋର୍ଡ଼) ଗଠିତ ହୋଇଥିଲା । ପ୍ରତ୍ୟେକ ସମିତିରେ ୫ ଜଣ ଲେଖାଏଁ ସଭ୍ୟ ରହୁଥିଲେ ଏବଂ ସମିତିମାନଙ୍କ ମଧ୍ୟରେ କାର୍ଯ୍ୟର ଭାର ବଣ୍ଟନ କରି ଦିଆଯାଇଥିଲା । ପ୍ରଥମ ସମିତି ଉପରେ ବ୍ୟବସାୟ ଓ ଶିଳ୍ପକଳା ତଦାରଖିବାର ଭାର, ଦ୍ୱିତୀୟ ଉପରେ ବୈଦେଶିକମାନଙ୍କର ଗମନାଗମନର ତତ୍ତ୍ୱାବଧାନ, ତୃତୀୟ ଉପରେ ରାଜ୍ୟର ଜନଗଣନା (ସେନ୍ସସ୍), ଚତୁର୍ଥ ଉପରେ ବାଣିଜ୍ୟ ବେପାର, ପଞ୍ଚମ ଉପରେ ସ୍ୱାସ୍ଥ୍ୟବିଭାଗ ଓ ଷଷ୍ଠ ଉପରେ ରାଜସ୍ୱବିଭାଗର ଭାର ଥିଲା । ଏହାପରି ସୈନ୍ୟ ବିଭାଗର ଭିନ୍ନ ଭିନ୍ନ ବ୍ୟବସ୍ଥାର ଭାର ମଧ୍ୟ କେତେଗୋଟି ସମିତି ଉପରେ ବଣ୍ଟନ କରାଯାଇଥିଲା । କେଉଁ ସମିତି ଉପରେ ରସଦ ଯୋଗାଇବା ଭାର, କାହା ଉପରେ ପଦାତିକ ସୈନ୍ୟମାନଙ୍କ ଭାର, କାହା ଉପରେ ଅଶ୍ୱାରୋହୀ ସୈନ୍ୟଙ୍କର ଓ କାହା ଉପରେ ଗଜାରୋହୀ ସୈନ୍ୟଙ୍କର ଭାର ଥିଲା । ଏହାପରି ମଫସଲର ଶାସନଭାର ମଧ୍ୟ ଭିନ୍ନ ଭିନ୍ନ ସମିତିଙ୍କଠାରେ ବଣ୍ଟା ହୋଇ ଦିଆ ଯାଇଥିଲା । ଏକ ସମିତି ଉପରେ ଜମି ମାପିବା କାର୍ଯ୍ୟ, ଦ୍ୱିତୀୟ ଉପରେ କେନାଲ ଓ ମଫସଲ ପାଇଁ କ୍ଷେତରେ ଜଳ ମଡ଼ାଇବା କାର୍ଯ୍ୟ, ତୃତୀୟ ଉପରେ ସଡ଼କ ଏବଂ ପୋଲମାନଙ୍କ ରକ୍ଷଣାବେକ୍ଷଣର ଭାର, ଚତୁର୍ଥଦାରେ ରାଜସ୍ୱ ଅସୁଲ

Digitized by srujanika@gmail.com

କାର୍ଯ୍ୟ, ପଞ୍ଚମଠାରେ ବିଦ୍ୟାଳୟ ଓ ଷଷ୍ଠ ସମିତିଠାରେ ହାସପାତାଳ (ଡାକ୍ତରଖାନା) ପ୍ରଭୃତିର ପରିଚାଳନ ଭାର ଦିଆଯାଇଥିଲା । ଏହା ଛଡ଼ା ଅନ୍ୟର କେତେକ ଶାସନ ବିଭାଗ ମଧ୍ୟ ଥିଲା । ଏଥିରୁ ଅମ୍ଭେମାନେ ସହଜରେ ଅନୁମାନ କରିପାରୁଅଛୁଁ ଯେ, ସେକାଳରେ ଭାରତବର୍ଷ ଅନ୍ୟାନ୍ୟ ଦେଶ ତୁଳନାରେ ଅଧିକତର ଉନ୍ନତ ଓ ସଭ୍ୟ ଥିଲା । ସଡ଼କ ପାଖରେ ଦୂରତ୍ୱ ନିର୍ଦ୍ଦେଶକ ପଥରମାନ ପୋତା ହୋଇଥିଲା ଓ ଛାୟା ହେବାପାଇଁ ବଡ଼ ବଡ଼ ଗଛମାନ ରୋପିତ ହୋଇଥିଲା । ମନୁଷ୍ୟମାନଙ୍କ ପାଇଁ ଡାକ୍ତରଖାନା ଛଡ଼ା ପଶୁମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ହାସପାତାଳମାନ ଥିଲା ।

ସେକାଳରେ ସମାଜ ସାତଗୋଟି ଶ୍ରେଣୀରେ ବିଭକ୍ତ ଥିଲା । ଯଥା :— ଦାର୍ଶନିକ, ମନ୍ତ୍ରୀ, ସୈନିକ, ଶିଳ୍ପକଳାବିତ୍, କୃଷକ, କାରିଗର ଓ ପଶୁପାଳକ । ସେକାଳରେ ସାମାଜିକ ଅବସ୍ଥା ଯାହା ଥାଉ ପଛକେ ମେଗାସ୍ଥେନିସ ଲେଖିଅଛନ୍ତି ଯେ, ଲୋକେ ଧାର୍ମିକ ଓ ସତ୍ୟବାଦୀ ଥିଲେ । ବିଳାସିତାର ଉପକରଣର ଅଭାବ ନ ଥିଲା । ତଥାପି ସେମାନେ ସରଳ ଓ ନିରାଡ଼ମ୍ବର ଜୀବନ ଯାପନ କରିବାକୁ ସୁଖ ପାଉଥିଲେ । ସମଗ୍ର ଦେଶରେ ସୁଖ ଶାନ୍ତି ବିରାଜିତ ଥିଲା । ଚୋରିର ନାମଗନ୍ଧ ନ ଥିଲା । କେହି ଆପଣା ଘରେ କୋଳପ ପକାଉ ନ ଥିଲେ, ଅପରାଧ ସଂଖ୍ୟା ମଧ୍ୟ ଅତି ଅଳ୍ପ ଥିଲା । ସ୍ତ୍ରୀମାନେ ପବିତ୍ର ଓ ପତିବ୍ରତା ଥିଲେ । ଗୋଲାମୀ (ଚିରଦାସତ୍ୱ ପ୍ରଥା) ପ୍ରଚଳିତ ନ ଥିଲା ।

ଚନ୍ଦ୍ରଗୁପ୍ତଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ବିନ୍ଦୁସାର ରାଜା ହେଲେ । ସେ ପୂର୍ବ ପରି ଶାନ୍ତି ଓ ନ୍ୟାୟ ସହକାରେ ୨୭ ବର୍ଷ ରାଜ୍ୟ ପାଳିଲେ । ଏହାଙ୍କ ସଙ୍ଗେ

ବିନ୍ଦୁସାର

ମିତ୍ରତା ସ୍ଥାପନ କରିବାପାଇଁ ମିଶର, ଗ୍ରୀସ୍ ଦେଶର ବାକ୍‌ଟ୍ରିୟା ପ୍ରଦେଶରୁ ଦୂତ ଆସିଥିଲେ । ତାହାଙ୍କ ରାଜତ୍ୱରେ ଉଲ୍ଲେଖଯୋଗ୍ୟ କୌଣସି ବିଶେଷ ଘଟଣା ଘଟି ନାହିଁ କିମ୍ବା ସେ ବିଷୟରେ କିଛି ଠିକଣା ମିଳ ନାହିଁ । ତତ୍ପରେ ତାଙ୍କ ସୁପ୍ରସିଦ୍ଧ ପୁତ୍ର ଅଶୋକ ରାଜା ହେଲେ । ଅଶୋକଙ୍କ ଶିଳାଲିପିରୁ ବିନ୍ଦୁସାରଙ୍କ ସୁଶାସନର ସାମାନ୍ୟ ମାତ୍ର ଠିକଣା ମିଳେ ।

ସମ୍ରାଟ୍ ଅଶୋକ—ଅଶୋକ ପ୍ରଥମେ ଅତ୍ୟନ୍ତ ପ୍ରଚଣ୍ଡ ସ୍ୱଭାବର ରାଜା ଥିଲେ । କିମ୍ବଦନ୍ତୀ ଅଛି ଯେ, ପାଟଣାର ଦକ୍ଷିଣ ପୂର୍ବରେ 'ଅଗମକୁଁଆ'

Digitized by srujanika@gmail.com

ନାମକ ଯେଉଁ କୂଅ ଅଛି, ତାକୁ ଅଶୋକ ଖୋଳାଇଥିଲେ ଏବଂ ମନୁଷ୍ୟମାନଙ୍କୁ ମରାଇ ସେହି କୂଅରେ ଫିଙ୍ଗାଇ ଦେଉଥିଲେ । ସେହି ହେତୁରୁ ଲୋକେ ତାଙ୍କୁ ଚଣ୍ଡାଶୋକ ନାମ ଦେଇଥିଲେ ।

ପ୍ରାରମ୍ଭିକ ଜୀବନ

ସେ ଅନେକଗୁଡ଼ିଏ ଯୁଦ୍ଧ କରିଥିଲେ, କିନ୍ତୁ ଶେଷରେ କଳିଙ୍ଗ ଯୁଦ୍ଧରେ ଅସଂଖ୍ୟ ଲୋକଙ୍କର ମୃତ୍ୟୁ ଦେଖି ତାଙ୍କ ହୃଦୟ ଅତ୍ୟନ୍ତ ଦ୍ରବିଗଲା । ତାଙ୍କ ପ୍ରାଣରେ ଦୟା ଉପୁଜିଲା, ତେଣୁ ଯେଉଁ ଧର୍ମରେ ଦୟା ବିଷୟରେ ପୂର୍ଣ୍ଣ ଶିକ୍ଷା ମିଳିବ, ଅଶୋକ ସେହିପରି ଧର୍ମର ଅନୁସନ୍ଧାନ କରିବାକୁ ଲାଗିଲେ । ସେ ଆଉ ଜୀବହିଂସା କରିବେ ନାହିଁ ବୋଲି ପ୍ରତିଜ୍ଞା କଲେ ଏବଂ ବୌଦ୍ଧଧର୍ମ ଗ୍ରହଣ କଲେ । ତାହାଙ୍କ ସମୟରେ ମଗଧ ସାମ୍ରାଜ୍ୟର ବିସ୍ତୃତି ବହୁତ ବଢ଼ିଗଲା ।

ଅଶୋକ କେବଳ ଯେ ସ୍ୱୀୟ ରାଜ୍ୟ ବିସ୍ତାର କରିଥିଲେ ତାହା ନୁହେଁ ; ସେ ତଦପେକ୍ଷା ଅଧିକ ଗୋଟିଏ ଗୁରୁତର କାର୍ଯ୍ୟ ମଧ୍ୟ ସମାଧାନ କରିଥିଲେ ।

ବୌଦ୍ଧଧର୍ମର ପ୍ରଚାର

ସେ ବୌଦ୍ଧଧର୍ମ ପ୍ରଚାରରେ ତାହାଙ୍କର ସମଗ୍ର ଶକ୍ତି ନିୟୋଗ କରିଥିଲେ । ଅଶୋକଙ୍କ ସମୟରେ ବୌଦ୍ଧମାନେ କେତେଗୁଡ଼ିଏ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ ହୋଇଥିଲେ ଏବଂ ଭିନ୍ନ ଭିନ୍ନ ସମ୍ପ୍ରଦାୟ ପରସ୍ପର ବିରୁଦ୍ଧମତ ମଧ୍ୟ ପ୍ରଚାର କରୁଥିଲେ । ଏହା ଦେଖି ଅଶୋକ ପ୍ରଧାନ ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ଏକତ୍ର କରାଇ ଗୋଟିଏ ସଭା କଲେ ଏବଂ ତହିଁରେ ବୌଦ୍ଧଧର୍ମର ମୂଳ ସିଦ୍ଧାନ୍ତଗୁଡ଼ିକ ନିର୍ଣ୍ଣୟ କରାଇଲେ । ଏହି ସିଦ୍ଧାନ୍ତମାନ ପ୍ରଚାର କରିବାପାଇଁ ସେ ସହସ୍ର ସହସ୍ର ବୌଦ୍ଧଭିକ୍ଷୁ ଗଠନ କରି ସେମାନଙ୍କୁ ଧର୍ମପ୍ରଚାର ଉଦ୍ଦେଶ୍ୟରେ ନାନା ଦେଶକୁ ପଠାଇଲେ । ଏହି ଭାବରେ ସେ ପ୍ରାୟ ସମଗ୍ର ଏସିଆ ଓ ପୂର୍ବ ଇଉରୋପରେ ବୌଦ୍ଧଧର୍ମ ବିସ୍ତାର କରିଥିଲେ । କେବଳ ଏତିକି ନୁହେଁ, ବୌଦ୍ଧଧର୍ମର ଶିକ୍ଷଣୀୟ ମତମାନଙ୍କୁ ଜନସମାଜର ହୃଦୟରେ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ସେ ସାମ୍ରାଜ୍ୟ ମଧ୍ୟରେ ସହସ୍ର ସହସ୍ର ପ୍ରସ୍ତର ସ୍ତୂପ ଓ ସ୍ତମ୍ଭ ନିର୍ମାଣ କରାଇଥିଲେ ଏବଂ ତଦୁପରି ପାଲି ଭାଷାରେ ବୌଦ୍ଧଧର୍ମର ଶିକ୍ଷାସମୂହ ଖୋଦିତ କରାଇଥିଲେ । ଏହି ସମସ୍ତ ସ୍ତୂପ ଓ ସ୍ତମ୍ଭ ଆଜି ମଧ୍ୟ ଅଶୋକଙ୍କର ରାଜ୍ୟ ବିସ୍ତାର ଓ ଧର୍ମାନୁରାଗର ଜ୍ୱଳନ୍ତ ପ୍ରମାଣରୂପେ ବର୍ତ୍ତମାନ । ଆମ୍ଭମାନଙ୍କ ଓଡ଼ିଶାରେ ପୁରୀ ଜିଲ୍ଲାର

Digitized by srujanika@gmail.com



ଦୟାନଦୀ ତୀରବର୍ତ୍ତୀ ଧଉଳି ପାହାଡ଼ରେ; ଗଞ୍ଜାମର ଜଉଗଡ଼ରେ ଏବଂ ବିହାର ପ୍ରଦେଶର ବେତିୟା ନିକଟବର୍ତ୍ତୀ ଲୌରିୟା ଗ୍ରାମରେ ଗୋଟିଏ ସ୍ତମ୍ଭରେ

Digitized by srujanika@gmail.com

ଅଶୋକଙ୍କ ବୌଦ୍ଧଧର୍ମର ଉପଦେଶମାନ ଏପର୍ଯ୍ୟନ୍ତ ଖୋଦିତ ହୋଇ ରହିଅଛି ।

ପ୍ରଜାଙ୍କ ସେବା

ଅଶୋକ ନିଜ ପ୍ରଜାଙ୍କ ମଙ୍ଗଳ ପାଇଁ ନାନା ଉଦ୍ୟୋଗ କରିଥିଲେ । ସେ ବଡ଼ ବଡ଼ ସଡ଼କ ନିର୍ମାଣ କରାଇ ସଡ଼କର ଦୁଇ ପାଖରେ ବୃକ୍ଷ ରୋପଣ କରାଇଥିଲେ ଏବଂ ସ୍ଥାନେ ସ୍ଥାନେ ଧର୍ମଶାଳାମାନ ସ୍ଥାପନ କରିଥିଲେ । ଅନେକ କୂପ ଓ ପୁଷ୍କରିଣୀ ତାହାଙ୍କ ଆଦେଶରେ ଖୋଳା ହୋଇଥିଲା ଓ ରୋଗୀମାନଙ୍କ ପାଇଁ ଔଷଧାଳୟମାନ ସ୍ଥାପିତ ହୋଇଥିଲା । ସେ ତାଙ୍କ ରାଜ୍ୟମଧ୍ୟରେ ଜୀବହିଂସା ପ୍ରାୟ ଏକାବେଳକେ ଉଠାଇ ଦେଇଥିଲେ ଏବଂ ପଶୁମାନଙ୍କ ପାଇଁ ପୂର୍ବାପେକ୍ଷା ଆହୁରି ଅନେକ ଚିକିତ୍ସାଳୟ ପ୍ରତିଷ୍ଠିତ କରିଥିଲେ । ଅଶୋକ ବିଦ୍ୟାପ୍ରଚାର କାର୍ଯ୍ୟ ମଧ୍ୟ କମ୍ କରି ନ ଥିଲେ । ସେ କେତେଗୁଡ଼ିଏ ବିଦ୍ୟାଳୟ ଓ କେତେଗୁଡ଼ିଏ ମହା ବିଦ୍ୟାଳୟ ପ୍ରତିଷ୍ଠିତ କରିଥିଲେ । ବିଶେଷତଃ ନାଳନ୍ଦାର ସୁପ୍ରସିଦ୍ଧ ବଡ଼ ବିଶ୍ୱବିଦ୍ୟାଳୟ ମହାରାଜ ଅଶୋକଙ୍କର କୀର୍ତ୍ତି । ସେଠାରେ ଭିନ୍ନ ଭିନ୍ନ ଦେଶରୁ ପ୍ରାୟ ଦଶ ସହସ୍ର ବିଦ୍ୟାର୍ଥୀ ଆସି ଶିକ୍ଷାଲାଭ କରୁଥିଲେ । ଅଶୋକ ପ୍ରାୟ ୪୦ ବର୍ଷ କାଳ ଯଶଃ ଓ ପ୍ରତିଷ୍ଠା ସହକାରେ ରାଜତ୍ୱ କରି ଖ୍ରୀଷ୍ଟପୂର୍ବ ୨୩୨ ଅବ୍ଦରେ ପରଲୋକ ଗମନ କଲେ ।

ମୌର୍ଯ୍ୟବଂଶର ଲୋପ

ତାଙ୍କ ପରେ ମୌର୍ଯ୍ୟବଂଶରେ ଅନ୍ୟ କୌଣସି ପ୍ରସିଦ୍ଧ ରାଜା ରାଜତ୍ୱ କରି ନ ଥିଲେ । କେତେକାଳ ଅଶୋକଙ୍କ ବଂଶଧରମାନେ ରାଜତ୍ୱ କଲେ, ମାତ୍ର ଏଡ଼େ ବିଶାଳ ସାମ୍ରାଜ୍ୟ ରକ୍ଷା କରିବାପାଇଁ ସେମାନଙ୍କ ମଧ୍ୟରୁ କାହାରି ଯୋଗ୍ୟତା ନ ଥିଲା । ଏହି ହେତୁରୁ ଅଶୋକଙ୍କ ମୃତ୍ୟୁର ଅଳ୍ପଦିନ ପରେ ଏହି ବଂଶର ଲୋପ ହେଲା ।

ଆନ୍ଧ୍ର ବଂଶ—ମୌର୍ଯ୍ୟବଂଶର ଅବସାନରେ କ୍ରମାନ୍ୱୟରେ ମିତ୍ରବଂଶ ବା ସୁଙ୍ଗବଂଶ, କଣ୍ୱବଂଶ ଓ ଆନ୍ଧ୍ରବଂଶର ଅଭ୍ୟୁଦୟ ହେଲା । ମିତ୍ରବଂଶ

ମିତ୍ରବଂଶ

ଖ୍ରୀଷ୍ଟପୂର୍ବ ୧୮୪ ଅବ୍ଦରୁ ଖ୍ରୀଷ୍ଟପୂର୍ବ ୭୨ ଅବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ବଂଶୀୟ ରାଜାମାନଙ୍କ ମଧ୍ୟରେ ପୁଷ୍ପମିତ୍ରଙ୍କ ନାମ ଇତିହାସରେ ପ୍ରସିଦ୍ଧ । ଅଶୋକ ଯେଉଁପରି ଭାରତରେ ଓ ଅନ୍ୟାନ୍ୟ

Digitized by srujanika@gmail.com

ଦେଶରେ ବୌଦ୍ଧଧର୍ମ ପ୍ରଚାର କରିଥିଲେ, ପୁଷ୍ପମିତ୍ରଙ୍କ ରାଜତ୍ୱକାଳରେ ସେହିପରି ବ୍ରାହ୍ମଣ୍ୟଧର୍ମର ପୁନରୁତ୍ଥାନ ହୋଇଥିଲା ଓ ସେ ମହା-ସମାରୋହରେ ରାଜସୂୟ ଯଜ୍ଞ କରିଥିଲେ । ଏହି ଯଜ୍ଞରେ ମହର୍ଷି ପତଞ୍ଜଳି ଉପସ୍ଥିତ ଥିଲେ । ମିତ୍ରବଂଶର ଅନ୍ତିମ ରାଜା ଦେବଭୂତିଙ୍କୁ କଣ୍ୱବଂଶୀ

କଣ୍ୱବଂଶ

ବାସୁଦେବ ବ୍ରାହ୍ମଣ ମାରି ପକାଇ ତାଙ୍କ ରାଜ୍ୟ ନେଇଗଲେ । କଣ୍ୱବଂଶୀୟମାନଙ୍କ ରାଜତ୍ୱରେ କୌଣସି ଉଲ୍ଲେଖଯୋଗ୍ୟ ଘଟନା ଘଟି ନ ଥିଲା କିମ୍ବା ସେମାନଙ୍କ ରାଜତ୍ୱ ବହୁକାଳ ସ୍ଥାୟୀ ହୋଇ ନ ଥିଲା । ସେମାନେ ୪୫ ବର୍ଷ ମାତ୍ର ରାଜତ୍ୱ କରିଥିଲେ ଏବଂ ଖ୍ରୀଷ୍ଟପୂର୍ବ ୨୭ ଅବ୍ଦରେ ସେ ବଂଶର ରାଜତ୍ୱର ଅବସାନ ହେଲା ।

ଅନ୍ଧ୍ରମାନେ ଦ୍ରାବିଡ଼ ଥିଲେ । ସେମାନେ ପ୍ରଥମେ ଦାକ୍ଷିଣାତ୍ୟରେ ରାଜତ୍ୱ କରୁଥିଲେ । ଅଶୋକ ଯେତେବେଳେ ବିନ୍ଧ୍ୟାଚଳର ଦକ୍ଷିଣରେ ଅନେକ ଦୂର ପର୍ଯ୍ୟନ୍ତ ମଗଧ ରାଜ୍ୟର ସୀମା ବିସ୍ତାର କରିଥିଲେ, ସେତେବେଳେ ମଧ୍ୟ ଆନ୍ଧ୍ରମାନେ ସୁଦୂର ଦକ୍ଷିଣ ଅଞ୍ଚଳରେ ସ୍ୱାଧୀନ ରାଜା ଥିଲେ ।

ପ୍ରାଚୀନ ଅନ୍ଧ୍ର

ଅଶୋକଙ୍କ ମୃତ୍ୟୁ ପରେ ସେମାନେ ପ୍ରବଳ ହୋଇ ଉଠିଲେ ଏବଂ ଯେତେବେଳେ ଉତ୍ତର ଭାରତରେ ମିତ୍ର ଓ କଣ୍ୱବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ, ସେତେବେଳେ ଅନ୍ଧ୍ରମାନେ ନିଜ ରାଜ୍ୟର ସୀମାକୁ ବିସ୍ତାର କଲେ । କଣ୍ୱବଂଶର ଅନ୍ତ ହେବା ସଙ୍ଗେ ସଙ୍ଗେ ଖ୍ରୀଷ୍ଟପୂର୍ବ ୨୭ ଅବ୍ଦରେ ଅନ୍ଧ୍ରମାନେ ଉତ୍ତର ଭାରତରେ ନିଜ ଅଧିକାର ସ୍ଥାପନ କଲେ । ପ୍ରାଚୀନ ଇତିହାସରେ ଅନାର୍ଯ୍ୟ ଜାତିର ଆର୍ଯ୍ୟଜାତିଙ୍କ ଉପରେ ବିଜୟର ଏହାହିଁ ଏକମାତ୍ର ଉଦାହରଣ । ଉତ୍ତର ଭାରତରେ ଅତିଶୀଘ୍ର ଏମାନେ ରାଜ୍ୟ ପ୍ରତିଷ୍ଠିତ କରି ଅଳ୍ପଦିନ ମଧ୍ୟରେ ଅତ୍ୟନ୍ତ ପ୍ରତାପଶାଳୀ ହୋଇ ପଡ଼ିଲେ ।

ଆର୍ଯ୍ୟମାନଙ୍କ ଉପରେ ଅନାର୍ଯ୍ୟଙ୍କ ବିଜୟ

ଏହି ଅନ୍ଧ୍ରମାନଙ୍କ ରାଜତ୍ୱ ପ୍ରାୟ ୪୦୦ ବର୍ଷ ପର୍ଯ୍ୟନ୍ତ ରହିଥିଲା । ଏମାନଙ୍କ ରାଜତ୍ୱ ସମୟରେ ଅନେକ ବୈଦେଶିକ ଜାତି ଏ ଦେଶ ଆକ୍ରମଣ କଲେ ଏବଂ ଅନ୍ଧ୍ର ରାଜାମାନଙ୍କ ସଙ୍ଗେ ବିଦେଶୀ ଆକ୍ରମଣକାରୀମାନଙ୍କର ବରାବର ବଳ କଷାକଷି ଚାଲିଥିଲା ।

Digitized by srujanika@gmail.com

ଭାରତର ଉତ୍ତର-ପଶ୍ଚିମରେ ଅନେକ ଦୂରରେ ଶକ ନାମରେ ଏକ ଦେଶ ଥିଲା । ଏଠାରେ କେତେକ ଜାତିର ବାସସ୍ଥାନ ଥିଲା । ଏମାନେ ଅନେକ ବାର ଭାରତ ଆକ୍ରମଣ କରିଥିଲେ ଓ ଅନ୍ଧ୍ରମାନଙ୍କ ସହିତ ଯୁଦ୍ଧ କରିଥିଲେ । କିନ୍ତୁ ଜଣାଯାଏ ଯେ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଭାରତର ପ୍ରସିଦ୍ଧ ରାଜା ବିକ୍ରମାଦିତ୍ୟଙ୍କଦ୍ୱାରା ଏମାନେ ସମ୍ପୂର୍ଣ୍ଣରୂପେ ପରାସ୍ତ ହୋଇଥିଲେ ।

ଶକ

ରାଜା ବିକ୍ରମାଦିତ୍ୟ ଏହି ବିଜୟକୁ ଚିରସ୍ମରଣୀୟ କରିବା ନିମନ୍ତେ ଏକ ନୂଆ ସନ ବା ସମ୍ବତ୍ ଚଳାଇଲେ । ଏହା ଖ୍ରୀଷ୍ଟପୂର୍ବ ୫୭ ଅବ୍ଦଠାରୁ ଆରମ୍ଭ ହୋଇଥିଲା ଓ ଏହା ବିକ୍ରମ ସମ୍ବତ୍ ନାମରେ ଆଜିପର୍ଯ୍ୟନ୍ତ ପ୍ରସିଦ୍ଧ । ବିକ୍ରମାଦିତ୍ୟ ଯେପରି ପ୍ରତାପଶାଳୀ ଓ ବିଦ୍ୟାପ୍ରେମିକ ଥିଲେ, ସେହିପରି ମଧ୍ୟ ପ୍ରଜାବତ୍ସଳ ଓ ନ୍ୟାୟପରାୟଣ ଥିଲେ । ତାହାଙ୍କର ନ୍ୟାୟପରାୟଣତା ଆଜି ପର୍ଯ୍ୟନ୍ତ ଘରେ ଘରେ ପ୍ରବଚନରୂପେ ରହିଅଛି । ଶକମାନଙ୍କୁ ପରାଜିତ

ବିକ୍ରମାଦିତ୍ୟ ଶକାରି

କରିଥିବା ହେତୁରୁ ତାହାଙ୍କର ଅନ୍ୟ ନାମ ଶକାରି । ଏହାଙ୍କର ରାଜତ୍ୱକାଳ ସମ୍ବନ୍ଧରେ ଐତିହାସିକମାନଙ୍କର ଭିନ୍ନ ଭିନ୍ନ ମତ ଥିବାର ଜଣାଯାଏ । ଅନେକ ଐତିହାସିକ ଗୁପ୍ତବଂଶର ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କୁ ବିକ୍ରମାଦିତ୍ୟ ବୋଲି ମାନନ୍ତି ଏବଂ ଏହାଙ୍କ ରାଜତ୍ୱକାଳ ଅନ୍ତର ପ୍ରାୟ ୪୦୦ ବର୍ଷ ଆଗକୁ ଘୁଞ୍ଚାଇ ଦେଇଅଛନ୍ତି । ସେ ଯାହା ହେଉ, ଏହା ନିଶ୍ଚିତ ଅଟେ ଯେ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଶକମାନେ ଭାରତ ଆକ୍ରମଣ କରିଥିଲେ; କିନ୍ତୁ ସେମାନଙ୍କ ରାଜତ୍ୱ ସ୍ଥାୟୀ ହୋଇ ନ ଥିଲା । ଏହି ଶକମାନଙ୍କ ମଧ୍ୟରୁ ମିନେଣ୍ଡରଙ୍କର ଆକ୍ରମଣ ସର୍ବାପେକ୍ଷା ପ୍ରସିଦ୍ଧ ।

ସିକନ୍ଦର ଭାରତର ପଶ୍ଚିମ ଭାଗରେ ସାମାନ୍ୟ ଅଂଶ ଜୟ କରିଥିଲେ ଏବଂ ତାହାଙ୍କ ପରେ ସେହି ଅଂଶ ଉପରେ ଗ୍ରୀକ୍‌ମାନଙ୍କର ଆଧିପତ୍ୟ ରହିଥିଲା । ପରେ ଚନ୍ଦ୍ରଗୁପ୍ତ ଏ ସମସ୍ତ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଗ୍ରୀକ୍‌ମାନେ ଏଠାରେ ବାସ କରି ରହିଯାଇଥିଲେ ଏବଂ ମୌର୍ଯ୍ୟବଂଶର ଲୋପ ହେବାରୁ ଏମାନେ ପୁନର୍ବାର ନିଜ ଆଧିପତ୍ୟ ବିସ୍ତାର କଲେ । ମିନେଣ୍ଡର

ମିନେଣ୍ଡର

ନାମରେ ସେମାନଙ୍କର ଜଣେ ପ୍ରସିଦ୍ଧ ସର୍ଦ୍ଦାର ଥିଲେ । ସେ ଖ୍ରୀଷ୍ଟପୂର୍ବ ୧୫୫ ଅବ୍ଦରେ ଭାରତ ଆକ୍ରମଣ କଲେ ଓ ଭାରତର ପଶ୍ଚିମପ୍ରାନ୍ତଠାରୁ ଆରମ୍ଭ କରି ଅନେକ ପ୍ରଦେଶ ଜୟ କରି ଗଙ୍ଗାତୀର

Digitized by srujanika@gmail.com

ପର୍ଯ୍ୟନ୍ତ ଅଗ୍ରସର ହେଲେ । ସେ ମଗଧ ରାଜ୍ୟ ମଧ୍ୟ ଆକ୍ରମଣ କରିଥିଲେ, କିନ୍ତୁ ପୁଷ୍ପମିତ୍ରଙ୍କଦ୍ୱାରା ପରାଜିତ ହେଲେ । ପରେ ସେ ବୌଦ୍ଧଧର୍ମ ଅବଲମ୍ବନ କରି ଆପଣାକୁ ଭାରତୀୟ ବୋଲି ମାନିଲେ । କିନ୍ତୁ ତାଙ୍କ ରାଜ୍ୟ ଅଧିକ କାଳ ସ୍ଥାୟୀ ହୋଇ ନ ଥିଲା । ତାହାଙ୍କ ପରେ କୁଶନ ଜାତୀୟମାନେ ନିଜ ରାଜ୍ୟ ସ୍ଥାପନ କଲେ ।

କୁଶନ ରାଜବଂଶ—ଶକମାନଙ୍କଠାରୁ ଭିନ୍ନ ଶ୍ରେଣୀୟ ହେଲେହେଁ କୁଶନମାନେ ଶକଜାତିର ଗୋଟିଏ ଶାଖା ମାତ୍ର । କନିଷ୍କ ଏହି ବଂଶର ପ୍ରସିଦ୍ଧ ରାଜା । ସେ ରାଜ୍ୟାଭିଷେକକୁ ସ୍ମରଣୀୟ ରଖିବା ନିମନ୍ତେ ଶକାବ୍ଦ ନାମକ ଏକ ସମ୍ବତ୍ ଚଳାଇଲେ । ଏହି ସନ ୭୮ ଖ୍ରୀଷ୍ଟାବ୍ଦ ପରେ ଆରମ୍ଭ

ଶକ ସଂବତ୍

ହୋଇଥିଲା । କନିଷ୍କଙ୍କର ରାଜଧାନୀ ପୁରୁଷପୁର (ଆଧୁନିକ ପେଶାବାର) ଥିଲା । ସେ ବୌଦ୍ଧଧର୍ମାବଲମ୍ବୀ ଥିଲେ ଓ ଅଶୋକଙ୍କ ପରି ବୌଦ୍ଧଧର୍ମ ପ୍ରଚାର ନିମିତ୍ତ କନିଷ୍କ ମଧ୍ୟ ବିଶେଷ ଉଦ୍ୟୋଗ କରିଥିଲେ । ସେ ବୌଦ୍ଧସନ୍ନ୍ୟାସୀମାନଙ୍କର ଗୋଟିଏ ବଡ଼ ସଭା ଆହ୍ୱାନ କରି ତହିଁରେ କେତେକ

ବୌଦ୍ଧମାନଙ୍କ ସଭା

ଜଟିଳ ସମସ୍ୟାର ମୀମାଂସା କରାଇଥିଲେ । ଏହି ସଭାରେ ହୀନଯାନ ଓ ମହାଯାନ ନାମକ ବୌଦ୍ଧଧର୍ମର ଦୁଇଟି ଭିନ୍ନ ଭିନ୍ନ ମାର୍ଗ ସ୍ଥିରୀକୃତ ହୋଇଥିଲା । ଅଶୋକ ଯେଉଁ ମତ ସ୍ଥିର କରିଥିଲେ, ତାହାର ନାମ ହୀନଯାନ ଓ କନିଷ୍କ ଯେଉଁ ମତ ସ୍ଥିର କଲେ ତାହାର ନାମ ମହାଯାନ ନାମରେ କଥିତ ହେଲା । ପ୍ରଥମୋକ୍ତ ମତ ଶୁଦ୍ଧ ବୌଦ୍ଧଧର୍ମ ଥିଲା । ଏହି ମତ ଅନୁସାରେ ବୁଦ୍ଧଦେବଙ୍କୁ ଏହି ମତର ପ୍ରବର୍ତ୍ତକ ଓ ସେ ଈଶ୍ୱରପ୍ରେରିତ ପୃଥିବୀରେ ଆବିର୍ଭୂତ ମହାତ୍ମା ବୋଲି ସ୍ୱୀକାର କରାଯାଉଥିଲା । କିନ୍ତୁ ଏ ମତରେ ଅତ୍ୟଧିକ ପ୍ରଚାର ଫଳରେ ଲୋକେ ଧୀରେ ଧୀରେ ବୁଦ୍ଧଦେବଙ୍କୁ

ସଂସ୍କୃତର ଉନ୍ନତି

ସ୍ୱୟଂ ଈଶ୍ୱର ବୋଲି ଜ୍ଞାନ କରୁଥିଲେ ଓ ତାହାଙ୍କ ମୂର୍ତ୍ତି ନିର୍ମାଣ କରି ତାଙ୍କୁ ଈଶ୍ୱରରୂପେ ପୂଜା କରିବାରେ ଲାଗିଲେ । ଏହି ହେତୁରୁ କନିଷ୍କ ଯେଉଁ ମତ ସ୍ଥିର କରିଥିଲେ, ସେଥିରେ ବୁଦ୍ଧଦେବଙ୍କୁ ଈଶ୍ୱରଙ୍କ ଅବତାର ବୋଲି ସ୍ୱୀକାର କରାଗଲା । ସ୍ଥୂଳତଃ ଉଭୟ ମତ ମଧ୍ୟରେ ଏହି ମାତ୍ର ପାର୍ଥକ୍ୟ । କନିଷ୍କ ମଧ୍ୟ ତିବ୍ବତ, ଚୀନ, ଜାପାନ, ପାରସ୍ୟ, ତାତାର

Digitized by srujanika@gmail.com



ପ୍ରଭୃତ ସୁଦୂର ଦେଶରେ ବୌଦ୍ଧଧର୍ମ ପ୍ରଚାର କରିବା ନିମନ୍ତେ ବୌଦ୍ଧଭିକ୍ଷୁ-ମାନଙ୍କୁ ପଠାଇଥିଲେ । ସେ ଅତ୍ୟନ୍ତ ବିଦ୍ୟାନୁରାଗୀ ଥିଲେ । ତାହାଙ୍କ ସମୟରେ

Digitized by srujanika@gmail.com

ସଂସ୍କୃତ ସାହିତ୍ୟର ସମଧିକ ଉନ୍ନତି ହୋଇଥିଲା । 'ବୁଦ୍ଧଚରିତ' 'ଚରକ ସଂହିତା' ପ୍ରଭୃତି କେତେକ ଉତ୍ତମ ଗ୍ରନ୍ଥ ଏହି ସମୟରେ ରଚିତ ହୋଇଥିଲା । ଏହାଙ୍କ ଶାସନକାଳ ଅତି ଉତ୍ତମ ଥିଲା ଓ ଚୀନ, ତୁର୍କୀସ୍ଥାନ ଓ ୟାରକନ୍ଦ ଇତ୍ୟାଦି ପର୍ଯ୍ୟନ୍ତ ଏହାଙ୍କ ଆଧିପତ୍ୟ ବିସ୍ତୃତ ହୋଇଥିଲା । କନିଷ୍କଙ୍କ ପରେ ହୁବିଷ୍କ ଓ ପ୍ରଥମ ବାସୁଦେବ ନାମକ ରାଜାମାନେ ସିଂହାସନ ଅଧିରୋହଣ କଲେ । ବାସୁଦେବ ବୌଦ୍ଧଧର୍ମ ତ୍ୟାଗ କରି ଶୈବଧର୍ମ ଗ୍ରହଣ କଲେ । ଏହାଙ୍କ ଅମଳରେ ମଧ୍ୟ ଆସିଆରୁ ହୁନମାନେ ଦଳେ ଦଳେ ଆସି କୁଶାନ ସାମ୍ରାଜ୍ୟକୁ ନଷ୍ଟ କରିବାକୁ ଲାଗିଲେ । କୁଶନମାନଙ୍କ ରାଜତ୍ୱକାଳରେ ଭାରତର କୋଟି କୋଟି ଟଙ୍କାର ମୋତି ଓ ରେଶମୀ ଓ ସୂତା ଲୁଗା ବିଦେଶକୁ ରପ୍ତାନି ହେଉଥିଲା । ଭଡ଼ୋଚ ନାମକ ବନ୍ଦର ଦେଶବିଦେଶରେ ପ୍ରସିଦ୍ଧ ଥିଲା ।

ହୂନ

ନବୀନ ହିନ୍ଦୁ ରାଜବଂଶ—(୩୨୦ ଖ୍ରୀଷ୍ଟାବ୍ଦରୁ ୧୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ଅନ୍ଧ୍ରବଂଶ ଭାରତରେ ୮୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏଥିମଧ୍ୟରେ କେତେକ ବୈଦେଶିକ ଜାତି ଆସି ଭାରତରେ ବାସ କରିବାକୁ ଆରମ୍ଭ କରିଥିଲେ, କିନ୍ତୁ ଆନ୍ଧ୍ରବଂଶର ପରେ ପ୍ରାୟ ୧୦୦ ବର୍ଷ ପର୍ଯ୍ୟନ୍ତ କୌଣସି ପ୍ରସିଦ୍ଧ ରାଜା ଭାରତରେ ରାଜତ୍ୱ କରି ନ ଥିଲେ କିମ୍ବା କୌଣସି ସାମ୍ରାଜ୍ୟ ସ୍ଥାୟୀ ହୋଇ ନ ଥିଲା । ଦେଶ ତମାମ ଛୋଟ ଛୋଟ ରାଜାମାନେ ରାଜତ୍ୱ କରୁଥିଲେ ଏବଂ ପ୍ରାୟ ସେମାନଙ୍କର ପରସ୍ପର ମଧ୍ୟରେ ଯୁଦ୍ଧ ବିଗ୍ରହ ଘଟୁଥିଲା । ଗୁପ୍ତରାଜ୍ୟର ପ୍ରତିଷ୍ଠା ପରେ ଏହି ସକଳ ଅଶାନ୍ତି ଦୂରୀଭୂତ ହେଲା ।

ଗୁପ୍ତବଂଶ—ଗୁପ୍ତବଂଶର ରାଜତ୍ୱକାଳ ଭାରତବର୍ଷର ଇତିହାସରେ ପୁନରୁତ୍ଥାନର ଯୁଗ ବୋଲି ପରିଗଣିତ । କନିଷ୍କଙ୍କର ରାଜତ୍ୱପର୍ଯ୍ୟନ୍ତ ବୌଦ୍ଧଧର୍ମ ଉତ୍ତରୋତ୍ତର ପ୍ରସୃତ ହେଉଥିଲା ଓ ବୈଦିକ ଧର୍ମ ପ୍ରାୟ ଲୋପ ପ୍ରାପ୍ତ ହେଉଥିଲା । ଅନ୍ଧ୍ରବଂଶର ଲୋପ ହେବା ପରେ ଭାରତରେ ପ୍ରକାରାନ୍ତରେ ଅରାଜକତା ଘୋଟିଥିଲା ଏବଂ କେତେକ ବୈଦେଶିକ ଜାତିଙ୍କ ଆଗମନ ହେବାରୁ ଭାରତୀୟ ସମାଜରେ ନାନା ବିପ୍ଳବ ଘଟିଥିଲା । ଏହି ସବୁ କାରଣରୁ ଭାରତବର୍ଷର ନିଜତ୍ୱ ନଷ୍ଟ ହେବାକୁ ବସିଥିଲା; କିନ୍ତୁ ଗୁପ୍ତବଂଶର ରାଜାମାନଙ୍କ

Digitized by srujanika@gmail.com

ସମୟରେ ଦେଶ ପୁନର୍ବାର ପୂର୍ବ ଉନ୍ନତିର ସୀମା ଅଧିକାର କଲା । ଏହି ହେତୁରୁ ଆମ୍ଭେମାନେ ଏହାକୁ ପୁନରୁତ୍ଥାନର ଯୁଗ ବୋଲି କହୁଁ ।

ଏହି ବଂଶରେ କେତେ ଜଣ ରାଜା ରାଜତ୍ୱ କରିଥିଲେ । ସେମାନେ ମୌର୍ଯ୍ୟରାଜ ଚନ୍ଦ୍ରଗୁପ୍ତଙ୍କର ପ୍ରାୟ ନିକଟ ସମ୍ପର୍କୀୟ ଥିଲେ । ପ୍ରଥମ ଚନ୍ଦ୍ରଗୁପ୍ତ ୩୨୦ ଖ୍ରୀଷ୍ଟାବ୍ଦରେ ପାଟଳିପୁତ୍ର ସିଂହାସନ ଅଧିକାର କରି ଗୁପ୍ତ ସାମ୍ରାଜ୍ୟର ନିଅଁ ପକାଇଲେ । ଏ ଲିଚ୍ଛବି ବଂଶର ରାଜକୁମାରୀଙ୍କ ପାଣିଗ୍ରହଣ କରିଥିଲେ ଓ କେତେକ ଦେଶ ଜୟ କରି ଆପଣା ରାଜ୍ୟର ସୀମାକୁ ପ୍ରୟାଗ ପର୍ଯ୍ୟନ୍ତ ବଢ଼ାଇ ଥିଲେ ଓ ଦକ୍ଷିଣ ବିହାର ଏବଂ ମିଥିଳାକୁ ଆପଣା ରାଜ୍ୟଭୁକ୍ତ କରିଥିଲେ । ତାହାଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ସମୁଦ୍ରଗୁପ୍ତ ୩୩୫ ଖ୍ରୀଷ୍ଟାବ୍ଦରୁ ୩୭୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ନିଜ ବାହୁବଳରେ ପ୍ରାୟ ସମଗ୍ର ଭାରତ ଜୟ କରିଥିଲେ । ଏହାଙ୍କ ରାଜ୍ୟ ପୂର୍ବରେ ହୁଗୁଳିନଦୀ, ପଶ୍ଚିମରେ ଚର୍ମଣ୍ୱତୀ (ଚମ୍ବଲ) ନଦୀ, ଉତ୍ତରରେ ହିମାଳୟ ପର୍ବତ ଓ ଦକ୍ଷିଣରେ ନର୍ମଦା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ପାଟଳିପୁତ୍ର ଛଡ଼ା ଅଯୋଧ୍ୟାରେ ଓ କୌଶାମ୍ବୀରେ ନିଜ ରାଜଧାନୀ ନିର୍ମାଣ କରିଥିଲେ । ଯଦ୍ୟପି ସମୁଦ୍ରଗୁପ୍ତ ହିନ୍ଦୁ ଥିଲେ, ତଥାପି ସେ ବୌଦ୍ଧମାନଙ୍କର ମଧ୍ୟ ପ୍ରେମଭାଜନ ହୋଇଥିଲେ । ଏ ଲଙ୍କାର ରାଜା ମେଘବର୍ଣ୍ଣଙ୍କୁ ବୁଦ୍ଧଗୟାଠାରେ ମଠ ନିର୍ମାଣ କରିବାକୁ ଆଦେଶ ଦେଇଥିଲେ । ଏହାଙ୍କୁ ଭାରତର ନେପୋଲିୟନ ବୋଲାଯାଇ ପାରେ । ଦ୍ୱିତୀୟ

ସମୁଦ୍ରଗୁପ୍ତ

ଚନ୍ଦ୍ରଗୁପ୍ତ ଏହାଙ୍କର ଉତ୍ତରାଧିକାରୀ ହେଲେ । ସେ ମଧ୍ୟ ପିତାଙ୍କ ପରି ଖୁବ ବୀର ଓ ବିଦ୍ୱାନ୍ ଥିଲେ । ଉଜ୍ଜୟିନୀ, ଗୁଜରାଟ, ମାଳବ, ସୌରାଷ୍ଟ୍ର, ସିନ୍ଧୁ ପ୍ରଦେଶ ଇତ୍ୟାଦିରେ ମଧ୍ୟ ଏହାଙ୍କ ପ୍ରଭୁତ୍ୱ ଥିଲା । ଚମ୍ବଲ ନଦୀର ପଶ୍ଚିମସ୍ଥ ଦେଶସମୂହ ମଧ୍ୟ ସେ ଜୟ କରିଥିଲେ ଏବଂ ପଶ୍ଚିମଆଡ଼ୁ ଭାରତକୁ ମାଡ଼ିଆସିଥିବା ହୂନମାନଙ୍କୁ ଭାରତର ପଶ୍ଚିମପ୍ରାନ୍ତ ପର୍ଯ୍ୟନ୍ତ ଘଉଡ଼ାଇ ତଡ଼ିଦେଲେ । ହୂନମାନେ ମଧ୍ୟ ଶକଜାତୀୟ ଥିଲେ, ସେହି ହେତୁରୁ ଲୋକମାନେ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କୁ ମଧ୍ୟ ଶକାରି ନାମରେ ଅଭିହିତ କରନ୍ତି । ଏ ମଧ୍ୟ ବିକ୍ରମାଦିତ୍ୟ ଉପାଧି ଧାରଣ କରିଥିଲେ । ଏହି କାରଣରୁ ଅନେକ ଐତିହାସିକ ଏହାଙ୍କ ବିକ୍ରମ ସମ୍ବତର ପ୍ରବର୍ତ୍ତକ ବିକ୍ରମାଦିତ୍ୟ ବୋଲି

Digitized by srujanika@gmail.com

ମନେ କରନ୍ତି । ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପରେ ହୂଣମାନଙ୍କର ତେଜ ବହୁତ ହ୍ରାସ ହୋଇଗଲା, କିନ୍ତୁ ସେମାନେ ଭାରତ ଛାଡ଼ି ପଳାଇ ଗଲେ ନାହିଁ । ଦ୍ୱିତୀୟ

Digitized by srujanika@gmail.com

ଚନ୍ଦ୍ରଗୁପ୍ତଙ୍କ ପରେ ଏହାଙ୍କ ପୁତ୍ର ପ୍ରଥମ କୁମାରଗୁପ୍ତ ଓ ତତ୍‌ପରେ ପୌତ୍ର ସ୍କନ୍ଦଗୁପ୍ତ ସିଂହାସନାରୋହଣ କଲେ । ଏହାଙ୍କ ସମୟରେ ହୂଣ୍‌ମାନେ ପୁଣି ପ୍ରବଳ ହୋଇ ଉଠିଲେ । ଅବଶେଷରେ ୫୧୫ ଖ୍ରୀଷ୍ଟାବ୍ଦରେ ହୂନମାନେ ଗୁପ୍ତବଂଶୀୟ ରାଜାମାନଙ୍କୁ ଆକ୍ରମଣ କରି ଗୁପ୍ତ ସାମ୍ରାଜ୍ୟକୁ ନଷ୍ଟଭ୍ରଷ୍ଟ କରି ପକାଇଲେ । ତଥାପି ଗୁପ୍ତବଂଶୀୟ ରାଜାମାନେ ନାମମାତ୍ର ପାଟଳିପୁତ୍ରର ସିଂହାସନ ଅଧିକାର କରିଥାଆନ୍ତି ।

ଦ୍ୱିତୀୟ ଚନ୍ଦ୍ରଗୁପ୍ତ

ଫାହିୟ୍ନଙ୍କ ଯାତ୍ରା—ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱକାଳରେ ପ୍ରସିଦ୍ଧ ଚୀନପରିବ୍ରାଜକ ଫାହିୟାନ ଭାରତ ଭ୍ରମଣ କରିବାକୁ ଆସିଥିଲେ । ସେ ଭାରତର ତାତ୍‌କାଳିକ ଅବସ୍ଥାର ସବିଶେଷ ବର୍ଣ୍ଣନା କରିଅଛନ୍ତି । ଉତ୍ତର ଭାରତର ନଗରମାନ ପରିଦର୍ଶନ କରି ସେ ପାଟଳିପୁତ୍ର ନଗରରେ ପହଞ୍ଚିଲେ । ଏହା ଗୁପ୍ତବଂଶର ରାଜଧାନୀ ଥିଲା । ସେ କିଛିଦିନ ଏଠାରେ ରହି ତତ୍ପରେ ରାଜଗୃହ, ଭାଗଲପୁର ଓ ଦକ୍ଷିଣରେ ତାମ୍ରଲିପ୍ତ (ତମଲୁକ) ବୁଲି ଭାରତସାଗର ବାଟେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ସେ ଯେଉଁ ଯେଉଁ ସ୍ଥାନକୁ ଯାଇଥିଲେ, ସେହି ସେହି ସ୍ଥାନମାନଙ୍କର ହାଲଚାଲ ଲେଖି ନେଇଥିଲେ । ତାହାଙ୍କ ଲିଖିତ ବୃତ୍ତାନ୍ତରୁ ଜଣାଯାଏ ଯେ, ସେହି ସମୟରେ ଦେଶରେ ଏକ ସଙ୍ଗେ ବୌଦ୍ଧଧର୍ମ ଓ ବୈଦିକଧର୍ମ ପ୍ରଚଳିତ ଥିଲା ଅର୍ଥାତ୍ ଉଭୟ ମତର ସମାନ ଆଦର ଥିଲା । କେହି ପ୍ରାୟ ଜୀବହିଂସା କରୁ ନ ଥିଲେ, କୌଣସି ସ୍ଥାନରେ ସୁରା ମାଦକ ଦ୍ରବ୍ୟର ପ୍ରଚାର ନ ଥିଲା । ସ୍ଥାନେ ସ୍ଥାନେ ରୋଗୀମାନଙ୍କ ନିମନ୍ତେ ଚିକିତ୍ସାଳୟ ଓ ଯାତ୍ରୀମାନଙ୍କ ପାଇଁ ଧର୍ମଶାଳା ଆଦି ନିର୍ମିତ ହୋଇଥିଲା । ସମସ୍ତ ଦେଶ ଧନ, ଧାନ୍ୟ, ବିଦ୍ୟା ଓ କଳାବିଦ୍ୟାରେ ପୂର୍ଣ୍ଣ ଥିଲା ।

ମାଳବୀୟ ରାଜବଂଶ—ମଧ୍ୟଭାରତରେ ହୂନମାନଙ୍କ ରାଜତ୍ୱ ସମୟରେ ମାଳବ ଦେଶରେ ଅନ୍ୟ ଏକ ରାଜବଂଶ ରାଜତ୍ୱ କରୁଥିଲେ । ମିହିରକୁଳଙ୍କ ପିତା ତୋରମାଣ ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦରେ ମାଳବ ଦେଶକୁ ଜୟ କଲେ । ୫୦୨ ଖ୍ରୀଷ୍ଟାବ୍ଦରେ ତାହାଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ମିହିରକୁଳ ତାଙ୍କ ଉତ୍ତରାଧିକାରୀ ହେଲେ । ମିହିରକୁଳ ବଡ଼ ନିର୍ଦ୍ଦୟ ଥିଲେ ।

Digitized by srujanika@gmail.com

ଏ ଗୁପ୍ତବଂଶକୁ ଧ୍ୱଂସ କରିବା ପରେ ମଗଧରାଜ ନରସିଂହ ଗୁପ୍ତ ବାଳାଦିତ୍ୟ ଓ ମାଳବରାଜ ଯଶୋଧର୍ମ ସମ୍ମିଳିତ ହୋଇ ୫୨୮ ଖ୍ରୀଷ୍ଟାବ୍ଦରେ କହରୁର ନାମକ ଯୁଦ୍ଧକ୍ଷେତ୍ରରେ ମିହିରକୁଳଙ୍କର ସମ୍ମୁଖୀନ ହେଲେ । ସେଠାରେ ଭୀଷଣ ଯୁଦ୍ଧ ହେଲା । ମିହିରକୁଳ ସମ୍ପୂର୍ଣ୍ଣରୂପେ ପରାଜିତ ଓ ବନ୍ଦୀ ହେଲେ । କିନ୍ତୁ ଯଶୋଧର୍ମ ତାହାଙ୍କୁ ଦୟା କରି ମୁକୁଳାଇ ଦେଲେ । ସେ ପଶ୍ଚିମଅଞ୍ଚଳକୁ ପଳାୟନ କଲେ । ତାହାଙ୍କ ପରାଜୟ ସଙ୍ଗେ ସଙ୍ଗେ ହୂନମାନେ ଚିରକାଳ ପାଇଁ ଭାରତବର୍ଷରେ ନିର୍ବଳ ହୋଇଗଲେ । ଯେଉଁମାନେ ବଞ୍ଚି ରହିଗଲେ, ସେମାନେ ହିନ୍ଦୁଧର୍ମ ଗ୍ରହଣ କରି ହିନ୍ଦୁ ସମାଜରେ ମିଶିଗଲେ । ବର୍ତ୍ତମାନ ଏମାନଙ୍କର କିଛି ପତ୍ତା ମିଳୁ ନାହିଁ ।

ହୂନମାନଙ୍କ ପରାଜୟ

ଯଶୋଧର୍ମଙ୍କର ଏହି ମହାବିଜୟ ଯୋଗୁଁ ଭାରତବର୍ଷ ପୁନର୍ବାର ମୁକ୍ତ ହେଲା ଓ ଲୋକେ ତାହାଙ୍କୁ ବିକ୍ରମାଦିତ୍ୟ ଆଖ୍ୟା ଦେଲେ । ହୂନମାନଙ୍କୁ ପରାସ୍ତ କରିବାରୁ ତାହାଙ୍କର ନାମ ଶକାରି ହେଲା । କେତେକ ଐତିହାସିକ ଏହାଙ୍କୁ ପ୍ରସିଦ୍ଧ ବିକ୍ରମାଦିତ୍ୟ ବୋଲି କହନ୍ତି । କିନ୍ତୁ ପ୍ରକୃତରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଓ ଯଶୋଧର୍ମ ଦେବ ଏହି ଉଭୟଙ୍କ ମଧ୍ୟରୁ କେହି ଅସଲ ବିକ୍ରମାଦିତ୍ୟ ନୁହନ୍ତି । ଏହା ସତ୍ୟ ଯେ, ଏମାନେ ବିକ୍ରମାଦିତ୍ୟ ଉପାଧି ଧାରଣ କରିଥିଲେ ଓ ହୂନମାନଙ୍କୁ ପରାସ୍ତ କରି ଶକାରି ନାମରେ ଅଭିହିତ ହୋଇଥିଲେ; କିନ୍ତୁ ଯେଉଁ ବିକ୍ରମାଦିତ୍ୟଙ୍କର ନ୍ୟାୟଶୀଳତା ଓ କୀର୍ତ୍ତି ସର୍ବତ୍ର ପ୍ରସିଦ୍ଧ, ଯେ ସମ୍ବତ୍‌ର ପ୍ରବର୍ତ୍ତକ, ଯାହାଙ୍କ ସଭାରେ ବିଶ୍ୱବିଖ୍ୟାତ କବି କାଳିଦାସ ବିଦ୍ୟମାନ ଥିଲେ, ସେ ଖ୍ରୀଷ୍ଟପୂର୍ବ ୫୭ ଅବ୍ଦରେ ମାଳବ ସିଂହାସନରେ ବିରାଜିତ ଥିଲେ । ସେ ଅତ୍ୟନ୍ତ ବିଦ୍ୟାନୁରାଗୀ ଥିଲେ ଏବଂ ନିଜ ସଭାରେ ଭିନ୍ନ ଭିନ୍ନ ବିଷୟରେ ବିଖ୍ୟାତ ପଣ୍ଡିତମାନଙ୍କୁ ଏକତ୍ର କରିଥିଲେ । ତାହାଙ୍କ ସଭାର ନବରତ୍ନଙ୍କ ନାମ ଅଦ୍ୟାପି ପ୍ରସିଦ୍ଧ । ସେମାନଙ୍କର ନାମ ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ବରାହମିହିର, ବରରୁଚି, ଘଟକର୍ପର, ଶଙ୍କୁ, ବେତାଳ, ଓ କାଳିଦାସ । ଅବଶ୍ୟ ଏହା ମଧ୍ୟ ସମ୍ଭବ ହୋଇ ପାରେ ଯେ, ଏହି ନଅଜଣ ଯାକ ପଣ୍ଡିତ ବିକ୍ରମାଦିତ୍ୟ ନାମକ ଜଣେ ରାଜାଙ୍କ ସଭାରେ ବିଦ୍ୟମାନ ନ ଥିଲେ ବରଂ ଭିନ୍ନ ଭିନ୍ନ ବିକ୍ରମାଦିତ୍ୟଙ୍କ ସଭାରେ ଭିନ୍ନ ଭିନ୍ନ କାଳରେ

ବିକ୍ରମାଦିତ୍ୟ

ନବରତ୍ନ

Digitized by srujanika@gmail.com



Digitized by srujanika@gmail.com

ଏମାନଙ୍କ ମଧ୍ୟରୁ କେହି ବେଦ ପଣ୍ଡିତ ଥିଲେ । ପରବର୍ତ୍ତୀକାଳରେ ଲୋକେ ଏମାନଙ୍କୁ ଏକ ବିକ୍ରମାଦିତ୍ୟଙ୍କର ନବରତ୍ନ ବୋଲି ପ୍ରଚାର କରିଅଛନ୍ତି ।

ଯଶୋଧର୍ମଙ୍କ ପରେ କେତେଜଣ ରାଜା ମାଳବ ସିଂହାସନ ଅଧିରୋହଣ କରିଥିଲେହେଁ ଥାନେଶ୍ୱର ରାଜବଂଶର ଦ୍ୱିତୀୟ ଶିଳାଦିତ୍ୟ ଏମାନଙ୍କ ମଧ୍ୟରେ ବିଖ୍ୟାତ ଓ ପ୍ରତାପଶାଳୀ ଥିଲେ । ଏହାଙ୍କ ଅପର ନାମ ଶ୍ରୀହର୍ଷ ବା ହର୍ଷବର୍ଦ୍ଧନ । ଏହାଙ୍କ ସିଂହାସନାରୋହଣ ସମୟରେ ଚତୁର୍ଦ୍ଦିଗରେ ଅଶାନ୍ତି ବିଦ୍ୟମାନ ଥିଲା ଏବଂ ତାହା ଦମନ କରିବାକୁ ଛଅ ବର୍ଷ ସମୟ ଲାଗିଥିଲା । ପୂର୍ଣ୍ଣ ଶାନ୍ତି ସ୍ଥାପନ କରିବା ପରେ ଶ୍ରୀହର୍ଷ ଦିଗ୍‌ବିଜୟ ପାଇଁ ଯାତ୍ରା କଲେ । ସେ **ଶ୍ରୀହର୍ଷ** ପ୍ରାୟ ସମସ୍ତ ଉତ୍ତର ଭାରତରେ ନିଜ ରାଜ୍ୟ ସ୍ଥାପନ କରି କାନ୍ୟକୁବ୍ଜ ବା କନୌଜରେ ନିଜ ରାଜଧାନୀ ନିର୍ମାଣ କରାଇଲେ । ସେ ଦକ୍ଷିଣ ଭାରତ ମଧ୍ୟ ଆକ୍ରମଣ କରିଥିଲେ, କିନ୍ତୁ ଚାଲୁକ୍ୟରାଜ ପୁଲକେଶୀଙ୍କୁ ପରାସ୍ତ କରି ପାରି ନ ଥିଲେ; ତେଣୁ ନର୍ମଦାର ଦକ୍ଷିଣକୁ ତାହାଙ୍କ ରାଜ୍ୟ ବିସ୍ତୃତ ହୋଇ ପାରି ନ ଥିଲା । ଏ ବୌଦ୍ଧଧର୍ମାବଲମ୍ବୀ ଥିଲେ । ଏ ଅଶୋକ ଓ କନିଷ୍କଙ୍କ ପରି ବୌଦ୍ଧମାନଙ୍କର ଏକ ମହାସଭା ଆହ୍ୱାନ କରିଥିଲେ ଓ ଉକ୍ତ ସଭାକୁ ବୈଦିକ ଧର୍ମର ପଣ୍ଡିତମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ଏଥିରୁ ସ୍ପଷ୍ଟ ବୁଝାଯାଉଅଛି ଯେ ଏ ବୈଦିକ ଧର୍ମକୁ ମଧ୍ୟ ସାଦର ଦୃଷ୍ଟିରେ ଦେଖୁଥିଲେ । ଏହାଙ୍କ ରାଜତ୍ୱକାଳରେ ଅନେକଗୁଡ଼ିଏ ଭଲ ସଂସ୍କୃତ ଗ୍ରନ୍ଥ ରଚିତ ହୋଇଥିଲା ।

ହର୍ଷବର୍ଦ୍ଧନଙ୍କ ରାଜତ୍ୱକାଳରେ ଆଉ ଜଣେ ବିଖ୍ୟାତ ଚୀନ-ପରିବ୍ରାଜକ ହୁଏନସାଙ୍ଗ୍ ଭାରତକୁ ଆସିଥିଲେ । ସେ ଭାରତରେ ୧୫ ବର୍ଷ ରହିଥିଲେ । ସେ ସେହି ସମୟରେ ଭାରତର ସମସ୍ତ ବୌଦ୍ଧଧର୍ମ ସମ୍ବନ୍ଧୀୟ ପ୍ରସିଦ୍ଧ ସ୍ଥାନ ପରିଦର୍ଶନ କରିଥିଲେ । ସେ ଶ୍ରୀହର୍ଷଙ୍କର ରାଜତ୍ୱ ସମ୍ବନ୍ଧରେ ଅନେକ **ହୁଏନସାଙ୍ଗ-** କଥା ଲେଖିଯାଇ ଅଛନ୍ତି । ସେହି ସମୟରେ ବୌଦ୍ଧଧର୍ମର ଅବନତି ଓ ବୈଦିକ ହିନ୍ଦୁଧର୍ମର ଉନ୍ନତି ହୋଇଥିଲା, କିନ୍ତୁ ଉଭୟ ଧର୍ମ ମଧ୍ୟରେ ଦ୍ୱେଷଭାବ ନ ଥିଲା । ଜାତିବିଭାଗ ଓ ସାମାଜିକ ବନ୍ଧନ ବିଶେଷ ଦୃଢ଼ ଥିଲା ଓ ଦେଶ ସର୍ବତୋଭାବରେ ଉନ୍ନତିଶାଳୀ ଥିଲା । ହିନ୍ଦୁମାନେ ଖୁବ୍ ସତ୍ୟବାଦୀ, ଧାର୍ମିକ ଓ ଶାନ୍ତସ୍ୱଭାବବିଶିଷ୍ଟ ଥିଲେ ବୋଲି ସେ ଲେଖି ଯାଇଅଛନ୍ତି ।

Digitized by srujanika@gmail.com

ସେ ନାଳନ୍ଦାର ପ୍ରସିଦ୍ଧ ବିଦ୍ୟାଳୟ ସମ୍ବନ୍ଧରେ ଅନେକ କଥା ଲେଖିଯାଇ-ଅଛନ୍ତି । ସେହି ସମୟରେ ସେଠାରେ ଦଶ ହଜାର ବିଦ୍ୟାର୍ଥୀ, ପ୍ରାୟ ଏକ ହଜାର ଶିକ୍ଷକ ଥିଲେ । ପ୍ରଧାନ ଶିକ୍ଷକ 'କୁଳପତି' ନାମରେ ଅଭିହିତ ହେଉଥିଲେ ।

ସମ୍ରାଟ ହର୍ଷବର୍ଦ୍ଧନ ୬୦୬ ଖ୍ରୀଷ୍ଟାବ୍ଦରୁ ୬୪୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାହାଙ୍କ ପରେ ଏହି ବଂଶରେ କୌଣସି ବିଖ୍ୟାତ ରାଜା ରାଜପଣ କରି ନ ଥିଲେ । ସମସ୍ତ ଦେଶରେ ପୁଣି ଅନ୍ଧକାର ଘୋଟିଥିଲା ଓ ଦେଶରେ ପୁନର୍ବାର ଅବନତିର ଯୁଗ ଆରମ୍ଭ ହେଲା । ହର୍ଷବର୍ଦ୍ଧନଙ୍କ ସଙ୍ଗେ ସଙ୍ଗେ ହିନ୍ଦୁ ସାମ୍ରାଜ୍ୟର ଏକପ୍ରକାର ଅନ୍ତ ହେଲା ।

ରାଜପୁତ ରାଜବଂଶ—ହର୍ଷବର୍ଦ୍ଧନଙ୍କ ପରେ କେତେକ ଶତାବ୍ଦୀ ପର୍ଯ୍ୟନ୍ତ ଭାରତବର୍ଷର ପୂର୍ଣ୍ଣ ଇତିହାସ ବା ନିଶ୍ଚିତ ବିବରଣ ମିଳୁ ନାହିଁ । ତେବେ ଏହା ନିଶ୍ଚିତ ବୋଲି ଜଣାଯାଏ ଯେ, ଭାରତବର୍ଷ କେତେକ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ ହୋଇଥିଲା । ଦେଶଯାକ ସର୍ବତ୍ର ବିଦ୍ୟା ଲୋପ ପାଇଥିଲା, ଏପରି କି ସେ ସମୟରେ କୌଣସି ଇତିହାସ ଲେଖକଙ୍କର ମଧ୍ୟ ଆବିର୍ଭାବ ହୋଇ ନ ଥିଲା । ରାଜସଭାରେ ଭାଟ ଓ ଚାରଣମାନେ ରାଜାମାନଙ୍କର ଗୁଣଗାନ କରୁଥିଲେ; କିନ୍ତୁ ସେମାନଙ୍କ କାହାଣୀମାନ କେଉଁଠାରେ ମିଳୁ ନାହିଁ । ଯାହାହେଉ, ୭୦୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ସମଗ୍ର ଭାରତବର୍ଷରେ ରାଜପୁତମାନଙ୍କର ଅନେକ କ୍ଷୁଦ୍ର ରାଜ୍ୟ ପ୍ରତିଷ୍ଠିତ ହୋଇ ଯାଇଥିଲା । ଏହି ରାଜପୁତମାନେ ସମ୍ଭବତଃ ପ୍ରାଚୀନ ଚନ୍ଦ୍ର ଓ ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ସନ୍ତାନ ଥିଲେ । ପରନ୍ତୁ କୁହାଯାଇଅଛି ଯେ, ଶକ ଓ ହୁନ୍ ପ୍ରଭୃତି ବୈଦେଶିକମାନେ ମଧ୍ୟେ ମଧ୍ୟେ ଆସି ଭାରତରେ ବସତି ସ୍ଥାପନ କରିଥିଲେ । ସେମାନେ ଯେ କ୍ଷତ୍ରିୟ ଜାତି ସହିତ ସମ୍ମିଳିତ ହୋଇ ଯାଇଥିଲେ, ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ଯାହାହେଉ, ସମସ୍ତ ଭାରତବର୍ଷରେ ରାଜପୁତମାନେ ନିଜର ଆଧିପତ୍ୟକୁ ଦୃଢ଼ୀଭୂତ କରିଥିଲେ । ଅତଏବ ଏହି ସମୟ ରାଜପୁତଯୁଗ ନାମରେ କଥିତ । ହର୍ଷବର୍ଦ୍ଧନଙ୍କ ପରେ ଏକ ଶତାବ୍ଦୀ ପର୍ଯ୍ୟନ୍ତ କାନ୍ୟକୁବ୍ଜର କୌଣସି ଇତିବୃତ୍ତ ମିଳେ ନାହିଁ । ସେଠାରେ ରାଠୋର ଓ ଗୁର୍ଜର ରାଜପୁତମାନେ ଆପଣା ଆପଣା

Digitized by srujanika@gmail.com

ରାଜ୍ୟ ସ୍ଥାପନ କରିଥିଲେ ଓ ମୁସଲମାନ ଶାସନ ଆରମ୍ଭ ପର୍ଯ୍ୟନ୍ତ ଏମାନେହିଁ ରାଜତ୍ୱ କରୁଥିଲେ । ଏହାପରି ଆଗପଛ ହୋଇ ଦିଲ୍ଲୀ ଓ ଅଜମୀରରେ ଚୌହାନ, ମାଳବରେ ପଁୱାର, ମିବାରରେ ଗୁହଲୋତ୍, ବୁନ୍ଦେଲଖଣ୍ଡରେ ଚନ୍ଦେଲ, ସିନ୍ଧୁ ଦେଶରେ ସୌବୀର, ଗୁଜରାଟରେ ଚାଲୁକ୍ୟ ଓ ବଙ୍ଗବିହାରରେ ପାଳବଂଶୀୟମାନଙ୍କ ରାଜ୍ୟମାନ ସ୍ଥାପିତ ହୋଇଥିଲା । ଏଗୁଡ଼ିକ ଖଣ୍ଡରାଜ୍ୟ ଥିଲେହେଁ ଏମାନଙ୍କ ଇତିହାସ ଅତ୍ୟନ୍ତ ମନୋରଞ୍ଜକ । ଏହା ସ୍ମରଣ ରଖିବା ଉଚିତ ଯେ, ଭାରତବର୍ଷର ଗୋଟିଏ ଗୋଟିଏ ପ୍ରଦେଶ ଆୟତନରେ ଇଂଲଣ୍ଡ, ଫ୍ରାନ୍‌ସ ଓ ଜର୍ମାନୀ ଦେଶ ପରି; ଅତଏବ ଏହି ଖଣ୍ଡରାଜ୍ୟମାନଙ୍କର କମ୍ ମହତ୍ତ୍ୱ ନ ଥିଲା । ରାଜପୁତମାନେ ଅତ୍ୟନ୍ତ ବୀର, ବିଦ୍ୟାନୁରାଗୀ ଓ ସଭ୍ୟ ଥିଲେ । ସେମାନଙ୍କର ଇତିହାସ ଓ ମହତ୍ତ୍ୱର କାହାଣୀ ସଙ୍ଗେ ପୃଥିବୀର ଅନ୍ୟ କୌଣସି ବୀର ଜାତିର ଇତିହାସ ସମକକ୍ଷ ହୋଇ ନ ପାରେ । କିନ୍ତୁ ସେମାନେ ପରସ୍ପର ମଧ୍ୟରେ ଯୁଦ୍ଧ ବିଗ୍ରହ କରୁଥିବାରୁ ଓ ଆପଣା ମଧ୍ୟରେ ସଦ୍ଭାବ ନ ରଖୁଥିବାରୁ ମୁସଲମାନମାନେ ସହଜରେ ସେମାନଙ୍କୁ ପରାଜିତ କରିଥିଲେ । ରାଜପୁତମାନଙ୍କ ସମୟରେ ସାହିତ୍ୟ ଓ ବିଜ୍ଞାନର ବିଶେଷ ଉନ୍ନତି ହୋଇଥିଲା ଓ ଅନେକ ଉତ୍ତମ ପୁସ୍ତକ ରଚିତ ହୋଇଥିଲା ।

ରାଜପୁତ ରାଜ୍ୟ

ରାଜପୁତମାନଙ୍କ ଖ୍ୟାତି—ଅବଶ୍ୟ ସବୁ ରାଜପୁତ ରାଜାମାନେ ଏକରୁ ଆରେକ ବୀର ଥିଲେ; କିନ୍ତୁ ମେବାରର ଗୁହଲୋତ୍ର ରାଜପୁତମାନେ ଅଦ୍ୱିତୀୟ ବୀର ଓ ସ୍ୱାଧୀନତାପ୍ରିୟ ଥିଲେ । ଏହି ବଂଶ ଗୌରବମୟ ଥିଲା । ଯେଉଁ ସମୟରେ ସମଗ୍ର ଦେଶକୁ ମୁସଲମାନମାନେ ଆକ୍ରମଣ କରି ପ୍ରାୟ ସମସ୍ତ ରାଜପୁତ ରାଜାଙ୍କୁ ପରାସ୍ତ କଲେ, ସେହି ସମୟରେ ଏକା ମେବାର ବା ଉଦୟପୁରରେ ସ୍ୱାଧୀନତାର ଧ୍ୱଜା ଫରଫର ହୋଇ ଉଡ଼ୁଥିଲା । ଗୁହଲୋତମାନଙ୍କ ବୀରତ୍ୱର କାହାଣୀ ପୃଥିବୀର ଅନ୍ୟ କୌଣସି ବୀରଜାତିର ଇତିହାସରେ ବିରଳ । ଦିଲ୍ଲୀର ଚୌହାନମାନେ ମଧ୍ୟ କମ ବୀର ନ ଥିଲେ । ହର୍ଷବର୍ଦ୍ଧନଙ୍କ ପରେ ଯଦି କୌଣସି ହିନ୍ଦୁରାଜା ସମ୍ରାଟ ଆଖ୍ୟା ପାଇବାର ଯୋଗ୍ୟ ଥିଲେ, ସେ ଏକମାତ୍ର ଦିଲ୍ଲୀର ପୃଥ୍ୱୀରାଜ । ଏହାଙ୍କର କୀର୍ତ୍ତିକାହାଣୀ 'ପୃଥ୍ୱୀରାଜରାସୋ'

Digitized by srujanika@gmail.com

ନାମକ ଗୋଟିଏ ବିଶାଳ ଗ୍ରନ୍ଥରେ ଲିଖିତ ହୋଇଅଛି । ଉଜ୍ଜୟିନୀ ପରବର୍ତ୍ତିରେ ଧାରା ନଗରୀ ମାଳବମାନଙ୍କର ରାଜଧାନୀ ହେଲା । ଏଠାରେ ରାଜା ଭୋଜ ଏପରି ନ୍ୟାୟବାନ୍ ଓ ପ୍ରତାପଶାଳୀ ଥିଲେ ଯେ, ଲୋକେ ତାହାଙ୍କୁ ବିକ୍ରମାଦିତ୍ୟଙ୍କର ଅବତାର ବୋଲି ମାନୁଥିଲେ । ଆଜିପର୍ଯ୍ୟନ୍ତ ଭୋଜରାଜାଙ୍କର କାହାଣୀ ଭାରତରେ ଘରେ ଘରେ ଶୁଣାଯାଏ ।

ଶୂରବଂଶ, ପାଳବଂଶ ଓ ସେନବଂଶ—ହର୍ଷବର୍ଦ୍ଧନଙ୍କ ପରେ ବଙ୍ଗ ଓ ବିହାରରେ ପ୍ରଥମେ ଶୂରବଂଶୀୟ ରାଜା ରାଜତ୍ୱ କରୁଥିଲେ । ସେମାନଙ୍କ ରାଜତ୍ୱକାଳରେ ରାଜ୍ୟରେ ବୌଦ୍ଧଧର୍ମର ବିଶେଷ ପ୍ରଚାର ହୋଇଥିଲା ଓ ହିନ୍ଦୁଧର୍ମ ଲୋପ ହୋଇ ଆସୁଥିଲା । ଏହି କାରଣରୁ ଶୂରବଂଶର ପ୍ରସିଦ୍ଧ ରାଜା ଆଦିଶୂର କାନ୍ୟକୁବ୍ଜରୁ ୫ଜଣ ବ୍ରାହ୍ମଣ ଓ ୫ ଜଣ କାୟସ୍ଥଙ୍କ

ଆଦିଶୂର

ତାଙ୍କ ରାଜ୍ୟକୁ ଅଣାଇ କୌଳିନ୍ୟପ୍ରଥା ସ୍ଥାପନ କରାଇଲେ ଓ ହିନ୍ଦୁଧର୍ମର ପୁନଃ ପ୍ରଚାର କରାଇଲେ ।

ପାଳବଂଶରେ ମଧ୍ୟ କେତେଜଣ ଉତ୍ତମ ରାଜା ରାଜତ୍ୱ କରିଥିଲେ । ଗୋପାଳ ଏହି ରାଜବଂଶର ପ୍ରତିଷ୍ଠାତା । ସେ ୭୫୦ ଖ୍ରୀଷ୍ଟାବ୍ଦରେ ବଙ୍ଗସିଂହାସନ ଆରୋହଣ କରିଥିଲେ । ଏହି ବଂଶରେ ଧର୍ମପାଳ ନାମରେ ଅନ୍ୟ ଜଣେ ଅତ୍ୟନ୍ତ ପ୍ରତାପଶାଳୀ ରାଜା ହୋଇଥିଲେ । ସେ ୮୨୦ ଖ୍ରୀଷ୍ଟାବ୍ଦରେ କାନ୍ୟକୁବ୍ଜର ରାଜା ଇନ୍ଦ୍ରରାଜଙ୍କୁ ପରାସ୍ତ କରି ଆପଣାର ଶ୍ୟାଳକ ଚକ୍ରାୟୁଧଙ୍କୁ ସେଠାରେ ରାଜା କରାଇଲେ । ସେ ବୌଦ୍ଧ ଥିଲେ ଏବଂ ବିକ୍ରମଶିଳାରେ ଗୋଟିଏ ବୌଦ୍ଧମଠ ନିର୍ମାଣ କରାଇଲେ । ରାଜା ଦେବପାଳ ପାଳବଂଶର ଶ୍ରେଷ୍ଠ ରାଜା ବୋଲି ପରିଗଣିତ । ସେ ଆସାମ, କଳିଙ୍ଗ ଓ କାମ୍ବୋଜ ଜୟ କରି ପାଳରାଜ୍ୟର ସୀମାକୁ ଆହୁରି ବଢ଼ାଇଲେ । ମହୀପାଳ ମଧ୍ୟ ଏହି ବଂଶର ଜଣେ ପ୍ରସିଦ୍ଧ ରାଜା ଥିଲେ । ସେ ଓଡ଼ିଶା ପ୍ରଦେଶକୁ ଜୟ କରିଥିଲେ । ଏହି ବଂଶରେ ସର୍ବସୁଦ୍ଧା ୧୮ ଜଣ ରାଜା ରାଜତ୍ୱ କରିଥିଲେ । ସେମାନେ ପ୍ରାୟ ୧୦୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେନବଂଶୀୟ ରାଜାମାନେ ପାଳରାଜାମାନଙ୍କୁ ବଙ୍ଗଦେଶରୁ ବିତାଡ଼ିତ କରିଥିଲେ । ସେତେବେଳେ ପାଳବଂଶୀୟମାନେ କେବଳ କିଛି ଦିନ ବିହାରରେ ରାଜତ୍ୱ କଲେ ।

Digitized by srujanika@gmail.com

ଓଡ଼ିଶାର ଜଣେ ସର୍ଦ୍ଦାର ସାମନ୍ତ ସେନ ସେନବଂଶର ପ୍ରତିଷ୍ଠାତା ଥିଲେ । ସେ କର୍ଣ୍ଣାଟ ଦେଶରୁ ଆସିଥିଲେ । ବଲ୍ଲାଲ ସେନ ଏହି ବଂଶର ଜଣେ ପ୍ରସିଦ୍ଧ ରାଜା ଓ ଲକ୍ଷ୍ମଣ ସେନ ଶେଷ ରାଜା ଥିଲେ । ସେ ମଧ୍ୟ ଗୋଟିଏ 'ସମ୍ବତ୍' ପ୍ରଚଳନ କରିଥିଲେ । ତାହାଁର ନାମ ଲକ୍ଷ୍ମଣ ସମ୍ବତ୍ ।

ଲକ୍ଷ୍ମଣ ସଂବତ୍

୧୧୧୯ ଖ୍ରୀଷ୍ଟାବ୍ଦରୁ ଏହା ପ୍ରଚଳିତ ହୋଇଥିଲା । ନଦୀୟା ଓ ଗୌଡ଼ ଏମାନଙ୍କର ରାଜଧାନୀ ଥିଲା । ଏମାନେ ବିହାର ପ୍ରଦେଶକୁ ମଧ୍ୟ ଶାସନ କରୁଥିଲେ । ମୁସଲମାନମାନଙ୍କର ଆକ୍ରମଣ ଯୋଗୁଁ ଏମାନଙ୍କର ରାଜତ୍ୱ ଲୋପ ପାଇଲା ।

ଦକ୍ଷିଣ ଭାରତର ରାଜ୍ୟ—ଅନ୍ଧ୍ରବଂଶର ଅନ୍ତ ହେବା ପରେ ଦାକ୍ଷିଣାତ୍ୟରେ ଚାଲୁକ୍ୟମାନଙ୍କର ପ୍ରଭାବ ବିସ୍ତୃତ ହୋଇଥିଲା । ଏମାନେ ତିନି ଶ୍ରେଣୀରେ ବିଭକ୍ତ ହୋଇଥିଲେ । ପ୍ରଥମ—ଅନହିଲବାର୍ଡ଼ ଗୁଜରାଟର ଚାଲୁକ୍ୟ । ମୂଳରାଜ ଏହି ଶ୍ରେଣୀର ପ୍ରତିଷ୍ଠାତା । ଦ୍ୱିତୀୟ—

ଚାଲୁକ୍ୟ

ବାତାପି ବା ବାଦାମୀର ସୋଲାଙ୍କି ଚାଲୁକ୍ୟ । ଏହି ଶ୍ରେଣୀର ପ୍ରତିଷ୍ଠାତା ପ୍ରଥମ ପୁଲକେଶୀ ୫୫୦ ଖ୍ରୀଷ୍ଟାବ୍ଦରେ ନିଜରାଜ୍ୟ ସ୍ଥାପନ କରିଥିଲେ । ଏହି ବଂଶର ଦ୍ୱିତୀୟ ପୁଲକେଶୀ ଶ୍ରୀହର୍ଷଙ୍କୁ ଆପଣାଠାରୁ ହୀନ ପ୍ରତିପନ୍ନ କରିଥିଲେ । ସେ ପ୍ରଥମ ପୁଲକେଶୀଙ୍କର ପୌତ୍ର ଓ ଏହି ବଂଶର ସମସ୍ତ ରାଜାଙ୍କ ଅପେକ୍ଷା ଅଧିକ ପ୍ରତାପଶାଳୀ ଥିଲେ । ସେ ପଲ୍ଲବବଂଶୀୟମାନଙ୍କଠାରୁ ବେଙ୍ଗୀ ଦେଶ ଜୟ କରି ଆଣିଥିଲେ ଓ ପୂର୍ବ ଦେଶୀୟ ଚାଲୁକ୍ୟରାଜ୍ୟ ସ୍ଥାପନ କରି ସେଠାରେ ନିଜର ଭ୍ରାତା ବିଷ୍ଣୁବର୍ଦ୍ଧନଙ୍କୁ ଶାସନକର୍ତ୍ତା କରାଇଥିଲେ । ସେ ୬୪୨ ଖ୍ରୀଷ୍ଟାବ୍ଦରେ ପଲ୍ଲବମାନଙ୍କ ସହିତ ଯୁଦ୍ଧ କରି ନିହତ ହୋଇଥିଲେ । ୭୫୩ ଖ୍ରୀଷ୍ଟାବ୍ଦରେ ରାଷ୍ଟ୍ରକୂଟମାନେ ଚାଲୁକ୍ୟବଂଶ ଧ୍ୱଂସ କରିଥିଲେ । ଚାଲୁକ୍ୟ ବଂଶର ତୃତୀୟ ଶ୍ରେଣୀ ଆଧୁନିକ ନିଜାମ ରାଜ୍ୟର କଲ୍ୟାଣୀନାମକ ସ୍ଥାନରେ ରାଜତ୍ୱ କରୁଥିଲେ ।

ରାଷ୍ଟ୍ରକୂଟ—ଦନ୍ତିଦୁର୍ଗ ୭୫୩ ଖ୍ରୀଷ୍ଟାବ୍ଦରେ ବାତାପିର ଚାଲୁକ୍ୟମାନଙ୍କୁ ବିନାଶ କରି ରାଷ୍ଟ୍ରକୂଟ ରାଜ୍ୟ ସ୍ଥାପନ କରିଥିଲେ । ସେ ପ୍ରାୟ ୯୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ରାଜ୍ୟଗୁଡ଼ିକ ବ୍ୟତୀତ ଦାକ୍ଷିଣାତ୍ୟରେ

Digitized by srujanika@gmail.com

ପାଣ୍ଡ୍ୟବଂଶର ରାଜ୍ୟ ଅବସ୍ଥିତ ଥିଲା । ମଦୁରା ପାଣ୍ଡ୍ୟମାନଙ୍କର ରାଜଧାନୀ ଥିଲା । ଏହା ଭାରତର ଦକ୍ଷିଣ ପ୍ରାନ୍ତରେ, କିନ୍ତୁ ଏଥିର ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱରେ

ଚେର ଓ ଚୋଳ

ଚେର୍ଲକ ଓ ଚୋଳବଂଶର ରାଜାମାନେ ରାଜତ୍ୱ କରୁଥିଲେ । ପଲ୍ଲବ ରାଜପୁତମାନେ ଏମାନଙ୍କୁ ପରାସ୍ତ କଲେ । ସମଗ୍ର କର୍ଣ୍ଣାଟକରେ ଏହି ରାଜପୁତମାନେ ୩୦୦ ବର୍ଷ ରାଜତ୍ୱ କଲେ । ଅବଶେଷରେ ଦାକ୍ଷିଣାତ୍ୟ ମଧ୍ୟ କ୍ରମେ ମୁସଲମାନମାନଙ୍କ ହସ୍ତଗତ ହେଲା ।

ହିନ୍ଦୁ ରାଜାମାନଙ୍କ ରାଜତ୍ୱରେ ଭାରତର ସାମାଜିକ ଅବସ୍ଥା—ହିନ୍ଦୁରାଜାମାନଙ୍କ ରାଜତ୍ୱକାଳର ସାମାଜିକ ଅବସ୍ଥାକୁ ତିନି ଭାଗରେ ବିଭକ୍ତ କରାଯାଇ ପାରେ । ପ୍ରଥମ ପ୍ରାଗ୍‌ବୌଦ୍ଧକାଳ ଅର୍ଥାତ୍ ବୌଦ୍ଧ-କାଳର ପୂର୍ବଯୁଗ, ଦ୍ୱିତୀୟ ବୌଦ୍ଧକାଳ (ଖ୍ରୀଷ୍ଟପୂର୍ବ ୩୦୦ ଠାରୁ ପ୍ରାୟ ୪୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ଓ ତୃତୀୟ ବୌଦ୍ଧୋତ୍ତରକାଳ ବା ହିନ୍ଦୁଧର୍ମର ପୁନରୁତ୍ଥାନ ଯୁଗ (୪୦୦ ଖ୍ରୀଷ୍ଟାବ୍ଦଠାରୁ ୧୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) । ଏହି ତିନିକାଳର ସଭ୍ୟତା ମଧ୍ୟରେ ବିଶେଷ ବୈଲକ୍ଷଣ୍ୟ ଦେଖାଯାଏ ।

ପ୍ରାଗ୍‌ବୌଦ୍ଧକାଳ—(ଆଦିଯୁଗଠାରୁ ଖ୍ରୀଷ୍ଟପୂର୍ବ ୩୦୦ ବର୍ଷ ପର୍ଯ୍ୟନ୍ତ) ଏହା ବୈଦିକ ସଭ୍ୟତାର ଯୁଗ ଥିଲା । ଏହି ଯୁଗରେ ମନୁଷ୍ୟଜୀବନ ସ୍ୱାଭାବିକ ଓ ସରଳ ଥିଲା । ସର୍ବତ୍ର ବୈଦିକମତର ପ୍ରଚାର ହେଉଥିଲା । ଲୋକେ ବେଦୋକ୍ତ ଭିନ୍ନ ଭିନ୍ନ ଦେବତାମାନଙ୍କ ଉପାସନା କରୁଥିଲେ, କିନ୍ତୁ ଏହି ଦେବତାମାନେ ଏକ ଭଗବାନଙ୍କର ଭିନ୍ନ ଭିନ୍ନ ନାମ ଓ ରୂପ ବୋଲି ପରିଗଣିତ ହେଉଥିଲେ । ସେହି ଏକ 'ବ୍ରହ୍ମ'ଙ୍କ ଅନୁସନ୍ଧାନ ନିମନ୍ତେ ଉପନିଷଦ୍ ଓ ବେଦାନ୍ତ ପ୍ରଭୃତି ଦାର୍ଶନିକ ଗ୍ରନ୍ଥମାନ ରଚିତ ହୋଇଥିଲା । ବୈଦିକ ଯଜ୍ଞାନୁଷ୍ଠାନର ଆଡ଼ମ୍ବର କ୍ରମେ କ୍ରମେ ବଢ଼ିଲା ଓ ତତ୍ ସଙ୍ଗେ ସଙ୍ଗେ ଜୀବହିଂସା ମଧ୍ୟ ବଢ଼ିବାକୁ ଲାଗିଲା । ବୃହତ୍ ସାମ୍ରାଜ୍ୟମାନ ସ୍ଥାପିତ ହେଲା ଓ ଶିଳ୍ପ, କଳାକୌଶଳ ମଧ୍ୟ ବିଶେଷ ବୃଦ୍ଧି ପାଇଲା । ସମାଜକୁ ଚାରିବର୍ଣ୍ଣରେ ବିଭକ୍ତ କରାଗଲା ଓ ସକଳ କାର୍ଯ୍ୟ ନିୟମିତରୂପେ ଚଳିଲା । ରାଜାମାନେ ଅଧିକାଂଶ ସ୍ଥଳରେ ପ୍ରଜାମାନଙ୍କଦ୍ୱାରା ନିର୍ବାଚିତ ହେଉଥିଲେ ଓ ସ୍ତ୍ରୀମାନେ ପୁରୁଷମାନଙ୍କ ସଙ୍ଗେ ସମାନ ଅଧିକାର ପାଉଥିଲେ । ମହାଭାରତୀୟ ଯୁଦ୍ଧଦ୍ୱାରା ଦେଶର ପ୍ରଭୂତ

Digitized by srujanika@gmail.com

ଯତ ହୋଇଥିଲେହେଁ କାଳକ୍ରମେ ତହିଁର ପୂର୍ତ୍ତି ହୋଇଗଲା । କ୍ରମେ ବୈଦିକ ଧର୍ମରେ ଦାମ୍ଭିକତା ଓ ପାଷାଣ୍ଡିପଣ ପ୍ରବେଶ କଲା । ଲୋକମାନେ ଈଶ୍ୱରଚିନ୍ତନ ପରିବର୍ତ୍ତିରେ ଐହିକ ଭୋଗବିଳାସରେ ମାତିଲେ ଓ ସତ୍ୟର ପରିବର୍ତ୍ତିରେ କେତେକ ସାରହୀନ କ୍ରିୟାକାଣ୍ଡର ଉପାସକ ହେଲେ । ଏହି ହେତୁରୁ ଏହାର ବିରୋଧରେ ଆନ୍ଦୋଳନ ଅବଶ୍ୟମ୍ଭାବୀ ହୋଇଉଠିଲା ।

ବୌଦ୍ଧଙ୍କ ମୂଳ ଶାଖା

ବୌଦ୍ଧକାଳ—(ଖ୍ରୀଷ୍ଟପୂର୍ବ ୩୦୦ ରୁ ୪୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ଏହି ସମୟରେ ସନାତନ ବୈଦିକଧର୍ମ ସମ୍ପୂର୍ଣ୍ଣରୂପେ ବିନଷ୍ଟ ହୋଇ ନ ଥିଲେହେଁ ଏହା ବହୁତ କ୍ଷୀଣ ଅବସ୍ଥା ବହିଥିଲା । ବୌଦ୍ଧ ରାଜାମାନେ ବୈଦିକ ଧର୍ମାବଲମ୍ବୀମାନଙ୍କ ଉପରେ କୌଣସି ଅତ୍ୟାଚାର କରି ନ ଥିଲେ । ଏହି ସମୟରେ ଚନ୍ଦ୍ରଗୁପ୍ତ, ଅଶୋକ, କନିଷ୍କ ପ୍ରଭୃତି ବିଖ୍ୟାତ ରାଜାମାନେ ବୃହତ୍ ସାମ୍ରାଜ୍ୟମାନଙ୍କର ମୂଳଭିତ୍ତି ସ୍ଥାପନ କରିଥିଲେ । ଶାସନପଦ୍ଧତି ପୂର୍ବାପେକ୍ଷା ଜଟିଳ ଓ ଉନ୍ନତ ହୋଇଥିଲା ; ଦେଶରେ ସର୍ବତ୍ର ଶାନ୍ତି ଓ ବୃଦ୍ଧି ଦେଖାଯାଇଥିଲା । ଭିନ୍ନ ଭିନ୍ନ ବ୍ୟବସାୟ ଓ ଶିଳ୍ପକଳାର ବିଶେଷ ଉନ୍ନତି ହେଲା ଓ ସାହିତ୍ୟର ବିକାଶ ମଧ୍ୟ ବୃଦ୍ଧି ପାଇଥିଲା । ପରେ ବୌଦ୍ଧଧର୍ମ ହୀନଯାନ ଓ ମହାଯାନ ଏହି ଦୁଇ ଭାଗରେ ବିଭକ୍ତ ହେଲା । ମହାଯାନରେ ଲୋକେ ବୁଦ୍ଧଦେବଙ୍କୁ ସ୍ୱୟଂ ଈଶ୍ୱର ବୋଲି ମାନି ତାଙ୍କୁ ପୂଜା କଲେ ଓ ତାହାଙ୍କର ଭିନ୍ନ ଭିନ୍ନ ଅବତାର କଳ୍ପନା କରି ମୂର୍ତ୍ତିମାନ ଗଢ଼ିଲେ । ଏହି ସମୟଠାରୁ ଭାରତରେ ମୂର୍ତ୍ତିପୂଜା ଆରମ୍ଭ ହେଲା ବୋଲି ବିଦ୍ୱାନମାନେ ମନେ କରନ୍ତି । ଏହାପରେ ଅନେକ ଦିନ ପର୍ଯ୍ୟନ୍ତ ବୌଦ୍ଧଧର୍ମ ହିନ୍ଦୁଧର୍ମର ସଙ୍ଗେ ସଙ୍ଗେ ଦେଶରେ ଚଳିବାକୁ ଲାଗିଲା, କିନ୍ତୁ ପରେ ତାହା ଲୋପ ପାଇଲା ।

ଭାରତର ଅଭ୍ୟୁଦୟ

ଏହି ସମୟର ସଭ୍ୟତା ପୃଥିବୀର ଅନ୍ୟ କୌଣସି ସଭ୍ୟଦେଶର ସଭ୍ୟତା ତୁଳନାରେ ହୀନ ନ ଥିଲା । ଏହି ସମୟରେ ଭାରତର ଗୌରବ ସମସ୍ତ ପୃଥିବୀରେ ବିଖ୍ୟାତ ହୋଇଥିଲା । ଜାପାନ, ଚୀନ, ସାଇବେରିଆ, ପାରସ୍ୟ ଓ ଇରାନ୍ ପ୍ରଭୃତି ଦେଶରେ ବୌଦ୍ଧଧର୍ମ ପ୍ରଚାରିତ ହୋଇଥିଲା ଓ ଭାରତର ସଭ୍ୟତା ପ୍ରବେଶ ଲାଭ କରିଥିଲା । ଏହିରୂପେ ବୌଦ୍ଧଯୁଗର ଭାରତ ବିଶାଳ ଓ ଉନ୍ନତ ଦେଶ ଥିଲା । ଏହି ଭାରତବର୍ଷ ଏକ

Digitized by srujanika@gmail.com

ଅପୂର୍ବ ଧର୍ମର ଶିକ୍ଷା ଦେଇ ଉପରୋକ୍ତ ଦେଶମାନଙ୍କୁ ସଭ୍ୟ କରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷାରେ ଭାରତବର୍ଷ ସର୍ବଦା ଆଗୁଆ ରହି ଆସିଅଛି, କିନ୍ତୁ ବୌଦ୍ଧଯୁଗରେ ଏହା ଅଧିକ ଉନ୍ନତିଶାଳୀ ଥିଲା । ପ୍ରାୟ ସବୁ ମଠରେ ଅଧ୍ୟୟନ ଓ ଅଧ୍ୟାପନର ନିୟମ ଥିଲା । ସବୁ ବୌଦ୍ଧଭିକ୍ଷୁମାନେ ଶିକ୍ଷା ଓ ଧର୍ମପ୍ରଚାର କରୁଥିଲେ । ଏହି ମଠ ଓ ବୌଦ୍ଧବିହାରମାନଙ୍କ ଛଡ଼ା ଏହି ସମୟରେ କେତେକ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ଭାରତରେ ଥିଲା । ଏହି ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ତକ୍ଷଶିଳା ବିକ୍ରମଶିଳା, ସାରନାଥ ଓ ନାଳନ୍ଦା ଏ ଚାରିଟି ମୁଖ୍ୟ ଥିଲେ ।

ବିଶ୍ୱବିଦ୍ୟାଳୟ

୧ । ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀରେ ତକ୍ଷଶିଳା ବିଶ୍ୱବିଦ୍ୟାଳୟରେ ସମସ୍ତ ଆସିଆ ମହାଦେଶରୁ ବିଦ୍ୟାର୍ଥୀମାନେ ଶିକ୍ଷାଲାଭ କରିବାକୁ ଆସୁଥିଲେ ।

୨ । ଭାଗଲପୁରର ପଶ୍ଚିମ କହଲ ଗାଁ ନିକଟରେ ପଥରଘାଟଠାରେ ବିକ୍ରମଶିଳା ବିଶ୍ୱବିଦ୍ୟାଳୟ ଥିଲା । ଖ୍ରୀଷ୍ଟ ୧୧ ଶ ଓ ୧୨ ଶ ଶତାବ୍ଦୀରେ ଏହା ଖୁବ୍ ଉନ୍ନତ ଥିଲା । ଏଠାରେ ୨୦୦ ଶିକ୍ଷକ ଓ ପ୍ରାୟ ୨୦୦୦ ବିଦ୍ୟାର୍ଥୀ ରହୁଥିଲେ ।

୩ । ଖ୍ରୀଷ୍ଟପୂର୍ବ ୩୦୦ ବର୍ଷଠାରୁ କାଶୀ ନିକଟରେ ସାରନାଥ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏଠାରେ ଏବେ ମଧ୍ୟ ବୌଦ୍ଧ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଚେଷ୍ଟା ଲାଗିଅଛି ।

ରାଜଗୃହ ସମୀପରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଥିଲା । ଏଠାରେ ପ୍ରାୟ ୧୦୦୦ ଅଧ୍ୟାପକ ଓ ଦଶ ହଜାର ବିଦ୍ୟାର୍ଥୀ ରହୁଥିଲେ । ଏଠାର ପ୍ରଧାନ ଅଧ୍ୟାପକଙ୍କୁ କୁଳପତି ବୋଲାଯାଉଥିଲା । ଏଠା ପୁସ୍ତକାଳୟରେ ଅମୂଲ୍ୟ ପୁସ୍ତକମାନ ସଂଗୃହୀତ ହୋଇଥିଲା କିନ୍ତୁ ଖ୍ରୀଷ୍ଟ ତ୍ରୟୋଦଶ ଶତାବ୍ଦୀର ଆରମ୍ଭରେ ବକ୍ତିଆର ଖିଲିଜି ଏହି ପୁସ୍ତକାଳୟରେ ନିଆଁ ଲଗାଇ ଦେଇଥିଲେ ଓ ଏହା ନଷ୍ଟ ହୋଇଥିଲା ।

ବୌଦ୍ଧୋତ୍ତରକାଳ—(୪୦୦ ଖ୍ରୀଷ୍ଟାବ୍ଦ ଠାରୁ ୧୦୦୦ ପର୍ଯ୍ୟନ୍ତ)

ଉତ୍ଥାନ ଓ ପତନ ସଂସାରର ନିୟମ । ଯେଉଁ ବୌଦ୍ଧଧର୍ମ ନିଜର ପ୍ରଭାବ ସମସ୍ତ ପୃଥିବୀରେ ଜମାଇ ନେଇଥିଲା, ଯେଉଁ ଧର୍ମ ୨୫୦୦ ବର୍ଷ ପରେ ମଧ୍ୟ ଆଜି ସମସ୍ତ

Digitized by srujanika@gmail.com

ଚୀନ, ଜାପାନ, ଶ୍ୟାମ, ଲଙ୍କା ଓ ବ୍ରହ୍ମଦେଶ ଆଦିରେ ପ୍ରଚଳିତ, ସେହି ଧର୍ମ ଯେ ତାହାର ନିଜର ଜନ୍ମଭୂମି ଭାରତରୁ ଉଚ୍ଛେଦ ପ୍ରାପ୍ତ ହେବ ଏକଥା କିଏ ଭାବି ନ ଥିଲା । କିନ୍ତୁ ଭାରତବର୍ଷ ଦାର୍ଶନିକମାନଙ୍କ ଦେଶ ଥିଲା । କୌଣସି ବିଷୟକୁ ଲୋକେ ଅନ୍ଧବିଶ୍ୱାସରେ ମାନି ନେଉଥିବାର ଅଯୋଗ୍ୟତା ଏ ଦେଶରେ ନ ଥିଲା । ବୁଦ୍ଧଦେବ ଈଶ୍ୱରଙ୍କ ବିଷୟରେ କିଛି ମାତ୍ର କହି ନାହାନ୍ତି, ଆତ୍ମା ସମ୍ବନ୍ଧରେ ସେ ମଧ୍ୟ ନୀରବ ଥିଲେ । ସଂସାରର ଶେଷ ସତ୍ତ୍ୱ ସମ୍ବନ୍ଧରେ ବିଚାର କରିବା ବୃଥା ବୋଲି ବୁଦ୍ଧଦେବ ଭାବୁଥିଲେ; କିନ୍ତୁ ପରବର୍ତ୍ତୀ କାଳରେ ଲୋକେ ତାହାଙ୍କୁ ଈଶ୍ୱର ବୋଲି ମାନିଲେ ଓ ଏହିରୂପେ ହିନ୍ଦୁଧର୍ମ ସହିତ ମିଳିମିଶି ମହାଯାନ-ବୌଦ୍ଧ ଧର୍ମର ପ୍ରତିଷ୍ଠା ହେଲା । କିନ୍ତୁ ଏଥିରେ ସୁଦ୍ଧା ଲୋକଙ୍କ ଶଙ୍କା ଦୂର ହେଲା ନାହିଁ ଓ ଜ୍ଞାନପିପାସା ତୃପ୍ତ ହୋଇ ପାରିଲା ନାହିଁ । ଏହି ହେତୁରୁ ବ୍ରାହ୍ମଣମାନେ ପୁରାତନ ବୈଦିକ ଧର୍ମରେ ସମାଜର ଅନୁକୂଳ ପରିବର୍ତ୍ତନ କରି, ନବୀନ ହିନ୍ଦୁଧର୍ମ ପ୍ରବର୍ତ୍ତିତ କଲେ । ଏହି ନୂତନ ଧର୍ମରେ ଇନ୍ଦ୍ର, ବରୁଣ ଯମ ପ୍ରଭୃତି ବୈଦିକ ଦେବତାଙ୍କ ପରିବର୍ତ୍ତରେ ବ୍ରହ୍ମା, ବିଷ୍ଣୁ, ମହାଦେବ ପ୍ରଭୃତି ଦେବତାମାନଙ୍କର ଉପାସନା ପ୍ରବର୍ତ୍ତିତ ହେଲା । ଗୁପ୍ତବଂଶୀୟ ରାଜାମାନେ ଏହି ନବ ଧର୍ମର ପୁନରୁତ୍ଥାପନ କଲେ । ବୌଦ୍ଧମାନେ ଯେପରି ବୁଦ୍ଧଦେବଙ୍କ ନାନା ଅବତାର କଳ୍ପନା କରିଥିଲେ, ବ୍ରାହ୍ମଣମାନେ ମଧ୍ୟ ସେହିପରି ବିଷ୍ଣୁଙ୍କର ଭିନ୍ନ ଭିନ୍ନ ଅନେକ ଅବତାର କଳ୍ପନା କଲେ । କଥିତ ଅଛି ଯେ, ଏହି ସମୟରେ ପୁରାଣସବୁ ରଚିତ ହେଲା । ଏହି ନବୀନ ଧର୍ମକୁ ଅନେକ ଲୋକେ ପୌରାଣିକ ଧର୍ମ ବୋଲି କହନ୍ତି । ଏହା ପରେ କୁମାରିଲ ଭଟ୍ଟ ଓ ଶଙ୍କରାଚାର୍ଯ୍ୟ ବେଦାନ୍ତର କଠୋର ସତ୍ୟକୁ ପ୍ରତିପାଦନ କରି ଓ ବୌଦ୍ଧମାନଙ୍କୁ ଶାସ୍ତ୍ରାର୍ଥାଲୋଚନାଦ୍ୱାରା ପରାସ୍ତ କରି ସମସ୍ତ ଭାରତବର୍ଷରେ ବୈଦିକ ଧର୍ମର ଜୟଧ୍ୱଜା ଉଡ଼ାଇଲେ । ଏକ ଦିଗରେ ଶଙ୍କରାଚାର୍ଯ୍ୟ ଯେଉଁ ଧର୍ମରେ ଏକମାତ୍ର ବୈଦିକ ବ୍ରହ୍ମଙ୍କର ସ୍ଥାପନା କଲେ, ଅନ୍ୟ ଦିଗରେ ସେହି ଧର୍ମରେ ପୌରାଣିକମାନେ ଦେବତାମାନଙ୍କ ଉପାସନାବିଧି ନିର୍ଦ୍ଦେଶ କଲେ । ହିନ୍ଦୁମାନେ ବୌଦ୍ଧମଠ ଅନୁକରଣରେ ସନ୍ନ୍ୟାସୀ ଦଳମାନ ଗଠନ ଓ

ବୌଦ୍ଧଧର୍ମର ଅବନତି

ନବୀନ ହିନ୍ଦୁଧର୍ମ

Digitized by srujanika@gmail.com

ମଠମାନ ସ୍ଥାପନ କଲେ । ଏହିରୂପେ ସମଗ୍ର ଭାରତବର୍ଷର ବୌଦ୍ଧଧର୍ମ ପ୍ରାୟ ଉଚ୍ଛେଦ ସାଧିତ ହୋଇଗଲା; କିନ୍ତୁ ଏହି ବ୍ରାହ୍ମଣଧର୍ମରେ ବୌଦ୍ଧଧର୍ମର ବିଶେଷ ପ୍ରଭାବ ରହିଗଲା । ମୂର୍ତ୍ତିପୂଜା, ଦେବପୂଜା, ମଠସ୍ଥାପନ ଆଦି ସମସ୍ତ ବିଷୟମାନ ବୌଦ୍ଧଧର୍ମରହିଁ ଅନୁକରଣ ଅଟେ । ଏହାଛଡ଼ା ହିନ୍ଦୁମାନେ ମଧ୍ୟ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କ ଅବତାର ବୋଲି ସ୍ୱୀକାର କଲେ ଓ ବୌଦ୍ଧମାନଙ୍କ ତୀର୍ଥସ୍ଥାନଗୁଡ଼ିକୁ ଆଜିପର୍ଯ୍ୟନ୍ତ ହିନ୍ଦୁମାନେ ତୀର୍ଥ ବୋଲି ଗ୍ରହଣ କରୁଅଛନ୍ତି ।

ଏହି ସମୟରେ ପ୍ରାଚୀନ ଯୁଗ ପରି ବଡ ବଡ଼ ସାମ୍ରାଜ୍ୟ ନ ଥିଲେ ମଧ୍ୟ ଦେଶର ଅବସ୍ଥା ଖୁବ୍ ଉତ୍ତମ ଥିଲା । ଫାହିୟାନ ପ୍ରଭୃତି ବୈଦେଶିକ ପରିବ୍ରାଜକମାନଙ୍କ ବର୍ଣ୍ଣନାରୁ ଏହା ଜଣା ପଡ଼ୁଅଛି । ରାଜା ଭୂମିର ଉତ୍ପନ୍ନ ଦ୍ରବ୍ୟର ଏକ ଷଷ୍ଠାଂଶ ପ୍ରଜାମାନଙ୍କଠାରୁ ରାଜସ୍ୱରୂପେ ଗ୍ରହଣ କରୁଥିଲେ ଓ ସେମାନଙ୍କ ଶିକ୍ଷା ଓ ଶାସନର ସମ୍ପୂର୍ଣ୍ଣ ବ୍ୟବସ୍ଥା କରୁଥିଲେ । ଦେଶରେ ଶିଳ୍ପ, ବାଣିଜ୍ୟ ଓ କଳା ଆଦି ପୂର୍ବ ପରି ଉନ୍ନତିଶୀଳ ହୋଇଥିଲା, କିନ୍ତୁ ଜାତି-ବିଭାଗର ଦୃଢ଼ତାବଶତଃ ଭୟଙ୍କର ବିପଦ ଆପଦରେ, ସବୁ ସମୟରେ ଏତେ ବଡ ଦେଶରକ୍ଷାର ଭାର କେବଳ କ୍ଷତ୍ରିୟମାନଙ୍କ ଉପରେ ପଡ଼ିବାରୁ ଦେଶ ଦୁର୍ବଳ ହୋଇ ପଡ଼ିଲା । ଏଥିର ଫଳରେ ଏହା ହେଲା ଯେ, ଯେତେବେଳେ ମୁସଲମାନମାନେ ଭାରତକୁ ଆକ୍ରମଣ କଲେ, ସେତେବେଳେ ସାଧାରଣ ପ୍ରଜାଗଣ

ଜାତୀୟତାର ହ୍ରାସ

ନିଶ୍ଚିନ୍ତ ହୋଇ ବସି ରହିଲେ । ଫଳତଃ ଶିକ୍ଷା ଓ ବିଦ୍ୟାର ଲୋପ ହୋଇଗଲା ଓ ସଙ୍ଗେ ସଙ୍ଗେ ଜାତୀୟତା ମଧ୍ୟ ରହିଲା ନାହିଁ । କ୍ଷତ୍ରିୟମାନେ ପରସ୍ପର ମଧ୍ୟରେ ବିଭକ୍ତ ହୋଇ ଏପରି ଅଯୋଗ୍ୟ ହୋଇଗଲେ ଯେ, ନିଜେ ପରାଧୀନ ହେଲେ ଓ ସେମାନେ ସମଗ୍ର ଦେଶକୁ ପରାଧୀନତା ଶୃଙ୍ଖଳା ପିନ୍ଧାଇ ଦେଲେ । ଅବଶେଷରେ ଭାରତର ଭାଗ୍ୟରେ ପରାଧୀନତାହିଁ ରହିଲା ।

Digitized by srujanika@gmail.com

ଦ୍ୱିତୀୟ ଖଣ୍ଡ

ମୁସଲମାନ ଯୁଗ—ପୂର୍ବାର୍ଦ୍ଧ—ପଠାଣ ସାମ୍ରାଜ୍ୟ

ମୁସଲମାନ ଜାତି ଓ ଇସ୍‌ଲାମ ଧର୍ମର ପରିଚୟ— ଆଜିକାଲି ଭାରତର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହିନ୍ଦୁ ଓ ମୁସଲମାନ । ବହୁଦିନ ଏକତ୍ର ବାସ କରିବା ହେତୁରୁ ଉଭୟ ଜାତି ମଧ୍ୟରେ ଭ୍ରାତୃଭାବ ଜନ୍ମିଅଛି । କିନ୍ତୁ ମୁସଲମାନମାନେ ଏ ଦେଶର ପ୍ରାଚୀନ ଅଧିବାସୀ ନୁହନ୍ତି । ଏମାନେ ଭାରତର ଉତ୍ତର ପଶ୍ଚିମ ଦେଶ ଯଥା—ଆରବ ଓ ପାରସ୍ୟ ଆଦିରୁ ଏ ଦେଶକୁ ଆସିଥିଲେ । ସେହି ହେତୁରୁ ଏମାନଙ୍କ ସମ୍ବନ୍ଧରେ ଓ ଏମାନଙ୍କ ଧର୍ମ ସମ୍ବନ୍ଧରେ କିଛି ସମ୍ବାଦ ଜାଣିବା ଆବଶ୍ୟକ । ଉପରୋକ୍ତ ଦେଶମାନଙ୍କରେ ପ୍ରଥମେ ବୈଦିକ ଧର୍ମର ପ୍ରଚାର ଥିଲା । ଏହି ଦେଶମାନଙ୍କରେ ଭାରତର ଅଧିକାର ବହୁଦିନ ପର୍ଯ୍ୟନ୍ତ ରହିଥିଲା, ଏମନ୍ତ କି ଏ ଦେଶମାନଙ୍କୁ ଭାରତର ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୂର୍ବକାଳରେ ଏ ଦେଶବାସୀଙ୍କ ଧର୍ମ ଓ ଆଚାର, ବ୍ୟବହାର ପ୍ରାୟ ଭାରତୀୟ ଆର୍ଯ୍ୟମାନଙ୍କ ପରି ଥିଲା । କିନ୍ତୁ ଆମ୍ଭେମାନେ ଏଥିପୂର୍ବେ ଏହି ପୁସ୍ତକରେ ଦେଖିଥାଇଁ ଯେ, ଶ୍ରୀହର୍ଷଙ୍କ ପରେ ଭାରତ ସାମ୍ରାଜ୍ୟ ଲୁପ୍ତପ୍ରାୟ ହେଲା ଓ ଏହି ସମସ୍ତ ଦେଶରୁ ଭାରତର ପ୍ରଭୁତ୍ୱ ନଷ୍ଟ ହେଲା । ଏହି ଦେଶମାନଙ୍କଠାରୁ ଭାରତୀୟ ସମ୍ପର୍କ ଛିନ୍ନ ହେବାରୁ ସେଠାରେ ଅସଭ୍ୟତା କ୍ରମଶଃ ବଢ଼ିବାକୁ ଲାଗିଲା ଓ କିଛିଦିନ ପରେ ଏହି ଦେଶସବୁ ଏପରି ଅସଭ୍ୟ ହୋଇପଡ଼ିଲା ଯେ, ସେଠାରେ ଧର୍ମ, ସାମାଜିକ ବନ୍ଧନ ବା କୌଣସି ଆଇନ୍ ସୁଦ୍ଧା ରହିଲା ନାହିଁ । ଆରବ ପ୍ରଭୃତି ଦେଶର ତତ୍କାଳୀନ ଇତିହାସ ପାଠ କଲେ ଏହାହିଁ ଜଣାଯାଏ । ଈଶ୍ୱରଙ୍କର ଲୀଳା ଅତି ବିଚିତ୍ର । ସେ ସର୍ବଦା ପୃଥିବୀରେ ନାନା ପରିବର୍ତ୍ତନ ଘଟାଇବାରେ ଲାଗିଥାଆନ୍ତି, ସେ ଏ ଦେଶବାସୀଙ୍କୁ ସଭ୍ୟ କରିବା କାରଣ ଭଗବାନ୍ ମହାତ୍ମା ମହମ୍ମଦଙ୍କୁ ଜନ୍ମ ଦେଲେ ।

Digitized by srujanika@gmail.com

ମହାତ୍ମା ମହମ୍ମଦ ୫୭୭ ଖ୍ରୀଷ୍ଟାବ୍ଦରେ ଆରବ ଦେଶରେ ଜନ୍ମଗ୍ରହଣ କରିଥିଲେ । ସେ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ଦେଶର ନାନା ସ୍ଥାନରେ ବୁଲି

ମହମ୍ମଦ ବେପାର କରୁଥିଲେ । ନାନା ସ୍ଥାନ ଭ୍ରମଣ କରିବା ହେତୁରୁ ସେ ଦେଖିଲେ ଯେ, ସମସ୍ତ ଦେଶ ବର୍ବରତାରେ ପୂର୍ଣ୍ଣ ହୋଇଅଛି ଓ କୌଣସିଠାରେ ମନୁଷ୍ୟତାର ନାମ ଗନ୍ଧ ନାହିଁ । ସେ କେତେଦିନ ପର୍ଯ୍ୟନ୍ତ ଗୁମ୍ଫାରେ ବସି ଈଶ୍ୱରଚିନ୍ତା କରି କରି ଧ୍ୟାନସ୍ଥ ହେଉଥିଲେ । ପରେ ୪୦ ବର୍ଷ ବୟସରେ ସେ ଏକ ଧର୍ମର ମୂଳତତ୍ତ୍ୱ ପ୍ରତିଷ୍ଠା କଲେ ଓ ଧର୍ମପୁସ୍ତକ କୋରାନ୍‌କୁ ଈଶ୍ୱରବାଣୀମୟ ଗ୍ରନ୍ଥ ବୋଲି ପ୍ରଚାର କଲେ । ସେ ଆପଣାକୁ ଈଶ୍ୱରଙ୍କ ଦୂତ ବୋଲି ଘୋଷଣା କଲେ । ଲୋକେ ତାହାଙ୍କୁ ପ୍ରଥମେ ବିଶ୍ୱାସ କଲେ ନାହିଁ, ବରଂ ତାଙ୍କୁ ଅନେକ କଷ୍ଟ ଦେଲେ । ଅବଶେଷରେ ମକ୍କାବାସୀମାନେ ୬୨୨ ଖ୍ରୀଷ୍ଟାବ୍ଦରେ ତାହାଙ୍କୁ ତଡ଼ାଇ ପଠାଇବାରୁ ସେ ମକ୍କା ପରିତ୍ୟାଗ କରି ସେଠାରୁ ଗମନ କଲେ । ମଦୀନାର ଲୋକେ ତାଙ୍କ ଉପଦେଶମାନ ଗ୍ରହଣ କଲେ ଓ ସେଠାରେ ତାହାଙ୍କର ଗୋଟିଏ ଉତ୍ତମ ଶିଷ୍ୟମଣ୍ଡଳୀ ଗଠିତ ହେଲା । ପୁଣି ଏହି ଶିଷ୍ୟମାନଙ୍କ ସାହାଯ୍ୟରେ ମହାତ୍ମା ମହମ୍ମଦ ମକ୍କାରେ ମଧ୍ୟ ଅଧିକାର ବିସ୍ତାର କଲେ ଓ ସମସ୍ତେ ତାହାଙ୍କ ପ୍ରତିଷ୍ଠିତ ଧର୍ମ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ସେ ସମୟରେ ସେ ଦେଶର ଲୋକେ ଏତେ ଅସଭ୍ୟ ଥିଲେ ଯେ, ସେମାନେ କାହାର ଉପଦେଶ ଶୁଣିବାକୁ ପ୍ରସ୍ତୁତ ନ ଥିଲେ । କ୍ରମେ କ୍ରମେ ମହମ୍ମଦ ସମସ୍ତଙ୍କୁ ତାଙ୍କ ମତ ଗ୍ରହଣ କରାଇଲେ ଓ ସମଗ୍ର ଦେଶରେ ଇସ୍‌ଲାମ ଧର୍ମର ଜୟ ପତାକା ଉଡ଼ିବାକୁ ଲାଗିଲା । ଧନଲୁବ୍ଧ ନବଧର୍ମର ପ୍ରେରଣାରେ ଇସ୍‌ଲାମ୍ ସେନା ନୂତନ ନୂତନ ଦେଶ ଜୟ କଲେ ଓ ଇସଲାମ୍ ଧର୍ମର ପ୍ରଚାର ହେଲା । ମହାତ୍ମା ମହମ୍ମଦ ୬୩୨ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିଲେ । ତାହାଙ୍କ ମୃତ୍ୟୁର ଏକ ଶତ ବର୍ଷ ମଧ୍ୟରେ ଆରବ, ପାରସ୍ୟ, ଇଜିପ୍ଟ, ତୁର୍କସ୍ଥାନ ଓ ଆଫଗାନିସ୍ଥାନ ପ୍ରଭୃତି ସିନ୍ଧୁନଦର ପଶ୍ଚିମରେ ଥିବା ସମସ୍ତ ଦେଶର ଲୋକେ ମୁସଲମାନ ଧର୍ମରେ ଦୀକ୍ଷିତ ହେଲେ । ଏହିରୂପେ ଗୋଟିଏ ଶକ୍ତିଶାଳୀ ଜାତି ଗଠିତ ହେଲା ।

Digitized by srujanika@gmail.com

ଇସ୍‌ଲାମଧର୍ମର ଶିକ୍ଷା—ଏହି ଧର୍ମରେ ଏପରି କୌଣସି କଥା ନାହିଁ, ଯାହାକୁ ନୂଆ କଥା ବୋଲିଯାଇ ପାରେ । ଯାହାହେଉ, ଏହି ଧର୍ମ ଈଶ୍ୱରଙ୍କ ଅନ୍ତିମ ଆଜ୍ଞା ବୋଲି ମହାତ୍ମା ମହମ୍ମଦ ପ୍ରଚାର କରିଅଛନ୍ତି । ତାହାଙ୍କ ମତରେ ଈଶ୍ୱର ଏକ ଅଟନ୍ତି ଓ ଭିନ୍ନ ଭିନ୍ନ ଦେବଦେବୀଙ୍କ ପୂଜା କରିବା ଅଧର୍ମ ଅଟେ । ବହୁମତବଦ୍ଧ ଆରବରେ ପ୍ରଚଳିତ ସେହି ଏକ ଈଶ୍ୱରଙ୍କର ପୂଜା କର୍ତ୍ତବ୍ୟ ବୋଲି ମହମ୍ମଦ ଉପଦେଶ ଦେଲେ ଓ ଭିନ୍ନ ଭିନ୍ନ ତୀର୍ଥ, ବ୍ରତ, ଉପବାସ ପ୍ରଭୃତିର ମଧ୍ୟ ବ୍ୟବସ୍ଥା କଲେ । ତାହାଙ୍କ ମତରେ ପୁନର୍ଜନ୍ମରେ ବିଶ୍ୱାସ କରିବା ଭ୍ରାନ୍ତିମୂଳକ ଅଟେ । ମୁସଲମାନଗଣ ତାଙ୍କ ଧର୍ମପୁସ୍ତକ କୋରାନ୍‌କୁ ଈଶ୍ୱର ଆଜ୍ଞା ବୋଲି ମାନନ୍ତି । ଏଥିରେ ଧର୍ମବିଷୟକ ଉପଦେଶ ଛଡ଼ା ସାମାଜିକ ନିୟମ ଓ ଆଇନ ପ୍ରଭୃତି ସମ୍ବନ୍ଧରେ ମଧ୍ୟ କେତେକ ବିଷୟ ଲେଖା ଅଛି । ଏଥିରେ ଥିବା ସମସ୍ତ ନିୟମ ଓ ସିଦ୍ଧାନ୍ତ ପାଠ କଲେ ବୁଝାଯାଏ ଯେ, ଦେଶକୁ ସଭ୍ୟ କରିବା ନିମନ୍ତେ ସେତେବେଳେ ବିଶେଷ ଚେଷ୍ଟା କରାଯାଇଥିଲା । ସବୁ ମନୁଷ୍ୟଙ୍କର ସମାନ ଅଧିକାର ଥିବା ବିଷୟ ଏହି ଧର୍ମରେ ସ୍ୱୀକୃତ ହୋଇଅଛି ।

ଭାରତରେ ପ୍ରଥମ ମୁସଲମାନ ଆକ୍ରମଣ—ମହାତ୍ମା ମହମ୍ମଦ ଯେଉଁ ବଳିଷ୍ଠ ଜାତିର ସଂଗଠନ କଲେ, ଦିନକୁଦିନ ତାହାର ପ୍ରଭାବ ବଢ଼ିବାକୁ ଲାଗିଲା । ତଦ୍‌ବ୍ୟତୀତ ମୁସଲମାନଗଣ ଆସିଆ ମହାଦେଶ ଛଡ଼ା ଇଉରୋପୀୟ ଦେଶମାନଙ୍କରେ ମଧ୍ୟ ନିଜ ଅଧିକାର ବିସ୍ତାର କରିବାକୁ ଆରମ୍ଭ କଲେ । ସେମାନେ ପଶ୍ଚିମରେ ସ୍ପେନ ଓ ଦକ୍ଷିଣରେ ମିଶର ପର୍ଯ୍ୟନ୍ତ ଯାଇ ସେଠା ଲୋକଙ୍କୁ ମୁସଲମାନଧର୍ମରେ ଦୀକ୍ଷିତ କଲେ । ସମସ୍ତ ମୁସଲମାନ ସାମ୍ରାଜ୍ୟ ଜଣେ ଖଲିଫା ବା ଧର୍ମଗୁରୁଙ୍କ ଦ୍ୱାରା ଶାସିତ ହେଉଥିଲା । ଖଲିଫାଙ୍କୁ ଖଲେଫା ମୁସଲମାନମାନେ ମହାତ୍ମା ମହମ୍ମଦଙ୍କର ପ୍ରତିନିଧି ବୋଲି ମାନୁଥିଲେ ।

ତୁରସ୍କର ସେହିକାଳରୁ ଏବେ ପର୍ଯ୍ୟନ୍ତ ଖଲିଫାଙ୍କ ଶାସନ ଚଳୁଥିଲା; କିନ୍ତୁ କାମାଲପାଶା ୧୯୨୧ ଖ୍ରୀଷ୍ଟାବ୍ଦରେ ଖିଲାଫତ୍ ପ୍ରଥାକୁ ଉଠାଇ ଦେଲେ ।

ମୁସଲମାନମାନେ ଯେଉଁ ସମୟରେ ଭାରତର ପଶ୍ଚିମସ୍ଥ ଦେଶମାନଙ୍କରେ ଆପଣା ଅଧିକାର ବିସ୍ତାର କରୁଥିଲେ, ସେ ସମୟରେ ଭାରତର ଅବସ୍ଥା ଭଲ ବିଗିଡ଼ି ଯାଇଥିଲା. ତଥାପି ପୂର୍ବଶକ୍ତିର ଫଳରେ ଭାରତର

Digitized by srujanika@gmail.com

ଖ୍ୟାତି ଏତେ ସୁବିସ୍ତୃତ ଥିଲା ଯେ, କେତେକ ଶତାବ୍ଦୀ ପର୍ଯ୍ୟନ୍ତ ମୁସଲମାନମାନେ ଭାରତର କିଛି କରି ପାରି ନ ଥିଲେ। ଶେଷକୁ ସେମାନଙ୍କୁ ଗୋଟିଏ ସୁଯୋଗ ମିଳିଗଲା—ସିନ୍ଧୁ ଦେଶର ଦେବୁଲ ବନ୍ଦରଠାରେ ଆରବୀମାନଙ୍କର ଏକ ବାଣିଜ୍ୟ ଜାହାଜ ଲୁଣ୍ଠିତ ହେଲା। ଆରବୀମାନେ ସିନ୍ଧୁଦେଶରେ ରାଜା ଦାହିରଙ୍କୁ ଉକ୍ତ କ୍ଷତିପୂରଣ ଦେବାକୁ କହିଲେ, କିନ୍ତୁ ଏହା ଡକାଏତମାନଙ୍କ କାର୍ଯ୍ୟ ବୋଲି

ମୁସଲମାନଙ୍କ ପ୍ରଥମ ଆକ୍ରମଣ

କହି ଦାହିର୍ ଉକ୍ତ କ୍ଷତିପୂରଣ ଦେବାକୁ ଅସ୍ୱୀକାର କଲେ। ଏହି ହେତୁରୁ ମୁସଲମାନମାନେ ଯୁଦ୍ଧ ଘୋଷଣା କଲେ। ପ୍ରଥମ ଦୁଇ ଅଭିଯାନରେ ମୁସଲମାନମାନେ ସମ୍ପୂର୍ଣ୍ଣରୂପେ ପରାଜିତ ହେଲେ। କିନ୍ତୁ ତୃତୀୟଥର ଖଲିଫାଙ୍କ ବୀର ସେନାପତି ମହମ୍ମଦ୍ ବିନ୍ କାଶିମ୍ ଅସଂଖ୍ୟ ସୈନ୍ୟବଳ ନେଇ ସିନ୍ଧୁ ଦେଶର ଅଧିକାଂଶ ଅଂଶ ଜୟ କରି ଶେଷକୁ ସିନ୍ଧୁ ଦେଶର ରାଜଧାନୀ ଏଲୋର୍ ସମ୍ମୁଖରେ ଉପସ୍ଥିତ ହେଲେ। ଏହି ଘଟଣା ୭୧୨ ଖ୍ରୀଷ୍ଟାବ୍ଦରେ ଘଟିଥିଲା। ଏଠାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ହେଲା ଓ ଦାହିର୍ ଯୁଦ୍ଧରେ ନିହତ ହେଲେ। ତଥାପି ଏଠାର ଦୁର୍ଗକୁ ମୁସଲମାନମାନେ ଅଧିକାର କରି ପାରିଲେ ନାହିଁ। ଦାହିରଙ୍କର ବୀରପତ୍ନୀ କେତେକ ମାସ ପର୍ଯ୍ୟନ୍ତ ଉକ୍ତ ଦୁର୍ଗକୁ ରକ୍ଷା କଲେ ଓ କାଶିମ୍ ବହୁଦିନ ପର୍ଯ୍ୟନ୍ତ ଦୁର୍ଗର ବାହାରେ ଡେରା ପକାଇ ଦୁର୍ଗକୁ ଘେରି ରହିଲେ। ଅବଶେଷରେ ଦୁର୍ଗରେ ଥିବା ଖାଦ୍ୟସାମଗ୍ରୀ ଶେଷ ହେବାରୁ ଓ ବିଜୟର ସମସ୍ତ ଆଶା ଦୂର ହେବାରୁ ଶେଷଥରପାଇଁ ଯୁଦ୍ଧ କରିବାକୁ ଏହି ବୀର ରାଜପୁତପତ୍ନୀ ସମସ୍ତ ରାଜପୁତ ଜାତିକୁ ଆହ୍ୱାନ କଲେ ଏବଂ ନିଜେ ଅଗ୍ନିରେ ଝାସ ଦେବାପାଇଁ ପ୍ରସ୍ତୁତ ହେଲେ। ତେଣେ ଦୁର୍ଗ ବାହାରେ ରାଜପୁତ ବୀରମାନେ ମୁସଲମାନମାନଙ୍କ ସଙ୍ଗେ ଯୁଦ୍ଧ କରି ଗୋଟି ଗୋଟି ହୋଇ ମରୁଥାଆନ୍ତି ଓ ଏଣେ ଦୁର୍ଗ ମଧ୍ୟରେ

ଜୌହର ବ୍ରତ

ରାଜପୁତ ରମଣୀମାନେ ଏକ ପ୍ରକାଣ୍ଡ ଅଗ୍ନି ଜାଳି ତହିଁରେ ଝାସ-ଦେଇ ମରୁଥାଆନ୍ତି। ଏହିପରି ଶତାଗ୍ନିରେ ଝାସଦେବା ପ୍ରଥାକୁ (ଜହର) ବ୍ରତ ବୋଲିଯାଏ। ଏ ଯୁଦ୍ଧରେ ମୁସଲମାନମାନେ ଜୟଲାଭ କଲେ, କିନ୍ତୁ ଏଥିରେ ତାଙ୍କର କିଛି ଲାଭ ହେଲା ନାହିଁ। ଏହି ଯୁଦ୍ଧ ପରେ କୌଣସି କାରଣରୁ ଖଲିଫା ସେନାପତି ମହମ୍ମଦବିନ କାଶିମ୍ଙ୍କ ଉପରେ କ୍ରୁଦ୍ଧ ହୋଇ ତାଙ୍କ

Digitized by srujanika@gmail.com

ବଧ କରାଇଲେ । କାଶିମ୍‌ଙ୍କ ମୃତ୍ୟୁ ହେବାରୁ ବିଜିତ ରାଜ୍ୟମାନଙ୍କୁ ଶାସନ କରିବାପାଇଁ କେହି ଉପଯୁକ୍ତ ବ୍ୟକ୍ତି ରହିଲେ ନାହିଁ ଓ ଉକ୍ତ ଦେଶସମୂହ ପୁନର୍ବାର ରାଜପୁତମାନଙ୍କର କରଗତ ହେଲା ଓ ମୁସଲମାନମାନଙ୍କର ଆକ୍ରମଣ ସମ୍ପୂର୍ଣ୍ଣ ନିଷ୍ଫଳ ହୋଇଗଲା । ଏହାପରେ ପ୍ରାୟ ୩୦୦ ବର୍ଷ ପର୍ଯ୍ୟନ୍ତ ମୁସଲମାନମାନେ ଭାରତ ଆକ୍ରମଣ କରିବାକୁ ସାହସ କଲେ ନାହିଁ ।

ଏହି ଆକ୍ରମଣ ଓ ଏହାର ପୂର୍ବ ଆକ୍ରମଣଗୁଡ଼ିକ ଜୟଯୁକ୍ତ ହେବାର କାରଣ ଏହି କି, ଭାରତବର୍ଷ ଅନେକଗୁଡ଼ିଏ ଖଣ୍ଡରାଜ୍ୟରେ ବିଭକ୍ତ ହୋଇଥିଲା ଓ ସେମାନଙ୍କ ମଧ୍ୟରେ ଏକତା ନ ଥିଲା, ଅନ୍ୟ ଦିଗରେ ମୁସଲମାନମାନେ ନବଧର୍ମ ପ୍ରଭାବରେ ଉତ୍ସାହିତ ଓ ଏକତାବଦ୍ଧ ଥିଲେ । ଯାହା ହେଉ, ସେମାନେ ସିନ୍ଧୁ ଆକ୍ରମଣର ୨୯୦ ବର୍ଷ ପରେ ପୁନର୍ବାର ଭାରତ ଆକ୍ରମଣ କରିବାକୁ ଆରମ୍ଭ କଲେ ।

ସବକ୍ତଗୀନ ଓ ସୁଲତାନ ମାମୁଦ ଗଜନୀଙ୍କ ଆକ୍ରମଣ— ଏହି ପିତା ପୁତ୍ର ଦୁହେଁ ଗଜନୀର ସୁଲତାନ ଥିଲେ । ଗଜନୀ ଆଫଗାନିସ୍ତାନର ଗୋଟିଏ ନଗର ଓ ଏହା ଉଦୟପୁରର ମହାରାଣା ବଂଶୀୟ ଗଜସିଂହଙ୍କଦ୍ୱାରା ପ୍ରଥମେ ସ୍ଥାପିତ ହୋଇଥିଲା । ପ୍ରଥମେ ହିନ୍ଦୁରାଜ୍ୟ ଥିଲା, କିନ୍ତୁ କ୍ରମେ କ୍ରମେ ସମସ୍ତ ଆଫଗାନିସ୍ଥାନ ମୁସଲମାନମାନଙ୍କର ଅଧୀନ ହେଲା । ସବକ୍ତଗୀନ ଗଜନୀର ସୁଲତାନ୍ ଅଲପ୍ତଗୀନ୍‌ଙ୍କର ଭୃତ୍ୟ ଥିଲେ; କିନ୍ତୁ ତାହାଙ୍କ ଗୁଣରେ ମୁଗ୍ଧ ହୋଇ ସୁଲତାନ ତାହାଙ୍କ ସହିତ ନିଜ କନ୍ୟାର ବିବାହ ଓ ତାହାଙ୍କୁ ନିଜର ଉତ୍ତରାଧିକାରୀ ମନୋନୀତ କଲେ । ସବକ୍ତଗୀନ୍ ୯୭୭ ଖ୍ରୀଷ୍ଟାବ୍ଦରେ ଗଜନୀର ସିଂହାସନ ଆରୋହଣ କଲେ ।

ସେହି ସମୟରେ ଲାହୋରରେ କ୍ଷତ୍ରିୟରାଜ ଜୟପାଳ ରାଜତ୍ୱ କରୁଥିଲେ । ଗଜନୀରେ ମୁସଲମାନ ରାଜ୍ୟ ପ୍ରତିଷ୍ଠିତ ହେବା ଦେଖି ତାହାକୁ ସମୂଳେ ବିନଷ୍ଟ କରିବାପାଇଁ ଜୟପାଳ ଚାହିଁଲେ ଓ ସେହି ଉଦ୍ଦେଶ୍ୟରେ ସେ ଗଜନୀକୁ ଆକ୍ରମଣ କଲେ । ପାହାଡ଼ିଆ ଦେଶର

ଜୟପାଳ

ସ୍ୱାଭାବିକ ଶୈତ୍ୟ ତଦୁପରି ଶୀତ ଋତୁର ତୀକ୍ଷ୍ଣତା ହିନ୍ଦୁ ସୈନ୍ୟମାନେ ସହ୍ୟ କରି ପାରିଲେ ନାହିଁ । ଏଥିଯୋଗୁଁ ହରୂପାୟ ହୋଇ ଜୟପାଳ ଗଜନୀର

Digitized by srujanika@gmail.com

ସୁଲତାନଙ୍କୁ ୫୦ ଗୋଟି ହସ୍ତୀ ଦେଇ ଓ ଏକ ଲକ୍ଷ ଟଙ୍କା ଦେବାକୁ ଜବାବ କରି ସ୍ୱଦେଶକୁ ଲେଉଟି ଆସିଲେ; କିନ୍ତୁ ଦେଶକୁ ଫେରିଆସି ଅଙ୍ଗୀକୃତ ଟଙ୍କା ସୁଲତାନଙ୍କଠାକୁ ପଠାଇଲେ ନାହିଁ । ଏହି କାରଣରୁ ସବକ୍ତଗୀନ୍ (ସିନ୍ଧୁ ଆକ୍ରମଣର ପ୍ରାୟ ୨୯୦ ବର୍ଷ ପରେ) ଭାରତ ଆକ୍ରମଣ କଲେ । ଏଣେ ଜୟପାଳ ମଧ୍ୟ ନିଶ୍ଚିନ୍ତ ହୋଇ ବସି ନ ଥିଲେ । ସେ କେତେକ ହିନ୍ଦୁ ରାଜାଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କଲେ ଓ ସେମାନେ ସମସ୍ତେ ମଧ୍ୟ ଜୟପାଳଙ୍କୁ ସାହାଯ୍ୟ ଦେଲେ । ତଥାପି ମୁସଲମାନମାନଙ୍କର ଜିତାପଟ ହେଲା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଅଛି ଯେ, ହୁଏ ତ ହିନ୍ଦୁମାନେ ମନ ଲଗାଇ ଯୁଦ୍ଧ କରୁ ନ ଥିଲେ ଅଥବା ଯୁଦ୍ଧ କରିବା କୌଶଳ ଜାଣୁ ନ ଥିଲେ । ଏଥର ପେଶବାର ଏକାବେଳକେ ହିନ୍ଦୁମାନଙ୍କ ହାତରୁ ଖସିଗଲା ଓ ଏଥିଯୋଗୁଁ ମୁସଲମାନମାନଙ୍କ ଭାରତ ଆକ୍ରମଣର ପଥ ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇଗଲା । ସବକ୍ତଗୀନ୍ ୯୯୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁମୁଖରେ ପତିତ ହେଲେ ।

ସବକ୍ତଗୀନ୍‌ଙ୍କର ମୃତ୍ୟୁ ପରେ ତାଙ୍କ ପୁତ୍ର ମାମୁଦ ରାଜା ହେଲେ । ସେ ଅତ୍ୟନ୍ତ ଲୋଭୀ ଥିଲେ । ତାହାଙ୍କର ଦେଶ ଜୟ କରିବାର ଇଚ୍ଛା ଆଦୌ ନ ଥିଲା, କିନ୍ତୁ ଦେଶ ଲୁଣ୍ଠନ କରି ଧନୀ ହେବାପାଇଁ ତାଙ୍କର ବିଶେଷ ଆକାଂକ୍ଷା ଥିଲା । ପୂର୍ବରୁ ଭାରତବର୍ଷର ଧନ ରତ୍ନ ବିଷୟର କାହାଣୀ ଶୁଣି ଶୁଣି ତାହାଙ୍କ ଲାଳସା ବଢ଼ିଯାଇଥିଲା । ସେ ଖୁବ୍ ବୀର ଓ ଅତ୍ୟନ୍ତ ସାହସୀ ଥିଲେ । ତାହାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, ହିନ୍ଦୁମାନେ ମୁସଲମାନ ସୈନ୍ୟମାନଙ୍କ ଆଗରେ ଠିଆ ହୋଇ ପାରିବେ ନାହିଁ । ପ୍ରଥମେ ସେ ପିତୃଶତ୍ରୁ ଜୟପାଳଙ୍କୁ ଆକ୍ରମଣ କଲେ । ପେଶବାରଠାରେ ଉଭୟ ସେନାଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା । ଜୟପାଳ ସମ୍ପୂର୍ଣ୍ଣରୂପେ ପରାଜିତ ହେଲେ । ସେ ଏହି ଅପମାନ ସହ୍ୟ କରି ନ ପାରି ପୁତ୍ର ଅନଙ୍ଗପାଳଙ୍କ ହସ୍ତରେ ରାଜ୍ୟ ସମର୍ପଣ କରି ଜ୍ୱଳନ୍ତ ଚିତାରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ଅନଙ୍ଗପାଳ ଆପଣା ପିତୃଅପମାନର

ଅନଙ୍ଗ ପାଳ

ପ୍ରତିଶୋଧ ନେବାକୁ ଇଚ୍ଛା କରିଥିଲେ, କିନ୍ତୁ ଯୁଦ୍ଧରେ ମାମୁଦ ଜୟୀ ହେଲେ । ଏଥିର କାରଣ ଏହି କି ହିନ୍ଦୁ ସେନାଙ୍କ ହାତୀମାନେ ଯୁଦ୍ଧରେ ଚମକି ପଡ଼ି ପଛଘୁଞ୍ଚା ଦେଲେ । ଏହା ଦେଖି ହିନ୍ଦୁ ସୈନ୍ୟମାନେ

ଆପଣା ପକ୍ଷ ହାରିଗଲେ ବୋଲି ଭାବିଲେ । ହିନ୍ଦୁ ସେନାମାନେ ପଛକୁ ହଟିବାର ଦେଖି ମୁସଲମାନମାନେ ସେମାନଙ୍କ ପଶ୍ଚାତ୍ ଧାବନ କଲେ ଓ ହିନ୍ଦୁମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ । ଏଥର ମୂଲତାନ ମଧ୍ୟ ହିନ୍ଦୁମାନଙ୍କ ହାତରୁ ଖସିଗଲା । ଏହି ଜୟରେ ଉତ୍ସାହିତ ହୋଇ ମାମୁଦ ଅତୁଳ ଧନ ସଂଗ୍ରହ କରିବାପାଇଁ ଲାଳାୟିତ ହେଲେ । ପରବର୍ତ୍ତୀ ସମସ୍ତ ଆକ୍ରମଣରେ ଦେଶ ଲୁଣ୍ଠନ ମାମୁଦଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା । ମାମୁଦ ସର୍ବସୁଦ୍ଧା ୧୮ ଥର ଭାରତ ଆକ୍ରମଣ କରିଥିଲେ ଓ ପ୍ରତ୍ୟେକ ଥର ଲୁଣ୍ଠନ କରି ବହୁ ଧନ ରତ୍ନ ସ୍ୱଦେଶକୁ ନେଇ ଯାଇଥିଲେ । ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳରେ ପ୍ରାୟ କୌଣସି ସହର ମାମୁଦଙ୍କ ଲୁଣ୍ଠନରୁ ରକ୍ଷା ପାଇ ନ ଥିଲା । ମୂଲତାନ, ଲାହୋର, ଥାନେଶ୍ୱର, ନାଗରକୋଟ, କାଶ୍ମୀର, କାନ୍ୟକୁବ୍ଜ, ମଥୁରା, କାଲିଞ୍ଜର, ସୋମନାଥ ପ୍ରଭୃତି ସକଳ ସ୍ଥାନ ଲୁଣ୍ଠନ କରି ମାମୁଦ ସେ ସବୁ ସ୍ଥାନକୁ ଭୂମିସାତ୍ କରି ଦେଲେ । ଅନେକ ମନ୍ଦିର ଓ ଦେବମୂର୍ତ୍ତି ନଷ୍ଟ କରି ଦେଲେ । ଲାହୋର ଆକ୍ରମଣଦ୍ୱାରା ତାଙ୍କ ହାତରେ ଏତେ ଧନ ପଡ଼ିଥିଲା ଯେ, ସେହି ସମୟର ଜନୈକ ମୁସଲମାନ ଐତିହାସିକ ତାହାକୁ ଅସୁମାର ଧନ ବୋଲି ମାନିଅଛନ୍ତି ।

ସୋମନାଥ ଆକ୍ରମଣ ତାହାଙ୍କର ସର୍ବଶେଷ ଓ ପ୍ରସିଦ୍ଧ ଆକ୍ରମଣ । ଏହି ମନ୍ଦିର ଗୁଜରାଟର ସମୁଦ୍ର ଉପକୂଳରେ ଅବସ୍ଥିତ ଥିଲା ଓ ଏ ମନ୍ଦିରରେ ଥିବା ଅତୁଳ ଧନ ସମ୍ପତ୍ତି ପାଇଁ ଏହା ପ୍ରସିଦ୍ଧ ଥିଲା । ସ୍ୱର୍ଣ୍ଣନିର୍ମିତ ୮୦ ମହଣ ଓଜନର ଗୋଟିଏ ସୁନା ଶିକୁଳି ଦ୍ୱାରା ଅନେକ ମହଣ ଓଜନର ସ୍ୱର୍ଣ୍ଣନିର୍ମିତ ଗୋଟିଏ ବଡ଼ ଘଣ୍ଟା ମନ୍ଦିରଦ୍ୱାରରେ ଲଟକା ହୋଇଥିଲା ଓ ଏହି ମନ୍ଦିରର ଖରଚ ଚଳିବାପାଇଁ ଦୁଇ ହଜାର ଗ୍ରାମ ଖଞ୍ଜା ଥିଲା । ଏହି ସମସ୍ତ ବୃତ୍ତାନ୍ତ ଶୁଣି ମାମୁଦ ବହୁକ୍ଳେଶ ସ୍ୱୀକାର କରି ୧୦୨୪ ଖ୍ରୀଷ୍ଟାବ୍ଦରେ ସ୍ୱୟଂ ସୋମନାଥ ଉପରେ ଚଢ଼ାଉ କଲେ । ଧର୍ମର ଦୋହାଇ ଦେଇ ନିଜ ନିଜ ଜୀବନକୁ ବଳି ଦେବାର ସ୍ପୃହା ହିନ୍ଦୁମାନଙ୍କର ନ ଥିଲା । ମାମୁଦଙ୍କର ଆଗମନବାର୍ତ୍ତା ଶ୍ରବଣ କଲାକ୍ଷଣି ସୋମନାଥର ରାଜା ପଳାଇଗଲେ, କିନ୍ତୁ ସହରର କେତେକ ରାଜପୁତ ଓ ଦେଉଳର ପଣ୍ଡାମାନେ କିଛି ବାହାଦୁରୀ

ସୋମନାଥ ଯୁଦ୍ଧ

Digitized by srujanika@gmail.com

ଦେଖାଇଥିଲେ । ଦୁଇ ଦିନ ପର୍ଯ୍ୟନ୍ତ ଏମାନେ ମାମୁଦଙ୍କ ସଙ୍ଗେ ଲଢ଼ିଲେ । ଚତୁର୍ଥ ଦିନ ଆଖପାଖର ରାଜାମାନଙ୍କର ନିଦ ଭାଙ୍ଗିଲା ଓ ସେମାନେ ସାହାଯ୍ୟ କରିବାକୁ ଆସିଲେ । ପଞ୍ଚୁନରାଜା ସାହସ ସହିତ ସେନା ସଜ୍ଜିତ କରି ଯୁଦ୍ଧ କରିବାକୁ ଆସି ପହଞ୍ଚିଲେ । ମାମୁଦ ମନ୍ଦିରଲୁଣ୍ଠନକୁ ତ୍ୟାଗ କରି ରାଜାଙ୍କ ସହିତ ଯୁଦ୍ଧରେ ପ୍ରବୃତ୍ତ ହେଲେ । ଭୀଷଣ ଯୁଦ୍ଧ ହେଲା, କିନ୍ତୁ ମାମୁଦଙ୍କର ଅତୁଳ ଉତ୍ସାହ ଆଗରେ କେହି ଛିଡ଼ି ପାରିଲେ ନାହିଁ; ସମସ୍ତେ ହାରିଗଲେ । ମାମୁଦ ଗୋଟାଏ ଗଦା ଧରି ମନ୍ଦିରରେ ପ୍ରବେଶ କଲେ । ଦେବମୂର୍ତ୍ତିକୁ ନ ଭାଙ୍ଗିବା ପାଇଁ ମନ୍ଦିରର ସେବକମାନେ ମାମୁଦଙ୍କୁ ବହୁତ ପ୍ରାର୍ଥନା କରି କହିଲେ, କିନ୍ତୁ ମାମୁଦ ସେମାନଙ୍କ କଥାରେ ଆଦୌ କର୍ଣ୍ଣପାତ କଲେ ନାହିଁ । ସେ କହିଲେ "ଆମ୍ଭେ ମୂର୍ତ୍ତିପୂଜକ ନୋହୁ, କିନ୍ତୁ ମୂର୍ତ୍ତିବିନାଶକ ଅଟୁଁ ।" ଏହା କହି ମାମୁଦ ସୋମନାଥ ମହାଦେବଙ୍କ ବିଗ୍ରହକୁ ବାଡ଼େଇ ଭାଙ୍ଗିଦେଲେ । କଥିତ ଅଛି ଯେ, ଏହି ମୂର୍ତ୍ତିର ଗର୍ଭରୁ ବହୁ ଲକ୍ଷ ଟଙ୍କାର ମଣିମୁକ୍ତା ପ୍ରଭୃତି ବହୁମୂଲ୍ୟ ରତ୍ନ ବାହାରି ପଡ଼ିଥିଲା । ମାମୁଦ କେତେ ହଜାର ଓଟଙ୍କ ପିଠିରେ ଉକ୍ତ ଲୁଣ୍ଠନ ସାମଗ୍ରୀମାନ ଲଦିନେଇ ଗଜନୀକୁ ଫେରିଗଲେ । କେହି ତାଙ୍କ ଗତିରୋଧ କରି ପାରିଲେ ନାହିଁ ।

ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ, ଦେଶବାସୀମାନେ ଜଳ ଜଳ କରି ଚାହିଁ ରହୁଥାଆନ୍ତି, ଜଣେ ବିଦେଶୀ ଲୁଣ୍ଠନକାରୀ ଏତେ ବାଟ ଦେଶକୁ ଆସି ଅନେକ ଥର ହିନ୍ଦୁମାନଙ୍କୁ ନିବଳୁଆ ଦେଖି ତାଙ୍କ ଧର୍ମସ୍ଥାନମାନ ନଷ୍ଟଭ୍ରଷ୍ଟ କରି ଦେଇ ଅତୁଳ ଧନ ସମ୍ପତ୍ତି ଦେଶରୁ ଲୁଟି ନେଇ ଚାଲି ଯାଉଥାଏ, ଅଥଚ କେହି ବୀର ଉକ୍ତ ଲୁଣ୍ଠନକାରୀର ପଥକୁ ରୋଧ କରୁ ନ ଥାଏ । ଏଥିର କାରଣ ଏହିକି, ସେ ସମୟରେ ହିନ୍ଦୁମାନଙ୍କ ବିଳାସିତା ବେକାୟୁରୂପେ ବଢ଼ି ଯାଇଥିଲା । ଏକ ଜାତି ସଙ୍ଗେ ଅନ୍ୟ ଜାତିର କୌଣସି ସମ୍ପର୍କ ନ ଥିଲା । କ୍ଷତ୍ରିୟମାନେ ହାରିଗଲେ ସମଗ୍ର ହିନ୍ଦୁଜାତି ଓ ସମଗ୍ର ହିନ୍ଦୁସ୍ଥାନ ହାରିଯିବ ଏ କଥା ଲୋକେ ବୁଝୁ ନ ଥାନ୍ତି । ସମସ୍ତଙ୍କୁ ଏକତାସୂତ୍ରରେ ବାନ୍ଧି ରଖିବାପାଇଁ ହିନ୍ଦୁମାନଙ୍କ ମଧ୍ୟରେ କେହି ନେତା ମଧ୍ୟ ନ ଥିଲେ । ଧର୍ମକୁ ରକ୍ଷା କରିବା କଥାକୁ ଲୋକେ ଏତେ ଜରୁରି

ହିନ୍ଦୁମାନଙ୍କର ପରାଜୟର କାରଣ

Digitized by srujanika@gmail.com

ବୋଲି ବାଗ୍ରତ ନ ଥିଲେ । ସେ ସମୟରେ ମୂର୍ତ୍ତିପୂଜା, ଜାତିବିଭାଗ, ଛୁଆଁ-ଛୁଇଁ, ଧର୍ମ ନାମରେ ବଳାତ୍କାର ଠଗରେ କହିବା ଅନୁସାରେ "ଅନ୍ଧ ଗୁରୁଙ୍କୁ ବଧିର ଚେଲା" ଆଦି ହିନ୍ଦୁଧର୍ମର ଭିନ୍ନ ଭିନ୍ନ ଅଙ୍ଗରୂପେ ପରିଗଣିତ ହେଉ-ଥିଲା । ଏପରି ଅବସ୍ଥାରେ ଏପରି ଶିଥିଳ ଅବସ୍ଥାଗ୍ରସ୍ତ ହିନ୍ଦୁମାନେ କିପରି ଅବା ନବଧର୍ମର ଉତ୍ସାହଦ୍ୱାରା ଅନୁପ୍ରାଣିତ ଓ ଯୁଦ୍ଧବିଦ୍ୟାରେ ସୁଶିକ୍ଷିତ ଓ ପାହାଡ଼ର କଠିନତାଦ୍ୱାରା ଦୃଢ଼ଶରୀର ବିଦେଶୀମାନଙ୍କ ସମ୍ମୁଖରେ ଠିଆ ହୋଇ ପାରନ୍ତେ ? ଏହା ଛଡ଼ା ନିଜର ସେନାଦଳରେ ଥିବା ହାତୀମାନେ କେତେଥର ଯୁଦ୍ଧକ୍ଷେତ୍ରରେ ହିନ୍ଦୁମାନଙ୍କୁ ଧୋକା ଦେଇଥିବା ବିଷୟ ବିରଳ ନୁହେ ।

ସୋମନାଥ ମନ୍ଦିର ଆକ୍ରମଣର କେତେଦିନ ପରେ ମାମୁଦଙ୍କର ମୃତ୍ୟୁ ହେଲା । ସେ ବଡ଼ ବୀର ଥିଲେ । ଯଦି ତାଙ୍କର ରାଜନୀତି ସମ୍ବନ୍ଧରେ ଜ୍ଞାନ ଥାଆନ୍ତା ଓ ତହିଁରେ ଶିକ୍ଷା ସମ୍ବନ୍ଧରେ ଉଚ୍ଚ ଆଦର୍ଶ ମିଶି ଥାଆନ୍ତା, ତେବେ ସେ ଆହୁରି ଲବ୍ଧବାନ୍ ହୋଇଥାଆନ୍ତେ, କିନ୍ତୁ ଧନ ଜମା କରିବା ମାମୁଦଙ୍କର ଦେଶବିଜୟର ଏକମାତ୍ର ଉଦ୍ଦେଶ୍ୟ ଥିଲା । ଏ କୌଣସି ରାଜ୍ୟ ସ୍ଥାପିତ କରି ନ ଥିଲେ କିମ୍ବା କୌଣସି ଆଇନ୍‌କାନୁନ୍ କରି ନ ଥିଲେ । ସେ ମରିଯିବା ସଙ୍ଗେ ସଙ୍ଗେ ଗଜନୀ ତମାମ୍ ତାଙ୍କ ପ୍ରଭାବର ଛାୟା ଲିଭିଗଲା । ମାମୁଦ ଏପରି ଧନଲୋଭୀ ଥିଲେ ଯେ, ମରିବାବେଳେ ସେ ତାଙ୍କର ସଞ୍ଚିତ ଧନରତ୍ନ ଯାକ ଆଣି ଆଗରେ ଗଦା କରାଇଲେ ଓ ସେ ଧନରତ୍ନ ପାଇଁ ଶୋକ କରି କାନ୍ଦୁ କାନ୍ଦୁ ତାଙ୍କ ପ୍ରାଣ ଛାଡ଼ିଗଲା । ମାମୁଦ କାହାକୁ ବଳପୂର୍ବକ ମୁସଲମାନ୍ ଧର୍ମରେ ଦୀକ୍ଷିତ କରି ନ ଥିଲେ ସତ୍ୟ, କିନ୍ତୁ ସେ ଭାରତୀୟଙ୍କ ସଙ୍ଗେ ଅତ୍ୟନ୍ତ ବର୍ବରତା କରିଥିଲେ । ସେ ନ୍ୟାୟପରାୟଣ, ଉଦାରମନା ଓ ସାହିତ୍ୟାନୁରାଗୀ ଥିଲେ । ତାହାଙ୍କ ଦରବାରରେ ଫାର୍ସୀ କବି ଫିର୍‌ଦୌସୀ, ଅନ୍ସାରୀ ଓ ଅଲ୍‌ବରୁନୀ ଆଦି ମହା ମହା ପଣ୍ଡିତମାନେ ସଭାପଣ୍ଡିତ ଥିଲେ ।

ମହମ୍ମଦ ଘୋରୀଙ୍କ ଆକ୍ରମଣ—ଏହାଙ୍କର ସମ୍ପୂର୍ଣ୍ଣ ନାମ ସାହାବୁଦ୍ଦୀନ ମହମ୍ମଦ ଘୋରୀ ଥିଲା । ସେ ଘୋରବଂଶର ସର୍ଦ୍ଦାର ଥିଲେ । ଏହାଙ୍କ ଭାଇ ଗିଆସୁଦ୍ଦିନ ଗଜନୀକୁ ଜୟ କରି ଏହାଙ୍କୁ ସେଠାର ରାଜା କରି

Digitized by srujanika@gmail.com

ଦେଇଥିଲେ । ଭାରତରେ ମୁସଲମାନ୍ ରାଜ୍ୟ ସ୍ଥାପନ କରିବେ ବୋଲି ଏ ସ୍ଥିରସଙ୍କଳ୍ପ କରିଥିଲେ । କେବଳ ଲୁଣ୍ଠନ ଓ ଧନସଞ୍ଚୟ ମହମୁଦ୍ ଗଜନୀଙ୍କର ଉଦ୍ଦେଶ୍ୟ ଥିଲା, କିନ୍ତୁ ଏ ରାଜ୍ୟ ସ୍ଥାପନ କରିବାପାଇଁ ଇଚ୍ଛୁକ ଥିଲେ । ସେ ୧୧୭୨ ଖ୍ରୀଷ୍ଟାବ୍ଦରେ ମୂଲତାନ୍ ଅଧିକାର କଲେ ଓ ପାଞ୍ଚ ବର୍ଷ ପରେ ଗୁଜରାଟ ଆକ୍ରମଣ କଲେ । ସେଠାର ରାଜା ଏହାଙ୍କୁ ପରାଜିତ କରି ତଡ଼ିଦେଲେ । ୧୧୮୬ ଖ୍ରୀଷ୍ଟାବ୍ଦରେ ଏ ଲାହୋର ଆକ୍ରମଣ ଓ ଅଧିକାର କଲେ । ଏହା ପରେ ୧୧୯୧ ଖ୍ରୀଷ୍ଟାବ୍ଦରେ ଏ ଥାନେଶ୍ୱର ଆକ୍ରମଣ କଲେ । ଏହିଠାରେ ଆଜମିରର ମହାରାଜା ପୃଥ୍ୱୀରାଜଙ୍କ ସମ୍ମୁଖୀନ ହେବାକୁ ପଡ଼ିଲା । ଏ ଯୁଦ୍ଧରେ

ପୃଥ୍ୱୀରାଜ

ମୁସଲମାନମାନେ ପରାଜିତ ହେଲେ ଓ ଘୋରୀ ବହୁ କଷ୍ଟରେ ପଳାଇଗଲେ । ଏଥିପୂର୍ବେ ହିନ୍ଦୁମାନେ ଉପର୍ଯ୍ୟୁପରି କେତେଗୋଟି ଯୁଦ୍ଧରେ ପରାଜିତ ହୋଇ ଏକତା ମନ୍ତ୍ର ଶିକ୍ଷା କରିଥିଲେ । ଏଥିଯୋଗୁଁ ଏହି ଯୁଦ୍ଧରେ କେତେକ ରାଜା ଏକତ୍ର ହୋଇ ମୁସଲମାନ୍‌ମାନଙ୍କର ସମ୍ମୁଖୀନ ହେଲେ । ଏହି ଯୁଦ୍ଧରେ ହିନ୍ଦୁମାନେହିଁ ବିଜୟୀ ହେଲେ । କିନ୍ତୁ ମହମ୍ମଦ ସେହିଦିନଠାରୁ କିପରି ଭାରତ ଜୟ କରିବେ, ଏହି ଚିନ୍ତାରେ ସର୍ବଦା ଜାଗ୍ରତ ରହିଲେ ଦୁଇ ବର୍ଷ ପରେ ସେ ଏକ ବଡ଼ ସେନା ନେଇ ପୃଥ୍ୱୀରାଜଙ୍କୁ ଚଢ଼ାଉ କଲେ । ପ୍ରତାରଣାପୂର୍ବକ ଘୋରୀ ପୃଥ୍ୱୀରାଜଙ୍କୁ ହଠାତ୍ ଆକ୍ରମଣ କଲେ । କିନ୍ତୁ ସମସ୍ତ

ପୃଥ୍ୱୀରାଜ

ପର୍ଯ୍ୟନ୍ତ ଦୁଇ ସେନାଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଲାଗିଲା, କିନ୍ତୁ ଶେଷରେ ପୃଥ୍ୱୀରାଜ ପରାଜିତ ହେଲେ । ମହମ୍ମଦ ଘୋରୀ ଅତି ନିଷ୍ଠୁରଭାବରେ ତାହାଙ୍କୁ

Digitized by srujanika@gmail.com

ହତ୍ୟା କଲେ*। ଅତଃପର ଘୋରୀ ଆଜମୀର ଆକ୍ରମଣ ଓ ଅଧିକାର କଲେ। ସେହି ବର୍ଷ ମଧ୍ୟ ତାହାଙ୍କ ସେନାପତି କୁତବୁଦ୍ଦିନ ଦିଲ୍ଲୀକୁ ଜୟ କଲେ । ପୃଥ୍ୱୀରାଜଙ୍କ ପରାଜୟ ସଙ୍ଗେ ସଙ୍ଗେ ଭାରତର ଭାଗ୍ୟଲକ୍ଷ୍ମୀ ବହୁକାଳ ପାଇଁ ଭାରତରୁ ବିଦାୟ ନେଲେ ।

କଥିତ ଅଛି ଯେ, ପୃଥ୍ୱୀରାଜ ଘୋରୀଙ୍କୁ ଏପରି ପରାଜିତ କରିଥିଲେ ଯେ, ସେ ଆଉ କେବେ ଭାରତକୁ ଆକ୍ରମଣ କରିବାକୁ ମନ ବଳାଇ ନ ଥାନ୍ତେ । କିନ୍ତୁ କାନ୍ୟକୁବ୍ଜର ରାଜା ଜୟଚନ୍ଦ୍ରଙ୍କ ସହିତ ପୃଥ୍ୱୀରାଜଙ୍କର ଶତ୍ରୁତା ହୋଇଥିବାରୁ ଜୟଚନ୍ଦ୍ର ଘୋରୀଙ୍କୁ ଭାରତ ଆକ୍ରମଣ କରିବାପାଇଁ ଡାକି ଆଣିଲେ । ପ୍ରତିବେଶୀ ରାଜଗଣ ପୃଥ୍ୱୀରାଜଙ୍କୁ ସାହାଯ୍ୟ କରିଥିଲେ, କିନ୍ତୁ ଜୟଚନ୍ଦ୍ର ତାଙ୍କୁ ସାହାଯ୍ୟ କଲେ ନାହିଁ, ସେ ସମ୍ଭବତଃ ଘୋରୀଙ୍କୁ ସାହାଯ୍ୟ କରିଥିଲେ । ଏଥିଯୋଗୁଁ ପୃଥ୍ୱୀରାଜ ଯେ କେବଳ ପରାଜିତ ହେଲେ ତାହା
ଜୟଚନ୍ଦ୍ର ନହେଁ, ପରନ୍ତୁ ଏହି ଅନୈକ୍ୟର ଫଳ ସ୍ୱୟଂ ଜୟଚନ୍ଦ୍ରଙ୍କୁ ଭୋଗିବାକୁ ପଡ଼ିଲା । ୧୧୯୪ ଖ୍ରୀଷ୍ଟାବ୍ଦରେ ଘୋରୀ ଜୟଚନ୍ଦ୍ରଙ୍କୁ ଆକ୍ରମଣ କଲେ ଓ ତାହାଙ୍କଠାରୁ ରାଜ୍ୟ ମଧ୍ୟ ଛଡ଼ାଇ ନେଲେ । ତତ୍ପରେ ଘୋରୀ ଅଗ୍ରସର ହୋଇ କାଶୀ ପର୍ଯ୍ୟନ୍ତ ଆସିଲେ ଓ ସମଗ୍ର ଦେଶ ଅଧିକାର କଲେ । ତାହାଙ୍କର ଜଣେ ସେନାପତି ଗୁଜରାଟ, କାଳଞ୍ଜର ଓ କାଲ୍ପୀ ଦେଶମାନ ଏବଂ ଅନ୍ୟ ସେନାପତି ବକ୍ତିୟାର ଖିଲିଜି ବଙ୍ଗ ଓ ବିହାର ଜୟ କଲେ । ଏହିପରି ୧୦।୧୨ ବର୍ଷ ମଧ୍ୟରେ ସମସ୍ତ ଉତ୍ତର ଭାରତ ମୁସଲମାନ୍‌ମାନଙ୍କର ଅଧୀନ ହୋଇଗଲା । ଏହି ମୁସଲମାନ୍‌ମାନେ ପଠାଣ ଶାଖାଭୁକ୍ତ ଥିଲେ । ଏମାନଙ୍କର ପାଞ୍ଚ ବଂଶ ଏହା ପରେ ଭାରତବର୍ଷରେ ରାଜତ୍ୱ କଲେ । ଏମାନଙ୍କ ବିଷୟ ପରେ

---

* ପୃଥ୍ୱୀରାଜ ରାସୋ ନାମକ ଗ୍ରନ୍ଥରେ ଲେଖାଅଛି ଯେ, ମହମ୍ମଦ ଘୋରୀ ପୃଥ୍ୱୀରାଜଙ୍କୁ ଗଜନୀକୁ ଆଣି ସେଠାରେ ବନ୍ଦୀ କଲେ । ପୃଥ୍ୱୀରାଜଙ୍କ ରାଜସଭାରେ ଚାନ୍ଦବରଦାୟୀ ନାମରେ ଜଣେ ପ୍ରସିଦ୍ଧ କବି ଓ ସର୍ଦ୍ଦାର ଥିଲେ । ସେ ମଧ୍ୟ ଗଜନୀ ଗଲେ ଓ ଏପରି କୌଶଳ କଲେ ଯେ, ପୃଥ୍ୱୀରାଜ ଶବ୍ଦବେଧୀ ଶର ପ୍ରୟୋଗ କରି ଘୋରୀଙ୍କୁ ମାରି ଦେଲେ । ତତ୍ପରେ ପୃଥ୍ୱୀରାଜ ଓ ଚାନ୍ଦବରଦାୟୀ ଦୁହେଁ ଦୁହିଁଙ୍କ ଦେହରେ ଖଣ୍ଡା ମାରି ଦୁହେଁ ମଲେ ।

Digitized by srujanika@gmail.com

ଲେଖାଯିବ । ମହମ୍ମଦ ଘୋରୀ ଭାରତବର୍ଷ ଜୟ କଲେ, ମାତ୍ର ଶାସନ କରି ପାରିଲେ ନାହିଁ । ୧୨୦୬ ଖ୍ରୀଷ୍ଟାବ୍ଦରେ ଗଜନୀକୁ

ମୁସଲ... ।ପନ

ପ୍ରତ୍ୟାବର୍ତ୍ତନ କରିବା ସମୟରେ ସିନ୍ଧୁନଦୀତୀରରେ ସେ ଶତ୍ରୁ ହସ୍ତରେ ନିହତ ହେଲେ । ତତ୍ପରେ ଏହାଙ୍କ ଦାସ କୁତବୁଦ୍ଦିନ ଏହାଙ୍କ ରାଜ୍ୟ ଅଧିକାର କରି ଦିଲ୍ଲୀ ସିଂହାସନ ଆରୋହଣ କଲେ ।

ଭାରତରେ ପଠାଣ ରାଜତ୍ୱ

(ଦାସବଂଶ)

କୁତବୁଦ୍ଦିନ—ପଠାଣମାନଙ୍କର ଯେଉଁ ପାଞ୍ଚଟି ବଂଶ କ୍ରମାନ୍ୱୟରେ ଭାରତରେ ରାଜତ୍ୱ କରିଥିଲେ, ସେମାନଙ୍କର ନାମ ଦାସବଂଶ, ଖିଲ୍‌ଜିବଂଶ, ତୋଗଲକବଂଶ, ସୈୟଦବଂଶ ଓ ଲୋଦୀବଂଶ । ଏମାନଙ୍କର ପ୍ରତ୍ୟେକଙ୍କର ସଂକ୍ଷିପ୍ତ ଇତିହାସ ଜାଣିବା ଆବଶ୍ୟକ । ମହମ୍ମଦ ଘୋରୀ ଯେଉଁ ସାମ୍ରାଜ୍ୟର ଭିତ୍ତି ସ୍ଥାପନ କରିଥିଲେ, ସେ ନିଜେ ତାହା ଭୋଗ କରି ପାରି ନ ଥିଲେ । କୁତବୁଦ୍ଦିନ ସେ ସାମ୍ରାଜ୍ୟ ଶାସନ କଲେ । ପ୍ରଥମେ କୁତବୁଦ୍ଦିନ କୌଣସି ସୌଦାଗରର କ୍ରୀତଦାସ ଥିଲେ । ପରେ ଏହି ସୌଦାଗର ଭେଟିସ୍ୱରୂପ

କୁତବମିନାର

ମହମ୍ମଦ ଘୋରୀଙ୍କ ହସ୍ତରେ ଏହାଙ୍କୁ ସମର୍ପଣ କରିଥିଲେ । ତାହାଙ୍କ ଗୁଣରେ ପ୍ରୀତ ହୋଇ ଘୋରୀ ତାହାଙ୍କୁ ବିଜିତ ରାଜ୍ୟମାନଙ୍କର ଶାସନକର୍ତ୍ତା ପଦରେ ନିଯୁକ୍ତ କଲେ । ଏହି କାରଣରୁ ଘୋରୀଙ୍କ ମୃତ୍ୟୁରେ ଏ

Digitized by srujanika@gmail.com

ସମ୍ରାଟ ହେଲେ । ଏ ଭାରତବର୍ଷର ପ୍ରଥମ ମୁସଲମାନ ବାଦସାହା । ଏ ୪ବର୍ଷ ମାତ୍ର ରାଜତ୍ୱ କରିଥିଲେ । ଏ ଦିଲ୍ଲୀରେ ଯେଉଁ 'ମିନାର ବା ଉଚ୍ଚ ସ୍ତମ୍ଭ ନିର୍ମାଣ କରାଇଥିଲେ, ତାହା କୁତବ୍ ମିନାର୍ ବା କୁତବ୍ ନାମରେ ଅଭିହିତ । ଏହା ଭାରତର ଉଚ୍ଚତମ 'ମିନାର' । ଏହାର ଉଚ୍ଚତା ପ୍ରାୟ ୨୪୮ ଫୁଟ । କୁତବ ଏହାର ନିର୍ମାଣ ଆରମ୍ଭ କରାଇଥିଲେ, ମାତ୍ର ଶେଷ କରାଇ ପାରି ନ ଥିଲେ, ତଥାପି ଏହା ତାହାଙ୍କର ନାମାନୁସାରେ ବିଖ୍ୟାତ କେହି କେହି କହନ୍ତି ଯେ, ପୃଥ୍ୱୀରାଜ ଏହି ସ୍ତମ୍ଭ ନିର୍ମାଣ କରାଇଥିଲେ ଏବଂ ଏହାର ପୂର୍ବ ନାମ ଯମୁନା ସ୍ତମ୍ଭ ଥିଲା ।

କୁତବମିନାର

ମହମ୍ମଦ ଘୋରୀ ଏହାକୁ ଭଙ୍ଗ ପକାଇଥିଲେ । କୁତବୁଦ୍ଦିନ ଏହାକୁ ପୁନର୍ବାର ନିର୍ମାଣ କରାଇଥିଲେ ।

ଆଲଟାମସ — କୁତବୁଦ୍ଦିନଙ୍କ ମୃତ୍ୟୁ ପରେ ତାହାଙ୍କ ପୁଅ ଆରାମ ସିଂହାସନ ଆରୋହଣ କଲେ, କିନ୍ତୁ ସେ ଅଯୋଗ୍ୟ ଥିଲେ । ସେ ସିଂହାସନ-ଚ୍ୟୁତ ହେଲେ ଓ ଅଲ୍ଟାମସ୍ ନାମରେ କୁତବୁଦ୍ଦିନଙ୍କର ଜଣେ ଦାସ ସିଂହାସନ ଅଧିକାର କଲେ । ଅଲ୍ଟାମସ୍ ଅତିଶୟ ଯୋଗ୍ୟ ଲୋକ ଥିଲେ । ଏପରି କି, ତାହାଙ୍କ ଯୋଗ୍ୟତାରେ ପ୍ରସନ୍ନ ହୋଇ କୁତବୁଦ୍ଦିନ ନିଜ କନ୍ୟା ସହିତ ତାହାଙ୍କ ବିବାହ ଦେଇଥିଲେ । ତାହାଙ୍କ ରାଜତ୍ୱର ଆରମ୍ଭ ସଙ୍ଗେ ସଙ୍ଗେ ଭାରତ ଏକ ଭାବୀ ବିପ୍ଳବ ହସ୍ତରୁ ନିସ୍ତାର ପାଇଥିଲା । ମଧ୍ୟ ଆସିଆରେ ଚେଙ୍ଗିଜ୍ ଖାଁ ନାମକ ଜନୈକ ପ୍ରବଳ ଲୁଣ୍ଠନକାରୀଙ୍କର ପ୍ରାଦୁର୍ଭାବ ହେଲା । ତାହାଙ୍କ ଅଧୀନରେ ଏକ ବୃହତ୍ ସୈନ୍ୟଦଳ ଥିଲା । ସେ

ଚେଙ୍ଗିଜ୍ ଖାଁ

Digitized by srujanika@gmail.com

ଯେଉଁ ସ୍ଥାନକୁ ଯାଉଥିଲେ, ସେଠାରେ ଲୁଣ୍ଠନ କରୁଥିଲେ; ଗ୍ରାମମାନ [illegible]ଡ଼ି ଦେଉଥିଲେ ଓ ଲୋକମାନଙ୍କୁ ହାଣି ପକାଉଥିଲେ । ତାହାଙ୍କ ନାମୋଚ୍ଚାରଣ ମାତ୍ରକେ ଦେଶବାସୀଙ୍କର ହୃତ୍‌କମ୍ପ ହେଉଥିଲା । ମଧ୍ୟ ଆସିଆରେ ଏହାଙ୍କ ପରି ଅନେକ ଲୁଣ୍ଠନକାରୀ ଥିଲେ । ଯଦ୍ୟପି ଇସଲାମ ଧର୍ମ ମଧ୍ୟଅସିଆବାସୀଙ୍କୁ ଧର୍ମବନ୍ଧନରେ ଆବଦ୍ଧ କରି ଶକ୍ତିଶାଳୀ ଓ ସଭ୍ୟ କରିଥିଲା, ତଥାପି ସେମାନଙ୍କର ସ୍ୱାଭାବିକ ବର୍ବରତା ଲୁପ୍ତ ହୋଇ ନ ଥିଲା । ରାଜାମାନଙ୍କଠାରେ ମଧ୍ୟ ଏହି ବର୍ବରତା ପରିଲକ୍ଷିତ ହେଉଥିଲା । ଯାହା ହେଉ, ଚେଙ୍ଗିଜ୍ ଖାଁ ସେହି ଅଞ୍ଚଳର ଅନେକ ରାଜାଙ୍କ ପଶ୍ଚାଦ୍ଧାବନ କରି ଭାରତର ସୀମାରେ ଉପସ୍ଥିତ ହେଲେ । ଭାବୀ ସର୍ବନାଶ ଭୟରେ ଭାରତର ଲୋକେ ପ୍ରମାଦ ଗଣିଲେ; କିନ୍ତୁ ଭାଗ୍ୟକ୍ରମେ ଚେଙ୍ଗିଜ୍ ଖାଁ ଆଉ ଅଗ୍ରସର ହେଲେ ନାହିଁ । ଚେଙ୍ଗିଜ୍ ଖାଁଙ୍କଦ୍ୱାରା ଆକ୍ରାନ୍ତ ରାଜା ଅଲ୍‌ତାମସଙ୍କ ଶରଣାଗତ ହେଲେ । କିନ୍ତୁ ଏହାଙ୍କୁ ଆଶ୍ରୟ ଦେଇ ଚେଙ୍ଗିଜ୍‌ଙ୍କର ଶତ୍ରୁତାଭାଜନ ହେବାକୁ ଅଲ୍‌ତାମସ୍ ଇଚ୍ଛୁକ ହେଲେ ନାହିଁ । ଅତଏବ ଚେଙ୍ଗିଜ୍ ମଧ୍ୟ କୌଣସି ଉତ୍ପାତ ନ କରି ସେଠାରୁ ବାହୁଡ଼ି ଗଲେ ।

ସିନ୍ଧୁ ଓ ବଙ୍ଗ ଦେଶର ଶାସନକର୍ତ୍ତାମାନେ ସ୍ୱାଧୀନ ହୋଇ ପଡ଼ିଥିଲେ । ଅଲ୍‌ତାମସ୍ ସେମାନଙ୍କୁ ହତ୍ୟା କରି ସେଠାରେ ନିଜର ଅଧିକାର ସ୍ଥାପନ କଲେ । କେତେ ବର୍ଷ ପର୍ଯ୍ୟନ୍ତ ସେ ମାଳବ ଜୟ କରିବାରେ ଲାଗିଲେ । ପରିଶେଷରେ ମାଳବରାଜ ତାହାଙ୍କ ଅଧୀନତା ସ୍ୱୀକାର କଲେ । ସେ ଉଜ୍ଜୟିନୀର ମହାକାଳ ଶିବମନ୍ଦିରକୁ ଭାଙ୍ଗି ପକାଇଲେ ଓ କୁତବମିନାର ନିର୍ମାଣ ଶେଷ କରାଇଲେ । ୧୨୩୬ ଖ୍ରୀଷ୍ଟାବ୍ଦରେ ତାହାଙ୍କର ମୃତ୍ୟୁ ହେଲା ।

ସୁଲତାନ୍ ରେଜିୟା ବେଗମ୍—ଅଲ୍‌ତାମସଙ୍କର ପୁତ୍ର ରୁକ୍‌ନୁଦ୍ଦିନ ଅତିଶୟ ବିଳାସୀ ଓ ଅଯୋଗ୍ୟ ରାଜା ଥିଲେ । କୌଣସି ପ୍ରକାରେ ସେ ୭ ମାସ ରାଜଗାଦିରେ ବସିବା ପରେ ତାହାଙ୍କର ଭଗିନୀ ରେଜିୟା ବେଗମ୍ ସିଂହାସନ ଅଧିରୋହଣ କଲେ । ସେ ଅତ୍ୟନ୍ତ ଯୋଗ୍ୟା ଓ ଚତୁରା ଥିଲେ । ନାରୀ ହୋଇ ଦିଲ୍ଲୀ ସିଂହାସନରେ ଉପବିଷ୍ଟ ହେବାର ସୌଭାଗ୍ୟ ଏକା ତାଙ୍କର ଘଟିଥିଲା । ସେ ପିତାଙ୍କ ରାଜତ୍ୱକାଳରେ ପିତାଙ୍କ ଶାସନକାର୍ଯ୍ୟରେ

Digitized by srujanika@gmail.com

ସାମ୍ରାଜ୍ୟ କରୁଥିଲେ । ସେ ଅଧିକାଂଶ ସମୟରେ ପୁରୁଷବେଶରେ ରାଜ ଦରବାରରେ ଉପସ୍ଥିତ ହେଉଥିଲେ । ସେ ୪ ବର୍ଷକାଳ ଉତ୍ତମରୂପେ ରାଜ୍ୟ ଶାସନ ଓ ଆଇନ କାନୁନ ସଂଶୋଧନ କରି ରାଜ୍ୟରୁ ନାନା ଅମଙ୍ଗଳ ଦୂର କରିଥିଲେ । ଅବଶେଷରେ ସେ ଜନୈକ କାଫ୍ରୀ ପ୍ରତି ଅଯଥା ଅନୁଗ୍ରହ ପ୍ରଦର୍ଶନ କରି ତାହାଙ୍କୁ ରାଜଦରବାରରେ ପ୍ରଧାନ ସର୍ଦ୍ଦାର ପଦରୁ ଉନ୍ନୀତ କଲେ । ଅନ୍ୟାନ୍ୟ ସର୍ଦ୍ଦାରମାନେ ଏଥିରେ ଅସନ୍ତୁଷ୍ଟ ହୋଇ ତାହାଙ୍କୁ ହତ୍ୟା କଲେ ।

ରେଜିୟା ବେଗମ୍

ନାସୀରୁଦ୍ଦିନ ମହମ୍ମଦ—ରେଜିୟାଙ୍କ ପରେ ଯଥାକ୍ରମେ ବୈରାମ ଓ ଅଲ୍ଲାଉଦ୍ଦିନ ମହମ୍ମଦ ନାମକ ଦୁଇଜଣ ଅକର୍ମଣ୍ୟ ରାଜା ସିଂହାସନାରୋହଣ କରିଥିଲେ । ଏହା ପରେ ୧୨୪୬ ଖ୍ରୀଷ୍ଟାବ୍ଦରେ ଆଲତାମସ୍‌ଙ୍କ କନିଷ୍ଠ ପୁତ୍ର ନାସୀରୁଦ୍ଦିନ୍ ସିଂହାସନ ଆରୋହଣ କଲେ । ସେ ଖୁବ୍ ଚରିତ୍ରବାନ୍, ଦୟାଳୁ ଓ ବିଦ୍ୟାନୁରାଗୀ ସମ୍ରାଟ୍ ଥିଲେ । ଲିଖନ ପଠନ କାର୍ଯ୍ୟରେ ଅଧିକ ସମୟ ବ୍ୟୟ କରୁଥିଲେ । ତାହାଙ୍କ ମତରେ ରାଜକୋଷର ସମୁଦାୟ ଅର୍ଥ ପ୍ରଜାଙ୍କର ଅଟେ ଓ ରାଜାଙ୍କର ସେଥିରେ କୌଣସି ଅଧିକାର ନାହିଁ । ସେ କୋରାନ୍ ପୁସ୍ତକ ଲେଖି କରି ବିକ୍ରୟ କରୁଥିଲେ ଓ ତଦ୍ଦ୍ୱାରା ନିଜ ଜୀବିକା ଉପାର୍ଜନ କରୁଥିଲେ । ସେ ଅତି ସରଳଭାବରେ ଜୀବନ ଯାପନ କରୁଥିଲେ । ଥରେ

ନାସୀରୁଦ୍ଦିନଙ୍କ ଆଦର୍ଶ

ତାହାଙ୍କ ସ୍ତ୍ରୀ କ୍ରୁଦ୍ଧ ହୋଇ କହିଲେ, "ରୁଟି ସେକି ସେକି ମୋ ହାତ ପୋଡ଼ିଗଲାଣି, ତୁମେ ଜଣେ ପାଚକ ରଖ ।" ବାଦସାହା ଏହା ଶୁଣି କହିଲେ ଯେ, ପାଚକ ନିଯୁକ୍ତ କରିବାପାଇଁ ତାହାଙ୍କର ଧନ କାହିଁ ? ବହୁକ୍ଲେଶରେ ସେ ରାଜକାର୍ଯ୍ୟ ନିର୍ବାହ ପାଇଁ ଅବସର ପାଉଥିଲେ । କିନ୍ତୁ ସୌଭାଗ୍ୟବଶତଃ ତାହାଙ୍କୁ ଗିୟାସୁଦ୍ଦିନ ବଲବନ୍

Digitized by srujanika@gmail.com

ନାମକ ଜଣେ ଉପଯୁକ୍ତ ମନ୍ତ୍ରୀଙ୍କ ସହାୟତା ମିଳିଥିଲା । ଏହି ମନ୍ତ୍ରୀଙ୍କ ସାହାଯ୍ୟରେ ନାସୀରୁଦ୍ଦିନ୍ ୨୦ ବର୍ଷକାଳ ରାଜତ୍ୱ କରିଥିଲେ । ତାହାଙ୍କ ସୌଜନ୍ୟ ସମ୍ବନ୍ଧରେ କେତେକ ପ୍ରସିଦ୍ଧ ଗଳ୍ପ ଦେଶରେ ପ୍ରଚଳିତ ଅଛି । ଏକ ସମୟରେ ତାହାଙ୍କର ଜଣେ ବନ୍ଧୁଙ୍କୁ ସେ ସ୍ୱହସ୍ତଲିଖିତ କୋରାନ୍ ଦେଖାଉ ଥିଲେ । ବନ୍ଧୁ ଏକ ସ୍ଥାନରେ ନାସୀରୁଦ୍ଦିନଙ୍କୁ ତାଙ୍କର ଗୋଟିଏ ଭୁଲ ଦେଖାଇ ଦେଲେ । ସେ ସେହିକ୍ଷଣି ବନ୍ଧୁଙ୍କ ଆଗରେ ବନ୍ଧୁଙ୍କ କହିବାମତେ ତାହା ସଂଶୋଧନ କରିଦେଲେ, କିନ୍ତୁ ବନ୍ଧୁ ଚାଲିଗଲା ପରେ ତାହା ପ୍ରଥମେ ଯେପରି ଥିଲା ପୁଣି ସେହିପରି କରି ରଖିଦେଲେ । ରାଜସଭାର ଜଣେ ବ୍ୟକ୍ତି ବାଦସାହାଙ୍କୁ ଏଥିର କାରଣ ଜିଜ୍ଞାସା କରିବାରୁ ସେ କହିଲେ, "ପ୍ରକୃତରେ ଏହା ଭୁଲ ନ ଥିଲା, କିନ୍ତୁ ବନ୍ଧୁଙ୍କର କଥା ମାନି ନ ଥିଲେ ବନ୍ଧୁ ମର୍ମାହତ ହୋଇଥାନ୍ତେ; ଏଥିପାଇଁ ତାଙ୍କ ଆଗରେ ମୁଁ ଏହା ସଂଶୋଧନ କଲି ।" ନାସୀରୁଦ୍ଦିନ ୧୨୬୫ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ ।

ଗିୟାସୁଦ୍ଦିନ୍ ବଲ୍ବନ— ବଲ୍ବନ୍ ପ୍ରଥମେ ଜଣେ ଦାସ ଥିଲେ । କିନ୍ତୁ ତାହାଙ୍କ ଗୁଣରେ ମୁଗ୍ଧ ହୋଇ ଅଲ୍ତାମସ୍ ତାହାଙ୍କ ସହିତ ନିଜ କନ୍ୟାଙ୍କର ବିବାହ ଦେଇଥିଲେ । ସେ ନାସୀରୁଦ୍ଦିନଙ୍କ ରାଜତ୍ୱକାଳରେ ନାମ ମାତ୍ର ମନ୍ତ୍ରୀ ଥିଲେ, କିନ୍ତୁ ସମସ୍ତ ରାଜକାର୍ଯ୍ୟ ବୁଝୁଥିଲେ । ସେ ୧୨୬୬ ଖ୍ରୀଷ୍ଟାବ୍ଦରେ ସିଂହାସନାରୋହଣ କଲେ । ଏହି ସମୟରେ ବଙ୍ଗଦେଶର ନବାବ ତୁଗ୍ରଲ ଖାଁ ସ୍ୱାଧୀନ ହୋଇ ପଡ଼ିଲେ । ତାହାଙ୍କୁ ଦମନ କରିବାପାଇଁ ବଲ୍ବନ୍ ଦୁଇଥର ସୈନ୍ୟ ପ୍ରେରଣ କରିଥିଲେ, ମାତ୍ର ସଫଳ ହୋଇ ନ ଥିଲେ । ସେ ତୃତୀୟବାର ନିଜେ ଯୁଦ୍ଧଯାତ୍ରା କଲେ । ତୁଗ୍ରଲ୍ ଖାଁ ଜଙ୍ଗଲରେ ଲୁଚିଲେ, କିନ୍ତୁ ଧୃତ ହୋଇ ନୃଶଂସଭାବରେ ନିହତ ହେଲେ । ତାହାଙ୍କ ରାଜତ୍ୱକାଳରେ ମୋଗଲମାନେ ଭାରତ ଆକ୍ରମଣ କରିଥିଲେ । ଭୀଷଣ ଯୁଦ୍ଧ ପରେ ମୋଗଲମାନେ ପରାସ୍ତ ହେଲେ, କିନ୍ତୁ ବଲ୍ବନ୍ଙ୍କ ପୁତ୍ର ମହମ୍ମଦ୍ ଯୁଦ୍ଧରେ ନିହତ ହେଲେ । ବଲ୍ବନ୍ ଅତ୍ୟନ୍ତ ଅତ୍ୟାଚାରୀ ଓ ନିର୍ଦ୍ଦୟ ଥିଲେ । ସେ ମେବାର ଓ ମାଳବର ରାଜପୁତମାନଙ୍କୁ ନୃଶଂସଭାବରେ ହତ୍ୟା କରିଥିଲେ । ସେ ପାର୍ସୀ ସାହିତ୍ୟ ପ୍ରତି ବିଶେଷ

ମୋଗଲମାନଙ୍କର ଆକ୍ରମଣ

Digitized by srujanika@gmail.com

ଅନୁରକ୍ତ ଥିଲେ । ମୀର୍ ଖୁସ୍ରୁ ତାହାଙ୍କ ରାଜସଭାର କବି ଥିଲେ । ବଲ୍‌ବନ୍ ୧୨୮୭ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ ।

କାୟ୍‌କୋବାଦ୍—ଏ ବଲ୍‌ବନ୍‌ଙ୍କର ପୌତ୍ର ଓ ବୋଗରା ଖାଁଙ୍କର ପୁତ୍ର ଥିଲେ । ସେ ଅତ୍ୟନ୍ତ ଦୁର୍ବଳହୃଦୟ ସମ୍ରାଟ୍ ଥିଲେ । ମନ୍ତ୍ରୀଗଣଙ୍କ ପ୍ରରୋଚନାରେ ସେ ନୀଚକର୍ମ କରିବାକୁ ମଧ୍ୟ କୁଣ୍ଠିତ ହେଉ ନ ଥିଲେ ।

ଦାସବଂଶର ଲୋପ

ଏହାଙ୍କ ପିତା ବଙ୍ଗଦେଶରୁ ପ୍ରତ୍ୟାବର୍ତ୍ତନ କରି ଏହାଙ୍କୁ ଅନେକ ବୁଝିଥିବା ଦେଲେ, ମାତ୍ର କୌଣସି ଫଳ ହେଲା ନାହିଁ । ପରିଶେଷରେ ଏହାଙ୍କ ଦରବାରର ଜନୈକ ସର୍ଦ୍ଦାର ଜଲାଲୁଦ୍ଦିନ୍ ଖିଲ୍‌ଜୀ ଏହାଙ୍କୁ ହତ୍ୟା କରି ନିଜେ ସମ୍ରାଟ୍ ହେଲେ । କାୟ୍‌କୋବାଦ୍ ଦାସବଂଶର ଶେଷ ରାଜା ଥିଲେ । ୧୨୯୦ ଖ୍ରୀଷ୍ଟାବ୍ଦରେ ଦାସବଂଶର ଅବସାନ ହେଲା ।

ଖିଲ୍‌ଜୀ ବଂଶ

ଜଲାଲୁଦ୍ଦିନ୍ ଖିଲିଜୀ—ଜଲାଲୁଦ୍ଦିନ୍ ଏହି ବଂଶର ପ୍ରତିଷ୍ଠାତା । ସେ ଗଜନୀ ନିକଟରେ ଖିଲ୍‌ଜୀ ନାମକ ସ୍ଥାନରେ ବାସ କରୁଥିଲେ ବୋଲି ଉକ୍ତ ନାମାନୁସାରେ ଏ ବଂଶର ନାମକରଣ ହେଲା । ସେ ପ୍ରାୟ ୭୦ ବର୍ଷ ବୟଃକ୍ରମକାଳରେ ସିଂହାସନ ଆରୋହଣ କରିଥିଲେ । ସେ ଏପରି ଦୟାଳୁ ଥିଲେ ଯେ, ଶତ୍ରୁ ଓ ଅପରାଧୀମାନଙ୍କୁ ମଧ୍ୟ କ୍ଷମା ଦେଉଥିଲେ । ତାହାଙ୍କ ରାଜତ୍ୱକାଳରେ ଥୋଟାଏ ଭୀଷଣ ଦୁର୍ଭିକ୍ଷ ହୋଇ ଅନେକ ଲୋକ ମୃତ୍ୟୁ-ମୁଖରେ ପତିତ ହୋଇଥିଲେ । ମାଳବ ଦେଶ ସ୍ୱାଧୀନ ହୋଇଗଲା । ସମ୍ରାଟ

ମୋଗଲମାନଙ୍କ ଦ୍ୱିତୀୟ ଆକ୍ରମଣ

ବିଦ୍ରୋହ ଦମନ କଲେ, ମାତ୍ର ଦୁର୍ଗକୁ ଅଧିକାର ନ କରି ଫେରି ଆସିଲେ । ଏହାଙ୍କ ରାଜତ୍ୱରେ ମୋଗଲ-ଗଣ ଭାରତରେ ଉପଦ୍ରବ କରିବାକୁ ଆରମ୍ଭ କରିଥିଲେ, କିନ୍ତୁ ସେ ତିନି ହଜାର ମୋଗଲଙ୍କୁ ମୁସଲମାନ୍‌ଧର୍ମରେ ଦୀକ୍ଷିତ କରି ଦିଲ୍ଲୀ-ନିକଟରେ ମୋଗଲପୁର ନାମରେ ଏକ ସହର ବସାଇଥିଲେ ।

ଜଲାଲୁଦ୍ଦିନଙ୍କ ସମୟରେ ପ୍ରଥମେ ଦକ୍ଷିଣରେ ମୁସଲମାନମାନଙ୍କର ଆକ୍ରମଣ ଆରମ୍ଭ ହେଲା । ଜଲାଲୁଦ୍ଦିନଙ୍କ ଭ୍ରାତୃଷ୍ପୁତ୍ର ଆଲାଉଦ୍ଦିନ୍ ଅତ୍ୟନ୍ତ

Digitized by srujanika@gmail.com

ଯୁଦ୍ଧପ୍ରିୟ ଥିଲେ । ୧୨୯୪ ଖ୍ରୀଷ୍ଟାବ୍ଦରେ ସେ ପିତୃବ୍ୟଙ୍କ ଅନାନୁମତିରେ ୯୦୦୦ ଅଶ୍ୱାରୋହୀ ସେନା ସହିତ ଦକ୍ଷିଣକୁ ଯୁଦ୍ଧଯାତ୍ରା କରି ୮୦୦ ମାଇଲ୍ ଅଗ୍ରସର ହୋଇ ଦେବଗିରିରେ ଉପନୀତ ହେଲେ । ସେଠାରେ ହିନ୍ଦୁ ରାଜା ରାମଦେବ ପରାହତ ହୋଇ ତାହାଙ୍କ ସହିତ ସନ୍ଧି ସ୍ଥାପନ କଲେ ଓ ସେ ବିଜୟୀ

ଦେବଗିରି ବିଜୟ

ହୋଇ ଦିଲ୍ଲୀ ବାହୁଡ଼ିଲେ । ବୃଦ୍ଧ ଜଲାଲୁଦ୍ଦିନ୍ ଏ ବିଜୟ-ବାର୍ତ୍ତାରେ ଆନନ୍ଦିତ ହୋଇ ଭ୍ରାତୃଷ୍ପୁତ୍ରଙ୍କୁ ପ୍ରେମାଲିଙ୍ଗନ କରିବା ସମୟରେ ଘାତକ ଆଲ୍ଲାଉଦ୍ଦିନ୍ ତାହାଙ୍କୁ ହତ୍ୟା କଲେ ଓ ସ୍ୱୟଂ ୧୨୯୫ ଖ୍ରୀଷ୍ଟାବ୍ଦରେ ସମ୍ରାଟ ହେଲେ ।

ଆଲ୍ଲାଉଦ୍ଦିନ ଖିଲିଜୀ—ଏହି ପାପମୟ ହତ୍ୟାକାଣ୍ଡ କରି ଅଲ୍ଲାଉଦ୍ଦିନ ସିଂହାସନରେ ଉପବିଷ୍ଟ ହେଲେ । ସେ ପ୍ରବଳ ଯୋଦ୍ଧା ଓ କଡ଼ା ହାକିମ ଥିଲେ; କିନ୍ତୁ ନିଜର ସ୍ୱାର୍ଥ ସମ୍ମୁଖରେ ପାପ ପୁଣ୍ୟର ବିଚାର କରୁ ନ ପଛିନ ଥିଲେ । ସେ ପ୍ରଥମେ ଗୁଜରାଟ ଆକ୍ରମଣ କରି ସେଠାର ହିନ୍ଦୁ ରାଜାଙ୍କୁ ପରାଜିତ କଲେ ଓ ତାହାଙ୍କ ରାଣୀଙ୍କୁ ବଳପୂର୍ବକ ବିବାହ କଲେ । ତତ୍ପରେ ସେ ରାଜପୁତନା ପ୍ରତି ଦୃଷ୍ଟିପାତ କଲେ ଓ ଚିତୋରକୁ ଅବରୋଧ କରି ଚତୁରତାପୂର୍ବକ ଚିତୋରର ରାଣା ଭୀମସିଂହଙ୍କୁ ବନ୍ଦୀ କଲେ । ରାଣା ଭୀମସିଂହଙ୍କ ରାଣୀ ପଦ୍ମିନୀ ଅଲ୍ଲାଉଦ୍ଦିନଙ୍କ ଚତୁରତାର ପ୍ରତିବଦଳରେ ଚତୁରତା ଆଚରଣ ପୂର୍ବକ ରାଣାଙ୍କୁ ଅଲ୍ଲାଉଦ୍ଦିନଙ୍କ କବଳରୁ ମୁକ୍ତ କଲେ ଏବଂ ଆଲ୍ଲାଉଦ୍ଦୀନଙ୍କୁ ଖୁବ୍ ହଇରାଣ କଲେ । ଦୁଇ ବର୍ଷ ପରେ ଆଲ୍ଲାଉଦ୍ଦିନ୍ ପୁଣି ଚିତୋର ଆକ୍ରମଣ କଲେ । ଏହିଥର ସେ ବହୁଦିନ ପର୍ଯ୍ୟନ୍ତ ଚିତୋର ଅବରୋଧ କରିବାରୁ ରାଜପୁତମାନେ ଦୁର୍ଗରକ୍ଷା

ଅଲ୍ଲାଉଦ୍ଦୀନ

ପାଇଁ ବଦ୍ଧପରିକର ହେଲେ । ଶେଷରେ ଜୀବନର ଆଶା ନ ଦେଖି ୧୫୦୦୦ ରାଜପୁତ ରମଣୀଙ୍କ ସହିତ ରାଣୀ ପଦ୍ମିନୀ ଜଳନ୍ତ ଚିତାରେ

Digitized by srujanika@gmail.com



ଝାସ ଦେଇ ଜହର ବ୍ରତ ପାଳନ କଲେ । ତେଣେ ରାଜପୁତମାନେ ଦୁର୍ଗର ବାହାରକୁ ଆସି ଶତ୍ରୁସହିତ ଯୁଦ୍ଧ କରୁ କରୁ ପ୍ରାଣତ୍ୟାଗ କଲେ ।

Digitized by srujanika@gmail.com

ଅଲାଉଦ୍ଦିନ୍ ମାଳଦେବଙ୍କୁ ରାଣା ପଦରେ ଅଭିଷିକ୍ତ କରି ଚିତୋରରୁ ବାହୁଡ଼ିଲେ ।

ସମ୍ରାଟ୍ ନିଜ ସେନାପତି ମାଲିକ୍ କାଫୁରଙ୍କ ଅଧୀନରେ ଦେଢ଼ ଲକ୍ଷ ସୈନ୍ୟ ଦେଇ ଦାକ୍ଷିଣାତ୍ୟ ବିଜୟ କରିବା ପାଇଁ ପ୍ରେରଣ କଲେ । କାଫୁର ଦେବଗିରିରେ ଉପନୀତ ହୋଇ ରାଜା ରାମଦେବଙ୍କୁ ପରାଜିତ ଓ

ମାଲିକ କାଫୁର

ବନ୍ଦୀ କରି ଦିଲ୍ଲୀକୁ ପ୍ରେରଣ କଲେ, କିନ୍ତୁ ଆଲାଉଦ୍ଦିନ ତାହାଙ୍କୁ କରଦରାଜା ସ୍ୱୀକାର କରି ମୁକ୍ତ ଦେଲେ । ମାଲିକ୍ କାଫୁର ଆହୁରି ଦକ୍ଷିଣକୁ ଅଗ୍ରସର ହେଲେ । ୧୩୦୭ ରୁ ୧୩୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବାରମ୍ବାର ଆକ୍ରମଣ ଫଳରେ ବାରଙ୍ଗଲ, ମହୀଶୂର ଓ ଦେବଗିରି ଜୟ କରିଥିଲେ ଏବଂ ମାଲବାରରେ ମୁସଲମାନ୍ ଅଧିପତ୍ୟ ସ୍ଥାପନ କଲେ । ଏହିରୂପେ ସୁଦୂର ଦକ୍ଷିଣ ଭାରତ ମୁସଲମାନମାନଙ୍କର ପ୍ରଥମେ ହସ୍ତଗତ ହେଲା । ମାଲିକ୍ କାଫୁର୍ ଅନେକ ଧନରତ୍ନ ସହିତ ଦକ୍ଷିଣ ଭାରତରୁ ପ୍ରତ୍ୟାବୃତ୍ତ ହେଲେ ।

ଆଲାଉଦ୍ଦିନଙ୍କ ସମୟରେ ମୋଗଲମାନେ ୫।୬ ଥର ଭାରତ ଆକ୍ରମଣ କରିଥିଲେ, କିନ୍ତୁ ସେମାନେ ପ୍ରତ୍ୟେକ ଥର ପରାଜିତ ହୋଇଥିଲେ । ୧୩୦୩ ଖ୍ରୀଷ୍ଟାବ୍ଦରେ କତଲୁ ଖାଁଙ୍କ ଅଧୀନରେ ମୋଗଲମାନଙ୍କ

ମୋଗଲ ଆକ୍ରମଣ

ଆକ୍ରମଣ ଅତ୍ୟନ୍ତ ଭୟାନକ ହୋଇଥିଲା । ଦୁଇ ମାସ ପର୍ଯ୍ୟନ୍ତ ମୋଗଲମାନେ ଦିଲ୍ଲୀ ଅବରୋଧ କରିଥିଲେ, କିନ୍ତୁ ଅବଶେଷରେ ବିଫଳ ହୋଇ ପ୍ରତ୍ୟାବର୍ତ୍ତନ କଲେ । ଆଲାଉଦ୍ଦିନ୍ ଏଥିରେ ଏତେ କ୍ରୁଦ୍ଧ ହେଲେ ଯେ, ମୋଗଲପୁରରେ ଥିବା ସମସ୍ତ ମୋଗଲଙ୍କୁ ହତ୍ୟା କରିବାପାଇଁ ସେ ଆଦେଶ ଦେଲେ ଓ ସେଠାର ସମସ୍ତ ମୋଗଲମାନେ ନିହତ ହେଲେ । ଆଲାଉଦ୍ଦିନଙ୍କ ଶାସନକାର୍ଯ୍ୟରେ କେତେକ ବିଶେଷତ୍ୱ ଥିଲା । ସେ ଅତ୍ୟନ୍ତ ନିଷ୍ଠୁର ଓ ବ୍ୟସନୀ ଥିଲେ ଏବଂ ପ୍ରଜାପୀଡ଼ନ କରିବାପାଇଁ ମଧ୍ୟ ଟିକେ ମାତ୍ର କୁଣ୍ଠିତ ହେଉ ନ ଥିଲେ । ସେ କାହାରିକୁ ବିଶ୍ୱାସ କରୁ ନ ଥିଲେ ଓ ଅନ୍ୟର ଉନ୍ନତି ଦେଖିଲେ ଭୀତ ହେଉଥିଲେ । ସେ ଧନୀ ପ୍ରଜାଙ୍କ ଗୁରୁ କରଭାରଦ୍ୱାରା ଉତ୍ପୀଡ଼ିତ କରି ଦରିଦ୍ର କରି ଦେଉଥିଲେ । ତଥାପି ତାଙ୍କ ରାଜ୍ୟରେ ଶାନ୍ତି

Digitized by srujanika@gmail.com

ବିଭକ୍ତ ଥିଲା । ସେ ରାଜ୍ୟର ସମ୍ବାଦ ଜାଣିବାପାଇଁ ସୁଦକ୍ଷ ଗୁପ୍ତଚରବର୍ଗ

ଜଲାଲୁଦ୍ଦିନଙ୍କ ବ୍ୟବହାର

ସ୍ଥାପନ କରିଥିଲେ ଏବଂ ଏହି ପ୍ରଣାଳୀରେ ସେ ରାଜ୍ୟର ଦୂରତର ପ୍ରାନ୍ତର ସମ୍ବାଦ ଅବଗତ ହେଉଥିଲେ । ସେ ପଣ୍ୟଦ୍ରବ୍ୟାଦିର ମୂଲ୍ୟ ନିରୂପିତ କରି ଦେଇଥିଲେ ଏବଂ ତାହାଙ୍କ ଅଜ୍ଞ ବ୍ୟତୀତ ମୂଲ୍ୟର ହ୍ରାସବୃଦ୍ଧି ହୋଇ ନ ଥିଲା । ରାଜ୍ୟରେ ଚୋର ଓ ଦସ୍ୟୁମାନଙ୍କ ଭୟ ବହୁତ କମିଯାଇଥିଲା ।

ତାହାଙ୍କର ଅନ୍ତିମକାଳ ଶାନ୍ତିରେ ବିତି ନ ଥିଲା । ଚିତୋର, ଗୁଜରାଟ ଓ ଦେବଗିରି ପ୍ରଭୃତି ବିଜିତ ପ୍ରଦେଶମାନେ ସ୍ୱାଧୀନ ହୋଇଗଲେ । ଏହି ସମାଚାର ପାଇଁ ସେ ଅତ୍ୟନ୍ତ ଦୁଃଖିତ ହେଲେ ଏବଂ (ଐତିହାସିକ ଫିରିସ୍ତାଙ୍କ ବର୍ଣ୍ଣନା ଅନୁସାରେ) ସେ ନିଜ ଦେହକୁ କ୍ରୋଧରେ ନଖଦ୍ୱାରା ରକ୍ତାକ୍ତ କରାଇଲେ । ଏହି ପ୍ରକାର ଅଶାନ୍ତି ମଧ୍ୟରେ ସେ ୧୩୧୬ ଖ୍ରୀଷ୍ଟାବ୍ଦରେ ଶୋକସନ୍ତପ୍ତଚିତ୍ତରେ ପ୍ରାଣତ୍ୟାଗ କଲେ ।

କୁତବୁଦ୍ଦିନ୍ ମୁବାରକ୍—ଏହା ପରେ ମାଲିକ୍ କାଫୁର୍ ଅଲାଉଦ୍ଦିନଙ୍କ ନାବାଳକ ପୁତ୍ରଙ୍କୁ ସିଂହାସନରେ ବସାଇ ନିଜେ ସମସ୍ତ ରାଜକାର୍ଯ୍ୟ ପରିଚାଳନ କରୁଥିଲେ, କିନ୍ତୁ ସେ ନିହତ ହେଲେ; ସୁତରାଂ ଅଲାଉଦ୍ଦିନଙ୍କ ଅନ୍ୟ ଏକ ପୁତ୍ର କୁତବୁଦ୍ଦିନ୍ ମୁବାରକ୍ ସମ୍ରାଟ୍ ହେଲେ । ପ୍ରଥମରେ ସେ ରାଜକାର୍ଯ୍ୟରେ କିଛି ଉତ୍ସାହ ପ୍ରଦର୍ଶନ କରିଥିଲେ କିନ୍ତୁ ପରେ

ଖିଲିଜିବଂଶର ଲୋପ

ଏପରି ଅକର୍ମଣ୍ୟ ଓ ବିଳାସୀ ହୋଇପଡ଼ିଲେ ଯେ, ସମସ୍ତ ରାଜକାର୍ଯ୍ୟ ଖୁସ୍ରୁ ନାମକ ଏକ ଦାସହସ୍ତରେ ସମର୍ପଣ କଲେ । ଖୁସ୍ରୁ ପ୍ରଥମେ ହିନ୍ଦୁ ଥିଲେ, ସେହି ହେତୁରୁ ରାଜ୍ୟର ଅମୀର୍‌ମାନେ ତାହାଙ୍କୁ ଘୃଣା କରୁଥିଲେ । ଏହା ପରେ ପଞ୍ଜାବର ଶାସନକର୍ତ୍ତା ଗିୟାସୁଦ୍ଦିନ୍ ତୋଗଲକ୍ ଖୁସ୍ରୁଙ୍କୁ ଯୁଦ୍ଧରେ ପରାଜିତ କଲେ ଓ ଅମୀରମାନଙ୍କ ସମ୍ମତି ଅନୁସାରେ ସିଂହାସନ ଅଧିରୋହଣ କଲେ । ଏହିପରି ଖିଲିଜିବଂଶର ଅବସାନ ଓ ତୋଗଲକ୍‌ବଂଶର ଆରମ୍ଭ ହେଲା ।

ତୋଗଲକ୍ ବଂଶ—ଗିୟାସୁଦ୍ଦିନ୍ ୪ ବର୍ଷ ମାତ୍ର ରାଜତ୍ୱ କରିଥିଲେ । ସେ ଉତ୍ତମ ଶାସକ ଥିଲେ, କିନ୍ତୁ କିଛି ଦିନ ମଧ୍ୟରେ ନିଜ ପୁତ୍ର ଜୁନା ଖାଁଙ୍କ ହସ୍ତରେ ନିହତ ହେଲେ ।

Digitized by srujanika@gmail.com

ଜୁନା ଖାଁ ମହମ୍ମଦ୍ ତୋଗଲକ୍ ନାମ ଗ୍ରହଣ କରି ସିଂହାସନ ଆରୋହଣ କଲେ । ସେ ଅନେକ ଭାଷାରେ ଓ ବିଦ୍ୟାରେ ସୁପଣ୍ଡିତ ଥିଲେ, କିନ୍ତୁ ତାହାଙ୍କର ମସ୍ତିଷ୍କ ବିକୃତ ଥିଲା । ପାଗଳାମିରେ ତାଙ୍କ କାଳ କଟୁଥିଲା, ସୁତରାଂ ସେ ଅଦ୍ଭୁତ ଆଦେଶମାନ ପ୍ରଚାର କରୁଥିଲେ । ପାରସ୍ୟ ଓ ଚୀନ ବିଜୟବାସନା ତାହାଙ୍କ ହୃଦୟରେ ପ୍ରବଳ ହେଲା । ପାରସ୍ୟ ଆକ୍ରମଣ କରିବା ପାଇଁ ଗୋଟିଏ ପ୍ରକାଣ୍ଡ ସୈନ୍ୟଦଳ ଗଠିତ ହେଲା, ମାତ୍ର ବେତନ ନ ପାଇବାରୁ

ମହମ୍ମଦ ତୋଗଲକଙ୍କ ଅବ୍ୟବସ୍ଥା

ସୈନ୍ୟମାନେ କିଏ କେଉଁଆଡ଼େ ଛିନ୍ନଛତ୍ର ହୋଇ ପଳାଇଲେ । ଚୀନ ଜୟ ପାଇଁ ଏକ ଲକ୍ଷ ସୈନ୍ୟ ସଂଗୃହୀତ ହେଲା, କିନ୍ତୁ ପ୍ରାୟ ସମସ୍ତ ସୈନ୍ୟ ବରଫ ଯୋଗୁଁ ମରି ଗଲେ ଓ ଯେଉଁମାନେ ବରଫରୁ ବର୍ତ୍ତି ଦେଶକୁ ଫେରି ଆଇଲେ, ସେମାନେ ମହମ୍ମଦଙ୍କଦ୍ୱାରା ନିହତ ହେଲେ । ଏହାପରେ ଅପବ୍ୟୟ ଯୋଗୁଁ ରାଜକୋଷ ଶୂନ୍ୟ ହୋଇଗଲାରୁ ସେ ସ୍ୱର୍ଣ୍ଣମୁଦ୍ରା ପରିବର୍ତ୍ତିରେ ତାମ୍ରମୁଦ୍ରା ଚଳିବାର ଆଦେଶ ଦେଲେ, କିନ୍ତୁ ତାହା ଚଳିଲା ନାହିଁ । ଏହାପରେ ନାନାବିଧ ଅବ୍ୟବସ୍ଥା ଯୋଗୁଁ ଦେଶର ବ୍ୟବସାୟ ବାଣିଜ୍ୟ ଛାରଖାର ହୋଇଗଲା । ରାଜକୋଷ ପୂର୍ଣ୍ଣ କରିବା ନିମିତ୍ତ ପ୍ରଜାମାନଙ୍କ ଉପରେ ନୂତନ ନୂତନ କର ବସାଣ କଲେ । ପ୍ରଜାମାନେ ଅବରୁ ନିର୍ଦ୍ଧନ ହୋଇ ସାରିଥିଲେ, କର ଦେବାକୁ ଅସମର୍ଥ ହୋଇ ପ୍ରଜାମାନେ ବଣରେ ଲୁଚିଲେ, କିନ୍ତୁ ଏହି ଆତତାୟୀ ସମ୍ରାଟ୍ ସୈନ୍ୟଙ୍କ ଦ୍ୱାରା ବଣକୁ ଘେରାଉ କରି ବନ୍ୟ ପଶୁଙ୍କୁ ଶିକାର କରିବା ପରି ପ୍ରଜାମାନଙ୍କୁ ହତ୍ୟା କଲେ ଓ କେବେ କେବେ ଗାଆଁକୁ ଗାଆଁ ନିଆଁ ଲଗାଇ ଜାଳି ଦେଲେ । ଏହି ସମୟରେ ମୋଗଲମାନେ ହିନ୍ଦୁସ୍ଥାନ ଆକ୍ରମଣ କଲେ । ସମ୍ରାଟ ମୋଗଲମାନଙ୍କୁ ପ୍ରଚୁର ଧନ ଦେଇ ରକ୍ଷା ପାଇଲେ । ପରେ ତାହାଙ୍କ ମନରେ ଏହି ଖିଆଲ ଜନ୍ମିଲା ଯେ, ଦାକ୍ଷିଣାତ୍ୟରେ ରାଜଧାନୀ ସ୍ଥାପିତ ହେଲେ ସମସ୍ତ ଦେଶ ତାହାଙ୍କର ଅଧୀନ ହୋଇ ରହି ପାରିବ । ତଦନୁସାରେ ସେ ଦୁଇ ଥର ଦିଲ୍ଲୀବାସୀ ପ୍ରଜାମାନଙ୍କୁ ସପରିବାରରେ ଘରକରଣା ଜିନିଷ ସଙ୍ଗ ନେଇ ଏକ ହଜାର ମାଇଲ୍ ଦକ୍ଷିଣ ଦେବଗିରି (ବା ଦେଓଧର)କୁ ଯିବାକୁ ଆଦେଶ ଦେଲେ ଓ

Digitized by srujanika@gmail.com

ଯେ ଆଦେଶ ଅମାନ୍ୟ କରିବ ତାକୁ ଶାସ୍ତିସ୍ୱରୂପ ଫାଶି ଦିଆଯିବ ବୋଲି ଆଦେଶ କଲେ । ସେ ଦେବଗିରିର ନୂତନ ନାମ ଦୌଲତାବାଦ କରିବାକୁ ଚାହିଁଥିଲେ, କିନ୍ତୁ ପୁଣି କଅଣ ଭାବି ସେଠାରୁ ଫେରି ଆସିଲେ । ଏହିରୂପେ ସେ ପ୍ରଜାମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲେ ।

ଏହିପରି ଉନ୍ମାଦଗ୍ରସ୍ତ ରାଜା କେତେଦିନ ରାଜ୍ୟ ଶାସନ କରି ପାରନ୍ତେ ? ଯେଉଁମାନେ ସୁଯୋଗ ପାଇଲେ ସେମାନେ ସ୍ୱାଧୀନ ହୋଇଗଲେ ।

ବାହାମନୀ ରାଜ୍ୟ

ତାହାଙ୍କର [illegible] ମାଳବରେ ସ୍ୱାଧୀନ ହେଲେ । ବଙ୍ଗଦେଶ ମଧ୍ୟ ତାହାଙ୍କ ହସ୍ତଚ୍ୟୁତ ହେଲା । ଦାକ୍ଷିଣାତ୍ୟରେ ବୁକ୍କା ରାୟ ବିଜୟନଗରରେ ହିନ୍ଦୁଶକ୍ତି ବିସ୍ତାର କଲେ ଓ ୧୩୪୭ ଖ୍ରୀଷ୍ଟାବ୍ଦରେ ହସେନ୍ ଗଙ୍ଗୁ ନାମକ ଜଣେ ମୁସଲମାନ୍ ବାହାମନୀ ରାଜ୍ୟ ସ୍ଥାପନ କଲେ । ଗୁଜରାଟ ମଧ୍ୟ ସ୍ୱାଧୀନ ହେଲା । ଏସବୁ ଉପଦ୍ରବକୁ ଶାନ୍ତ କରିବା ମହମ୍ମଦଙ୍କ ଶକ୍ତିର ବହିର୍ଭୂତ ଥିଲା । ସେ କିଛି କରି ପାରିଲେ ନାହିଁ । ଅବଶେଷରେ ବିଦ୍ରୋହ ଦମନ କରିବାପାଇଁ ଗୁଜରାଟକୁ ଯାତ୍ରା କରୁଥିବାବେଳେ ପଥ ମଧ୍ୟରେ ୧୩୫୧ ଖ୍ରୀଷ୍ଟାବ୍ଦରେ ସେ ମୃତ୍ୟୁମୁଖରେ ପତିତ ହେଲେ ।

ଫିରୋଜ୍ ଟୋଗଲକ୍—ତାହାଙ୍କ ପରେ ତାହାଙ୍କ ଭ୍ରାତା ଫିରୋଜ ଟୋଗଲକ୍ ସମ୍ରାଟ୍ ହେଲେ । ସେ ଭ୍ରାତାଙ୍କ ମନ୍ଦ ରୀତି ନୀତି ଦେଖି ଶୁଣି ପୂର୍ବରୁ ଯଥେଷ୍ଟ ସାବଧାନତା ଶିକ୍ଷା କରିଥିଲେ । ସେ ବିକ୍ଷିପ୍ତ ସୈନ୍ୟମାନଙ୍କୁ ଏକତ୍ର କଲେ ଏବଂ ବିଦ୍ୟାଳୟ, ଚିକିତ୍ସାଳୟ ଓ ପାନ୍ଥନିବାସ ଆଦି ପ୍ରତିଷ୍ଠା କରି ପ୍ରଜାଗଣଙ୍କର ସନ୍ତୋଷ ବିଧାନ କଲେ ।

ଯମୁନା କେନାଲ

ଯମୁନା ନଦୀର ନାଳ ଏ ଖୋଲାଇଥିଲେ । ତାଙ୍କ ରାଜତ୍ୱ ପ୍ରଜାହିତକର ଅନୁଷ୍ଠାନମାନଙ୍କ ଯୋଗୁଁ ପ୍ରସିଦ୍ଧ । ଅଧିକାରଚ୍ୟୁତ ପ୍ରଦେଶମାନଙ୍କୁ ସେ ନିଜ ଶାସନାଧୀନ କରି ପାରି ନ ଥିଲେହେଁ ଯେଉଁ ଦେଶଗୁଡ଼ିକ ସ୍ୱାଧୀନ ନ ହୋଇ ସମ୍ରାଟଙ୍କ ଅଧୀନରେ ରହିଥିଲା, ସେଗୁଡ଼ିକ ଯୋଗ୍ୟତା ସହକାରେ ଶାସନ କଲେ । ସେ ୧୩୮୮ ଖ୍ରୀଷ୍ଟାବ୍ଦରେ ପଞ୍ଚତ୍ୱ ପ୍ରାପ୍ତ ହେଲେ । ଏହି ବଂଶରେ ତାଙ୍କ ପରେ ଅନ୍ୟ କୌଣସି ପ୍ରସିଦ୍ଧ ସମ୍ରାଟ ରାଜପଣ କରି ନ ଥିଲେ ।

Digitized by srujanika@gmail.com

ମହମ୍ମଦ୍ ଟୋଗଲକ୍—(ତୈମୁରଲଙ୍ଗଙ୍କ ଆକ୍ରମଣ) ମହମ୍ମଦ୍ ତୋଗଲକଙ୍କ ସଙ୍ଗେ ସଙ୍ଗେ ତୋଗଲକ୍ ବଂଶର ଅବସାନ ହେଲା । ଏ ଅତ୍ୟନ୍ତ ଦୁର୍ବଳ ରାଜା ଥିଲେ । ଏହି ହେତୁରୁ ପ୍ରାଦେଶିକ ଶାସନକର୍ତ୍ତାମାନେ ସ୍ୱ ସ୍ୱ ଅଧିକାରଭୁକ୍ତ ପ୍ରଦେଶମାନଙ୍କରେ ସ୍ୱାଧୀନ ହୋଇ ପଡ଼ିଲେ । ଏହି ସମ୍ରାଟଙ୍କୁ ବିପଦ ଉପରେ ବିପଦ ପଡ଼ିଲା । ଚେଙ୍ଗିଜ୍ ଖାଁଙ୍କ ବଂଶଧର ସାକ୍ଷାତ ଦ୍ୱିତୀୟ ଚେଙ୍ଗିଜ୍ ଖାଁ ତୈମୁରଲଙ୍ଗ ଏହି ସମୟରେ ଭାରତ ଆକ୍ରମଣ କଲେ । ସମ୍ଭବତଃ ତାହାଙ୍କ ପରି ନିଷ୍ଠୁର ଲୁଣ୍ଠନକାରୀ ଇତିହାସରେ ଆଉ କାହାରିକୁ ଦେଖିବାକୁ ମିଳେ ନାହିଁ । ତାହାଙ୍କର ଗୋଟିଏ ପାଦ ଛୋଟା ଥିଲା, ତେଣୁ ତାହାଙ୍କର ନାମ ତୈମର୍ ଲଙ୍ଗ୍ (ଖୋଟା ତୈମୁର) ଥିଲା । ସେ ତାତାରନବାସୀ ମୋଗଲ ଥିଲେ । ସେ ଇଉରୋପର ବଲ୍ଗା ନଦୀଠାରୁ ଆରମ୍ଭ କରି ମଧ୍ୟ ଓ ପଶ୍ଚିମ ଏସିଆ ପର୍ଯ୍ୟନ୍ତ ଜୟ କରିଥିଲେ । ବୋଖରା ଓ ସମରକନ୍ଦ ତାହାଙ୍କ ରାଜଧାନୀ ଥିଲା । ସେ ସିନ୍ଧୁନଦ ପାର ହୋଇ ଲାହୋର ଓ ମୂଲତାନ ଲୁଟପାଟ

ତୈମୁରଲଙ୍ଗ

କଲେ ଓ ପଥ ମଧ୍ୟରେ ନରହତ୍ୟା କରି କରି ୧୩୯୮ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀରେ ଉପନୀତ ହେଲେ । ତାହାଙ୍କ ତମ୍ବୁରେ ବନ୍ଦୀଙ୍କ ସଂଖ୍ୟା ଏକ ଲକ୍ଷ ହୋଇଥିଲା । ବନ୍ଦୀମାନଙ୍କ ଖାଇବା ପିଇବା ଆଦର ତତ୍ତ୍ୱାବଧାନ କରିବା ଅତ୍ୟନ୍ତ କଠିନ ବ୍ୟାପାର ଥିବାରୁ ଦେଖି ୧୫ ବର୍ଷରୁ ଅଧିକ ବୟସ୍କ ବନ୍ଦୀମାନଙ୍କୁ ହତ୍ୟା କରିବା ପାଇଁ ସେ ଆଦେଶ ଦେଲେ ଓ ଅତି ନୃଶଂସଭାବରେ ଏହି ହତ୍ୟାକାଣ୍ଡ ଅନୁଷ୍ଠିତ ହେଲା । ଦିଲ୍ଲୀରେ ବାଦଶାହି ସେନା ତୈମୁରଙ୍କ ସମ୍ମୁଖୀନ ହେଲେ, କିନ୍ତୁ ପରାଜିତ ହେଲେ । ମହମ୍ମଦ୍ ତୋଗଲକ୍ ଉପାୟାନ୍ତର ନ ଦେଖି ପଳାୟନ କଲେ । ତୈମୁର୍ ଆପଣାକୁ ସମ୍ରାଟ ଘୋଷଣା କଲେ । ଦିଲ୍ଲୀବାସୀଗଣ କଷ୍ଟଦନ ତୁଣକରେ ରହିଲେ । କିନ୍ତୁ ଦିନେ ତୈମୁରଙ୍କ ସୈନ୍ୟଦଳ ସହର

Digitized by srujanika@gmail.com



ଦିଲ୍ଲୀବାସୀଙ୍କର ସାମାନ୍ୟ ବାଧା ହେବାରୁ ସଙ୍ଗେ ସଙ୍ଗେ ଦିଲ୍ଲୀବାସୀ ଆବାଳ-ବୃଦ୍ଧବନିତାଙ୍କୁ ହତ୍ୟା କରିବାପାଇଁ ଆଦେଶ ପ୍ରଚାରିତ ହେଲା । ୫ ଦିନ

Digitized by srujanika@gmail.com

ପର୍ଯ୍ୟନ୍ତ ଦିଲ୍ଲୀରେ ଏ ବଳିଦାନ କାଣ୍ଡ ଚାଲିଲା । ସେଥିରେ ଯେ କେତେ ନିରପରାଧ ଶିଶୁ, ବୃଦ୍ଧ, ରୋଗୀ ନଗରବାସୀ ନିହତ ହେଲେ ତାହାର ସଂଖ୍ୟା ନାହିଁ । ସମସ୍ତ ସହର ନରଶବରେ ପରିପୂର୍ଣ୍ଣ ହେଲା ଓ ରୁଧିରନଦୀ ପ୍ରବାହିତ ହେଲା । ଏହିପରି ଅବସ୍ଥାରେ ଦିଲ୍ଲୀ ପରିତ୍ୟାଗ କରି ତୈମୁର୍ ନିଜ ଦେଶକୁ ପ୍ରତ୍ୟାବୃତ୍ତ ହେଲେ । ପ୍ରତ୍ୟାବର୍ତ୍ତନ ସମୟରେ ସେ ମୀରଟକୁ ଲୁଣ୍ଠନ କରି ଧୂଳିସାତ୍ କରିଥିଲେ । ତୈମୁର୍ ଚାଲିଯିବା ପରେ ମହମ୍ମଦ୍ ରାଜଧାନୀକୁ ଫେରି ଆସିଲେ ଓ ୧୪ ବର୍ଷ ରାଜତ୍ୱ କରିବା ପରେ ୧୪୧୨ ଖ୍ରୀଷ୍ଟାବ୍ଦରେ ତାହାଙ୍କର ମୃତ୍ୟୁ ହେଲା ।

ସୈୟଦ୍ ବଂଶ—ତୈମୁର୍ ଫେରିଯିବା ସମୟରେ ଖିଜର୍ ଖାଁ ନାମକ ଏକ ସୈୟଦଙ୍କୁ ମୂଲତାନ୍ ଓ ଲାହୋରର ଶାସନକର୍ତ୍ତା ନିଯୁକ୍ତ କରି ଯାଇଥିଲେ । ଖିଜର୍ ଖାଁହିଁ ସୈୟଦ ରାଜବଂଶର ପ୍ରତିଷ୍ଠାତା । ମହମ୍ମଦ୍ ତୋଗଲକ୍‌ଙ୍କ ମୃତ୍ୟୁ ପରେ ଖିଜର୍ ଦିଲ୍ଲୀ ସିଂହାସନ ଅଧିକାର କଲେ ଓ ଆପଣାକୁ ହିନ୍ଦୁସ୍ଥାନର ସମ୍ରାଟ୍ ବୋଲି ଘୋଷଣା କଲେ । ତାଙ୍କ ଛଡ଼ା ଏହି ବଂଶରେ ଆଉ ୩ ଜଣ ସମ୍ରାଟ୍ ରାଜତ୍ୱ କରିଥିଲେ, କିନ୍ତୁ ସେମାନଙ୍କ ଶାସନ-

ପଠାଣ ରାଜ୍ୟର ପତନ

କାଳରେ ପଠାଣ ରାଜ୍ୟ କ୍ରମଶଃ ସଙ୍କୁଚିତ ହୋଇ ଦିଲ୍ଲୀ-ନଗରୀର ଚତୁଃସୀମାରେ ନିବଦ୍ଧ ହୋଇଥିଲା । ଆଲମ୍‌ସାହା ଏ ବଂଶର ଶେଷ ରାଜା ଥିଲେ । ୧୪୫୧ ଖ୍ରୀଷ୍ଟାବ୍ଦରେ ଲାହୋରର ଶାସନକର୍ତ୍ତା ବହଲୋଲ୍ ଲୋଦୀ ଏହାଙ୍କଠାରୁ ରାଜ୍ୟ ଛଡ଼ାଇ ନେଲେ । ଏହିରୂପେ ସୈୟଦ୍ ବଂଶର ଅନ୍ତ ହେଲା ।

ଲୋଦୀ ବଂଶ—ଏହି ବଂଶର ପ୍ରଥମ ସମ୍ରାଟ ବହଲୋଲ୍ ଲୋଦୀ । ସେ ୧୪୫୧ ଖ୍ରୀଷ୍ଟାବ୍ଦରୁ ୧୪୮୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ପଞ୍ଜାବ ଓ ଜୌନପୁରକୁ କରଗତ କଲେ । ତତ୍ପରେ ତାଙ୍କ ପୁତ୍ର ସିକନ୍ଦର ଲୋଦୀ ସିଂହାସନାରୋହଣ କଲେ । ସେ ଦିଲ୍ଲୀ ସାମ୍ରାଜ୍ୟକୁ ପୁଣି ବଙ୍ଗଦେଶ ପର୍ଯ୍ୟନ୍ତ ବିସ୍ତୃତ କରିଥିଲେ । ୧୫୧୭ ଖ୍ରୀଷ୍ଟାବ୍ଦରେ ତାଙ୍କ ପୁତ୍ର ଇବ୍ରାହିମ୍ ଲୋଦୀ ସମ୍ରାଟ ହେଲେ । ତାହାଙ୍କର ରାଜତ୍ୱକାଳରେ ଚତୁର୍ଦ୍ଦିଗରେ ବିଦ୍ରୋହର ଲକ୍ଷଣ ପ୍ରକାଶ ପାଇଲା । ତାହାଙ୍କର ସଭାସଦ୍‌ମାନେ ତାଙ୍କଠାରେ ଅସନ୍ତୁଷ୍ଟ ହେଲେ ଓ ରାଜ୍ୟର ସୀମା ପୁଣି କ୍ରମଶଃ ସଙ୍କୁଚିତ ହେବାକୁ ଲାଗିଲା । ଅବଶେଷରେ

Digitized by srujanika@gmail.com

ପଞ୍ଜାବର ଶାସନକର୍ତ୍ତା ଦୌଲତ ଖାଁ ଲୋଦୀ କାବୁଲର ସମ୍ରାଟ ବାବରଙ୍କ ନିକଟ ସହାୟତା ଓ ଭାରତ ଆକ୍ରମଣ କରିବାପାଇଁ ଆହ୍ୱାନ କଲେ । ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ୧୨୦୦୦ ସୈନ୍ୟ ଓ ଅନେକ ତୋପ ସଙ୍ଗରେ ଘେନି ଭାରତ ଆକ୍ରମଣ କଲେ । ଦିଲ୍ଲୀ ନିକଟସ୍ଥ ପାନିପଥ ନାମକ ଯୁଦ୍ଧକ୍ଷେତ୍ରରେ ବାବର ଓ ଇବ୍ରାହିମଙ୍କର ବହୁତ ସୈନ୍ୟ ଥିଲେ ମଧ୍ୟ ବାବର ନବୀନ ଉତ୍ସାହ ଓ ଚତୁରତା ଯୋଗୁଁ ବିଜୟୀ ହେଲେ । ଏହି ଯୁଦ୍ଧରେ ମିବାରର ରାଣା ସଂଗ୍ରାମ ସିଂହଙ୍କଠାରୁ ବାବରଙ୍କୁ ଯଥେଷ୍ଟ ସହାୟତା ମିଳିଥିଲା । ଏହି ଯୁଦ୍ଧରେ ପଠାଣ ରାଜ୍ୟର ଧ୍ୱଂସ ଓ ବିଶାଳ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା ହେଲା ।

ପ୍ରଥମ ପାନିପଥର ସମର

ପଠାଣମାନଙ୍କ ଶାସନକାଳରେ ଭାରତର ଅବସ୍ଥା— ପୂର୍ବେ ଆମ୍ଭେମାନେ ଦେଖିଥାଉଁ ଯେ, ମହାତ୍ମା ମହମ୍ମଦ୍ ପଶ୍ଚିମ ଏସିଆର ଅସଭ୍ୟ ଜାତିମାନଙ୍କୁ ସଭ୍ୟ ଓ ସଂଗଠିତ କରି ପାରିଥିଲେ । କିନ୍ତୁ ସଭ୍ୟତା ହିସାବରେ ଏହି ଜାତିଗୁଡ଼ିକ ଭାରତବର୍ଷର ଅଧିବାସୀମାନଙ୍କ ଅପେକ୍ଷା ଯଥେଷ୍ଟ ଅନୁନ୍ନତ ଥିଲେ । ଏମାନଙ୍କଠାରେ ବୀରତ୍ୱ, ଯୁଦ୍ଧଲିପ୍ସା ଓ ଧର୍ମାନ୍ଧତା ବିଶେଷ ପ୍ରବଳଭାବରେ ଥିଲା । ଯଦି ଭାରତବର୍ଷର ସାମାଜିକ ଅବସ୍ଥାର ଅବନତି ହୋଇ ନ ଥାନ୍ତା, ହିନ୍ଦୁମାନଙ୍କ ମଧ୍ୟରେ ଅନୈକ୍ୟର ସୃଷ୍ଟି ହୋଇ ନ ଥାନ୍ତା, ଧନାଧିକ୍ୟ ହେତୁରୁ ଭାରତର ଅଧିବାସୀମାନେ ବିଳାସୀ ହୋଇ ନ ଥାନ୍ତେ ଏବଂ ବିଦ୍ୟାହୀନତା ହେତୁରୁ ନିଜ ପ୍ରାଚୀନ ଗୌରବ ବିସ୍ମୃତ ହୋଇ ନ ଥାନ୍ତେ, ତେବେ ଏହି ଭାରତବର୍ଷରେ ଏହି ନବାଗତମାନେ କଦାପି ନିଜର ଆଧିପତ୍ୟ ସ୍ଥାପନ କରି ପାରି ନ ଥାନ୍ତେ । ଯାହାହେଉ, ପଠାଣମାନଙ୍କ ରାଜତ୍ୱ ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଅର୍ଥାତ୍ ମୋଟରେ ୩୨୦ ବର୍ଷ ପର୍ଯ୍ୟନ୍ତ ଭାରତବର୍ଷରେ ସ୍ଥାୟୀ ହୋଇଥିଲା । ଯଦି ଏମାନେ ରାଜ୍ୟଶାସନ କାର୍ଯ୍ୟରେ ନିପୁଣ ହୋଇଥାଆନ୍ତେ, ତାହାହେଲେ ଅନେକ କାର୍ଯ୍ୟ କରି ପାରି ଥାଆନ୍ତେ, କିନ୍ତୁ ଆମ୍ଭେମାନେ ଦେଖିଥାଉଁ ଯେ, ଏମାନଙ୍କ ମଧ୍ୟରୁ କେତେକଜଣଙ୍କର ଭାରତ ଆକ୍ରମଣ କେବଳ ମାତ୍ର ଲୁଣ୍ଠନ ଓ ଧନସଂଗ୍ରହ ମାନସରେ କରାଯାଇଥିଲା । ଦାସ, ଖିଲଜୀ ଓ ତୋଗଲକ୍‌ବଂଶ କୌଣସି ପ୍ରକାରେ ରାଜ୍ୟ ସ୍ଥାପନ କରି ପାରିଥିଲେ ସତ୍ୟ,

ପଠାଣ ରାଜ୍ୟକାଳର ସମାଲୋଚନା

Digitized by srujanika@gmail.com

କିନ୍ତୁ ରାଜନୀତିର ଅନଭିଜ୍ଞତାବଶତଃ ରାଜ୍ୟର ଭିତ୍ତି ସୁଦୃଢ଼ କରି ପାରି ନ ଥିଲେ । ସେମାନଙ୍କ ରାଜ୍ୟରେ କ୍ରମାଗତ ବିଶୃଙ୍ଖଳା ଦେଖାଯାଉଥିଲା । ଅଲ୍ଲାଉଦ୍ଦିନ୍ ଓ ମହମ୍ମଦ ତୋଗଲକ୍ ନିଜ ନିଜର ସ୍ୱେଚ୍ଛାଚାରିତାଦ୍ୱାରା ଏହି ସାମ୍ରାଜ୍ୟକୁ ଅତ୍ୟନ୍ତ ଦୁର୍ବଳ କରି ପକାଇଥିଲେ, ପୁନଶ୍ଚ କ୍ରମାଗତ ମୋଗଲ ଆକ୍ରମଣ ଓ ବିଶେଷତଃ ତୈମୁରଙ୍କ ଆକ୍ରମଣ ଫଳରେ ଏହାର ଭିତ୍ତି ଶିଥିଳ ହୋଇ ପଡ଼ିଲା । ଯଦିଚ କେତେକ ଜଣ ସମ୍ରାଟଙ୍କ ଶାସନ ଉତ୍ତମ ଥିଲା, ତଥାପି ଲୋକସାଧାରଣଙ୍କର ଏଥିରେ କୌଣସି ବିଶେଷ ଉପକାର ହୋଇ ନ ଥିଲା । ଧନ ଲୁଣ୍ଠନ କରି ଭୋଗବିଳାସ କରିବା ଏହି ସମ୍ରାଟମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା; ସୁତରାଂ ଧନଲୁଣ୍ଠନ ବା କରସଂଗ୍ରହ ହୋଇଗଲାରୁ ପ୍ରଜାମାନଙ୍କ ପ୍ରତି କୌଣସି କର୍ତ୍ତବ୍ୟ ଥିବାର ସେମାନେ ଭାବୁ ନ ଥିଲେ । ଏହି କାରଣରୁ ଏମାନଙ୍କ ଶାସନଦ୍ୱାରା ଦେଶର ଆଭ୍ୟନ୍ତରୀଣ ଅବସ୍ଥାର କୌଣସି ପରିବର୍ତ୍ତନ ସାଧିତ ହୋଇ ନ ଥିଲା । ହିନ୍ଦୁମାନଙ୍କ ପ୍ରତି ଏମାନଙ୍କର ବ୍ୟବହାର ଉତ୍ତମ ନ ଥିଲା । ଏହି କାରଣରୁ ହିନ୍ଦୁ ପ୍ରଜାମାନେ ଏହି ଶାସକମାନଙ୍କ ପ୍ରତି କଦାପି ସନ୍ତୁଷ୍ଟ ହୋଇ ନ ଥିଲେ; କିନ୍ତୁ କ୍ଷତ୍ରିୟ ଭିନ୍ନ ଅପର କୌଣସି ଜାତି ରାଜ୍ୟଶାସନସମ୍ବନ୍ଧୀୟ ବ୍ୟାପାରରେ ହସ୍ତକ୍ଷେପ କରିବା କର୍ତ୍ତବ୍ୟ ବୋଲି ମନେ କରୁ ନ ଥିଲେ; ସୁତରାଂ କେହି ହିନ୍ଦୁ ଏମାନଙ୍କ ବିରୋଧିତା କରି ନ ଥିଲେ । ମୁସଲମାନମାନଙ୍କ ସହିତ ସଂଘର୍ଷ ଘଟିବାରୁ ସମାଜର ଅଗ୍ରଣୀବୃନ୍ଦ ପ୍ରଥମରୁ ଜାତି ବ୍ୟବସ୍ଥାକୁ ସଂକୀର୍ଣ୍ଣତର ଓ କଠୋରତର କରିଦେଲେ । ଏଥିରେ ହିନ୍ଦୁ ଜନସାଧାରଣ ପୂର୍ବାପେକ୍ଷା ଆହୁରି ଦୁର୍ବଳ ହୋଇ ପଡ଼ିଲେ । ଯଦିଚ ରାମାନୁଜ, କବୀର, ନାନକ ଏବଂ ଚୈତନ୍ୟ ପ୍ରଭୃତି ମହାତ୍ମାମାନେ ଏହି ବୈଷମ୍ୟ ଦୂର କରିବାକୁ ସମ୍ପୂର୍ଣ୍ଣ ଚେଷ୍ଟା କରିଥିଲେ, ତଥାପି ଜନସାଧାରଣଙ୍କର ଏପରି କ୍ଷମତା ରହିଲା ନାହିଁ ଯେ, ସେମାନେ ଏକତ୍ରରେ ଆବଦ୍ଧ ହୋଇ ଭାରତର ପରାଧୀନତାକୁ ଅନୁଭବ କରି ପାରନ୍ତେ ! ଫଳତଃ ଅନ୍ୟ ଦିଗରେ ମଧ୍ୟ ନାନାଦି ମତଭେଦର ସୃଷ୍ଟି ହେବାକୁ ଲାଗିଲା । ପଠାଣମାନଙ୍କ ଶାସନକାଳରେ ଉର୍ଦ୍ଦୁ ବିଦ୍ୟାପ୍ରଚାର, ସାହିତ୍ୟସୃଷ୍ଟି, କଳାକୌଶଳ ଓ ବାଣିଜ୍ୟବ୍ୟାପାର ପ୍ରଭୃତି ଭିନ୍ନ ଭିନ୍ନ ଅଙ୍ଗଗୁଡ଼ିକ ଅଳ୍ପବିସ୍ତର କ୍ଷତିଗ୍ରସ୍ତ ହୋଇଥିଲା ସତ୍ୟ, କିନ୍ତୁ ସମାଜର ସବୁ କାର୍ଯ୍ୟ ଙ୍କ ପରି ଚାଲୁଥିଲା ଏବଂ ପ୍ରଜାସାଧାରଣ

Digitized by srujanika@gmail.com

ସାଧାରଣତଃ ସୁଖ ଓ ଶାନ୍ତିରେ କାଳ ଯାପନ କରୁଥିଲେ । ଏହି ସମୟରେ ମୁସଲମାନ୍‌ମାନେ ହିନ୍ଦୁସ୍ଥାନରେ ପ୍ରଚଳିତ ଭାଷାରୁ ଉର୍ଦ୍ଦୁ ଭାଷାର ସୃଷ୍ଟି କଲେ ।

ପଠାଣ ଶାସନର ପ୍ରଭାବ

ପଠାଣ ସମ୍ରାଟମାନେ ହିନ୍ଦୁ ସମାଜର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ହସ୍ତକ୍ଷେପ ନ କରିବାଦ୍ୱାରା ଏକପ୍ରକାର ମଙ୍ଗଳ ହୋଇଥିଲା । ତାହା ହୋଇଥିଲେ ଏମାନେ ସମଗ୍ର ଦେଶରୁ ହିନ୍ଦୁ ସଭ୍ୟତାକୁ ନିର୍ମୂଳ କରି ଦେଇ ଥାନ୍ତେ । ଦେଶର ସମ୍ରାଟରୂପେ ଏମାନେ କେତେଗୁଡ଼ିଏ ପଥ, ହର୍ମ୍ୟ, ପାନ୍ଥନିବାସ ଏବଂ ଚିକିତ୍ସାଳୟ ନିର୍ମାଣ କରାଇଥିଲେ । ସୁଲତାନ୍ ରେଜିୟା ବେଗମ୍ କେତେକ ଆଇନକାନୁନ ସଂସ୍କାର କରିଥିଲେ, କିନ୍ତୁ ଅପରାପର ସମ୍ରାଟମାନଙ୍କର ଆଦେଶହିଁ ଆଇନ ବୋଲି ପରିଗଣିତ ହେଉଥିଲା । ସମଗ୍ର ଭାରତବର୍ଷରେ କେବେହେଁ ଏମାନଙ୍କ ପୂର୍ଣ୍ଣ ଅଧିକାର ହୋଇ ନ ଥିଲା । ଦକ୍ଷିଣ ଅଞ୍ଚଳର ଅନେକ ଅଂଶହିଁ ବରାବର ସ୍ୱାଧୀନ ଥିଲା । ବିଜୟନଗର ପ୍ରଭୃତି ଦକ୍ଷିଣ ଅଞ୍ଚଳର ହିନ୍ଦୁ ରାଜ୍ୟଗୁଡ଼ିକ ଏପର୍ଯ୍ୟନ୍ତ ମଧ୍ୟ ସମୃଦ୍ଧିଶାଳୀ ଥିଲା । ଉତ୍ତରାଞ୍ଚଳରେ ମଧ୍ୟ କେତେଗୁଡ଼ିଏ ହିନ୍ଦୁ ରାଜା ସ୍ୱତନ୍ତ୍ର ଭାବରେ ରାଜତ୍ୱ କରୁଥିଲେ । ଏମାନଙ୍କ ମଧ୍ୟରୁ ମିବାର ରାଜ୍ୟର ନାମ ଚିରଦିନପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସମଗ୍ର ଭାରତବର୍ଷ ଯେତେବେଳେ ମୁସଲମାନମାନଙ୍କର ଅଧୀନ ହୋଇଥିଲା, ସେହିପରି ଦୁଃସମୟରେ ମଧ୍ୟ ମିବାରର ରାଣା ନିଜର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିଥିଲେ । ଯଦି ପଠାଣମାନଙ୍କ ପରେ ଭାରତରେ ମୋଗଲମାନଙ୍କ ସାମ୍ରାଜ୍ୟ ସ୍ଥାପନ ହୋଇ ନ ଥାନ୍ତା, ତେବେ ଏହି ୩୦୦ ବର୍ଷବ୍ୟାପୀ ପଠାଣ ଶାସନର ଲେଶ ମାତ୍ର ଚିହ୍ନ ଭାରତରେ ରହି ନ ଥାନ୍ତା । ଏହା କହିବାର ଅଭିପ୍ରାୟ ଏହି ଯେ, ପଠାଣ ରାଜତ୍ୱ ୩୦୦ ବର୍ଷକାଳ ସ୍ଥାୟୀ ହୋଇଥିଲେ ମଧ୍ୟ ବଦ୍ଧମୂଳ ହୋଇ ପାରି ନ ଥିଲା ଏବଂ ଭାରତର ଆଭ୍ୟନ୍ତରୀଣ ରୀତିନୀତି, ବ୍ୟବସ୍ଥା ଓ ଅବସ୍ଥା ଉପରେ ନିଜର ପ୍ରଭାବ କୌଣସି ପ୍ରକାରରେ ବିସ୍ତାର କରି ପାରି ନ ଥିଲା । ଏହିଠାରେ ସେହି ସମୟର ଧାର୍ମିକ ଆନ୍ଦୋଳନମାନଙ୍କର ବିବରଣ

Digitized by srujanika@gmail.com

ଦେବା ଆବଶ୍ୟକ । ସେହି ଆନ୍ଦୋଳନମାନଙ୍କର ପ୍ରବର୍ତ୍ତକମାନଙ୍କର ନାମ— ରାମାନୁଜ, କବୀର, ନାନକ ଏବଂ ଚୈତନ୍ୟ ।

ରାମାନୁଜ—ମହାତ୍ମା ରାମାନୁଜ ମାନ୍ଦ୍ରାଜ ପ୍ରଦେଶର ଶ୍ରୀରଙ୍ଗମ୍ ନଗରର ଅଧିବାସୀ ଥିଲେ । ଏ ଏକାଦଶ ଶତାବ୍ଦୀର ଶେଷଭାଗରେ ବୈଷ୍ଣବସମ୍ପ୍ରଦାୟ ପ୍ରତିଷ୍ଠା କରିଥିଲେ । ଏହାଙ୍କ ମତରେ ଭକ୍ତିମାର୍ଗକୁ ପ୍ରାଧାନ୍ୟ ଦିଆଯାଇଥିଲା ଏବଂ ଏହାକୁ କି ବଡ଼ କି ସାନ ସମସ୍ତଙ୍କ ପାଇଁ ସମାନ୍‌ଭାବରେ ମୁକ୍ତ କରି ଦିଆଯାଇଥିଲା । ଜାତିଧର୍ମନିର୍ବିଶେଷରେ ହରିଙ୍କୁ ଭଜନା କଲେ ତାଙ୍କୁ ମନୁଷ୍ୟ ପାଇ ପାରେ, ଏହି ସିଦ୍ଧାନ୍ତହିଁ ଏହି ମାର୍ଗର ବିଶେଷତ୍ୱ ଥିଲା ।

ରାମାନନ୍ଦ

ଏହାଙ୍କ ମତାବଲମ୍ବୀ ରାମାନନ୍ଦ ଚତୁର୍ଦ୍ଦଶ ଶତାବ୍ଦୀରେ କାଶୀ ନଗରୀରେ ଜନ୍ମଗ୍ରହଣ କରିଥିଲେ । ସେ ଉତ୍ତର ଭାରତରେ ଶ୍ରୀରାମଚନ୍ଦ୍ରର ଭଜନ ପ୍ରଚାର କରିଥିଲେ । ଏହି ଧର୍ମଦ୍ୱାରା ତଥାକଥିତ ନୀଚ ଜାତିମାନଙ୍କର ବିଶେଷ ଉପକାର ହୋଇଥିଲା ।

କବୀର୍—କବୀର ରାମାନନ୍ଦଙ୍କର ଶିଷ୍ୟ । ସେ ନିରାକାର ବ୍ରହ୍ମ ଉପାସନାର ପ୍ରଚାର କରିଥିଲେ । କିନ୍ତୁ ସେ ସାମାଜିକ ଦୋଷଗୁଡ଼ିକର ପ୍ରତିବାଦ ଅତ୍ୟନ୍ତ ତୀବ୍ର ଭାଷାରେ କରୁଥିଲେ ।

କବୀରଙ୍କ ମତ

ସେଥିପାଇଁ ତାହାଙ୍କ ମତର ବିଶେଷ ପ୍ରଚାର ହୋଇ ପାରି ନ ଥିଲା । ସାର ଓ ଗମ୍ଭୀର କଥା କହିବାରେ ସେ ଅଦ୍ୱିତୀୟ ଥିଲେ । ସେ ହିନ୍ଦୁ ମୁସଲମାନ୍ ଉଭୟ ଜାତିରୁ ଶିଷ୍ୟ ଗ୍ରହଣ କରୁଥିଲେ ଏବଂ ଭାରତବର୍ଷରେ ଆଜି ମଧ୍ୟ ତାଙ୍କ ମତାବଲମ୍ବୀ ଅନେକ ସ୍ଥାନରେ ଅଛନ୍ତି । ତାଙ୍କର ବିଶେଷ ଉଦ୍ଦେଶ୍ୟ ଏହା ଥିଲା ଯେ, ଭାରତବର୍ଷରେ ଧର୍ମସଂକ୍ରାନ୍ତ ଭେଦଭାବ ଯେପରି ନ ରହେ ଓ ସମସ୍ତେ ଯେପରି ଗୋଟିଏ ମାର୍ଗରେ ଚଳନ୍ତି ।

କବୀର

ନାନକ— ନାନକ ୧୪୬୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ସେ କବୀରଙ୍କପରି ଉଦାର ହିନ୍ଦୁଧର୍ମର ପ୍ରଚାର କରିଥିଲେ । ତାହାଙ୍କର ଧାର୍ମିକ ସିଦ୍ଧାନ୍ତଗୁଡ଼ିକ ସଂକଳିତ ହୋଇ ଗ୍ରନ୍ଥସାହେବ ନାମକ ଗ୍ରନ୍ଥରେ ସନ୍ନିବିଷ୍ଟ ହୋଇଅଛି । ପଞ୍ଜାବରେ ଏହାଙ୍କ ମତର ବହୁଳ ପ୍ରଚାର ହୋଇଥିଲା । ଏହାଙ୍କ ମତାବଲମ୍ବୀମାନେ ଗୁରୁ ନାନକଙ୍କର ଶିଷ୍ୟ ବା 'ଶିଖ' ନାମରେ ଅଭିହିତ ।

ଶିଖ — ଆଜିକାଲି ଶିଖଜାତି ବୀର ବୋଲି ପରିଗଣିତ ହେଉଅଛନ୍ତି । ସେମାନେ ଗ୍ରନ୍ଥ ସାହେବଙ୍କୁ ଆପଣାର ଧର୍ମଗ୍ରନ୍ଥ ବୋଲି ସ୍ୱୀକାର କରନ୍ତି । ଶିଖମାନଙ୍କ ମଧ୍ୟରେ ଜାତିଭେଦ ନାହିଁ । ସେମାନେ ଏକମାତ୍ର ପରମାତ୍ମା ପରମେଶ୍ୱରଙ୍କର ଉପାସନା କରନ୍ତି ଓ ମୂର୍ତ୍ତିପୂଜା କରନ୍ତି ନାହିଁ ।

ନାନକ

ଚୈତନ୍ୟ— ଚୈତନ୍ୟ ବଙ୍ଗଦେଶର ନବଦ୍ୱୀପ ଅଧିବାସୀ ବ୍ରାହ୍ମଣ ଥିଲେ । ସେ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଆପଣାର

ଚୈତନ୍ୟ

Digitized by srujanika@gmail.com

ଶିକ୍ଷା ଦେଉଥିଲେ । ସେ ଶୁଦ୍ଧ ବୈଷ୍ଣବ ସମ୍ପ୍ରଦାୟକୁ ମାନୁଥିଲେ । ଭକ୍ତିମାର୍ଗର ଏପରି ପ୍ରବର୍ତ୍ତକ ବୋଧ ହୁଏ ଆଉ କେହି ହୋଇ ନାହାନ୍ତି । ତାହାଙ୍କ ଭକ୍ତି ଦେଖି ଜନସାଧାରଣ ମୁଗ୍ଧ ହୋଇଗଲେ ଏବଂ ତାହାଙ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅବତାର ବୋଲି ମାନିଲେ । ବଙ୍ଗଦେଶରେ ଏହାଙ୍କୁ 'ଗୌରାଙ୍ଗ ମହାପ୍ରଭୁ' ବୋଲି କହନ୍ତି । ତାହାଙ୍କର ଧର୍ମମାର୍ଗ ସର୍ବସାଧାରଣଙ୍କ ପ୍ରତି ଉନ୍ମୁକ୍ତ ଥିଲା ।

ବୈଷ୍ଣବଧର୍ମ

ଏହି ସବୁ ଧର୍ମୋପଦେଶକମାନଙ୍କ ଯୋଗୁଁ ହିନ୍ଦୁଧର୍ମ ଶତଧା ବିଭକ୍ତ ହୋଇ ମଧ୍ୟ କୌଣସି ପ୍ରକାରେ ଭାରତବର୍ଷରେ ଅକ୍ଷୁଣ୍ଣ ହୋଇ ରହିଲା ।

ପଠାଣ ରାଜତ୍ୱକାଳରେ ବଙ୍ଗଳା ଓ ବିହାରର ଅବସ୍ଥା— ଯଦିଓ ବକ୍ତିୟାର ଖିଲିଜୀ ବଙ୍ଗବିହାର ଜୟ କରି ନିଜ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ, ତଥାପି ଏଠାର ନବାବମାନେ ପ୍ରାୟ ସ୍ୱାଧୀନ ଥିଲେ । କର୍ଣ୍ଣାଟକରୁ ଆଗତ କ୍ଷତ୍ରିୟମାନେ ବିହାରର ମିଥିଳା ପ୍ରଦେଶରେ ରାଜତ୍ୱ କରୁଥିଲେ ଏବଂ ସେମାନଙ୍କ ମଧ୍ୟରେ ହରି ସିଂହ ଦେବ ବିଶେଷ ପ୍ରସିଦ୍ଧ ରାଜା ଥିଲେ । ବଙ୍ଗଳାର ସୁଲତାନ୍ ନସରତ୍ ସାହା ଷୋଡ଼ଶ ଶତାବ୍ଦୀରେ ମିଥିଳାକୁ ନିଜ ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ଏହା ପରେ ବାବର ଏହି ପ୍ରଦେଶମାନ ଆକ୍ରମଣ କଲେ ଓ ଉଭୟଙ୍କ ମଧ୍ୟରେ ସନ୍ଧି ସ୍ଥାପନ ହେଲା ଓ ସେହି ସମୟରୁ ଏହି ଦୁଇ ପ୍ରଦେଶ ମୋଗଲ ସାମ୍ରାଜ୍ୟର ଅଙ୍ଗ ହେଲା ।

ହରି ସିଂହ ଦେବ

Digitized by srujanika@gmail.com

ଉତ୍ତରାର୍ଦ୍ଧ

ମୋଗଲ ରାଜତ୍ୱକାଳ

ବାବର—ପୂର୍ବେ ବୋଲାଯାଇଅଛି ଯେ, ୧୫୨୬ ଖ୍ରୀଷ୍ଟାବ୍ଦରେ ବାବର୍ ପାଣିପଥ ଯୁଦ୍ଧରେ ଇବ୍ରାହିମଲୋଦୀଙ୍କୁ ପରାସ୍ତ କରି ଦିଲ୍ଲୀର ସମ୍ରାଟ୍ ହେଲେ । ସେ ପ୍ରଥମ ମୋଗଲସମ୍ରାଟ ଥିଲେ । ପଠାଣମାନଙ୍କ ଅପେକ୍ଷା ମୋଗଲ ରାଜତ୍ୱ କେତେକ ଅଂଶରେ ସବଳ ଓ ସୁଦୃଢ଼ ଥିଲା ଏବଂ ଏହାଦ୍ୱାରା ଭାରତବର୍ଷର ଅବସ୍ଥାର ବିଶେଷ ପରିବର୍ତ୍ତନ ହୋଇଥିଲା ।

ମୋଗଲ ଶବ୍ଦ ମଙ୍ଗୋଲ ଶବ୍ଦର ଅପଭ୍ରଂଶ । ଏହା କୌଣସି ବିଶେଷ ଜାତିବୋଧକ ଶବ୍ଦ ନୁହେଁ, କିନ୍ତୁ ତୈମୁର ମଙ୍ଗୋଲଦେଶ ନିବାସୀ ଥିଲେ ବୋଲି ଓ ବାବର ତାହାଙ୍କର ନିମ୍ନତମ ସପ୍ତମ ପୁରୁଷ ବୋଲି ଏହି ବଂଶୀୟ ସମ୍ରାଟମାନଙ୍କୁ ମୋଗଲ ବୋଲାଯାଏ । ତୈମୁର ଯେପରି କ୍ରୂର-ସ୍ୱଭାବ ଥିଲେ, ତାହାଙ୍କର ଯେଉଁ ବଂଶଧରମାନେ ଭାରତକୁ ଆସି ବାସ କଲେ, ସେମାନେ ସେପରି ନ ଥିଲେ । ସେମାନେ ଭାରତୀୟମାନଙ୍କ ସହିତ ବିବାହ ସମ୍ବନ୍ଧ ସ୍ଥାପନ କଲେ ଓ ସେମାନଙ୍କ ସଙ୍ଗେ ମିଳିମିଶି ରହିଲେ । ସେମାନଙ୍କର ଆଚାର ବ୍ୟବହାର, ରୀତି-ନୀତି ଅନେକ ପରିମାଣରେ ଭାରତୀୟମାନଙ୍କ ପରି ହୋଇଗଲା ।

ବାବର

ବାଲ୍ୟକାଳରୁ ବାବରଙ୍କୁ ବିପଦ ଉପରେ ବିପଦ ସହିବାକୁ ପଡ଼ିଥିଲା । ଏହିସବୁ ବିପଦ ଯୋଗୁଁ ତାହାଙ୍କ ହୃଦୟ ଉଦାର, ନମ୍ର ଓ ଦୃଢ଼ ହୋଇ ଯାଇଥିଲା । ସେ ବହୁତ ଦୁଃଖ ସହି କାବୁଲରେ ଗୋଟିଏ କ୍ଷୁଦ୍ର ରାଜ୍ୟ ସ୍ଥାପନ କରିବାକୁ ସମର୍ଥ ହୋଇଥିଲେ । ଇବ୍ରାହିମ୍ ଲୋଦୀଙ୍କୁ ପରାସ୍ତ କରି ଦିଲ୍ଲୀ ସିଂହାସନ ଅଧିକାର

Digitized by srujanika@gmail.com

କରିବା ପରେ ମଧ୍ୟ ତାହାଙ୍କର ରାଜ୍ୟ ଅତ୍ୟନ୍ତ କ୍ଷୁଦ୍ର ଥିଲା । ହିନ୍ଦୁମାନଙ୍କ କଥା ଦୂରେ ଥାଉ ପଠାଣମାନେ ମଧ୍ୟ ଏହି ନୂତନ ଶାସନର ପକ୍ଷପାତୀ ନ ଥିଲେ । ସେହି ସମୟରେ ମିବାର ରାଜପୁତମାନଙ୍କର କେନ୍ଦ୍ରସ୍ଥଳ ଥିଲା । ରାଣା ସଂଗ୍ରାମ ସିଂହ ସମଗ୍ର ରାଜପୁତମାନଙ୍କର ନେତା ବୋଲି ସ୍ୱୀକୃତ ହୋଇଥିଲେ । ସେ ଅତ୍ୟନ୍ତ ବୁଦ୍ଧିମାନ୍ ଥିଲେ । ବାବରଙ୍କ ଦୁରବସ୍ଥାର ସୁଯୋଗ ପାଇ ସମସ୍ତ ଭାରତରୁ ମୁସଲମାନ ଶାସନ ଦୂର କରି ହିନ୍ଦୁ ରାଜ୍ୟ ପ୍ରତିଷ୍ଠା କରିବାପାଇଁ

ରାଣା ସଂଗ୍ରାମ ସିଂହ

ମନ ବଳାଇଲେ । ସେ କେତେଗୁଡ଼ିଏ ହିନ୍ଦୁ ରାଜ୍ୟରୁ ସୈନ୍ୟ ସଂଗ୍ରହ କରି ଦିଲ୍ଲୀ ଅଭିମୁଖରେ ଯୁଦ୍ଧଯାତ୍ରା କଲେ । ବାବର ଚତୁରତା ସହିତ ନିଜ ସୈନ୍ୟଦଳ ନେଇ ତାଙ୍କ ସମ୍ମୁଖୀନ ହେବାକୁ ମଧ୍ୟ ଅଗ୍ରସର ହେଲେ । ଫତେପୁର ସିକ୍ରିଠାରେ ଉଭୟ ସୈନ୍ୟଦଳର ଭେଟ ହେଲା । ରାଜପୁତମାନଙ୍କର ଅସଂଖ୍ୟ ସୈନ୍ୟ ଦେଖି ମୋଗଲ ସୈନ୍ୟମାନଙ୍କ ସାହସ ଦବି ଗଲା, ମାତ୍ର ବାବର କିଛିମାତ୍ର ବିଚଳିତ ହେଲେ ନାହିଁ । ସେ ନିଜର ସୈନ୍ୟମାନଙ୍କୁ ତେଜୋମୟ ବାକ୍ୟରେ ଉତ୍ସାହିତ କରିବାକୁ ଲାଗିଲେ ଏବଂ ନିଜ ନୈତିକ ବଳର ଉଦାହରଣ ଦେଖାଇ ଗୋଟିଏ କୌଶଳ ପ୍ରତିଜ୍ଞା କଲେ । ବାବର ଅତ୍ୟନ୍ତ ମଦ୍ୟପାୟୀ ଥିଲେ । ନିଜ ଆତ୍ମବଳର ପରିଚୟ ଦେବାପାଇଁ ସେ ସେମାନଙ୍କ ଆଗରେ ଆପଣାର ମଦ୍ୟପାତ୍ର ଓ ବୋତଲଗୁଡ଼ିକ ଭାଙ୍ଗି ପକାଇଲେ । ଏହା ଦେଖି ସୈନ୍ୟମାନେ ବିସ୍ମିତ ହେଲେ, ସେମାନଙ୍କ ପ୍ରାଣରେ ନବୀନ ସାହସ ଜାଗ୍ରତ ହେଲା । ଏଣେ କେଜାଣି କାହିଁକି ରାଣା ସଂଗ୍ରାମ ସିଂହ ବାବରଙ୍କ ସୈନ୍ୟଙ୍କୁ ଆକ୍ରମଣ କରିବାକୁ ବିଳମ୍ବ କଲେ । ପ୍ରାୟ ଏକ ମାସ କାଳ ଉଭୟ ପକ୍ଷ ନିଜ ନିଜର ଡେରା ମଧ୍ୟରେ ନିଶ୍ଚେଷ୍ଟ ହୋଇ ବସି ରହିଲେ । ଏହି ବିଳମ୍ବର ଫଳରେ ବାବର ନିଜ ସୈନ୍ୟମାନଙ୍କୁ ସଚେଷ୍ଟ କରିବାପାଇଁ ସୁଯୋଗ ପାଇଗଲେ । ବୋଧହୁଏ, ରାଣା ଆକ୍ରମଣ ପାଇଁ ଉପଯୁକ୍ତ ସୁଯୋଗ ଅନୁସନ୍ଧାନରେ ଥାଇ ବିଳମ୍ବ କରୁଥିଲେ । ଏଠାରେ ବକ୍ତବ୍ୟ ଏହିକି, ଉପଯୁକ୍ତ ସୁଯୋଗ ଅପେକ୍ଷାରେ ଏହି ବିଳମ୍ବ କରି ହିନ୍ଦୁରାଜାମାନେ ଇତିପୂର୍ବେ କେତେଗୋଟି ଯୁଦ୍ଧରେ ବିଫଳମନୋରଥ ହୋଇଥିଲେ । ଏହି ମନୋଭାବ ଯୋଗୁଁ ସେମାନେ ଅନେକ ସୁଯୋଗ ହରାଉଥିଲେ ।

Digitized by srujanika@gmail.com

ସେ ଯାହାହେଉ, ବାବର ଯେତେବେଳେ ଦେଖିଲେ ଯେ, ତାଙ୍କ ସୈନ୍ୟମାନଙ୍କ ହୃଦୟରେ ସାହସର ସଞ୍ଚାର ହେଲାଣି, ସେତେବେଳେ ସେ ରାଜପୁତମାନଙ୍କୁ ଆକ୍ରମଣ କରିବାକୁ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଉଭୟ ପକ୍ଷ ମଧ୍ୟରେ ଦିନଯାକ ଯୁଦ୍ଧ ଚାଲିଲା । ଜୟ ପରାଜୟର ସମ୍ଭାବନା ଉଭୟ ପକ୍ଷରେ ସମାନ ଥିଲା । କିନ୍ତୁ ୧୫୨୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ୧୬ ତାରିଖ ଦିନ ସନ୍ଧ୍ୟା ସୁଦ୍ଧା ରାଜପୁତମାନଙ୍କର ଗୌରବରବି ଅସ୍ତମିତ ହେଲା । ସେମାନେ

ବାବରଙ୍କ ଜୟ

ପରାଜିତ ହେଲେ ଓ ବାବର ବିଜୟ ଲାଭ କରି ଚନ୍ଦେରି ଦୁର୍ଗ ଅଧିକାର କଲେ । ରାଣା ସଂଗ୍ରାମ ସିଂହ ପ୍ରତିଜ୍ଞା କରିଥିଲେ ଯେ, ସେ ବାବରଙ୍କୁ ପରାସ୍ତ ନ କଲେ ଆଉ ଚିତୋରକୁ ଫେରିବେ ନାହିଁ । ଫଳତଃ ସେହି ଅବଶୋଷରେ କିଛିକାଳ ପରେ ରାଣାଙ୍କର ମୃତ୍ୟୁ ହେଲା ।

ବାବର ପୁନର୍ବାର ଘାଘରା ଯୁଦ୍ଧରେ ଅଫଗାନମାନଙ୍କୁ ପରାସ୍ତ କଲେ ଓ ବଙ୍ଗଳାର ସୁଲତାନ୍ ନସରତ୍ ସାହାଙ୍କୁ ସନ୍ଧି ସ୍ଥାପନ କରିବାକୁ ବାଧ୍ୟ କଲେ । ଏହିପରି ତାହାଙ୍କ ରାଜ୍ୟର ସୀମା ଉତ୍ତର ଭାରତରେ ପଞ୍ଜାବଠାରୁ ବଙ୍ଗଳା ପର୍ଯ୍ୟନ୍ତ ବିସ୍ତୃତ ହେଲା । ସେ କେବଳ ୪ ବର୍ଷ ମାତ୍ର ରାଜତ୍ୱ କରିଥିଲେ । ତାହାଙ୍କ ପୁତ୍ର ହୁମାୟୁନ କଠିନ ରୋଗରେ ଆକ୍ରାନ୍ତ ହେଲେ । ଅତ୍ୟନ୍ତ ପୁତ୍ରବାତ୍ସଲ୍ୟ ହେତୁରୁ ବାବର ଭଗବାନଙ୍କ ନିକଟରେ ପ୍ରାର୍ଥନା କରି କହିଲେ, "ହେ ଭଗବାନ୍ ! ତୁମ୍ଭେ

ବାବରଙ୍କ ପୁତ୍ରପ୍ରେମ

ହୁମାୟୁନଙ୍କୁ ଆରୋଗ୍ୟ କରି ତା ପରିବର୍ତ୍ତରେ ମୋ ଜୀବନକୁ ଗ୍ରହଣ କର ।" କଥିତ ଅଛି ଯେ, ଏହା ପରେ ବାବର ଦିନକୁଦିନ ପୀଡ଼ାଗ୍ରସ୍ତ ହେଲେ ଓ ହୁମାୟୁନ ଦିନକୁଦିନ ଆରୋଗ୍ୟ ଲାଭ କରିବାକୁ ଲାଗିଲେ । ଅବଶେଷରେ ୧୫୩୦ ଖ୍ରୀଷ୍ଟାବ୍ଦ ୨୬ ଡିସେମ୍ବରରେ ବାବରଙ୍କ ମୃତ୍ୟୁ ହେଲା ।

ବାବର ଯଥାର୍ଥ ବୀର, ଉଦାର ଓ ସତ୍‌ପ୍ରକୃତିର ଲୋକ ଥିଲେ । ସେ ବିପଦବେଳେ ବିଚଳିତ ହୋଇ ନ ଥିଲେ । ବନ୍ଧୁ ଓ ଅଧୀନସ୍ଥ କର୍ମିବୃନ୍ଦମାନଙ୍କ ପ୍ରତି ତାଙ୍କର ବ୍ୟବହାର ଅତି ସୁନ୍ଦର ଥିଲା । ଅନ୍ୟାନ୍ୟ ମୋଗଲ-

ବାବରଙ୍କ ଚରିତ୍ର

ମାନଙ୍କର ଦୁର୍ଗୁଣମାନ ଏହାଙ୍କଠାରେ ଆଦୌ ନ ଥିଲା । ମନୁଷ୍ୟର ରକ୍ତପାତ ଏ ଅତି ଅଳ୍ପ କରିଥିଲେ । ସେ ଅତ୍ୟନ୍ତ ବିଦ୍ୟାନୁରାଗୀ

Digitized by srujanika@gmail.com

ଥିଲେ । ସେ ସତ୍ୟତା ସହକାରେ ନିଜର ଦୋଷ ଗୁଣ ଅତି ସରଳଭାବରେ ବିବୃତ କରି ସ୍ୱହସ୍ତରେ ଆତ୍ମଜୀବନୀ ଲେଖି ଯାଇଅଛନ୍ତି ।

ହୁମାୟୁନ—ହୁମାୟୁନ ଶବ୍ଦର ଅର୍ଥ ଭାଗ୍ୟବାନ୍ । କିନ୍ତୁ ହୁମାୟୁନଙ୍କ ପରି ଭାଗ୍ୟହୀନ ସମ୍ରାଟ ବୋଧହୁଏ ଆଉ କେହି ହୋଇ ନାହାନ୍ତି । ତାହାଙ୍କ ସମସ୍ତ ଜୀବନ ବିପତ୍ତି ମଧ୍ୟରେ ଅତିବାହିତ ହୋଇଥିଲା । ନିଜ ଭ୍ରାତୃମାନଙ୍କ ଉପରେ କୃପାଦୃଷ୍ଟି ରଖିବାପାଇଁ ବାବର ମୃତ୍ୟୁକାଳରେ ହୁମାୟୁନଙ୍କୁ ଆଦେଶ ଦେଇ ଥିଲେ । ସେ ଗୁଣ ଭଲ ଥିଲେ । ହୁମାୟୁନ ଅନ୍ୟ ତିନି ଭାଇଙ୍କୁ ରାଜ୍ୟରୁ ଖଣ୍ଡିଏ ଲେଖାଏଁ ଅଂଶ ଦେଇ ନିଜେ ଦିଲ୍ଲୀ ସିଂହାସନ ଗ୍ରହଣ କଲେ । ସେତେବେଳ ପର୍ଯ୍ୟନ୍ତ ମଧ୍ୟ ମୋଗଲ ସାମ୍ରାଜ୍ୟ ଦୃଢ଼ ହୋଇ ନ ଥିଲା । ଚତୁର୍ଦ୍ଦିଗରେ ଶତ୍ରୁ ଠିଆ ହୋଇ ବସି- ଥିଲେ । ଶତ୍ରୁମାନଙ୍କ ମଧ୍ୟରେ ବିହାରର ଶେର୍ ଖାଁ ଓ ଗୁଜରାଟର ବାହାଦୁର ସାହା ପ୍ରଧାନ ଥିଲେ । ହୁମାୟୁନ ଶେର୍ ଖାଁକୁ ଦମନ କରିବାକୁ ଅଗ୍ରସର ହେଲେ । ସେତେବେଳେ ଶେର ଖାଁ ଚୂନାର ଦୁର୍ଗ ଅଧିକାର କରି ସେଠାରେ ଅଧି- କାର ଜମାଇ ବସି ରହିଥିଲେ । ସେ ହୁମାୟୁନଙ୍କ ସହିତ ଯୁଦ୍ଧ କରିବାକୁ ଯୁକ୍ତିସଙ୍ଗତ ମନେ

ହୁମାୟୁନ

ନ କରି ପ୍ରକାଶ୍ୟରେ ତାଙ୍କର ବଶତା ସ୍ୱୀକାର କଲେ । ହୁମାୟୁନ ତାହାଙ୍କ ଅଧୀନରେ ଚୂନାରକୁ ଛାଡ଼ିଦେଇ ଗୁଜରାଟ ଅଭିମୁଖରେ ଯୁଦ୍ଧଯାତ୍ରା କଲେ । ଏପରି କରିବା ହୁମାୟୁନଙ୍କର ବଡ଼ ଭୁଲ ହେଲା । ସେ ଗୁଜରାଟ ଜୟ କରି ବାହାଦୁର ସାହାଙ୍କୁ ବହୁଦୂରକୁ ବିତାଡ଼ିତ କରି ସମଗ୍ର ଗୁଜରାଟକୁ ନିଜ ଅଧୀନସ୍ଥ କଲେ, କିନ୍ତୁ ସେଠାରେ କୌଣସି ସୁବ୍ୟବସ୍ଥା କରିବା ପୂର୍ବରୁ ଏଣେ ଶେର ଖାଁଙ୍କର ବିଦ୍ରୋହର ଦୁଃସମ୍ବାଦ ପ୍ରାପ୍ତ ହେଲେ । ଅତଏବ ଗୁଜରାଟକୁ ସେହି ଅବ୍ୟବସ୍ଥିତ ଅବସ୍ଥାରେ ପରିତ୍ୟାଗ କରି ସେ ପୂର୍ବାଭିମୁଖରେ ପ୍ରତ୍ୟା- ଗମନ କରିବାକୁ ବାଧ୍ୟ ହେଲେ । ସେ ଗୁଜରାଟ ପରିତ୍ୟାଗ କରିବା ମାତ୍ରକେ ବାହାଦୁର ସାହା ତାହାକୁ ପୁନର୍ବାର ଅଧିକାର କଲେ ।

Digitized by srujanika@gmail.com

ଏଣେ ଶେର ଖାଁ ଚୁନାର ଦୁର୍ଗକୁ ପୂର୍ବାପେକ୍ଷା ଅଧିକ ସୁରକ୍ଷିତ କରି ରଖିଥିଲେ । ତଥାପି ସେ ହୁମାୟୁନଙ୍କ ସହିତ ଯୁଦ୍ଧ କରିବାକୁ ଯୁକ୍ତିଯୁକ୍ତ ମନେ କଲେ ନାହିଁ । ସ୍ତ୍ରୀପୁତ୍ରମାନଙ୍କୁ ରୋହିତାସ୍ ଗଡ଼ରେ ନିରାପଦରେ ରଖି ଶେର୍ ଖାଁ ନିଜେ ବନ ମଧ୍ୟରେ ଲୁଚିଲେ । ହୁମାୟୁନ ଅନାୟାସରେ ଚୁନାର ଅଧିକାର କରି ବଙ୍ଗଦେଶ ଆଡ଼କୁ ଅଗ୍ରସର ହେଲେ । ଶେର ଖାଁ ଜାଣି ଶୁଣି ହୁମାୟୁନଙ୍କୁ ଅଗ୍ରସର ହେବାରେ ବାଧା ଦେଲେ ନାହିଁ । ହୁମାୟୁନ ଏହି ବିଜୟରେ ଉତ୍ଫୁଲ୍ଲ ହୋଇ କ୍ରମେ ମଧ୍ୟବଙ୍ଗରେ ଉପସ୍ଥିତ ହେଲେ । କିନ୍ତୁ ଏଠାରେ ସେ ଏକରକମ ନିଜେ ଆସି ଜେଲଖାନାରେ ପଶିଲେ । ସେତେବେଳେ ବର୍ଷା ଋତୁ ଆରମ୍ଭ ହୋଇଥିଲା । ଚତୁର୍ଦ୍ଦିଗରେ ବନ୍ୟା ଯୋଗୁଁ କେଉଁଆଡ଼େ ବାହାରିବାର ଉପାୟ ନ ଥିଲା । ତେଣୁ ବାଧ୍ୟ ହୋଇ ତାହାଙ୍କୁ କେତେକ ମାସ ବଙ୍ଗଦେଶରେ ଆବଦ୍ଧ ହୋଇ ରହିବାକୁ ପଡ଼ିଲା । ଏଣେ ଶେର୍ ଖାଁ ବନ ମଧ୍ୟରୁ ବାହାରି ବିହାର ଓ କାଶୀ ଅଧିକାର କଲେ । ସେ ରୋହିତାସ୍ ଗଡ଼ରେ ଶେର୍ ସାହା ନାମ ଗ୍ରହଣ କରି ନିଜକୁ ଭାରତର ସମ୍ରାଟ ଘୋଷଣା କଲେ ଓ ଚୁନାର ଗଡ଼ ଅଧିକାର କରି ଜୌନପୁର ଅଭିମୁଖରେ ଅଗ୍ରସର ହେଲେ । ହୁମାୟୁନ ଏହି ସବୁ ସମ୍ବାଦ ପାଇଲେ । କିନ୍ତୁ କ'ଣ କରିବେ ? ମାଲେରିଆ ଜ୍ୱରରେ ପୀଡ଼ିତ ହୋଇ ତାହାଙ୍କର ସୈନ୍ୟସଂଖ୍ୟା ବହୁତ କମିଯାଇଥିଲା । ତଥାପି ବର୍ଷାକାଳ ଶେଷ ହେବା ମାନକେ ସେ ଶେର୍ ସାହାଙ୍କୁ ଦମନ କରିବାପାଇଁ ଯାତ୍ରା କଲେ । ଚୌସା ନାମକ ସ୍ଥାନର ନିକଟବର୍ତ୍ତୀ ଯୁଦ୍ଧକ୍ଷେତ୍ରରେ ଉଭୟ ପକ୍ଷର ଯୁଦ୍ଧ ହେଲା । ହୁମାୟୁନ ପରାସ୍ତ ହୋଇ ଗଙ୍ଗାନଦୀକୁ ଡେଇଁ ପଳାଇଲେ ଓ ବହୁକଷ୍ଟରେ ଜଣେ ଭିସ୍ତି (ଜଳବାହକ)ର ସାହାଯ୍ୟରେ ଆପଣା ଜୀବନ ରକ୍ଷା କରି ଆଗ୍ରାରେ ଉପସ୍ଥିତ ହେଲେ ।

ହୁମାୟୁନଙ୍କ ଉପରେ ବିପତ୍ତି

ତତ୍ପରବର୍ଷ ହୁମାୟୁନ ଏକ ଲକ୍ଷ ସୈନ୍ୟ ନେଇ ଶେର୍‌ସାହାଙ୍କୁ ଦମନ କରିବା ନିମିତ୍ତ ବାହାରିଲେ । ଶେର୍‌ସାହା ମଧ୍ୟ କାନ୍ୟକୁବ୍ଜ ପର୍ଯ୍ୟନ୍ତ ଅଗ୍ରସର ହେଲେ । ଏହି ଯୁଦ୍ଧରେ ମଧ୍ୟ ହୁମାୟୁନ୍ ପରାସ୍ତ ହେଲେ । ଏଥିରେ ତାହାଙ୍କୁ

Digitized by srujanika@gmail.com

ଦିଲ୍ଲୀ ଓ ଆଗ୍ରାର ଆଶା ମଧ୍ୟ ପରିତ୍ୟାଗ କରିବାକୁ ପଡ଼ିଲା । ପୁଣି ଥରେ ଭାରତବର୍ଷରେ ପଠାଣ ସାମ୍ରାଜ୍ୟ ସ୍ଥାପିତ ହେଲା । ହତଭାଗ୍ୟ ହୁମାୟୁନଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ସିନ୍ଧୁ ଓ ରାଜପୁତନାର ମରୁଭୂମିରେ ଇତସ୍ତତଃ ଭ୍ରମଣ କରିବାକୁ ପଡ଼ିଥିଲା । ସେ ଅନେକ ରଜା ଓ ଆତ୍ମୀୟମାନଙ୍କ ନିକଟରେ ଆଶ୍ରୟ ଭିକ୍ଷା କଲେ; ମାତ୍ର କେହି ତାହାଙ୍କୁ ଆଶ୍ରୟ ଦେଲେ ନାହିଁ । ଏପରିକି ତାହାଙ୍କର ସହୋଦର କାମରାନ୍ ମଧ୍ୟ ତାହାଙ୍କୁ

ହମିଦା ବେଗମ

ଲାହୋରରେ ରଖାଇ ଦେଲେ ନାହିଁ । ଅବଶେଷରେ ରାଜପୁତାନାର ଅମରକୋଟର ରାଜା କଷ୍ଟରେ ପାଇ ତାହାଙ୍କୁ ନିଜରାଜ୍ୟ ମଧ୍ୟରେ ଆଶ୍ରୟ ଦେଲେ । ଏହିଠାରେ ହୁମାୟୁନଙ୍କ ସ୍ତ୍ରୀ ହମିଦା ବେଗମଙ୍କ ଗର୍ଭରୁ ତାହାଙ୍କର ବିଶ୍ୱବିଖ୍ୟାତ ପୁତ୍ର ଅକବର ଜନ୍ମ-ଗ୍ରହଣ କରିଥିଲେ । ଏଠାରୁ ପଳାଇ ଯାଇ ହୁମାୟୁନ ନିଜ ଭ୍ରାତା ଅସ୍କାରିଙ୍କ ରାଜ୍ୟ ସମର-କନ୍ଦରେ ଉପସ୍ଥିତ ହେଲେ । ଅସ୍କାରି ତାହାଙ୍କୁ ଆଶ୍ରୟ ଦେବା ପରିବର୍ତ୍ତରେ ବନ୍ଦୀକରିବାକୁ ଉଦ୍ୟତ ହେବାରୁ ହୁମାୟୁନ

ଅକବରଙ୍କ ଜନ୍ମ

ବାଧ୍ୟ ହୋଇ ଶିଶୁପୁତ୍ର ଅକବରଙ୍କୁ ଉକ୍ତ ଭାଇଙ୍କ ପାଖେ ଛାଡ଼ି ଦେଇ ପାରସ୍ୟକୁ ପଳାଇଲେ । ପାରସ୍ୟର ସମ୍ରାଟ୍ ତାହାଙ୍କୁ ଆଶ୍ରୟ ଦେଲେ ସତ୍ୟ, କିନ୍ତୁ ସିଆ ମତ ଗ୍ରହଣ କରିବାକୁ ତାଙ୍କୁ ବାଧ୍ୟ କଲେ । ଅବଶେଷରେ ପାରସ୍ୟ ସମ୍ରାଟଙ୍କ ସାହାଯ୍ୟରେ ହୁମାୟୁନ ଅସ୍କାରି ଓ କାମରାନଙ୍କଠାରୁ କାନ୍ଦାହାର ଓ କାବୁଲ ଛଡ଼ାଇ ନେଲେ । ଏମାନଙ୍କଠାରୁ ପ୍ରତିହିଂସା ନେବା ପରେ ୧୫୫୫ ଖ୍ରୀଷ୍ଟାବ୍ଦରେ ହୁମାୟୁନ ପୁଣି ଭାରତବର୍ଷ ଆକ୍ରମଣ କଲେ । ଇତି ମଧ୍ୟରେ ଶେର୍‌ସାହା କେତେ ବର୍ଷ ଦିଲ୍ଲୀ ରାଜ୍ୟର ସମ୍ରାଟ୍‌ପଣ କରି ମୃତ୍ୟୁମୁଖରେ ପତିତ ହୋଇଥିଲେ । ତାହାଙ୍କର ଦୁର୍ବଳ ଉତ୍ତରାଧିକାରୀଙ୍କ-ଠାରୁ ଭାରତ ରାଜ୍ୟ ଛଡ଼ାଇ ନେବାପାଇଁ ହୁମାୟୁନଙ୍କୁ ବିଶେଷ ବିଳମ୍ବ ହୋଇ

Digitized by srujanika@gmail.com

ନ ଥିଲା । ଏହିପରି ୧୫ ବର୍ଷ ବହୁ ଦୁର୍ଦ୍ଦଶା ଭୋଗ କରିବା ପରେ ହୁମାୟୁନ୍ ପୁନର୍ବାର ଭାରତବର୍ଷରେ ନିଜର ପୂର୍ବ ସ୍ୱତ୍ୱ ସ୍ଥାପନ କଲେ,

ହୁମାୟୁନଙ୍କ ମୃତ୍ୟୁ

ମାତ୍ର ଛଅ ମାସ ରାଜ୍ୟଭୋଗ କଲା ପରେ ଦିନେ ହଠାତ୍ କୋଠା ଉପରୁ ତାଙ୍କର ଗୋଡ଼ ଖସିଯିବାରୁ ସେ ପଞ୍ଚତ୍ୱ ପ୍ରାପ୍ତ ହେଲେ । ସେ ଅଫିମଖୋର ଥିଲେ ଓ ଏହି ଅଭ୍ୟାସ ଯୋଗୁଁ ଆଳସ୍ୟପରାୟଣ ଥିଲେ । ଯଥା-ସମୟରେ କାର୍ଯ୍ୟ କରୁ ନ ଥିଲେ ବୋଲି ତାହାଙ୍କୁ କଷ୍ଟ ପାଇବାକୁ ପଡ଼ୁଥିଲା । ନଚେତ୍ ସେ ଜଣେ ମହତ୍ ଓ ନ୍ୟାୟପର ସମ୍ରାଟ ଥିଲେ ।

ଶେର୍ ସାହା—ଶେର୍‌ସାହା ଧ୍ୱଂସପ୍ରାପ୍ତ ପଠାଣ ସାମ୍ରାଜ୍ୟକୁ ପୁନର୍ବାର ସ୍ଥାପନ କରିଥିଲେ । ସେ ଆଗ୍ରା ଜିଲ୍ଲା ସାସାରାମର ଅଧିବାସୀ ଥିଲେ । ଏହି ସ୍ଥାନକୁ ପଠାଣ ସମ୍ରାଟ୍‌ମାନେ ତାଙ୍କ ପିତାଙ୍କୁ ଜାଗିରି ସ୍ୱରୂପ ଦେଇଥିଲେ । ତାହାଙ୍କର ଅସଲ ନାମ ଫରିଦ୍ ଖାଁ ଥିଲା । ବାଲ୍ୟକାଳରେ ସେ ଗୋଟିଏ ବ୍ୟାଘ୍ରକୁ ତରବାରି ଦ୍ୱାରା ହାଣି ଦୁଇ ଖଣ୍ଡ କରି ଦେଇଥିଲେ ବୋଲି ତାହାଙ୍କୁ ପିଲାଦିନ ଲୋକେ ଶେର୍ ଖାଁ ବୋଲି ଡାକୁଥିଲେ (ଶେର୍ ଶବ୍ଦର ଅର୍ଥ ବାଘ) । କୌଣସି କାରଣରୁ ସେ ନିଜ ଘରୁ ଜୌନପୁରକୁ ପଳାଇ ଯାଇଥିଲେ ଏବଂ ସେହିଠାରେ ବିଦ୍ୟା ଶିକ୍ଷା କରିଥିଲେ । ଚୁନାର ଗଡ଼ର ବିଧବା ରାଣୀ ତାଙ୍କୁ ବିବାହ କରିବାରୁ ସେ

ଶେରସାହା

ଚୁନାରର ମାଲିକ ହୋଇ ବସିଲେ । ଏହି ସମୟରେ ବାବର ମୃତ୍ୟୁମୁଖରେ ପତିତ ହେବାରୁ ଶେର ଖାଁ ବଙ୍ଗଳା ଓ ବିହାରକୁ ନିଜର ଅଧିକାରଭୁକ୍ତ କଲେ । ପରେ ତାହାଙ୍କର ହୁମାୟୁନଙ୍କ ସହିତ ଯେପରି ଯୁଦ୍ଧ ହୋଇଥିଲା, ତାହା ପୂର୍ବେ ଲେଖାଯାଇଅଛି । ସେ ୧୫୪୦ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଅରୋହଣ କଲେ ଏବଂ ୧୫୪୫ ଖ୍ରୀଷ୍ଟାବ୍ଦରେ କାଳଗ୍ରାସରେ ପତିତ ହେଲେ ।

Digitized by srujanika@gmail.com

ଦିଲ୍ଲୀ ସିଂହାସନରେ ଅଧିରୋହଣ କଲା ପରେ ଶେରସାହା ସବୁ ପ୍ରଥମେ ବଙ୍ଗଦେଶର ବିଦ୍ରୋହ ଦମନ କଲେ । ପରେ ମାଲବ, ଗୁଜରାଟ, ଯୋଧପୁର ଏବଂ ଚିତୋରକୁ ନିଜ ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ ।

ଶେର୍‌ସାହାଙ୍କ ମୃତ୍ୟୁ

ଅବଶେଷରେ କାଳଞ୍ଜର ଦୁର୍ଗ ଆକ୍ରମଣ କଲେ । ଏହି ଆକ୍ରମଣ କାଳରେ ଅକସ୍ମାତ୍ ବାରୁଦ ଘରେ ଗୋଟିଏ ଗୋଳା ଆସି ପଡ଼ିବାରୁ ସେଥିରେ ନିଆଁ ଲାଗିଲା ଓ ସେ ପୋଡ଼ି ହୋଇ ମଲେ । ସାସାରାମ-ଠାରେ ତାଙ୍କ ଶବ ପ୍ରୋଥିତ ହେଲା । ସେଠାରେ ଅଦ୍ୟାପି ତାଙ୍କର କବର



ଶେର୍‌ସାହାଙ୍କ ସମାଧିମନ୍ଦିର

(ସମାଧି ମନ୍ଦିର) ବିଦ୍ୟମାନ ଅଛି । ଯଦିଓ ଶେରସାହା ନ୍ୟୂନାଧିକ ପାଞ୍ଚବର୍ଷ ମାତ୍ର ରାଜତ୍ୱ କରିଥିଲେ, ତଥାପି ସେ ପ୍ରଜାମାନଙ୍କର ପ୍ରଭୂତ ମଙ୍ଗଳ ସାଧନ କରିଥିଲେ । ତାହାଙ୍କର ବ୍ୟବସ୍ଥା ଅତି ଉତ୍ତମ ଥିଲା । ସେ ବଙ୍ଗଳା ଓ ବିହାରକୁ କେତେ ଗୋଟି ଜିଲ୍ଲାରେ ବିଭକ୍ତ କରିଥିଲେ ଏବଂ ପ୍ରତ୍ୟେକ ଜିଲ୍ଲାରେ ଜଣେ ଲେଖାଏଁ ଶାସନକର୍ତ୍ତା ନିଯୁକ୍ତ କରିଥିଲେ । ସବୁ ବିଷୟରେ ସେ

Digitized by srujanika@gmail.com

ନକେ ତନଖି କରୁଥିଲେ । ସେ ତାହାଙ୍କୁ ଦଣ୍ଡ ଦେବାକୁ ଇତସ୍ତତଃ କରୁ ନ ଥିଲେ । ସେ ଅନ୍ୟାୟର ଏପରି ବିରୋଧୀ ଥିଲେ ଯେ, ବେଳେ ବେଳେ ସାମାନ୍ୟ ଅପରାଧ ପାଇଁ ପ୍ରାଣଦଣ୍ଡର ବ୍ୟବସ୍ଥା ମଧ୍ୟ କରୁଥିଲେ ।

ଶେରସାହାଙ୍କ ଭୂମି ବନ୍ଦୋବସ୍ତ

ଶେରସାହାହିଁ ସର୍ବପ୍ରଥମେ ଟୋଡରମଲ୍ଲଙ୍କ ସାହାଯ୍ୟରେ ରାଜ୍ୟରୁ ଭୂମିକର ଅସୁଲ ହେବାର ସୁବ୍ୟବସ୍ଥା କଲେ । ରାଜ୍ୟରେ ଚଳିବା ପାଇଁ ମୁଦ୍ରାର ସମ୍ବନ୍ଧରେ ମଧ୍ୟ ସେ ବ୍ୟବସ୍ଥା କଲେ ଏବଂ ବିଶୁଦ୍ଧ ରୌପ୍ୟମୁଦ୍ରାର ପ୍ରଚଳନ କଲେ । ସେ ଅନେକଗୁଡ଼ିଏ ସଡ଼କ, ପାନ୍ଥଶାଳା, ମସଜିଦ୍, ମାଦ୍ରାସା (ବିଦ୍ୟାଳୟ) ଏବଂ କୂପ ଇତ୍ୟାଦି ନିର୍ମାଣ କରାଇ ପ୍ରଜାସାଧାରଣଙ୍କର ହିତସାଧନ କରିଥିଲେ । ବଙ୍ଗଦେଶରୁ ଦିଲ୍ଲୀ ପର୍ଯ୍ୟନ୍ତ ସର୍ବାପେକ୍ଷା ବଡ଼ ରାଜପଥ ସେ ନିର୍ମାଣ କରାଇଥିଲେ ଏବଂ ତାହା ଆଜିପର୍ଯ୍ୟନ୍ତ ମଧ୍ୟ ବିଦ୍ୟମାନ ରହିଅଛି । ଏହାର ନାମ ଅଜିକାଲି ଗ୍ରାଣ୍ଡ୍ ଟ୍ରଙ୍କ୍ ରୋଡ୍ ହୋଇଅଛି । ଯାତ୍ରୀମାନେ ଛାୟାଲାଭ କରିବାପାଇଁ ସେ ଏହି ସଡ଼କ ଦୁଇ ପାଖରେ ଅନେକ ବୃକ୍ଷ ରୋପଣ କରାଇଥିଲେ । ଶେରସାହା ଅତ୍ୟନ୍ତ କଠୋର ଓ ନ୍ୟାୟପରାୟଣ ସମ୍ରାଟ୍ ଥିଲେ । ସେ ସର୍ବାନ୍ତଃକରଣରେ ଅପକାର କର୍ମମାନ କରୁଥିଲେ । ଯଦିଚ ତାହାଙ୍କ ପ୍ରକୃତିରେ ନିର୍ଦ୍ଦୟତା ଓ ଧୂର୍ତ୍ତତାର ସମାବେଶ ଥିଲା, ତଥାପି ସେ ପ୍ରଜାଙ୍କର ମଙ୍ଗଳ ପାଇଁ ସର୍ବଦା ତତ୍ପର ଥିଲେ । ତାହାଙ୍କ ପ୍ରକୃତିରେ ସମ୍ରାଟୋଚିତ ସମସ୍ତ ଗୁଣ ବିଦ୍ୟମାନ ଥିଲା । ସେଥିପାଇଁ ସେ କେବଳ ପାଞ୍ଚ ବର୍ଷ ମଧ୍ୟରେ ଏତେ କାର୍ଯ୍ୟ କରି ପାରିଥିଲେ, ଯାହା କି ଅନ୍ୟ କେହି ରାଜା କରି ପାରି ନାହାନ୍ତି ।

ତାହାଙ୍କର ମୃତ୍ୟୁ ପରେ ୧୧ ବର୍ଷ ପର୍ଯ୍ୟନ୍ତ ହିନ୍ଦୁସ୍ଥାନ ତାହାଙ୍କ ବଂଶଧରମାନଙ୍କ ଶାସନରେ ରହିଲା; କିନ୍ତୁ ସେମାନେ ଅତ୍ୟନ୍ତ ଦୁର୍ବଳ ଥିଲେ । ପରିଣାମରେ ୧୫୫୫ ଖ୍ରୀଷ୍ଟାବ୍ଦରେ ହୁମାୟୁନ ସେମାନଙ୍କ ହସ୍ତରୁ ରାଜ୍ୟ କାଢ଼ି ନେଲେ ଏବଂ ମୋଗଲ ଶାସନକୁ ପତନରୁ ରକ୍ଷା କଲେ ।

ସମ୍ରାଟ୍ ଆକବର— ଆକବରଙ୍କର ବାଲ୍ୟଜୀବନ ଅନେକ ଦୁଃଖରେ ଅତିବାହିତ ହୋଇଥିଲା । ହୁମାୟୁନଙ୍କ ମୃତ୍ୟୁକାଳରେ ତାହାଙ୍କର ବୟଃକ୍ରମ କେବଳ ମାତ୍ର ୧୩ ବର୍ଷ ଥିଲା । ସେତେବେଳେ ଦିଲ୍ଲୀ ଓ ଆଗ୍ରା ବ୍ୟତୀତ ସମସ୍ତ

Digitized by srujanika@gmail.com

ଭୂତେ ସ୍ୱାଧୀନ ହୋଇ ଯାଇଥିଲା । ଏଥିଯୋଗୁ ଅକବରଙ୍କ ସମ୍ମୁଖରେ ପ୍ରଥମେ କଠିନ ସମସ୍ୟା ଉପସ୍ଥିତ ହେଲା । ହୁମାୟୁନଙ୍କ ଜଣେକ ବିଶ୍ୱସ୍ତ

ଅକବର

ସେନାପତି ବୈରାମ୍ ଖାଁ ନାବାଳକ ଆକବରଙ୍କର ଅଭିଭାବକ ଥିଲେ । ସେ ସମ୍ରାଟ୍‌ଙ୍କର ପ୍ରତିନିଧିସ୍ୱରୂପ ରାଜକାର୍ଯ୍ୟ ନିର୍ବାହ କରୁଥିଲେ ଓ ବାଳକ ଅକବରଙ୍କୁ ତତ୍ସମ୍ବନ୍ଧେ ଶିକ୍ଷା ଦେଉଥିଲେ । ଅକବର ମଧ ତାହାଙ୍କୁ ବିଶେଷ ସମ୍ମାନଦୃଷ୍ଟିରେ ଦେଖୁଥିଲେ । ପଠାଣ ସୈନ୍ୟମାନେ ହିନ୍ଦୁ-ସେନାପତି ହିମୁଙ୍କ ଅଧୀନରେ ବିହାରରୁ ଅଗ୍ରସର ହୋଇ ଆଗ୍ରା ଜୟ କରି ଦିଲ୍ଲୀ ଅଭିମୁଖରେ ଯାତ୍ରା କରୁଥିଲେ, କିନ୍ତୁ ସେଠାର ଶାସନକର୍ତ୍ତା ସେମାନଙ୍କର ଗତିରୋଧ କଲେ । ହିମୁ ତାହାଙ୍କୁ ପରାଜିତ କରି ଦିଲ୍ଲୀ-ଅଧିକାର କଲେ ଓ ସ୍ୱୟଂ ବିକ୍ରମାଦିତ୍ୟ ଉପାଧି ଧାରଣ କରି ଭାରତ-

ହିମୁ

ବର୍ଷରୁ ଆକବରଙ୍କୁ ବିତାଡ଼ିତ କରିବାକୁ ମନସ୍ଥ କଲେ । ସେତେବେଳେ ଅନେକ ଲୋକ ଅକବରଙ୍କୁ ପଳାୟନ କରିବାକୁ ଉପଦେଶ ଦେଲେ, କିନ୍ତୁ ଏ ପରାମର୍ଶରେ ବୈରାମ୍ ଖାଁ ସ୍ୱୀକୃତ ହେଲେ ନାହିଁ । ସ୍ୱୟଂ ଅକବର ମଧ ଯୁଦ୍ଧ କରିବାକୁ ଇଚ୍ଛୁକ ଥିଲେ । ଯାହାହେଉ, କୌଣସି

ଦ୍ୱିତୀୟ ପାଣିପଥ ଯୁଦ୍ଧ

ଉପାୟରେ ମୋଗଲଙ୍କ ସୈନ୍ୟଦଳ ଗଠିତ ହେଲା । ୧୫୫୬ ଖ୍ରୀଷ୍ଟାବ୍ଦରେ ଉଭୟ ପକ୍ଷଙ୍କ ମଧ୍ୟରେ ପାନିପଥକ୍ଷେତ୍ରରେ ଯୁଦ୍ଧ ହେଲା । ହିମୁଙ୍କର ଜୟ ଅଶା ଅଧିକ ପରିମାଣରେ ଥିଲା, କିନ୍ତୁ ସହସା ଗୋଟିଏ ଶର ତାଙ୍କ ଚକ୍ଷୁରେ ବିଦ୍ଧ ହେବାରୁ ସେ ଭୂପତିତ ହେଲେ ଓ

ହିମୁ

ତାଙ୍କ ସୈନ୍ୟଦଳ ଛତ୍ରଭଙ୍ଗ ଦେଲେ । ବୈରାମ୍ ଖାଁ ଆକବରଙ୍କ ଇଚ୍ଛା ବିରୁଦ୍ଧରେ ସ୍ୱହସ୍ତରେ ହିମୁଙ୍କୁ ହତ୍ୟା କଲେ । ଏହାପରେ ଆକବରଙ୍କ ରାଜ୍ୟ ନିଷ୍କଣ୍ଟକ ହେଲା ।

Digitized by srujanika@gmail.com

ବୈରାମ ଖାଁ

ଅକବରଙ୍କୁ ପିଲା ଥିବାରୁ ବିଶ୍ୱସ୍ତ ବୈରାମ୍ ବହୁବାର ଯଥେଚ୍ଛା କାର୍ଯ୍ୟ କରିବାକୁ ଲାଗିଲେ, କିନ୍ତୁ ଆକବର ବୟସରେ ବାଳକ ହେଲେ ମଧ୍ୟ ବୁଦ୍ଧିରେ ବାଳକ ନ ଥିଲେ । ସେ ଜାଣିଥିଲେ ଯେ, ବୈରାମ୍ ତାହାଙ୍କର କର୍ମଚାରୀ ଓ ବୈରାମଙ୍କର କାହା ପ୍ରତି ଅନ୍ୟାୟ ବ୍ୟବହାର କରିବାର ଅଧିକାର ନାହିଁ । ତଥାପି ବୈରାମ୍‌ଙ୍କଦ୍ୱାରା ବିଶେଷ ଉପକୃତ ବୋଲି କେତେକ ଦିନ ଆକବର ବୈରାମ୍‌ଙ୍କୁ ଘାଟି ଫିଟାଇଲେ ନାହିଁ । କିନ୍ତୁ ଅବଶେଷରେ ରାଜ୍ୟର ଅହିତ ହେଉଥିବା ଦେଖି ସେ ନିଜେ ରାଜକାର୍ଯ୍ୟ ବୁଝିବେ ବୋଲି ଘୋଷଣା କଲେ । ଏଥିରେ ବୈରାମ୍ ବିରକ୍ତ ହୋଇ ବିଦ୍ରୋହୀ ହେଲେ, କିନ୍ତୁ ଅକବର ବିଶେଷ ତତ୍ପରତାର ସହିତ ବୈରାମ୍‌ଙ୍କ ବିଦ୍ରୋହ ଦମନ କଲେ । ବୈରାମ୍ ବନ୍ଦୀ ହେଲେ, କିନ୍ତୁ ଆକବର ତାହାଙ୍କ ସହିତ କୌଣସି ଦୁର୍ବ୍ୟବହାର କଲେ ନାହିଁ । ସେ ବୈରାମ୍‌ଙ୍କ ହଜ (ତୀର୍ଥ) କରିବାକୁ ଅଭିପ୍ରାୟରେ ମକ୍କାକୁ ପ୍ରେରଣ କଲେ, କିନ୍ତୁ ବାଟରେ ବୈରାମ୍ ନିହତ ହେଲେ ।

ବୈବାହିକ ସମ୍ବନ୍ଧ

ଏହି ସମୟରେ ପଞ୍ଜାବଠାରୁ ଆଲ୍ଲାହାବାଦ (ପ୍ରୟାଗ) ପର୍ଯ୍ୟନ୍ତ ରାଜ୍ୟ ଅକବରଙ୍କ ଅଧୀନ ଥିଲା । ଗୋୟାଲିୟର ଓ ଅଜମୀର ମଧ୍ୟ ତାହାଙ୍କର ହସ୍ତଗତ ହୋଇଥିଲା । ଶେଷ ପ୍ରାନ୍ତ ସେତେବେଳ ପର୍ଯ୍ୟନ୍ତ ମଧ୍ୟ ସ୍ୱାଧୀନ ଥିଲା । ଆକବର ବଡ଼ ରାଜନୀତିଜ୍ଞ ସମ୍ରାଟ୍ ଥିଲେ । ମୁସଲମାନ ଶାସନକୁ ଭାରତ-ବ୍ୟାପୀ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ସେ ଦେଖିଲେ ଯେ, ପ୍ରଜା-ମାନଙ୍କ ମଧ୍ୟରେ ହିନ୍ଦୁମାନଙ୍କ ସଂଖ୍ୟା ଅଧିକ ଏବଂ ସେମାନଙ୍କ ମଧ୍ୟରେ ପୁଣି ରାଜପୁତମାନେ ବିଶେଷ ଯୁଦ୍ଧପ୍ରିୟ । ଏହି କାରଣରୁ ରାଜପୁତମାନଙ୍କ ସହିତ ମିଳି ମିଶି ଶାସନ ବ୍ୟବସ୍ଥା ଓ ରାଜ୍ୟ

ମାନସିଂହ

Digitized by srujanika@gmail.com

ନେତ୍ରାଗ କରିବା ଉଚିତ ବୋଲି ସେ ମନେ କଲେ । ସେ ଅମ୍ବର (ଅଧୁନା ଜୟପୁର)ର ରାଜା ବିହାରୀ ମଲ୍ଲଙ୍କ କନ୍ୟାର ପାଣିଗ୍ରହଣ କଲେ ଏବଂ ତାଙ୍କ ପୌତ୍ର ଓ ଭଗବାନ ଦାସଙ୍କ ପୁତ୍ର ରାଜା ମାନସିଂହଙ୍କୁ ପ୍ରଧାନ ସେନାପତି ଓ ବଙ୍ଗଦେଶର ଶାସନକର୍ତ୍ତା ପଦରେ ନିଯୁକ୍ତ କଲେ । ରାଜପୁତମାନେ ଆକବରଙ୍କ ଏହି ନୀତିକୌଶଳ ଭିତରେ ପ୍ରବେଶ କରି ପାରିଲେ ନାହିଁ । ଅମ୍ବରର ରାଜପୁତ ରାଜବଂଶହିଁ ସର୍ବପ୍ରଥମେ ଆକବରଙ୍କ ସହିତ ଏହିରୂପ ସମ୍ବନ୍ଧ ସ୍ୱୀକାର କଲେ । ଏହା ପରେ ଯୋଧପୁର ରାଜା ନିଜ ପୌତ୍ରୀଙ୍କ ଆକବରଙ୍କ ପୁତ୍ର ସେଲିମଙ୍କ ସହିତ ବିବାହ ଦେଲେ । ଏହିପରି ଗୋଟି ଗୋଟି ହୋଇ ରାଜସ୍ଥାନର ପ୍ରାୟ ସମସ୍ତ ରାଜବଂଶ ଆକବରଙ୍କ ନୀତିରେ ଆବଦ୍ଧ ହେଲେ । ଏତଦ୍ୱାରା ଅକବର ବେଶ ବଳଶାଳୀ ହେଲେ । ଏହି ସମୟରେ ଏକମାତ୍ର ମିବାର ରାଜବଂଶହିଁ ଆକବରଙ୍କ ସହିତ କୌଣସି ପ୍ରକାରେ ବିବାହ ସମ୍ବନ୍ଧରେ ଆବଦ୍ଧ ହେବା ହୀନତାର ପରିଚାୟକ ବୋଲି ମନେ କଲେ ।

ମେବାର

ଏଥିରେ ଅକବର କ୍ରୁଦ୍ଧ ହୋଇ ମିବାରର ସ୍ୱାଧୀନତା ବଳପୂର୍ବକ ନଷ୍ଟ କରିବାକୁ ବଦ୍ଧପରିକର ହେଲେ । ରାଜା ମାନସିଂହ ଆକବରଙ୍କ ପକ୍ଷରୁ ଗୋଟିଏ ବୃହତ୍ ସୈନ୍ୟ ଦଳ ନେଇ ମିବାରର ମହାରାଣା ପ୍ରତାପ ସିଂହଙ୍କ ସହିତ ଯୁଦ୍ଧ କରିବାକୁ ଆସିଲେ । ହଳଦିଘାଟ ଯୁଦ୍ଧ-

ରାଣା ପ୍ରତାପ ସିଂ[illegible]

କ୍ଷେତ୍ରରେ ଘୋର ଯୁଦ୍ଧ ହେଲା । ଏହି ଯୁଦ୍ଧରେ ରାଣା [illegible] ହେଲେ ମଧ୍ୟ ତାହାଙ୍କ ବୀରତ୍ୱକାହାଣୀ ଚିରଦିନ ଇତିହାସର ପୃଷ୍ଠା ଉଜ୍ଜ୍ୱଳ କରି

Digitized by srujanika@gmail.com

ଅମର ହୋଇ ରହିଥିବ । ସେ ପରାଜିତ ହୋଇ ମଧ୍ୟ ଆକବରଙ୍କ ବଶ୍ୟତା ସ୍ୱୀକାର କଲେ ନାହିଁ । ସେ ପ୍ରତିଜ୍ଞା କଲେ ଯେ, ହୁଏ ତ

ରଣା ପ୍ରତାପ

ମାତୃଭୂମିର ଉଦ୍ଧାର କରିବ, ନଚେତ୍ ଜଙ୍ଗଲ ମଧ୍ୟରେ ମରିବ । ନିଜ ସ୍ୱାଧୀନତା ଅଖଣ୍ଡ ରଖିବାପାଇଁ ବାଇଶି ବର୍ଷକାଳ ସେ ବଣ ବଣ ହୋଇ ବୁଲିଲେ ଓ ଆକବରଙ୍କ ସୈନ୍ୟଦଳ ତାଙ୍କୁ ଖୋଜିବାକୁ ଲାଗିଲେ କିନ୍ତୁ ତାହାଙ୍କୁ ଧରି ପାରିଲେ ନାହିଁ । ଅବଶେଷରେ ପ୍ରତାପ କୌଣସି ପ୍ରକାରେ ନିଜ ମାତୃଭୂମିର ଅନେକ ଅଂଶ ପୁନରଧିକାର କରି ମିବାରର ପ୍ରାଚୀନ ଗୌରବ ସେହି କଠିନ ଅବସ୍ଥାରେ ମଧ୍ୟ ଅକ୍ଷୁଣ୍ଣ ରଖିଲେ । ଅକବର ମଧ୍ୟ ଏହି କ୍ଷୁଦ୍ର ରାଜ୍ୟ ପ୍ରତି ଅଧିକ ଦୃଷ୍ଟିପାତ ନ କରି ଅନ୍ୟାନ୍ୟ ପ୍ରଦେଶମାନ ଜୟ କରିବା କାର୍ଯ୍ୟରେ ବ୍ୟାପୃତ ରହିଲେ ।

ରାଜପୁତମାନଙ୍କ ସାହାଯ୍ୟରେ ଆକବର ସମସ୍ତ ଉତ୍ତର ଭାରତବର୍ଷ ଓ ଦକ୍ଷିଣ ଭାରତର ଅଧିକାଂଶ ସ୍ଥାନ ଅଧିକାର କଲେ । ମିବାର ଯୁଦ୍ଧ ପରେ ସେ ଗୁଜରାଟ ଆକ୍ରମଣ କଲେ ।

[illegible]

ସେହି ସମୟରେ ଗୁଜରାଟ ବାହାଦୁରସାହାଙ୍କ ବଂଶଧରଗଣଙ୍କ ଶାସନାଧୀନ ଥିଲା । ସେଠାର ରାଜା ପଳାୟନ କଲେ ଓ ଆକବର ଅନାୟାସରେ ଗୁଜରାଟ ଅଧିକାର କଲେ । ଏହାପରେ ସେ ବଙ୍ଗଦେଶ ପ୍ରତି ଦୃଷ୍ଟିପାତ କଲେ । ଏହି ପ୍ରଦେଶ ଚତୁର୍ଦ୍ଦଶ ଶତାବ୍ଦୀଠାରୁ ସ୍ୱାଧୀନ ହୋଇଥିଲା । ସେତେବେଳେ ସୁଲେମାନ୍ କର୍ରାଣୀ ବଙ୍ଗର ଶାସନକର୍ତ୍ତା ଥିଲେ । ସେ ଆକବରଙ୍କ ଅଧୀନତା ସ୍ୱୀକାର କଲେ । ସୁଲେମାନଙ୍କ ସେନାପତି କଳାପାହାଡ଼ (ସେ ପ୍ରଥମେ ହିନ୍ଦୁ ଥିଲେ

ହିନ୍ଦୁବେଶରେ ଅକବର

Digitized by srujanika@gmail.com

ଓ ପରେ ମୁସଲମାନ ହୋଇଥିଲେ) ପୁରୀର ଜଗନ୍ନାଥ ଦେବଙ୍କ ମନ୍ଦିରକୁ ନଷ୍ଟ କଲେ । ସଙ୍ଗେ ସଙ୍ଗେ ସୁଲେମାନଙ୍କ ପୁତ୍ର ଦାଉଦ ଖାଁ ସ୍ୱାଧୀନତା ଘୋଷଣା କଲେ । ଆକବର ସ୍ୱୟଂ ପାଟଣା ପର୍ଯ୍ୟନ୍ତ ଆସି ଦାଉଦଙ୍କୁ ପରାସ୍ତ କଲେ । ସେ ଓଡ଼ିଶାକୁ ପଳାୟନ କଲେ, କିନ୍ତୁ ଆକବର ସେଠାପର୍ଯ୍ୟନ୍ତ ତାହାଙ୍କ ପଶ୍ଚାଦ୍ଧାବନ କରିବାରୁ ସେ ଅଧୀନତା ସ୍ୱୀକାର କଲେ । ଏହି ଯୁଦ୍ଧ ପରେ ମଧ୍ୟ ଆଫଗାନମାନେ ବାରମ୍ବାର ବିଦ୍ରୋହ କରିବାକୁ ଲାଗିଲେ । ଅବଶେଷରେ ରାଜା ମାନସିଂହ ବଙ୍ଗ ଦେଶର ସୁବାଦାର ପଦରେ ନିଯୁକ୍ତ ହେଲେ । ସେ ବିଶେଷ ସଫଳତା ସହିତ ଶାସନ କାର୍ଯ୍ୟ ପରିଚାଳନା କରି ସେଠାରେ ପୂର୍ଣ୍ଣ ଶାନ୍ତି ସ୍ଥାପନ କରିବାକୁ ସମର୍ଥ ହେଲେ । ଏହା ପରେ ଆକବର ଅଳ୍ପଦିନ ମଧ୍ୟରେ କାବୁଲ, କାଶ୍ମୀର, ସିନ୍ଧୁ, କାନ୍ଦାହାର ପ୍ରଭୃତି ପଶ୍ଚିମସ୍ଥ ପ୍ରଦେଶଗୁଡ଼ିକ ଜୟ କରି ନିଜ ରାଜ୍ୟ ସହିତ ମିଶାଇ ନେଲେ । ଏହି ସମୟରେ ବଙ୍ଗୋପସାଗରଠାରୁ କାବୁଲ ପର୍ଯ୍ୟନ୍ତ ସମସ୍ତ ଉତ୍ତର ଭାରତବର୍ଷରେ ମୋଗଲ ସାମ୍ରାଜ୍ୟର ବିସ୍ତାର ହେଲା ।

ମହମ୍ମଦ ତୋଗଲକଙ୍କ ଶାସନକାଳରେ ଦାକ୍ଷିଣାତ୍ୟ ସ୍ୱାଧୀନ ହୋଇଥିଲା ଓ ସେହି ସମୟରୁ ଉତ୍ତର ଭାରତର କୌଣସି ମୁସଲମାନ ସମ୍ରାଟ ତାହାକୁ ଜୟ କରିବାକୁ ସାହସୀ ହୋଇ ପାରି ନ ଥିଲେ ।

ବାହାମନି ରାଜ୍ୟର ଅଂଶ

୧୩୪୭ ଖ୍ରୀଷ୍ଟାବ୍ଦରେ ହସେନ ଗଙ୍ଗୁ ଦାକ୍ଷିଣାତ୍ୟରେ ଗୋଟିଏ ରାଜ୍ୟର ଭିତ୍ତି ସ୍ଥାପନ କଲେ । ସେ ପୂର୍ବେ ଜଣେ ବ୍ରାହ୍ମଣର ଦାସ ଥିଲେ । ତଦନୁସାରେ ସେ ନିଜ ରାଜ୍ୟର ନାମ ବାହାମନି ରାଜ୍ୟ ରଖିଲେ । ପ୍ରାୟ ୧୫୦ ବର୍ଷ ପର୍ଯ୍ୟନ୍ତ ଏହି ରାଜ୍ୟ ଅଖଣ୍ଡ ଥିଲା, କିନ୍ତୁ ପରେ ପାଞ୍ଚଗୋଟି ଖଣ୍ଡ-ରାଜ୍ୟରେ ବିଭକ୍ତ ହୋଇଥିଲା । ସେମାନଙ୍କର ନାମ ବିଜାପୁର, ଗୋଲକୁଣ୍ଡା, ଅହମ୍ମଦନଗର, ବିଦର ଓ ବେରାର । ଏହି ରାଜାମାନଙ୍କ ନିକଟକୁ ଆକବର ରାଜଦୂତ ପ୍ରେରଣ କରି ବଶ୍ୟତା ସ୍ୱୀକାର, ନୋହିଲେ ଯୁଦ୍ଧ କରିବାକୁ ସେମାନଙ୍କୁ ଆହ୍ୱାନ କଲେ । ଯଦ୍ୟପି ଏହି ରାଜ୍ୟମାନଙ୍କର ପରସ୍ପର ମଧ୍ୟରେ ବିବାଦ ଚାଲୁଥିଲା, ତଥାପି ଖାନ୍ଦେଶ ବ୍ୟତୀତ ଅନ୍ୟ କୌଣସି ରାଜ୍ୟ ଆକବରଙ୍କ ଅଧୀନତା ସ୍ୱୀକାର କଲେ ନାହିଁ । ପ୍ରଥମେ ଆକବର ଆହମ୍ମଦନଗର ଆକ୍ରମଣ

Digitized by srujanika@gmail.com

କଲେ । ସେଠାରେ ରାଣୀ ଚାନ୍ଦ ବିବି ଓରଫ ଚାନ୍ଦ ସୁଲତାନା ବିଶେଷ ବୀରତ୍ୱର ସହିତ ମୋଗଲମାନଙ୍କ ସଙ୍ଗେ ଯୁଦ୍ଧ କଲେ । ବହୁଦିନ ଯୁଦ୍ଧ ଲାଗିଲା । ମୋଗଲମାନେ ନିରୁତ୍ସାହ ହୋଇ ପଡ଼ିଲେ । ଶେଷରେ ଦୁର୍ଭାଗ୍ୟବଶତଃ ଦୁର୍ଗ ମଧ୍ୟରେ ଅନ୍ତର୍ବିବାଦ ଅଗ୍ନି ଜଳି ଉଠିଲା ଓ ଚାନ୍ଦ ବିବି ତାଙ୍କର ଜଣେ ସର୍ଦ୍ଦାରଙ୍କ ଦ୍ୱାରା ନିହତ ହେଲେ । ଫଳରେ ୧୬୦୦ ଖ୍ରୀଷ୍ଟାବ୍ଦରେ ଆହମ୍ମଦନଗର ଅକବରଙ୍କ ସଙ୍ଗେ ସନ୍ଧି ସ୍ଥାପନ କରିବାକୁ ବାଧ୍ୟ ହେଲା । ବେରାର ମୋଗଲ ଆକ୍ରମଣର ପ୍ରତିରୋଧ କରି ପାରିଲା ନାହିଁ । ଏହିପରି ଦାକ୍ଷିଣାତ୍ୟର ତିନିଗୋଟି ରାଜ୍ୟ ଅକବରଙ୍କର ଅଧୀନ ହେଲା । ସମ୍ରାଟ୍ ପୁତ୍ର ଦାନିଏଲ୍ ଏ ତିନି ରାଜ୍ୟର ଶାସନକର୍ତ୍ତା ନିଯୁକ୍ତ ହେଲେ ।

ଦକ୍ଷିଣ ବିଜୟ

ଅକବର କ୍ରମେ କ୍ରମେ ବୃଦ୍ଧ ହୋଇଗଲେ । ରାଜ୍ୟ ଜୟ କରୁ କରୁ ସେ ଶ୍ରାନ୍ତ କ୍ଲାନ୍ତ ହୋଇ ପଡ଼ିଥିଲେ । ତାହାଙ୍କ ଶେଷ ଜୀବନ ଅଶାନ୍ତିମୟ ହୋଇ ପଡ଼ିଲା । ତାହାଙ୍କର ତିନିଗୋଟି ପୁତ୍ର ଥିଲେ । ଯଥା— ସେଲିମ୍, ମୁରାଦ୍, ଦାନିଏଲ୍ । କନିଷ୍ଠ ପୁତ୍ର ଦୁଇଟି ମୃତ୍ୟୁମୁଖରେ ପତିତ ହେଲେ ଓ ଜ୍ୟେଷ୍ଠ ସେଲିମ୍ ବିଦ୍ରୋହୀ ହେଲେ । ଅକବର ତାହାଙ୍କୁ କ୍ଷମା କଲେ ସତ୍ୟ, କିନ୍ତୁ ସେହି ସବୁ ମନକଷ୍ଟରେ କାତର ହୋଇ ୧୬୦୫ ଖ୍ରୀଷ୍ଟାବ୍ଦରେ ପଞ୍ଚତ୍ୱ ପ୍ରାପ୍ତ ହେଲେ ।

ଅକବରଙ୍କ [illegible] ଶେଷ

ଅକବର ସୁଯୋଗ୍ୟ ସମ୍ରାଟ୍ ଥିଲେ । ତାହାଙ୍କ ପରି ବୁଦ୍ଧିମାନ୍, ଉଦାର ରାଜନୀତିଜ୍ଞ, ସାହସୀ ପ୍ରଜାପ୍ରିୟ ଓ ନ୍ୟାୟାନୁରାଗୀ ମୁସଲମାନ ଶାସକ ଅଦ୍ୟାପି ଦ୍ୱିତୀୟ ହୋଇ ନାହାନ୍ତି । ସେ ଯଥାର୍ଥ ସମ୍ରାଟ୍ ପଦବାଚ୍ୟ ଥିଲେ ଓ ଜଗତର ପ୍ରସିଦ୍ଧ ସମ୍ରାଟମାନଙ୍କ ମଧ୍ୟରେ ଅନ୍ୟତମ ବୋଲି ବର୍ତ୍ତମାନ ମଧ୍ୟ ପରିଗଣିତ ହେଉଅଛନ୍ତି । ତାହାଙ୍କ ଶାସନପ୍ରଣାଳୀ ଉତ୍ତମ ଥିଲା । ସେ କେବଳ ମାତ୍ର ରାଜ୍ୟ ବିସ୍ତାର କରି ନ ଥିଲେ, ପରନ୍ତୁ ସର୍ବତ୍ର ସୁଶାସନର ସୁବ୍ୟବସ୍ଥା ମଧ୍ୟ କରି ଯାଇଥିଲେ । ସେ ସମସ୍ତ ସାମ୍ରାଜ୍ୟକୁ ୧୫ ଗୋଟି ସୁବାରେ * ବିଭକ୍ତ କରି ପ୍ରତ୍ୟେକକୁ ଜଣେ ଜଣେ ସୁବାଦାରଙ୍କ ଅଧୀନରେ ରଖିଥିଲେ । ତାହାଙ୍କର ଦେବାନ ରାଜା ଟୋଡ଼ରମଲ୍ଲ ଭାରତର ସମସ୍ତ ଜମି ଜରିପ କରି ସ୍ୱତ୍ୱଜମିର

* ସୁବାମାନଙ୍କର ନାମ —କାବୁଲ, ଲାହୋର, ମୂଲତାନ୍, ଦିଲ୍ଲୀ, ମାଳବ, ଅଲ୍ଲାହାବାଦ, ଆଗ୍ରା, ଅଯୋଧ୍ୟା, ବିହାର, ବଙ୍ଗ, ଅଜମୀର, ଗୁଜରାଟ, ବେରାର, ଖାନ୍ଦେଶ ଓ ଆହମ୍ମଦନଗର ।

Digitized by srujanika@gmail.com



ପରିମାଣ ସ୍ଥିର କରିଦେଲେ । କୃଷକଦ୍ୱାରା ଉତ୍ପନ୍ନ ଦ୍ରବ୍ୟର ଏକତୃତୀୟାଂଶ ରାଜସ୍ୱ ରୂପରେ ଗୃହୀତ ହେଉଥିଲା । ଏହି ପ୍ରକାରେ ସବୁ ଜମିର ରାଜସ୍ୱ ଆୟ ପ୍ରାୟ ୧୫

Digitized by srujanika@gmail.com

କୋଟି ଟଙ୍କା ଉପାର୍ଜିତ ହୋଇଥିଲା । ଅକବର ଚିକିତ୍ସାଳୟମାନ ପ୍ରତିଷ୍ଠା କରି ତହିଁରେ ଚିକିତ୍ସକମାନଙ୍କୁ ନିଯୁକ୍ତ କଲେ । ସେ ହିନ୍ଦୁମାନଙ୍କୁ ଅନେକ ଉଚ୍ଚପଦ ଦାନ କରିଥିଲେ । ସେ ହିନ୍ଦୁ ଓ ମୁସଲମାନ ପ୍ରଜାମାନଙ୍କ ସହିତ ସ୍ନେହବ୍ୟବହାରରେ ପାର୍ଥକ୍ୟ ରଖୁ ନ ଥିଲେ । ପୂର୍ବେ ହିନ୍ଦୁମାନଙ୍କ ନିକଟରୁ ଯେଉଁ ଜିଜିୟା ଓ ତୀର୍ଥପର୍ଯ୍ୟଟନର କରଗ୍ରହଣ କରାଯାଉଥିଲା, ସେ ତାହା

ଟୋଡରମଲ୍ଲ

ରହିତ କଲେ । ତାହାଙ୍କ ସଭାରେ ହିନ୍ଦୁ, ମୁସଲମାନ, ଜୈନ, ବୈଷ୍ଣବ ଓ ପାରସିକ ପ୍ରଭୃତି ସମସ୍ତ ଧର୍ମାବଲମ୍ବୀ ପଣ୍ଡିତମାନେ ସବିଶେଷ ଆଦର ପାଉଥିଲେ । କଥିତ ଅଛି ଯେ, ରାଜା ବିକ୍ରମାଦିତ୍ୟଙ୍କ ପରି ବିଦ୍ୟାନୁରାଗୀ ଅକବରଙ୍କ ସଭାରେ ମଧ୍ୟ ନବରତ୍ନ ଥିଲେ । ରାଜା ଟୋଡ଼ରମଲ ଦେବାନ, ବୀରବଲ ମୋସାହେବ (ବୟସ୍ୟ), ତାନସେନ ଗାୟକ, ଫୈଜୀ କବି, ଆବୁଲ୍ ଫାଜଲ୍ ବିଦ୍ୱାନ୍ ଓ ମନ୍ତ୍ରୀ ଏବଂ ରାଜା ମାନସିଂହ ସେନାପତି ହୋଇଥିଲେ ।

ନବରତ୍ନ

ଏହିପରି ସେ ନିଜ ସଭାରେ ବିଶିଷ୍ଟ ଲୋକମାନଙ୍କର ଅପୂର୍ବ ମଣ୍ଡଳୀ ଗଠିତ କରିଥିଲେ ! ଧର୍ମସମ୍ବନ୍ଧରେ ଆକବରଙ୍କ ମତ ଅତି ଉଦାର ଥିଲା । ସବୁ ଧର୍ମରୁ ଉତ୍ତମ ନୀତିମାନ ସଂଗ୍ରହ କରି ଗୋଟିଏ ନୂତନ ଧର୍ମ ପ୍ରବର୍ତ୍ତନ କରିବାକୁ ତାହାଙ୍କର ଇଚ୍ଛା ଥିଲା । ସେ ଏହି ଧର୍ମର ନାମ "ଦୀନେ ଇଲାହି" ଦେଇଥିଲେ । କିନ୍ତୁ କାହାରିକୁ ଏହି ଧର୍ମମତ ଗ୍ରହଣ କରିବାକୁ ବାଧ୍ୟ କରୁ ନ ଥିଲେ । ଏହି ସମସ୍ତ ଯୋଗ୍ୟତାନିବନ୍ଧନ ସେ ମୋଗଲ ସାମ୍ରାଜ୍ୟର ଭିତ୍ତିକୁ ସୁଦୃଢ଼ କରିଥିଲେ, ସେ କେତେ ଗୋଟି ସାମାଜିକ ସଂସ୍କାର ମଧ୍ୟ କରି ଥିଲେ । ବାଲ୍ୟବିବାହ ଓ ହିନ୍ଦୁମାନଙ୍କ ସତୀଦାହପ୍ରଥା ବନ୍ଦ କରିବାକୁ ସେ ବିଶେଷ ଚେଷ୍ଟା

ଟୋଡ଼ରମଲ୍ଲ

Digitized by srujanika@gmail.com

କରିଥିଲେ । ତାହାଙ୍କ ରାଜତ୍ୱକାଳରେ ଦେଶରେ ସାହିତ୍ୟ, ଶିକ୍ଷା, କଳା, ଶିଳ୍ପ ପ୍ରଭୃତି ସମସ୍ତ ବିଷୟ ଶ୍ରୀବୃଦ୍ଧି ଲାଭ କରିଥିଲା । ସେ ଅଦ୍ୱିତୀୟ ସମ୍ରାଟ ଥିଲେ ।

ଜାହାଙ୍ଗୀର – ଅକବରଙ୍କ ମୃତ୍ୟୁ ପରେ ତାହାଙ୍କ ଜ୍ୟେଷ୍ଠପୁତ୍ର ସେଲିମ ସିଂହାସନ ଆରୋହଣ କଲେ । ସେ ନିଜର ନାମ ଜାହାଙ୍ଗୀର ରଖିଲେ । ଆରମ୍ଭରୁ ତାହାଙ୍କ ପୁତ୍ର ଖୁସ୍ରୋ ଲାହୋର ଆକ୍ରମଣ କରି ବିଦ୍ରୋହ ଘୋଷଣା କଲେ । ଜାହାଙ୍ଗୀର ସୈନ୍ୟ ପ୍ରେରଣ କରି ଏହି ବିଦ୍ରୋହ ଶାନ୍ତ କଲେ । ଖୁସ୍ରୋ ବନ୍ଦୀ ହେଲେ ଏବଂ ତାହାଙ୍କ ସଙ୍ଗୀମାନଙ୍କୁ ହତ୍ୟା କରାଗଲା । ପ୍ରଥମେ ପ୍ରଥମେ ଜାହାଙ୍ଗୀର ଉତ୍ସାହୀ ବୀର ଓ ଯୁଦ୍ଧପ୍ରିୟ ବୋଲି ପ୍ରଚାର ହୋଇଥିଲେ, କିନ୍ତୁ ପରେ ସେ ରାଜ୍ୟର ସମସ୍ତ କାର୍ଯ୍ୟ ନିଜ ପତ୍ନୀ ନୂରଜାହାନଙ୍କ ହସ୍ତରେ ସମର୍ପଣ କରି ଅଳସୁଆ ହୋଇଗଲେ । ସେ ଅଧିକ ପରିମାଣରେ ମଦ୍ୟପାନ କରିବାକୁ ଆରମ୍ଭ କଲେ ଏବଂ ଦିବାରାତ୍ର ନିଶାରେ ଭୋଳ ରହୁଥିଲେ । ନାମକୁ ଜାହାଙ୍ଗୀର ସମ୍ରାଟ ଥିଲେ, କିନ୍ତୁ ପ୍ରକୃତ ପକ୍ଷରେ ନୂରଜାହାନ ରାଜକାର୍ଯ୍ୟ ପରିଚାଳନା କରୁଥିଲେ ।

ଜାହାଙ୍ଗୀର

ଭାଗ୍ୟଚକ୍ରର ଗତି ବଡ଼ ପ୍ରବଳ ହୋଇଥାଏ । ପାରସ୍ୟ ଦେଶର ଜଣେ ସୌଦାଗର ଦୁର୍ଭାଗ୍ୟବଶତଃ ନିର୍ଦ୍ଧନ ହୋଇ ପଡ଼ିଲା ଏବଂ ଭାଗ୍ୟ ପରୀକ୍ଷା ନିମିତ୍ତ ସ୍ତ୍ରୀପୁତ୍ର ସହିତ ଭାରତବର୍ଷକୁ ଆସୁଥିଲା । ପଥ ମଧ୍ୟରେ ତାହାର ପତ୍ନୀ ଗୋଟିଏ କନ୍ୟା ପ୍ରସବ କଲା । ଏହି ଶିଶୁର ଦୂରପଥ ବହନ ଓ ପାଳନ କରିବା ଅସମ୍ଭବ ଦେଖି ସୌଦାଗର ନବଜାତ ଶିଶୁଟିକୁ ସେହି ସ୍ଥାନରେ ଛାଡ଼ିଦେଇ ଚାଲି ଆସିଲା । ସୌଭାଗ୍ୟବଶତଃ ଅନ୍ୟ ଜଣେ ସୌଦାଗର ଶିଶୁଟିକୁ ପାଇ ଅଣିଲା ଏବଂ ତାହାର ଜନନୀ ପ୍ରଭୃତିଙ୍କ ସନ୍ଧାନ କରାଇ ଶିଶୁକୁ ନିଜ ଆଶ୍ରୟକୁ ଆଣି ପାଳନ କଲା ।

ମେହେରୁନ୍ନିସା

Digitized by srujanika@gmail.com

ପରେ ଶଶୁର ପେଡାଙ୍କୁ ଅକବରଙ୍କ ରାଜସଭାରେ ଗୋଟିଏ ଚାକିରି ମିଳିଗଲା । ଏହି କନ୍ୟାଟିର ନାମ ପ୍ରଥମେ ମେହେରୁନ୍ନିସା ଥିଲା । ସେ ଅତ୍ୟନ୍ତ ସୁନ୍ଦରୀ ଥିଲା । ସେ ବେଳେ ବେଳେ ମାତାଙ୍କ ସହିତ ଅକବରଙ୍କ ଉଆସକୁ ଯାଉଥିଲା । ଯୁବରାଜ ସେଲିମ୍‌ଙ୍କର ଦୃଷ୍ଟି ତାହା ଉପରେ ପଡ଼ିଲା ଏବଂ ସେ ତାହାକୁ ବିବାହ କରିବାକୁ ଇଚ୍ଛା କଲେ । ଅକବର ଏ କଥା ଜାଣିଲେ । ସେ ଭାବିଲେ ଯେ, ସମ୍ରାଟ ପୁତ୍ରଙ୍କ ପକ୍ଷରେ ଜଣେ ସାଧାରଣ ବ୍ୟକ୍ତିର କନ୍ୟାକୁ ବିବାହ କରିବା ଉଚିତ ନୁହେ । ସେ ବଙ୍ଗଳାର ନବାବ ଶେର୍ ଅଫଗାନଙ୍କ ସହିତ ମେହେରୁନ୍ନିସାର ବିବାହ କରାଇ ଦେଇ ବରକନ୍ୟା ଦୁହିଙ୍କୁ ଦିଲ୍ଲୀଠାରୁ ବହୁ ଦୂରକୁ ପଠାଇଦେଲେ ।

ନୂରଜାହାନ

ଯେଉଁବେଳେ ସେଲିମ୍ ଜାହାଙ୍ଗୀର ଉପାଧି ଗ୍ରହଣ କରି ସମ୍ରାଟ ହେଲେ, ସେତେବେଳକୁ ଶେର୍ ଅଫଗାନଙ୍କର ମୃତ୍ୟୁ ହୋଇଥିଲା । ମେହେରୁନ୍ନିସାଙ୍କୁ ଲାଭ କରିବା ପାଇଁ ଜାହାଙ୍ଗୀରଙ୍କର ଇଚ୍ଛା ପୁନର୍ବାର ବଳବତୀ ହେଲା । ମେହେରୁନ୍ନିସାଙ୍କୁ ବଙ୍ଗଳାରୁ ଦିଲ୍ଲୀକୁ ଅଣାଗଲା । କେତେକ ବର୍ଷ ପର୍ଯ୍ୟନ୍ତ ସେ ନିଜ ମୃତପତିଙ୍କ ଶୋକରେ ନିମଗ୍ନ ରହିଲେ ଏବଂ ଜାହାଙ୍ଗୀରଙ୍କ ସହିତ କଥା ପର୍ଯ୍ୟନ୍ତ କହିଲେ ନାହିଁ, କିନ୍ତୁ ପରେ ଜାହାଙ୍ଗୀରଙ୍କ ସହିତ ତାଙ୍କର ବିବାହ ହେଲା । ଜାହାଙ୍ଗୀର ତାହାଙ୍କ ନାମ ନୂରଜାହାନ ଅର୍ଥାତ୍ ଜଗଜ୍ୟୋତି ଦେଲେ । ତାହାଙ୍କ କାର୍ଯ୍ୟଦକ୍ଷତା, କାର୍ଯ୍ୟତତ୍ପରତା ଓ ବୁଦ୍ଧିମତ୍ତା ଇତିହାସପ୍ରସିଦ୍ଧ । କିଛିଦିନ ମଧ୍ୟରେ ଜାହାଙ୍ଗୀର ନୂରଜାହାନଙ୍କ ହାତରେ କୀଡ଼ାପିତୁଳା ପରି ହୋଇଗଲେ । ସେ ସର୍ବଦା ଭିତରେ ରହି ସମସ୍ତ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ନୂରଜାହାନଙ୍କର ବିରୁଦ୍ଧାଚରଣ କରିବାର ଶକ୍ତି କାହାର ନ ଥିଲା ।

ନୂରଜାହାନ

Digitized by srujanika@gmail.com

ମେବାର ମୋଗଲମାନଙ୍କର ଅଧୀନତା ସ୍ୱୀକାର କଲା, ଏହାହିଁ ଜାହାଙ୍ଗୀରଙ୍କ ରାଜତ୍ୱର ସର୍ବାପେକ୍ଷା ବଡ଼ ଘଟଣା । ମହାରାଣା ପ୍ରତାପଙ୍କର ମୃତ୍ୟୁ ହୋଇଥିଲା । ତାହାଙ୍କ ପରେ ତଦୀୟ ପୁତ୍ର ଅମର ସିଂହ ଉଦୟପୁରରେ ରାଜତ୍ୱ କରୁଥିଲେ । ଉପର୍ଯ୍ୟୁପରି ୨୫।୩୦ ବର୍ଷ ଗୋଟିଏ ବୃହତ୍ ସାମ୍ରାଜ୍ୟ ସହିତ ଯୁଦ୍ଧ କରି ମିବାରର ଶକ୍ତି କ୍ଷୀଣ ହୋଇ ଯାଇଥିଲା । ମହାରାଣା ଅମର ସିଂହ ଆଉ ଅଧିକ ଯୁଦ୍ଧ କରିବା ଉଚିତ ବିବେଚନା କଲେ ନାହିଁ । ମିବାର ସହିତ ଯୁଦ୍ଧ ଯେପରି ପୂର୍ବ ପରି ଚଳେ ସେହି ଉଦ୍ଦେଶ୍ୟରେ ଜାହାଙ୍ଗୀର ତାହାଙ୍କର ଗୋଟିଏ ପୁତ୍ର ଖୁର୍ରମ୍‌ଙ୍କୁ ସେଠାକୁ ପଠାଇଥିଲେ । ମହାରାଣା ସମ୍ରାଟ ପୁତ୍ରଙ୍କ ନିକଟକୁ ଖବର ଦେଲେ ଯେ, ଅମୁକ ଅମୁକ ସର୍ତ୍ତରେ ମୁଁ ଦିଲ୍ଲୀର ଅଧୀନତା ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛି । ପିତା ଜୀବିତ ଥିବା ସମୟରେ ଏହି ରାଜପୁତମାନଙ୍କର ବୀରତ୍ୱ ଜାହାଙ୍ଗୀର ସ୍ୱୟଂ ଦେଖିଥିଲେ,ଅତଏବ ଅମର ସିଂହଙ୍କ ଠାରୁ ଏହି ସମ୍ବାଦ ପାଇବା ମାତ୍ରକେ ସେ ସମସ୍ତ ସର୍ତ୍ତରେ ସମ୍ମତ ହୋଇଗଲେ ଏବଂ ଅମର ସିଂହଙ୍କୁ ମହାସମାଦରରେ ଦିଲ୍ଲୀକୁ ଆଣିବାପାଇଁ ଖୁର୍ରମ୍‌ଙ୍କୁ ପତ୍ର ଲେଖିଲେ । ଅମର ସିଂହ ସ୍ୱୟଂ ଦିଲ୍ଲୀକୁ ନ ଯାଇ ତାଙ୍କ ପୁତ୍ରଙ୍କୁ ପଠାଇଲେ । ପୁତ୍ର ଦିଲ୍ଲୀ ଯାଇ ସମ୍ରାଟଙ୍କଠାରୁ ସନନ୍ଦ ନେଇ ଆସିଲେ ଏବଂ ତାହାଙ୍କୁ ଉଦୟପୁରର ବାହାରେ ରଖିଲେ । ସେହି ସମୟରୁ ଅମର ସିଂହ ଉଦୟପୁର ପରିତ୍ୟାଗ କଲେ ଏବଂ ଉଦୟପୁରର ବାହାରେ ଖଣ୍ଡିଏ କୁଟୀର ନିର୍ମାଣ କରି ସେଠାରେ ବାସ କରିବାକୁ ଲାଗିଲେ ଓ ସେହିଠାରେ ତାହାଙ୍କର ମୃତ୍ୟୁ ହେଲା । ମିବାର ସମ୍ରାଟଙ୍କ ଅଧୀନତା ସ୍ୱୀକାର କରିବାରୁ ଉତ୍ତର ଭାରତର ଆଉ କୌଣସି ଅଂଶ ସ୍ୱାଧୀନ ରହିଲା ନାହିଁ । ଦକ୍ଷିଣ ଭାରତର ଅହମ୍ମଦନଗର ପୁଣି ସ୍ୱାଧୀନ ହୋଇ ଯାଇଥିଲା । ସେଠାର ମନ୍ତ୍ରୀ ମାଲିକ୍ ଅମ୍ବର ମୋଗଲସେନାଙ୍କୁ ପରାଜିତ କରି

ଅହମ୍ମଦ ନଗର

ରାଜ୍ୟକୁ ନିଜ ଅଧିକାରକୁ ଆଣି ପାରିଥିଲେ । ଏ ସମ୍ବାଦ ମିଳିବା ମାତ୍ରକେ ଦିଲ୍ଲୀଠାରୁ ମୋଗଲସୈନ୍ୟ ପ୍ରେରିତ ହେଲେ, କିନ୍ତୁ ସେମାନେ ମଧ୍ୟ ପରାଜିତ ହେଲେ । ପୁନର୍ବାର ରାଜକୁମାର ଖୁର୍ରମ୍ ସେଠାକୁ ପ୍ରେରିତ ହେଲେ । ସେ ୧୬୧୭ ଖ୍ରୀଷ୍ଟାବ୍ଦରେ ମାଲିକ ଅମ୍ବରଙ୍କୁ ପରାଭୂତ କରି ସେଠାରେ ମୋଗଲ ଆଧିପତ୍ୟର ପୁନଃପ୍ରତିଷ୍ଠା କଲେ ।

Digitized by srujanika@gmail.com

ସେର ଅଫଗାନଙ୍କ ଔରସରେ ନୂର୍‌ଜାହାନଙ୍କର ଗୋଟିଏ କନ୍ୟା ହୋଇଥିଲା । ଉକ୍ତ କନ୍ୟାକୁ ମଧ୍ୟ ମାତା ସହିତ ଦିଲ୍ଲୀକୁ ଅଣା ଯାଇଥିଲା । ନୂର୍‌ଜାହାନ ସେହି କନ୍ୟାକୁ ଜାହାଙ୍ଗୀରଙ୍କ ସବ କନିଷ୍ଠ ପୁଅ ଶାହରୟ୍ୟାରଙ୍କ ସହିତ ବିବାହ କରାଇଲେ । ନୂରଜାହାନ କାମନା କରି-ଥିଲେ ଯେ, ଜାହାଙ୍ଗୀରଙ୍କ ମୃତ୍ୟୁ ପରେ ଶାହରୟ୍ୟାର୍ ସମ୍ରାଟ ହୁଅନ୍ତେ । ରାଜକୁମାର ଖୁର୍‌ରମ ଖୁବ ଯୋଗ୍ୟ ଥିଲେ ଏବଂ ସମ୍ରାଟ ମଧ୍ୟ ତାହାଙ୍କୁ ଖୁବ ଦେଖି ପାରୁଥିଲେ । ସେଥିପାଇଁ ନୂର୍‌ଜାହାନ ତାହାଙ୍କୁ ହିଂସା କରିବାକୁ ଲାଗିଲେ । ଏ ଷଡ଼ଯନ୍ତ୍ରର ସନ୍ଧାନ ପାଇ ରାଜକୁମାର ଖୁର୍‌ରମ୍ ଦିଲ୍ଲୀରୁ ବାହାରି ଯାଇ ବିଦ୍ରୋହର ପତାକା ଉଡ଼ାଇଲେ । ତାଙ୍କ ଦମନ କରିବା ପାଇଁ ପ୍ରଧାନ ସେନାପତି ମହାବତ୍ ଖାଁ ପ୍ରେରିତ ହେଲେ । ସେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପଳାଇ ପଳାଇ ବୁଲିଲେ, କିନ୍ତୁ ମହାବତ୍ ଖାଁ ତାହାଙ୍କୁ ଧରି ନେଇ ସମ୍ରାଟଙ୍କ ସମ୍ମୁଖରେ ହାଜର କରାଇଲେ । ଜାହାଙ୍ଗୀର ତାହାଙ୍କର ଅପରାଧ କ୍ଷମା କରି ତାହାଙ୍କୁ ସାହାଜାହାନ ଉପାଧି ଦେଲେ ।

ଖୁର୍‌ରମ୍

ନୂର୍‌ଜାହାନ ସମସ୍ତଙ୍କୁ ଆପଣାର ଅଙ୍ଗୁଳିଅଗରେ ରଖିବାକୁ ଇଚ୍ଛା କରୁଥିଲେ । ପ୍ରଧାନ ସେନାପତି ମହାବତ୍ ଖାଁ କେତେକ ପରିମାଣରେ ଅମାନିଆ ହୋଇ ପଡ଼ିଥିଲେ । ସାମ୍ରାଜ୍ୟ ମଧ୍ୟରେ ତାହାଙ୍କର ବହୁତ ବଡ଼ାଇ ହୋଇ ପଡ଼ିଥିଲା । ଏହା ନୂରଜାହାନଙ୍କର ଆଦୌ ସହ୍ୟ ହେଉ ନ ଥିଲା । ତାହାଙ୍କ ଉପରେ କେତେଗୁଡ଼ିଏ ଦୋଷ ଆରୋପଣ କରି ତାହାଙ୍କଠାରୁ କୈଫିୟତ ତଲବ କରାଗଲା । ସେତେବେଳେ ଜାହାଙ୍ଗୀର କାବୁଲ ବିଦ୍ରୋହ ଦମନ କରିବା ନିମିତ୍ତ ନୂରଜାନଙ୍କୁ ସଙ୍ଗରେ ନେଇ ଯାତ୍ରା କରିଥିଲେ । ସିନ୍ଧୁନଦୀ ତଟରେ ତାହାଙ୍କର ଶିବିର ପଡ଼ିଥାଏ । ମହାବତ୍ ଖାଁ ଆପଣାର ସଫେଇ ଦେବାକୁ ଏହି ସ୍ଥାନରେ ଆସି ପହଞ୍ଚିଲେ, କିନ୍ତୁ ଓଲଟି ସେ ଜାହାଙ୍ଗୀରଙ୍କୁ ବନ୍ଦୀ କଲେ । ନୂର୍‌ଜାହାନ ଯାହା ଆଗରୁ ପାଞ୍ଚିଥିଲେ ସେ ପାଞ୍ଚ ସବୁ ବେପାଞ୍ଚ ହୋଇଗଲା । କିନ୍ତୁ ନୂରଜାହାନଙ୍କର ଖୁବ ସାହସ ଓ ଚତୁରତା ଥିଲା । ସେ ସ୍ୱୟଂ ସମ୍ରାଟଙ୍କ ସେନାଦଳର ନେତ୍ରୀ ହୋଇ ମହାବତଙ୍କର ସମ୍ମୁଖୀନା ହେଲେ, କିନ୍ତୁ ପରେ ସେ ମଧ୍ୟ ଧରା ହୋଇ ବନ୍ଦୀ ହେଲେ ।

Digitized by srujanika@gmail.com

ସେହି ସମୟରେ ସେ କାର୍ଯ୍ୟାଧ୍ୟକ୍ଷମାନଙ୍କ ଯୋଗ ସାହାଯ୍ୟରେ ସ୍ୱାମୀଙ୍କୁ ଓ ଆପଣାକୁ ମହାବତଙ୍କ ହସ୍ତରୁ କୌଣସି ପ୍ରକାରେ ମୁକୁଳାଇ ନେଲେ । ଏହାପରେ ଜାହାଙ୍ଗୀର ବେଶି ଦିନ ବଞ୍ଚି ରହିଲେ ନାହିଁ । ସେହି ବର୍ଷ ୧୬୨୭ ଖ୍ରୀଷ୍ଟାବ୍ଦରେ ତାହାଙ୍କର ପରଲୋକ ପ୍ରାପ୍ତି ହେଲା ଏବଂ ସଙ୍ଗେ ସଙ୍ଗେ ନୂରଜାହାନଙ୍କ ଶକ୍ତିର ଅନ୍ତ ହେଲା ।

ମହାବତ ଖାଁ

ଇଂଲଣ୍ଡର ରାଜା ପ୍ରଥମ ଜେମସ୍‌ଙ୍କ ପ୍ରେରିତ ରାଜଦୂତ ସର୍ ଟାମସ୍ ରୋ ଇଂରେଜ ବଣିକମାନଙ୍କ ସୁବିଧା କରିବା ପାଇଁ ଜାହାଙ୍ଗୀରଙ୍କ ରାଜସଭାକୁ ଆସିଥିଲେ । ସୁଦୀର୍ଘକାଳ ଏଠାରେ ଅବସ୍ଥାନ କରି ଅଧ୍ୟବସାୟ ସହକାରେ ସ୍ଥାନୀୟ ବିଷୟମାନଙ୍କ ବିଷୟରେ ଅଭିଜ୍ଞତା ଲାଭ କଲେ ଏବଂ ସ୍ୱଦେଶୀୟ ବଣିକଙ୍କର ନାନା ସୁବିଧା ମଧ୍ୟ କରିଦେଲେ ।

ସର ଟାମସ୍ ରୋ

ଜାହାଙ୍ଗୀରଙ୍କ ଯୋଗ୍ୟତା—ସମ୍ରାଟ ଜାହାଙ୍ଗୀର ପ୍ରକୃତରେ ଅଯୋଗ୍ୟ ନ ଥିଲେ କିନ୍ତୁ ନୂରଜାହାନଙ୍କ ସାହଚର୍ଯ୍ୟ ଲାଭ କରି ସେ ଅପଦାର୍ଥ ହୋଇ ଯାଇଥିଲେ । ରାଜ୍ୟ, କୋଷାଗାର, ସୈନ୍ୟ ଏବଂ ଧନରତ୍ନ ସମସ୍ତ ନୂରଜାହାନଙ୍କରହିଁ ଥିଲା, କେବଳ ନୂରଜାହାନହିଁ ଜାହାଙ୍ଗୀରଙ୍କର ଥିଲେ । ଏହିପରି ଅବସ୍ଥାରେ ରାଜ୍ୟଶାସନ ବିଷୟରେ ସେ ଯାହା କିଛି ସାଫଲ୍ୟ ଲାଭ କରିଥିଲେ, ସେଥିପାଇଁ ପ୍ରଶଂସାର ସମସ୍ତ ଅଂଶ କେବଳ ନୂରଜାହାନଙ୍କର ପ୍ରାପ୍ୟ । ରାଜପୁତମାନେ ପରାଧୀନ ହେଲେ ମଧ୍ୟ ବିଶ୍ୱାସୀ ଓ ନିଯୁତଦାର ଥିଲେ । ଆକବର ରାଜ୍ୟଶୃଙ୍ଖଳା ସମ୍ବନ୍ଧେ ସମସ୍ତ ସୁବ୍ୟବସ୍ଥା ଆଗରୁ କରି ଯାଇଥିଲେ, ତଦୁପରି ନୂରଜାହାନଙ୍କ ପରି କର୍ମକୁଶଳା ସାମ୍ରାଜ୍ଞୀ ଲାଭ କରିବାରୁ ପ୍ରଜାବର୍ଗଙ୍କୁ ଜାହାଙ୍ଗୀରଙ୍କ ଅସାବଧାନତା ଯୋଗୁଁ କିଛି ମାତ୍ର ଦୁଃଖ ଭୋଗ କରିବାକୁ ପଡ଼ି ନ ଥିଲା; ନଚେତ୍ ଜାହାଙ୍ଗୀରଙ୍କ ରାଜତ୍ୱକାଳରେ ରାଜ୍ୟରେ ମହା ଗୋଳମାଳ ମାତି ଉଠି ଥାଆନ୍ତା । କିନ୍ତୁ ପୂର୍ବୋକ୍ତ କାରଣମାନଙ୍କରୁ ଜାହାଙ୍ଗୀରଙ୍କ ରାଜତ୍ୱକାଳରେ ରାଜ୍ୟରେ ପୂର୍ବବତ ଶାନ୍ତି ଓ ସୁବ୍ୟବସ୍ଥା ବିରାଜୁଥିଲା । ନୂରଜାହାନଙ୍କ ସ୍ୱଭାବ ଏପରି ଥିଲା ଯେ, ଅନ୍ୟର ପ୍ରାଧାନ୍ୟ ଦେଖିଲେ ତାଙ୍କ ଦେହ ସହୁ ନ ଥିଲା । ଏହି ପରଶ୍ରୀକାତରତା ଯୋଗୁଁ ତାଙ୍କ ଜୀବନର ଅନ୍ତିମକାଳ ଦୁଃଖରେ ବିତିଲା ।

ଜାହାଙ୍ଗୀରଙ୍କର ପରିଣତି

Digitized by srujanika@gmail.com

ଶାହାଜାହାନ—ଜାହାଙ୍ଗୀରଙ୍କ ପୁତ୍ରମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଖୁସ୍ରୋ ପୂର୍ବରୁ ବନ୍ଦୀ ହୋଇ ରହିଥିଲେ ଏବଂ ଏହି ଦଶାରେ ତାହାଙ୍କର ମୃତ୍ୟୁ ଘଟିଲା । ଦ୍ୱିତୀୟ ପୁତ୍ରଙ୍କ ନାମ ଖୁର୍ରମ ଥିଲା । ଶାହାରିୟାର ତୃତୀୟ ପୁତ୍ର ଓ
୧୬୨୮ ପରଭେଜ ଚତୁର୍ଥ ପୁତ୍ର ଥିଲେ । ପରଭେଜ୍ ମଧ୍ୟ ଜାହାଙ୍ଗୀରଙ୍କ ମୃତ୍ୟୁର କିଛିଦିନ ପୂର୍ବରୁ ମୃତ୍ୟୁ ହୋଇଥିଲେ । ଅତଏବ ଜାହାଙ୍ଗୀରଙ୍କ ମୃତ ପରେ ଶାହା-ଜାହାନ୍, ଶାହାରିୟାର ଏବଂ ଖୁସ୍ରୋଙ୍କ ପୁତ୍ର ଦାବର୍ ବକ୍ସ ଏହି ତିନି ଜଣଙ୍କ ମଧ୍ୟରେ ସିଂହାସନ ଲାଗି ଝଗଡ଼ା ଆରମ୍ଭ ହେଲା । ଶାହାରିୟାର୍ ନିହତ ହେଲେ ଏବଂ ଦାବରବକ ପାରସ୍ୟ ଆଡ଼କୁ ପଳାଇଗଲେ । କଥିତ ଅଛି ଯେ, ଶାହାଜାହାନ୍ ପରଭେଜଙ୍କ ବିଷ ପ୍ରୟୋଗଦ୍ୱାରା ହତ୍ୟା କରାଇଲେ ଏବଂ ସେ ମଧ୍ୟ ଆକବରଙ୍କ କନିଷ୍ଠ ପୁତ୍ର ଦାନିଏଲଙ୍କ ଦୁଇଟି ଯାକ ପୁତ୍ରଙ୍କୁ ହତ୍ୟା କରାଇଲେ ।

ଶାହାଜାହାନ୍

ଏହାପରେ ସବୁ ଭାଇଭଗାରି ହତ୍ୟା କରାଇ ଶାହାଜାହାନ୍ ନିଷ୍କଣ୍ଟକଭାବରେ ଦିଲ୍ଲୀ ସିଂହାସନରେ ଉପବେଶନ କଲେ ।

ଶାହାଜାହାନଙ୍କ ଶାସନ କାଳରେ ଯୁଦ୍ଧବିଗ୍ରହାଦି ବିଶେଷ କିଛି ହୋଇ ନ ଥିଲା । ତାହାଙ୍କର ପ୍ରଧାନ ସେନାପତି ଖାଁଜାହାନ ଲୋଦୀ ଅହମ୍ମଦ ନଗରର ସେନାପତି ମାଲିକ୍ ଅମ୍ବରଙ୍କ ସହିତ ମିଳିତ ହୋଇ ସେଠାର ରାଜ୍ୟ ହସ୍ତଗତ କରିଥିଲେ । ସେଥିପାଇଁ ସମ୍ରାଟ୍ ସ୍ୱୟଂ ସେଠାରେ ଉପସ୍ଥିତ ହୋଇ ଖାଁଜାହାନ୍‌ଙ୍କୁ ମରଣ ଦଣ୍ଡ ଦେଲେ । ବିଜାପୁର ଓ ଗୋଲକୁଣ୍ଡା ଏହି ଉଭୟ ରାଜ୍ୟ ମଧ୍ୟ ମୋଗଲମାନଙ୍କୁ କର ଦେବାକୁ ସ୍ୱୀକୃତ ହେଲେ, କିନ୍ତୁ ଶାହାଜାହାନ୍ ଏତିକରେ ସନ୍ତୁଷ୍ଟ ହେଲେ ନାହିଁ । ଉଭୟ ରାଜ୍ୟକୁ ମୋଗଲ ସାମ୍ରାଜ୍ୟଭୁକ୍ତ କରି ନେବାପାଇଁ ତାଙ୍କର ଇଚ୍ଛା ବଳିଲା । ଏହି କାର୍ଯ୍ୟର ଭାର ଔରଙ୍ଗଜେବଙ୍କ ଉପରେ ସମର୍ପିତ ହେଲା । ସେ ଉଭୟ ରାଜ୍ୟର ସୁଲତାନମାନଙ୍କୁ ପରାସ୍ତ

Digitized by srujanika@gmail.com

କଲେ, କିନ୍ତୁ ପିତାଙ୍କ ଅସୁସ୍ଥତାର ସମାଚାର ପାଇ ଏହି ବିଜୟବୃତ୍ତ ଅଧାକାଣ୍ଡିଆ କରି ଛାଡ଼ିଦେଇ ଦିଲ୍ଲୀ ଅଭିମୁଖରେ ଯାତ୍ରା କଲେ । ଶାହାଜାହାନ୍ ଏକଲକ୍ଷ ଟଙ୍କା ମୂଲ୍ୟ ଦେଇ ଆଲିମର୍ଦ୍ଦାନ୍ ଖାଁଙ୍କଠାରୁ କାନ୍ଦାହାର କ୍ରୟ କଲେ ଏବଂ ବଲଖ ମଧ୍ୟ ଜୟ କରି ନେଇଥିଲେ, କିନ୍ତୁ ପରେ ଦୁଇଟିଯାକ ପ୍ରଦେଶ ତାହାଙ୍କର ହସ୍ତଚ୍ୟୁତ ହେଲା । ସେ କେତେଥର କାନ୍ଦାହାର ଜୟ କରିବାକୁ ଚେଷ୍ଟା କଲେ, କିନ୍ତୁ ସଫଳ ହୋଇ ପାରିଲେ ନାହିଁ । ଜାହାଙ୍ଗୀର ପର୍ତ୍ତୁଗାଲ ଦେଶର ବଣିକ୍‌ମାନଙ୍କର କେତେଗୁଡ଼ିଏ ସୁବିଧା କରି ଦେଇଥିଲେ, କିନ୍ତୁ ସେମାନଙ୍କର ଆଚରଣ ଯୋଗୁଁ ସାମ୍ରାଜ୍ୟ ମଧ୍ୟରେ ଶାନ୍ତିଭଙ୍ଗ ଘଟୁଥିଲା । ଏହି କାରଣରୁ ୧୬୩୨ ଖ୍ରୀଷ୍ଟାବ୍ଦରେ ସେମାନଙ୍କ କିଲ୍ଲା ଭାଙ୍ଗି ଦିଆଗଲା ଏବଂ ପ୍ରାୟ ଦଶହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା ।

ସିଂହାସନ ଲାଗି କଳି— ଶାହାଜାହାନ ୧୬୫୭ ଖ୍ରୀଷ୍ଟାବ୍ଦରେ ପୀଡ଼ାଗ୍ରସ୍ତ ହେଲେ । ତାହାଙ୍କର ଜୀବନରେ ଆଉ ଆଶା ନ ଥିଲା । ତାହାଙ୍କ ପୁତ୍ରମାନଙ୍କ ମଧ୍ୟରେ ଦାରା ଜ୍ୟେଷ୍ଠ ଥିଲେ । ସେ ଶାହାଜାହାନଙ୍କ ସଙ୍ଗରେ ରହି ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ଅନ୍ୟ ପୁତ୍ର ସୁଜା ବଙ୍ଗଦେଶର ଓ ମୁରାଦ୍ ଗୁଜରାଟର ଶାସନକର୍ତ୍ତା ଥିଲେ । ଅଓରଙ୍ଗଜେବଙ୍କ ଉପରେ ଦାକ୍ଷିଣାତ୍ୟର ଶାସନଭାର ଥିଲା । ଏହି ଚାରିଜଣଙ୍କ ମଧ୍ୟରେ ଭୀଷଣ ବିବାଦ ଉପସ୍ଥିତ ହେଲା । ମୁରାଦ୍ ଅତ୍ୟନ୍ତ ସରଳପ୍ରକୃତିକ ଥିଲେ । ଅଓରଙ୍ଗଜେବ ଦକ୍ଷିଣରୁ ଦିଲ୍ଲୀ ଅଭିମୁଖରେ ଯାତ୍ରା କରି ସେ ମୁରାଦଙ୍କ ପକ୍ଷରେ ଥିବା କଥା ପ୍ରଚାର କଲେ । ଗୋଟିଏ ବୃହତ୍ ସୈନ୍ୟଦଳ ସହି ସୁଜା ବଙ୍ଗଦେଶ ଆଡ଼ୁ ଅଗ୍ରସର ହେଉଥିଲେ । ଏବେ ଦାରାଙ୍କୁ ପୂର୍ବରେ ସୁଜା ଓ ଦକ୍ଷିଣରେ ଆଓରଙ୍ଗଜେବ ଓ ମୁରାଦଙ୍କ ସମ୍ମିଳିତ ସେନା ଏହି ଦୁଇ ଶତ୍ରୁଙ୍କର ସମ୍ମୁଖୀନ ହେବାକୁ ପଡ଼ିଲା । ଦାରାଙ୍କ ପୁତ୍ର ସୁଲେମାନ ଏବଂ ସେନାପତି ଜୟସିଂହ ସୁଜାଙ୍କୁ ପରାଜିତ କରିବା ନିମିତ୍ତ ପ୍ରେରିତ ହେଲେ, ଏବଂ ଯଶୋବନ୍ତ ସିଂହ ଦକ୍ଷିଣ ଅଭିମୁଖରେ ପ୍ରେରିତ ହେଲେ । ଦାରା ଆଗ୍ରାରେ ଅବସ୍ଥାନ କରିବାକୁ ଲାଗିଲେ । ଜୟସିଂହ କାନପୁର ନିକଟରେ ସୁଜାଙ୍କୁ ପରାସ୍ତ ଓ ବିତାଡ଼ିତ କଲେ, କିନ୍ତୁ ଯଶୋବନ୍ତ ସିଂହ ଉଜ୍ଜୟିନୀ ନିକଟରେ ପରାଜିତ ହେଲେ । ଅଓରଙ୍ଗଜେବ୍ ଅଗ୍ରସର ହେଲେ । ଆଗ୍ରା ନିକଟରେ ଦାରାଙ୍କ ସହିତ ତାଙ୍କର ପୁନର୍ବାର ଯୁଦ୍ଧ

Digitized by srujanika@gmail.com

ହେଲ ଓ ବାଂଗ ପରାଜିତ ହୋଇ ପଶ୍ଚିମାଭିମୁଖରେ ପଳାୟନ କଲେ । ସେ ଧୃତ ହୋଇ ବନ୍ଦୀ ହେଲେ ଓ ଆଓରଙ୍ଗଜେବଙ୍କ ସମ୍ମୁଖକୁ ଆନୀତ ହେଲେ । ଆଓରଙ୍ଗଜେବ ତାହାଙ୍କୁ ଅପମାନିତ କରି ବଧ କଲେ ଏବଂ ଅଗ୍ରାରେ ପ୍ରବେଶ କଲେ । ସେଠାରେ ସେ ନିଜର ବୃଦ୍ଧ ଓ ରୁଗ୍‌ଣ ପିତା

ସାହାଜାହାନ ବନ୍ଦୀ

ଶାହାଜାହାଙ୍କୁ ବନ୍ଦୀ କରି ନିଜ ନାମ ଅଲମ୍‌ଗିର୍ ରଖି ୧୬୫୮ ଖ୍ରୀଷ୍ଟାବ୍ଦରେ ଆପଣାକୁ ହିନ୍ଦୁସ୍ଥାନର ସମ୍ରାଟ ଘୋଷଣା କଲେ । ସୁଜା ପୁନର୍ବାର ଆକ୍ରମଣ କଲେ, କିନ୍ତୁ ଅଓରଙ୍ଗଜେବଙ୍କ ସେନାପତି ମିର୍ ଜୁମଲା ତାହାଙ୍କୁ ପରାଭୂତ କଲେ । ସେ ଆରାକାନକୁ ପଳାଇଗଲେ ଓ ତତ୍‌ପରେ ତାଙ୍କର କୌଣସି ସମ୍ବାଦ ମିଳିଲା ନାହିଁ; ମୁରାଦଙ୍କୁ ଆଶା ଦେଇ ଆଓରଙ୍ଗଜେବ ତାଙ୍କ ସଙ୍ଗେ ମିଳାମିଶା କଲେ । କିନ୍ତୁ ଦିନେ ତାହାଙ୍କୁ ମଦ୍ୟପାନ

ଶାହଜାହାନଙ୍କ ଶେଷ ଦଶା

କରାଇ ମତ୍ତାବସ୍ଥାରେ ବଧ କରାଗଲା । ଶାହାଜାହାନ ଅନ୍ତିମକାଳ ପର୍ଯ୍ୟନ୍ତ ଅଗ୍ରା ଦୁର୍ଗରେ ବନ୍ଦୀ ରହି ୧୬୬୬ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୨୨ ତାରିଖରେ ମୃତ୍ୟୁମୁଖରେ ପତିତ ହେଲେ । ତାହାଙ୍କୁ ତାଜମହଲରେ ଆପଣା ପତ୍ନୀଙ୍କ ସମୀପରେ ପ୍ରୋଥିତ କରାଗଲା ।

ମୋତି ମସଜିଦ୍

ହର୍ମ୍ୟନିର୍ମାଣ ପାଇଁ ଶାହାଜାହାନଙ୍କର ସର୍ବଶେଷ ଖ୍ୟାତି । ତାହାଙ୍କର ପୂର୍ବପୁରୁଷମାନେ କେତେ ଗୋଟି ସୁନ୍ଦର ଅଟ୍ଟାଳିକା ନିର୍ମାଣ କରାଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ କେହି ଏ ବିଷୟରେ ତାହାଙ୍କ ସମକକ୍ଷ ହୋଇ ନାହାନ୍ତି । ଶାହାଜାହାନ ନିଜ ପ୍ରିୟତମା ମହିଷୀ ମମତାଜ ବେଗମଙ୍କ ସ୍ମୃତିରକ୍ଷାର୍ଥେ ଆଗ୍ରାରେ ତାଙ୍କ ଶବଙ୍କ କବର ଉପରେ ତାଜମହଲନାମକ ହର୍ମ୍ୟ ନିର୍ମାଣ କରାଇଥିଲେ ।

ତାଜମହଲ

ଏହା ପୃଥିବୀରେ ସୁନ୍ଦର ଅଟ୍ଟାଳିକାମାନଙ୍କ ମଧ୍ୟରେ ଅନ୍ୟତମ ବୋଲି ପରିଗଣିତ । ଏହାକୁ ନିର୍ମାଣ କରିବାକୁ ବିଂଶ ସହସ୍ର କାରିଗର ଏକାଦିକ୍ରମେ ୨୨ ବର୍ଷ ବ୍ୟାପୃତ ଥିଲେ । ଏଥିରେ ସର୍ବମୋଟ ତିରିଶ କୋଟି ମୁଦ୍ରା ବ୍ୟୟ ହୋଇଥିଲା ।

ମମତାଜ ବେଗମ୍

ତାଜମହଲ

ପ୍ରାୟ ସାତକୋଟି ମୁଦ୍ରା ବ୍ୟୟ କରି ସେ ଗୋଟିଏ ସିଂହାସନ ନିର୍ମାଣ କରାଇଥିଲେ । ତାହାର ନାମ ତଖତ୍ ତାଉସ ବା ମୟୂରସିଂହାସନ । ଦିଲ୍ଲୀରେ ସେ ଦେୱାନ

Digitized by srujanika@gmail.com

-ଇ-ଆମ ଦେୱାନ ଇ-ଖାସ, ଜୁମାମସଜିଦ୍, ଇତ୍ୟାଦି ବହୁ ସୁନ୍ଦର ହର୍ମ୍ୟମାନ ନିର୍ମାଣ କରାଇଥିଲେ । ଆଗ୍ରାର ମୋତି ମସ୍‌ଜିଦ୍ ମଧ୍ୟ ତାହାଙ୍କଦ୍ୱାରା ନିର୍ମିତ ।

ଶାହାଜାହାନଙ୍କର ଯୋଗ୍ୟତା—ଶାହାଜାହାନ ଶାନ୍ତିପ୍ରିୟ ସମ୍ରାଟ ଥିଲେ । ପ୍ରଥମେ ପ୍ରଥମେ ଯଦିଓ ସେ କେତେଗୁଡ଼ିଏ ନିଷ୍ଠୁର କାର୍ଯ୍ୟ କରିଥିଲେ, ତଥାପି ତାହାଙ୍କୁ ବାସ୍ତବିକ ନିର୍ଦ୍ଦୟ ବୋଲିହେବ ନାହିଁ । ହର୍ମ୍ୟ ନିର୍ମାଣ ବିଷୟରେ ତାହାଙ୍କର ବିଶେଷ ସଉକ ଥିଲା । ପ୍ରଚୁର ଧନ ବ୍ୟୟ ହେଉଥିଲେ ମଧ୍ୟ ତାହାଙ୍କ ରାଜକୋଷ ପରିପୂର୍ଣ୍ଣ ଥିଲା । ତାହାଙ୍କ ରାଜ୍ୟ ମଧ୍ୟରେ ପ୍ରାୟ ସର୍ବତ୍ର ଶାନ୍ତି ବିରାଜୁଥିଲା, କିନ୍ତୁ ରାଜକୀୟ ବ୍ୟବସ୍ଥା କିୟତ୍ ପରିମାଣରେ ଶିଥିଳ ହୋଇ ପଡ଼ିବାରୁ ସ୍ଥାନେ ସ୍ଥାନେ ଚୋର ଡକାଏତଙ୍କର ଭୟ ବୃଦ୍ଧିପ୍ରାପ୍ତ ହୋଇଥିଲା ।

ଆଓରଙ୍ଗଜେବ—ଆଓରଙ୍ଗଜେବ ଆପଣାର ବୃଦ୍ଧ ପିତା ଶାହାଜାହାନଙ୍କୁ ବନ୍ଦୀ କରି ୧୬୫୮ ଖ୍ରୀଷ୍ଟାବ୍ଦରେ ସମ୍ରାଟ ହେଲେ । କିନ୍ତୁ ଯେତେଦିନ ପର୍ଯ୍ୟନ୍ତ ସମସ୍ତ ଭ୍ରାତାମାନଙ୍କୁ ହତ୍ୟା କରି ପାରି ନ ଥିଲେ, ସେତେଦିନ ପର୍ଯ୍ୟନ୍ତ ତାଙ୍କୁ ଶାନ୍ତି ମିଳି ନ ଥିଲା । ତାହାଙ୍କ ରାଜତ୍ୱକାଳର ସମସ୍ତ ଅଂଶହିଁ ଅଶାନ୍ତିରେ କଟିଥିଲା ।

ଔରଙ୍ଗଜେବଙ୍କ ଭାବ ପରିବର୍ତ୍ତନ

ସିଂହାସନରେ ଉପବେଶନ କରିବାର ଦଶ ବର୍ଷ ଅବଧି ସେ କାହାକୁ କିଛି କହି ନାହାନ୍ତି, ବରଂ ପ୍ରଜାମାନଙ୍କ ଅସନ୍ତୁଷ୍ଟିକର କେତେଗୁଡ଼ିଏ କର ରାଜ୍ୟରୁ ରହିତ କରିଥିଲେ । ୧୬୬୯ ଖ୍ରୀଷ୍ଟାବ୍ଦରୁ ହଠାତ୍ ତାଙ୍କର ମତିଗତି ପରିବର୍ତ୍ତିତ ହେଲା, କାହିଁକି ନା, ସେ ଶୁଣି ପାରିଲେ ଯେ, ହିନ୍ଦୁ ପଣ୍ଡିତମାନେ କାଶୀ ଇତ୍ୟାଦି ସ୍ଥାନମାନଙ୍କରେ ଧର୍ମସମ୍ବନ୍ଧୀୟ ବ୍ୟାଖ୍ୟାନମାନ କେବଳ ହିନ୍ଦୁମାନଙ୍କ ସମ୍ମୁଖରେ ନ ଦେଇ ମୁସଲମାନମାନଙ୍କ ସମ୍ମୁଖରେ ମଧ୍ୟ ଦେଉଅଛନ୍ତି । ତେଣୁ ସେସବୁ

ଔରଙ୍ଗଜେବ

Digitized by srujanika@gmail.com

ପ୍ରଦେଶର ଶାସନକର୍ତ୍ତାମାନଙ୍କୁ ଆଜ୍ଞା ଦେଲେ ଯେ, ହିନ୍ଦୁମାନଙ୍କ ମନ୍ଦିର ଓ ମୂର୍ତ୍ତିମାନ ଭାଙ୍ଗି ଦିଆଯାଉ ଏବଂ ସେହି ସବୁ ସ୍ଥାନରେ ମସଜିଦ୍‌ମାନ ନିର୍ମାଣ କରାଯାଉ । † ଏତଦନୁସାରେ ହଜାର ହଜାର ମନ୍ଦିର ଭଙ୍ଗି ଦିଆଗଲା ଏବଂ ସେହି ସେହି ସ୍ଥାନରେ ମସ୍‌ଜିଦ୍‌ମାନ ନିର୍ମିତ ହେଲା । ସେ ହିନ୍ଦୁମାନଙ୍କୁ ଉଚ୍ଚ ଉଚ୍ଚ ପଦମାନଙ୍କରୁ ବିତାଡ଼ିତ କଲେ ଏବଂ ହିନ୍ଦୁମାନଙ୍କ ଉପରେ, ସେମାନଙ୍କ ତୀର୍ଥସ୍ଥାନ ଗୁଡ଼ିକ ଉପରେ, ସେମାନଙ୍କ ପର୍ବ ଉତ୍ସବାଦି ଓ ଧର୍ମଯାତ୍ରା ମେଳା ଇତ୍ୟାଦି ଉପରେ, 'ଜିଜିୟା' ନାମକ ଏକ କର ବସାଇଲେ । କେବଳ ଏତିକରେ କ୍ଷାନ୍ତ ନ ହୋଇ ସେ ହିନ୍ଦୁମାନଙ୍କୁ ହାତୀ ଓ ପାଲିଙ୍କି ଆଦି ଚଢ଼ିବା ମଧ୍ୟ ବନ୍ଦ କରିଦେଲେ । ଏହି ଅତ୍ୟାଚାରମାନଙ୍କ ଯୋଗୁଁ ହିନ୍ଦୁ ପ୍ରଜାମାନେ ତାଙ୍କ ଉପରେ ବିରକ୍ତ ହୋଇ ଉଠିଲେ ।

ଜିଜିୟା

ରାଜପୁତମାନଙ୍କ ବିରକ୍ତିର ବିଶେଷ କାରଣ ଏହି ଯେ, ମାରବାଡ଼ର ରାଜା ଯଶୋବନ୍ତ ସିଂହ ୧୬୭୮ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ । ଆଓରଙ୍ଗଜେବ ତାହାଙ୍କର ଦୁଇ ପୁତ୍ରଙ୍କୁ ନିଜ ତତ୍ତ୍ୱାବଧାନରେ ରଖି ଶିକ୍ଷା ଦେବାର ଇଚ୍ଛା କଲେ, କିନ୍ତୁ ଯଶୋବନ୍ତଙ୍କ ରାଣୀ ଏହି ପ୍ରସ୍ତାବରେ ରାଜି ନ ହୋଇ ମିବାରର ମହାରାଣା ରାଜସିଂହଙ୍କ ସହାୟତା ପ୍ରାର୍ଥନା କଲେ । ରାଣା ଆଓରଙ୍ଗଜେବଙ୍କୁ ଖଣ୍ଡିଏ ପତ୍ର ଲେଖିଲେ, ସେଥିରେ ସେ ଏହି ଅନ୍ୟାୟଗୁଡ଼ିକର ପ୍ରତିବାଦ କଲେ । ଏଥିରେ ଆଓରଙ୍ଗଜେବ ଅଧିକତର କ୍ରୁଦ୍ଧ ହେଲେ । ତେଣୁ ରାଜପୁତମାନେ ପ୍ରତିଶୋଧ ନେବାପାଇଁ ପ୍ରସ୍ତୁତ ହେଲେ । ଆଓରଙ୍ଗଜେବ୍ ବୃହତ୍ ସେନା ନେଇ ରାଜପୁତମାନଙ୍କ ସମ୍ମୁଖୀନ ହେଲେ । କିନ୍ତୁ ପରାଜିତ ହୋଇ ରାଣାଙ୍କ ସହିତ ୧୬୮୧ ଖ୍ରୀଷ୍ଟାବ୍ଦରେ ସନ୍ଧି କଲେ ।

ରାଜପୁତମାନଙ୍କ ସହିତ ମନୋମାଳିନ୍ୟ

ଆଓରଙ୍ଗଜେବ୍ କେବଳ ହିନ୍ଦୁମାନଙ୍କର ଅପ୍ରିୟ ନ ଥିଲେ, ସେ ସିଆ ମୁସଲମାନମାନଙ୍କର ମଧ୍ୟ ପ୍ରଧାନ ଶତ୍ରୁ ଥିଲେ । ଦକ୍ଷିଣ ଅଞ୍ଚଳରେ ସିଆ ମାନଙ୍କର ଦୁଇଗୋଟି ରାଜ୍ୟ ଥିଲା—ପ୍ରଥମ ବିଜାପୁର, ଦ୍ୱିତୀୟ ଗୋଲକୁଣ୍ଡା ।

† ମୌଲବୀ ଅବ୍‌ଦୁଲ କରିମଙ୍କ କୃତ ଇତିହାସ ଅବଲମ୍ବନରେ ଲିଖିତ ।

Digitized by srujanika@gmail.com

ଆଓରଙ୍ଗଜେବ ଏହି ଦୁଇଟି ରାଜ୍ୟକୁ ଧୂଳିସାତ୍ କରିବାର ଇଚ୍ଛା ପୋଷଣ କଲେ ଓ ୧୬୮୩ ଖ୍ରୀଷ୍ଟାବ୍ଦରେ ବୃହତ୍ ସେନାଦଳ ନେଇ ଅହମ୍ମଦନଗର ଆକ୍ରମଣ କଲେ । ତହିଁ ନିକଟସ୍ଥ ମହାରାଷ୍ଟ୍ର ପ୍ରଦେଶରେ ଛତ୍ରପତି ଶିବାଜୀଙ୍କ ଅଧୀନରେ ମରହଟ୍ଟାମାନେ ପ୍ରଭୂତ ବଳଶାଳୀ ଏବଂ ସଂଘବଦ୍ଧ ହୋଇ ଉଠୁଥିଲେ । ଆଓରଙ୍ଗଜେବ୍ ଏମାନଙ୍କୁ ମଧ୍ୟ ବଶୀଭୂତ କରିବାକୁ ଇଚ୍ଛା କଲେ । ସୁତରାଂ ଦୁଇବର୍ଷ ପର୍ଯ୍ୟନ୍ତ ଏମାନଙ୍କ ସହିତ ତାହାଙ୍କୁ ଯୁଦ୍ଧ କରିବାକୁ ହେଲା । ୧୬୮୫ ଖ୍ରୀଷ୍ଟାବ୍ଦରେ ସେ ମୁଅଜ୍ଜମ୍‌ଙ୍କୁ ଗୋଲକୁଣ୍ଡା ବିରୁଦ୍ଧରେ ପ୍ରେରଣ କଲେ । ମୁଅଜ୍ଜମ୍ ହାୟଦ୍ରାବାଦ ଲୁଣ୍ଠନ କରି ସେଠା ରାଜାଙ୍କ ସହିତ ସନ୍ଧି କଲେ, କିନ୍ତୁ ସେଥିରେ ଆଓରଙ୍ଗଜେବଙ୍କ ମନ ବୋଧ ହେଲା ନାହିଁ । ସେ ସ୍ୱୟଂ ଯାଇ ପ୍ରଥମେ ବିଜାପୁର ଜୟ କଲେ ଏବଂ ତତ୍ପରେ ଗୋଲକୁଣ୍ଡାକୁ ମଧ୍ୟ ଧ୍ୱଂସ କରି ପକାଇଲେ । ଏହି ଦୁଇଟିଯାକ ମୁସଲମାନ ରାଜ୍ୟର ଅବସାନ ହେବାରୁ ମରହଟ୍ଟାମାନେ ନିଷ୍କଣ୍ଟକ ହୋଇ ଏବଂ ଅବାଧରେ ଗୋଳଯୋଗ ମଚାଇବାକୁ ଲାଗିଲେ ।

ଗୋଲକୁଣ୍ଡା ଓ ବିଜାପୁର

ମରହଟ୍ଟାମାନଙ୍କ ସହିତ ଯୁଦ୍ଧ— ମରହଟ୍ଟାମାନଙ୍କ ନେତା ଶିବାଜୀ ନିଜ ଅଦମ୍ୟ ଉତ୍ସାହଦ୍ୱାରା ତୋରଣ, ସିଂହଗଡ଼ ଏବଂ ପୁରନ୍ଦର ଦୁର୍ଗଗୁଡ଼ିକ ଜୟ କରି ଅଧିକାର କରିଥିଲେ ଏବଂ ବିଜାପୁରଠାରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ଭୂଭାଗକୁ ହସ୍ତଗତ କରିଥିଲେ । ଏହାର ବିବରଣ ପରେ ଦିଆଯିବ । ବିଜାପୁର ଏବଂ ଗୋଲକୁଣ୍ଡା ଧ୍ୱଂସ ହେବାରୁ ଶିବାଜୀ ମୋଗଲ ସାମ୍ରାଜ୍ୟ ପ୍ରତି ମଧ୍ୟ ଅଭିଯାନ ଆରମ୍ଭ କଲେ । ଏ ପର୍ଯ୍ୟନ୍ତ ଆଓରଙ୍ଗଜେବ୍ ତାହାଙ୍କୁ ନଗଣ୍ୟ ମନେ କରି ତାଙ୍କ ପ୍ରତି ଦୃଷ୍ଟି ଦେଇ ନ ଥିଲେ, କିନ୍ତୁ ଅତଃପର ସମ୍ରାଟଙ୍କର ଚକ୍ଷୁ ଉନ୍ମୀଳିତ ହେଲା । ସେ ଶାହସ୍ତା ଖାଁକୁ ଶିବାଜୀଙ୍କ ବିରୁଦ୍ଧରେ ପ୍ରେରଣ କଲେ । ଶାହସ୍ତା ହଠାତ୍ ଯାଇ ପୁନାରେ ଉପସ୍ଥିତ ହେଲେ । ସମ୍ମୁଖ ଯୁଦ୍ଧ ଅନୁଚିତ ଜାଣି ଶିବାଜୀ ନିଜର ଦଳବଳଙ୍କୁ ବରଯାତ୍ରୀ ବେଶ କରାଇ ଶୋଭାଯାତ୍ରା କରି ହଠାତ୍ ଶାହସ୍ତାଖାଁଙ୍କ ଆକ୍ରମଣ କଲେ । ମୋଗଲସେନା ଅସାବଧାନ ଥିବାରୁ ବିଷମ ଗଣ୍ଡଗୋଳ ଜାତ

ମରହଟ୍ଟାମାନଙ୍କ କ୍ରୋଧାଗ୍ନି

Digitized by srujanika@gmail.com

ହେଲ । ଶିବାଜୀ ଶାହସ୍ତା ଖାଁଙ୍କ ଉପରକୁ ଲକ୍ଷ କରି ତରବାରି ଚଳାଇଲେ କିନ୍ତୁ ଶାହସ୍ତା ବାଡ଼ବାଟ ଦେଇ ପଳାଇଥିଲେ, ତଥାପି ଶିବାଜୀଙ୍କ ତରବାରି ଘାତରେ ତାଙ୍କର ତିନୋଟି ଅଙ୍ଗୁଳି କଟିଗଲା । ଅତଃପର ଆଓରଙ୍ଗଜେବ୍ ମୁଅଜ୍ଜମ୍ ଏବଂ ଯଶୋବନ୍ତ ସିଂହଙ୍କ ଅଧୀନରେ ଦଳେ ସୈନ୍ୟ ପ୍ରେରଣ କଲେ । କିନ୍ତୁ ଏମାନେ ମଧ୍ୟ ଶିବାଜୀଙ୍କର କିଛି କରି ପାରିଲେ ନାହିଁ । ଅବଶେଷରେ ଜୟପୁରର ରାଜା ଜୟସିଂହ ପ୍ରେରିତ ହେଲେ । ଜୟସିଂହ ଶିବାଜୀଙ୍କୁ ନିରାପଦରେ ରଖିବେ ବୋଲି ଅଭୟ ବଚନ ଦେଇ ତାହାଙ୍କୁ ଦିଲ୍ଲୀ ଯିବାପାଇଁ ସମ୍ମତ କରାଇଲେ । ଆଓରଙ୍ଗଜେବଙ୍କର ଏହି ଅହଙ୍କାରପୂର୍ଣ୍ଣ ଧାରଣା ଥିଲା ଯେ, ଶିବାଜୀ ଦିଲ୍ଲୀକୁ ଆସି ସମ୍ରାଟଙ୍କର ବାଦସାହି ଆଡ଼ମ୍ବର ଓ ଐଶ୍ୱର୍ଯ୍ୟ ଦେଖି ଅଚମ୍ଭିତ ହୋଇଯିବେ ଓ ସ୍ୱୟଂ ସ୍ୱୟଂ ଆଓରଙ୍ଗଜେବଙ୍କ ଅଧୀନତା ସ୍ୱୀକାର କରିବେ । ଯାହା ହେଉ

ଶିବାଜୀଙ୍କ ପ୍ରଭାବ ଶିବାଜୀ ଦିଲ୍ଲୀରେ ଉପନୀତ ହେଲେ । କିନ୍ତୁ ରାଜସଭାରେ ତାହାଙ୍କୁ ଅତି ସାଧାରଣ ସଭ୍ୟର ଆସନ ଦିଆଗଲା । ଶିବାଜୀ କ୍ରୋଧରେ ଅଗ୍ନିଶର୍ମା ହୋଇ ଉଠିଲେ ଓ ସେହି ରାଜଦରବାରରେ ଆଓରଙ୍ଗଜେବଙ୍କୁ ଦପଦ କଡ଼ା କଥା ମୁହେଁ ମୁହେଁ ଶୁଣାଇ ଦେଲେ । ଆଓରଙ୍ଗଜେବ୍ ସେହିଠାରେ ତାହାଙ୍କ ବନ୍ଦୀ କଲେ । ଶିବାଜୀ କିଛି ଦିନ ବନ୍ଦୀ ରହିବା ପରେ କୌଶଳରେ କାରାଗୃହରୁ ଖସି ପଳାଇଲେ । ଏହାପରେ ଆଉ କେବେହେଁ ସେ ଆଓରଙ୍ଗଜେବଙ୍କୁ ବିଶ୍ୱାସ କଲେ ନାହିଁ । ବରଂ ପୂର୍ବାପେକ୍ଷା ଉଦ୍ଦଣ୍ଡ ହୋଇ ମୋଗଲ ସାମ୍ରାଜ୍ୟ ଉପରେ ଚଢ଼ାଉ କଲେ । ଅବଶେଷରେ ୧୬୬୭ ଖ୍ରୀଷ୍ଟାବ୍ଦରେ ବାଧ୍ୟ ହୋଇ ଆଓରଙ୍ଗଜେବ ଶିବାଜୀଙ୍କୁ ରାଜା ବୋଲି ସ୍ୱୀକାର କଲେ । ତଥାପି ଶିବାଜୀ ନିଶ୍ଚିନ୍ତ ହୋଇ ରହିଲେ ନାହିଁ । ସେ ଖାନ୍ଦେଶରୁ ଚୌଥ ଅଦାୟ୍ କରିବାକୁ ଲାଗିଲେ । ଆଓରଙ୍ଗଜେବ୍ କୌଣସି ପ୍ରକାରେ ତାହାଙ୍କୁ ବଶୀଭୂତ କରି ପାରିଲେ ନାହିଁ । ୧୬୮୦ ଖ୍ରୀଷ୍ଟାବ୍ଦରେ ଶିବାଜୀଙ୍କର ମୃତ୍ୟୁ ହେଲା । ତାହାଙ୍କ ପୁତ୍ର ଶମ୍ଭୁଜୀଙ୍କର ବିଶେଷ ଅଯୋଗ୍ୟପଣ ଦେଖାଗଲା । ୧୬୮୯ ଖ୍ରୀଷ୍ଟାବ୍ଦରେ ଆଓରଙ୍ଗଜେବ୍ ତାହାଙ୍କୁ ଉଠାଇ ନେଇ ବନ୍ଦୀ କଲେ ଓ ନୃଶଂସଭାବରେ ହତ୍ୟା କଲେ । ତତ୍ପରେ ମୋଗଲ ସୈନ୍ୟମାନେ ଶିବାଜୀଙ୍କର ପ୍ରଧାନ ଦୁର୍ଗ ରାୟଗଡ଼ ଅଧିକାର କରି ଶମ୍ଭୁଜୀଙ୍କର ପୁତ୍ର ସାହୁଜୀଙ୍କୁ ବନ୍ଦୀ କଲେ । ମରହଟ୍ଟାମାନେ ଏଥିରେ ମଧ୍ୟ ଭୀତ ହେଲେ

Digitized by srujanika@gmail.com

ନାହିଁ । ସେମାନେ ଶିବାଜୀଙ୍କ କନିଷ୍ଠ ପୁତ୍ର ରାଜାରାମଙ୍କୁ ସିଂହାସନରେ ବସାଇଲେ । ସେ ଜିଞ୍ଜି ନାମକ ସ୍ଥାନକୁ ଗମନ କରି ମରହଟ୍ଟା ସୈନ୍ୟ ପରିଚାଳନ କରିବାକୁ ଲାଗିଲେ । ସମ୍ରାଟ ତାହାଙ୍କ ବିରୁଦ୍ଧରେ ଜୁଲ୍‌ଫିକର୍ ଖାଁଙ୍କୁ ପ୍ରେରଣ କଲେ । କିନ୍ତୁ ସାତ ବର୍ଷ ପର୍ଯ୍ୟନ୍ତ ଜୁଲ୍‌ଫିକର୍ କିଛି କରି ପାରିଲେ ନାହିଁ । ଅବଶେଷରେ ଜିଞ୍ଜି ମୋଗଲମାନଙ୍କ ହସ୍ତଗତ ହେଲା ଓ ରାଜାରାମ ସେଠାରୁ ପଳାୟନ କଲେ । ମରହଟ୍ଟାମାନଙ୍କ ଯୁଦ୍ଧପ୍ରଣାଳୀ ବିଚିତ୍ର ଥିଲା । ସେମାନେ ଶତ୍ରୁମାନଙ୍କର ସମ୍ମୁଖୀନ ହୋଇ ପ୍ରାୟ ଲଢ଼ୁ ନ ଥିଲେ । ସେମାନେ ସର୍ବଦା ସୁଯୋଗ ଉଣ୍ଡୁ ଥାନ୍ତି ଓ ହାତ ଦେଖି ଶତ୍ରୁଦଳକୁ ଆକ୍ରମଣ କରନ୍ତି । ଆଓରଙ୍ଗଜେବ୍ ଏହି ସମୟରେ

ମରହଟ୍ଟାମାନଙ୍କ ଯୁଦ୍ଧରୀତି

ଆଓରଙ୍ଗଜେବଙ୍କ ବୃଦ୍ଧାବସ୍ଥା

Digitized by srujanika@gmail.com

ବୃଦ୍ଧ ହୋଇ ପଡ଼ିଥିଲେ, ତଥାପି ସେ ଯଥେଷ୍ଟ ଉତ୍ସାହ ସହିତ ସ୍ୱୟଂ ସେନା ଚାଳନ କରି ମରହଟ୍ଟା ସୈନ୍ୟର ସମ୍ମୁଖୀନ ହେଲେ । ସେ ଦୁର୍ଗ ପରେ ଦୁର୍ଗ ଅଧିକାର କରିବାକୁ ଲାଗିଲେ । ତେଣେ ମରହଟ୍ଟାମାନେ ମଧ୍ୟ ନଷ୍ଟ ଦୁର୍ଗଗୁଡ଼ିକ ପୁନରୁଦ୍ଧାର କରିବାକୁ ଲାଗିଲେ । ଏହିପରି ସେମାନଙ୍କର ବିଶେଷ କୌଣସି କ୍ଷତି ହେଲା ନାହିଁ । ଏକାଦିକ୍ରମେ ଯୁଦ୍ଧବିଗ୍ରହରେ ବ୍ୟାପୃତ ରହିବାରୁ ମୋଗଲ ସୈନ୍ୟଙ୍କ ବଳ ତୁଟିଯାଇଥିଲା । ଅବଶେଷରେ ୧୭୦୭ ଖ୍ରୀଷ୍ଟାବ୍ଦରେ ଅଓରଙ୍ଗଜେବ୍ ଆହମ୍ମଦନଗରକୁ ବାହୁଡ଼ି ଆସିଲେ ଓ ପରବର୍ଷ ସେହିଠାରେ ପଞ୍ଚତ୍ୱପ୍ରାପ୍ତ ହେଲେ ।

ଆଓରଙ୍ଗଜେବଙ୍କ ଯୋଗ୍ୟତା—ଆଓରଙ୍ଗଜେବ ପରିଶ୍ରମୀ, ଉତ୍ସାହୀ, ବୀର ଓ ନ୍ୟାୟପରାୟଣ ଥିଲେ, କିନ୍ତୁ ସେ ମଧ୍ୟ ନିର୍ଦ୍ଦୟ, ଅବିଶ୍ୱାସୀ ଓ ଧର୍ମାନ୍ଧ ଥିଲେ । ସେ ସୁନ୍ନୀ ସମ୍ପ୍ରଦାୟର ଗୋଡ଼ା ଝୋଙ୍କି ମୁସଲମାନ ଥିଲେ ଓ କୋରାନରେ ତାଙ୍କର ଦୃଢ଼ ନିଷ୍ଠା ଥିଲା । ସେ ଅଧିକାଂଶ ସମୟ ଈଶ୍ୱର-ପ୍ରାର୍ଥନାରେ ବ୍ୟାପୃତ ରହୁଥିଲେ ଓ ସ୍ୱହସ୍ତରେ ଟୋପିମାନ ପ୍ରସ୍ତୁତ କରି ବିକ୍ରୟ କରୁଥିଲେ (କାରଣ କୋରାନର ଉପଦେଶ ଏହି କି ପ୍ରତ୍ୟେକ ମୁସଲମାନ

ଅଓରଙ୍ଗଜେବଙ୍କ ଚରିତ୍ର

ନିଜର ଜୀବିକା ଅର୍ଜନ ନିମିତ୍ତ କୌଣସି ନା କୌଣସି ଉପାୟ ଅବଲମ୍ବନ କରିବେ) । ସେ ଅଧିକାଂଶ ସମୟ ଈଶ୍ୱରଚିନ୍ତାରେ ଅତିବାହିତ କରୁଥିଲେ ଓ କୋରାନ ନିଷିଦ୍ଧ କୌଣସି ପଦାର୍ଥ ଭୋଜନ ବା ପାନ କରୁ ନ ଥିଲେ । ରାଜକାର୍ଯ୍ୟ ନିର୍ବାହର ପଦ୍ଧତି ତାଙ୍କୁ ଉତ୍ତମରୂପେ ଜଣା ଥିଲା । ସେ ପରିଶ୍ରମବିମୁଖ କର୍ମଚାରୀଙ୍କୁ ଆଦୌ ସୁଖୀ ପାଉ ନ ଥିଲେ । ତାଙ୍କ ଭୟରେ ରାଜ୍ୟର ଧନୀ ଦରିଦ୍ର, ରାଜା, ପ୍ରଜା ସମସ୍ତେ କମ୍ପିତ ହେଉଥିଲେ । ତାହାଙ୍କର ଚାଲି ଚଳନ ଆଡ଼ମ୍ବରହୀନ ଥିଲା । ସେ ଆପଣା ଧର୍ମମତରେ ଏପରି ବିଶ୍ୱାସୀ ଥିଲେ ଯେ, ତାଙ୍କ ଧର୍ମର ଅନୁମୋଦିତ କୌଣସି

ପତନୋନ୍ମୁଖ ମୋଗଲ ରାଜ୍ୟ

ଅତ୍ୟାଚାରକୁ ସେ ଅତ୍ୟାଚାର ବୋଲି ଗଣୁ ନ ଥିଲେ । ହିନ୍ଦୁ ପ୍ରଜାମାନେ ହିନ୍ଦୁଧର୍ମ ଅବଲମ୍ବନ କରିଥିବା ଯୋଗୁଁ ସେମାନଙ୍କୁ ସେ ବହୁତ ଦୁଃଖ ଦେଉଥିଲେ । ତାଙ୍କର ସୁନ୍ନୀ ସମ୍ପ୍ରଦାୟ ବହିର୍ଭୂତ ସିଆ ସମ୍ପ୍ରଦାୟର ମୁସଲମାନମାନେ ମଧ୍ୟ ତାଙ୍କ ଅତ୍ୟାଚାରରୁ ନିଷ୍କୃତି

Digitized by srujanika@gmail.com

ପାଉ ନ ଥିଲେ । ଯଦି ତାହାଙ୍କର ସମସ୍ତ ପ୍ରଜାମାନେ ସୁନ୍ନୀ ସମ୍ପ୍ରଦାୟଭୁକ୍ତ ହୋଇଥାଆନ୍ତେ, ତେବେ ଔରଙ୍ଗଜେବ ନିଃସନ୍ଦେହରେ ଜଣେ ଉତ୍ତମ ସମ୍ରାଟ ବୋଲି ପରିଗଣିତ ହୋଇଥାନ୍ତେ । ସେ କାହାରିକୁ ବିଶ୍ୱାସ କରୁ ନ ଥିଲେ ବୋଲି ତାହାଙ୍କର ଅନେକ ଶତ୍ରୁ ହୋଇ ପଡ଼ିଲେ । ଭାରତବର୍ଷ ପରି ହିନ୍ଦୁପ୍ରଧାନ ରାଜ୍ୟ ପାଇଁ ତାହାଙ୍କର ଶାସନନୀତି ଭ୍ରମମୂଳକ ଥିଲା ବୋଲି କହିବାକୁ ହେବ । ଏଥିପାଇଁ ତାହାଙ୍କ ରାଜତ୍ୱକାଳରେହିଁ ମୋଗଲ ସାମ୍ରାଜ୍ୟ ପତନର ଲକ୍ଷଣମାନ ଦେଖାଗଲା । ରାଜପୁତନାର ଗୁଡ଼ିଏ ରାଜା ତାଙ୍କ ଅଧୀନତାରୁ ଖସିଗଲେ ଓ ଦାକ୍ଷିଣାତ୍ୟରେ ଶିବାଜୀ ମରହଟ୍ଟା ରାଜ୍ୟ ସ୍ଥାପନ କଲେ । ତାହାଙ୍କ ମୃତ୍ୟୁର ଅବ୍ୟବହିତ ପରେହିଁ ସମଗ୍ର ଦେଶରେ ଅରାଜକତା ଘୋଟିଗଲା । ଅକବର ଯେଉଁ ସାମ୍ରାଜ୍ୟର ମୂଳକୁ ସୁଦୃଢ଼ କରିଥିଲେ ଔରଙ୍ଗଜେବ ତହିଁର ମୂଳ ଉତ୍ପାଟନ କଲେ ।

ଅକବର ଓ ଔରଙ୍ଗଜେବ ଏ ଦୁହେଁ ଯୋଗ୍ୟ ଶାସନକର୍ତ୍ତା, ଉତ୍ସାହୀ ଓ ଦୃଢ଼ସଙ୍କଳ୍ପ ଥିଲେ । ଯୁଦ୍ଧରେ ଦୁହେଁ ପରିଶ୍ରମୀ ଓ ବୀର ଥିଲେ ।

ଅକବର ଓ ଔରଙ୍ଗଜେବଙ୍କ ତୁଳନା ।

ଯୁଦ୍ଧ ବିଷୟରେ ଆକବରଙ୍କଠାରୁ ଔରଙ୍ଗଜେବ ବେଶି ଉତ୍ସାହୀ ଥିଲେ । ଅକବର ଯେଉଁ ନୀତି ଗ୍ରହଣ କଲେ; ତହିଁରେ ହିନ୍ଦୁମାନେ ତାଙ୍କୁ ପ୍ରେମଚକ୍ଷୁରେ ଚାହିଁଲେ; ପରନ୍ତୁ ଔରଙ୍ଗଜେବଙ୍କ ନୀତିରେ ହିନ୍ଦୁସାକ ତାଙ୍କର ଶତ୍ରୁ ପାଲଟିଲେ । ଅକବର ସତ୍ୟପ୍ରିୟ ଓ ଆଡ଼ମ୍ବରଶୂନ୍ୟ ଥିଲେ । ପରନ୍ତୁ ଔରଙ୍ଗଜେବ ଛଳୀ ଓ କୂଟ ଥିଲେ । ଆକବର ଦୟାଳୁ ଥିଲେ, ପରନ୍ତୁ ଔରଙ୍ଗଜେବ ନିର୍ଦୟ ଥିଲେ । ଅକବର ସବୁ ପ୍ରଜାଙ୍କୁ ନିଜ ନିଜର ଧର୍ମମତରେ ଚଳିବାକୁ ସ୍ୱାଧୀନତା ଦେଇ ଥିଲେ, ପରନ୍ତୁ ଆଓରଙ୍ଗଜେବ କେବଳ ସୁନ୍ନୀ ମତାବଲମ୍ବୀ ମୁସଲମାନମାନଙ୍କୁ ସୁଖ ପାଉଥିଲେ । ଅକବରଙ୍କ ଅମଳରେ ହିନ୍ଦୁମାନେ ରାଜକାର୍ଯ୍ୟରେ ସହାୟକ ଥିଲେ, ଔରଙ୍ଗଜେବ ହିନ୍ଦୁମାନଙ୍କୁ ରାଜକାର୍ଯ୍ୟରୁ ତଡ଼ିଦେଲେ । ଅକବର ଜିଜିୟା ଟାକ୍ସ ଉଠାଇ ଦେଇଥିଲେ, କିନ୍ତୁ ଆଓରଙ୍ଗଜେବ ଉକ୍ତ ଟାକ୍ସ ପୁଣି ବସାଇଲେ । ଆକବରଙ୍କ ସମୟରେ ରାଜ୍ୟ ଶକ୍ତିଶାଳୀ ଥିଲା, କିନ୍ତୁ ଔରଙ୍ଗଜେବଙ୍କ ଅମଳରେ ଏହା ବଳହୀନ ହୋଇଗଲା ।

Digitized by srujanika@gmail.com

ଶିବାଜୀ ଓ ମରହଟ୍ଟା ଜାତି—ଶିବାଜୀ ଶାହାଜୀଙ୍କର ପୁତ୍ର ଥିଲେ। ଶାହାଜୀ ଆହମ୍ମଦନଗର ରାଜ୍ୟର ଜଣେ ରାଜକର୍ମଚାରୀ ଥିଲେ। ସେହି ରାଜ୍ୟର ପତନ ହେବା ପରେ ସେ ବିଜାପୁରକୁ ଚାଲିଗଲେ।

ଶିବାଜୀଙ୍କ ଶିକ୍ଷାଦୀକ୍ଷା

ସେଠାର ରାଜା ତାହାଙ୍କୁ କର୍ଣ୍ଣାଟବିଜୟର ପୁରସ୍କାରସ୍ୱରୂପ ଗୋଟିଏ ବୃହତ୍ ଜାଗିର ପ୍ରଦାନ କଲେ। ସେହି ଜାଗିରରେ ୧୬୨୭ ଖ୍ରୀଷ୍ଟାବ୍ଦରେ ଶିବାଜୀ ଜନ୍ମଗ୍ରହଣ କଲେ। ଶାହାଜୀ ପୁତ୍ରଙ୍କ ଶିକ୍ଷାଭାର ଦାଦାଜୀ କୋଣ୍ଡଦେବ ନାମକ ଜଣେକ ବ୍ରାହ୍ମଣଙ୍କ ଉପରେ ନ୍ୟସ୍ତ କଲେ। ଦାଦାଜୀ ବିଶେଷ ବିଚକ୍ଷଣ ସୁବିବେଚକ ବ୍ୟକ୍ତି ଥିଲେ। ସେ ଶିବାଜୀଙ୍କ ପ୍ରକୃତି ପର୍ଯ୍ୟବେକ୍ଷଣ କରି ଲେଖାପଢ଼ା ପରିବର୍ତ୍ତିରେ ତାଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେବାକୁ ଆରମ୍ଭ କଲେ। କିଛିଦିନ ମଧ୍ୟରେ ଶିବାଜୀ ତାହାଙ୍କ ଭବିଷ୍ୟତ୍ ଜୀବନର ଆଶ୍ଚର୍ଯ୍ୟଜନକ ପରିଚୟ ଦେଲେ। ୧୯ ବର୍ଷ ବୟଃକ୍ରମକାଳରେହିଁ ଶିବାଜୀ ବିଜାପୁର ରାଜ୍ୟ ଅନ୍ତର୍ଗତ ତୋରଣଗଡ଼ ଅଧିକାର କଲେ ଏବଂ

ଶିବାଜୀ

ରାୟଗଡଠାରେ ଗୋଟିଏ ଦ୍ୱିତୀୟ ଦୁର୍ଗ ନିର୍ମାଣ କରାଇଲେ। ଧୀରେ ଧୀରେ ଶିବାଜୀଙ୍କ ସୈନ୍ୟଦଳ ବର୍ଦ୍ଧିତ ହେବାକୁ ଲାଗିଲା। ଏହି ସୈନ୍ୟଙ୍କ ସାହାଯ୍ୟରେ ସେ ୧୬୪୮ ଖ୍ରୀଷ୍ଟାବ୍ଦରେ ବିଜାପୁର ରାଜ୍ୟର କୋଷାଗାର ଲୁଣ୍ଠନ କରି ନେଲେ ଓ କୋଙ୍କଣ ଅଧିକାର କଲେ। ବିଜାପୁର ରାଜ୍ୟର ଅଧିକାଂଶ ହସ୍ତଚ୍ୟୁତ ହେବା ପରେ ଶିବାଜୀଙ୍କ ବିରୁଦ୍ଧରେ ୧୬୫୯ ଖ୍ରୀଷ୍ଟାବ୍ଦରେ ଅଫଜଲ ଖାଁଙ୍କ ଅଧୀନରେ ଏକଦଳ ମୋଗଲ ସୈନ୍ୟ ପ୍ରେରିତ ହେଲେ। ସେ

ଶିବାଜୀଙ୍କ ଉତ୍କର୍ଷ

ଅଫଜଲ ଖାଁଙ୍କ ସହିତ ଯୁଦ୍ଧ କରିବା ଯୁକ୍ତିଯୁକ୍ତ ମନେ ନ କରି ତାହାଙ୍କ ସନ୍ଧି ପ୍ରସ୍ତାବରେ ସମ୍ମତ ହେଲେ। ଅଫଜଲ ଖାଁଙ୍କ ସହିତ ଶିବାଜୀ ଏକାକୀ ସାକ୍ଷାତ୍ କରିବାକୁ ଅସିଲାବେଳେ

Digitized by srujanika@gmail.com

ଆଫଜଲ ତାହାଙ୍କୁ ବଳପୂର୍ବକ ସହସା ବନ୍ଦୀ କରିବାକୁ ଉଦ୍ୟତ ହେବାରୁ ଶିବାଜୀ ନିଜ ଦେହରେ ଲୁକାୟିତ ଶସ୍ତ୍ର 'ବାଘନଖ'କୁ ଆଫଜଲଙ୍କ ବକ୍ଷରେ ବିଦ୍ଧ କଲେ। ଏଥିରେ ଆଫଜଲ ଖାଁଙ୍କର ମୃତ୍ୟୁ ହେଲା । ଏହାପରେ ପୁନାଠାରୁ ଆରମ୍ଭ କରି କୃଷ୍ଣାନଦୀ ପର୍ଯ୍ୟନ୍ତ ସମସ୍ତ ଭୂମି ଶିବାଜୀଙ୍କର ଅଧିକାରଭୁକ୍ତ ହେଲା ।

ବାଘ ନଖ

ଅତଃପର ଶିବାଜୀଙ୍କୁ ଔରଙ୍ଗଜେବଙ୍କ ସମ୍ମୁଖୀନ ହେବାକୁ ହେଲା । ଏହାର ବୃତ୍ତାନ୍ତ ପୂର୍ବରୁ ଉଲ୍ଲେଖ ହୋଇଅଛି । ଦିଲ୍ଲୀରୁ ପଳାୟନ କରିବା ପରେ ଶିବାଜୀଙ୍କ ଉତ୍ସାହ ଅଧିକ ବଢ଼ିଗଲା । ସେ ୧୬୭୪ ଖ୍ରୀଷ୍ଟାବ୍ଦରେ ମହା ଆଡ଼ମ୍ବର ସହିତ ରାୟଗଡ଼ଠାରେ ଗୋଟିଏ ଦରବାର କରି ସେଠାରେ

ମହାରାଜ ପଦ

ସ୍ୱୟଂ ମହାରାଜ ଉପାଧି ଗ୍ରହଣ କଲେ । ଔରଙ୍ଗଜେବ ତାହାଙ୍କୁ ସ୍ୱାଧୀନ ରାଜା ବୋଲି ପୂର୍ବରୁ ସ୍ୱୀକାର କରିଥିଲେହେଁ ଶିବାଜୀଙ୍କର ଏହି ମହାରାଜ ଉପାଧି ଘୋଷଣା କରିବା ପୋଇଁ ଉଭୟଙ୍କ ମଧ୍ୟରେ ମୈତ୍ରୀଭାବ ରହିଲା ନାହିଁ । ଶିବାଜୀ ଓ ମୋଗଲମାନଙ୍କ ମଧ୍ୟରେ ପୁନରାୟ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ମୋଗଲ ସୈନ୍ୟ ପରାଜିତ ହେଲେ ଓ ଖାନ୍ଦେଶ, ବେରାର ଏବଂ ଗୁଜରାଟ ଶିବାଜୀଙ୍କର ଅଧୀନ ହେଲା ।

ସନ୍ଧି

ସେ ଗୋଲ୍‌କୁଣ୍ଡାର ସୁଲତାନଙ୍କ ସହିତ ସନ୍ଧି ସ୍ଥାପନ କଲେ । ଜିଞ୍ଜି ଓ ବେଲ୍ଲୋର ମଧ୍ୟ ତାହାଙ୍କର ଅଧୀନ ହେଲା । ଶିବାଜୀ ନିଜ ଭ୍ରାତାଙ୍କ ନିକଟରୁ ତାଞ୍ଜୋରର ଅର୍ଦ୍ଧେକ ଓ ବିଜାପୁରର ଅଧିକାଂଶ ଭୂମି ଜୟ କରିନେଇ କଲେ । ୧୬୮୦ ଖ୍ରୀଷ୍ଟାବ୍ଦରେ ୫୩ ବର୍ଷ ବୟଃକ୍ରମ କାଳରେ ସେ ସ୍ୱର୍ଗାରୋହଣ କଲେ ।

ଶିବାଜୀଙ୍କ ଯୋଗ୍ୟତା—ଅନେକ ଐତିହାସିକ ଶିବାଜୀଙ୍କୁ ପାହାଡ଼ିଆ ମୂଷା, ଚୋର, ଡକାଏତ ଓ ଲୁଟିଆଳ ପ୍ରଭୃତି ନାନାପ୍ରକାର ନାମ ଦେଇଅଛନ୍ତି । କେତେକ ପରିମାଣରେ ଏ ବିଶେଷଣମାନ ଶିବାଜୀଙ୍କ ପ୍ରତି ପ୍ରଯୁଜ୍ୟ ବୋଲି ମାନିବାକୁ ହେବ । ସେ ଅଧିକାଂଶ ସମୟ ଲୁଟପାଟ

Digitized by srujanika@gmail.com

କରୁଥିଲେ ଓ ଏଥିରେ ହିନ୍ଦୁ ମୁସଲମାନ ଉଭୟ ଜାତି କଷ୍ଟ ପାଉଥିଲେ । ଏହା ବ୍ୟତୀତ ସେ କ୍ୱଚିତ୍ ନିଜ ଶତ୍ରୁ ମାନଙ୍କୁ ସମ୍ମୁଖ ଯୁଦ୍ଧରେ ଭେଟୁଥିଲେ । ବରଂ ସେମାନଙ୍କୁ ଗୁପ୍ତ ଭାବରେ ହଠାତ୍ ଆକ୍ରମଣ କରୁଥିଲେ, କିନ୍ତୁ ଶିବାଜୀଙ୍କର ଏହି କେତୋଟି ମାତ୍ର ଦୁର୍ଗୁଣ ତାଙ୍କର ଗୁଣାବଳୀକୁ ଘୋଡ଼ାଇ ଦେଇ ନ ପାରେ । ଆଓରଙ୍ଗଜେବଙ୍କ ପରି ଶକ୍ତିଶାଳୀ ସମ୍ରାଟଙ୍କ ବିରୋଧରେ ସ୍ୱାଧୀନତା ଘୋଷଣା କରି ପ୍ରାଣ ଧରି ବଞ୍ଚି ରହିବା ସାମାନ୍ୟ ବାହାଦୁରି କଥା ନୁହେଁ । ତଦୁପରି ଗୋଟିଏ ନୂତନ ହିନ୍ଦୁ ରାଜ୍ୟ ପ୍ରତିଷ୍ଠା କରିବା ବାଘୁଣୀଠାରୁ ଦୁଧ ଦୋହିଁବା ଭଳି ଅଦ୍ଭୁତ ଅଚିନ୍ତିତ ବ୍ୟାପାର ! ଶିବାଜୀ ଏହି ଅସମ୍ଭବକୁ ସମ୍ଭବ କରି ପାରିଥିଲେ । ଆଓରଙ୍ଗଜେବଙ୍କ ପରି ଶତ୍ରୁ ଉପରେ ଜୟଲାଭ କରିବାପାଇଁ ଶିବାଜୀଙ୍କ ପକ୍ଷରେ ଲୁଚି ଛପି କରି ଯୁଦ୍ଧ କରିବାହିଁ ସମୀଚୀନ ଥିଲା ।

ସମର୍ଥ ରାମଦାସ (ଶିବାଜୀଙ୍କ ଗୁରୁ)

ଶିବାଜୀଙ୍କ ମହତ୍ତ୍ୱ

ରାଜନୀତି ଦୃଷ୍ଟିରେ ତାହାଙ୍କର ଏପରି କାର୍ଯ୍ୟ ଦୂଷଣୀୟ ବୋଲି କୁହାଯାଇ ନ ପାରେ । ଲୁଣ୍ଠନଗୁଡ଼ିକର ଉଦ୍ଦେଶ୍ୟ ଅସତ୍ କିମ୍ବା ସମ୍ପୂର୍ଣ୍ଣ ସ୍ୱାର୍ଥପୂର୍ଣ୍ଣ ନ ଥିଲା । ଶିବାଜୀ କୌଣସି ଗ୍ରନ୍ଥକୁ ନିଆଁ ଲଗାଇ ଜଳାଇ ଦେଉ ନ ଥିଲେ, ମନ୍ଦିର ବା ମସଜିଦ୍‌ମାନ ଭାଙ୍ଗୁ ନ ଥିଲେ, ଅଥବା ସ୍ତ୍ରୀ ବାଳକମାନଙ୍କ ପ୍ରତି ଅତ୍ୟାଚାର କରୁ ନ ଥିଲେ । ଲୁଣ୍ଠନଲବ୍ଧ ଧନ ସେ ସତ୍କର୍ମରେ ବ୍ୟୟ କରୁଥିଲେ । ସେ ଏ ଧନକୁ ଦରିଦ୍ର ଓ ଅସହାୟମାନଙ୍କ ସାହାଯ୍ୟାର୍ଥ ନିୟୋଗ କରୁଥିଲେ । ଆଓରଙ୍ଗଜେବ ଯେପରି ପୂର୍ଣ୍ଣମାତ୍ରାରେ ସ୍ୱଧର୍ମାନୁରାଗୀ ଥିଲେ, ଶିବାଜୀ ମଧ୍ୟ ସେହିପରି ନିଜ ଧର୍ମ ପ୍ରତି ଦୃଢ଼ ଅନୁରାଗୀ

Digitized by srujanika@gmail.com

ଥିଲେ । କିନ୍ତୁ ଔରଙ୍ଗଜେବଙ୍କ ପରି ଶିବାଜୀ ବିଧର୍ମୀ ପ୍ରଜାମାନଙ୍କ ପ୍ରତି ଅତ୍ୟାଚାର କରୁ ନ ଥିଲେ । ପ୍ରଜା ଦୃଷ୍ଟିରେ ହିନ୍ଦୁ, ମୁସଲମାନ ଉଭୟ ଜାତିହିଁ ତାହାଙ୍କ ପକ୍ଷରେ ସମାନ ଥିଲେ । ତାହାଙ୍କ ଶାସନ ହିନ୍ଦୁ ଶାସନପଦ୍ଧତି ଅନୁସାରେ ଗୃହୀତ ହେଉଥିଲା । ଆଠ ଜଣ ମନ୍ତ୍ରୀସମ୍ମିଳିତସଭା ତାହାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରୁଥିଲା । ଏହି ଆଠ ଜଣ ମନ୍ତ୍ରୀଙ୍କୁ ଅଷ୍ଟପ୍ରଧାନ ନାମ ଦିଆଯାଇଥିଲା । ପ୍ରଧାନ ମନ୍ତ୍ରୀ ପେଶବା ନାମରେ ଅଭିହିତ ହେଉଥିଲେ । ବିଚାର କାର୍ଯ୍ୟ ପଞ୍ଚାୟତମାନଙ୍କ ଠାରେ ନ୍ୟସ୍ତ ହୋଇଥିଲା । ବିଦ୍ୱାନ୍ ଓ କବିମାନେ ରାଜଦରବାରରେ ଆଶ୍ରୟ ଲାଭ କରୁଥିଲେ । ଏହି ସମସ୍ତ ବ୍ୟବସ୍ଥାରୁ ଶିବାଜୀଙ୍କର ଯୋଗ୍ୟତା ପ୍ରତିପନ୍ନ ହେଉଅଛି । ସେ ଏକନିଷ୍ଠ ସ୍ୱଦେଶପ୍ରେମିକ ଥିଲେ । ମରହଟ୍ଟା ଜାତିକୁ ଏକତା ଓ ଦେଶଭକ୍ତିର ମନ୍ତ୍ର ସେ ଏପରି ଭାବରେ ଦେଇ ଯାଇଥିଲେ ଯେ, ତାହାର ଶକ୍ତି ତାଙ୍କ ମୃତ୍ୟୁ ପରେ ମଧ୍ୟ ବଢ଼ିବାକୁ ଲାଗିଲା । ଯଦି ପରବର୍ତ୍ତୀ ମରହଟ୍ଟାମାନେ ତାଙ୍କ ପରି ରାଜନୀତିକୁଶଳ ହୋଇଥାଆନ୍ତେ, ତାହାହେଲେ ଆଜି ସମଗ୍ର ଦେଶ ସେମାନଙ୍କର ଶାସନାଧୀନ ରହିଥାଆନ୍ତା ।

ଆଓରଙ୍ଗଜେବଙ୍କ ଉତ୍ତରାଧିକାରୀ ଓ ମୋଗଲମାନଙ୍କର ପତନ—ଔରଙ୍ଗଜେବଙ୍କୁ ମୋଗଲମାନଙ୍କ ଉନ୍ନତି ଯୁଗର ଶେଷ ସମ୍ରାଟ ବୋଲିଯାଇ ପାରେ । ସେ ନିଜ କୁନୀତିଦ୍ୱାରା ମୋଗଲ ସାମ୍ରାଜ୍ୟର ଭିତ୍ତିକୁ ଟଳମଳ କରିଦେଲେ । ତୈମୁରଲଙ୍ଗଙ୍କ ଶାସନର ମୂଳୋଚ୍ଛେଦରୁ କେତେକ ଅଂଶରେ ରକ୍ଷା କରିବାକୁ ସମର୍ଥ କୌଣସି ସମ୍ରାଟ ଔରଙ୍ଗଜେବଙ୍କ ପରେ ଦିଲ୍ଲୀ ସିଂହାସନ ଆରୋହଣ କରି ନ ଥିଲେ । ବାବରଙ୍କ ଠାରୁ ଆଓରଙ୍ଗଜେବଙ୍କ ପର୍ଯ୍ୟନ୍ତ ମୋଗଲ ସମ୍ରାଟମାନେ ବୀର ଓ ଶକ୍ତିଶାଳୀ ଥିଲେ, କିନ୍ତୁ ପରବର୍ତ୍ତୀ ସମ୍ରାଟମାନେ ପ୍ରାୟ ଦୁର୍ବଳ ଓ ସୁଖୀ ଥିଲେ । ୧୭୦୭ରୁ ୧୭୧୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କେବଳ ୧୨ ବର୍ଷ କାଳ ମଧ୍ୟରେ ୫ ଜଣ ସମ୍ରାଟ ଦିଲ୍ଲୀ ସିଂହାସନରେ ଆରୋହଣ କଲେ । ସେମାନେ ନାମ ମାତ୍ର ସମ୍ରାଟ ଥିଲେ ଓ ଦରବାରର ସର୍ଦ୍ଦାରମାନଙ୍କ ହାତରେ କ୍ରୀଡ଼ାପୁତ୍ତଳିବତ୍ ଗୃହୀତ

ଛିନ୍ନଭିନ୍ନ ମୋଗଲ ରାଜ୍ୟ

ସୈୟଦ ବନ୍ଧୁ

Digitized by srujanika@gmail.com

ହେଉଥିଲେ । ସୈୟଦ ଅବଦୁଲ୍ଲା ଓ ସୈୟଦ ହୁସେନ ନାମକ ଦୁଇ ଜଣ ସୈୟଦ ବନ୍ଧୁ ଏହି ଦରବାରସ୍ଥ ସର୍ଦ୍ଦାରମାନଙ୍କ ମଧ୍ୟରେ ପ୍ରସିଦ୍ଧ ଥିଲେ । ଏହି ଦୁଇଜଣ ଯାହାକୁ ଇଚ୍ଛା କରୁଥିଲେ, ତାକୁ ସିଂହାସନରେ ସମ୍ରାଟ କରି ବସାଉଥିଲେ ଓ ସେଥିରୁ ତଡ଼ି ଦେଉଥିଲେ । ଭିନ୍ନ ଭିନ୍ନ ସୁବା (ପ୍ରଦେଶ)ର ଶାସନକର୍ତ୍ତାମାନେ ସ୍ୱାଧୀନ ହୋଇ ପଡ଼ିଲେ ଓ ରାଜକୋଷକୁ ରାଜସ୍ୱ ପ୍ରେରଣ ବନ୍ଦ କରିଦେଲେ । ଏହି ସବୁ ଅବସ୍ଥା ଯୋଗୁଁ ମରହଟ୍ଟାଙ୍କ ଉତ୍ତରୋତ୍ତର

ଚୌଥ

ବର୍ଦ୍ଧିତ ହେବାକୁ ଲାଗିଲା । ସେମାନେ ସୁଦୂର ପ୍ରଦେଶମାନଙ୍କରୁ ଚୌଥ ଆଦାୟ କରିବାକୁ ଆରମ୍ଭ କଲେ; ଅଧିକନ୍ତୁ ସେମାନେ ଦିଲ୍ଲୀକୁ କେତେଥର ଲୁଣ୍ଠନ କଲେ । ରାଜପୁତମାନେ ପ୍ରଥମରୁହିଁ ସ୍ୱାଧୀନ ହୋଇ ଯାଇଥିଲେ । ପଶ୍ଚିମପ୍ରାନ୍ତବାସୀ ମୁସଲମାନମାନେ ଆକ୍ରମଣ କରିବାକୁ ମଧ୍ୟ ଆରମ୍ଭ କଲେ । ଏହିପରି ଆଉରଙ୍ଗଜେବଙ୍କ ମୃତ୍ୟୁର ଏକଶତ ବର୍ଷ ମଧ୍ୟରେ ମୋଗଲସାମ୍ରାଜ୍ୟ ଛିନ୍ନଭିନ୍ନ ହୋଇଗଲା । ମାତ୍ର ଆଉରଙ୍ଗଜେବଙ୍କ ପରେ ୧୧ ଜଣ ବାଦଶାହ * ରାଜତ୍ୱ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରସିଦ୍ଧ କେତେଜଣଙ୍କର ବିଷୟ କେତେକ ପରିମାଣରେ ଉଲ୍ଲେଖ କରାଗଲା ।

ଆଉରଙ୍ଗଜେବଙ୍କ ପରେ ତାଙ୍କ ପୁଅ ମୁଆଜ୍ଜମ୍ ଆପଣା ଭାଇମାନଙ୍କ ହତ୍ୟା କରି ବାହାଦୁର ସାହା ନାମ ଧାରଣ କରି ସିଂହାସନରେ ବସିଲେ । ଏ ମରହଟ୍ଟା ରାଜା ଶମ୍ଭୁଜୀଙ୍କ ପୁତ୍ର ସାହାଜୀଙ୍କ ସଙ୍ଗେ ସନ୍ଧି କଲେ ଓ ଦାକ୍ଷିଣାତ୍ୟ ପାଇଁ ମରହଟ୍ଟାମାନଙ୍କୁ ଚୌଥ ଦେବାର ସ୍ୱୀକାର କଲେ । ଯେତେକାଳ ଏ

ମରହଟ୍ଟାମାନଙ୍କ ସହିତ ସନ୍ଧି

ସିଂହାସନରେ ବସିଥିଲେ, ସେତେକାଳ ଏ ଶିଖମାନଙ୍କ ସଙ୍ଗେ ଯୁଦ୍ଧରେ ବ୍ୟାପୃତ ଥିଲେ । ବାହାଦୁରସାହା ୧୭୧୨ ଖ୍ରୀଷ୍ଟାବ୍ଦରେ ପରଲୋକଗମନ କଲେ । ଏହାଙ୍କ ପରେ ଜାହାନ୍ଦର ସାହା ସିଂହାସନରେ ବସିଲେ । ଏକ ବର୍ଷ ମଧ୍ୟରେ ଏ ଆପଣା ପୁତୁରା ଫରୁକସିୟରଙ୍କ ଦ୍ୱାରା ହତ ହେଲେ ।

---

* ୧ମ ବାହାଦୁର ସାହା, ଜାହାନ୍ଦରସାହା, ଫରୁଖସିୟର, ରଫିଉଦ୍ଦରଜାତ୍, ରଫିଉଦ୍ଦୌଲା, ମହମ୍ମଦସାହା, ଅହମ୍ମଦସାହା, ୨ୟ ଆଲମଗୀର, ସାହା ଆଲମ, ୨ୟ ଅକବର ଓ ୨ୟ ବାହାଦୁର ସାହା ।

Digitized by srujanika@gmail.com

ଫରୁକ୍‌ସିୟର ୧୭୧୩ ଖ୍ରୀଷ୍ଟାବ୍ଦରେ ସିଂହାସନାରୋହଣ କଲେ । ଏହାଙ୍କ ସମୟରେ ଶିଖମାନଙ୍କ କ୍ଷମତାକୁ ଉତ୍ତମରୂପେ ଦବାଇ ଦିଆଯାଇଥିଲା ।

ଫରୁକସିୟର

ମରହଟ୍ଟାମାନଙ୍କ ଶକ୍ତି ବଢ଼ିଗଲା । ଫରୁକ୍‌ସିୟର ମରହଟ୍ଟାମାନଙ୍କ ସହିତ ସନ୍ଧି କଲେ । ଏହି ସନ୍ଧିରେ ମରହଟ୍ଟାମାନଙ୍କର ଅନେକ ସୁବିଧା ହୋଇଥିଲା । ଫରୁକସିୟରଙ୍କୁ ହୋସେନ ଅଲି ଓ ଅବଦୁଲ୍ଲା ନାମକ ସୈୟଦ ବନ୍ଧୁମାନେ ସିଂହାସନରେ ବସାଇଥିଲେ । ଏ ଦୁହିଙ୍କ ପ୍ରଭାବ ଏପରି ବଢ଼ିଥିଲା ଯେ ଏ ଦୁହେଁ ଯାହାଙ୍କୁ ଇଚ୍ଛା କରୁଥିଲେ, ତାଙ୍କୁ ସିଂହାସନରେ ବସାଉଥିଲେ ଓ ଯାହାଙ୍କୁ ଚାହୁଥିଲେ ତାଙ୍କୁ ସିଂହାସନରୁ ହଟାଇ ଦେଉଥିଲେ । ଫରୁକ୍‌ସିୟର ଏହି ସୈୟଦ ବନ୍ଧୁମାନଙ୍କ କବଳରୁ ମୁକ୍ତ ପାଇବାପାଇଁ ଚେଷ୍ଟା କଲେ । ଏହି ଚେଷ୍ଟା ଯୋଗୁଁ କୁପିତ ହୋଇ ଉକ୍ତ ସୈୟଦ ବନ୍ଧୁମାନେ ୧୭୧୯ ଖ୍ରୀଷ୍ଟାବ୍ଦରେ ବାଦସାହାଙ୍କୁ ହତ୍ୟା କଲେ ଓ ବାହାଦୁର ସାହାଙ୍କର ଦୁଇଟି ନାବାଳଗ ପୌତ୍ର (ରଫି ଉଦ୍‌ଦରଜାତ୍ ଓ ରଫି ଉଦ୍‌ଦୌଲା)ଙ୍କୁ ଯଥାକ୍ରମେ ସିଂହାସନରେ ବସାଇଲେ । ଏ ଦୁଇ ସମ୍ରାଟ୍ କେତେ ମାସ ପରେ ମୃତ ହେଲେ । ଉପରୋକ୍ତ ସୈୟଦ ବନ୍ଧୁମାନେ ତତ୍ପରେ ବାହାଦୁର ସାହାଙ୍କର ଅନ୍ୟ ଏକ ନାତି ମହମ୍ମଦ ସାହାଙ୍କୁ ସିଂହାସନରେ ବସାଇଲେ ।

ମହମ୍ମଦ ସାହା—ମହମ୍ମଦ ସାହା ୧୭୧୯ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ଓ ୧୭୪୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ ।

ନିଜାମ ରାଜ୍ୟ

ତାହାଙ୍କୁ ଅନେକ ଝଞ୍ଜଟଗ୍ରସ୍ତ ହେବାକୁ ପଡ଼ିଥିଲା ଓ ତାହାଙ୍କ ରାଜତ୍ୱକାଳ ଅଶାନ୍ତିରେ ଅତିବାହିତ ହୋଇଥିଲା । ଏହି ସମୟରେ ଦକ୍ଷିଣ ପ୍ରଦେଶର ସୁବାଦାର ଆସଫଜା ନିଜାମୁଲ୍‌ମୁଲ୍‌କ୍ ସ୍ୱାଧୀନ ହୋଇଗଲେ ଓ ସେହି ସମୟରୁ ନିଜାମ ରାଜ୍ୟ ସ୍ୱାଧୀନ ହୋଇଅଛି । ହାଇଦ୍ରାବାଦର ବର୍ତ୍ତମାନ ଶାସନକର୍ତ୍ତା ନିଜାମ ଏହାଙ୍କରି ବଂଶଧର ଅଟନ୍ତି ।

ଅଯୋଧ୍ୟା ରାଜ୍ୟ

ଅଯୋଧ୍ୟାର ସାଦତ୍ ଅଲି ଖାଁ ମଧ୍ୟ ସ୍ୱାଧୀନ ହୋଇଗଲେ ଓ ସେହି ସମୟରୁ ତାହାଙ୍କ ବଂଶଧରମାନେ ଅଯୋଧ୍ୟାର ନବାବ ନାମରେ ଅଭିହିତ ହେଲେ । ଲକ୍ଷ୍ନୌ ଅଯୋଧ୍ୟାର ରାଜଧାନୀ ହେଲା । ପୂର୍ବପ୍ରାନ୍ତରେ

Digitized by srujanika@gmail.com

ଆଲ୍ଲିବର୍ଦ୍ଦି ଖାଁ ମଧ୍ୟ ସ୍ୱାଧୀନ ହୋଇ ବଙ୍ଗ, ବିହାର ଓ ଓଡ଼ିଶାରେ ଆପଣାର ନବାବୀ ଅଧିକାରକୁ ସ୍ଥାୟୀ କରି ନେଲେ । ମରହଟ୍ଟାମାନେ ବାଜିରାଓ ପେଶବାଙ୍କ ଅଧିନାୟକତ୍ୱରେ ଅଧିକତର ବଳଶାଳୀ ହୋଇ ଉଠିଲେ । ସେମାନେ ମାଳବର ନିକଟସ୍ଥ ଅନେକ ଦେଶ ଅଧିକାର କରି ନେଲେ ଓ ଲୁଣ୍ଠନ କରି କରି ଦିଲ୍ଲୀର ନିକଟବର୍ତ୍ତୀ ହେଲେ ।

ନାଦିରସାହା

ଏହି ସମସ୍ତ ବିପଦ ସଙ୍ଗରେ ମଧ୍ୟ ଆଉ ଗୋଟିଏ ନୂଆ ବିପଦ ଆସି ଘୋଟିଲା । ୧୭୩୯ ଖ୍ରୀଷ୍ଟାବ୍ଦରେ ପାରସ୍ୟ ସମ୍ରାଟ ନାଦିର୍‌ସାହା ଭାରତ ଆକ୍ରମଣ କଲେ । ଏତେଦିନ ପର୍ଯ୍ୟନ୍ତ ପ୍ରତାପଶାଳୀ ମୋଗଲ ସମ୍ରାଟ୍‌ମାନେ ପଶ୍ଚିମ ପ୍ରଦେଶର ଲୁଣ୍ଠନକାରୀମାନଙ୍କୁ ବାଧା ପ୍ରଦାନ କରି ଆସିଥିଲେ, କିନ୍ତୁ ଗଜନି, ଘୋରି ଓ ତୈମୁରଙ୍କର ସ୍ମାରକ ପ୍ରବଳପ୍ରତାପୀ ନାଦିରସାହାଙ୍କୁ ବାଧା ଦେବାକୁ ଆଜି ଆଉ କାହାର ଶକ୍ତି ରହିଲା ନାହିଁ । ସେ ଅବାଧରେ ଯମୁନା ନଦୀର କୂଳ ପର୍ଯ୍ୟନ୍ତ ଅଗ୍ରସର ହେଲେ । ହତଭାଗ୍ୟ ମହମ୍ମଦସାହା କର୍ଣ୍ଣାଲ ଯୁଦ୍ଧକ୍ଷେତ୍ରରେ ତାହାଙ୍କର ସମ୍ମୁଖୀନ ହେଲେ, କିନ୍ତୁ ଏ ଚେଷ୍ଟା ନିଷ୍ଫଳ ହେଲା । ନାଦିରସାହା ଦିଲ୍ଲୀ ଅଧିକାର କଲେ । ସେ "କୋହିନୂର" ନାମକ ହୀରକଖଣ୍ଡର ଲୋଭରେ ମହମ୍ମଦଙ୍କ ସହିତ ମିତ୍ରତା ସ୍ଥାପନ କଲେ ଓ ଦୁହେଁ ପରସ୍ପରଙ୍କ

ନାଦିରସାହା

ପଗଡ଼ି ବଦଳାବଦଳି ହେଲେ । ଏହି ପ୍ରକାରେ କୋହିନୁର ପ୍ରାପ୍ତ ହୋଇ ନାଦିର୍ ବିଶେଷ ସନ୍ତୁଷ୍ଟ ହେଲେ; କିନ୍ତୁ ଦୁଇ ଦିନ ପରେ ତାହାଙ୍କ ମୃତ୍ୟୁର ମିଥ୍ୟା ସମ୍ବାଦ ଦିଲ୍ଲୀରେ ପ୍ରଚାରିତ ହେବା ଓ ତାହାଙ୍କ ସୈନ୍ୟମାନଙ୍କ ସହିତ ଦିଲ୍ଲୀବାସୀଙ୍କର ବୃଥାରେ କଳିକଜିଆ ଲାଗିଥିଲା । ଏଥିରେ ନାଦିର୍‌ସାହା କ୍ରୁଦ୍ଧ ହୋଇ ଦିଲ୍ଲୀବାସୀ ଆବାଳବୃଦ୍ଧବନିତାଙ୍କୁ ହତ୍ୟା କରିବାର ଆଜ୍ଞା ପ୍ରଦାନ କଲେ । ସେଦିନ ତମାମ୍ ନଗରବାସିମାନଙ୍କ ହତ୍ୟା-

Digitized by srujanika@gmail.com

କାଣ୍ଡ ଚଳିଲା । ସ୍ତ୍ରୀ, ଶିଶୁ, ବୃଦ୍ଧ, ରୁଗ୍ଣ କେହି ମଧ୍ୟ ଏଥିରୁ ରକ୍ଷା ପାଇଲେ ନାହିଁ । ନିର୍ଦ୍ଦୋଷ ବ୍ୟକ୍ତିଙ୍କ ରକ୍ତଧାରରେ ରାଜପଥ ରଞ୍ଜିତ ହେଲା ଓ ନଗର ଶବରାଶିରେ ପରିପୂର୍ଣ୍ଣ ହେଲା । ପରେ ଲୁଣ୍ଠନ ଓ ଅଗ୍ନି ସଂଯୋଗ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା । ବଜାର, ନଗର ଓ ବାଦସାହାଙ୍କ କୋଷାଗାର ଲୁଣ୍ଠିତ ହେଲା ।

ଅହାମ୍ମଦସାହା ଦୁର୍ରାନି

ଏହି ସମସ୍ତ କାର୍ଯ୍ୟ ଅବଶ୍ରାନ୍ତ ୫୮ ଦିନଯାଏ ଲାଗି ରହିଲା । କଥିତ ଅଛି ଯେ, ଏହି ଉପଲକ୍ଷରେ ନାଦିର ୧୮ କୋଟି ନଗଦ ଟଙ୍କା ଲୁଣ୍ଠନ କରିଥିଲେ । ଏହା ବ୍ୟତୀତ କେତେ ଯେ ବହୁମୂଲ୍ୟ ହୀରକ, ମଣିମୁକ୍ତା ପ୍ରଭୃତି ରତ୍ନ, ସ୍ୱର୍ଣ୍ଣରୌପ୍ୟ ପ୍ରଭୃତି ମୂଲ୍ୟବାନ୍ ଧାତୁ ଲୁଣ୍ଠିତ ହୋଇଥିଲା, ତାହାର ଇୟତ୍ତା ନାହିଁ । ଦିଲ୍ଲୀ ନଗରକୁ ଧୂଳିସାତ୍ କରି ନାଦିର ସମସ୍ତ ଲୁଣ୍ଠିତ ଧନ ଦ୍ରବ୍ୟ ବୋହି ନେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ୧୭୪୮ ଖ୍ରୀଷ୍ଟାବ୍ଦରେ ଅହାମ୍ମଦସାହା ଦୁର୍ରାନି ନାମକ ଅପର ଏକ ଲୁଣ୍ଠନକାରୀ ଦିଲ୍ଲୀ ଆକ୍ରମଣ କଲେ, କିନ୍ତୁ ସେ ପରାଜିତ ହେଲେ । ସେହି ବର୍ଷ ମହମ୍ମଦସାହା ପରଲୋକଗମନ କଲେ ।

ମହମ୍ମଦସାହାଙ୍କ ପରେ ଅହାମ୍ମଦସାହା ୧୭୪୮ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନ ଆରୋହଣ କଲେ; ଏହାଙ୍କ ସମୟରେ ଦୁର୍ରାନି ଦ୍ୱିତୀୟ ଥର ଆକ୍ରମଣ କରି ପଞ୍ଜାବ ହସ୍ତଗତ କଲେ; କିନ୍ତୁ ପରେ ଦ୍ୱିତୀୟ ଆଲମଗିରଙ୍କ ମନ୍ତ୍ରୀ ଏହାକୁ ପୁନରଧିକାର କଲେ । ଏଥିରେ ଦୁର୍ରାନି କୁପିତ ହୋଇ ୧୭୫୬ ଖ୍ରୀଷ୍ଟାବ୍ଦରେ ତୃତୀୟ ଥର ଭାରତ ଆକ୍ରମଣ କଲେ । ସେ ପଞ୍ଜାବ ଓ ଦିଲ୍ଲୀ ଅଧିକାର କରି ଦିଲ୍ଲୀରେ ନାଦିରସାହା କାଣ୍ଡର ପୁନରଭିନୟ କଲେ । ମଥୁରାନଗରୀ ମଧ୍ୟ ଏଥିରୁ ରକ୍ଷା ପାଇଲା ନାହିଁ । ଅନେକ ଧନ ରତ୍ନ ଲୁଣ୍ଠନ ଓ ବହୁ ନିର୍ଦ୍ଦୋଷଙ୍କ ପ୍ରାଣସଂହାର କରି ଦୁର୍ରାନି ସ୍ୱଦେଶକୁ ପ୍ରତ୍ୟାବୃତ୍ତ ହେଲେ । ଏହି ବର୍ଷ ଅନ୍ୟାନ୍ୟ ଘଟଣା ଯୋଗୁଁ ମଧ୍ୟ ଭାରତ ଇତିହାସରେ ପ୍ରସିଦ୍ଧ । ସିରାଜଦ୍ଦୌଲାଙ୍କ ସହିତ ଇଂରେଜମାନଙ୍କର

ଦୁର୍ରାନି

Digitized by srujanika@gmail.com

ଯୁଦ୍ଧ, ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ସପ୍ତବର୍ଷବ୍ୟାପୀ ଯୁଦ୍ଧର ଆରମ୍ଭ, ଅଲିବର୍ଦ୍ଦିଙ୍କ ମୃତ୍ୟୁ ପ୍ରଭୃତି କେତେଗୋଟି ଘଟଣା ଦୁର୍‌ରାଣୀଙ୍କର ତୃତୀୟ ଆକ୍ରମଣ ଏହି ବର୍ଷ ଘଟିଥିଲା ।

ସାହା ଆଲମ୍—ଏଣେ ମରହଟ୍ଟାଶକ୍ତି ବିଶେଷରୂପେ ବର୍ଦ୍ଧିତ ହେବାକୁ ଲାଗିଲା । ରାଘବା ଦିଲ୍ଲୀ ଅଧିକାର କଲେ । ଏହି ସମ୍ବାଦ ପାଇ ଦୁର୍‌ରାଣୀ ଅତ୍ୟନ୍ତ କୁପିତ ହେଲେ ଓ ଚତୁର୍ଥବାର ଆକ୍ରମଣ କରିବାକୁ ଉଦ୍ୟମ କଲେ । ଉଭୟ ପକ୍ଷର ସୈନ୍ୟଦଳ ପାନିପଥ ଯୁଦ୍ଧକ୍ଷେତ୍ରରେ ପରସ୍ପରଙ୍କ ସମ୍ମୁଖୀନ ହେଲେ । ମରହଟ୍ଟାମାନଙ୍କ ପ୍ରତାପରେ ଭାରତୀୟ ମୁସଲମାନଗଣ ବ୍ୟସ୍ତ ହୋଇ ପଡ଼ିଥିଲେ, ଏଥିଯୋଗୁଁ ସେମାନେ ଦୁର୍‌ରାଣୀଙ୍କ ସହିତ ଯୋଗ ଦେଲେ । ମରହଟ୍ଟାମାନେ କୌଣସି ସାହାଯ୍ୟ ପାଇଲେ ନାହିଁ । ଯଦି ରାଜପୁତ, ଶିଖ, ଜାଠ ପ୍ରଭୃତି ହିନ୍ଦୁଜାତିମାନେ ମରହଟ୍ଟାମାନଙ୍କ ସହିତ ଏ ଯୁଦ୍ଧରେ ଯୋଗ ଦେଇଥାଆନ୍ତେ, ତାହାହେଲେ ପାନିପଥର ତୃତୀୟ ଯୁଦ୍ଧରେ ହିନ୍ଦୁ ଭାଗ୍ୟଚକ୍ର ପରିବର୍ତ୍ତିତ ହୋଇଥାଆନ୍ତା, କିନ୍ତୁ ତାହା ଭାରତଭାଗ୍ୟରେ ନ ଥିଲା । ଯାହାହେଉ ମରହଟ୍ଟାମାନଙ୍କର ବିପୁଳ ସୈନ୍ୟଦଳ ଥିଲା । ପେଶବା କହିଲେ ଯେ, ସ୍ଥିରଭାବ ହୋଇ ସମ୍ମୁଖ ସମର କରିବା ମରହଟ୍ଟାମାନଙ୍କ ରୀତିବିରୁଦ୍ଧ, ଅତଏବ ଅତର୍କିତରୂପେ ଶତ୍ରୁକୁ ଆକ୍ରମଣ କରାଯାଉ, କିନ୍ତୁ ମରହଟ୍ଟା ସେନାପତି ଭାଉ ମତ ଦେଲେ ଯେ, ଏହିପରି ଗୁପ୍ତ ଆକ୍ରମଣ ଭୀରୁତାର ପରିଚାୟକ । ଅବଶେଷରେ ସମ୍ମୁଖ ଯୁଦ୍ଧ କରିବା ମରହଟ୍ଟାମାନଙ୍କର ସ୍ଥିର ହେଲା । ମରହଟ୍ଟାମାନଙ୍କ ସୈନ୍ୟସଂଖ୍ୟା ମୁସଲମାନ ସୈନ୍ୟଙ୍କ ଅପେକ୍ଷା ଅଧିକ ଥିବାରୁ ଦୁର୍‌ରାଣୀ ମରହଟ୍ଟାମାନଙ୍କୁ ଆକ୍ରମଣ କରିବାକୁ ସାହସୀ ହେଲେ ନାହିଁ । କେତେକ ଦିନ ପର୍ଯ୍ୟନ୍ତ ଉଭୟ ପକ୍ଷ ପରସ୍ପରର ଗତିବିଧିକୁ ଅପେକ୍ଷା କରିବାକୁ ଲାଗିଲେ । ଅତଃପର ମରହଟ୍ଟା ସୈନ୍ୟଙ୍କର ରସଦ୍ (ଖାଦ୍ୟସାମଗ୍ରୀ) କ୍ରମଶଃ କମି ଆସିବାରୁ ସେମାନଙ୍କୁ

ତୃତୀୟ ପାନିପଥ ଯୁଦ୍ଧ

ପ୍ରଥମେହିଁ ଆକ୍ରମଣ କରିବାକୁ ପଡ଼ିଲା । ୧୭୬୧ ଖ୍ରୀଷ୍ଟାବ୍ଦରେ ଜାନୁଆରୀ ୧୩ ତାରିଖ ଦିନ ଉଭୟ ପକ୍ଷ ମଧ୍ୟରେ ଘୋରତର ଯୁଦ୍ଧ ହେଲା । ଏହି ପାନିପଥ ଯୁଦ୍ଧରେ ମରହଟ୍ଟାମାନେ ପରାଜିତ ହେଲେ ।

Digitized by srujanika@gmail.com

ପ୍ରାୟ ଦୁଇ ଲକ୍ଷ ମରହଟ୍ଟା ସୈନିକ ଏହି ଯୁଦ୍ଧରେ ନିହତ ହେଲେ । ସେହି ଦିନଠାରୁ ସେମାନଙ୍କର ଶକ୍ତି ହ୍ରାସ ହେଲା ଓ ଦିନକୁଦିନ ସେମାନଙ୍କର ଅବନତି ହେବାକୁ ଲାଗିଲା ।

ସାହା ଆଲମଙ୍କ ରାଜତ୍ୱକାଳରେ ଆଉ ଗୋଟିଏ ପ୍ରସିଦ୍ଧ ଘଟଣା ଘଟିଥିଲା । ସେ ୧୭୬୫ ଖ୍ରୀଷ୍ଟାବ୍ଦରେ ବଙ୍ଗ, ବିହାର ଓ ଓଡ଼ିଶାର ଦେବାନି ଇଂରେଜମାନଙ୍କ ଗଠିତ ଇଷ୍ଟ୍ ଇଣ୍ଡିଆ କୋମ୍ପାନି ନାମକ ବଣିକ୍ ସମ୍ପ୍ରଦାୟଙ୍କ ହସ୍ତେ ବାଦଶାହାଙ୍କ, ପ୍ରଦାନ କଲେ । ଏହି ସମୟରେ ଦିଲ୍ଲୀର ମୋଗଲ ବାଦ୍‌ସାହା-

ଅନ୍ତ

ପଣ କେବଳ ନାମରେ ପର୍ଯ୍ୟବସିତ ହୋଇଥିଲା । ଦ୍ୱିତୀୟ ବାହାଦୁର ସାହା ମୋଗଲ ବଂଶର ଶେଷ ସମ୍ରାଟ୍ । ସେ ୧୮୫୭ ସାଲର ସିପାହୀବିଦ୍ରୋହରେ ବିଦ୍ରୋହୀ ସିପାହୀମାନଙ୍କ ପକ୍ଷ ଗ୍ରହଣ କରିଥିଲେ ବୋଲି ୧୮୫୮ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ତାଙ୍କୁ ନଜରବନ୍ଦୀ କରି ରେଙ୍ଗୁନକୁ ପଠାଇ ଦେଲେ । ୧୮୬୨ ଖ୍ରୀଷ୍ଟାବ୍ଦରେ ରେଙ୍ଗୁନରେ ତାହାଙ୍କର ମୃତ୍ୟୁ ହେଲା । ମୋଗଲ ସାମ୍ରାଜ୍ୟର ଶେଷ ଯବନିକା ଏହିରୂପେ ପତନ ହେଲା ।

ମୋଗଲ ରାଜତ୍ୱରେ ଭାରତର ଅବସ୍ଥା—ପଠାଣ ଶାସନ ଅପେକ୍ଷା ମୋଗଲ ଶାସନରେ କେତେଗୁଡ଼ିଏ ବିଶେଷତ୍ୱ ଥିଲା । ଯଦିଓ ମୋଗଲ ଶାସନ ଭାରତର ଆଭ୍ୟନ୍ତରିକ ଅବସ୍ଥା ସମ୍ବନ୍ଧେ କୌଣସି ପ୍ରକାରେ

ମୋଗଲ ଶାସନର
ବିଶେଷତ୍ୱ

ହସ୍ତକ୍ଷେପ କରି ନ ଥିଲା, ତଥାପି ଏହି ଶାସନର ପ୍ରଭାବ ଦେଶର ରାଜନୈତିକ, ସାମାଜିକ ଓ ଧାର୍ମିକ ଅବସ୍ଥା ଉପରେ ବିଶେଷଭାବରେ ପତିତ ହୋଇଥିଲା । ପଠାଣମାନେ ରାଜସ୍ୱ ଆଦାୟ କରି ନିଶ୍ଚିନ୍ତ ରହୁଥିଲେ, କିନ୍ତୁ ମୋଗଲମାନଙ୍କ ସମୟରେ ଏହିପରି ଘଟୁ ନ ଥିଲା । ଏମାନେ ରାଜସ୍ୱର କେତେକ ଅଂଶ ପ୍ରଜାମାନଙ୍କ ମଙ୍ଗଳ ନିମନ୍ତେ ବ୍ୟୟ କରୁଥିଲେ । ଗ୍ରାମେ ଗ୍ରାମେ ରାଜାଙ୍କ ତରଫରୁ କୋତୁଆଲ ନିଯୁକ୍ତ ହୋଇଥିଲେ ଓ କେତେଗୁଡ଼ିଏ ଗ୍ରାମଦ୍ୱାରା ଗୋଟିଏ ଥାନା ଓ କେତେଗୁଡ଼ିଏ ଥାନାଦ୍ୱାରା ଗୋଟିଏ ଜିଲ୍ଲା ଗଠିତ ହୋଇଥିଲା । ଗ୍ରାମ-ପଞ୍ଚାୟତ ଅଥବା ଜମିଦାରମାନଙ୍କ ହାତରେ ପୁଲିସ କାର୍ଯ୍ୟ ଓ ବିଚାର କାର୍ଯ୍ୟ ରହୁଥିଲା । ରାଜାଙ୍କ ତରଫରୁ ସ୍ଥାନେ ସ୍ଥାନେ ବିଚାରାଳୟମାନ ସ୍ଥାପିତ ହୋଇଥିଲା । ପ୍ରଧାନ

Digitized by srujanika@gmail.com

ନ୍ୟାୟାଧୀଶ ରାଜଧାନୀରେ ଅବସ୍ଥାନ କରୁଥିଲେ । ସମଗ୍ର ଦେଶ କତିପୟ ସୁବାରେ ବିଭକ୍ତ ହୋଇଥିଲା ଓ ପ୍ରତ୍ୟେକ ସୁବା ଜଣେ ଜଣେ ସୁବାଦାରଙ୍କ ଶାସନାଧୀନ ଥିଲା । ଏମାନେ ରାଜସ୍ୱ ଆଦାୟ କରି ସମ୍ରାଟଙ୍କ ନିକଟକୁ ପ୍ରେରଣ କରୁଥିଲେ ଓ ନିଜ ନିଜ ସୁବାର ଶାସନଭାର ମଧ୍ୟ ଏମାନଙ୍କଠାରେ ନ୍ୟସ୍ତ ଥିଲା । ମୋଗଲ ରାଜତ୍ୱରେ ପୂର୍ବଯୁଗ ଅପେକ୍ଷା ଉନ୍ନତ ବ୍ୟବସ୍ଥା ହୋଇଥିଲା; ରାଜ୍ୟରେ ଅଧିକତର ଶାନ୍ତି ବିରାଜମାନ କରୁଥିଲା । ଦେଶରେ ବାଣିଜ୍ୟ, କଳାକୌଶଳ, ବ୍ୟବସାୟ ପ୍ରଭୃତି ସକଳ ଦିଗରେ ଉନ୍ନତି ହେବାକୁ ଲାଗିଥିଲା । ମୋଗଲ ବାଦସାହାମାନେ ଉର୍ଦ୍ଦୁ ଭାଷାରେ ରାଜକାର୍ଯ୍ୟ ନିର୍ବାହ କରୁଥିଲେ । ଏହି ସମୟରେ ବ୍ରଜ ଭାଷାରେ ଲିଖିତ କାବ୍ୟସମୂହରେ ମଧ୍ୟ ବିଶେଷ ଉନ୍ନତି ହୋଇଥିଲା । ସୁର ଦାସ, ତୁଳସୀ ଦାସ, ବିହାରୀଲାଲ, କେଶବ ଦାସ ପ୍ରଭୃତି ଖ୍ୟାତନାମା ହିନ୍ଦି କବି ଓ ଭକ୍ତଗଣ ଏହି ମୋଗଲ ଯୁଗରେ ଆବିର୍ଭୂତ ହୋଇଥିଲେ । ଏମାନଙ୍କ ରଚିତ ପୁସ୍ତକଗୁଡ଼ିକ ଏବେ ମଧ୍ୟ ହିନ୍ଦି ଭାଷାନୁରାଗିଗଣଙ୍କ ଆଦରର ସାମଗ୍ରୀ । ହିନ୍ଦୁ, ମୁସଲମାନ

ହିନ୍ଦୁ-ମୁସଲମାନ ମଧ୍ୟରେ ଐକ୍ୟଭାବ

ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ମଧ୍ୟ ବିଶେଷ ସମ୍ପ୍ରୀତି ସ୍ଥାପନ ହୋଇଥିଲା । ଏପରି କି "ରୋଟୀ-ବେଟୀ" ଅର୍ଥାତ୍ ପରସ୍ପର ମଧ୍ୟରେ କନ୍ୟା ଓ ଖାଦ୍ୟର ଆଦାନପ୍ରଦାନ ମଧ୍ୟ କେତେକ ପରିମାଣରେ ଚଳୁଥିଲା । ହିନ୍ଦୁମାନଙ୍କ ଗୀତ-ନୃତ୍ୟ, ପାନାହାର, ଆଚାର-ବ୍ୟବହାର, ଭାଷା ଓ ବେଶଭୂଷା ଉପରେ ମୁସଲମାନୀ ସଭ୍ୟତାର ପ୍ରଭାବ ଅଳ୍ପ ବିସ୍ତର ପଡ଼ିଥିଲା । ରାଜକର୍ମଚାରୀଗଣଙ୍କୁ ଅଧିକାଂଶ ସ୍ଥାନରେ ବେତନ ପରିବର୍ତ୍ତରେ ଜାଗିର ଦିଆଯାଉଥିଲା । ଏହି ସମୟରେ ହର୍ମ୍ୟନିର୍ମାଣ ଓ ଇତିହାସ ଲେଖନ-କଳାର ସବିଶେଷ ଉନ୍ନତି ହୋଇଥିଲା । ମୋଗଲବାଦସାହାଗଣ ଶିଳ୍ପକଳା ଓ ବିଦ୍ୟାର ବିଶେଷ ଅନୁରାଗୀ ଥିଲେ । ଧାର୍ମିକ ପରିବର୍ତ୍ତନରେ ବିଶେଷତ୍ୱ ଏହା ଥିଲା ଯେ, ପୂର୍ବରୁ ବିଶୁଦ୍ଧ ବୈଦିକ ଧର୍ମର ସର୍ବଥା ଅଭାବ ଘଟିଥିଲା ଏବଂ ଏହି ସମୟରେ କବୀର, ନାନକ ପ୍ରଭୃତି ଧର୍ମପ୍ରଚାରକମାନଙ୍କର ପ୍ରବର୍ତ୍ତିତ ସମ୍ପ୍ରଦାୟମାନଙ୍କର ଅଧିକ ପ୍ରଚାର ହେବା ଫଳରେ ହିନ୍ଦୁଧର୍ମ ମଧ୍ୟରେ ନାନା ପ୍ରକାର ମତ ମତାନ୍ତରର ସୃଷ୍ଟି ହେଲା । ଶିଖ ସମ୍ପ୍ରଦାୟ ବ୍ୟତୀତ ଅନେ

Digitized by srujanika@gmail.com

କୌଣସି ସମ୍ରାଟଙ୍କର ହୃଦୟରେ ସୈନିକ ମନୋଭାବର ଉଦୟ ହୋଇ ନ ଥିଲା । ଶିଖମାନେ କ୍ରମଶଃ ସଙ୍ଗଠିତ ହୋଇ ପ୍ରବଳ ହେବାକୁ ଲାଗିଲେ । ଏହି ସମୟରେ ଅନେକ ହିନ୍ଦୁ ପ୍ରଜାଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କରାଯାଇଥିଲା । ପୌରାଣିକ ହିନ୍ଦୁଧର୍ମରେ ଏତେ ସଙ୍କୀର୍ଣ୍ଣତା ଓ ଗୋଳମାଳ ଉପସ୍ଥିତ ହେଲା ଯେ, ଅନେକ ହିନ୍ଦୁ ସାମାଜିକ ଅତ୍ୟାଚାର ସହି ନ ପାରି ମୁସଲମାନ ଧର୍ମ ଗ୍ରହଣ କଲେ । ଏହିପରି ଭାବରେ ଦେଶର ଜନସଂଖ୍ୟାରେ ମୁସଲମାନଙ୍କ ସଂଖ୍ୟା ବଢ଼ିଲା । ପଞ୍ଜାବ ଓ ବଙ୍ଗଦେଶରେ ଏହି ସମୟରେ ଅଧିକାଂଶ ବ୍ୟକ୍ତି ମୁସଲମାନ ଧର୍ମ ଗ୍ରହଣ କଲେ ଓ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦୁଇ ପ୍ରଦେଶରେ ମୁସଲମାନମାନଙ୍କ ସଂଖ୍ୟା ଅଧିକ । ଆଓରଙ୍ଗଜେବଙ୍କ ପରେ ଆଉ କୌଣସି ପ୍ରତାପଶାଳୀ ସମ୍ରାଟଙ୍କର ଆବିର୍ଭାବ ହେଲା ନାହିଁ । ସେଥିପାଇଁ ଦେଶରେ ଅରାଜକତା ଘୋଟିଗଲା ଓ ଚୋର, ଡକାଏତ ଓ ଲୁଟିଆଲଙ୍କ ସଂଖ୍ୟା ବଢ଼ିଗଲା । ଏହି ସମୟରେ ଆମ୍ଭମାନଙ୍କର ବର୍ତ୍ତମାନ ଶାସକ ଇଂରେଜ ଜାତି ବାଣିଜ୍ୟ କରିବାପାଇଁ ଏ ଦେଶକୁ ଆଗମନ କଲେ ଓ ମୋଗଲ ଶାସକଗଣଙ୍କ ଶିଥିଳତାନିବନ୍ଧନ ସେମାନଙ୍କର ବଳ କ୍ରମଶଃ ବୃଦ୍ଧି ପାଇଲା । ଏ ସମ୍ବନ୍ଧରେ ପରେ ଉଲ୍ଲେଖ କରାଯିବ ।

ଅରାଜକତା

ମରହଟ୍ଟା ଓ ଶିଖମାନଙ୍କ ଅଭିବୃଦ୍ଧି

ମରହଟ୍ଟାଗଣ—ଅମ୍ଭେମାନେ ପୂର୍ବରୁ ଦେଖିଥାଉଁ ଯେ, ଆଓରଙ୍ଗଜେବ ଶିବାଜୀଙ୍କ ଜ୍ୟେଷ୍ଠ ପୁତ୍ର ସାହୁଜୀଙ୍କୁ ବନ୍ଦୀ କଲେ ଓ ମରହଟ୍ଟାମାନେ ତାହାଙ୍କସ୍ଥାନରେ ଶିବାଜୀଙ୍କ କନିଷ୍ଠ ପୁତ୍ର ରାଜାରାମଙ୍କୁ ସିଂହାସନରେ ବସାଇଲେ । ରାଜାରାମଙ୍କ ମୃତ୍ୟୁ ପରେ ତାହାଙ୍କ ପୁତ୍ର ସିଂହାସନ ଆରୋହଣ କଲେ । ଏଣେ ଆଓରଙ୍ଗଜେବ ସାହୁଜୀଙ୍କୁ ମୁକ୍ତ ପ୍ରଦାନ କଲେ । ସେ ପୁନାକୁ ଆସି ନିଜର ପିତୃ ସିଂହାସନ ଦାବି କଲେ । ବାଳକ ରାଜାଙ୍କ ମାତା (ରାଜାରାମଙ୍କ ପତ୍ନୀ) ତାରାବାଈ ବିଶେଷ ବୀରତ୍ୱ ସହକାରେ ଏହି ଅନ୍ୟାୟ ବିରୋଧରେ ଦଣ୍ଡାୟମାନ ହେଲେ । ଫଳରେ ମରହଟ୍ଟା ରାଜ୍ୟ ଦୁଇଖଣ୍ଡରେ ବିଭକ୍ତ ହୋଇଗଲା । ସାହୁଜୀ ସେତାରାଖଣ୍ଡ ଓ ରାଜାରାମଙ୍କ ପୁତ୍ର କୋଲ୍ହାପୁର ଖଣ୍ଡ ପ୍ରାପ୍ତ ହେଲେ । ସାହୁଜୀ ନିତାନ୍ତ ଅଯୋଗ୍ୟ ଥିଲେ । ସେ ସମସ୍ତ ରାଜକାର୍ଯ୍ୟ ପ୍ରଧାନ ମନ୍ତ୍ରୀ ପେଶବାଙ୍କ

ପେଶବା

Digitized by srujanika@gmail.com

ଉପରେ ପକାଇ ଦେଲେ । ଯଥାର୍ଥ କହିବାକୁ ଗଲେ ପେଶବାହିଁ ସେହି ସମୟରୁ ମରହଟ୍ଟାମାନଙ୍କର ରାଜା ହେଲେ । ବାଲାଜୀ ବିଶ୍ୱନାଥ ରାଓ ପ୍ରଥମ ପେଶବା ଥିଲେ । ସେ ୧୭୧୪ ଖ୍ରୀଷ୍ଟାବ୍ଦରୁ ୧୭୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ୱପଦରେ ପ୍ରତିଷ୍ଠିତ ଥିଲେ । ସେ ବିଶେଷ ଯୋଗ୍ୟ ଓ ଚତୁର ଥିଲେ ଓ ସୁଚାରୁରୂପେ ରାଜକାର୍ଯ୍ୟ ନିର୍ବାହିତ କରୁଥିଲେ । ସେ ଦିଲ୍ଲୀ ଦରବାରର ପ୍ରଧାନ ସର୍ଦ୍ଦାର ସୈୟଦ୍ ହୁସେନଙ୍କ ସହିତ ସନ୍ଧି ସ୍ଥାପନ କରି ଦକ୍ଷିଣ ଦେଶରୁ ଚୌଥ ଆଦାୟ କରିବାର ଅଧିକାର ମୋଗଲଙ୍କଠାରୁ ପ୍ରାପ୍ତ ହେଲେ । ଏହାଙ୍କ ପୁତ୍ର ପ୍ରଥମ ବାଜୀରାଓ ଦ୍ୱିତୀୟ ପେଶବା ହେଲେ । ସେ ୨୦ ବର୍ଷ ପର୍ଯ୍ୟନ୍ତ ରାଜ୍ୟଶାସନ କଲେ । ପେଶବାମାନଙ୍କ ମଧ୍ୟରେ ଏହାଙ୍କରହିଁ ଖ୍ୟାତି ସମଧିକ । ଏହାଙ୍କ ଶାସନ-

ପ୍ରଥମ ବାଜୀରାଓ

କାଳରେ ମରହଟ୍ଟା ଶକ୍ତି ବିଶେଷ ବୃଦ୍ଧି ପାଇଲା ଓ ସମସ୍ତ ଭାରତରେ ତାହିଁ ପ୍ରତି ଆତଙ୍କ ଘୋଟିଗଲା । ସେ ଦିଲ୍ଲୀରେ ମଧ୍ୟ ନିଜ ଅଧିକାର ଜମାଇଥିଲେ । ଏହି ସମୟରେ ଭାରତରେ ଅରାଜକତା ଘୋଟିଥିଲା; ଏହି ସୁଯୋଗରେ ବାଜୀରାଓ ମରହଟ୍ଟା ରାଜ୍ୟ ସ୍ଥାପିତ କରି ହିନ୍ଦୁର ଧ୍ୱଜା ଉଡ଼ାଇବାକୁ କଳ୍ପନା କରିଥିଲେ । ସେ ଉତ୍ତର ଭାରତର ଅଧିକାଂଶ ସ୍ଥାନ ଅଧିକାର କରି ମରହଟ୍ଟାମାନଙ୍କର ଚାରିଗୋଟି ଆଡ୍ଡା (ପ୍ରଧାନ କେନ୍ଦ୍ର) ଜମାଇଲେ;—(୧) ନାଗପୁର, (୨) ଗୋୟାଲିୟର, (୩) ଇନ୍ଦୋର ଓ (୪) ବରୋଦା । ଏହି ଚାରିଗୋଟି ରାଜ୍ୟ ମଧ୍ୟରୁ କେତେ ଗୋଟି ଆଜି ପର୍ଯ୍ୟନ୍ତ ନିଜ ଅସ୍ତିତ୍ୱ ବଜାୟ ରଖି ପାରିଅଛନ୍ତି । ନାଗପୁରରେ ଭୋଁସଲା, ଗୋୟାଲିୟରରେ ସିନ୍ଧିୟା, ଇନ୍ଦୋରରେ ହୋଲକାର ଓ ବରୋଦାରେ ଗାଏକୋୟାଡ଼୍ ସର୍ଦ୍ଦାର ହେଲେ । ବାଜିରାଓଙ୍କ ପରେ ବାଲାଜି ବାଜିରାଓ ପେଶବା ହେଲେ । ସେ ମଧ୍ୟ ବିଶେଷ ପ୍ରତାପୀ ଥିଲେ । ସମସ୍ତ ଭାରତ ମରହଟ୍ଟାମାନଙ୍କୁ ଦୁର୍ଦ୍ଧର୍ଷ ଜ୍ଞାନ କରିବାକୁ ଲାଗିଲେ । ବାଜିରାଓ ସ୍ୱୀୟ ରାଜଧାନୀ ପୁନାରେ ସ୍ଥାପିତ

ମରହଟ୍ଟାମାନଙ୍କ ପ୍ରଧାନ ଅଡ୍ଡା

କଲେ । ଏହିପରି ବର୍ତ୍ତମାନ ମରହଟ୍ଟାମାନଙ୍କ ସାତଗୋଟି ପ୍ରଧାନ କେନ୍ଦ୍ର ଗଠିତ ହେଲା । ଯଥା :—ପୁନା, ସେତାର୍‌, କୋହ୍ଲାପୁର ଓ ପୂର୍ବୋକ୍ତ ଚାରିଗୋଟି । ଏତେ ଗୁଡ଼ିଏ ଶକ୍ତିକୁ ସ୍ୱବଶରେ ରଖିବା କଠିନ ହୋଇ ଉଠିଲା ଓ ଏହାହିଁ ସେମାନଙ୍କର ପତନର କାରଣ

Digitized by srujanika@gmail.com

ହେଲା । ତୃତୀୟ ପେଶବାଙ୍କ ସମୟରେ ତୃତୀୟ ପାନିପଥ ଯୁଦ୍ଧ ହେଲା । ଏ ବିଷୟ ପୂର୍ବେ ଲେଖା ହୋଇଅଛି । ଯଦି ମରହଟ୍ଟାମାନେ ଏ ଯୁଦ୍ଧରେ ଜୟୀ ହୋଇ ଥାଆନ୍ତେ, ତାହାହେଲେ ଅବଶ୍ୟ ସେମାନେ ଭାରତରେ ହିନ୍ଦୁରାଜ୍ୟ ସ୍ଥାପନ କରିବାକୁ ସମର୍ଥ ହୋଇ ଥାଆନ୍ତେ । ଏହା ପରେ ଯଦିଓ ମରହଟ୍ଟା ଶକ୍ତି ହ୍ରାସପ୍ରାପ୍ତ ହୋଇଥିଲା, ତଥାପି ତାହା ବିଲୋପନ ପର୍ଯ୍ୟନ୍ତ ଇଂରେଜ ଶକ୍ତିର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲା ।

ଶିଖଗଣ—ପୂର୍ବେ କଥିତ ହୋଇଅଛି ଯେ ଗୁରୁ ନାନକ ଶିଖ ସମ୍ପ୍ରଦାୟର ସଂସ୍ଥାପକ ଥିଲେ । ପ୍ରାୟ ଏକ ଶତ ବର୍ଷ ପର୍ଯ୍ୟନ୍ତ ଶିଖମାନେ ଶାନ୍ତ ଥିଲେ, କିନ୍ତୁ ସମ୍ରାଟ ଜାହାଙ୍ଗୀର ସେମାନଙ୍କ ପ୍ରଧାନ ଗୁରୁଙ୍କୁ

ଗୋବିନ୍ଦ ସିଂହ

ହତ୍ୟା କରିଥିଲେ ଓ ଆରଙ୍ଗଜେବ ମଧ୍ୟ ସେମାନଙ୍କ ପ୍ରତି ଭଲ ବ୍ୟବହାର କଲେ ନାହିଁ । ଏଥିପାଇଁ ସେମାନଙ୍କ ମନରେ ପ୍ରତିଶୋଧର ପ୍ରବଳ ବାସନା ଜାଗି ଉଠିଲା । ସେମାନଙ୍କର ଦଶମ ଗୁରୁ ଗୋବିନ୍ଦ ସିଂହ ୧୬୭୫ ଖ୍ରୀଷ୍ଟାବ୍ଦରେ ଶିଖମାନଙ୍କୁ ସୈନିକ ଜାତିରେ ପରିଣତ କଲେ । ଗୁରୁ ଗୋବିନ୍ଦ ସିଂହ ପାଟଣାରେ ଜନ୍ମଗ୍ରହଣ କରିଥିଲେ । ଆଜି ପର୍ଯ୍ୟନ୍ତ ଏହାଙ୍କର ଅଖଡ଼ା ପାଟଣାରେ ବିଦ୍ୟମାନ ଅଛି । ସେ ପ୍ରତିଶୋଧ ନେବାର ବିଶେଷ ଚେଷ୍ଟା କରିଥିଲେ । କିନ୍ତୁ ଆରଙ୍ଗଜେବ ତାହାଙ୍କୁ ଅତ୍ୟନ୍ତ ଉତ୍ପୀଡ଼ନ କରିଥିଲେ । ସେ ଏହାଙ୍କଠାରୁ ସମସ୍ତ ଭୂସମ୍ପତ୍ତି କାଢ଼ି ନେଲେ ଓ ଏହାଙ୍କ ସ୍ତ୍ରୀ ବାଳକଙ୍କୁ ହତ୍ୟା କଲେ ।

ଗୁରୁ ଗୋବିନ୍ଦ ସିଂହ

Digitized by srujanika@gmail.com

ବାନ୍ଦା ଶିଖମାନଙ୍କର ଏକାଦଶ ଗୁରୁ ହେଲେ । ଏହାଙ୍କ ସମୟରେ ଶିଖମାନେ ଦିଲ୍ଲୀ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ, କିନ୍ତୁ ଆଓରଙ୍ଗଜେବଙ୍କ ପୁତ୍ର

ବାନ୍ଦା

ବାହାଦୁରସାହା ଏମାନଙ୍କୁ ପରାସ୍ତ କଲେ । ବାନ୍ଦା ମୁସଲମାନମାନଙ୍କ ଉପରେ ପୂର୍ବକୃତ ଅତ୍ୟାଚାରର ପ୍ରତିଶୋଧ ନେଲେ । ଏପରି କି, ଏ ଅନେକଗୁଡ଼ିଏ ମସଜିଦ୍ ଭଗ୍ନ କଲେ । ଅବଶେଷରେ ମୋଗଲ ସମ୍ରାଟ ଫରଖଶିୟର୍ ବାନ୍ଦାଙ୍କୁ ଏକଶତ ସଙ୍ଗୀଙ୍କ ସହିତ ବନ୍ଦୀ କଲେ ଓ ସମସ୍ତଙ୍କୁ ମୁସଲମାନ୍ ହେବାକୁ କହିଲେ । ବାନ୍ଦା ଏଥିରେ ଅସ୍ୱୀକୃତ ହେବାରୁ ସମସ୍ତେ ନିହତ ହେଲେ । ଏହା ପରେ କିଛି ଦିନ ପାଇଁ ଶିଖଶକ୍ତି ଦୁର୍ବଳ ହୋଇ ପଡ଼ିଲା । ଶିଖମାନେ କେତେକ ଦଳରେ ବିଭକ୍ତ ହୋଇ ପଡ଼ିଲେ । ଏ ଦଳମାନଙ୍କୁ ମିସଲ କହନ୍ତି । ଯେତେବେଳେ ଆହାମ୍ମଦ ସାହା ଆବଦାଲି ଭାରତ ଆକ୍ରମଣ କଲେ, ସେତେବେଳେ ଏହି ମିସଲ୍‌ମାନେ ନିଜର ଦୁର୍ଭାଗ୍ୟନିବନ୍ଧନ ସମସ୍ତ କଷ୍ଟ ସହ୍ୟ କରୁଥାଆନ୍ତି । ପାନିପଥର ତୃତୀୟ ଯୁଦ୍ଧ ପରେ ଯେତେ-ବେଳେ ଆବଦାଲି ଭାରତ ପରିତ୍ୟାଗ କଲେ, ସେତେବେଳେ ଶିଖମାନେ ପୁନର୍ବାର ତେଜି ଉଠିଲେ । ଏମାନେ ସମଗ୍ର ପଞ୍ଜାବ ଅଧିକାର କଲେ ।

ଶିଖମାନଙ୍କ ଉତ୍ଥାନ

ଆବଦାଲି ଏମାନଙ୍କୁ ବଶୀଭୂତ କରିବାକୁ କେତେଥର ଚେଷ୍ଟା କଲେ କିନ୍ତୁ ସମର୍ଥ ହେଲେ ନାହିଁ । ଶିଖଶକ୍ତି କ୍ରମଶଃ ବର୍ଦ୍ଧିତ ହେବାକୁ ଲାଗିଲା ଓ ଏମାନେ ପ୍ରବଳ ସୈନିକ ହୋଇ ସମ୍ପୂର୍ଣ୍ଣ ପଞ୍ଜାବରେ ରାଜତ୍ୱ କରିବାକୁ ଲାଗିଲେ । ଏମାନଙ୍କର ପରବର୍ତ୍ତୀ ବିବରଣ ଇଂରେଜ ରାଜ୍ୟର ଇତିହାସ ସହିତ ପ୍ରଦତ୍ତ ହେବ ।

Digitized by srujanika@gmail.com

ତୃତୀୟ ଖଣ୍ଡ

ଇଉରୋପୀୟ ଯୁଗ

ଇଉରୋପୀୟମାନଙ୍କର ଭାରତ ଆଗମନ

ଆମ୍ଭେମାନେ ପୂର୍ବରୁ ଦେଖିଆସିଁ ଯେ ଗ୍ରୀକ୍ ସମ୍ରାଟ ଆଲେକଜାଣ୍ଡର (ଅଲକ୍ଷେନ୍ଦ୍ର) ବା ସିକନ୍ଦର ଖ୍ରୀଷ୍ଟପୂର୍ବ ୩୨୭ ଅବ୍ଦରେ ଭାରତକୁ ଆସିଥିଲେ। ତାହାଙ୍କ ସଙ୍ଗରେ କେତେଜଣ ଲେଖକ ମଧ୍ୟ ଥିଲେ। ସେମାନେ ନିଜ ନିଜ ପୁସ୍ତକରେ ଭାରତବର୍ଷ ସମ୍ବନ୍ଧରେ କିଛି କିଛି ବିଷୟ ଲେଖି ଯାଇଅଛନ୍ତି। ଏତଦ୍‌ବ୍ୟତୀତ ଚନ୍ଦ୍ରଗୁପ୍ତଙ୍କ ରାଜସଭାରେ ସେଲ୍ୟୁକସ୍‌ଙ୍କ ରାଜଦୂତ ମେଗାସ୍ଥିନିସ କେତେକ ବର୍ଷ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ। ମେଗାସ୍ଥିନିସ୍ ଅନେକ କଥା ଲେଖି ଯାଇଅଛନ୍ତି। ଖ୍ରୀଷ୍ଟପୂର୍ବ ୧୧୦ ଅବ୍ଦରେ ରୋମକ ଐତିହାସିକ ପ୍ଲିନି ମଧ୍ୟ ଭାରତବର୍ଷ ଓ ରୋମକମାନଙ୍କ ମଧ୍ୟରେ ବାଣିଜ୍ୟ ସମ୍ବନ୍ଧେ ଅନେକ ବିଷୟ ବିବୃତ କରିଅଛନ୍ତି। ଏହି ସମସ୍ତ ବିବୃତିରୁ ଏହା ନିଶ୍ଚିତରୂପେ ଜଣାଯାଏ ଯେ, ପ୍ରାଚୀନ କାଳରେ ଭାରତ ବହୁ ଉନ୍ନତ ଓ ସମୃଦ୍ଧ ଦେଶ ଥିଲା ଓ ଏଠାର ବଣିକମାନେ ଭୂମଧ୍ୟସାଗର ଉପକୂଳସ୍ଥ ରୋମ ପ୍ରଭୃତି ନଗରମାନଙ୍କ ସହିତ ବାଣିଜ୍ୟ କରୁଥିଲେ। ଭାରତର ଧନ ରତ୍ନର ବର୍ଣ୍ଣନା ସେହି ସବୁ ଦେଶରେ କାହାଣୀ-ରୂପେ ଶୁଣାଯାଉଥିଲା। କେହି କେହି ଭାରତକୁ ସ୍ୱର୍ଣ୍ଣଭୂମି ଓ କେହି ବା ରତ୍ନଭୂମି ଆଖ୍ୟା ଦେଇଥିଲେ। ବାସ୍ତବିକ ଭାରତହିଁ ସ୍ୱର୍ଣ୍ଣପ୍ରସୂ ଥିଲା; କିନ୍ତୁ ରୋମକ-ମାନଙ୍କର ପତନ ଓ ମୁସଲମାନମାନଙ୍କର ଉତ୍ଥାନ ସଙ୍ଗେ ଭାରତର ସାମୁଦ୍ରିକ ବାଣିଜ୍ୟ ବନ୍ଦ ହୋଇଗଲା। ଏହି ସମୟରେ ଭାରତର ଯେପରି ଅବ୍ୟବସ୍ଥା ଘଟିଥିଲା ତାହାର ବିବରଣ ମୁସଲମାନ ଶାସନକାଳର ବିବରଣରେ ପ୍ରଦତ୍ତ ହୋଇଅଛି। ତତ୍କାଳରେ ଭାରତର ବାଣିଜ୍ୟ ସମ୍ବନ୍ଧୀୟ ଆଦାନପ୍ରଦାନ ଓ

ବିଦେଶ ସହିତ ଭାରତବର୍ଷର ସଂଘର୍ଷ

Digitized by srujanika@gmail.com

ଗମନାଗମନ ପାରସ୍ୟ ଓ ଆରବ ପ୍ରଭୃତି ପଶ୍ଚିମ ଏସିଆ ପର୍ଯ୍ୟନ୍ତ ସୀମାବଦ୍ଧ ହୋଇଥିଲା । ଇତି ମଧ୍ୟରେ ଇଉରୋପ ଭାରତର ବିଷୟ ପ୍ରାୟ ବିସ୍ମୃତ ହୋଇଥିଲା, କିନ୍ତୁ ମଧ୍ୟଯୁଗରେ ଇଉରୋପ ଭାରତବର୍ଷ ବିଷୟରେ ପୁଣି ଜାଗ୍ରତ ହେଲା । ପୂର୍ବୋକ୍ତ ଗ୍ରୀକ୍ ଓ ରୋମକ ଲେଖକମାନଙ୍କ ପୁସ୍ତକରେ ଭାରତ ଓ ତାହାର ଅତୁଳ ଧନରତ୍ନର ବିବରଣ ଅବଗତ ହୋଇ ଇଉରୋପୀୟ ଜାତି-ମାନଙ୍କ ପାଟିରୁ ଲାଳ ଗଡ଼ିବାକୁ ଲାଗିଲା, କିନ୍ତୁ କେତେକ ଶତାବ୍ଦୀ ପର୍ଯ୍ୟନ୍ତ ଭାରତକୁ ଗମନାଗମନ ବନ୍ଦ ହୋଇଯାଇ ଥିବାରୁ ସେମାନଙ୍କ ପଥ ଜଣା ନ ଥିଲା । ଭାରତ କେଉଁଠାରେ ଅବସ୍ଥିତ, ଏହା ମଧ୍ୟ କେହି କେହି ଜାଣୁ ନ ଥିଲେ ।

ଭାରତର ସନ୍ଧାନ ନେବାପାଇଁ ଅନେକ ବ୍ୟକ୍ତି ଇଉରୋପରୁ ଯାତ୍ରା କରିଥିଲେ । ସେମାନଙ୍କ ମଧ୍ୟରୁ କେହି ମୃତ ହେଲେ, କେହି ବା ନିରାଶ ହୋଇ ପ୍ରତ୍ୟାବୃତ୍ତ ହେଲେ । କେହି ହେଲେ ସଫଳକାମ ହେଲେ ନାହିଁ । ସ୍ପେନ୍ ଦେଶୀୟ ଜନୈକ ନାବିକ କଲମ୍ବସ୍ ଭାରତ ସନ୍ଧାନରେ ସମୁଦ୍ରଯାତ୍ରା କରି ଯାଇଁ ନାହିଁ ଆମେରିକାରେ ଉପସ୍ଥିତ ହେଲେ । ସେ ତତ୍ସମୀପବର୍ତ୍ତୀ ଦ୍ୱୀପ ସମୂହକୁ ଭାରତ ବୋଲି ସ୍ଥିର କଲେ । ସେକାଳରେ ପାଲଟଣା ଜାହାଜ ପବନ ଗତିରେ ଚାଳିତ ହେଉଥିଲା । ୧୪୯୭ ଖ୍ରୀଷ୍ଟାବ୍ଦରେ ଏହି ଦେଶର ଆଉ ଜଣେ ନାବିକ ଭାସ୍କୋଡ଼ଗାମା ସର୍ବପ୍ରଥମେ ଭାରତବର୍ଷର ଠିକଣା ଲଗାଇଲେ । ସେ ଦକ୍ଷିଣ ଆଫ୍ରିକାର ଉପକୂଳ ଅତିକ୍ରମ କରି ଭାରତର ପଶ୍ଚିମ କୂଳରେ କାଲିକଟଠାରେ ଉପନୀତ ହେଲେ । ସେହି ସ୍ଥାନର ରାଜା ଜାମୋରିନ୍

କଲମ୍ବସ୍

Digitized by srujanika@gmail.com

ଭାସ୍କୋଡ଼ଗାମା

ଭାସ୍କୋଡ଼ଗାମା ତାହାଙ୍କର ଯଥୋଚିତ ଆଦର ଅଭ୍ୟର୍ଥନା କଲେ ଓ ସେହି ସମୟରୁ ପର୍ତ୍ତୁଗୀଜମାନେ ଭାରତ ସହିତ ବାଣିଜ୍ୟ କରିବାକୁ ଆରମ୍ଭ କଲେ । ସେମାନେ କ୍ରମଶଃ କାଲିକଟ୍, ସୁରଟ, ଗୋଆ, ଡାମନ ଓ ଡିଉ ପ୍ରଭୃତି ସ୍ଥାନରେ ବାଣିଜ୍ୟ କୋଠିମାନ ଖୋଲିଲେ ଓ ଇଉରୋପରେ ଭାରତୀୟ ଦ୍ରବ୍ୟାଦିର ବାଣିଜ୍ୟ ନିଜର କରାୟତ୍ତ କଲେ । ଦିନକୁଦିନ ସେମାନଙ୍କର ବାଣିଜ୍ୟରେ ଉନ୍ନତି ହେବାକୁ ଲାଗିଲା ଓ ଇଉରୋପରେ ସେମାନେ ଧନୀ ବୋଲି ପ୍ରସିଦ୍ଧ ହୋଇ ପଡ଼ିଲେ ।

ପର୍ତ୍ତୁଗୀଜ୍ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ କେବଳ ପର୍ତ୍ତୁଗୀଜମାନେ ଭାରତ ସହିତ ବାଣିଜ୍ୟ କରୁଥିଲେ । ସେମାନଙ୍କର ବିଶେଷ ଲାଭ ହେଲା । ସେମାନଙ୍କର ଅସାଧାରଣ ଧନବୃଦ୍ଧି ଦେଖି ଅନ୍ୟାନ୍ୟ ଇଉରୋପୀୟ ଜାତିମାନଙ୍କର ମନରେ ଭାରତ ସହିତ ବାଣିଜ୍ୟ କରିବାର ବାସନା ଜନ୍ମିଲା । କ୍ରମେକ୍ରମେ ଡଚ୍ (ଓଲନ୍ଦାଜ) ଫରାସୀ ଓ ଇଂରେଜମାନେ ଭାରତକୁ ଆଗମନ କଲେ ଓ ସମସ୍ତେ ବାଣିଜ୍ୟ କରିବାକୁ ଆରମ୍ଭ କଲେ, କିନ୍ତୁ ଇଂରେଜମାନଙ୍କର ଭାଗ୍ୟ ସୁପ୍ରସନ୍ନ ହେଲା । ପର୍ତ୍ତୁଗୀଜ ଡେନମାର୍କବାସୀ ଓ ଓଲନ୍ଦାଜ (ହଲାଣ୍ଡବାସୀ) ମାନେ କିଛିଦିନ ପରେ ଦବି ଗଲେ, ଡେନମାର୍କବାସୀମାନେ ଶ୍ରୀରାମପୁରରେ ବାଣିଜ୍ୟକୋଠି ଖୋଲିଲେ । କିଛିଦିନ ପରେ ସେମାନେ ତାହା ଇଂରେଜମାନଙ୍କୁ

Digitized by srujanika@gmail.com

ବନ୍ଦ କରିଦେଇ ଗୃହଗଲେ କିନ୍ତୁ ଫରାସୀମାନଙ୍କୁ ଅନେକକାଳ ପର୍ଯ୍ୟନ୍ତ ଇଂରେଜମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହୋଇଥିଲା । ଅବଶେଷରେ ଫରାସୀମାନେ ମଧ୍ୟ ଦବିଗଲେ ଓ ଇଂଲଣ୍ଡୀୟମାନେ ଜିଣିଲେ ।

ଉପୂବେପର

ପରିଶେଷରେ ଇଂରେଜମାନେ ଭାରତବର୍ଷରେ ବେପାରୀ ହୋଇ କେବଳ ଜାତ ରହିଲେ ନାହିଁ, ଅଧିକନ୍ତୁ ଶାସକରୂପେ ପରିଣତ ହେଲେ ।

ଇଂରେଜମାନଙ୍କ ଭାରତ ଆଗମନ—ଇଂଲଣ୍ଡର କତିପୟ ବଣିକ୍ ଭାରତରେ ବାଣିଜ୍ୟ କରିବାକୁ ଇଚ୍ଛା କଲେ । ଏମାନେ ଇଷ୍ଟ ଇଣ୍ଡିଆ କୋମ୍ପାନୀ ନାମରେ ଗୋଟିଏ ବଣିକ୍ ସଂଘ ଗଠିତ କଲେ ।

ଇଷ୍ଟ ଇଣ୍ଡିଆ କୋମ୍ପାନୀ

୧୬୦୦ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ରାଣୀ ଏଲିଜାବେଥ୍ ସେମାନଙ୍କୁ ଭାରତରେ ବାଣିଜ୍ୟ କରିବାକୁ ଆଜ୍ଞା ଦେଲେ । ସେମାନେ ୧୬୦୮ ଖ୍ରୀଷ୍ଟାବ୍ଦରେ ସୁରଟଠାରେ ଗୋଟିଏ ବାଣିଜ୍ୟ କୋଠି ଖୋଲିଲେ, କିନ୍ତୁ ପର୍ତ୍ତୁଗୀଜମାନେ ସେଠାରେ ବାଣିଜ୍ୟ କରୁଥିଲେ ବୋଲି ସେମାନେ ଇଂରେଜମାନଙ୍କ ଆଗମନରେ ସୁଖ ପାଇଲେ ନାହିଁ । ସେମାନେ ସର୍ବଦା ଇଂରେଜମାନଙ୍କ ବିରୁଦ୍ଧରେ ମୋଗଲ ଦରବାରରେ ଅଭିଯୋଗ ଓ ବାଣିଜ୍ୟ ବ୍ୟାପାରରେ ଉତ୍ପାତ ଆରମ୍ଭ କଲେ । ଏଥିପାଇଁ ଇଂରେଜମାନଙ୍କୁ ପର୍ତ୍ତୁଗୀଜମାନଙ୍କ ସଙ୍ଗେ କେତେଥର ଜଳଯୁଦ୍ଧ କରିବାକୁ ପଡ଼ିଲା । ଏଥିରେ ଇଂରେଜମାନେ ଜୟୀ ହେଲେ ଓ ୧୬୧୨ ଖ୍ରୀଷ୍ଟାବ୍ଦରେ ଜାହାଙ୍ଗୀରଙ୍କ ନିକଟରୁ ସୁରଟରେ ସ୍ଥାୟୀ ଭାବରେ ବାଣିଜ୍ୟକୋଠି ଖୋଲିବାପାଇଁ ଆଜ୍ଞା ଲାଭ କଲେ । କ୍ରମେ ମଛଲିପଟ୍ଟମ୍ ଓ ପାଟଣାରେ ସେମାନଙ୍କର କୋଠିମାନ ଖୋଲା ହେଲା ।

ମାନ୍ଦ୍ରାଜ

୧୬୪୦ ଖ୍ରୀଷ୍ଟାବ୍ଦରେ ସେମାନେ ଚନ୍ଦ୍ରଗିରି ରାଜାଙ୍କଠାରୁ ମାନ୍ଦ୍ରାଜ କିଣି ନେଲେ ଓ ସେଠାରେ ସେମାନେ ସେଣ୍ଟ ଜର୍ଜ ନାମରେ ଗୋଟିଏ କିଲ୍ଲା ନିର୍ମାଣ କଲେ । ପୁଣି ଇଂରେଜମାନେ ୧୬୫୧ ଖ୍ରୀଷ୍ଟାବ୍ଦରେ ହୁଗୁଳିରେ ଗୋଟିଏ କୋଠି ଖୋଲିଲେ । ପର୍ତ୍ତୁଗାଲର ରାଜାଙ୍କଠାରୁ ଇଂରେଜରାଜ ଦ୍ୱିତୀୟ ଚାର୍ଲସ ବୋମ୍ବାଇ ନଗରୀକୁ ଯୌତୁକସ୍ୱରୂପ ପ୍ରାପ୍ତ ହୋଇଥିଲେ । ଉକ୍ତ ରାଜା

ବୋମ୍ବେ

ବାର୍ଷିକ ୧୦ ଟଙ୍କା କର ନେଇ ବୋମ୍ବାଇ ନଗରରେ କୋଠି ଖୋଲିବାପାଇଁ ଇଷ୍ଟଇଣ୍ଡିଆ କୋମ୍ପାନୀଙ୍କୁ ଆଦେଶ ଦେଲେ । ୧୬୬୮ ଖ୍ରୀଷ୍ଟାବ୍ଦରେ କୋମ୍ପାନୀ ବୋମ୍ବାଇରେ କୋଠି ଖୋଲିଲେ ।

Digitized by srujanika@gmail.com

ସମ୍ରାଟ ସାହାଜାହାନଙ୍କ କନ୍ୟାଙ୍କ ଲୁଗାରେ ନିଆଁ ଲାଗିଯିବାରୁ ତାଙ୍କ ଦେହ ପୋଡ଼ି ଯାଇଥିଲା । ବାଉଟନ୍ ନାମକ ଜଣେକ ଇଂରେଜ ଡାକ୍ତରଙ୍କ ଚିକିତ୍ସାରେ ସେ ଆରୋଗ୍ୟ ଲାଭ କଲେ । ଏଥିରେ ସାହାଜାହାନ୍ ପ୍ରସନ୍ନ ହୋଇ ଇଂରେଜମାନଙ୍କୁ ବାଣିଜ୍ୟର ନାନାପ୍ରକାର ସୁବିଧା କରିଦେଲେ ଓ ସେଥିଯୋଗୁଁ ଇଂରେଜଙ୍କ ବାଣିଜ୍ୟ ଦିନକୁଦିନ ଉନ୍ନତି ଲାଭ କଲା । ୧୬୮୫ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ନବାବ ଶାହସ୍ତା ଖାଁଙ୍କ ସହିତ ଇଂରେଜମାନଙ୍କ କଳହ ହେବାରୁ ସେମାନେ ବଙ୍ଗଦେଶରୁ ବିତାଡ଼ିତ ହେଲେ ଓ ସେମାନଙ୍କଠାରୁ ସୁରଟ କୋଠି ଛଡ଼ାଇ ନିଆ ହେଲା । ଏଥିପରେ ଇଂରେଜମାନେ ଜଳଦସ୍ୟୁରୂପେ ସମୁଦ୍ରରେ ଉତ୍ପାତ କରିବାକୁ ଲାଗିଲେ । ଏତଦ୍ଦ୍ୱାରା ବ୍ୟତିବ୍ୟସ୍ତ ହୋଇ ଆଉରଙ୍ଗଜେବ ପୁନରାୟ ଇଂରେଜମାନଙ୍କୁ ଡକାଇ ନେଲେ । ୧୬୯୦ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ବଙ୍ଗଳାର ନବାବଙ୍କଠାରୁ ୧୧୧୫ ଟଙ୍କାରେ କାଲୀଘାଟ, ଗୋବିନ୍ଦପୁର ଓ ସୁତାନଟୀ ନାମକ ତିନୋଟି ଗ୍ରାମ କ୍ରୟ କଲେ ଓ ସେଠାରେ ଗୋଟିଏ କୋଠି ନିର୍ମାଣ କଲେ । ସେହିଠାରେ ୧୬୯୬ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଫୋର୍ଟ ଉଇଲିୟମ୍ ନାମରେ ଦୁର୍ଗ
କଲିକତା ନିର୍ମାଣ କଲେ । ଏହି ତିନୋଟି ଗ୍ରାମ ମିଶି ପରେ କଲିକତା ନଗରୀରୂପେ ପରିଣତ ହେଲା । ଏହା ଭାରତର ସେହିକାଳର ପ୍ରଥମ ନଗରୀ । ଫରୁଖ୍‌ସିୟରଙ୍କ ରାଜତ୍ୱକାଳରେ ଇଂରେଜମାନଙ୍କୁ ଆହୁରି ଅନେକ ସୁବିଧା ମିଳିଲା ଏବଂ ପାଟଣା, ଢାକା ଓ ମୁର୍ଶିଦାବାଦରେ ଏମାନେ କୋଠିମାନ ଖୋଲିଲେ । ଏହିପରି ଇଂରେଜମାନଙ୍କର ବାଣିଜ୍ୟ କ୍ରମେ କ୍ରମେ ବଢ଼ିଲା ।

ଇଂରେଜ ଓ ଫରାସୀଙ୍କ ମଧ୍ୟରେ ଯୁଦ୍ଧ—ଫରାସୀମାନେ ୧୬୦୪ ଖ୍ରୀଷ୍ଟାବ୍ଦରେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ । ପ୍ରଥମେ ସେମାନଙ୍କର ବାଣିଜ୍ୟୋଦ୍ୟମ ସଫଳ ହୋଇ ନ ଥିଲା, କିନ୍ତୁ କ୍ରମଶଃ ସେମାନେ ସୁରଟ, ମାହି, ପଣ୍ଡିଚେରୀ, ଚନ୍ଦନନଗର, ଯୁନାମ୍‌ରେ ବାଣିଜ୍ୟ-
କୁଠି କୋଠିମାନ ନିର୍ମାଣ କଲେ । ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ବହୁଦିନରୁ ଗୃହବିବାଦ ଚଳି ଆସୁଥିଲା । ଫରାସୀ ଅଧିକୃତ ଦେଶସମୂହର

Digitized by srujanika@gmail.com

ଗବର୍ଣ୍ଣର (ଶାସନକର୍ତ୍ତା) ରୂପେ ଆଗତ ଡୁପ୍ଲେ ବଡ଼ ଚତୁର ଓ ଦୂରଦର୍ଶୀ ଥିଲେ । ଇଂରେଜମାନଙ୍କୁ ବିତାଡ଼ିତ କରି ଭାରତରେ ଫରାସୀରାଜ୍ୟ ପ୍ରତିଷ୍ଠା କରିବା ତାଙ୍କର ସଙ୍କଳ୍ପ ଥିଲା । ଏହି ପରିସ୍ଥିତିରେ ୧୭୪୦ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ପୃଥିବୀର ଯେତେ ଯେତେ ସ୍ଥାନରେ ଏହି ଦୁଇ ଜାତି ଅବସ୍ଥାନ କରୁଥିଲେ, ସେହି ସେହି ସ୍ଥାନରେ ମଧ୍ୟ ଇଂରେଜ ଓ ଫରାସୀଙ୍କ ମଧ୍ୟରେ ଯୁଦ୍ଧ ଲାଗିଲା ।

ପ୍ରଥମ କର୍ଣ୍ଣାଟକ ଯୁଦ୍ଧ – ଭାରତରେ ୧୭୪୬ ଖ୍ରୀଷ୍ଟାବ୍ଦରେ ଏହି ଦୁଇ ଜାତି ମଧ୍ୟରେ ଯୁଦ୍ଧ ସଂଘଟିତ ହେଲା । ଫରାସୀ ରାଜ୍ୟର ସୀମା କର୍ଣ୍ଣାଟକ ପର୍ଯ୍ୟନ୍ତ ଲାଗିଥିଲା । ଫରାସୀ ସେନାପତି ଡୁପ୍ଲେ ମାନ୍ଦ୍ରାଜ ଅଧିକାର କଲେ ଓ ସେଠାରୁ ଇଂରେଜମାନଙ୍କୁ ବିତାଡ଼ିତ କଲେ । ଇଂରେଜମାନେ ଆର୍କଟର ନବାବ ଆନୱାରୁଦ୍ଦିନଙ୍କଠାରୁ ସାହାଯ୍ୟ ମାଗିଲେ । ନବାବ ଫରାସୀମାନଙ୍କ ବିରୁଦ୍ଧରେ ଦଶ ସହସ୍ର ସୈନିକ ପ୍ରେରଣ କଲେ । ଡୁପ୍ଲେ ଅତି ଅଳ୍ପସଂଖ୍ୟକ ସୈନ୍ୟ ନେଇ ନବାବଙ୍କ ବୃହତ୍ ସେନାଙ୍କ ସମ୍ମୁଖୀନ ହେଲେ ଓ ସେମାନଙ୍କୁ ପରାଜିତ କରି ବିତାଡ଼ିତ କଲେ । ଏହି ଅନୁଭବରୁ ଡୁପ୍ଲେ ବୁଝି ପାରିଲେ ଯେ, ନବୋତ୍ସାହପ୍ରଣୋଦିତ ଅଳ୍ପସଂଖ୍ୟକ ଇଉରୋପୀୟ ସୈନ୍ୟ ଅନାୟାସରେ ଶୃଙ୍ଖଳାରହିତ ବୃହତ୍ ଭାରତୀୟ ସୈନ୍ୟଦଳର ସମ୍ମୁଖୀନ ହୋଇ ପାରନ୍ତି । ଏହି ଜୟଦ୍ୱାରା ଦାକ୍ଷିଣାତ୍ୟରେ ଫରାସୀଙ୍କ ପ୍ରଭାବ ଦୃଢ଼ ହୋଇଗଲା । ତଦୁପରି ଡୁପ୍ଲେ ଇଂରେଜମାନଙ୍କଠାରୁ ସେଣ୍ଟ ଡେଭିଡ୍ ନାମକ ଦୁର୍ଗ (କଡ୍ଡାଲୋର) ଛଡ଼ାଇ ନେଲେ । କିଛିଦିନ ପରେ ଇଂରେଜମାନଙ୍କୁ ସାହାଯ୍ୟ କରିବାକୁ ବିଲାତରୁ ସୈନ୍ୟଦଳ ଆସି ଉପସ୍ଥିତ ହେଲେ । ଏମାନେ ଫରାସୀମାନଙ୍କୁ ପଣ୍ଡିଚେରୀଠାରେ ଘେରିଲେ; କିନ୍ତୁ ଏହି ନଗରକୁ ଅଧିକାର କରିବାକୁ ଅକ୍ଷମ ହେଲେ । ସୌଭାଗ୍ୟକ୍ରମେ ଏହି ଅବସ୍ଥାରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ସ୍ୱଦେଶରେ ଚାଲିଥିବା ବିରୋଧ ଆପୋଷରେ ମୀମାଂସା ହେଲା । ଅତଏବ ଭାରତରେ ଏମାନଙ୍କ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ ହୋଇଗଲା । ଇଂରେଜମାନେ ଫରାସୀମାନଙ୍କଠାରୁ ମାନ୍ଦ୍ରାଜ ଫେରି ପାଇଲେ । ଏହାକୁ ପ୍ରଥମ କର୍ଣ୍ଣାଟକଯୁଦ୍ଧ ବୋଲାଯାଏ ।

ଫରାସୀମାନଙ୍କ ପ୍ରଭାବ

Digitized by srujanika@gmail.com

ଦ୍ୱିତୀୟ କର୍ଣ୍ଣାଟକ ଯୁଦ୍ଧ—ଡୁପ୍ଲେ ଏହି ସନ୍ଧିରେ ସନ୍ତୁଷ୍ଟ ହେଲେ ନାହିଁ । ପୂର୍ବ ଯୁଦ୍ଧର ଫଳସ୍ୱରୂପ ତାହାଙ୍କର ଉତ୍ସାହ ବଢ଼ିଯାଇଥିଲା । ସେ ସମଗ୍ର ଭାରତବର୍ଷରୁ ଇଂରେଜମାନଙ୍କୁ ବିତାଡ଼ିତ କରିବାକୁ ଇଚ୍ଛା କରୁଥିଲେ । ଅତଏବ ସେ ପୁନର୍ବାର ଛିଦ୍ର ଅନ୍ୱେଷଣ କରିବାକୁ ଲାଗିଲେ । ଶୀଘ୍ର ତାଙ୍କୁ ଉକ୍ତ ସୁଯୋଗ ମିଳିଗଲା । ୧୭୪୮ ଖ୍ରୀଷ୍ଟାବ୍ଦରେ ହାଇଦ୍ରାବାଦର ନିଜାମ ଆସଫଜାଙ୍କର ମୃତ୍ୟୁ ହେଲା । ତାହାଙ୍କର ଦ୍ୱିତୀୟପୁତ୍ର ନାସିରଜଙ୍ଗ୍ ସିଂହାସନାରୋହଣ କଲେ । କିନ୍ତୁ ତାହାଙ୍କର ଦୌହିତ୍ର ମୁଜଫରଜଙ୍ଗ୍ ସିଂହାସନ ପାଇଁ ଦାବୀଦାର ହେଲେ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା । ଇତିମଧ୍ୟରେ ମୁଜଫରଜଙ୍ଗଙ୍କ ବନ୍ଧୁ ଚନ୍ଦା-ସାହେବ ସ୍ୱୟଂ ଅନୱରଉଦ୍ଦିନଙ୍କ ବଦଳରେ କର୍ଣ୍ଣାଟକର ନବାବଙ୍କର ଉତ୍ତରାଧିକାରୀ ଥିବାର ଘୋଷଣା କଲେ । ଡୁପ୍ଲେ ମୁଜଫର ଓ ଚନ୍ଦାସାହେବଙ୍କୁ ସାହାଯ୍ୟ କଲେ । ଫରାସୀସେନା ଉକ୍ତ ଦୁଇସେନାଙ୍କ ସଙ୍ଗେ ଆର୍କଟରେ ଉପନୀତ ହେଲେ ଓ ଅମ୍ବୁରଠାରେ ଫରାସୀସେନା ଓ ନବାବଙ୍କ ସେନାଙ୍କର ଯୁଦ୍ଧ ହେଲା । ସେହି ଯୁଦ୍ଧରେ ଫରାସୀସେନାପତି ବୁସୀ ନବାବଙ୍କ ସେନାଙ୍କୁ ପରାସ୍ତ କଲେ । ନବାବ ଅନୱରଉଦ୍ଦିନ ନିଜ ଜ୍ୟେଷ୍ଠ ପୁତ୍ରଙ୍କ ସହିତ ନିହତ ହେଲେ । ତାହାଙ୍କର ଦ୍ୱିତୀୟପୁତ୍ର ମହମ୍ମଦ ଅଲି ପଳାୟନ କରି ଇଂରେଜ-ମାନଙ୍କର ଶରଣାପନ୍ନ ହେଲେ । ଚନ୍ଦାସାହେବ ଆର୍କଟରେ ନବାବପଦରେ ପ୍ରତିଷ୍ଠିତ ହେଲେ । ଡୁପ୍ଲେ ନାସିରଜଙ୍ଗଙ୍କୁ ପରାସ୍ତ କରି ମୁଜଫରଜଙ୍ଗଙ୍କୁ ନିଜାମ ପଦରେ ପ୍ରତିଷ୍ଠିତ କଲେ ଓ ଫ୍ରାନ୍ସର ପ୍ରତିପତ୍ତିକୁ ସୁଦୃଢ଼ କଲେ । ଏଣେ ଫରାସୀଙ୍କ ବିପକ୍ଷତାଚରଣ କରିବାକୁ ଇଂରେଜମାନଙ୍କର ଆବଶ୍ୟକ ହେଲା । ଏଥିପାଇଁ ସେମାନେ ନାସିରଜଙ୍ଗ ଓ ମହମ୍ମଦ ଅଲିଙ୍କର ପକ୍ଷ ନେଲେ । ଫଳରେ ୧୭୫୦ ଖ୍ରୀଷ୍ଟାବ୍ଦରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଦ୍ୱିତୀୟ ଯୁଦ୍ଧ ଆରମ୍ଭ ହେଲା । ଏହାହିଁ ଦ୍ୱିତୀୟ କର୍ଣ୍ଣାଟକ ଯୁଦ୍ଧ ନାମରେ ବିଖ୍ୟାତ । ୧୭୫୪ ଖ୍ରୀଷ୍ଟାବ୍ଦରେ ଏହି ଯୁଦ୍ଧର ବିରାମ ହେଲା ।

ଚନ୍ଦାସାହେବ

ନାସିରଜଙ୍ଗ ଇଂରେଜମାନଙ୍କର ସହାୟତା ଲାଭକରି ଆର୍କଟ ଆକ୍ରମଣ କଲେ । ସେ ଚନ୍ଦାସାହେବଙ୍କୁ ପରାସ୍ତ କରି ମହମ୍ମଦ ଅଲିଙ୍କୁ ଆର୍କଟର ନବାବ

Digitized by srujanika@gmail.com

୧୭୫୦ । ମୂଷାଧାରେଷବ ପଣ୍ଡିଚେରୀକୁ ପଳାୟନ କଲେ । ଏହାପରେ ନାସିର୍‌ଜଙ୍ଗ୍ ନିଜ ପ୍ରତିଦ୍ୱନ୍ଦୀ ମୁଜଫରଜଙ୍ଗଙ୍କୁ ବନ୍ଦୀ କଲେ । ଇଂରେଜମାନେ ନାସିର୍‌ଜଙ୍ଗଙ୍କୁ ନିଜାମ ସିଂହାସନରେ ବସାଇବାକୁ ଉପକ୍ରମ କରୁଅଛନ୍ତି ଏହି ସମୟରେ ସେ ମୃତ୍ୟୁମୁଖରେ ପତିତ ହେଲେ । ଡୁପ୍ଲେ ପୁନର୍ବାର ଚନ୍ଦାସାହେବଙ୍କୁ କର୍ଣ୍ଣାଟର ନବାବପଦରେ ପ୍ରତିଷ୍ଠିତ କଲେ । ମହମ୍ମଦଅଲି ପଳାଇଯାଇ ତ୍ରିଚିନାପଲ୍ଲୀରେ ଆଶ୍ରୟ ନେଲେ । ଫରାସୀସୈନ୍ୟ ସେଠାକୁ ମଧ୍ୟ ଯାଇ ତାହାଙ୍କୁ ଘେରିଲେ । ମହମ୍ମଦଅଲି ବଡ଼ ସଙ୍କଟରେ ପଡ଼ିଲେ । ଯେତେବେଳେ ଫରାସୀମାନେ ମୁଜଫରଜଙ୍ଗଙ୍କୁ ନିଜାମ ଗାଦିରେ ବସାଇବାକୁ ଇଚ୍ଛା ପୋଷଣ କରୁଥିଲେ, ସେ ମଧ୍ୟ ସେତେବେଳେ ମୃତ୍ୟୁମୁଖରେ ପତିତ ହେଲେ । ଫରାସୀ ସେନାପତି ବୁସୀ ଆସଫ୍‌ଜାଙ୍କର କନିଷ୍ଠ ପୁତ୍ର ସଲାବତ୍‌ଜଙ୍ଗଙ୍କୁ ନିଜାମ ପଦରେ ପ୍ରତିଷ୍ଠିତ କଲେ । ସଲାବତ୍ ଚନ୍ଦାସାହେବଙ୍କୁ କର୍ଣ୍ଣାଟର ନବାବ ବୋଲି ସ୍ୱୀକାର କଲେ ଏବଂ ଡୁପ୍ଲେ କୃଷ୍ଣାନଦୀଠାରୁ ଆରମ୍ଭ କରି କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ସମସ୍ତ ପ୍ରଦେଶର ଶାସକ ନିଯୁକ୍ତ ହେଲେ । ଏହି ସମୟରେ ଇଂରେଜମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା ଏବଂ ଫରାସୀମାନେ ସବୁ ଦିଗରେ ଆପଣା କାର୍ଯ୍ୟରେ ସାଫଲ୍ୟ ଲାଭ କରି ଏତେ ଗର୍ବସ୍ଫୀତ ହୋଇ ଉଠିଲେ, ସତେ ଯେପରି ସେମାନେ ଇଂରେଜ-ମାନଙ୍କୁ ଭାରତରେ ଆଉ ରହିବାକୁ ଦେବେ ନାହିଁ ବୋଲି ଜଣାଗଲା ।

ଫରାସୀମାନଙ୍କ ସଫଳତା

ରବର୍ଟ୍ କ୍ଲାଇଭ୍—ସୌଭାଗ୍ୟବଶତଃ ଇଷ୍ଟଇଣ୍ଡିଆ କୋମ୍ପାନି ଅଫିସ୍‌ରେ ରବର୍ଟ କ୍ଲାଇଭ୍ ନାମରେ ଜଣେ ପ୍ରତିଭାଶାଳୀ ନବଯୁବକ କିରାଣି କାର୍ଯ୍ୟ କରୁଥିଲେ । ବାଲ୍ୟାବସ୍ଥାରୁ କ୍ଲାଇଭ୍ ଅତ୍ୟନ୍ତ ସାହସୀ ଥିଲେ ସେ ଆପଣା ର ଜାତିର ପ୍ରତିଷ୍ଠା ଲୁପ୍ତ ହେଉଥିବାର ଦେଖି ମସୀ କଲମ ପରିବର୍ତ୍ତିରେ ଅସି ବଲମ ଧାରଣ କରିବା ସମୀଚୀନ ବୋଧ କଲେ । ସେ ଦେଖିଲେ ଯେ, ମହମ୍ମଦଅଲିଙ୍କୁ ତ୍ରିଚିନାପଲ୍ଲୀରୁ ଅପସୃତ କରିବା କଠିନ, କିନ୍ତୁ ତାହାଙ୍କୁ ଅପସୃତ କରିବାର ଉପାୟ ଅଲ୍ପାୟାସସାଧ୍ୟ ! ଚନ୍ଦାସାହେବ ସେତେବେଳେ ମହମ୍ମଦଅଲିଙ୍କୁ ତ୍ରିଚିନାପଲ୍ଲୀରେ ଘେରି ରହିଥିଲେ ଏବଂ ତାଙ୍କ ନିଜ ରାଜଧାନୀ ଆର୍କଟ ସେତେବେଳେ ଶୂନ୍ୟ ପଡ଼ି ରହିଥିଲା । ଏପରି ସୁଯୋଗରେ ସର୍ବ ପ୍ରଥମେ ଆର୍କଟ

କ୍ଲାଇଭଙ୍କ ବୁଦ୍ଧିମତ୍ତା

Digitized by srujanika@gmail.com

ଆକ୍ରମଣ କରିବା ଯୁକ୍ତିଯୁକ୍ତ ବୋଲି କ୍ଲାଇବ୍ ସ୍ଥିର କଲେ । ଆର୍କଟ ଆକ୍ରମଣର ପ୍ରତିରୋଧ କରିବା ନିମିତ୍ତ ଚନ୍ଦାସାହେବ ଅବଶ୍ୟ କେତେକ ସୈନ୍ୟ ତ୍ରିଚିନା-ପଲ୍ଲୀରୁ ପ୍ରେରଣ କରିବେ ଏବଂ ତାହାହେଲେ ତ୍ରିଚିନାପଲ୍ଲୀକୁ ଅଧିକାର କରି ମହମ୍ମଦଅଲିଙ୍କୁ ମୁକ୍ତ କରିବା କ୍ଲାଇବଙ୍କ ପକ୍ଷରେ ଖୁବ୍ ସହଜ ହେବ ବୋଲି କ୍ଲାଇବ ବିଚାରିଲେ । ସମସ୍ତେ ତାହାଙ୍କର ଏହି ପ୍ରସ୍ତାବକୁ ଅନୁମୋଦନ କଲେ । ସେ କେବଳ ମାତ୍ର ତିନି ଶହ ଦେଶୀ ସୈନ୍ୟ ଓ ଦୁଇ ଶହ ଇଂରେଜ ସୈନ୍ୟ ନେଇ ଆର୍କଟ ଅଭିମୁଖରେ ଯାତ୍ରା କଲେ । ଅନାୟାସରେ ଆର୍କଟ ଅଧିକାର କଲେ । ଚନ୍ଦାସାହେବ ସ୍ୱୀୟ ପୁତ୍ର ରଜାସାହେବଙ୍କୁ ଦଶ ସହସ୍ର ସୈନ୍ୟ ସମଭିବ୍ୟାହାରରେ ଆର୍କଟକୁ ମୁକ୍ତ କରିବା ପାଇଁ ପ୍ରେରଣ କଲେ । କ୍ଲାଇବଙ୍କୁ ୫୩ଦିନ ପର୍ଯ୍ୟନ୍ତ ଆର୍କଟ ଅବରୋଧ କରିବାକୁ ପଡ଼ିଲା । ସେନାଙ୍କର ରସଦ (ଖାଦ୍ୟ ସାମଗ୍ରୀ) ନିଃଶେଷ ହୋଇ ଆସିଲା ଓ ସୈନ୍ୟମାନେ ମୃତପ୍ରାୟ ହୋଇ ପଡ଼ିଲେ । ଏପରି ହୋଇ ସୁଦ୍ଧା କ୍ଲାଇବ ଦୁର୍ଗ ଅବରୋଧ ଛାଡ଼ିଲେ ନାହିଁ । ରଜାସାହେବ ବିଫଳ ହୋଇ ବାହୁଡ଼ି ଗଲେ, କ୍ଲାଇବ ଆର୍କଟରୁ ବାହାରି ତ୍ରିଚିନାପଲ୍ଲୀ ଅଭିମୁଖରେ ଅଗ୍ରସର ହେଲେ । ସେ ମହାରାଷ୍ଟ୍ରମାନଙ୍କ

ଫରାସୀମାନଙ୍କ ପରାଜୟ

ନିକଟରୁ ମହୀଶୂରରୁ ଓ ବିଲ୍ଲତରୁ ମଧ୍ୟ ସାମାନ୍ୟ ସାହାଯ୍ୟ ଲାଭ କଲେ । ଚନ୍ଦାସାହେବ ଯୁଦ୍ଧରେ ପରାଜିତ ହୋଇ, ତାଞ୍ଜୋରକୁ ପଳାଇ ଯାଇ ସେଠାରେ ପଞ୍ଚତ୍ୱପ୍ରାପ୍ତ ହେଲେ । ଏହାପରେ ଆର୍କଟ ଇଂରେଜମାନଙ୍କର ହସ୍ତଗତ ହେଲା ଏବଂ ଫରାସୀମାନଙ୍କୁ ସକଳ ଆଶାରେ ଜଳାଞ୍ଜଳି ଦେବାକୁ ହେଲା ।

ଇଂରେଜମାନେ ମହମ୍ମଦଆଲିଙ୍କୁ କର୍ଣ୍ଣାଟରେ ନାବାବପଦରେ ବସାଇଲେ । ସେମାନେ ସଲାବତଜଙ୍ଗଙ୍କୁ ନିଜାମ ବୋଲି ସ୍ୱୀକାର କଲେ । ଇଂରେଜ ଗଭର୍ଣ୍ଣମେଣ୍ଟ ଫରାସୀ ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ଡୁପ୍ଲେଙ୍କର ବିରୁଦ୍ଧରେ ନାନା-ପ୍ରକାର ଅଭିଯୋଗ ଅଗତ କଲେ । ଫରାସୀ ଗଭର୍ଣ୍ଣମେଣ୍ଟ ଡୁପ୍ଲେଙ୍କ ଉଦ୍ଦେଶ୍ୟ ବୁଝିବାକୁ ସମ ହେଲେ ନାହିଁ, ଅତଏବ ସେମାନେ ଡୁପ୍ଲେଙ୍କୁ ସ୍ୱଦେଶକୁ ବାହୁଡ଼ି ଯିବାକୁ ଆଦେଶ ଦେଲେ । ପୁନର୍ବାର ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ସନ୍ଧି ସ୍ଥାପିତ ହେଲା ଏବଂ ଏହା ମଧ୍ୟ ସ୍ଥିର ହେଲା ଯେ, ଅତଃପର ସେମାନେ

Digitized by srujanika@gmail.com

ଏତଦ୍ଦେଶୀୟ ରାଜାମାନଙ୍କ ବିବାଦରେ ହସ୍ତକ୍ଷେପ କରିବେ ନାହିଁ ଏବଂ ଆପଣା ଆପଣାର ବ୍ୟବସାୟ ବାଣିଜ୍ୟ ଯେଝାର ସୁବିଧା ଅନୁସାରେ ଚଳାଇବେ । ଦାକ୍ଷିଣାତ୍ୟରେ ଫରାସୀମାନଙ୍କର ପ୍ରତିଷ୍ଠା ଜମି ପାଇଥିଲା, କିନ୍ତୁ ଡୁପ୍ଲେ ଚାଲିଯିବାରୁ ଏହା ଅଧିକ ଦିନ ତିଷ୍ଠି ପାରିଲା ନାହିଁ, ଏଣୁ ଇଂରେଜମାନଙ୍କୁ ସ୍ୱୀୟ ପ୍ରଭାବ ଜମାଇବା ଓ ବିସ୍ତାର କରିବାର ସୁବର୍ଣ୍ଣ ସୁଯୋଗ ମିଳିଗଲା ।

ତୃତୀୟ କର୍ଣ୍ଣାଟକ ଯୁଦ୍ଧ—ଏହି ଶାନ୍ତି ବେଶି ଦିନ ସ୍ଥାୟୀ ହେଲା ନାହିଁ । ପୁନର୍ବାର ୧୭୫୬ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ଏବଂ ଏହି କାରଣରୁ ଭାରତରେ ମଧ୍ୟ ଯୁଦ୍ଧ ଲାଗିଲା । କ୍ଲାଇବ୍ ଫରାସୀମାନଙ୍କ ଅଧିକୃତ ଚନ୍ଦନନଗର ଅଧିକାର କଲେ । ଏଣୁ ଫରାସୀ ଗଭର୍ଣ୍ଣମେଣ୍ଟ କାଉଣ୍ଟ ଲାଲି ନାମକ ସେନାପତିଙ୍କୁ ଭାରତବର୍ଷକୁ ପ୍ରେରଣ କଲେ । ସେ ଇଂରେଜମାନଙ୍କ ସେଣ୍ଟ ଡେଭିଡ୍ ଓ କତିପୟ ଛୋଟ ଛୋଟ ସ୍ଥାନ ଅଧିକାର କଲେ । ପୁଣି ସେ ତାଞ୍ଜୋର ଅଧିକାର କରିବାକୁ ଚେଷ୍ଟା କଲେ, କିନ୍ତୁ ସଫଳକାମ ହୋଇ ପାରିଲେ ନାହିଁ । ଅତଃପର ଲାଲି ସ୍ୱୀୟ ସାହାଯ୍ୟ ନିମିତ୍ତ ଉତ୍ତର ସରକାରରୁ ବୁସୀଙ୍କୁ ଡକାଇଲେ । ପ୍ରଥମେ ବୁସୀ ଆସିବାକୁ ଇଚ୍ଛୁକ ନ ଥିଲେ, କିନ୍ତୁ କାଉଣ୍ଟ ଲାଲି ଜିଦ୍ କରିବାରୁ ବୁସୀଙ୍କୁ ଆସିବାକୁ ପଡ଼ିଲା । ବୁସୀ ଚାଲିଆସିବାରୁ ଉତ୍ତର ସରକାରରେ ଫରାସୀମାନଙ୍କର ବଳ କ୍ଷୀଣ ହୋଇଗଲା । କ୍ଲାଇବ୍ ଏହି ସୁଯୋଗର ସଦ୍‌ବ୍ୟବହାର କରି ପ୍ରଦେଶକୁ ଇଂରେଜାଧୀନ କରିବା ପାଇଁ ସଂକଳ୍ପ କଲେ । ସେ ସେନାପତି ଫୋର୍ଡଙ୍କୁ ଉତ୍ତରସରକାର ଅଧିକାର କରିବାପାଇଁ ପ୍ରେରଣ କଲେ । ଉତ୍ତରସରକାର ଅନାୟାସରେ ଇଂରେଜ-ମାନଙ୍କ ହସ୍ତଗତ ହେଲା ଏବଂ ଉତ୍ତରସରକାରରୁ ଫରାସୀମାନେ ବିତାଡ଼ିତ ହେଲେ । ତେଣେ ବୁସୀଙ୍କ ସହାୟତା ଲାଭ କରି ଲାଲି ମାନ୍ଦ୍ରାଜ ଆକ୍ରମଣ କଲେ, କିନ୍ତୁ ତାହା ଅଧିକାର କରିବାକୁ କ୍ଷମ ହେଲେ ନାହିଁ । ଅଧିକନ୍ତୁ ଲାଲିଙ୍କ ପଣ୍ଡିଚେରୀ ଆଡ଼କୁ ହଟିଆସିବାକୁ ପଡ଼ିଲା । ଏହାପରେ ୧୭୬୦ ଖ୍ରୀଷ୍ଟାବ୍ଦରେ ସେମାନେ ୱାଣ୍ଡିବାସ ଆକ୍ରମଣ କଲେ । ଇଂରେଜ ସେନାପତି

ଉତ୍ତର ସରକାରର ଅଧିକାର

Digitized by srujanika@gmail.com

ସର୍ ଆୟାରକୁଟ ଏହି ସ୍ଥାନକୁ ରକ୍ଷା କରୁଥିଲେ । ଇଂରେଜ ସେନାପତି ଅଶେଷ ବୀରତ୍ୱର ସହିତ ଲାଲୀଙ୍କର ସମ୍ମୁଖୀନ ହେଲେ । ଲାଲୀ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହେଲେ ଏବଂ ବୁସୀ ବନ୍ଦୀ ହେଲେ । ପୁନର୍ବାର ଇଂରେଜମାନେ ପଣ୍ଡିଚେରୀକୁ ଆକ୍ରମଣ କରି ତାହା ଅଧିକାର କଲେ ଏବଂ ଲାଲୀଙ୍କୁ ବନ୍ଦୀ କଲେ । ଏଥିରେ ଭାରତବର୍ଷରୁ ଫରାସୀ ଶକ୍ତିର ବଳ ଏପରି କମିଗଲା ଯେ, ସେମାନେ ଆଉ ଏକତ୍ର ହୋଇ ପାରିଲେ ନାହିଁ । ଏହି ସବୁ ଭ୍ରମ ନିମନ୍ତେ ଲାଲୀ ସମ୍ପୂର୍ଣ୍ଣ ଦାୟୀ । ଲାଲୀଙ୍କ ଉପରେ ଫରାସୀମାନେ ଏତେଦୂର କ୍ରୁଦ୍ଧ ହେଲେ ଯେ, ଯୁଦ୍ଧ ଅବସାନ ପରେ ଲାଲୀ ବନ୍ଦୀଶାଳାରୁ ମୁକ୍ତିଲାଭ କଲାରୁ ତାହାଙ୍କୁ ହତ୍ୟା କରାଇ ଫରାସୀମାନଙ୍କ ମନ ଶାନ୍ତ ହେଲା । ୧୭୬୩ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହେଲା । ଇଂରେଜମାନେ ଉତ୍ତର ସରକାର ବ୍ୟତୀତ ଫରାସୀଙ୍କଠାରୁ ଦଖଲ କରି ନେଇଥିବା ଅପର ସ୍ଥାନସମୂହ ଫରାସୀମାନଙ୍କୁ ଫେରାଇ ଦେଲେ । ଏହା ପରେ ଫରାସୀମାନେ ଶାନ୍ତ ସହକାରେ ବାଣିଜ୍ୟରେ ଲାଗିଲେ, କିନ୍ତୁ ସେମାନଙ୍କର ଶକ୍ତି ଆଉ ବୃଦ୍ଧି ପାଇଲା ନାହିଁ । ଏବେ ମଧ୍ୟ ଭାରତବର୍ଷରେ ପଣ୍ଡିଚେରୀ, ଚନ୍ଦନନଗର, ମାଂହି ପ୍ରଭୃତି ସାମାନ୍ୟ କେତେଗୋଟି ସ୍ଥାନ ଫରାସୀମାନଙ୍କ ଅଧିକାରରେ ଅଛି ।

ଇଂରେଜମାନଙ୍କ କର୍ତ୍ତୃକ ବଙ୍ଗଳା ଅଧିକାର— ପୂର୍ବେ କୁହାଯାଇଅଛି ଯେ, ଆଓରଙ୍ଗଜେବଙ୍କ ମୃତ୍ୟୁର ଅଳ୍ପ କାଳ ମଧ୍ୟରେ ଦେଶରେ ସର୍ବତ୍ର ଅରାଜକତା ଘୋଟିଗଲା ଏବଂ ବଙ୍ଗଳାର ନବାବ ଅଲିବର୍ଦ୍ଦି ଖାଁ ଦିଲ୍ଲୀକୁ କର ପଠାଇବା ବନ୍ଦ କରିଦେଲେ । ଅଲିବର୍ଦ୍ଦି ସ୍ୱାଧୀନ ଭାବରେ ବଙ୍ଗଳା, ବିହାର ଓ ଓଡ଼ିଶା ଶାସନ କରିବାକୁ ଲାଗିଲେ । ମରହଟ୍ଟା ସୈନ୍ୟ ବାରମ୍ବାର ବଙ୍ଗଳା ଆକ୍ରମଣ କରୁଥାଆନ୍ତି ଏବଂ ଅଲିବର୍ଦ୍ଦି ଖାଁ ସେମାନଙ୍କର ଗତିରୋଧ କରୁଥାଆନ୍ତି, କିନ୍ତୁ ଅବଶେଷରେ ୧୭୫୧ ଖ୍ରୀଷ୍ଟାବ୍ଦରେ ସେ ବାଧ୍ୟ ହୋଇ ମରହଟ୍ଟାମାନଙ୍କୁ ଓଡ଼ିଶା ଛାଡ଼ିଦେଲେ ଓ ସେମାନଙ୍କୁ ବାର୍ଷିକ ୧୨ ଲକ୍ଷ ଟଙ୍କା କର ଦେବାକୁ ସ୍ୱୀକୃତ ହେଲେ । ସେହି ସମୟରୁ ସେ ଶାନ୍ତିପୂର୍ବକ ଚତୁରତା ସହକାରେ ଶାସନ କରିବାକୁ ଲାଗିଲେ ।

Digitized by srujanika@gmail.com

ସେ ଜୀବିତ ଥିବା ପର୍ଯ୍ୟନ୍ତ ଇଂରେଜମାନଙ୍କର କୌଣସି ଉନ୍ନତି ଘଟିଲା ନାହିଁ । ୧୭୫୬ ଖ୍ରୀଷ୍ଟାବ୍ଦରେ ତାହାଙ୍କର ମୃତ୍ୟୁ ହେବାରୁ ତାହାଙ୍କର ଦୌହିତ୍ର ସିରାଜୁଦ୍ଦୌଲା ସିଂହାସନାରୋହଣ କଲେ ।

ସିରାଜୁଦ୍ଦୌଲା ନବୀନ ଯୁବକ ଥିଲେ । ସେ ଇଂରେଜମାନଙ୍କୁ ଦେଖି ପାରୁ ନ ଥିଲେ । ଯେଉଁ ସମୟରେ ଦାକ୍ଷିଣାତ୍ୟରେ ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ ଯୁଦ୍ଧ ଚଳୁଥାଏ, ଇଂରେଜମାନେ ଭୀତ ହୋଇ କଲିକତାରେ ଫୋର୍ଟ-ଉଇଲିୟମ୍ ଦୁର୍ଗକୁ ବର୍ଦ୍ଧିତ କରି ଦୃଢ଼ କରିବାକୁ ଲାଗିଲେ । ଇଂରେଜମାନଙ୍କର ଏ କାର୍ଯ୍ୟକୁ ସିରାଜୁଦ୍ଦୌଲା ରୋକିଲେ । ଇଂରେଜମାନେ ଉତ୍ତର କଲେ ଯେ ସେମାନେ କୌଣସି ନୂଆ କାମ କରୁ ନାହାନ୍ତି, ବରଂ ପୁରାତନ ଦୁର୍ଗର କେବଳ ମରାମତି କରି ଯାଉଅଛୁ । ଇଂରେଜଙ୍କର ଏହି ଉତ୍ତରରେ ସିରାଜ ସନ୍ତୁଷ୍ଟ ହେଲେ ନାହିଁ । ସେ ଗୋଟିଏ ବୃହତ୍ ସୈନ୍ୟଦଳ ନେଇ କଲିକତା ବିରୋଧରେ ଯୁଦ୍ଧଯାତ୍ରା କଲେ ଓ ବାଟରେ ସେ ଇଂରେଜମାନଙ୍କ କୋଠିକୁ ଲୁଟି ନେଲେ ।

ବ୍ଲାକ୍ ହୋଲ୍

ସେତେବେଳେ କଲିକତାରେ ଡ୍ରେକ୍ ସାହେବ ଥିଲେ । ତାଙ୍କ ନିକଟରେ ଅଳ୍ପ ସଂଖ୍ୟକ ମାତ୍ର ସୈନ୍ୟ ଥିଲେ । ଏଣୁ ସେ ନୌକାରୋହଣ କରି ଗୁପ୍ତପଥ ଦେଇ ପଳାଇଲେ ଓ ନବାବ ଦୁର୍ଗ ଅଧିକାର କଲେ । କଥିତ ଅଛି ଯେ, ତାହାଙ୍କର ପାର୍ଶ୍ୱଚର ମାଣିକଚନ୍ଦ୍ରଙ୍କ ଭ୍ରମବଶତଃ ୧୪୬ ଜଣ ଇଂରେଜ ଗୋଟିଏ କୋଠରି ମଧ୍ୟରେ ଆବଦ୍ଧ ହେଲେ ଓ ସେମାନଙ୍କ ମଧ୍ୟରୁ ୧୨୩ ଜଣ ସେହି ରାତ୍ରି ମଧ୍ୟରେ ମୃତ୍ୟୁମୁଖରେ ପତିତ ହୋଇଥିଲେ । ଏହି ଘଟଣା ବ୍ଲାକ୍‌ହୋଲ୍ ବା ଅନ୍ଧକୂପ ହତ୍ୟା ନାମରେ ଅଭିହିତ; କିନ୍ତୁ ଏହାର ସତ୍ୟତାକୁ ଅଧୁନା ଐତିହାସିକମାନେ ସନ୍ଦେହ କରୁଅଛନ୍ତି ।

କ୍ଲାଇବ୍ ଓ ୱାଟସନ୍ ସେ ସମୟରେ ମାନ୍ଦ୍ରାଜରୁ ଯାତ୍ରା କରି କଲିକତାକୁ ଆସୁଥିଲେ । ଫୋର୍ଟଉଇଲିୟମ୍ ଦୁର୍ଗ ନବାବଙ୍କ ଅଧିକୃତ ହେବାର ଖବର ପାଇ ସେ ଦୁହେଁ ଅଗ୍ନିଶର୍ମା ହୋଇ ଉଠିଲେ । ସେମାନେ ଆସି ବଜ୍‌ବଜ୍ ଓ କଲିକତା ଅଧିକାର କଲେ ଏବଂ ହୁଗୁଳି ନଗରକୁ ତୋପ ଦ୍ୱାରା ଉଡ଼ାଇ ଦେଲେ । ଦମଦମା ନିକଟରେ ନବାବ ସୈନ୍ୟଙ୍କ ସହିତ

Digitized by srujanika@gmail.com

ସେମାନଙ୍କ ଲଢ଼େଇ ହେଲା । ସିରାଜ୍ ପରାଜିତ ହେଲେ ଏବଂ ଭୀତ ହୋଇ ସନ୍ଧି ସ୍ଥାପନ କଲେ । ଏହି ସମୟରେ ତୃତୀୟ କର୍ଣ୍ଣାଟକ ଯୁଦ୍ଧ ଆରମ୍ଭ ହୋଇଥିଲା । ସିରାଜଦ୍ଦୌଲା ଗୋପନ ଭାବରେ ଫରାସୀମାନଙ୍କଠାରୁ ସାହାଯ୍ୟ ପାଇବାପାଇଁ ଚେଷ୍ଟା କରିବାକୁ ଲାଗିଲେ ।

ସିରାଜଦ୍ଦୌଲା

ପଲାସୀ ଯୁଦ୍ଧ—କ୍ଲାଇବଙ୍କୁ ସିରାଜୁଦ୍ଦୌଲାଙ୍କର ଏହି କୌଶଳପୂର୍ଣ୍ଣ ଚେଷ୍ଟାର ସମ୍ବାଦ ମିଳିଗଲା । ସିରାଜ୍-ଦ୍ଦୌଲାଙ୍କ ବିପକ୍ଷରେ ନବାବଙ୍କର କେତେଜଣ ସଭାସଦ ଷଡ଼ଯନ୍ତ୍ର କଲେ । କ୍ଲାଇବ୍ ସେମାନଙ୍କ ସହିତ ଯୋଗ ଦେଲେ ଓ ସିରାଜଙ୍କ ସେନାପତି ମୀର ଜାଫରଙ୍କୁ ନବାବ କରିଦେବେ ବୋଲି ବଚନ ଦେଇ ଯୁଦ୍ଧରେ ତାହାଙ୍କ ସହାୟତା ଲୋଡ଼ିଲେ । କ୍ଲାଇବ ନବାବଙ୍କୁ ଲେଖି ପଠାଇଲେ ଯେ ଆପଣ ଏ ପର୍ଯ୍ୟନ୍ତ କଲିକତାରେ କରିଥିବା କ୍ଷତିର ପୂରଣ କଲେ ନାହିଁ, ଅତଏବ ଆମ୍ଭେ ମୁର୍ଶିଦାବାଦ ଅଭିମୁଖରେ ଯୁଦ୍ଧଯାତ୍ରା କରୁଅଛୁଁ । ସିରାଜ ୫୦ ହଜାର ପାଇକ, ୧୮ ହଜାର ଘୋଡ଼ସବାର ଓ ୫୦ ଗୋଟି ତୋପ

କ୍ଲାଇବ

ସଙ୍ଗରେ ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । କ୍ଲାଇବଙ୍କ ସଙ୍ଗରେ କେବଳ ମାତ୍ର ନଅ ଶହ ଇଂରେଜ, ୨୧ ଶହ ଦେଶୀ ସୈନ୍ୟ ଓ ୧୦ ଗୋଟି ତୋପ ଥିଲା । ୧୭୫୭ ଖ୍ରୀଷ୍ଟାବ୍ଦ ଜୁନମାସ ୨୩ ତାରିଖରେ ପଲାସୀର ବିସ୍ତୃତ ପଡ଼ିଆରେ ଉଭୟ ସେନାଙ୍କର ଭେଟ ଓ ବଳ କଷାକଷି ହେଲା । ଦୁଇ ପ୍ରହର ପର୍ଯ୍ୟନ୍ତ

Digitized by srujanika@gmail.com



ପଲାସି ଯୁଦ୍ଧ

କ୍ଲାଇବ୍ ନବାବସେନାଙ୍କ ଗୋଳା ବାରୁଦର ଶ୍ରେଷ୍ଠ ସହିଲେ । ଯେତେବେଳେ ନବାବସୈନ୍ୟ ଅହାରାର୍ଥ ପାକ କରିବା ଓ ଖାଇବାରେ ଲାଗିଲେ, ସେହିକବେଳେ କ୍ଲାଇବ୍ ସେମାନଙ୍କୁ ସହସା ଆକ୍ରମଣ କଲେ । ମୀର୍ ଜାଫର ମଧ୍ୟ ଏହି ସମୟରେ ନବାବଙ୍କୁ ଦଗା ଦେଲେ । ନବାବସେନା ଛତ୍ରଭଙ୍ଗ ଦେଲେ ଓ କ୍ଲାଇବ୍ ଘୋରଯୁଦ୍ଧ ବିନା ବିଜୟୀ ହେଲେ । ସିରାଜୁଦ୍ଦୌଲା ରାଜମହଲ ଆଡ଼କୁ ପଳାୟନ କଲେ, କିନ୍ତୁ ଧରା ହୋଇ ମୀର ଜାଫରଙ୍କ ପୁତ୍ର ମୀରନଙ୍କଦ୍ୱାରା ନିହତ ହେଲେ । କ୍ଲାଇବ୍ ମୀର ଜାଫରଙ୍କୁ ବଙ୍ଗଳାର ନବାବ ବୋଲି କହି ତାଙ୍କୁ ମୁଣ୍ଡ ନୁଆଇଁ ସମ୍ମାନ କଲେ ଓ ସତ୍ୟ ସତ୍ୟରେ ସେ ବଙ୍ଗଳା, ବିହାର ଓ ଓଡ଼ିଶାର ନବାବ ହେଲେ । ଏତଦ୍ଦ୍ୱାରା ଇଂରେଜମାନଙ୍କର ଖୁବ

Digitized by srujanika@gmail.com

ଲାଭ ହେଲା । ନଗଦ ଧନ ପାଇବା ଛଡ଼ା ସେମାନେ କମ୍ପାନୀ ରାଜସ୍ୱ ନବାବଙ୍କୁ ଦେବାପାଇଁ କବର କଣ ଚବିଶପ୍ରଗନା ଜିଲ୍ଲା ମୀର ଜାଫରଙ୍କଠାରୁ ପ୍ରାପ୍ତ ହେଲେ । ପରେ ଏହି ରାଜସ୍ୱକୁ ନବାବଙ୍କୁ ନ ଦେଇ କ୍ଲାଇବ ନିଜେ ଗ୍ରହଣ କରିବାକୁ ଲାଗିଲେ ଏବଂ ଏଥିରେ ସେ କ୍ରମଶଃ ଧନବନ୍ତ ହେଲେ । ଯାହା ହେଉ, ପଲାସୀ ଯୁଦ୍ଧରେ ଜୟଲାଭ କରି କେବଳ ଯେ କ୍ଲାଇବଙ୍କ ବାକ୍ସ ଧନରେ ପୂର୍ଣ୍ଣ ହେଲା ତାହା ନୁହେଁ, ପରନ୍ତୁ ଭାରତବର୍ଷରେ ଇଂରେଜ ସାମ୍ରାଜ୍ୟର ମୂଳଦୁଆ ପଡ଼ିଲା ।

ମୀର ଜାଫର—ମୀର ଜାଫର କ୍ଲାଇବଙ୍କ ହାତରେ କ୍ରୀଡ଼ାପୁତ୍ତଳିକାରୂପେ ନିଯୁକ୍ତ ହେଲେ । ସେ ଅଯୋଗ୍ୟ ଥିଲେ । ଯଦି କ୍ଲାଇବ ତାହାଙ୍କୁ ରକ୍ଷା କରି ନ ଥାନ୍ତେ, ତାହାହେଲେ ବଙ୍ଗଦେଶରେ ଘୋର ଅଶାନ୍ତି ଘୋଟି ଯାଇଥାନ୍ତା । ଦିଲ୍ଲୀ ସମ୍ରାଟ ସାହାଆଲମ ବଙ୍ଗ, ବିହାର ଓ ଓଡ଼ିଶା ଅଧିକାର କରିବାପାଇଁ ଏକଦଳ ସୈନ୍ୟ ସମଭିବ୍ୟାହାରରେ ପାଟଣାରେ ଉପସ୍ଥିତ ହେଲେ । ମୀର ଜାଫର ସମ୍ରାଟଙ୍କୁ କେତେ ଟଙ୍କା ଦେଇ ଏହି ଆପଦରୁ ନିସ୍ତାର ଲାଭ କରିବାକୁ ଇଚ୍ଛା କରିଥିଲେ; କିନ୍ତୁ କ୍ଲାଇବ ଦଳେ ସୈନ୍ୟ ନେଇ ପାଟଣା ଯାତ୍ରା କଲେ । ଏହି ସମାଚାର ପ୍ରାପ୍ତ ହୋଇ ସାହାଆଲମ ଦିଲ୍ଲୀକୁ ବାହୁଡ଼ି ଗଲେ ଓ ଦେଶରେ ସର୍ବତ୍ର ଶାନ୍ତି ସ୍ଥାପିତ ହେଲା । ୧୭୬୦ ଖ୍ରୀଷ୍ଟାବ୍ଦରେ କ୍ଲାଇବ ଇଂଲଣ୍ଡକୁ ଲେଉଟି ଗଲେ । ସେଠାରେ ତାଙ୍କର ଖୁବ୍ ପ୍ରତିଷ୍ଠା ହେଲା ଓ ତାଙ୍କୁ 'ଲର୍ଡ' ଉପାଧିରେ ଭୂଷିତ କରାଗଲା । କ୍ଲାଇବ ଭାରତ ଛାଡ଼ି ଚାଲିଯିବା ପରେ ବଙ୍ଗଳାରେ ପୁଣି ଅଶାନ୍ତି ଘୋଟିଗଲା । ନବାବଙ୍କ ମନ୍ଦ ଶାସନଯୋଗୁଁ ପ୍ରଜାମାନେ ସନ୍ତ୍ରସ୍ତ ହୋଇ ଉଠିଲେ । ସାହାଆଲମ ପୁଣି ଆକ୍ରମଣ କଲେ । ଇଂରେଜସେନା ତାହାଙ୍କୁ ପାଟଣାଠାରେ ପରାସ୍ତ କଲେ । କିନ୍ତୁ ହାଜିପୁର ନିକଟରେ ନବାବଙ୍କ ପୁତ୍ର ମୀରନ ବଜ୍ରାଘାତରେ ପଞ୍ଚତ୍ୱ ପ୍ରାପ୍ତ ହେବାରୁ ନବାବ ଉନ୍ମାଦଗ୍ରସ୍ତପରି ହୋଇଗଲେ । ଏହା ଦେଖି କ୍ଲାଇବଙ୍କ ସ୍ଥଳାଭିଷିକ୍ତ ଓ୍ୟାନସିଟାର୍ଟ ମୀର ଜାଫରଙ୍କ ଜାମାତା ମୀର କାସୀମକୁ ନବାବ ପଦରେ ପ୍ରତିଷ୍ଠିତ କଲେ । ସେ ଇଂରେଜମାନଙ୍କ ସମସ୍ତ ବକେୟା କର ସୁଝିଦେଲେ ଏବଂ

କ୍ଲାଇବଙ୍କ ଲର୍ଡ଼ ଉପାଧି ପ୍ରାପ୍ତି

Digitized by srujanika@gmail.com

ବର୍ଦ୍ଧମାନ, ମେଦନୀପୁର ଓ ଚଟ୍ଟଗ୍ରାମ ଜିଲ୍ଲାମାନ ଇଂରେଜମାନଙ୍କୁ ଇନାମ୍ (ପୁରସ୍କାର) ଦେଲେ ।

ମୀର୍ କାସୀମ୍—ଏ ଅତି ଚତୁର ବ୍ୟକ୍ତି ଥିଲେ । ସେ ଦେଖିଲେ ଯେ, ନାମ ମାତ୍ର ନବାବ ହୋଇ ରହିବାରେ କୌଣସି ଲାଭ ନାହିଁ । ସେ ନିଜ ରାଜଧାନୀକୁ ମୁର୍ଶିଦାବାଦରୁ ମୁଙ୍ଗେରକୁ ସ୍ଥାନାନ୍ତରିତ କରି ଇଉରୋପୀୟ ରୀତିରେ ନିଜ ସୈନ୍ୟଙ୍କୁ ତାଲିମ କରିବାକୁ ଲାଗିଲେ । ସେ ଇଂରେଜମାନଙ୍କୁ ହୀନବଳ କରିବାକୁ ଇଚ୍ଛା କରିଥିଲେ । ଇଷ୍ଟଇଣ୍ଡିଆ କୋମ୍ପାନୀ ବାଣିଜ୍ୟ କରିବା ପାଇଁ ନବାବଙ୍କୁ ବାର୍ଷିକ ତିନ ଲକ୍ଷ ଟଙ୍କା କର ଦେଉଥିଲେ, କିନ୍ତୁ ଏହି ନିୟମ ଥିଲା ଯେ, ଯେବେ କୋମ୍ପାନୀର କୌଣସି କର୍ମଚାରୀ ସ୍ୱତନ୍ତ୍ର ବାଣିଜ୍ୟ କରିବେ, ତେବେ ସେ ନବାବଙ୍କୁ ସେଥିଲାଗି ପୃଥକ୍ କର ଦେବେ । କୋମ୍ପାନୀର କର୍ମଚାରୀମାନେ ନିଜେ ନିଜେ ଇଚ୍ଛାନୁରୂପ ବ୍ୟବସାୟ କରୁଥିଲେ, କିନ୍ତୁ ଏକ କପର୍ଦ୍ଦକ କର ସୁଦ୍ଧା ନବାବଙ୍କୁ ଦେଉ ନ ଥିଲେ । ନିରୁପାୟ ନବାବ କୌଣସି ପ୍ରକାରେ ସେମାନଙ୍କଠାରୁ କର ଅଦାୟ କରି ପାରୁ ନ ଥିଲେ । ଏଥିଯୋଗୁଁ ନବାବ ଦେଶୀୟ ବଣିକମାନଙ୍କଠାରୁ ମଧ୍ୟ କର ଆଦାୟ ବନ୍ଦ କରି ଦେଲେ । ଏଥିରେ ଇଂରେଜ ବଣିକମାନେ ଈର୍ଷାନ୍ୱିତ ହୋଇ ଉଠିଲେ ।

ନବାବ ପାଟଣାର ସମସ୍ତ ଇଂରେଜମାନଙ୍କୁ ବନ୍ଦୀ କଲେ ଓ କଲିକତାକୁ ଇଂରେଜମାନଙ୍କ ନିକଟକୁ ସମ୍ବାଦ ପଠାଇଲେ ଯେ, ଯଦି ତୁମ୍ଭେମାନେ ଏ ଦିଗକୁ ଅଗ୍ରସର ହେବ, ତେବେ ମୁଁ ଏ ବନ୍ଦୀମାନଙ୍କୁ ହତ୍ୟା କରିବି । ଇଂରେଜମାନେ ଏହି ଧମକାଣିକୁ ଫେରେଇ ନ କରି ପାଟଣା ଅଭିମୁଖରେ ଯାତ୍ରା କଲେ ।

ବକ୍‌ସାର ଯୁଦ୍ଧ

ମୀର କାସୀମ ସମସ୍ତ ଇଂରେଜମାନଙ୍କୁ ହତ୍ୟା କଲେ ଏବଂ ପଳାୟନ କରି ଅଯୋଧ୍ୟାର ନବାବଙ୍କ ସହିତ ମିଳିତ ହେଲେ । ସାହାଆଲମ୍ ମଧ୍ୟ ଏ ଦୁହିଙ୍କ ସହିତ ଯୋଗ ଦେଲେ । ତିନିଜଣଙ୍କର ସମ୍ମିଳିତ ସୈନ୍ୟ ପାଟଣା ଅଭିମୁଖରେ ଅଗ୍ରସର ହେବାକୁ ଲାଗିଲେ । ଇଂରେଜମାନେ ମଧ୍ୟ ଅଗ୍ରସର ହେଲେ । ୧୭୬୪ ଖ୍ରୀଷ୍ଟାବ୍ଦରେ ବକ୍‌ସାରଠାରେ ଉଭୟ ଦଳ ମଧ୍ୟରେ ଯୁଦ୍ଧ ହେଲା । ଇଂରେଜମାନେ ଜିତିଲେ ।

Digitized by srujanika@gmail.com

ଅଯୋଧ୍ୟାର ନବାବ ଅନ୍ୟ ଏକ ସୈନ୍ୟଦଳ ଘେନି ଯୁଦ୍ଧ କରିବାକୁ ଆସିଲେ, କିନ୍ତୁ ଏଲାହାବାଦର ନିକଟବର୍ତ୍ତୀ କଡ଼ାର ଯୁଦ୍ଧରେ ସେ ସମ୍ପୂର୍ଣ୍ଣରୂପେ ହାରିଗଲେ । ମୀର୍‌କାସୀମ୍ କେଉଁଆଡ଼େ ପଳାୟନ କଲେ ଏବଂ ତାହାଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ସାହାଆଲମ୍ ଓ ଅଯୋଧ୍ୟାର ନବାବ ଉଭୟେ ଇଂରେଜମାନଙ୍କର ଶରଣାପନ୍ନ ହେଲେ । ଇଂରେଜମାନେ ପୁରାତନ ଓ ବୃଦ୍ଧ ନବାବ୍ ମୀର୍‌ଜାଫରଙ୍କୁ ପୁଣି ସିଂହାସନରେ ବସାଇଲେ ଓ ତାହାଙ୍କ ମୃତ୍ୟୁ ପରେ ୧୭୬୫ ଖ୍ରୀଷ୍ଟାବ୍ଦରେ ତାହାଙ୍କ ପୁତ୍ର ନଜମୁଦ୍ଦୌଲାଙ୍କୁ ନବାବ କଲେ ।

ଲର୍ଡ଼ କ୍ଲାଇବ୍—ଏହି ନବାବଙ୍କ ଅନଭିଜ୍ଞତାବଶତଃ ବଙ୍ଗଦେଶରେ ଗୋଳମାଳ ଚାଲିଥିଲା । ତହିଁ ଉପରେ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀରେ କେହି ନ୍ୟାୟବାନ୍ ଓ ଯୋଗ୍ୟ ଶାସନକର୍ତ୍ତା ନ ଥିବାରୁ କୋମ୍ପାନୀର କର୍ମଚାରୀମାନେ ନିଜ ନିଜ ସ୍ୱାର୍ଥ ସାଧନରେ ଲାଗି ରହିଥିଲେ ଏବଂ କେହି କୋମ୍ପାନୀଙ୍କର ମଙ୍ଗଳ ପ୍ରତି ଆଦୌ ଦୃଷ୍ଟିପାତ କରୁ ନ ଥିଲେ । ଏହି ଅବସ୍ଥାକୁ ସୁଧାରିବା ପାଇଁ ୧୭୬୫ ଖ୍ରୀଷ୍ଟାବ୍ଦରେ କ୍ଲାଇବ୍ ଦ୍ୱିତୀୟ ଥର ଇଂଲଣ୍ଡରୁ ଭାରତକୁ ପ୍ରେରିତ ହେଲେ । ଏହି ସମୟ ସୁଦ୍ଧା ସେ ଲର୍ଡ଼ କ୍ଲାଇବ୍ ଉପାଧିରେ ଭୂଷିତ ହୋଇ ସାରିଥିଲେ । ତାହାଙ୍କ ହାତରେ ବଙ୍ଗଳାର ଶାସନଭାର ଓ ସୈନ୍ୟ ସଞ୍ଚାଳନର ଭାର ମଧ୍ୟ ନ୍ୟସ୍ତ ହୋଇଥିଲା । କ୍ଲାଇବ୍ ଆସି ଦେଖିଲେ ଯେ, ଚତୁର୍ଦ୍ଦିଗରେ ବିଶୃଙ୍ଖଳା ଘୋଟିଅଛି । ସେ ସମୟରେ ରାଜ୍ୟ ବିସ୍ତାର ଅପେକ୍ଷା ଶାସନ କାର୍ଯ୍ୟକୁ ସୁଧାରିବା କର୍ମ ସମୀଚୀନ ବୋଲି ସେ ଅନୁଭବ କଲେ । ଏଣୁ ସେ ଦିଲ୍ଲୀର ବାଦସାହ ସାହାଆଲମ୍ ଓ ଅଯୋଧ୍ୟାର ନବାବଙ୍କ ସହିତ ସନ୍ଧି ସ୍ଥାପନ କଲେ । ଏହି ସନ୍ଧି ଅନୁସାରେ କ୍ଲାଇବଙ୍କୁ ସାହାଆଲମଙ୍କର ଅଧୀନତା ସ୍ୱୀକାର କରିବାକୁ ହେଲା । ବାଦସାହା କ୍ଲାଇବଙ୍କୁ ବଙ୍ଗ, ବିହାର ଓ ଓଡ଼ିଶାର ଦେବାନୀ ପ୍ରଦାନ କଲେ । ଦେବାନୀର ଅର୍ଥପ୍ରାୟ ଏହାହିଁ ଥିଲା ଯେ, କୋମ୍ପାନୀ ରାଜସ୍ୱ ଅଦାୟ କରି ସେଥିରୁ ସେନା ଓ ଶାସନକାର୍ଯ୍ୟର ବ୍ୟୟ ନିର୍ବାହ କରିବେ ଏବଂ ଏ ଖରଚ ବାଦ ରାଜସ୍ୱରୁ ଯାହା ଟଙ୍କା ବଳିବ ତାହା ଦିଲ୍ଲୀକୁ ପ୍ରେରଣ କରିବେ ଓ ବାଦସାହାଙ୍କ ପକ୍ଷରୁ ଶାସନକାର୍ଯ୍ୟ ଚଳାଇବା ପାଇଁ

Digitized by srujanika@gmail.com

ନବାବଙ୍କୁ ରଖାଗଲା । ଉପରୋକ୍ତ ବ୍ୟବସ୍ଥାନୁଯାୟୀ କୋମ୍ପାନୀ ବାର୍ଷିକ ୫୩ ଲକ୍ଷ ଙ୍କାଇଵଙ୍କ ଟଙ୍କା ନବାବଙ୍କ ନିକଟରୁ ଓ ୨୬ ଲକ୍ଷ ଟଙ୍କା ଦ୍ୱୈଧ ଶାସନ ଦିଲ୍ଲୀକୁ ପ୍ରେରଣ କରିବାକୁ ଲାଗିଲେ । ରାଜ୍ୟ ଶାସନ କରିବା ଭାର ନବାବଙ୍କଠାରେ ଓ ପ୍ରଜାଙ୍କଠାରୁ ରାଜସ୍ୱ ଆଦାୟ କରିବା ଭାର କୋମ୍ପାନୀଙ୍କଠାରେ ନ୍ୟସ୍ତ ରହିଲା । ଏହିପରି ବଙ୍ଗଳାର ଶାସନକାର୍ଯ୍ୟ ଦୁଇ ଭାଗରେ ବିଭକ୍ତ ହେଲା । ଏହାକୁହିଁ 'ଦ୍ୱୈଧ ଶାସନ ପ୍ରଣାଳୀ' ଆଖ୍ୟା ଦିଆ ହୋଇଅଛି । ଅଯୋଧ୍ୟା ପ୍ରଦେଶର କଡ଼ା ଏବଂ ଅଲ୍ଲାହାବାଦ ଜିଲ୍ଲା ଦୁଇଟି ସମ୍ରାଟଙ୍କର ଖାସ୍ ଶାସନାଧୀନ ହେଲା ଓ ଅବଶିଷ୍ଟାଂଶ ସ୍ୱତନ୍ତ୍ର ଭାବରେ ଅଯୋଧ୍ୟା ନବାବଙ୍କ ଅଧୀନ ରହିଲା ଏବଂ ଅଯୋଧ୍ୟାର ନବାବଙ୍କୁ ଦିଲ୍ଲୀକୁ କର ପ୍ରେରଣ କରିବା ଦାୟିତ୍ୱରୁ ଅବ୍ୟାହତି ମିଳିଲା । ଏହି ବ୍ୟବସ୍ଥାରେ ଶାହାଆଲମ୍ ନିରତିଶୟ ସନ୍ତୁଷ୍ଟ ହେଲେ । କାରଣ ଯଦ୍ୟପି ଏଥିପୂର୍ବେ ଅଯୋଧ୍ୟାର ନବାବ ସମ୍ରାଟଙ୍କୁ ଅଦୌ କର ଦେଉ ନ ଥିଲେ, ତଥାପି ବର୍ତ୍ତମାନ ବ୍ୟବସ୍ଥାଦ୍ୱାରା ବାଦଶାହାଙ୍କୁ କର ପରିବର୍ତ୍ତରେ ଦୁଇଟି ଜିଲ୍ଲା ମିଳିଲା ।

କ୍ଲାଇବ କର୍ମଚାରୀମାନଙ୍କର ବେତନ ବୃଦ୍ଧି କରି ଦେଲେ ଏବଂ ସେମାନଙ୍କର ଉତ୍କୋଚ ଗ୍ରହଣ ଓ ଗୁପ୍ତ ଉପାୟରେ ସ୍ୱତନ୍ତ୍ର ବାଣିଜ୍ୟ କରିବା ରୀତି ଏକଦମ୍ ବନ୍ଦ କରି ଦେଲେ । ପଲଟଣିଆ ତତ୍ତ୍ୱ କର୍ମଚାରୀମାନେ ପୂର୍ବେ ଯାହା ଦରମା ଉପରେ ଭତ୍ତା ପାଇ ଆସୁଥିଲେ, କ୍ଲାଇବ୍ ତାହା ଉଠାଇ ଦେଲେ । ଏଥିରେ କେହି କେହି ଅସନ୍ତୁଷ୍ଟ ହେଲେ, କିନ୍ତୁ କ୍ଲାଇବ୍ ସେମାନଙ୍କୁ ଶାନ୍ତ କରି ଦେଲେ ।

କ୍ଲାଇବ୍ ଏହି କାର୍ଯ୍ୟଗୁଡ଼ିକ ସମ୍ପନ୍ନ କରି ୧୭୬୭ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କଲେ । ତାହାଙ୍କର ଶତ୍ରୁମାନେ ତାହାଙ୍କ ବିରୁଦ୍ଧରେ ନାନାପ୍ରକାର ଅଭିଯୋଗ କଲେ । ପାର୍ଲିଆମେଣ୍ଟରେ କ୍ଲାଇବଙ୍କ ନାମରେ ମୋକଦ୍ଦମା ଚଳିଲା, କିନ୍ତୁ ବିଚାର ପରେ ସେ ନିର୍ଦ୍ଦୋଷ ପ୍ରତିପନ୍ନ ହେଲେ ।

କ୍ଲାଇବ ଭାରତରୁ ବିଦାୟ ଗ୍ରହଣ କଲା ପରେ ଏ ଦେଶର ଅବସ୍ଥା ଅଧିକତର ଶୋଚନୀୟ ହେଲା । ତାହାଙ୍କ ପ୍ରବର୍ତ୍ତିତ ଦ୍ୱୈଧଶାସନ ଅତ୍ୟନ୍ତ ଦୋଷପୂର୍ଣ୍ଣ ବୋଲି ଫଳରେ ଦେଖାଗଲା । କୋମ୍ପାନୀ କେବଳ କର ସଂଗ୍ରହ

Digitized by srujanika@gmail.com

କରିବାକୁହିଁ ନିଯୁକ୍ତ ଥିଲେ । ଏଣେ ନବାବଙ୍କ ହସ୍ତରେ ପ୍ରଜାମାନଙ୍କର ମଙ୍ଗଳସାଧନ କରିବାର ଉପଯୁକ୍ତ କୌଣସି ଅଧିକାର ନ ଥିଲା । ଦେଶତମାମ ହାହାକାର ପଡ଼ିଗଲା । କ୍ଲାଇବଙ୍କ ପରେ ଯଥାକ୍ରମେ ଭେରେଲଷ୍ଟ ଏବଂ କାର୍ଟିୟାର ଗଭର୍ଣ୍ଣର ପଦରେ ନିଯୁକ୍ତ ହେଲେ; କିନ୍ତୁ ସେମାନେ ମଧ୍ୟ ଶାସନଯନ୍ତ୍ରକୁ ସୁଧାରି ପାରିଲେ ନାହିଁ । ଏହି ସମୟରେ ୧୭୭୦ ଖ୍ରୀଷ୍ଟାବ୍ଦରେ ବଙ୍ଗଦେଶରେ ଗୋଟିଏ ଭୀଷଣ ଦୁର୍ଭିକ୍ଷ ପଡ଼ିଲା ଏବଂ ତହିଁର ଫଳରେ ବହୁଲୋକ ମୃତ୍ୟୁମୁଖରେ ପତିତ ହେଲେ । ଏହି ସବୁ ଅସୁବିଧା ବିଦୂରିତ କରିବା ନିମିତ୍ତ ଇଂଲଣ୍ଡରୁ ୱାରେନ୍‌ହେଷ୍ଟିଙ୍ଗ୍‌ସ ଗଭର୍ଣ୍ଣର ନିଯୁକ୍ତ ହୋଇ ପ୍ରେରିତ ହେଲେ । ଏହାଙ୍କ ଆଗମନ ପୂର୍ବରୁ ଦାକ୍ଷିଣାତ୍ୟରେ ଘଟିଥିବା ଘଟଣାଗୁଡ଼ିକର କେତେକ ବର୍ଣ୍ଣନା ଏଠାରେ ଆବଶ୍ୟକ ।

ହାଇଦର ଅଲ୍ଲୀ ଏବଂ ପ୍ରଥମ ମହୀଶୂର ଯୁଦ୍ଧ—ମହୀଶୂରରେ ଦୀର୍ଘକାଳରୁ ହିନ୍ଦୁ ରାଜାମାନେ ରାଜତ୍ୱ କରୁଥିଲେ । ୧୭୬୪ ଖ୍ରୀଷ୍ଟାବ୍ଦରେ ରାଜା କୃଷ୍ଣ ରାୟ ମହୀଶୂର ସିଂହାସନ ଆରୋହଣ କଲେ । ହାଇଦର ଅଲ୍ଲୀ ତାହାଙ୍କ ମନ୍ତ୍ରୀଙ୍କର କ୍ରୀତଦାସ ଥିଲେ । ସେ ଅତ୍ୟନ୍ତ ବୁଦ୍ଧିମାନ୍ ଓ ବଳଶାଳୀ ଥିଲେ । ସେ ନିଜ ଉଦ୍ୟମରେ ମରହଟ୍ଟା-ମାନଙ୍କର ଆକ୍ରମଣକୁ ପ୍ରତିହତ କରି କ୍ଷାନ୍ତ ହୋଇ ନ ଥିଲେ । ସେ ମହୀଶୂର ରାଜ୍ୟର ସୀମା ମଧ୍ୟ ବୃଦ୍ଧି କରିଥିଲେ । ଅବଶେଷରେ ସେ ପ୍ରଧାନ ସେନାପତି ହେଲେ ଏବଂ ପରେ ରାଜାଙ୍କୁ ସିଂହାସନଚ୍ୟୁତ କରି ସ୍ୱୟଂ ସିଂହାସନ ଅଧିକାର କଲେ ।

ମହୀଶୂର ରାଜା କୃଷ୍ଣ ରାୟ

ତାହାଙ୍କ ଶ୍ରୀବୃଦ୍ଧି ଦର୍ଶନ କରି ୧୭୬୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ନିଜାମ ଓ ମରହଟ୍ଟା ପରସ୍ପର ମଧ୍ୟରେ ସନ୍ଧି ସ୍ଥାପନ କରି ହାଇଦରଙ୍କୁ ଦମନ କରିବାକୁ ସଂକଳ୍ପ କଲେ । ଏହି ତିନୋଟି ସମବେତ ଶକ୍ତିର ବିରୁଦ୍ଧତା କରିବାକୁ ହାଇଦର ଯୁକ୍ତିଯୁକ୍ତ ବୋଲି ବିବେଚନା କଲେ ନାହିଁ । ସେ ୩୫ ଲକ୍ଷ ମୁଦ୍ରା ପ୍ରଦାନ କରି ମରହଟ୍ଟାମାନଙ୍କୁ ବାହୁଡ଼ାଇ ଦେଲେ ଏବଂ ନିଜାମଙ୍କୁ ସ୍ୱଦଳଭୁକ୍ତ କରି ନେଲେ । ପରେ ନିଜାମ ଓ ହାଇଦରଙ୍କ ସମ୍ମିଳିତ ସେନା ଇଂରେଜଙ୍କ ବିରୁଦ୍ଧରେ ଅଗ୍ରସର ହେଲେ; କିନ୍ତୁ ଇଂରେଜମାନେ କର୍ଣ୍ଣେଲ ସ୍ମିଥଙ୍କ

Digitized by srujanika@gmail.com

ଅଧିନାୟକତ୍ୱରେ ଏ ସମ୍ମିଳିତ ସେନାଙ୍କୁ ଦୁଇ ଥର ପରାଭୂତ କଲେ । ଅବଶେଷରେ ନିଜାମ୍ ଇଂରେଜଙ୍କ ପକ୍ଷ ଅବଲମ୍ବନ କଲେ, କିନ୍ତୁ ହାଇଦର ଏକାକୀ ଇଂରେଜଙ୍କ ସଙ୍ଗେ ଯୁଦ୍ଧ କଲେ । ଅନେକ ଥର ପରାଜିତ ହୋଇ ଓ ଜୟ ଲାଭ କରି ସେ ସମଗ୍ର କର୍ଣ୍ଣାଟକୁ ଦଳିତ କରି ଦେଲେ । ଶେଷରେ ୧୭୬୯ ଖ୍ରୀଷ୍ଟାବ୍ଦରେ ସେ ଗୋଟିଏ ବୃହତ୍ ସେନାଦଳ ନେଇ ହଠାତ୍ ମାନ୍ଦ୍ରାଜରେ ଉପସ୍ଥିତ ହେଲେ । ମାନ୍ଦ୍ରାଜର ଗଭର୍ଣ୍ଣର ଭୀତ ହୋଇ ହାଇଦରଙ୍କର ସମସ୍ତ ସର୍ତ୍ତରେ ସମ୍ମତି ଜଣାଇ ତାହାଙ୍କ ସହିତ ସନ୍ଧି କଲେ । ସନ୍ଧି ଅନୁସାରେ ଉଭୟ ପକ୍ଷ ପରସ୍ପର ବିଜିତ ଭୂଭାଗମାନ ଅପରଙ୍କୁ ପ୍ରତ୍ୟର୍ପଣ କଲେ ଏବଂ ଅନ୍ୟ କୌଣସି ଶତ୍ରୁର ବିରୋଧରେ ପରସ୍ପରକୁ ସାହାଯ୍ୟ କରିବାକୁ ପ୍ରତିଜ୍ଞା କଲେ ।

ହାଇଦରଅଲି

୧୭୭୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ହାଇଦରଙ୍କୁ ଆକ୍ରମଣ କଲେ । ହାଇଦର ସନ୍ଧିସର୍ତ୍ତ ଅନୁଯାୟୀ ଇଂରେଜମାନଙ୍କୁ ସାହାଯ୍ୟ ମାଗିଲେ, କିନ୍ତୁ ସେମାନେ ସାହାଯ୍ୟ ଦେଲେ ନାହିଁ । ସୁତରାଂ ଅଜସ୍ର ନଗଦ ଧନ ଓ ପ୍ରଭୂତ ଭୂମି ଦେଇ ମରହଟ୍ଟାମାନଙ୍କୁ ସନ୍ତୁଷ୍ଟ କରିବାକୁ ହାଇଦର ବାଧ୍ୟ ହେଲେ । ହାଇଦର ଏଥିପାଇଁ ଇଂରେଜମାନଙ୍କ ସଙ୍ଗେ ଦାଉ ସାଧିବାକୁ ଦୃଢ଼ ସଙ୍କଳ୍ପ ହେଲେ ଏବଂ ସେମାନଙ୍କ ସଙ୍ଗେ ଯୁଦ୍ଧ ଆରମ୍ଭ କରି ଦେଲେ; କିନ୍ତୁ ଇତି ମଧ୍ୟରେ ତାହାଙ୍କର ମୃତ୍ୟୁ ହେଲା ।

ଇଷ୍ଟଇଣ୍ଡିଆ କୋମ୍ପାନୀର ରାଜତ୍ୱକାଳ

ୱାରେନ୍ ହେଷ୍ଟିଙ୍ଗ୍ସ୍—ହେଷ୍ଟିଙ୍ଗ୍ସ୍ ବଙ୍ଗଦେଶର ଗଭର୍ଣ୍ଣର ନିଯୁକ୍ତ ହୋଇ ବିଲାତରୁ ଆସିଥିଲେ । ସେ ଆସିବା ମାତ୍ରକେ କେତେକ ବିଷୟ

Digitized by srujanika@gmail.com

ସୁଧାରିଲେ । ସେ ଆସିବା ସମୟରେ କ୍ଲାଇବଙ୍କ ପ୍ରତିଷ୍ଠିତ ଦ୍ୱୈଧ ଶାସନ ପ୍ରଣାଳୀହିଁ ପ୍ରଚଳିତ ଥିଲା ଏବଂ ତାହାର ଫଳରେ ପ୍ରଜା-ମାନଙ୍କର ଦୁର୍ଦ୍ଦଶାର ଅବଧି ନ ଥିଲା । ସେ ସର୍ବପ୍ରଥମେହିଁ ଏହା ବନ୍ଦ କଲେ । ସେ ସମଗ୍ର ପ୍ରଦେଶକୁ କେତେଗୋଟି ଜିଲ୍ଲାରେ ବିଭକ୍ତ କରି କର ସଂଗ୍ରହ ନିମିତ୍ତ ପ୍ରତ୍ୟେକ ଜିଲ୍ଲାରେ ଜଣେ ଜଣେ ଇଂରେଜ କଲେକ୍ଟର ନିଯୁକ୍ତ କଲେ ଏବଂ ଦେଶୀୟ କର୍ମଚାରୀମାନଙ୍କ ହସ୍ତରୁ ଏହି କର୍ମକୁ କାଢ଼ି ନେଲେ । ସବୁ ଜିଲ୍ଲାରେ ଗୋଟିଏ ଲେଖାଏଁ ଦେବାନୀ ଓ ଫୌଜଦାରୀ ଅଦାଲତ ପ୍ରତିଷ୍ଠିତ ହେଲା । ଏହି ବିଚାରାଳୟଗୁଡ଼ିକରେ କଲେକ୍ଟରହିଁ ବିଚାର କାର୍ଯ୍ୟ କରୁଥିଲେ ଏବଂ କଲେକ୍ଟରଙ୍କ ସାହାଯ୍ୟାର୍ଥେ ହିନ୍ଦୁ ପଣ୍ଡିତ ଏବଂ ମୁସଲମାନ ମୌଲବୀ ନିଯୁକ୍ତ ହେଉଥିଲେ । ଅଧିକନ୍ତୁ କଲିକତାରେ ଗୋଟିଏ ସଦର ଦେବାନୀ ଅଦାଲତ ଓ ଗୋଟିଏ ସଦର ନିଜାମତ ଅଦାଲତ ସ୍ଥାପିତ ହେଲା । ଏହିଗୁଡ଼ିକରେ ଯଥାକ୍ରମେ ଜିଲ୍ଲାମାନଙ୍କର ଦେବାନୀ ଓ ଫୌଜଦାରୀ ଅଦାଲତଗୁଡ଼ିକର ଅପିଲମାନଙ୍କର ଶୁଣାଣି ହେଉଥିଲା । ଏହିରୂପେ ନବାବଙ୍କ ହାତରୁ ବିଚାରକାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ କାଢ଼ି ନିଆଗଲା । ହେଷ୍ଟିଙ୍ଗସ୍ ପୁଲିଶ ବିଭାଗକୁ ମଧ୍ୟ କୋମ୍ପାନୀଙ୍କ ହାତକୁ ଆଣିଲେ ଓ ଏଥିର ଫଳରେ ସର୍ବତ୍ର ଶାନ୍ତି ବିରାଜିଲା ।

ପ୍ରଦେଶମାନ ଜିଲ୍ଲାରେ ବିଭକ୍ତ ହେଲ

ହେଷ୍ଟିଙ୍ଗସ୍‌ଙ୍କ ସମୟରେ କୋମ୍ପାନୀର ଆର୍ଥିକ ଦଶା ନିତାନ୍ତ ମନ୍ଦ ଥିଲା; କିନ୍ତୁ କର ସଂଗ୍ରହ ପାଇଁ ଉପଯୁକ୍ତ ସୁନ୍ଦର ବ୍ୟବସ୍ଥା କରିବାରୁ ଆର୍ଥିକ ଅବସ୍ଥା କେତେକ ପରିମାଣରେ ସୁଧୁରିଲା, ତଥାପି ଅର୍ଥର ଯଥେଷ୍ଟ ଅନାଟନ ହେଉଥିଲା; ସୁତରାଂ ସେ ଅଯୋଧ୍ୟା ନବାବଙ୍କ ବୃତ୍ତି (ବୃତ୍ତି) କମାଇ ଅର୍ଦ୍ଧେକ କରି ଦେଲେ ଏବଂ ସାହାଆଲମ ମରହଟ୍ଟା-ମାନଙ୍କ ସହିତ ମିଳିତ ହୋଇ ଇଂରେଜମାନଙ୍କ ବିରୋଧରେ ମନ୍ତ୍ରଣା କରୁଅଛନ୍ତି, ଏହି ଅଭିଯୋଗରେ ସାହାଆଲମଙ୍କୁ ଇଂରେଜଙ୍କ ଦେୟ ବାର୍ଷିକ ୨୬ ଲକ୍ଷ ଟଙ୍କା କର ଦେବା ଏକବାରକେ ବନ୍ଦ କରି ଦେଲେ । ଅଧିକନ୍ତୁ ସେ ନଗଦ ୫୦ ଲକ୍ଷ ଟଙ୍କା କରସମନରେ ଆଲ୍ଲାହାବାଦ ଓ କଡ଼ା ଜିଲ୍ଲାଦ୍ୱୟ ଅଯୋଧ୍ୟା ନବାବଙ୍କୁ ବିକ୍ରୟ କରିଦେଲେ । ହେଷ୍ଟିଙ୍ଗ ରୋହିଲା

ଆର୍ଥିକ ଅବସ୍ଥାର ଉନ୍ନତି

Digitized by srujanika@gmail.com

ମାନଙ୍କ ବିରୋଧରେ ଇଂରେଜସେନା ପଠାଇ ଅଯୋଧ୍ୟାର ନବାବଙ୍କୁ ସାହାଯ୍ୟ କରିବାରୁ ନବାବ କୋମ୍ପାନୀଙ୍କୁ ଅଧିକ ୮୦ ଲକ୍ଷ ଟଙ୍କା ଦେଲେ । ଏହିସବୁ କୋମ୍ପାନୀର ଆର୍ଥିକ ଅବସ୍ଥା ଖୁବ ଉତ୍ତମ ହୋଇଗଲା ।

ରେଗୁଲେଟିଙ୍ଗ୍ ଆକ୍ଟ (ନିୟାମକ ବିଧାନ)—ଇଂଲଣ୍ଡର ପାର୍ଲିଅମେଣ୍ଟ ଦେଖିଲେ ଯେ, ବର୍ତ୍ତମାନ କୋମ୍ପାନୀ ଆଉ ବଣିକମାନଙ୍କର ସଙ୍ଘ ନୁହେଁ, ପରନ୍ତୁ ବାଣିଜ୍ୟ କରିବା ଅପେକ୍ଷା ରାଜ୍ୟ ସମ୍ଭାଳିବା ଅଧିକ ଲୋଡ଼ା ପଡ଼ିଲାଣି । ଅତଏବ ମୁଷ୍ଟିମେୟ ବ୍ୟବସାୟୀଙ୍କ ହସ୍ତରେ ଏହି ସୁବୃହତ୍ ରାଜ୍ୟର ଶାସନଭାର ପ୍ରଦାନ କରିବା ପାର୍ଲିଅମେଣ୍ଟ ସମୀଚୀନ ବୋଧ କଲେ ନାହିଁ । ସେ ସମୟରେ ତୃତୀୟ ଜର୍ଜ ଇଂଲଣ୍ଡର ରାଜା ଥିଲେ । ତାହାଙ୍କ ପ୍ରଧାନ ମନ୍ତ୍ରୀ ଲର୍ଡ଼ ନର୍ଥ ପାର୍ଲିଅମେଣ୍ଟରେ ବ୍ରିଟିଶ ଭାରତର ଶାସନାର୍ଥ ୧୭୭୩ ଖ୍ରୀଷ୍ଟାବ୍ଦରେ ଗୋଟିଏ ଆଇନ ପାଶ କରାଇଲେ । ଉକ୍ତ ଆଇନର ନାମ ହେଲା ରେଗୁଲେଟିଙ୍ଗ୍ ଆକ୍ଟ । ଏହି ଆଇନ ଅନୁସାରେ ସମଗ୍ର ବ୍ରିଟିଶ ଭାରତ ବୋମ୍ବାଇ, ବଙ୍ଗଳା ଏବଂ ମାନ୍ଦ୍ରାଜ ଏହି ତିନ ଗୋଟି ସୁବା (ପ୍ରଦେଶ)ରେ ବିଭକ୍ତ ହେଲା ଓ ପ୍ରତ୍ୟେକ ପ୍ରଦେଶ ଶାସନ କରିବା ପାଇଁ ଜଣେ ଜଣେ ଗଭର୍ଣ୍ଣର ନିଯୁକ୍ତ ହେଲେ । ବଙ୍ଗଳା ଗଭର୍ଣ୍ଣର ସମଗ୍ର ବ୍ରିଟିଶ ଭାରତର ଗଭର୍ଣ୍ଣର ଜେନେରାଲ (ପ୍ରଧାନ ଶାସକ) ନିଯୁକ୍ତ ହେଲେ । ଗଭର୍ଣ୍ଣର ଜେନେରାଲଙ୍କ ସାହାଯ୍ୟାର୍ଥେ ଗୋଟିଏ ସଭା ଗଠିତ ହେଲା । ଏଥିରେ ଗଭର୍ଣ୍ଣର ଜେନେରାଲ ସମେତ ପାଞ୍ଚ ଜଣ ସଦସ୍ୟ ନିଯୁକ୍ତ ହେଲେ ଏବଂ ସବୁ ପ୍ରଦେଶର ଅପିଲ ଶୁଣିବା ପାଇଁ କଲିକତାରେ ଗୋଟିଏ ସୁପ୍ରିମ କୋର୍ଟ (ପ୍ରଧାନ ବିଚାରାଳୟ) ସ୍ଥାପିତ ହେଲା । ରେଗୁଲେଟିଙ୍ଗ ଆକ୍ଟ ଅନୁସାରେ ଭାରତ ଶାସନ ସମ୍ବନ୍ଧରେ ପ୍ରତ୍ୟେକ ସମ୍ବାଦ ଓ ସୂଚନା ଇଂଲଣ୍ଡର ରାଜାଙ୍କୁ ଦେବାକୁ କୋମ୍ପାନୀ ଦାୟୀ ହେଲେ ଏବଂ କୋମ୍ପାନୀର ଅସ୍ତିତ୍ୱ ରାଜାଙ୍କ ଇଚ୍ଛା ଉପରେ ନିର୍ଭର କଲା । ଏହି କାନୁନ୍ ଅନୁସାରେ ୱାରେନ୍ ହେଷ୍ଟିଂଗ୍ସ୍ ଭାରତର ପ୍ରଥମ ଗଭର୍ଣ୍ଣର ଜେନେରେଲ ହେଲେ ।

ୱାରେନ୍ ହେଷ୍ଟିଂଗ୍ସ୍—ପ୍ରଥମ ଗଭର୍ଣ୍ଣର ଜେନେରେଲ

୧୭୭୨-୧୭୮୫ —ରେଗୁଲେଟିଙ୍ଗ ଆକ୍ଟ ଅନୁସାରେ ଭାରତର ଶାସନ ୧୭୭୪ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହେଲା । ଫ୍ରାନ୍ସିସ୍, କ୍ଲେଭରିଙ୍ଗ, ମାନସନ ଓ ବାରୱେଲ୍

Digitized by srujanika@gmail.com

ହେଷ୍ଟିଙ୍ଗସଙ୍କର ସାହାଯ୍ୟାର୍ଥେ ଗଠିତ ସଭାର ସଦସ୍ୟ ନିଯୁକ୍ତ ହେଲେ। ଦୁର୍ଭାଗ୍ୟବଶତଃ ହେଷ୍ଟିଙ୍ଗସଙ୍କୁ ଏହି ସଭାରୁ କୌଣସି ସହାୟତା ମିଳି ନ ଥିଲା। ଫ୍ରାନ୍‌ସିସ୍‌ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ସେ ହେଷ୍ଟିଙ୍ଗ୍‌ସଙ୍କୁ ଦେଖି ପାରୁ ନ ଥିଲେ, ସୁତରାଂ କ୍ରମାଗତ ତାହାଙ୍କ କାର୍ଯ୍ୟର ବିରୋଧାଚରଣ କରୁଥିଲେ। ତାହାଙ୍କ ଉପସ୍ଥିତି କାଳରେ ହେଷ୍ଟିଙ୍ଗ୍ସ କୌଣସି କାର୍ଯ୍ୟ କରି ପାରିଲେ ନାହିଁ। କିଛି ଦିନ ପର୍ଯ୍ୟନ୍ତ ଏହି ଗୋଳମାଳ ଚାଲିଲା କିନ୍ତୁ ମାନସନଙ୍କ ମୃତ୍ୟୁ ହେବାରୁ ଓ କ୍ଲେଭରିଙ୍ଗ ବିଲାତ ଚାଲିଯିବାରୁ କିଛି ପରିମାଣରେ ଏ ଗୋଳମାଳ ଶାନ୍ତ ହେଲା।

ୱାରେନ୍ ହେଷ୍ଟିଙ୍ଗ୍‌ସ୍

ସଭାସଦ୍‌ମାନଙ୍କର ବିରୋଧନିବନ୍ଧନ ନାନାପ୍ରକାର ମନ୍ଦ ଘଟଣା ଘଟିବାକୁ ଲାଗିଲା। ତନ୍ମଧ୍ୟରୁ ନନ୍ଦକୁମାରଙ୍କ ଫାଶୀ ଗୋଟିଏ ପ୍ରଧାନ ଘଟଣା। ନନ୍ଦକୁମାର ଗୋଟିଏ ବିଖ୍ୟାତ ଓ ଧାର୍ମିକ ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ। କଥିତ ଅଛି ଯେ, ହେଷ୍ଟିଙ୍ଗସଙ୍କର ଶତ୍ରୁ ଫ୍ରାନସିସଙ୍କର ପ୍ରରୋଚନାରେ ସେ ହେଷ୍ଟିଙ୍ଗସଙ୍କ ନାମରେ ଉତ୍କୋଚ ଗ୍ରହଣ ଅଭିଯୋଗରେ ଗୋଟିଏ ମିଥ୍ୟା ମକଦମା ସୁପ୍ରୀମ କୋର୍ଟରେ ଉପସ୍ଥାପିତ କଲେ। ହେଷ୍ଟିଙ୍ଗସ କୋର୍ଟରେ ହାଜର ହୋଇ ମକଦମାରେ ସ୍ୱପକ୍ଷ ସମର୍ଥନ କରିବାକୁ ଅସ୍ୱୀକୃତ ହେଲେ। ଏହି ସମୟରେ ଜଣେକ ମୁସଲମାନ ନନ୍ଦକୁମାରଙ୍କ ନାମରେ ଜାଲ କରିଥିବା ଅଭିଯୋଗରେ ଏକ ମକଦମା ଦାଏର କଲା। ସୁପ୍ରୀମ କୋର୍ଟର

ନନ୍ଦକୁମାରଙ୍କ ଫାଶୀ

ପ୍ରଧାନ ନ୍ୟାୟାଧୀଶ ଇମ୍ପେ ସାହେବ ନନ୍ଦକୁମାରଙ୍କୁ ଅପରାଧୀ ସାବ୍ୟସ୍ତ କରି ତାଙ୍କୁ ଫାଶୀଦଣ୍ଡ ଦେଲେ। ତାହାଙ୍କ ଫାଶୀରେ ବଙ୍ଗଳାଦେଶରେ ହୁଲସ୍ଥୂଲ ପଡ଼ିଗଲା। କିଛିଦିନ ପରେ ଫ୍ରାନସିସ୍ ବିଲାତ ଚାଲିଗଲେ।

Digitized by srujanika@gmail.com

ନାରାୟଣ ରାଓ ପେଶବାଙ୍କ ବଧ

ପ୍ରଥମ ମରହଟ୍ଟା ଯୁଦ୍ଧ—ମରହଟ୍ଟା ପ୍ରତାପ ମୋଗଲ ସାମ୍ରାଜ୍ୟର ପତନ ସଙ୍ଗେ ସଙ୍ଗେହିଁ ବର୍ଦ୍ଧିତ ହେଉଥିଲା । ଯଦିଚ ତୃତୀୟ ପାନିପଥ ଯୁଦ୍ଧରେ ସେମାନେ ବଳହୀନ ହୋଇ ପଡ଼ିଥିଲେ, ତଥାପି ସେମାନଙ୍କ ପ୍ରତାପ ନଷ୍ଟ ହେବାକୁ ବହୁତ ବର୍ଷ ଲାଗିଥିଲା । ବାଲାଜି ବାଜିରାଓଙ୍କ ମୃତ୍ୟୁ ପରେ ତଦୀୟ ପୁତ୍ର ମାଧବ ରାଓ ସିଂହାସନାରୋହଣ କଲେ । ସେ ନାବାଳକ ଥିଲେ ବୋଲି ତଦୀୟ ପିତୃବ୍ୟ ରଘୁନାଥ ରାଓ ତାଙ୍କ ଅଭିଭାବକ ନିଯୁକ୍ତ ହେଲେ । ମାଧବ ରାଓ ମଧ୍ୟ ୧୭୭୨ ଖ୍ରୀଷ୍ଟାବ୍ଦରେ ମୃତ୍ୟୁମୁଖରେ ପତିତ ହେଲେ ଓ ତଦୀୟ କନିଷ୍ଠ ଭ୍ରାତା ନାରାୟଣ ରାଓ ସିଂହାସନରେ ଅଧିଷ୍ଠିତ ହେଲେ । କଥିତ ଅଛି, ରଘୁନାଥ ରାଓ ରାଜ୍ୟଲୋଭରେ ନାରାୟଣ ରାଓଙ୍କୁ ହତ୍ୟା କଲେ ଓ ନିଜେ ପେଶବା ହେବାକୁ ଇଚ୍ଛା କଲେ; କିନ୍ତୁ ସୌଭାଗ୍ୟବଶତଃ ନାରାୟଣ ରାଓଙ୍କର ଗୋଟିଏ ପୁତ୍ର ସନ୍ତାନ ଭୂମିଷ୍ଠ ହେଲା । ଅନ୍ୟତମ ମରହଟ୍ଟା ସରଦାର ନାନାଫର୍ଣ୍ଣବିସ୍ ଏହି ଶିଶୁକୁ ସିଂହାସନରେ ବସାଇଲେ ଏବଂ ନାବାଳକଙ୍କ ରାଜ୍ୟସଞ୍ଚାଳନର ଭାର ଗୋଟିଏ ସଭା ବା କମିଟିଙ୍କଠାରେ ନ୍ୟସ୍ତ କଲେ ଓ ରଘୁନାଥ ରାଓ ପୁନାରୁ ବିତାଡ଼ିତ ହେଲେ । ସେ ଇଂରେଜମାନଙ୍କର ଶରଣାପନ୍ନ ହେଲେ ଏବଂ ସୁରଟଠାରେ ବମ୍ବାଇ ଗଭର୍ଣ୍ଣରଙ୍କ ସହିତ ଗୋଟିଏ ସନ୍ଧି କଲେ । ତଦନୁସାରେ ସେ ପେଶବା ହେଲେ । ଇଂରେଜମାନଙ୍କୁ ସାଲସେଟ୍ ଓ ବେସିନ୍ ନାମକ ଦୁଇଟି ଦ୍ୱୀପ ଦେବେ ବୋଲି ସେ ପ୍ରତିଜ୍ଞା କଲେ । ଏହି ପ୍ରସ୍ତାବ କଲିକତାର ଇଂରେଜ କାଉନ୍‌ସିଲ (ସଭା)ଙ୍କ ମନକୁ ପାଇଲା ନାହିଁ । ସେମାନେ ନାନାଫର୍ଣ୍ଣବିସଙ୍କ ସହିତ ଏହି ସର୍ତ୍ତରେ ଦ୍ୱିତୀୟ ସନ୍ଧି ସ୍ଥାପନ କଲେ ଯେ, ଯଦି ସେ ସାଲସେଟ ଦ୍ୱୀପ କୋମ୍ପାନୀଙ୍କୁ ଅର୍ପଣ କରିବେ, ତାହାହେଲେ ଇଂରେଜମାନେ କୌଣସି ପକ୍ଷ ଅବଲମ୍ବନ କରିବେ ନାହିଁ । ଏହି ଦୁଇ ସନ୍ଧି ମଧ୍ୟରୁ ପ୍ରଥମ ଅର୍ଥାତ୍ ସୁରଟର ସନ୍ଧିହିଁ ବିଲାତ ପାର୍ଲିଆମେଣ୍ଟ ମନକୁ ପାଇଲା ଏବଂ ଇଂରେଜସେନା ରଘୁନାଥ ରାଓଙ୍କୁ ସାହାଯ୍ୟ କରିବାପାଇଁ ମରହଟ୍ଟାମାନଙ୍କ ବିପକ୍ଷରେ ପ୍ରେରିତ ହେଲେ । ଏହାହିଁ ପ୍ରଥମ ମରହଟ୍ଟା ଯୁଦ୍ଧ । ପ୍ରଥମେ ଇଂରେଜମାନେ କେତେଥର ହାରିଲେ, କିନ୍ତୁ ପରେ ସେମାନଙ୍କର ଜୟ ହେଲା । ସେମାନେ ଗୋୟାଲିୟର

Digitized by srujanika@gmail.com

ଓ ଅହମ୍ମଦାବାଦ ଅଧିକାର କଲେ । ଏଥିପରେ ୧୭୮୨ ଖ୍ରୀଷ୍ଟାବ୍ଦରେ ଇଂରେଜ ଓ ମରହଟ୍ଟାମାନଙ୍କ ମଧ୍ୟରେ ସନ୍ଧି ହେଲା; ତଦନୁସାରେ ନାରାୟଣ ରାଓଙ୍କ ଶିଶୁ ପୁତ୍ରହିଁ ପେଶବା ସ୍ୱୀକୃତ ହେଲେ ଏବଂ ଗୋୟାଲିୟର ଓ ଅହମ୍ମଦାବାଦରେ ମହେଟ୍ଟାମାନଙ୍କର ଅଧିକାର ରହିଲା । ଇଂରେଜମାନଙ୍କୁ ସାଲସେଟ ଓ ଏଲଫାଣ୍ଟା ଦ୍ୱୀପ ମିଳିଲା ଏବଂ ରଘୁନାଥ ରାଓ ମାସିକ ୨୫ ହଜାର ଟଙ୍କା ବୃତ୍ତି ପ୍ରାପ୍ତ ହେଲେ ।

ଦ୍ୱିତୀୟ ମହୀଶୂର ଯୁଦ୍ଧ—ପୂର୍ବେ କୁହାଯାଇଅଛି ଯେ, ହାଇଦର ଅଲ୍ଲୀଙ୍କ ସଙ୍ଗେ ଇଂରେଜମାନଙ୍କର ହୋଇଥିବା ସନ୍ଧିର ସର୍ତ୍ତ ଅନୁସାରେ ହାଇଦର ଇଂରେଜମାନଙ୍କ ନିକଟରୁ ମରହଟ୍ଟାମାନଙ୍କ ବିପକ୍ଷରେ ସାହାଯ୍ୟ ପ୍ରାର୍ଥନା କରିଥିଲେ, କିନ୍ତୁ ସେମାନେ ଅସ୍ୱୀକୃତ ହେବାରୁ ହାଇଦରଙ୍କୁ ଅତ୍ୟନ୍ତ କ୍ଷତିଗ୍ରସ୍ତ ହେବାକୁ ପଡ଼ିଥିଲା । ସେଥିପାଇଁ ସେ ଇଂରେଜଙ୍କ ଉପରେ ରାଗ ସାଧିବାକୁ ଓଗି ଜଣିଥିଲେ । ୧୭୭୮ ଖ୍ରୀଷ୍ଟାବ୍ଦରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଯୁଦ୍ଧ ହେଲା । ଇଂରେଜମାନେ ଫରାସୀମାନଙ୍କର ସକଳ ସ୍ଥାନ ଅଧିକାର କଲେ । ମାତ୍ର ମାହି ନାମକ ସ୍ଥାନ ଫରାସୀମାନଙ୍କ ଅଧିକାରରେ ରହିଗଲା । ଇଂରେଜମାନେ ଏହାକୁ ଅଧିକାର କରିବାକୁ ଅସମର୍ଥ ହେଲେ । ତଥାପି ଇଂରେଜମାନେ ଏହା କୌଣସି ପ୍ରକାରେ ଅଧିକାର କରିବା ଆବଶ୍ୟକ ବୋଲି ମନେ କରୁଥିଲେ । ହାଇଦରଙ୍କ ରାଜ୍ୟ ଦେଇ ମାହି ଯିବାର ବାଟ । ହାଇଦରଙ୍କ ରାଜ୍ୟବାଟେ ମାହି ଯିବାପାଇଁ ଇଂରେଜମାନେ ହାଇଦରଙ୍କ ଅନୁମତି ମାଗିଲେ କିନ୍ତୁ ହାଇଦର ଅନୁମତି ଦେଲେ ନାହିଁ । ତଥାପି ଇଂରେଜମାନେ ହାଇଦରଙ୍କୁ ଭ୍ରୂକ୍ଷେପ ନ କରି ତାଙ୍କ ରାଜ୍ୟବାଟେ ମାହିକୁ ଯୁଦ୍ଧଯାତ୍ରା କଲେ । ଏଥିରେ ହାଇଦର କୁପିତ ହୋଇ ଗୋଟିଏ ବୃହତ୍ ସୈନ୍ୟଦଳ ସମଭିବ୍ୟାହାରରେ ମାନ୍ଦ୍ରାଜ ଅଭିମୁଖରେ ଧାବିତ ହେଲେ । ପଥରେ ଲୁଣ୍ଠନ କରି କରି ସେ କାଞ୍ଜିଭରମ୍ (ପ୍ରାଚୀନ କାଞ୍ଚୀନଗର)ରେ ଉପସ୍ଥିତ ହେଲେ । ସେଠାରେ ସେ ଇଂରେଜସେନାଙ୍କ ପ୍ରଥମଥର ପରାସ୍ତ କଲେ । ଦ୍ୱିତୀୟଥର ଯୁଦ୍ଧରେ ହେକ୍ଟରର ମୁନରୋ ମଧ୍ୟ ପରାଜିତ ହେଲେ ।

Digitized by srujanika@gmail.com

ଏଥିରେ ସେ ଗଭର୍ଣ୍ଣର ଜେନେରାଲଙ୍କ ନିକଟରେ ସାହାଯ୍ୟ ପ୍ରାର୍ଥନା କଲେ। ହେଷ୍ଟିଂସ୍ କଲିକତାରୁ ସେନାପତି ସର୍ ଆୟାର୍ କୁଟ୍‌ଙ୍କୁ ପ୍ରେରଣ କଲେ। ସେ ହାଇଦରଙ୍କୁ 'ପୋର୍ଟନୋଭୋ, ପୋଲିଲୋର, ଶୋଲିନଗଡ଼ ଓ ଅରଣିଠାରେ ଯୁଦ୍ଧରେ ପରାସ୍ତ କଲେ ସତ୍ୟ, କିନ୍ତୁ ହାଇଦରଙ୍କୁ ସ୍ଥାନଚ୍ୟୁତ କରି ପାରିଲେ ନାହିଁ। ଇତ୍ୟବସରରେ ସେନାପତି ସର୍ ଆୟାର୍ କୁଟ୍ ଅସୁସ୍ଥ ହୋଇ ବିଲାତ ଚାଲିଗଲେ, ଏଣେ ହାଇଦର ମଧ୍ୟ ପଞ୍ଚତ୍ୱ ପ୍ରାପ୍ତ ହେଲେ। ତାହାଙ୍କ ପୁତ୍ର ଟିପୁ ସୁଲତାନ୍ ଯୁଦ୍ଧରୁ ବିରତ ହେଲେ ନାହିଁ। ସେ ବିଶେଷ ସାହସ ସହିତ ଯୁଦ୍ଧ ଚଳାଉଥିଲେ। ଇତିମଧ୍ୟରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହେବାରୁ ଟିପୁ ଆଉ ଫରାସୀଙ୍କଠାରୁ ସାହାଯ୍ୟ ପାଇଲେ ନାହିଁ। ଅବଶେଷରେ ଟିପୁ ନାଚାର ହୋଇ ୧୭୮୪ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ସହିତ ମାଙ୍ଗାଲୋରଠାରେ ସନ୍ଧି କଲେ। ଏହି ସନ୍ଧିର ଫଳରେ ଉଭୟ ପକ୍ଷ ପରସ୍ପରଦ୍ୱାରା ବିଜିତ ସ୍ଥାନଗୁଡ଼ିକ ଅନ୍ୟକୁ ଫେରାଇ ଦେଲେ ଓ ବନ୍ଦୀମାନଙ୍କୁ ମୁକ୍ତ ଦେଲେ।

ମାଙ୍ଗାଲୋର ସନ୍ଧି

ଉପରୋକ୍ତ ଦୁଇଟିଯାକ ଯୁଦ୍ଧରେ ହେଷ୍ଟିଂସ୍‌ଙ୍କୁ ବହୁ ଧନ ବ୍ୟୟ କରିବାକୁ ହୋଇଥିଲା; ଏଥିରେ କମ୍ପାନୀର କୋଷାଗାର ଶୂନ୍ୟ ହୋଇ ପଡ଼ିଲା। ହେଷ୍ଟିଂସ୍ ଏହାକୁ କିପରି ଭରଣା କରିବେ, ଏହା ଚିନ୍ତା କରିବାକୁ ଲାଗିଲେ। ୧୭୭୫ ଖ୍ରୀଷ୍ଟାବ୍ଦରେ ଅଯୋଧ୍ୟା ନବାବଙ୍କଠାରୁ ବନାରସ (କାଶୀ) କିଣା ହୋଇ ଇଂରେଜମାନଙ୍କର ହସ୍ତଗତ ହେଲା ଓ ଚୈତ ସିଂହଙ୍କୁ ସେଠାର ରାଜା କରାଗଲା। ୧୭୭୮ ଖ୍ରୀଷ୍ଟାବ୍ଦରେ ତାହାଙ୍କୁ ଅଧିକ କର ଦେବାକୁ କୁହାଗଲା। ସେ ଦୁଇ ବର୍ଷ ଏହି କର ଦେଇ ତୃତୀୟ ବର୍ଷ ଦେବାକୁ ଆପତ୍ତି କଲେ। ଏଥିରେ ହେଷ୍ଟିଂସ୍ ତାହାଙ୍କୁ ୫୦ ଲକ୍ଷ ଟଙ୍କା ଜୋରିମାନା କଲେ ଏବଂ ତାହା ଆଦାୟ କରିବାପାଇଁ ସ୍ୱୟଂ କାଶୀରେ ଉପସ୍ଥିତ ହୋଇ ଚୈତ ସିଂହଙ୍କୁ ବନ୍ଦୀ କଲେ। ଏଥିରେ ବନାରସର ପ୍ରଜାମାନେ ବିଦ୍ରୋହୀ ହୋଇ ଉଠିଲେ। ହେଷ୍ଟିଂସ୍ ଚୁନାର ଦୁର୍ଗକୁ ପଳାଇ ଯାଇ ସେଠାରେ ଆଶ୍ରୟ ଗ୍ରହଣ କରି ପ୍ରାଣରକ୍ଷା କଲେ। ଚୈତ ସିଂହ କାରାଗୃହରୁ ବାହାରି ବିଜୟଗଡ଼କୁ ଗମନ କଲେ ଓ କୋଡ଼ିଏ ହଜାର ସୈନ୍ୟ ଏକତ୍ର

ଚୈତ ସିଂହ

Digitized by srujanika@gmail.com

କଲେ, କିନ୍ତୁ ଉକ୍ତ ସେନା ହେଷ୍ଟିଂସଙ୍କ ଦ୍ୱାରା ପରାସ୍ତ ହେଲେ । ତହୁଁ ହେଷ୍ଟିଙ୍ଗସ୍ ଚୈତ ସିଂହଙ୍କର ଜଣେ ଭ୍ରାତୃଷ୍ପୁତ୍ରଙ୍କୁ ବନାରସର ସିଂହାସନରେ ବସାଇଲେ ଏବଂ ତାହାଙ୍କୁ ପୂର୍ବାପେକ୍ଷା ଦ୍ୱିଗୁଣ କର ଦେବାକୁ ବାଧ୍ୟ କଲେ ।

୧୭୭୫ ଖ୍ରୀଷ୍ଟାବ୍ଦରେ ଅଯୋଧ୍ୟାର ବୃଦ୍ଧ ନବାବ ମୃତ୍ୟୁମୁଖରେ ପତିତ ହେଲେ ଓ ଅସଫଉଦ୍ଦୌଲ୍ଲା ନୂତନ ନବାବ ହେଲେ । ବୃଦ୍ଧ ନବାବଙ୍କ ଉପରେ କମ୍ପାନୀର ଅନେକ ଟଙ୍କା ବାକି ପଡ଼ିଥିଲା । ହେଷ୍ଟିଙ୍ଗସ୍ ତାହା ସୁଝି ଦେବାକୁ ନୂତନ ନବାବଙ୍କୁ କହିଲେ, କିନ୍ତୁ ନବାବ ଅସ୍ୱୀକୃତ ହେଲେ । ହେଷ୍ଟିଙ୍ଗସ୍ ସ୍ୱୟଂ ଅଯୋଧ୍ୟାକୁ ଗଲେ । ସେ ଜାଣି ପାରିଲେ ଯେ, ଭୂତପୂର୍ବ ନବାବଙ୍କ ବେଗମ୍ମାନଙ୍କଠାରେ ପ୍ରଚୁର ଅର୍ଥ ଅଛି । ସେମାନେ ଧନ ଦେବାକୁ ସ୍ୱୀକୃତ ନ ହେବାରୁ ବଳପୂର୍ବକ ସେମାନଙ୍କ ନିକଟରୁ ୭୫ ଲକ୍ଷ ଟଙ୍କା ଆଦାୟ କରାଗଲା । ଏହି ଟଙ୍କା ନେବା ଯୋଗୁଁ ହେଷ୍ଟିଙ୍ଗସ୍ଙ୍କର ବିଶେଷ ଦୁର୍ନାମ ରଟିଲା ଏବଂ ବିଲାତ ପାର୍ଲିଆମେଣ୍ଟରେ ୭ ବର୍ଷ କାଳ ତାହାଙ୍କ ନାମରେ ଏହି ଟଙ୍କା ନେବା ଅଭିଯୋଗରେ ମୋକଦ୍ଦମା ଚଳିଲା । ଶେଷରେ ହେଷ୍ଟିଙ୍ଗସ୍ ନିର୍ଦ୍ଦୋଷ ପ୍ରମାଣିତ ହେଲେ ସତ୍ୟ, କିନ୍ତୁ ଏହି ମୋକଦ୍ଦମା ଚଳାଇବାରେ ସେ ଦରିଦ୍ର ହୋଇଥିଲେ ।

ପିଟ୍ ସାହେବଙ୍କ ଇଣ୍ଡିଆ ବିଲ୍—ହେଷ୍ଟିଙ୍ଗସ୍ଙ୍କ ଶାସନକାଳର ଶେଷ ଭାଗରେ ବିଲାତର ପ୍ରଧାନ ମନ୍ତ୍ରୀ ପିଟ୍ ସାହେବ ଭାରତରେ ସୁବ୍ୟବସ୍ଥା କରିବାପାଇଁ ପାର୍ଲିଆମେଣ୍ଟରେ ଗୋଟିଏ ବିଲ୍ (ଆଇନର ପାଣ୍ଡୁଲିପି) ଉପସ୍ଥାପିତ କଲେ ଓ ଏହା ଆଇନରୂପେ ପାଶ୍ ହେଲା । ଏହାର ନାମ "ପିଟ୍ଙ୍କ ଇଣ୍ଡିଆ ବିଲ୍" । ଏହି 'ବିଲ୍' ଅନୁସାରେ ଭାରତ ଶାସନ ସମ୍ପର୍କରେ କମ୍ପାନୀର କ୍ଷମତା ହ୍ରାସ କରାଯାଇ ବିଲାତ ପାର୍ଲିଆମେଣ୍ଟର କ୍ଷମତା ବର୍ଦ୍ଧିତ କରାଗଲା । ଭାରତବର୍ଷର ଶାସନକର୍ମ ତନଖିବା ପାଇଁ ଛଅ ଜଣ

ବୋର୍ଡ଼ ଅଫ୍ କଣ୍ଟ୍ରୋଲ

ସଦସ୍ୟଙ୍କଦ୍ୱାରା ବିଲାତରେ ଗୋଟିଏ କମିଟି ଗଠିତ ହେଲା । ଏହା ବୋର୍ଡ଼ ଅଫ୍ କଣ୍ଟ୍ରୋଲ୍ ନାମରେ ଅଭିହିତ ହେଲା । ଇଂଲଣ୍ଡର ରାଜମନ୍ତ୍ରୀ ଏହାର ସଭାପତି ନିଯୁକ୍ତ ହେଲେ ଓ ଗବର୍ଣ୍ଣର ଜେନେରାଲଙ୍କ

Digitized by srujanika@gmail.com

ନିୟୋଗଭାର ତାହାଙ୍କ ଉପରେ ନ୍ୟସ୍ତ ହେଲା । ଗଭର୍ଣ୍ଣରଙ୍କ ସଭାର ସଦସ୍ୟ ସଂଖ୍ୟା ୪ ରୁ ୩ କରାଗଲା । ବଡ଼ଲାଟ ବା ଗଭର୍ଣ୍ଣର ଜେନେରାଲ୍‌ଙ୍କର ଏହି ଗୋଟିଏ ବିଶେଷ କ୍ଷମତା ରହିଲା ଯେ, ପ୍ରୟୋଜନ ହେଲେ ସଭାର ମତ ବିରୋଧରେ ସେ କାର୍ଯ୍ୟ କରି ପାରିବେ । ଅବଶ୍ୟ ବ୍ରିଟିଶ ପାର୍ଲିଆମେଣ୍ଟର ଆଦେଶ ବ୍ୟତିରେକେ ସେ ଯୁଦ୍ଧ ବା ସନ୍ଧି କରି ପାରିବେ ନାହିଁ ବୋଲି ବିଲ୍‌ରେ ବିଧାନ ଥିଲା । ୧୮୫୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ବିଲ୍ ଅନୁସାରେ ଭାରତର ଶାସନ ଚାଲିଲା ।

ଲର୍ଡ୍ କର୍ଣ୍ଣୱାଲିସ୍ ଦ୍ୱିତୀୟ ଗଭର୍ଣ୍ଣର ଜେନେରାଲ୍

୧୭୮୬-୧୭୯୩—ପିଟ୍ ସାହେବଙ୍କ ଇଣ୍ଡିଆ ବିଲ୍ ଅନୁସାରେ ବଡ଼ଲାଟଙ୍କ କ୍ଷମତା ଏତେ ବର୍ଦ୍ଧିତ କରାଗଲା ଯେ, ତାଙ୍କ ସଭାର ସଦସ୍ୟମାନେ ତାଙ୍କର କୌଣସି କାର୍ଯ୍ୟରେ ବାଧା ଦେଇ ପାରୁ ନ ଥିଲେ । ଏହି କାରଣରୁ ଲର୍ଡ କର୍ଣ୍ଣୱାଲିସଙ୍କୁ ହେଷ୍ଟିଂସଙ୍କ ପରି ଅଧିକାର ପରିଚାଳନ ସମସ୍ୟାରେ କୌଣସି ପ୍ରକାରେ ଉଦ୍ବେଗ ପାଇବାକୁ ହୋଇ ନାହିଁ । ତାହାଙ୍କ ଆଗମନ ପୂର୍ବରୁ ପ୍ରାୟ ବର୍ଷେକାଳ ସଭାର ପ୍ରଧାନ ସଦସ୍ୟ ସର୍ ଜନ୍ ମାକଫର୍ସନ ବଡ଼ଲାଟ କାର୍ଯ୍ୟ ନିର୍ବାହ କରୁଥିଲେ । କର୍ଣ୍ଣୱାଲିସ ୧୭୮୬ ଖ୍ରୀଷ୍ଟାବ୍ଦରେ ଶାସନଭାର ନିଜେ ଗ୍ରହଣ କଲେ ।

ଲର୍ଡ୍ କର୍ଣ୍ଣୱାଲିସ୍

ସେ ଦେଖିଲେ ଯେ, ଅଳ୍ପ ବେତନ ପ୍ରାପ୍ତ ହେବାରୁ କମ୍ପାନୀର କର୍ମଚାରୀମାନେ ଉତ୍କୋଚ ଗ୍ରହଣ କରୁଅଛନ୍ତି ଓ ଅବୈଧ ଭାବରେ କୌଣସି ନା କୌଣସି ବାଣିଜ୍ୟରେ ଲିପ୍ତ ରହୁଅଛନ୍ତି, ଏଥିରେ ପ୍ରଜାମାନେ ଉତ୍ପୀଡ଼ିତ ହେଉଅଛନ୍ତି, କମ୍ପାନୀର କାର୍ଯ୍ୟ ମଧ୍ୟ ଠିକ୍‌ରୂପେ ନିର୍ବାହିତ ହେଉ ନାହିଁ । ଏଥିଯୋଗୁଁ ସେ କର୍ମଚାରୀମାନଙ୍କର ବେତନ ବୃଦ୍ଧି କରି ଦେଲେ ଓ ଉତ୍କୋଚ ଗ୍ରହଣକାରୀ ଓ ଗୁପ୍ତ ବାଣିଜ୍ୟକାରୀ କର୍ମଚାରୀମାନଙ୍କ ପାଇଁ କଠିନ

Digitized by srujanika@gmail.com

ଦଣ୍ଡର ବ୍ୟବସ୍ଥା କଲେ । ବିଗ୍ଭର-ବିଭାଗର ସେ ଯଥେଷ୍ଟ ସୁବ୍ୟବସ୍ଥା କଲେ । ପ୍ରତ୍ୟେକ ଜିଲ୍ଲାରେ ଯଦିଚ ପୃଥକ୍ ପୃଥକ୍ ଦେବାନୀ ଓ ଫୌଜଦାରୀ ଅଦାଲତମାନ ଥିଲା ତଥାପି ଜିଲ୍ଲାର କଲେକ୍ଟରହିଁ ଉଭୟ ଅଦାଲତରେ ବସି ବିଗ୍ଭର କରୁଥିଲେ ମଧ୍ୟ କଲେକ୍ଟରଙ୍କ କାର୍ଯ୍ୟ ବହୁତ ବଢ଼ିଯାଇଥିଲା । ଏଥିଲାଗି ଏହି ଦୁଇ

ସ୍ୱିଗ୍ଭର କାର୍ଯ୍ୟ ବିଭାଗର କାର୍ଯ୍ୟ ଶୃଙ୍ଖଳାରେ ଚଳୁ ନ ଥିଲା । କର୍ଣ୍ଣୱାଲିସ୍ ଫୌଜଦାରୀ ବିଭାଗକୁ ଦେବାନୀଠାରୁ ପୃଥକ୍ କରିଦେଲେ ଓ ପ୍ରତ୍ୟେକ ଜିଲ୍ଲାରେ ଦେବାନୀ ମକଦ୍ଦମା ବିଗ୍ଭର କରିବାପାଇଁ ଜଣେ ଜଣେ ଜଜ ଏବଂ ସେମାନଙ୍କ ଅଧୀନରେ ଛୋଟ ଛୋଟ ମକଦ୍ଦମା ବିଗ୍ଭର କରିବାପାଇଁ ଜଣକେତେ ଲେଖାଏଁ ମୁନସଫ୍ ନିଯୁକ୍ତ କଲେ । ପାଟଣା, କଲିକତା, ଢାକା ଓ ମୁଶିଦାବାଦରେ ଅପିଲ ଅଦାଲତମାନ ପ୍ରତିଷ୍ଠିତ ହେଲା ଓ ପୁଲିସର ସୁବ୍ୟବସ୍ଥା ପାଇଁ ପ୍ରତ୍ୟେକ ଜିଲ୍ଲା କେତେଗୁଡ଼ିଏ ଥାନାରେ ବିଭକ୍ତ ହେଲା ।

ଚିରସ୍ଥାୟୀ ବନ୍ଦୋବସ୍ତ—ଏହି ସମୟ ପର୍ଯ୍ୟନ୍ତ ଜମିଦାରୀମାନ ପ୍ରତି ୫ ବର୍ଷ ଅନ୍ତରରେ ଜମିଦାରମାନଙ୍କୁ ଥରେ ଲେଖାଏଁ ଠିକା ଦିଆଯାଉଥିଲା, ଏଣୁ ଏହାର ନାମ ପାଞ୍ଚଶାଲା ବନ୍ଦୋବସ୍ତ ହୋଇଥିଲା । ଯଦିଚ ଜମିଦାରମାନେ ଉକ୍ତ ମିଆଦକାଳ ମଧ୍ୟରେ କମ୍ପାନୀକୁ ନିର୍ଦ୍ଦିଷ୍ଟ ମାଲଗୁଜାରୀ ଦେଉଥିଲେ, ତଥାପି ସେମାନେ ଉକ୍ତ ନିର୍ଦ୍ଦିଷ୍ଟ ମିଆଦ ମଧ୍ୟରେ ପ୍ରଜାମାନଙ୍କଠାରୁ ଅଧିକ କର ଆଦାୟ କରୁଥିଲେ । ସେମାନେ ଭାବୁଥିଲେ ଯେ, ସମ୍ଭବତଃ ପାଞ୍ଚ ବର୍ଷ ପରେ ଜମିଦାରୀ ଅନ୍ୟ ବ୍ୟକ୍ତିକୁ ଠିକା ଦିଆଯାଇ ପାରେ । କର୍ଣ୍ଣୱାଲିସ୍ ଦେଖିଲେ ଯେ, ଏହି ବ୍ୟବସ୍ଥାରେ ବିଶେଷ କ୍ଷତି ହେଉଅଛି । ସେ ୧୭୯୩ ଖ୍ରୀଷ୍ଟାବ୍ଦରେ ବଙ୍ଗଳା, ବିହାର ଓ ଓଡ଼ିଶାର ଜମିଦାରୀମାନ ଜମିଦାରଙ୍କ ସଙ୍ଗେ ଚିରସ୍ଥାୟୀରୂପେ ବନ୍ଦୋବସ୍ତ କରିଦେଲେ । ଆଉ ୫ ବର୍ଷ ଅନ୍ତରରେ ଭିନ୍ନ ଭିନ୍ନ ଜମିଦାରଙ୍କୁ ନୂଆ କରି ଜମିଦାରୀ ଠିକା ଦେବାର ରୀତି ରହିଲା ନାହିଁ, ପରନ୍ତୁ ପ୍ରତ୍ୟେକ ଜମିଦାରଙ୍କ ଜମିଦାରୀ ପୁରୁଷାନୁକ୍ରମିକ ହେଲା । ଏହି ବନ୍ଦୋବସ୍ତର ଫଳରେ ଜମିଦାରମାନଙ୍କଦ୍ୱାରା ଗୋଟିଏ ରାଜଭକ୍ତ ଦଳ ଗଠିତ ହେଲା । ସେମାନଙ୍କର ଆଉ ଉତ୍ପୀଡ଼ନ କରି ପ୍ରଜାଙ୍କଠାରୁ ଅଧିକ ଖଜଣା ଆଦାୟ କରିବାର ଆବଶ୍ୟକତା ରହିଲା ନାହିଁ । ଏହି ବ୍ୟବସ୍ଥାର ନାମ ଚିରସ୍ଥାୟୀ ବନ୍ଦୋବସ୍ତ

Digitized by srujanika@gmail.com

(ପର୍ମାନେଣ୍ଟ୍ ସେଟେଲ୍‌ମେଣ୍ଟ୍)। ପ୍ରଜାମାନଙ୍କର ମଧ୍ଯ ଏଥିରେ ବିଶେଷ ଉପକାର ହେଲା ।

ତୃତୀୟ ମହୀଶୂର ଯୁଦ୍ଧ—ହାଇଦର ଅଲ୍ଲିଙ୍କ ପୁତ୍ର ଟିପୁ ବୀର ଓ ଯୁଦ୍ଧପ୍ରିୟ ଥିଲେ । ଇଂରେଜମାନେ ତାହାଙ୍କ ବୀରତ୍ୱ ଓ ଯୁଦ୍ଧପ୍ରିୟତାର ପ୍ରଶଂସା କରୁଥିଲେ । ସେ ସୁଶାସକ ଥିଲେ ଓ ଶାସନ କାର୍ଯ୍ୟ ଅନେକ ପରିମାଣରେ ସୁଧାର ଥିଲେ ।

ଟିପୁଙ୍କ ବ୍ୟବହାର

ସେ ମୁସଲମାନ ଥିଲେହେଁ ଧର୍ମ ନିର୍ବିଶେଷରେ ପ୍ରଜାମାନଙ୍କ ପ୍ରତି ତାଙ୍କର ବ୍ୟବହାର ଉତ୍ତମ ଥିଲା । ସେ ହିନ୍ଦୁମାନଙ୍କର ମନ୍ଦିର ସଂସ୍କାର କରାଇ ଦେଉଥିଲେ ଓ ପ୍ରୟୋଜନ ହେଲେ ସେଥିରେ ସାହାଯ୍ୟ ଦେଉଥିଲେ । ଅବଶ୍ୟ ଯୁଦ୍ଧ ସମୟରେ ତାହାଙ୍କ ବ୍ୟବହାର କଠୋର ଥିଲା । କେତେକ ଐତିହାସିକ କହନ୍ତି ଯେ, ଟିପୁ ହିନ୍ଦୁମାନଙ୍କ ପ୍ରତି ତାଙ୍କର ବ୍ୟବହାର କଠୋର ଥିଲା, କିନ୍ତୁ ଏ କଥାର ସତ୍ୟତା ସମ୍ବନ୍ଧରେ ସନ୍ଦେହ ଅଛି ।

ସେ ଗର୍ବୀ ଥିଲେ, ଏହି କାରଣରୁ ଇଂରେଜମାନଙ୍କ ସଙ୍ଗେ ସନ୍ଧି କରି ସୁଦ୍ଧା ସେ ଇଂରେଜମାନଙ୍କୁ ଖାତିର୍ କରୁ ନ ଥିଲେ । ସେ ଇଂରେଜମାନଙ୍କର ବନ୍ଧୁ ତ୍ରିବାଙ୍କୁରର ରାଜାଙ୍କୁ ଆକ୍ରମଣ କଲେ । ରାଜା ଇଂରେଜଙ୍କ ସାହାଯ୍ୟ ପ୍ରାର୍ଥନା କଲେ । ମରହଟ୍ଟା ଓ ନିଜାମ୍ ଟିପୁଙ୍କ ପ୍ରତି ପୂର୍ବରୁ ଚିଡ଼ିଥିଲେ । ଏହି କାରଣରୁ କର୍ଣ୍ଣୱାଲିସ୍ ଟିପୁଙ୍କ ବିରୋଧରେ ଯୁଦ୍ଧ କରିବାକୁ ସେମାନଙ୍କୁ କହିଲେ । ୧୭୯୧ ଖ୍ରୀଷ୍ଟାବ୍ଦରେ ଏହି ତିନି ଶକ୍ତି ମିଳିତ ହୋଇ ଟିପୁଙ୍କୁ ଆକ୍ରମଣ କରି ବାଙ୍ଗାଲୋର ଅଧିକାର କଲେ ଓ ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗପଟ୍ଟନ ଅବରୋଧ କଲେ । ଟିପୁ ଏଥିର ପ୍ରତିରୋଧ କରି ପାରିଲେ ନାହିଁ । ସମ୍ମିଳିତ ସେନା ଦୁର୍ଗର ପ୍ରାଚୀର ଭଗ୍ନ କଲେ ଓ ଇଂରେଜ ସୈନ୍ୟ ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ନିରୁପାୟ ହୋଇ ଟିପୁ ୧୭୯୨ ଖ୍ରୀଷ୍ଟାବ୍ଦରେ

Digitized by srujanika@gmail.com

ଇଂରେଜମାନଙ୍କ ସହିତ ସନ୍ଧି କଲେ । ଏହି ସନ୍ଧି ଅନୁସାରେ ଟିପୁଙ୍କୁ ତାଙ୍କ ରାଜ୍ୟରୁ ଅର୍ଦ୍ଧେକ ଛାଡ଼ି ଦେବାକୁ ପଡ଼ିଲା ଓ ଯୁଦ୍ଧର ବ୍ୟୟସ୍ୱରୂପ ତିନ କୋଟି ଟଙ୍କା ଦେବାକୁ ହେଲା । କୁର୍ଗକୁ ସ୍ୱାଧୀନ ରାଜ୍ୟ କରି ଦିଆଗଲା । ଟିପୁଙ୍କର ଅର୍ଦ୍ଧ ରାଜ୍ୟକୁ ନିଜାମ, ମରହଟ୍ଟା ଓ ଇଂରେଜ ନିଜ ନିଜ ମଧ୍ୟରେ ବଣ୍ଟାବଣ୍ଟି କରି ନେଲେ । ଇଂରେଜମାନେ ଡିଣ୍ଡିଗଲ, ସାଲେମ, ମଦୁରାର କିୟଦଂଶ ଓ ମାଲବାର ପ୍ରାପ୍ତ ହେଲେ । ଏହି ସନ୍ଧିରେ ସନ୍ତୁଷ୍ଟ ହୋଇ ବିଲାତର ପାର୍ଲିଆମେଣ୍ଟ କର୍ଣ୍ଣୱାଲିସଙ୍କୁ ୪ ଲକ୍ଷ ଟଙ୍କା ପୁରସ୍କାର ଦେଲେ ।

ସର ଜନ୍ ସୋର୍—ତୃତୀୟ ଗଭର୍ଣ୍ଣର ଜେନେରାଲ

୧୭୯୩-୧୭୯୮—କର୍ଣ୍ଣୱାଲିସଙ୍କ ପରେ ସର ଜନ ସୋର ବଡ଼ଲାଟ ହୋଇ ଭାରତକୁ ଆସିଲେ । ସେ ପ୍ରଥମେ କମ୍ପାନୀଙ୍କ ଅଧୀନରେ ଜଣେ କର୍ମଚାରୀ ଥିଲେ । ସେ ଶାନ୍ତ ପ୍ରକୃତିକ ଥିବାରୁ ଦେଶୀୟ ରାଜନ୍ୟବର୍ଗଙ୍କର କୌଣସି ବିଷୟରେ ହସ୍ତକ୍ଷେପ କରିବାକୁ ଇଚ୍ଛା କରୁ ନ ଥିଲେ । ସେ ଏହି ନୀତି ଅନୁସାରେ କାର୍ଯ୍ୟନିର୍ବାହ କରୁଥିଲେ । ପରେ ଅବଶ୍ୟ ତାହାଙ୍କୁ ଏହି ନୀତି ଲଙ୍ଘନ କରିବାକୁ ହୋଇଥିଲା । ଯାହା ହେଉ, ସେପରି ଯୁଦ୍ଧ ହେଲା ନାହିଁ । ଅଯୋଧ୍ୟାର ନବାବ ଅସଫ ଉଦ୍ଦୌଲାଙ୍କର ମୃତ୍ୟୁ ହେବାରୁ ସିଂହାସନ ପାଇଁ ତାହାଙ୍କର ପୁତ୍ର ଉଜିର ଅଲ୍ଲୀ ଓ ତାଙ୍କ ସହୋଦର ସାଦତ ଅଲ୍ଲୀଙ୍କ ମଧ୍ୟରେ କଳହ ଜାତ ହେଲା । ଉଜିର ଅଲ୍ଲୀ ଇଂରେଜଙ୍କ ବିରୋଧରେ କାବୁଲର ଅମୀରଙ୍କ ସହିତ ପତ୍ର ବ୍ୟବହାର କରୁଥିଲେ, ସେଥିଯୋଗୁଁ ସର୍ ଜନ ସୋର୍ଙ୍କୁ ବାଧ୍ୟ ହୋଇ ଏ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ହେଲା । ସେ ସାଦତ୍ ଅଲ୍ଲୀଙ୍କୁ ନବାବ ପଦରେ ପ୍ରତିଷ୍ଠିତ କରି ଉଜିର୍ ଅଲ୍ଲୀଙ୍କୁ କାଶୀ ପଠାଇଦେଲେ । ସେଠାରେ ଉଜିର୍ ବିଦ୍ରୋହ କରିବାକୁ ଚେଷ୍ଟା କରିବାରୁ ନିହତ ହେଲେ ।

ସର ଜନ୍ ସୋର୍ଙ୍କର ଏହି ଉଦାସୀନତାନୀତି (Policy of non-intervention) ଯୋଗୁଁ ଦକ୍ଷିଣ ଦେଶରେ ଗୋଟିଏ ଗୁରୁତର କାଣ୍ଡ ଘଟିଲା । ମରହଟ୍ଟାମାନେ ଦେଖିଲେ ଯେ,ଇଂରେଜମାନେ ଆଉ କୌଣସି ଦେଶୀୟ ରାଜାଙ୍କ ପକ୍ଷ ଗ୍ରହଣ କରିବେ ନାହିଁ । ଏଣୁ ସେମାନେ ୧୭୯୫ ଖ୍ରୀଷ୍ଟାବ୍ଦରେ ନିଜାମଙ୍କୁ ଆକ୍ରମଣ

Digitized by srujanika@gmail.com

କଲେ । ନିଜାମ୍ ଇଂରେଜମାନଙ୍କର ସାହାଯ୍ୟଭିକ୍ଷା କଲେ; କିନ୍ତୁ ସର୍ ଜନ୍ ସୋର୍ ସାହାଯ୍ୟ ଦେଲେ ନାହିଁ । ଖର୍ଦ୍ଦଳା ପ୍ରାନ୍ତରରେ ଘୋର ଯୁଦ୍ଧ ହେଲା ।



ନିଜାମ୍ ପରାଭୂତ ହେଲେ ଓ ବାଧ୍ୟ ହୋଇ ତିନି କୋଟି ଟଙ୍କା ଓ ଅର୍ଦ୍ଧରାଜ୍ୟ ମରହଟ୍ଟାମାନଙ୍କୁ ଦେଲେ । ଅବଶିଷ୍ଟ ଅର୍ଦ୍ଧରାଜ୍ୟ ଉପରୁ ମରହଟ୍ଟାମାନେ ଚୌଥ ଆଦାୟ କରିବେ ବୋଲି ନିଜାମ୍ ଅଙ୍ଗୀକାର କଲେ ।

ଖୁର୍ଦ୍ଦଳା ଯୁଦ୍ଧ

ମରହଟ୍ଟା ବ୍ୟତୀତ ଟିପୁ ସୁଲତାନ୍ ମଧ୍ୟ ବଡ଼ଲାଟଙ୍କର ଏହି ଉଦାସୀନତା ଦେଖି ନିଜର ଦଳ ବଢ଼ାଇବାକୁ ଲାଗିଲେ । ସେ କାବୁଲକୁ ଓ ଫରାସୀମାନଙ୍କ ନିକଟକୁ ଦୂତ ପ୍ରେରଣ କରି ଇଂରେଜମାନଙ୍କୁ ଭାରତରୁ ବହିଷ୍କୃତ କରିବାର ଷଡ଼୍‌ଯନ୍ତ୍ର କଲେ । ତଥାପି ତାହାଙ୍କ କାର୍ଯ୍ୟରେ କୌଣସିପ୍ରକାର ହସ୍ତକ୍ଷେପ କରାଗଲା ନାହିଁ । ଏହି ସମୟରେ ମରହଟ୍ଟାମାନେ ଇଚ୍ଛା କରିଥିଲେ ବହୁତ ଉନ୍ନତି କରି ପାରିଥାଆନ୍ତେ, କିନ୍ତୁ ଇଂରେଜମାନଙ୍କ ସୌଭାଗ୍ୟବଶତଃ ମରହଟ୍ଟାମାନେ ନିଜାମଙ୍କଠାରୁ ପ୍ରାପ୍ତ ଅର୍ଦ୍ଧରାଜ୍ୟକୁ ଅପଣା ଭିତରେ ବାଣ୍ଟିନେବା ପ୍ରସଙ୍ଗରେ ଗୃହବିବାଦରେ ବ୍ୟାପୃତ ହେଲେ । ଏହି ସମୟରେ ମାଧବ ରାଓ ନାରାୟଣ ଆତ୍ମହତ୍ୟା କଲେ ଓ ନାନାଫର୍ଣ୍ଣବିସ୍ ରଘୁନାଥ ରାଓଙ୍କ ପୁତ୍ର ବାଜିରାଓଙ୍କୁ ପେଶବା କଲେ । ଏହି ସବୁ ଗୃହବିବାଦ କାରଣରୁ ମରହଟ୍ଟାମାନଙ୍କ ଦୃଷ୍ଟି ଇଂରେଜଙ୍କ ଆଡ଼କୁ ପଡ଼ି ପାରି ନ ଥିଲା ।

ସର୍ ଜନ୍ ସୋରଙ୍କ ଶାସନକାଳରେ କମ୍ପାନୀଙ୍କର ସନନ୍ଦର ମିଆଦ ପୂରି ଯାଇଥିଲା । ସେହି କାରଣରୁ ଭାରତରେ ବାଣିଜ୍ୟ କରିବାପାଇଁ

କମ୍ପାନୀଙ୍କ ନୂତନ ସନନ୍ଦ

କମ୍ପାନୀଙ୍କୁ ବ୍ରିଟିଶ୍ ପାଲିଆମେଣ୍ଟଙ୍କଠାରୁ ନୂତନ ସନନ୍ଦ ହାସଲ କରିବାକୁ ହେଲା । ଏ ପର୍ଯ୍ୟନ୍ତ ଭାରତରେ ବାଣିଜ୍ୟ କରିବାର ଅଧିକାର କେବଳ ଇଷ୍ଟ ଇଣ୍ଡିଆ କୋମ୍ପାନୀର ଥିଲା । କିନ୍ତୁ ଏଣିକି ବାଣିଜ୍ୟ କରିବାପାଇଁ ଅନ୍ୟ କମ୍ପାନୀଙ୍କୁ ମଧ୍ୟ କିଛି କିଛି ସୁବିଧା ଦିଆଗଲା ।

ଇଂରେଜ ରାଜ୍ୟର ବିସ୍ତାର ଓ ଦୃଢ଼ତା

ମାର୍କୁଇସ୍ ୱେଲେସ୍‌ଲୀ– ଚତୁର୍ଥ ଗଭର୍ଣ୍ଣର ଜେନେରାଲ

୧୭୯୮–୧୮୦୫— ୧୭୯୮ ଖ୍ରୀଷ୍ଟାବ୍ଦରେ ୱେଲେସ୍‌ଲି ଗଭର୍ଣ୍ଣର

Digitized by srujanika@gmail.com

ଜେନେରାଲ୍ ହୋଇ ଭାରତକୁ ଆସିଲେ । ସେ ଦେଖିଲେ ଯେ, ଉଦାସୀନନୀତି ଅବଲମ୍ବନର ସମୟ ଆଉ ନାହିଁ । ଅତଏବ ସେ ଗୋଟିଏ ନୂତନ ନୀତି ଅବଲମ୍ବନ କଲେ । ଏହି ନୀତିର ନାମ "ସହଯୋଗ ନୀତି ବା ସହାୟକ ପ୍ରବନ୍ଧ" । ଏଥିର ଉଦ୍ଦେଶ୍ୟ ଏହା ଥିଲା ଯେ, "ଦେଶୀୟ ରାଜାମାନେ ଇଂରେଜଙ୍କ ସହିତ ନିମ୍ନ ବର୍ଣ୍ଣିତ ସର୍ତ୍ତିମାନଙ୍କ ଅନୁସାରେ ସନ୍ଧି କରିବେ—ସେମାନଙ୍କୁ ଇଂରେଜମାନଙ୍କ ବାହୁଚ୍ଛାୟାରେ ରହିବାକୁ ହେବ ଏବଂ ଇଂରେଜମାନଙ୍କ ବିନା ଅନୁମତିରେ କେହି ଦେଶୀୟ ରାଜା କାହାର ସହିତ ଯୁଦ୍ଧ ବା ସନ୍ଧି କରିବେ ନାହିଁ; ନିଜକୁ ରକ୍ଷା କରିବାପାଇଁ ଦେଶୀୟ ରାଜାମାନଙ୍କ ଇଂରେଜ ସୈନ୍ୟ ରଖିବାକୁ ହେବ ଏବଂ ଯେଉଁ ରାଜା ସୈନ୍ୟ ରଖିବାକୁ ଅସମର୍ଥ ହେବେ, ସେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କୁ ସୈନ୍ୟବ୍ୟୟ ନିର୍ବାହ ପାଇଁ ନିର୍ଦ୍ଧାରିତ ଅର୍ଥ ଦେବେ ଓ ଏଥିର ବିନିମୟରେ ଇଂରେଜ ସରକାର ଉକ୍ତ ରାଜ୍ୟରକ୍ଷାର ସମ୍ପୂର୍ଣ୍ଣ ଭାର ଗ୍ରହଣ କରିବେ; ଯେଉଁ ରାଜା ଏହି ନୀତି ଅସ୍ୱୀକାର କରିବେ, ତାହାଙ୍କ ସହିତ ଯୁଦ୍ଧ କରାଯିବ ।" ନିଜାମ ଏହି ନୀତିକୁ ତୁରନ୍ତ ଗ୍ରହଣ କଲେ । କାରଣ ସେ ମରହଟ୍ଟାମାନଙ୍କଦ୍ୱାରା ବିଶେଷ ଉତ୍ୟକ୍ତ ହୋଇଥିଲେ ଓ ସର୍ବଦା ଟିପୁଙ୍କ ଭୟ ତାଙ୍କ ମନରେ ଜାଗି ରହିଥିଲା । ନିଜାମଙ୍କ ଛଡ଼ା ଭାରତରେ ଆଉ ଦୁଇଟି ଶକ୍ତି ଅବଶିଷ୍ଟ ଥିଲା, ଟିପୁ ସୁଲତାନ ଓ ମରହଟ୍ଟା । ଓ୍ୱେଲେସ୍ଲି ଉଭୟଙ୍କ ନିକଟକୁ ଦୂତ ପ୍ରେରଣ କଲେ, କିନ୍ତୁ ସେମାନେ ଏହି ପ୍ରସ୍ତାବରେ ସ୍ୱୀକୃତ ନ ହେବାରୁ ଇଂରେଜମାନେ ସେମାନଙ୍କ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ ।

ମାର୍କ୍ୱିସ୍ ଓ୍ୱେଲେସ୍ଲି

ସହଯୋଗ ନୀତି

Digitized by srujanika@gmail.com

ଚତୁର୍ଥ ମହୀଶୂର ଯୁଦ୍ଧ—ଟିପୁ ସୁଲତାନ୍ ଇଂରେଜଙ୍କ ବିରୋଧରେ ଅନେକ କଳ୍ପନା ଜଳ୍ପନା କରୁଥିଲେ । ଇଉରୋପରେ ନେପୋଲିୟନଙ୍କର ପ୍ରତିପତ୍ତି ବିଶେଷ ବିସ୍ତୃତ ହୋଇଥିଲା । ସେ ଇଂରେଜମାନଙ୍କର ଘୋର ଶତ୍ରୁ ଥିଲେ । ସମଗ୍ର ଇଉରୋପ ତାହାଙ୍କର ବୀରତ୍ୱରେ ଶଙ୍କିତ ହୋଇଥିଲା । ଟିପୁ ତାହାଙ୍କୁ ଭାରତକୁ ଆସିବାକୁ ନିମନ୍ତ୍ରଣ କଲେ ଓ ସେ ମଧ୍ୟ ଭାରତକୁ ଆସି ଇଂରେଜମାନଙ୍କୁ ସମ୍ପୂର୍ଣ୍ଣରୂପେ ବିତାଡ଼ିତ କରିବାକୁ ବିଶେଷ ଇଚ୍ଛୁକ ଥିଲେ । ସେ ସମୟରେ ଭାରତର ନାନା ସ୍ଥାନରେ ଫରାସୀ କର୍ମଚାରୀମାନେ ନିଯୁକ୍ତ ହୋଇ ଗଲେ । ୱେଲେସ୍‌ଲି ଟିପୁଙ୍କ ଷଡ଼ଯନ୍ତ୍ର ବିଷୟ ଅବଗତ ଥିଲେ, ସେହି କାରଣରୁ ଟିପୁ ଯେତେବେଳେ ତାହାଙ୍କର ସହଯୋଗ ପ୍ରସ୍ତାବରେ ଅସ୍ୱୀକୃତ ହେଲେ, ସେତେବେଳେ ୧୭୯୯ ଖ୍ରୀଷ୍ଟାବ୍ଦରେ ଟିପୁଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରାଗଲା ଓ ଦୁଇ ଦଳ ସୈନ୍ୟ ପ୍ରେରିତ ହେଲେ । ସେମାନେ ଟିପୁଙ୍କୁ ଦୁଇଗୋଟି ସ୍ଥାନରେ ପରାସ୍ତ କଲେ । ଅବଶେଷରେ ଟିପୁଙ୍କ ରାଜଧାନୀ ଶ୍ରୀରଙ୍ଗପତ୍ତନ ଅବରୁଦ୍ଧ ହେଲା । ଅଳ୍ପ ସମୟ ମଧ୍ୟରେ ତୋପ ସାହାଯ୍ୟରେ ଟିପୁଙ୍କ ଦୁର୍ଗର ପ୍ରାଚୀର ଭଗ୍ନ କରାଗଲା ଓ ଟିପୁ ଯୁଦ୍ଧରେ ନିହତ ହେଲେ । ତାହାଙ୍କ ରାଜ୍ୟର କିୟଦଂଶ ଇଂରେଜ ଓ କିୟଦଂଶ ନିଜାମ ଗ୍ରହଣ କଲେ । ନିଜାମ ନିଜ ହିସାରୁ ସହାୟକ ସୈନ୍ୟଙ୍କ ବ୍ୟୟସ୍ୱରୂପ ଇଂରେଜମାନଙ୍କୁ ପ୍ରଦାନ କଲେ । ମହୀଶୂରର ଅବଶିଷ୍ଟାଂଶ

ନେପୋଲିୟନ୍

Digitized by srujanika@gmail.com

ଭୂତପୂର୍ବ ହିନ୍ଦୁରାଜାଙ୍କ ବଂଶଧରଙ୍କୁ ଦିଆଗଲା ଓ ଟିପୁଙ୍କର ପୁତ୍ରମାନଙ୍କ ଲାଗି ପେନସନ୍ (ବୃତ୍ତି) ସ୍ଥିରୀକୃତ ହେଲା । ଯଦି ଇଂରେଜମାନେ ଇଚ୍ଛା କରିଥାଆନ୍ତେ, ତେବେ ତ ସମଗ୍ର ରାଜ୍ୟକୁ ବ୍ରିଟିଶ ଭାରତ ସହିତ ମିଶାଇ ନେଇଥାଆନ୍ତେ କିମ୍ବା ଟିପୁଙ୍କ ପୁତ୍ରମାନଙ୍କୁ ଦେଇ ପାରି ଥାଆନ୍ତେ, କିନ୍ତୁ ହାଇଦର ଅଲ୍ଲୀ ଭୂତପୂର୍ବ ହିନ୍ଦୁରାଜାଙ୍କ ନିକଟରୁ ମହୀଶୂରକୁ ଅବୈଧ ଉପାୟରେ ଛଡ଼ାଇ ନେଇଥିଲେ ବୋଲି ହିନ୍ଦୁ ରାଜାଙ୍କ ବଂଶଧରମାନେ ଏହାର ଯଥାର୍ଥ ଉତ୍ତରାଧିକାରୀ ବିବେଚିତ ହେଲେ । ଏହି ଯୁଦ୍ଧରେ ଇଂରେଜମାନେ କାନାଡ଼ା ଓ କୋୟମ୍ବାଟୁର ଜିଲ୍ଲାମାନ ପ୍ରାପ୍ତ ହେଲେ ।

ମହୀଶୂର ରାଜ୍ୟ

ଆଉ ବାକି ରହିଲେ ମରହଟ୍ଟାମାନେ । ସେ ସମୟରେ ସେମାନଙ୍କର ଅବସ୍ଥା ଶୋଚନୀୟ ହୋଇଥିଲା; କାରଣ ସେମାନେ ଗୃହବିବାଦରେ ଲିପ୍ତ ଥିଲେ । ତଥାପି ନାନାଫର୍ଣ୍ଣବିସ୍ ଯେତେଦିନ ପର୍ଯ୍ୟନ୍ତ ଜୀବିତ ଥିଲେ, ସେତେଦିନଯାଏ ମରହଟ୍ଟାମାନଙ୍କୁ ସେ ୱେଲେସ୍ଲୀଙ୍କ 'ସହାୟକ ସନ୍ଧି' ସ୍ୱୀକାର କରାଇ ଦେଇ ନ ଥିଲେ । ତାହାଙ୍କ ମୃତ୍ୟୁର ଅବ୍ୟବହିତ ପରେହିଁ ହୋଲକାର ପେଶବାଙ୍କୁ ଆକ୍ରମଣ କଲେ । ପେଶବା ବେସିନକୁ ପଳାୟନ କଲେ ଓ ୧୮୦୨ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କର ଅଧୀନତା ଓ ସେମାନଙ୍କର 'ସହଯୋଗ-ସନ୍ଧି'କୁ ସ୍ୱୀକାର କଲେ । ସୈନ୍ୟମାନଙ୍କ ବ୍ୟୟନିର୍ବାହ ପାଇଁ ସେ ଇଂରେଜମାନଙ୍କୁ କେତେ ଗୋଟି ଜିଲ୍ଲା ପ୍ରଦାନ କଲେ । ପେଶବାଙ୍କ କାପୁରୁଷତା ଯୋଗୁଁ ଭୋଁସଲା ଓ ସିନ୍ଧିୟା ତାଙ୍କ ଉପରେ ଅତ୍ୟନ୍ତ ଅସନ୍ତୁଷ୍ଟ ହେଲେ ଓ ଇଂରେଜଙ୍କ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ । ହୋଲକାର ଚୁପ୍‌ଚାପ୍ ରହି ଏ ତାମସା ଦେଖୁଥାଆନ୍ତି । ଏହି ଯୁଦ୍ଧହିଁ ଦ୍ୱିତୀୟ ମରହଟ୍ଟା ଯୁଦ୍ଧ ।

ଦ୍ୱିତୀୟ ମରହଟ୍ଟା ଯୁଦ୍ଧ—ସେନାପତି ଆର୍ଥର ୱେଲେସ୍ଲୀ ଓ ଲର୍ଡ଼ ଲେକଙ୍କ ନେତୃତ୍ୱରେ ଦୁଇ ଦଳ ସୈନ୍ୟ ଲର୍ଡ଼ ୱେଲେସ୍ଲୀ ପ୍ରେରଣ କଲେ । ସେନାପତି ଆର୍ଥର ୱେଲେସ୍ଲୀ ଦାକ୍ଷିଣାତ୍ୟରେ ଅହମ୍ମଦନଗର ଜୟ କଲେ ଓ ସିନ୍ଧିୟା ଏବଂ ଭୋଁସଲାଙ୍କ ସମ୍ମିଳିତ ସୈନ୍ୟଙ୍କୁ ଆସାଇ ନାମକ ଗ୍ରାମରେ ପରାଜିତ କଲେ । ଭୋଁସଲା ପଳାୟନ କଲେ କିନ୍ତୁ ଆର୍ଗାଓଁ ଯୁଦ୍ଧରେ ପୁନରାୟ ପରାଜିତ ହେଲେ । ସେ

Digitized by srujanika@gmail.com



ଇଂରେଜଙ୍କ ସହିତ ସନ୍ଧି କଲେ ଓ ଇଂରେଜମାନଙ୍କୁ କଟକ ପ୍ରଦାନ କଲେ । ଲର୍ଡ଼ ଲେକ୍ ଉତ୍ତରରେ ଅଲିଗଡ଼ ଅଧିକାର କଲେ ଓ ଦିଲ୍ଲୀ ନିକଟରେ ସିନ୍ଧିଆଙ୍କ

Digitized by srujanika@gmail.com

ସୈନ୍ୟମାନଙ୍କୁ ପରାସ୍ତ କରି ଦିଲ୍ଲୀର ଅନ୍ଧ ସମ୍ରାଟ ସାହାଆଲମଙ୍କୁ ଆପଣାର ରକ୍ଷଣାବେକ୍ଷଣକୁ ଆଣିଲେ । ସିନ୍ଧିଆଙ୍କ ଅବଶିଷ୍ଟ ସୈନ୍ୟ ଲାସୋୟାରି ଯୁଦ୍ଧପ୍ରାନ୍ତରରେ ନଷ୍ଟଭ୍ରଷ୍ଟ ହୋଇଗଲେ । ସିନ୍ଧିଆ ଇଂରେଜଙ୍କ ସଙ୍ଗେ ସନ୍ଧି କଲେ ଓ ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ଦୋଆବ୍ ଅଞ୍ଚଳ ଇଂରେଜମାନଙ୍କୁ ପ୍ରଦାନ କଲେ । ଏହିପରି ଇଂରେଜ ରାଜ୍ୟର ବିସ୍ତାର କ୍ରମେ ବଢ଼ିଲା ।

ଇଂରେଜମାନଙ୍କ କଟକ ଅଧିକାର

ତୃତୀୟ ମରହଟ୍ଟା ଯୁଦ୍ଧ—ହୋଲ୍‌କାର ଏତେଦିନଯାଏ ତୁନି ହୋଇ ରହି ଦୂରରୁ ଦେଖୁଥିଲେ, ବର୍ତ୍ତମାନ ସେ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ଓ କର୍ଣ୍ଣେଲ୍ ମାନ୍‌ସନ୍‌ଙ୍କୁ ରାଜପୁତାନାରେ ପରାଜିତ କଲେ । ଭରତପୁରର ରାଜା ମଧ୍ୟ ତାହାଙ୍କ ସହିତ ଯୋଗଦାନ କଲେ, କିନ୍ତୁ ଡିଗ୍‌ ନାମକ ସ୍ଥାନରେ ପରାଜିତ ହେଲେ । ଲର୍ଡ ଲେକ୍ ଭରତପୁର ଦୁର୍ଗ ଅବରୋଧ କଲେ ସତ୍ୟ, କିନ୍ତୁ ତାହାଙ୍କୁ ସେ ଦୁର୍ଗରୁ ଅନେକଥର ହଟିଯିବାକୁ ପଡ଼ିଲା ଏବଂ ଅବଶେଷରେ ସେ ଭରତପୁର ରାଜାଙ୍କ ସହିତ ସନ୍ଧି କରିବାକୁ ବାଧ୍ୟ ହେଲେ । ରାଜା ଯୁଦ୍ଧବ୍ୟୟସ୍ୱରୂପ ୨୦ ଲକ୍ଷ ଟଙ୍କା ଇଂରେଜମାନଙ୍କୁ ଦେଲେ ଓ ହୋଲ୍‌କାରଙ୍କ ସଙ୍ଗ ପରିତ୍ୟାଗ କଲେ ।

ଏହି ସମୟରେ ସିନ୍ଧିଆ ହୋଲକାରଙ୍କ ସହିତ ପୁନର୍ମିଳିତ ହେଲେ ଏବଂ ଏଥିରେ ତାହାଙ୍କର ବଳ ପୁଣି ବର୍ଦ୍ଧିତ ହେଲା । ଇଂରେଜ ସରକାରଙ୍କ ଏହି ସବୁ ଯୁଦ୍ଧରେ ବହୁ ବ୍ୟୟ ହୋଇଥିଲା, ଏହି କାରଣରୁ ଇଂରେଜ ସରକାର ଆଉ ଯୁଦ୍ଧ ଚଳାଇବା ଯୁକ୍ତିଯୁକ୍ତ ମନେ କଲେ ନାହିଁ । ସେମାନେ ଓ୍ୱେଲସ୍ଲୀଙ୍କୁ ବିଲାତକୁ ଲେଉଟିଯିବା ପାଇଁ ଆଦେଶ ଦେଲେ । ଲର୍ଡ କର୍ଣ୍ଣୱାଲିସଙ୍କର ଭାରତକୁ ପୁନରାଗମନ ନ ହେବା ପର୍ଯ୍ୟନ୍ତ ହୋଲ୍‌କାରଙ୍କ ସହିତ କୌଣସିପ୍ରକାରେ ସନ୍ଧି ହୋଇ ପାରିଲା ନାହିଁ ।

ଅନ୍ୟାନ୍ୟ ରାଜାମାନଙ୍କ ସହିତ ବ୍ୟବହାର—୧୮୦୦ ଖ୍ରୀଷ୍ଟାବ୍ଦରେ ତାଞ୍ଜୋର ରାଜାଙ୍କର ମୃତ୍ୟୁ ହେଲା । ତାଙ୍କ ସିଂହାସନ ଯୋଗୁଁ ତାଙ୍କ ଦୁଇ ପୁତ୍ରଙ୍କ ମଧ୍ୟରେ ବିବାଦ ହେଲା । ଯୁଦ୍ଧ ଜନିତ

କରିବା ପାଇଁ ଓ ପ୍ରଜାମାନଙ୍କର ମଙ୍ଗଳକାମନାରେ ଇଂରେଜମାନେ ତାଞ୍ଜୋର

ତାଞ୍ଜୋର, କର୍ଣ୍ଣାଟକ ଓ ସୁରଟ ଇଂରେଜମାନଙ୍କ ଅଧୀନ ହେଲ

ନିଜ ରାଜ୍ୟ ସହିତ ମିଶାଇଲେ ଓ ତତ୍ରସ୍ଥ ରାଜପୁତ୍ରଙ୍କୁ ପେନସନ ଦେବାକୁ ସ୍ଥିର କଲେ । ସୁରଟ ରାଜ୍ୟରେ ଏହିପରି ଅବସ୍ଥା ଘଟିବାରୁ ତାହାକୁ ମଧ୍ୟ ଇଂରେଜ ରାଜ୍ୟ ସହିତ ମିଶାଇ ଦିଆଗଲା ।

କର୍ଣ୍ଣାଟକର ଅବସ୍ଥା ମଧ୍ୟ ଶୋଚନୀୟ ହୋଇଥିଲା । ୧୮୦୧ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଅଲ୍ଲୀଙ୍କ ପୁତ୍ର ମୃତ ହେଲେ । ଅତଏବ ଏହି ରାଜ୍ୟ ମଧ୍ୟ ଇଂରେଜ ରାଜ୍ୟ ସହିତ ମିଳିତ କରାଗଲା ।

ଅଯୋଧ୍ୟାର ନବାବଙ୍କୁ କିଛି ଅଧିକ ଇଂରେଜ ସୈନ୍ୟ ରଖିବାକୁ କୁହାଗଲା । ଯଦିଚ ସେ ପ୍ରଥମ ସନ୍ଧି ଅନୁସାରେ ଏହିପରି କରିବାକୁ ବାଧ୍ୟ ନ ଥିଲେ, ତଥାପି ୱେଲେସ୍ଲି ନୂତନ ପ୍ରୟୋଜନ ଦୃଷ୍ଟିରେ ଏହିପରି କରିବାକୁ ତାଙ୍କୁ ବାଧ୍ୟ କଲେ, ଏଣୁ ନବାବ ଇଂରେଜଙ୍କୁ ଗଙ୍ଗା ଓ ଯମୁନାର ମଧ୍ୟବର୍ତ୍ତୀ ତଳ ଭୂମି, ଗୋରକ୍ଷପୁର ଓ ରୋହିଲଖଣ୍ଡ ପ୍ରଦାନ କରିବାକୁ ବାଧ୍ୟ ହେଲେ ।

ଲର୍ଡ୍ କର୍ଣ୍ଣୱାଲିସ୍ (ଦ୍ୱିତୀୟ ଥର)—ପଞ୍ଚମ ଗଭର୍ଣ୍ଣର ଜେନେରଲ୍—ୱେଲେସ୍ଲି ଭାରତ ପ୍ରତ୍ୟାଗମନ କରିବାରୁ ପାର୍ଲିଆମେଣ୍ଟ ଲର୍ଡ଼ କର୍ଣ୍ଣୱାଲିସଙ୍କୁ ଦ୍ୱିତୀୟବାର ବଡ଼ଲାଟରୂପେ ୧୮୦୫ ଖ୍ରୀଷ୍ଟାବ୍ଦରେ ଭାରତକୁ ପ୍ରେରଣ କଲେ । ସେ ବୃଦ୍ଧ ହୋଇ ପଡ଼ିଥିଲେ । ସେ ଆସି ହୋଲକାରଙ୍କ ସହିତ ସନ୍ଧି କଲେ ଓ ଏହାର ମର୍ମାନୁସାରେ ହୋଲକାର ବଳିତ ରାଜ୍ୟ ପୁନଃ ପ୍ରାପ୍ତ ହେଲେ । ହୋଲକାର ପ୍ରତିଜ୍ଞାବଦ୍ଧ ହେଲେ ଯେ, ସେ ଆଉ ଇଂରେଜ ବା ତାଙ୍କର ମିତ୍ରଶକ୍ତିଙ୍କ ବିରୋଧରେ ଯୁଦ୍ଧଯାତ୍ରା କରିବେ ନାହିଁ । ଲର୍ଡ କର୍ଣ୍ଣୱାଲିସ କିଛିଦିନ ପରେ ମୃତ୍ୟୁମୁଖରେ ପତିତ ହେଲେ ।

ସର୍ ଜର୍ଜ୍ ବାର୍ଲୋ—ଲର୍ଡ କର୍ଣ୍ଣୱାଲିସଙ୍କ ସ୍ଥାନରେ ଦୁଇବର୍ଷ ପର୍ଯ୍ୟନ୍ତ କମ୍ପାନୀର ଜନୈକ ଉଚ୍ଚ କର୍ମଚାରୀ ସର ଜର୍ଜ ବାର୍ଲୋ ବଡ଼ଲାଟଙ୍କ କାମ ଚଳାଇଲେ । ସେ ମଧ୍ୟ କୌଣସି ବିଷୟରେ ହସ୍ତକ୍ଷେପ କଲେ ନାହିଁ । ପରିଣାମରେ ଏହା ହେଲା ଯେ, ଇଂରେଜଙ୍କର ମିତ୍ରପକ୍ଷ ରାଜପୁତମାନେ ଅସହାୟ

Digitized by srujanika@gmail.com



ହୋଇ ପଡ଼ିଲେ ଓ ସେମାନଙ୍କୁ ଆକ୍ରମଣ କରିବାକୁ ହୋଲ୍‌କାରଙ୍କୁ ସୁଯୋଗ ମିଳିଗଲା ।

Digitized by srujanika@gmail.com

ଲର୍ଡ୍ ମିଣ୍ଟୋ, ଷଷ୍ଠ ଗଭର୍ଣ୍ଣର ଜେନେରାଲ ୧୮୦୭-୧୮୧୩

ଲର୍ଡ ମିଣ୍ଟୋ ମଧ୍ୟ ଉଦାସୀନ ନୀତି ଅବଲମ୍ବନ କରିଥିଲେ, କିନ୍ତୁ ସେହି ସମୟରେ ଦେଶର ଅବସ୍ଥା ଜଟିଳ ହୋଇ ପଡ଼ିବାରୁ ସବୁ ସମୟରେ ସେ ଏହି ନୀତି ରକ୍ଷା କରି ପାରି ନ ଥିଲେ । ପଞ୍ଜାବରେ ଶିଖଶକ୍ତି ରଣଜିତ୍ ସିଂହଙ୍କ ନେତୃତ୍ୱରେ ବିଶେଷ ବର୍ଦ୍ଧିତ ହୋଇଥିଲା । ରଣଜିତ୍ ସିଂହ ପ୍ରଥମେ ଆଫଗାନ ଅମୀରଙ୍କଦ୍ୱାରା ନିଯୁକ୍ତ ଜଣେ ସର୍ଦ୍ଦାର ଥିଲେ, କିନ୍ତୁ ପରେ ସେ ନିଜ ପ୍ରଭାବକୁ ଏତେଦୂର ବଢ଼ାଇ ପାରିଥିଲେ ଯେ, ତାହାଙ୍କୁ ପ୍ରାୟ ସ୍ୱାଧୀନ ନୃପତି ବୋଇଲେ ଅତ୍ୟୁକ୍ତି ହୁଅନ୍ତା ନାହିଁ । ସେ ଫଳତଃ ପଞ୍ଜାବ ଓ କାଶ୍ମୀରର ରାଜା ହୋଇଥିଲେ । ସେ ଆପଣାର ସୈନ୍ୟଦଳକୁ ଇଉରୋପୀୟ ନୀତି ଅନୁସାରେ ଶିକ୍ଷିତ କଲେ ଓ ଅନେକ ଇଉରୋପୀୟ ସୈନିକ କର୍ମଚାରୀ ନିଯୁକ୍ତ କଲେ । ଶିଖମାନେ ଇଂରେଜ ରାଜ୍ୟ ମଧ୍ୟରେ ପଶି ଲୁଣ୍ଠନ କରିବାକୁ ଆରମ୍ଭ କଲେ । ସେହି ସମୟରେ ନେପୋଲିୟନ୍ ଭାରତ ଆକ୍ରମଣ କରିବାର ଆଶଙ୍କା ଥାଏ । ଏହିପରି ମଧ୍ୟ ସମ୍ବାଦ ମିଳିଥିଲା ଯେ, ସେ ଆଫଗାନିସ୍ଥାନ ବାଟେ ଆସି ଭାରତ ଆକ୍ରମଣ କରିବେ । ଏହି କାରଣରୁ ଲର୍ଡ୍ ମିଣ୍ଟୋ ସର୍ ଚାର୍ଲସ୍ ମେଟ୍‌କାଫ୍‌ଙ୍କ ଦୂତସ୍ୱରୂପ ରଣଜିତ୍ ସିଂହଙ୍କ ନିକଟକୁ ପ୍ରେରଣ କଲେ । ୧୮୦୯ ଖ୍ରୀଷ୍ଟାବ୍ଦରେ ବହୁକଷ୍ଟରେ ଅମୃତସହର-

ରଣଜିତ୍ ସିଂହ

ଠାରେ ଗୋଟିଏ ସନ୍ଧି ହେଲା । ମେଟ୍‌କାଫ୍ ରଣଜିତ୍ ସିଂହଙ୍କ ସଙ୍ଗେ ଭେଟ କରି ଏହି ବ୍ୟବସ୍ଥା କଲେ ଯେ, ଶିଖମାନେ ଆଉ ଶତଦ୍ରୁ ପାରି ହୋଇ ପୂର୍ବକୁ ଆସିବେ ନାହିଁ । ରଣଜିତ୍ ଇଂରେଜମାନଙ୍କର ମିତ୍ର ହେଲେ । ଲର୍ଡ ମିଣ୍ଟୋ ପାରସ୍ୟ ଓ ଆଫଗାନିସ୍ଥାନକୁ ଦୂତ ପ୍ରେରଣ କରି ଏହି ବ୍ୟବସ୍ଥା କରାଇଲେ ଯେ, ଯେବେ ନେପୋଲିୟନ୍ ଭାରତକୁ ଆକ୍ରମଣ କରିବାକୁ ଆସିବେ, ତେବେ ସେମାନେ ନେପୋଲିୟନଙ୍କୁ ସାହାଯ୍ୟ ନ କରି ଇଂରେଜମାନଙ୍କୁ ସାହାଯ୍ୟ କରିବେ ।

୧୮୧୩ ଖ୍ରୀଷ୍ଟାବ୍ଦରେ କୋମ୍ପାନୀର ସନନ୍ଦର ମିଆଦ ପୂର୍ଣ୍ଣ ହୋଇ ଆସିଲା । ବିଲାତରେ ପୁଣି ବିବାଦ ଉଠିଲା ଯେ,ଏଥର କି ସର୍ତ୍ତରେ କମ୍ପାନୀକୁ ସନନ୍ଦ ଦିଆଯିବ । ଅବଶେଷରେ ସ୍ଥିର ହେଲା ଯେ, କେବଳ ଇଷ୍ଟ ଇଣ୍ଡିଆ କୋମ୍ପାନୀହିଁ ଚୀନଦେଶ ସହିତ ଏକଚାଟିଆ ବ୍ୟବସାୟ କରି ପାରିବେ, କିନ୍ତୁ ଭାରତବର୍ଷରେ ବାଣିଜ୍ୟ

Digitized by srujanika@gmail.com

କରିବାର ଅଧିକାର ଅନ୍ୟ କୋମ୍ପାନୀମାନେ ମଧ୍ୟ ପାଇବେ । ଏହି ମର୍ମାନୁସାରେ ଆହୁରି ୨୦ ବର୍ଷ ମିଆଦରେ କୋମ୍ପାନୀଙ୍କର ସନନ୍ଦ ବଦଳାଗଲା । ଲର୍ଡ଼୍-

ରଇତୱାରି ବନ୍ଦୋବସ୍ତ

ମିଣ୍ଟୋଙ୍କ ଶାସନକାଳରେ ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା । ସେ ମାନ୍ଦ୍ରାଜରେ କୃଷକମାନଙ୍କର ସୁବିଧା ପାଇଁ ରଇତୱାରି ବନ୍ଦୋବସ୍ତ ପ୍ରବର୍ତ୍ତନ କଲେ । ଏଥିର ଫଳରେ ରାଜସ୍ୱ ଆଦାୟ ଦେବା ପାଇଁ ଚାଷୀମାନଙ୍କୁ ବହୁତ ସୁବିଧା ମିଳିଲା ।

ଏହି ସମୟରେ ଲୁଟିଆରା ଓ ଦୁଷ୍ଟ ଲୋକଙ୍କ ଉପଦ୍ରବ ଯୋଗୁଁ ଭାରତବର୍ଷରେ ନାନାପ୍ରକାର ଅଶାନ୍ତି ଘୋଟିଥିଲା । ମରହଟ୍ଟା, ଆଫଗାନ ଓ ପିଣ୍ଡାରୀମାନେ ଦେଶ ତମାମ ଲୁଟପାଟରେ ମାତି ଥାଆନ୍ତି । ଅମୀର ଖାଁ ପିଣ୍ଡାରୀମାନଙ୍କ ସର୍ଦ୍ଦାର ଥିଲା । ସେ ଇଂରେଜମାନଙ୍କର ଉଦାସୀନ ନୀତିର ସୁଯୋଗ ପାଇ ବହୁତ ଲାଭବାନ୍ ହେଲା । ମେବାରର ରାଜବଂଶ ସୁପ୍ରତିଷ୍ଠିତ ହେଲେ ମଧ୍ୟ ଏହି ଅଶାନ୍ତି ଦୂର କରିବା ପାଇଁ ତାହାର ଯଥେଷ୍ଟ ଶକ୍ତି ନ ଥିଲା । ମେବାରର ରାଣାଙ୍କ କନ୍ୟା କୃଷ୍ଣକୁମାରୀଙ୍କୁ ଜୟପୁର ଓ ଯୋଧପୁରର ରାଜା ଦୁହେଁ ବିବାହ କରିବାକୁ ଇଚ୍ଛା କଲେ । ଯୁଦ୍ଧର ଆଶଙ୍କା ଦେଖି ମେବାରର ରାଣା ଇଂରେଜମାନଙ୍କର ସାହାଯ୍ୟ ପ୍ରାର୍ଥନା କଲେ । କିନ୍ତୁ ଇଂରେଜ ସାହାଯ୍ୟ ଦେଲେ ନାହିଁ । ଅତଏବ ମେବାରର ରାଣା ବାଧ୍ୟ ହୋଇ ଅମୀର ଖାଁର ସହାୟତା ଗ୍ରହଣ କଲେ । ଅବଶେଷରେ କୃଷ୍ଣକୁମାରୀ ବିଷ ପାନ କରି ଆତ୍ମହତ୍ୟା କରିବାରୁ ଏ ବିବାଦ ମେଣ୍ଟିଲା । ପିଣ୍ଡାରୀମାନଙ୍କ ଉପଦ୍ରବ ଯୋଗୁଁ ମଧ୍ୟ ଭାରତର କୃଷିଜୀବୀମାନେ ଦରିଦ୍ର ହୋଇ ପଡ଼ିଲେ ।

ଲର୍ଡ଼୍ ମୟିରା ବା ହେଷ୍ଟିଙ୍ଗ୍‌ସ୍—ସପ୍ତମ ଗଭର୍ଣ୍ଣର ଜେନେରଲ୍ ୧୮୧୩-୧୮୨୩—ମିଣ୍ଟୋଙ୍କ ପରେ ଆର୍ଲ ଅଫ ମୟିରା ବଡ଼ଲାଟ ହେଲେ । ଭାରତ ଇତିହାସରେ ସେ ଲର୍ଡ଼ ହେଷ୍ଟିଙ୍ଗ୍‌ସ ନାମରେ ବିଖ୍ୟାତ । ସେ ଦେଖିଲେ ଯେ, ଦେଶର ଅବସ୍ଥା ଅତି ମନ୍ଦ । ଅତଏବ ସେ ସର୍ ଜନ୍ ସୋର୍ ଓ ଲର୍ଡ଼ ମିଣ୍ଟୋଙ୍କ ଅନୁସୃତ ଉଦାସୀନତା ନୀତି ପରିତ୍ୟାଗ କରି ୱେଲେସ୍ଲୀଙ୍କ ପରି କେତେଗୋଟି ଦେଶୀୟ ରାଜାମାନଙ୍କ ସହିତ ଯୁଦ୍ଧ କରି ୱେଲେସ୍ଲୀଙ୍କ ଆରବ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ । ଏହି ନୀତିଦ୍ୱାରା ଇଂରେଜ

Digitized by srujanika@gmail.com

ରାଜତ୍ୱ ଅନ୍ତର ବସ୍ତୁତଃ ଲାଭ କଲା । ଏହାଙ୍କ ଶାସନକାଳରେ ତିନ ଗୋଟି ଉଲ୍ଲେଖଯୋଗ୍ୟ ବଡ଼ ଯୁଦ୍ଧ ଓ କେତେଗୁଡ଼ିଏ ସଂସ୍କାର କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

ନେପାଳ ଯୁଦ୍ଧ ବା ଗୁର୍ଖାଙ୍କ ଲଢ଼େଇ – ବହୁଦିନ ପୂର୍ବେ ମେବାର ରଣାଙ୍କର କନୈକ ବଂଶଧର ନେପାଳରେ ରାଜ୍ୟ ସ୍ଥାପନ କରିଥିଲେ ଏବଂ ନେପାଳ ଆଜ ପର୍ଯ୍ୟନ୍ତ ଅବଚ୍ଛିନ୍ନରୂପେ ତାହାଙ୍କ ବଂଶଧରମାନଙ୍କର ଅଧୀନ ରହିଅଛି । ନେପାଳର ଅଧିବାସୀମାନେ ଗୁର୍ଖା ନାମରେ ଅଭିହିତ । ସେମାନେ ଅତ୍ୟନ୍ତ ବୀର ଓ ସାହସୀ । ଲର୍ଡ଼ ଓ୍ୱେଲେସ୍ଲୀଙ୍କ ଶାସନକାଳରେ ଇଂରେଜ ରାଜ୍ୟର ସୀମା ନେପାଳ ରାଜ୍ୟର ସୀମାକୁ ଲାଗିଯାଇଥିଲା । କେତେକ ଜଣ ଗୁର୍ଖା ନିଜ ରାଜ୍ୟର ସୀମା ଅତିକ୍ରମ କରି ଇଂରେଜ ରାଜ୍ୟରେ ଆସି ଉତ୍ପାତ ଘଟାଉଥିଲେ । ଲର୍ଡ଼ ହେଷ୍ଟିଙ୍ଗସଙ୍କ ଦୃଷ୍ଟି ପ୍ରଥମେ ସେହିମାନଙ୍କ ଉପରେ ପଡ଼ିଲା । ଏ ମଧ୍ୟରେ ଭୁଟବଳ ଓ ଶିବରାଜ ନାମରେ ଦୁଇଟି ଗ୍ରାମ ଗୁର୍ଖାମାନେ ହସ୍ତଗତ କରିଥିଲେ । ଯୁଦ୍ଧ ଘୋଷିତ ହେଲା । ଲର୍ଡ଼ ହେଷ୍ଟିଙ୍ଗସ ସ୍ୱୟଂ ନେପାଳ ଅଭିମୁଖରେ ଯାତ୍ରା କଲେ । ଭିନ୍ନ ଭିନ୍ନ ସେନାପତିଙ୍କ ଅଧୀନରେ ଇଂରେଜ ସୈନ୍ୟ ଚାରି ଦଳରେ ବିଭକ୍ତ ହେଲେ । ଗୁର୍ଖାମାନେ ଖୁବ୍ ବୀରତା ସହକାରେ ତିନି ଦଳ ଇଂରେଜ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ପରାସ୍ତ କଲେ; କିନ୍ତୁ ଚତୁର୍ଥ ସୈନ୍ୟଦଳ ଜେନେରଲ୍ ଅକ୍ଟରଲୋନିଙ୍କ ଅଧିନାୟକତ୍ୱରେ ବିଶେଷ ବୀରତ୍ୱ ସହକାରେ ଯୁଦ୍ଧ କରି ଗୁର୍ଖାମାନଙ୍କୁ କେତେକ ସ୍ଥାନରେ ପରାସ୍ତ କରି ଅବଶେଷରେ ନେପାଳର ରାଜଧାନୀ କାଠମାଣ୍ଡୁଠାରେ ଉପସ୍ଥିତ ହେଲେ ।

ସୁଗୌଲି ସନ୍ଧି

ଗୁର୍ଖାମାନେ ୧୮୧୬ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ସହିତ ସନ୍ଧି ସ୍ଥାପନ କଲେ । ଏହାକୁହିଁ ସୁଗୌଲିର ସନ୍ଧି କୁହାଯାଏ । ଏହି ସନ୍ଧି ଅନୁସାରେ ଇଂରେଜ ଗୁର୍ଖାମାନଙ୍କୁ ନେପାଳର ଅଧିପତି ବୋଲି ସ୍ୱୀକାର କଲେ । ତରାଇ (ହିମାଳୟ ଉପତ୍ୟକା)ର କେତେକ ଅଂଶ କମାଉନ୍ ଓ ଗଡ଼ଓ୍ୱାଲ୍ ଇଂରେଜମାନେ ପ୍ରାପ୍ତ ହେଲେ । ସିକିମରୁ ଗୁର୍ଖାମାନଙ୍କ ଅଧିକାର ଉଠିଗଲା ଓ କାଠମାଣ୍ଡୁରେ ଜଣେ ଇଂରେଜ ରେସିଡେଣ୍ଟ (ରାଜଦୂତ) ବାସ କରିବାକୁ ଲାଗିଲେ । ଆଜି ପର୍ଯ୍ୟନ୍ତ ଗୁର୍ଖାମାନେ ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ମିତ୍ର

Digitized by srujanika@gmail.com

ଓ ସହାୟକ ଅଛନ୍ତି । ସିପାହି ବିଦ୍ରୋହରେ ଓ ସମ୍ପ୍ରତି ଜର୍ମାନଯୁଦ୍ଧରେ ଏମାନେ ଇଂରେଜମାନଙ୍କୁ ଖୁବ ସାହାଯ୍ୟ କରିଅଛନ୍ତି ।



Digitized by srujanika@gmail.com

ପିଣ୍ଡାରୀମାନଙ୍କ ଯୁଦ୍ଧ—ପିଣ୍ଡାରୀମାନେ କୌଣସି ସ୍ୱତନ୍ତ୍ର ଜାତି ନୁହନ୍ତି । ଲୁଟିଆରୀ ଦଳଙ୍କୁ ପିଣ୍ଡାରୀ ବୋଲାଯାଏ । ପୂର୍ବେ ବୋଲାଯାଇ ଅଛି ଯେ, ମଧ୍ୟଭାରତରେ ଏମାନଙ୍କ ଉପଦ୍ରବ ହେତୁ ବିଶେଷ ଅଶାନ୍ତି ଘୋଟିଥିଲା । ମରହଟ୍ଟା, ଅଫଗାନ ପ୍ରଭୃତି କେତେକ ଜାତିର ଲୋକେ ଏହି ଦଳଭୁକ୍ତ ହୋଇଥିଲେ । ସେମାନଙ୍କର କୌଣସି ଜିଲ୍ଲା ନ ଥିଲା କି ସୈନ୍ୟଦଳ ନ ଥିଲା । ଅତଏବ ଯୁଦ୍ଧ କରି ସେମାନଙ୍କୁ ବିନାଶ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା । ଲର୍ଡ ହେଷ୍ଟିଂସ ବିପୁଳ ବାହିନୀ ନେଇ ସମସ୍ତ ଦେଶକୁ ଘେରିଲେ । ପିଣ୍ଡାରୀମାନଙ୍କ ଦଳପତି ଅମୀର ଖାଁ ଟଙ୍କ ରାଜ୍ୟ ପାଇବାରୁ ସନ୍ତୁଷ୍ଟ ହେଲେ ଓ ଇଂରେଜମାନଙ୍କର ଅଧୀନତା ସ୍ୱୀକାର କଲେ ।

ଟଙ୍କ ରାଜ୍ୟ

ଟଙ୍କ ରାଜ୍ୟ ଆଜପର୍ଯ୍ୟନ୍ତ ମଧ୍ୟ ଏହାଙ୍କ ବଂଶଧରମାନଙ୍କ ଅଧୀନରେ ରହିଅଛି । ପିଣ୍ଡାରୀମାନଙ୍କ ଦ୍ୱିତୀୟ ସର୍ଦ୍ଦାର ଚିତୁ ଅରଣ୍ୟକୁ ପଳାୟନ କରି ବ୍ୟାଘ୍ରମୁଖରେ ଜୀବନ ସମର୍ପଣ କଲେ । ତୃତୀୟ ସର୍ଦ୍ଦାର କରିମ୍ ଖାଁ ଧୃତ ହୋଇ ଇଂରେଜଙ୍କ ଶରଣାପନ୍ନ ହେଲେ । ବସ୍ତି ଜିଲ୍ଲାରେ ଏହାଙ୍କୁ କେତେକ ଜମି ଜାଗୀର ଦିଆଗଲା; ବର୍ତ୍ତମାନ ମଧ୍ଯ ଏହା ତାହାଙ୍କ ବଂଶଧରମାନେ ଭୋଗ କରୁଅଛନ୍ତି । ଏହିପରି ପିଣ୍ଡାରୀମାନଙ୍କ ପିଣ୍ଡ ଧ୍ୱଂସପ୍ରାପ୍ତ ହେଲା ଓ ସେମାନଙ୍କ ନାମ ଗନ୍ଧ ଆଉ ରହିଲା ନାହିଁ ।

ଚତୁର୍ଥ ମରହଟ୍ଟା ଯୁଦ୍ଧ—ପେଶବା ଇଂରେଜମାନଙ୍କର ଶରଣାପନ୍ନ ହେଲେ ମଧ୍ୟ ମନେ ମନେ ଇଂରେଜଙ୍କ ପ୍ରତି ଅହନ୍ତା ରଖିଥିଲେ । ଏଥିପାଇଁ ଇଂରେଜମାନେ ତାହାଙ୍କୁ ସମ୍ପୂର୍ଣ୍ଣରୂପେ ଅଧୀନତାରେ ରଖିବା ପାଇଁ ପୁନାଠାରେ ଜଣେ ନୂତନ ରେସିଡେଣ୍ଟ ରହିବାର ବ୍ୟବସ୍ଥା କଲେ । ଏଥିରେ ପେଶବା ଅତ୍ୟନ୍ତ କ୍ରୁଦ୍ଧ ହୋଇଲେ ଓ ଇଂରେଜଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ହୋଲ୍କାର ଓ ଭୋଁସଲେ ତାହାଙ୍କ ସହିତ ଯୋଗ ଦେଲେ । ତତ୍ରତ୍ୟ ରେସିଡେଣ୍ଟ ଏହି ସମ୍ବାଦ ଅବଗତ ହୋଇ ପଳାୟନ କରି କରକି ପାହାଡ଼ରେ ଲୁକ୍କାୟିତ ରହିଲେ । ପେଶବା ତାହାଙ୍କ କୋଠିରେ ଅଗ୍ନି ସଂଯୋଗ କରି କରକି ଅଭିମୁଖରେ ଅଗ୍ରସର ହେଲେ । ପଥ ମଧ୍ୟରେ ଇଂରେଜ ସୈନ୍ୟ ତାହାଙ୍କୁ ପରାସ୍ତ କରିବାରୁ ସେ କର୍ଣ୍ଣାଟକ ଅଭିମୁଖରେ ପଳାୟନ କଲେ ଓ କୋରଗାଁ ନାମକ କ୍ଷେତ୍ରରେ ପୁନର୍ବାର ପରାଜିତ ହୋଇ ଇଂରେଜଙ୍କ

ପେଶବା ରାଜ୍ୟ ଲୋପ

Digitized by srujanika@gmail.com

ହସ୍ତରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ । ଇଂରେଜମାନେ ତାହାଙ୍କୁ ବାର୍ଷିକ ଆଠ ଲକ୍ଷ ଟଙ୍କା ବୃତ୍ତି ପ୍ରଦାନର ବ୍ୟବସ୍ଥା କରି କାନପୁର ନିକଟବର୍ତ୍ତୀ ବିଠୁର ନାମକ ସ୍ଥାନରେ ବାସ କରିବାକୁ ପ୍ରେରଣ କଲେ ଏବଂ ତାହାଙ୍କ ରାଜ୍ୟ ବ୍ରିଟିଶ ରାଜ୍ୟ ଅନ୍ତର୍ଭୁକ୍ତ କରି ନେଲେ । ଏହାପରେ ବୋମ୍ବାଇ ପ୍ରେସିଡେନ୍‌ସିର ସୂତ୍ରପାତ ହେଲା ।

ନାଗପୁରରେ ରଘୁଜୀ ଭୋଁସଲା ରାଜତ୍ୱ କରୁଥିଲେ । ସେ ପେଶବାଙ୍କ ଦୁର୍ଦ୍ଦଶାର କିଛି ଦିନ ପରେ ମୃତ୍ୟୁମୁଖରେ ପତିତ ହେଲେ ଏବଂ ତାହାଙ୍କର ଭ୍ରାତୃଷ୍ପୁତ୍ର ଆପ୍ପା ସାହେବ ରାଜା ହେଲେ । ସେ ମଧ୍ୟ ନିଜ ରାଜ୍ୟସ୍ଥ ରେସିଡେଣ୍ଟଙ୍କୁ ଅପମାନିତ କରି ବିତାଡ଼ିତ କଲେ, କିନ୍ତୁ ତାହାଙ୍କୁ ମଧ୍ୟ ପେଶବାଙ୍କ ପରି ସୀତାବଲଡ଼ିଠାରେ ଯୁଦ୍ଧରେ ବିଶେଷ ଭାବରେ ପରାଭୂତ ହୋଇ ଯୋଧପୁର ଅଞ୍ଚଳକୁ ପଳାଇବାକୁ ହେଲା । ଲର୍ଡ ହେଷ୍ଟିଙ୍ଗ୍‌ସ ତାଙ୍କ ସ୍ଥାନରେ ରଘୁଜୀଙ୍କ ପୌତ୍ର ବାଜିରାଓଙ୍କୁ ସିଂହାସନରେ ଅଭିଷିକ୍ତ କଲେ ଓ ତଦାସ୍ତୁ ରାଜ୍ୟ ଇଂରେଜମାନଙ୍କ ରକ୍ଷଣାଧୀନକୁ ଆସିଲା ।

ହୋଲ୍‌କାର ପୂର୍ବରୁ 'ସହାୟକ ପ୍ରବନ୍ଧ' ସ୍ୱୀକାର କରିଥିଲେ । ଯଶୋବନ୍ତ ରାଓଙ୍କ ମୃତ୍ୟୁ ପରେ ତାହାଙ୍କ ପତ୍ନୀ ତୁଳସୀ ବାଈ ଗୋଟିଏ ଦତ୍ତକ ପୁତ୍ର ଗ୍ରହଣ କରି ତାହାର ଅଭିଭାବକରୂପେ ରାଜ୍ୟ ଶାସନ କରିବାକୁ ଲାଗିଲେ । ରାଜ୍ୟର ସୈନ୍ୟମାନେ କ୍ରୁଦ୍ଧ ହୋଇ ତାହାଙ୍କୁ ହତ୍ୟା ଓ ବ୍ରିଟିଶ ସୈନ୍ୟମାନଙ୍କୁ ଆକ୍ରମଣ କଲେ, କିନ୍ତୁ ସେମାନେ ମହିଦପୁର ଯୁଦ୍ଧରେ ସମ୍ପୂର୍ଣ୍ଣରୂପେ ପରାସ୍ତ ହେଲେ । ଏଥିରେ ହେଷ୍ଟିଙ୍ଗ୍‌ସ ଦତ୍ତକପୁତ୍ର ମଲହର ରାଓଙ୍କୁ ରାଜ୍ୟ ପ୍ରଦାନ କରି ରାଜକାର୍ଯ୍ୟ ପରିଚାଳନାର୍ଥେ ଗୋଟିଏ ସଭା ନିଯୁକ୍ତ କଲେ । ଏହାପରେ ଇନ୍ଦୋର ରାଜ୍ୟ ମଧ୍ୟ ଇଂରେଜମାନଙ୍କ ଅଧୀନ ହେଲା ।

ଉପରୋକ୍ତ ଯୁଦ୍ଧଗୁଡ଼ିକର ଫଳରେ ମରହଟ୍ଟାମାନଙ୍କ ଶକ୍ତି ଏତେ କ୍ଷୀଣବଳ ହୋଇ ପଡ଼ିଲା ଯେ, ସମଗ୍ର ଭାରତବର୍ଷରେ ଇଂରେଜମାନଙ୍କର ପ୍ରତିଦ୍ୱନ୍ଦୀ ହୋଇ ଆଉ କେହି ରହିଲେ ନାହିଁ । ସମଗ୍ର ଭାରତବର୍ଷରେ ଇଂରେଜମାନଙ୍କର ଜୟପତାକା ଉଡ଼ିଲା । ହେଷ୍ଟିଙ୍ଗ୍‌ସ କଲିକତାରେ ହିନ୍ଦୁ

Digitized by srujanika@gmail.com

କଲେଜ (ଅଜକାଲର ପ୍ରେସିଡେନସୀ କଲେଜ ପ୍ରତିଷ୍ଠିତ) କରିଥିଲେ ।

ସମ୍ବାଦ ପତ୍ରର ଆରମ୍ଭ

ଏହାଙ୍କ ସମୟରେ ସମ୍ବାଦପତ୍ରିକାର ମୁଦ୍ରଣ ଓ ପ୍ରଚାର ଆରମ୍ଭ ହେଲା । ଏହି କାର୍ଯ୍ୟଗୁଡ଼ିକ ସମାଧା କରି ହେଷ୍ଟିଙ୍ଗ୍ସ ବିଲାତ ପ୍ରତ୍ୟାବର୍ତ୍ତନ କଲେ ।

ଲର୍ଡ଼ ଆମ୍‌ହର୍ଷ୍ଟ—ଅଷ୍ଟମ ଗଭର୍ଣ୍ଣର ଜେନେରାଲ ୧୮୨୩-୧୮୨୮

—ଲର୍ଡ଼ ଆମହର୍ଷ୍ଟ ଶାନ୍ତିକାମୀ ଥିଲେ, ତଥାପି ତାହାଙ୍କୁ ଦୁଇବାର ଯୁଦ୍ଧ କରିବାକୁ ହୋଇଥିଲା । ପ୍ରଥମରେ ବ୍ରହ୍ମ ଯୁଦ୍ଧ, ଦ୍ୱିତୀୟରେ ଭରତପୁର ଯୁଦ୍ଧ ।

ପ୍ରଥମ ବ୍ରହ୍ମଯୁଦ୍ଧ—ବ୍ରହ୍ମଦେଶରେ ୧୭୫୭ ଖ୍ରୀଷ୍ଟାବ୍ଦରେ ଏଲୋମ୍ପ୍ରା (ଆଲୋମପରା) ନାମକ ଜଣେ ବୀର ପୁରୁଷ ରାଜ୍ୟ ସ୍ଥାପନ କରି ଥିଲେ ଏବଂ ତଦବଧି ତାହାଙ୍କର ବଂଶଧରମାନେ ସେଠାରେ ରାଜତ୍ୱ କରୁଥିଲେ । ସେମାନେ ବ୍ରହ୍ମଦେଶବ୍ୟତୀତ ଆସାମ, କାଛାଡ଼ ଏବଂ ମଣିପୁର ରାଜ୍ୟ ମଧ୍ୟ ଜୟ କରି ନେଇଥିଲେ ଏବଂ ଇଂରେଜ ଅଧିକୃତ ପ୍ରଦେଶମାନ କ୍ରମାଗତ ଆକ୍ରମଣ କରୁଥିଲେ । ଲର୍ଡ଼ ଆମହର୍ଷ୍ଟ ସେମାନଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ ହେବାପାଇଁ ଅନୁରୋଧ କଲେ, କିନ୍ତୁ ସେମାନେ କର୍ଣ୍ଣପାତ ନ କରିବାରୁ ବାଧ୍ୟ ହୋଇ ତାହାଙ୍କୁ ଯୁଦ୍ଧ ଘୋଷଣା କରିବାକୁ ହେଲା । ୧୮୨୪ ଖ୍ରୀଷ୍ଟାବ୍ଦରେ ସେନାପତି ରବର୍ଟ୍ସଙ୍କ ଅଧୀନରେ ଏକ ଦଳ ସୈନ୍ୟ ପ୍ରେରିତ ହେଲେ । ସେମାନେ ଆସାମ ଜୟ କଲେ । ଦ୍ୱିତୀୟ ସୈନ୍ୟଦଳ ସର୍ କାମ୍ବେଲଙ୍କ ଅଧୀନରେ ସମୁଦ୍ରପଥରେ ପ୍ରେରିତ ହେଲେ ଓ ଏମାନେ ରେଙ୍ଗୁନରେ ଉପଗତ ହୋଇ ଉକ୍ତ ନଗର ଅଧିକାର କଲେ । କିଛିଦିନ ପରେ ବନ୍ଦୁଲା (ମହା ବନ୍ଦୁଲ) ନାମକ ଜଣେ ବ୍ରହ୍ମଦେଶୀୟ ବୀର ସେନାପତି ବିପୁଳ ସୈନ୍ୟ ସମଭିବ୍ୟାହାରରେ ରେଙ୍ଗୁନରେ ଉପସ୍ଥିତ ହେଲେ । ଦୁଇ ପକ୍ଷ ମଧ୍ୟରେ ଘୋର ଯୁଦ୍ଧ ହେଲା । ପ୍ରଥମେ ବନ୍ଦୁଲା ଜୟଲାଭ କରିଥିଲେ, କିନ୍ତୁ ସହସା କମାଣର ଗୁଳାରେ ଆହତ ହୋଇ ସେ ଧରାଶାୟୀ ହେଲେ ଓ ତାଙ୍କ ସୈନ୍ୟଦଳ ହତୋତ୍ସାହ ହୋଇ ଛତ୍ରଭଙ୍ଗ ଦେଲେ । ଇଂରେଜସୈନ୍ୟ ପ୍ରୋମ ପର୍ଯ୍ୟନ୍ତ ସେମାନଙ୍କର ପଶ୍ଚାଦ୍ଧାବନ କଲେ । ଏହି ସ୍ଥାନ ମଧ୍ୟ ଇଂରେଜମାନଙ୍କ ହସ୍ତଗତ ହେଲା । ତତ୍ପରେ ଇଂରେଜସେନା ବ୍ରହ୍ମଦେଶର ରାଜଧାନୀ ଆଭାଠାରେ

Digitized by srujanika@gmail.com

ଉପସ୍ଥିତ ହେଲେ । ସେଠାର ରାଜା ୧୮୨୬ ଖ୍ରୀଷ୍ଟାବ୍ଦରେ ୟନ୍ଦବୁ ଠାରେ ଇଂରେଜଙ୍କ ସଙ୍ଗେ ସନ୍ଧି କଲେ । ଏହି ସନ୍ଧିର ସର୍ତ୍ତ ଅନୁସାରେ ଯୁଦ୍ଧବ୍ୟୟ ସ୍ୱରୂପ ଉକ୍ତ ରାଜା ଏକ କୋଟି ଟଙ୍କା ଓ ଆସାମ, ଆରାକାନ ଏବଂ ଟେନା-ସେରିମ ପ୍ରଦେଶ ଇଂରେଜମାନଙ୍କୁ ଦେଲେ ।

ଭରତପୁର ଦୁର୍ଗ ଅଧିକାର—ପୂର୍ବେ ଲିଖିତ ହୋଇଅଛି ଯେ, ଭରତପୁର ରାଜା ଇଂରେଜଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ । ୧୮୨୫ ଖ୍ରୀଷ୍ଟାବ୍ଦରେ ସେ ମୃତ୍ୟୁମୁଖରେ ପତିତ ହେବାରୁ ତାହାଙ୍କ

ଦୁର୍ଜ୍ଜନସାଲ

ନାବାଳକ ପୁତ୍ର ବଲବନ୍ତ ସିଂହଙ୍କୁ ସିଂହାସନରେ ପ୍ରତିଷ୍ଠିତ କରାଗଲା । ଦୁର୍ଜ୍ଜନସାଲ ନାମକ ଜଣେ ବ୍ୟକ୍ତି ତାହାଙ୍କର ଅଭିଭାବକ ହେଲେ, କିନ୍ତୁ ଅବଶେଷରେ ସେ ବାଳକକୁ ସିଂହାସନଚ୍ୟୁତ ଓ ବନ୍ଦୀ କରି ସ୍ୱୟଂ ରାଜା ହେଲେ । ସୁତରାଂ ଲର୍ଡ୍ ଆମହର୍ଷ୍ଟଙ୍କର ଏହି ନାବାଳକ ରାଜାଙ୍କ ସ୍ୱାର୍ଥରକ୍ଷା କରିବା ଆବଶ୍ୟକ ହେଲା । ଲର୍ଡ୍ କମ୍ବରମେୟରଙ୍କ ଅଧୀନରେ ଏକ ଦଳ ସୈନ୍ୟ ପ୍ରେରିତ ହେଲେ । ଏତେ ଦିନଯାଏ ଭରତପୁର ଦୁର୍ଗ ଅଜେୟ ବୋଲି ପରିଗଣିତ ହୋଇ ଆସୁଥିଲା, କାରଣ ଇତିପୂର୍ବେ ସେନାପତି ଲେକ୍ ବେଢେଇ ଥର ସେ ଦୁର୍ଗ ପାଖରୁ ହଟି ଆସିଥିଲେ, କିନ୍ତୁ କମ୍ବର୍ମେୟର ସୁକୌଶଳରେ ଦୁର୍ଗ ପ୍ରାଚୀର ଧ୍ୱଂସ କରି ସୈନ୍ୟ ସହ ଦୁର୍ଗ ମଧ୍ୟରେ ପ୍ରବେଶ କଲେ । ଏହିରୂପେ ଭରତପୁର ଦୁର୍ଗ ଇଂରେଜମାନଙ୍କର ହସ୍ତଗତ ହେଲା । ଦୁର୍ଜ୍ଜନସାଲ ବନ୍ଦୀ ହେଲେ ଏବଂ ନାବାଳକ ରାଜାଙ୍କ ବନ୍ଧନମୋଚନ-ପୂର୍ବକ ତାହାଙ୍କୁ ପୁନର୍ବାର ସିଂହାସନରେ ଅଧିଷ୍ଠିତ କରାଗଲା ।

ଲର୍ଡ ଉଇଲିଆମ୍ ବେଣ୍ଟିକ୍—ନବମ ଗଭର୍ଣ୍ଣର ଜେନେରଲ

୧୮୨୮-୧୮୩୫

ବେଣ୍ଟିକ୍ ପ୍ରଥମେ କେତେ ବର୍ଷ ମାନ୍ଦ୍ରାଜର ଗଭର୍ଣ୍ଣର ପଦରେ ପ୍ରତିଷ୍ଠିତ ଥିବାରୁ ଭାରତବର୍ଷର ଅବସ୍ଥା ସମ୍ବନ୍ଧରେ ଏହାଙ୍କର ସମ୍ୟକ୍ ଜ୍ଞାନ ଜନ୍ମିଥିଲା । ଏହାଙ୍କ ଶାସନକାଳ କୌଣସି ବୃହତ୍ ଯୁଦ୍ଧ ବା ରାଜ୍ୟ ଜୟଦ୍ୱାର ପରି ପ୍ରସିଦ୍ଧ ନ ହେଲେ ମଧ୍ୟ ଏ ଶାସନର ଭିନ୍ନ ଭିନ୍ନ ବିଭାଗରେ ଏପରି ସୁବ୍ୟବସ୍ଥା କରିଥିଲେ ଏବଂ ପ୍ରଜାମାନଙ୍କର ଏତେ ମଙ୍ଗଳ ସାଧନ କରିଥିଲେ ଯେ, ତାହାଙ୍କୁ ଶ୍ରେଷ୍ଠ ବଡ଼ଲାଟମାନଙ୍କ ମଧ୍ୟରେ ଅନ୍ୟତମ ବୋଲି ଗଣନା କରାଯାଏ ।

Digitized by srujanika@gmail.com

ରାଜ୍ୟ ବିସ୍ତାର ଓ ଶାସନସଂସ୍କାର—ରାଜ୍ୟ ବିସ୍ତାର ଅଧିକ ନ ହେଲେ ମଧ୍ୟ ଏହାଙ୍କ ଶାସନକାଳରେ କାଛାଡ଼ ଏବଂ କୁର୍ଗ ରାଜ୍ୟ ଇଂରେଜ ରାଜ୍ୟଭୁକ୍ତ ହେଲା । ଏହାର କାରଣ ଏହି ଯେ, କାଛାଡ଼ର ରାଜା ନିଃସନ୍ତାନ ଅବସ୍ଥାରେ ମୃତ୍ୟୁମୁଖରେ ପତିତ ହେବାରୁ ତତ୍ରତ୍ୟ ପ୍ରଜାବର୍ଗ ବେଣ୍ଟିକଙ୍କ ନିକଟରେ ପ୍ରାର୍ଥନା କଲେ ଯେ ଏହା ଇଂରେଜ ରାଜ୍ୟଭୁକ୍ତ ନ ହେଲେ ଏଠାରେ ସୁଶାସନ ପ୍ରବର୍ତ୍ତିତ ହେବ ନାହିଁ କିମ୍ବା ପ୍ରଜାବର୍ଗଙ୍କର ମଙ୍ଗଳ ହେବ ନାହିଁ । ଏଣେ ୧୮୩୪ ଖ୍ରୀଷ୍ଟାବ୍ଦରେ କୁର୍ଗର ରାଜା ଉନ୍ମାଦଗ୍ରସ୍ତ ହୋଇ ପ୍ରଜାମାନଙ୍କ ଉପରେ ନାନା ଅତ୍ୟାଚାର କରିବାରୁ ସେ ରାଜ୍ୟର

ଲର୍ଡବେଣ୍ଟିକ୍

ପ୍ରଜାମାନେ ମଧ୍ୟ ଏହି ମର୍ମରେ ପ୍ରାର୍ଥନା କଲେ । ଅତଃପର ସେଠାର ରାଜା ବନାରସକୁ ପ୍ରେରିତ ହେଲେ ଏବଂ କାଛାଡ ସହ କୁର୍ଗ ମଧ୍ୟ ବ୍ରିଟିଶ ଶାସନାଧୀନ ହେଲା, କାରଣ ସେଠା ରାଜାଙ୍କ ଦୁର୍ବ୍ୟବସ୍ଥା ହେତୁ ପ୍ରଜାବର୍ଗ ନିତାନ୍ତ ଉତ୍ପୀଡ଼ିତ ହୋଇ ବିଦ୍ରୋହୀ ହୋଇ ଉଠିଲେ । ୧୮୮୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମହୀଶୂର ବ୍ରିଟିଶ ଶାସନରେ ରହିଲା ।

ବ୍ରହ୍ମଯୁଦ୍ଧ ହେତୁ ରାଜକୋଷ ଶୂନ୍ୟ ହୋଇ ପଡ଼ିଥିଲା । ଆୟ ବୃଦ୍ଧି ଓ ବ୍ୟୟସଙ୍କୋଚଦ୍ୱାରା ବେଣ୍ଟିକ୍ ରାଜକୋଷ ପୂର୍ଣ୍ଣ କଲେ । ଆଗ୍ରା ଏବଂ ମାନ୍ଦ୍ରାଜରେ ଦ୍ୱିତୀୟ ଥର ରାଜସ୍ୱ ବନ୍ଦୋବସ୍ତ କରାଯାଇ କରବୃଦ୍ଧି କରାଗଲା । ପୂର୍ବରୁ ନିଷ୍କର ଥିବା ଭୂମି ଉପରେ ମଧ୍ୟ କର ନିର୍ଦ୍ଧାରିତ ହେଲା । ଅଫିମର କୃଷି ଉପରେ ନୂତନ କର ସ୍ଥାପିତ ହେଲା । ପୂର୍ବରୁ ବଙ୍ଗ, ବିହାର ଓ ଓଡ଼ିଶାରେ ଲର୍ଡ କର୍ଣ୍ଣୱାଲିସ୍ ପୂର୍ବରୁ ଚିରସ୍ଥାୟୀ ବନ୍ଦୋବସ୍ତ କରି ସାରିଥିଲେ; ସୁତରାଂ ସେଠାରେ ଆଉ କର ବୃଦ୍ଧି କରାଗଲା ନାହିଁ । କିନ୍ତୁ

Digitized by srujanika@gmail.com

ଅନ୍ୟାନ୍ୟ ପ୍ରଦେଶର ଜମିଦାରମାନଙ୍କୁ ଠିକାରେ ଜମି ଇଜରା ଦିଆଗଲା । ଏତଦ୍ଦ୍ୱାରା ମଧ୍ୟ କରର ପରିମାଣ ବର୍ଦ୍ଧିତ ହେଲା । ୧୮୩୧ ଖ୍ରୀଷ୍ଟାବ୍ଦରେ ବେଣ୍ଟିଙ୍କ ପ୍ରଧାନ ସେନାପତି (କମାଣ୍ଡର-ଇନ୍-ଚିଫ୍) ପଦରେ ପ୍ରତିଷ୍ଠିତ ହେବାରୁ ସେ ସୈନ୍ୟସଂକ୍ରାନ୍ତ ବ୍ୟୟ କେତେକ ପରିମାଣରେ କମାଇ ଦେଲେ ଓ ଶାସନବିଭାଗରେ ମଧ୍ୟ ବ୍ୟୟସଙ୍କୋଚର ବ୍ୟବସ୍ଥା କଲେ । ଏହାଙ୍କଦ୍ୱାରା କମିସନର ପଦ ସଂଗଠିତ ହେଲା ଓ ଏକ ଏକ କମିସନରଙ୍କ ଅଧୀନ ପାଞ୍ଚଗୋଟି ଲେଖାଏଁ ଜିଲ୍ଲା ରଖାଗଲା ।

ଭାରତରେ ସାମାଜିକ ସଂସ୍କାର ପ୍ରବର୍ତ୍ତନ କରିଥିବାରୁ ଲର୍ଡ ୱିଲିଅମ୍ ବେଣ୍ଟିଙ୍କଙ୍କ ନାମ ଅଧିକତର ପ୍ରସିଦ୍ଧ । ଏହି ସବୁ ସମାଜ-ସଂସ୍କାର ପ୍ରବର୍ତ୍ତନ ଯୋଗୁଁ ଇଂରେଜ ଶାସନ ପ୍ରତି ଭାରତବାସୀଙ୍କ ଶ୍ରଦ୍ଧା ଅଧିକତର ବୃଦ୍ଧି ପାଇଅଛି । ଏତେ ଦିନଯାଏ ବଡ଼ଲାଟ୍‌ମାନେ କେବଳ ରାଜ୍ୟ ବିସ୍ତାରରେ ଲାଗିଥିଲେ । ସେମାନେ ରାଜ୍ୟର ଶାନ୍ତି ବା ମଙ୍ଗଳ ପ୍ରତି ବିଶେଷ ମନୋଯୋଗ ଦେଉ ନ ଥିଲେ । ଦେଶର ଅବସ୍ଥା ପୂର୍ବାପେକ୍ଷା ଅଧିକତର ଅବନତି ଆଡ଼କୁ ଅଗ୍ରସର ହେଉଥିଲା । ଚୋରି ଡକାଏତମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିଲା । ପ୍ରଜାମାନେ ମୂର୍ଖ ହୋଇ ପଡ଼ି ରହିଥିଲେ । କୁସଂସ୍କାରମାନଙ୍କର ସୀମା ନ ଥିଲା ଓ ସେମାନଙ୍କୁ ରୋକିବାକୁ କେହି ଶକ୍ତିଶାଳୀ ବ୍ୟକ୍ତି ନ ଥିଲେ । ଅତଏବ କୁସଂସ୍କାରମାନଙ୍କ ସଂସ୍କାର ଆବଶ୍ୟକ ହୋଇ ପଡ଼ିଥିଲା ।

ପିଣ୍ଡାରୀମାନଙ୍କର ଅତ୍ୟାଚାରର ବିବରଣ ପୂର୍ବେ ଲିଖିତ ହୋଇଅଛି । 'ଠଗ' ନାମକ ଗୋଟିଏ ସମ୍ପ୍ରଦାୟ ଏମାନଙ୍କ ଅପେକ୍ଷା ଭୟଙ୍କର ଥିଲେ । ଦେଶୀୟ ରାଜାମାନଙ୍କ ଅସାବଧାନତା ହେତୁ ଏମାନଙ୍କର ମୁହଁ ଏତେ ବଢ଼ି ଯାଇଥିଲା ଯେ, ଏମାନେ ଦଳବଦ୍ଧ ହୋଇ ଚତୁର୍ଦ୍ଦିଗରେ ଘୂରି ବୁଲୁଥିଲେ ଓ ନାନା ସ୍ଥାନରେ ଅଡ୍ଡା କରି ପଥିକ ଓ ବଣିକମାନଙ୍କୁ ଠକୁଥିଲେ ଓ ଅନେକ ସମୟରେ ଡକାଏତି କରିବାକୁ ମଧ୍ୟ ଏମାନେ ଅଣୁମାତ୍ର କୁଣ୍ଠିତ ହେଉ ନ ଥିଲେ । ଏମାନଙ୍କ ଅତ୍ୟାଚାର ହେତୁ ଜନସାଧାରଣଙ୍କର ଧନ ଓ ପ୍ରାଣ ସର୍ବଦା ବିପନ୍ନ ଥିଲା । ଜଣେ ବା ଦୁଇଜଣ ବାଟ ଚାଲିବା ବିପଦସଙ୍କୁଳ ହୋଇଥିଲା । ବେଣ୍ଟିଙ୍କ ଏମାନଙ୍କୁ ଦମନ କରିବା

ଠଗମାନଙ୍କ ଲୋପ

Digitized by srujanika@gmail.com

ଭାର କର୍ଣ୍ଣେଲ ସ୍ଲିମାନ୍‌ଙ୍କଠାରେ ନ୍ୟସ୍ତ କଲେ । ଉକ୍ତ କର୍ଣ୍ଣେଲଙ୍କ କଠୋର ପରିଶ୍ରମ ଫଳରେ ଛଅ ସାତ ବର୍ଷ ମଧ୍ୟରେ ପ୍ରାୟ ୧୫୦୦ ଠଗ ଧୃତ ହୋଇ କଠୋର ଶାସ୍ତି ପାଇଲେ । ଏହି ପରେ ଠଗୀ ଓ ଡକାଏତି ଦେଶରୁ ନିର୍ମୂଳ ହେଲା ।

କୁପ୍ରଥାମାନଙ୍କ ଲୋପ

ସମାଜ ପ୍ରଚଳିତ କେତେକ ପ୍ରକାର ନରହତ୍ୟା ମଧ୍ୟ ବେଣ୍ଟିକ୍ ବନ୍ଦ କଲେ । ହିନ୍ଦୁ ସ୍ତ୍ରୀମାନେ ମୃତ ସ୍ୱାମୀଙ୍କ ଜ୍ୱଳନ୍ତ ଚିତାରେ ଝାସ ଦେଇ ପୋଡ଼ି ହୋଇ ମରୁଥିଲେ । ପ୍ରାଚୀନକାଳରେ ସ୍ତ୍ରୀମାନେ ଆପଣାର ଶୁଦ୍ଧ ଓ ଅପୂର୍ବ ପାତିବ୍ରତ୍ୟ ଗୁଣରୁ ସ୍ୱଇଚ୍ଛାରେ ମୃତ ସ୍ୱାମୀଙ୍କ ଶବ ସଙ୍ଗେ ଚିତାଗ୍ନିରେ ଝାସ ଦେଇ ନିଅନ୍ତା ପୋଡ଼ି ହୋଇ ମରୁଥିଲେ, କିନ୍ତୁ ପରବର୍ତ୍ତୀ କାଳରେ ଲୋକେ ସେମାନଙ୍କୁ ବଳପୂର୍ବକ ମୃତ ସ୍ୱାମୀଙ୍କ ସଙ୍ଗେ ଚିତାନଳରେ ପକାଇ ପୋଡ଼ି ଦେଉଥିଲେ । ଏ ପ୍ରଥାକୁ ସତୀଦାହ ପ୍ରଥା ବୋଲାଯାଉଥିଲା । କୌଣସି କୌଣସି ସ୍ଥାନରେ କନ୍ୟାର ବିବାହ କାଳରେ ଅଧିକ ଯୌତୁକ ଦେବାକୁ ପଡ଼ିବ ବୋଲି କନ୍ୟା ଜନ୍ମ ହେବା ମାତ୍ରକେ ପିତାମାତା ଶିଶୁ କନ୍ୟାକୁ ମାରି ପକାଉଥିଲେ । କୌଣସି କୌଣସି ସ୍ଥାନରେ ଅଧିକ ସନ୍ତାନ ପାଇବା କାମନାରେ ଲୋକେ ନିଜର ପ୍ରଥମ ସନ୍ତାନକୁ ଗଙ୍ଗାନଦୀରେ ବିସର୍ଜନ କରିବାକୁ ପୂର୍ବରୁ ମାନସିକ କରୁଥିଲେ ଏବଂ ତଦନୁସାରେ ନବଜାତ ପ୍ରଥମ ସନ୍ତାନକୁ ନେଇ ଗଙ୍ଗାଗର୍ଭରେ ଫିଙ୍ଗି ଦେଉଥିଲେ । କେତେକ ଜଙ୍ଗଲି ଜାତିଙ୍କ ମଧ୍ୟରେ କାଳୀ ଅଥବା ଅନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ନରବଳି ଦେବାର ପ୍ରଥା ପ୍ରଚଳିତ ଥିଲା । ବେଣ୍ଟିକ ଆଇନ ପ୍ରଣୟନ କରି ଏହି କୁପ୍ରଥାଗୁଡ଼ିକର ସମୂଳ ଉଚ୍ଛେଦ ସାଧନ କଲେ ।

ଶିକ୍ଷା ସଂସ୍କାର—ସେ ସମୟକୁ ବ୍ରିଟିଶଶାସନ ପ୍ରାୟ ୭୦ ବର୍ଷ ହେଲା ଭାରତରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଏତାବତ୍‌କାଳ ପ୍ରଜା-ସାଧାରଣଙ୍କ ନିମିତ୍ତ ଗୋଟିଏ ହେଲେ ମଧ୍ୟ ପାଠଶାଳାର ପ୍ରତିଷ୍ଠା ହୋଇ ନ ଥିଲା । ଏହି ବିଷୟ ବେଣ୍ଟିଙ୍କଙ୍କୁ ଭାରି ଅଡ଼ୁଆ ଲାଗିଲା । ସେ ସରକାରଙ୍କ ପକ୍ଷରୁ

Digitized by srujanika@gmail.com

ଲୋକଙ୍କୁ ଶିକ୍ଷା ଦିଆଯିବାର ଇଚ୍ଛା କଲେ । ଏଥିଯୋଗୁଁ ଦେଶରେ ଦୁଇଟି ଦଳର ସୃଷ୍ଟି ହେଲା । ଦଳେ ଇଂରାଜୀ ଶିକ୍ଷାର ଓ ଅପର ଦଳ ଭାରତୀୟ ଶିକ୍ଷାର ପକ୍ଷପାତୀ ହେଲେ । ବଡ଼ଲାଟଙ୍କ ସଭାର ମେମ୍ବର ମାକଲେ ସାହେବ ଇଂରାଜୀ ଶିକ୍ଷାର ସପକ୍ଷରେ ମତ ଦେଲେ । ଅତଃପର ଇଂରାଜୀ ଶିକ୍ଷା ନିମିତ୍ତ କଲେଜ ପ୍ରତିଷ୍ଠିତ ହେଲା ଓ ଇଂରାଜୀ ଶିକ୍ଷାର ପ୍ରଚାର ଆରମ୍ଭ ହେଲା । ବେଣ୍ଟିଙ୍କ ଅଦାଲତମାନଙ୍କରେ ଫାର୍ସୀ ଭାଷା ପରିବର୍ତ୍ତରେ ଇଂରାଜୀ ଓ ପ୍ରାଦେଶିକ ଭାଷାମାନ ଚଳିବାର ବ୍ୟବସ୍ଥା କଲେ । ବେଣ୍ଟିଙ୍କଙ୍କ ସମୟରେ କଲିକତାରେ ମେଡ଼ିକାଲ କଲେଜ ଖୋଲାଯାଇଥିଲା ।

ଇଂରାଜୀ ଶିକ୍ଷାର ଆରମ୍ଭ

ଶିକ୍ଷା ପ୍ରଚାର ସଙ୍ଗେ ସଙ୍ଗେ ଶିକ୍ଷିତମାନଙ୍କୁ ସରକାରୀ ଚାକିରି ଯୋଗାଇବା ଏକାନ୍ତ ପ୍ରୟୋଜନୀୟ ହୋଇ ପଡ଼ିଲା । ଏତାବତ୍‌କାଳ ଇଂରେଜମାନେ ଯାବତୀୟ ଉଚ୍ଚ ରାଜପଦରେ ପ୍ରତିଷ୍ଠିତ ଥିଲେ । ଭାରତୀୟମାନେ କୌଣସି ଉଚ୍ଚ ରାଜପଦ ପାଉ ନ ଥିଲେ । ବେଣ୍ଟିଙ୍କ ଦେଶୀୟ ପ୍ରଜାବର୍ଗଙ୍କ ପାଇଁ କେତେକ ଉଚ୍ଚ ରାଜପଦର ମାର୍ଗ ଉନ୍ମୁକ୍ତ କରି ଦେଲେ । ତଦବଧି ସରକାରୀ ନାନା ବିଭାଗରେ ଶିକ୍ଷିତ ଭାରତବାସୀମାନେ ନିଯୁକ୍ତ ହୋଇ ଆସୁଅଛନ୍ତି ।

ସନନ୍ଦର ପରିବର୍ତ୍ତନ—୧୮୩୩ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କୋମ୍ପାନୀର ସନନ୍ଦର ମିଆଦ ପୂରି ଯିବାରୁ ବିଲାତର ପାର୍ଲିଆମେଣ୍ଟ ଆଉ ୨୦ ବର୍ଷ ପାଇଁ କୋମ୍ପାନୀକୁ ନୂତନ ସନନ୍ଦ ଦେଇଥିଲେ ଓ ଏଥର ସର୍ତ୍ତ ଥିଲା ଯେ, ବାଣିଜ୍ୟ ଅପେକ୍ଷା ଶାସନ ପ୍ରତି କୋମ୍ପାନୀ ଅଧିକତର ଦୃଷ୍ଟି ଦେବେ । ନୂତନ ସନନ୍ଦ ଅନୁସାରେ ଚୀନଦେଶ ସହିତ କୋମ୍ପାନୀଙ୍କର ବାଣିଜ୍ୟ ବନ୍ଦ କରାଗଲା ଓ ଭାରତର ଶାସନଭାର କୋମ୍ପାନୀର ଡାଇରେକ୍ଟର-ମାନଙ୍କଠାରେ ନ୍ୟସ୍ତ ହେଲା । ବଡ଼ଲାଟଙ୍କ ସଭାରେ ଖାସ୍ ଆଇନ୍ ପ୍ରଣୟନ ପାଇଁ ଜଣେ ମେମ୍ବରଙ୍କୁ ନିଯୁକ୍ତ କରାଗଲା । ଲର୍ଡ ମାକଲେ ପ୍ରଥମ ଆଇନ୍ ସଚିବ ହେଲେ ।

ଲର୍ଡ ମେକଲେ

ଏଥିପୂର୍ବେ କ୍ଲାଇଭ୍ ବଙ୍ଗ ପ୍ରେସିଡେନ୍ସିର, ଲର୍ଡ ୱେଲେସ୍ଲି ଉତ୍ତର ସରକାର, ମାଲବାର, ସାଲେମ, ମଦୁରା, କାନଡ଼ା, କୋୟମ୍ବାଟୁର, ତାଞ୍ଜୋର

Digitized by srujanika@gmail.com

କର୍ଣ୍ଣାଟକ ଅଞ୍ଚଳମାନଙ୍କୁ ମିଶାଇ ମାନ୍ଦ୍ରାଜ ପ୍ରେସିଡେନ୍ସିର ଏବଂ ଲର୍ଡ ହେଷ୍ଟିଙ୍ଗସ ପେଶବାଙ୍କ ରାଜ୍ୟଠାରୁ କେତେକ ଅଂଶ ମିଶାଇ ବୋମ୍ବାଇ ପ୍ରେସିଡେନ୍ସିର ସୀମା ନିରୂପଣ କରି ଯାଇଥିଲେ । ଓ୍ୱେଲେସ୍ଲୀଙ୍କର 'ସହାୟକ ନୀତି' ଅନୁସାରେ ଅଯୋଧ୍ୟାର ନବାବଙ୍କ ନିକଟରୁ ପ୍ରାପ୍ତ ଦୋଆବ୍ ଏବଂ ଲର୍ଡ ହେଷ୍ଟିଙ୍ଗ୍‌ସଙ୍କ ଶାସନକାଳରେ ସୁଗୌଲିର ସନ୍ଧିପତ୍ର ଅନୁସାରେ ପ୍ରାପ୍ତ କମାଉନ୍, ଗଡ଼ଓ୍ୱାଲ୍ ଓ ତରାଇ ପ୍ରଦେଶର ଦକ୍ଷିଣ ଭାଗମାନଙ୍କୁ ମିଶାଇ ଯେଉଁ ଉତ୍ତର ପଶ୍ଚିମ ନାମକ ପ୍ରଦେଶର * ସୃଷ୍ଟି ହୋଇ ବଙ୍ଗ ଗଭର୍ଣ୍ଣରଙ୍କ ଶାସନାଧୀନ ଥିଲା, ବେଣ୍ଟିଙ୍କଙ୍କ ଶାସନକାଳରେ ତାହା ବଙ୍ଗ ପ୍ରଦେଶରୁ ପୃଥକ୍ କରାଯାଇ ତାହାଁର ଶାସନକାର୍ଯ୍ୟ ପରିଚାଳନ ନିମିତ୍ତ ଜଣେ ଲେଫ୍‌ଟ୍‌ନେଣ୍ଟ୍ ଗଭର୍ଣ୍ଣର (ଲ୍ଲେଟଲାଟ୍) ନିଯୁକ୍ତ କରାଗଲା ।

ପ୍ରଦେଶ ଗଠନ

୧୮୩୫ ଖ୍ରୀଷ୍ଟାବ୍ଦରେ ବେଣ୍ଟିଙ୍କ ଭାରତରୁ ପ୍ରତ୍ୟାବର୍ତ୍ତନ କଲେ ଓ ଅନ୍ୟ ବଡ଼ଲାଟଙ୍କ ଭାରତ ଆଗମନ ପର୍ଯ୍ୟନ୍ତ ସର ଚାର୍ଲସ୍ ମେଟ୍‌କାଫ୍ ଅସ୍ଥାୟୀ ଭାବରେ ବଡ଼ଲାଟ କାର୍ଯ୍ୟ ନିର୍ବାହ କରିବାକୁ ଲାଗିଲେ । ସେ ସମ୍ବାଦପତ୍ରମାନଙ୍କୁ ସ୍ୱମତ ପ୍ରକାଶ କରିବାପାଇଁ ସ୍ୱାଧୀନତା ପ୍ରଦାନ କଲେ । ସରକାରୀ କାର୍ଯ୍ୟମାନଙ୍କ ଆଲୋଚନା ଓ ତତ୍‌ସମ୍ବନ୍ଧେ ସ୍ୱୀୟ ମତାମତ ପ୍ରକାଶ କରିବାର ଅଧିକାର ସମ୍ବାଦପତ୍ରମାନଙ୍କୁ ଦିଆଯିବାରୁ ବିଲାତରେ ଡାଇରେକ୍ଟରଗଣ ମେଟକାଫଙ୍କ ଉପରେ ଅପ୍ରସନ୍ନ ହେଲେ । ମେଟ୍‌କାଫ୍ ସେମାନଙ୍କ ଭ୍ରୂଭଙ୍ଗୀ ପ୍ରତି ଭ୍ରୂକ୍ଷେପ ନ କରି ସ୍ୱୟଂ ପଦତ୍ୟାଗ କଲେ ।

ଲର୍ଡ ଆକ୍‌ଲାଣ୍ଡ ଦଶମ ଗଭର୍ଣ୍ଣର ଜେନେରଲ ୧୮୩୬-୧୮୪୨—ଭାରତରେ ସର୍ବତ୍ର ଶାନ୍ତି ବିରାଜୁଥିଲା ବୋଲି ଅକ୍‌ଲାଣ୍ଡଙ୍କ ସମୟରେ କୌଣସି ଉଲ୍ଲେଖଯୋଗ୍ୟ ଘଟନା ଘଟି ନାହିଁ । ପ୍ରଥମ ଅଫଗାନ ଯୁଦ୍ଧହିଁ ଏହାଙ୍କ ସମୟର ଏକମାତ୍ର ପ୍ରସିଦ୍ଧ ଘଟନା ।

---

*ଏହା ଅଧୁନା ଆଗ୍ରା ଓ ଅଯୋଧ୍ୟାର ସଂଯୁକ୍ତ ପ୍ରଦେଶ (United Provinces of Agra and Oudh) ବୋଲି ଅଭିହିତ ।

Digitized by srujanika@gmail.com

ପ୍ରଥମ ଆଫଗାନ ଯୁଦ୍ଧ—ନେପୋଲିଅନଙ୍କ ମୃତ୍ୟୁ ଯୋଗୁଁ ଫରାସୀମାନଙ୍କ-ଦ୍ୱାରା ଭାରତ ଆକ୍ରମଣର ଆଶଙ୍କା ଦୂର ହୋଇଥିଲେ ହେଁ ରୁସ୍‌ମାନେ କ୍ରମଶଃ ଭାରତବର୍ଷ ଆଡ଼କୁ ଅଗ୍ରସର ହେଉଥିଲେ । ସେମାନେ ତୁର୍କିସ୍ଥାନକୁ କରତଳଗତ କରି ଆଫଗାନସ୍ଥାନର ସୀମା ପର୍ଯ୍ୟନ୍ତ ମାଡ଼ି ଆସିଥିଲେ । ଆଫଗାନସ୍ଥାନରେ ସେମାନଙ୍କର ଅଧିକାର ଜମିଥିଲେ ସମ୍ଭବତଃ ସେମାନେ ଭାରତବର୍ଷରେ ହସ୍ତକ୍ଷେପ କରିଥାଆନ୍ତେ । ଏହି ଆଶଙ୍କାରେ ଲର୍ଡ ଆକଲାଣ୍ଡ ଆଫଗାନସ୍ଥାନର ଅମୀର୍ ଦୋସ୍ତ ମହମ୍ମଦଙ୍କ ସହିତ ସନ୍ଧି କରିବାକୁ ଇଚ୍ଛା କଲେ । ତାଙ୍କ ସଙ୍ଗେ ମିତ୍ରତା କରିବା ପାଇଁ ବର୍ଣ୍ଣସ୍‌ଙ୍କୁ ତାଙ୍କଠାକୁ ଦୂତ ପ୍ରେରଣ କଲେ । ଅମୀର୍ ରୁସିଆରୁ

ରୁସ ଭୟ

ପ୍ରେରିତ ଦୂତଙ୍କର ପୂର୍ଣ୍ଣ ସତ୍କାର କଲେ, କିନ୍ତୁ ବର୍ଣ୍ଣସ୍‌ଙ୍କ ଦୂତଙ୍କ ସଙ୍ଗେ ସାଧାରଣ ବ୍ୟବହାର କଲେ । ସେ ଓଲଟି ବର୍ଣ୍ଣସ୍‌ଙ୍କୁ କହି ପଠାଇଲେ ଯେ, ଇଂରେଜମାନେ ଯଦି ରଣଜିତ୍ ସିଂହଙ୍କ ଦଖଲରେ ଥିବା ପେଶବାର ଦୁର୍ଗ ରଣଜିତ୍ ସିଂହଙ୍କଠାରୁ ଛଡ଼ାଇ ଅମୀରଙ୍କୁ ସମର୍ପଣ କରିବେ, ତାହାହେଲେ ସେ ଇଂରେଜ ସରକାରଙ୍କର ମିତ୍ର ହେବେ । ପଞ୍ଜାବକେଶରୀ ରଣଜିତ୍ ସିଂହ ଇଂରେଜମାନଙ୍କର ପରମ ମିତ୍ର ଥିଲେ, ସୁତରାଂ ଅମୀରଙ୍କର ଏହି ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଇଂରେଜ ସରକାରଙ୍କ ପକ୍ଷରେ ଅସମ୍ଭବ ଥିଲା । ସୁତରାଂ ଅକଲାଣ୍ଡଙ୍କର ଅମୀରଙ୍କ ସଙ୍ଗେ ମିତ୍ରତା ବନ୍ଧନ କରିବା ପ୍ରୟାସ ନିଷ୍ଫଳ ହେଲା । ଅଫଗାନସ୍ଥାନର ରାଜ-ସିଂହାସନର ଯଥାର୍ଥ ଉତ୍ତରାଧିକାରୀ ସାହା ସୁଜା ଇଂରେଜଙ୍କ ଆଶ୍ରୟରେ ବାସ କରୁଥିଲେ । ଲର୍ଡ୍ ଅକଲାଣ୍ଡ ତାହାଙ୍କୁହିଁ ଅଫଗାନସ୍ଥାନର ଅମୀର୍ ପଦରେ ପ୍ରତିଷ୍ଠିତ କରିବାକୁ ସଂକଳ୍ପ କଲେ । ରଣଜିତ୍ ସିଂହଙ୍କ ସହାୟତାରେ ଇଂରେଜ ସେନା ବୋଲାନ୍ ଓ ଖାଇବାର୍ ନାମକ ଗିରିସଙ୍କଟ (ଘାଟି) ବାଟେ ଅଫଗାନସ୍ଥାନକୁ ପ୍ରେରିତ ହେଲେ । ସେମାନେ କାବୁଲ ଅଧିକାର କରି ଅମୀର୍ ଦୋସ୍ତ୍ ମହମ୍ମଦଙ୍କୁ ବନ୍ଦୀ କରି କଲିକତା ପ୍ରେରଣ କଲେ । ସାହା ସୁଜା ଅମୀର୍ ହେଲେ; ତାହାଙ୍କ ରକ୍ଷାର୍ଥେ କିୟଦଂଶ ସେନା କାବୁଲରେ ରହିଲେ ଏବଂ ଅବଶିଷ୍ଟ ଭାରତକୁ ଫେରି ଆସିଲେ । ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ପ୍ରକାରେ ଶାନ୍ତି ରହିଲା, କିନ୍ତୁ ୧୮୪୧ ଖ୍ରୀଷ୍ଟାବ୍ଦରେ ଦୋସ୍ତ୍ ମହମ୍ମଦଙ୍କ ପୁତ୍ର

Digitized by srujanika@gmail.com

ଆକବର୍ ଖାଁଙ୍କ ଅଧିନାୟକତ୍ୱରେ ସମସ୍ତ ଅଫଗାନ ଜାତି ମାତି ଉଠିଲେ । ସେମାନେ ସାହା ସୁଜାଙ୍କୁ ଓ ଇଂରେଜ ସୈନ୍ୟାଧ୍ୟକ୍ଷମାନଙ୍କୁ ହତ୍ୟା କଲେ । ଇଂରେଜ ସୈନ୍ୟ ପରାସ୍ତ ହେବାରୁ ସେମାନଙ୍କୁ ଅଫଗାନସ୍ଥାନ ପରିତ୍ୟାଗ କରିବାକୁ କୁହାଗଲା । ପ୍ରାୟ ୧୬୦୦୦ ସୈନିକ ଖାଇବାର୍ ଘାଟି ବାଟେ ଭାରତକୁ ଫେରି ଆସୁଥିଲେ । ସେତେବେଳେ ସେ ଅଞ୍ଚଳରେ ଶୀତର ଭୀଷଣ ପ୍ରକୋପ ପରିଲକ୍ଷିତ ହେଉଥିଲା । ଏହି ସୁଯୋଗ ପାଇ ଅଫଗାନମାନେ ପ୍ରତ୍ୟାବର୍ତ୍ତନକାରୀ ସେନାଙ୍କୁ ସହସା ଆକ୍ରମଣ କଲେ । ବହୁତ ଲୋକ ନିହତ ହେଲେ ଓ କେତେ ଲୋକ ବରଫ ତଳେ ଚାପି ହୋଇଗଲେ । ସମସ୍ତ ସୈନ୍ୟଙ୍କ

ଡାକ୍ତର ବ୍ରାଇଡନ୍

ମଧ୍ୟରୁ କେବଳ ଜଣେ ମାତ୍ର ଡାକ୍ତର ବ୍ରାଇଡନ୍ ଯେନତେନ ପ୍ରକାରେ ଜୀବନ ରକ୍ଷା କରି ଜଲାଲାବାଦରେ ଉପଗତ ହେଲେ । ସେ କାବୁଲର ସମସ୍ତ ଘଟଣା ବିବୃତ କଲେ । ଇଂରେଜମାନଙ୍କ ମଧ୍ୟରେ ଘୋରତର ଆନ୍ଦୋଳନ ଚାଲିଲା । ଇତି ମଧ୍ୟରେ ୧୮୪୨ ଖ୍ରୀଷ୍ଟାବ୍ଦରେ ଲର୍ଡ୍ ଅକ୍ଲାଣ୍ଡ୍ ଇଂଲଣ୍ଡକୁ ବାହୁଡ଼ି ଯିବାକୁ ଆଦିଷ୍ଟ ହେଲେ ।

ଲର୍ଡ୍ ଏଲେନ୍‌ବରା—ଏକାଦଶ ଗଭର୍ଣ୍ଣର ଜେନେରଲ୍
୧୮୪୨-୧୮୪୪

ଦ୍ୱିତୀୟ ଆଫଗାନ ଯୁଦ୍ଧ—ଏଲେନ୍‌ବରା ଭାରତରେ ପଦାର୍ପଣ କରିବା ମାତ୍ରେ ଆଫଗାନମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ଜେନେରାଲ୍ ପୋଲକଙ୍କ ଅଧୀନରେ ଦଳେ ଇଂରେଜ ସୈନ୍ୟ କାବୁଲକୁ ପ୍ରେରଣ କଲେ । ତେଣେ କାନ୍ଦାହାର ଓ ଜଲାଲାବାଦରେ ଦୁଇଟି କ୍ଷୁଦ୍ର ଇଂରେଜ ସୈନ୍ୟଦଳ ଅବରୁଦ୍ଧ ହୋଇ ରହିଥିଲେ ଓ କାବୁଲରେ କେତେ ଜଣ ଇଂରେଜ ବନ୍ଦୀ ହୋଇ ରହିଥିଲେ । ଯଦିଓ ଏଥି ପୂର୍ବରୁ ସାହା ସୁଜା ନିହତ ହୋଇଥିଲେ ଏବଂ ଆଫଗାନମାନଙ୍କ ଇଚ୍ଛାବିରୁଦ୍ଧରେ କାହାକୁ ଅମୀର କରିବା ଯୁକ୍ତିଯୁକ୍ତ ନ ଥିଲା, ତଥାପି ବ୍ରିଟିଶ ରାଜ୍ୟର ମାନ ରକ୍ଷା କରିବା ପ୍ରୟୋଜନୀୟ ହୋଇଥିଲା । ସେନାପତି ପୋଲକ ପଞ୍ଜାବ ବାଟେ ଜଲାଲାବାଦରେ ପହଞ୍ଚିଲେ । ସେଠାରେ ସେ ଅବରୁଦ୍ଧ ସୈନ୍ୟ ଦଳକୁ ମୁକ୍ତ କରି ପୁଣି ଆଗକୁ ଅଗ୍ରସର ହେଲେ । ପୋଲକଙ୍କ ସହାୟତା ପାଇଁ କାନ୍ଦାହାରଠାରୁ ଦଳେ ସୈନ୍ୟ ବୋଲନ୍ ଘାଟୀ

Digitized by srujanika@gmail.com

ବାଟେ ପଠାଇଲେ । ପଥ ମଧ୍ୟରେ ସେମାନେ ଗଜନୀ ନଗର ଅଧିକାର କରି କାବୁଲରେ ଯାଇ ଉପନୀତ ହେଲେ । ଏହିଠାରେ ସମ୍ମିଳିତ ଦୁଇ ସୈନ୍ୟଦଳ ଆକବରଖାଁ ଓ ତାହାଙ୍କର ଅନୁଚରଗଣଙ୍କୁ ପରାସ୍ତ କଲେ । କମାଣର ଗୁଳାରେ କାବୁଲ ବଜାରର ଧ୍ୱଂସ କରାଗଲା ଓ ଇଂରେଜବନ୍ଦୀମାନଙ୍କୁ ମୁକ୍ତ କରାଗଲା । ଏହିପରି ଭାବରେ ବ୍ରିଟିଶ ମର୍ଯ୍ୟାଦାର ରକ୍ଷା ହେଲା । ଏହାହିଁ ଦ୍ୱିତୀୟ ଆଫଗାନ ଯୁଦ୍ଧ । ଏଣେ କଲିକତାରୁ ଦୋସ୍ତ ମହମ୍ମଦ ଓ ଆଫଗାନ ବନ୍ଦୀଗଣଙ୍କୁ ମୁକ୍ତ କରାଗଲା । ଦୋସ୍ତ୍ ମହମ୍ମଦ ଆଫଗାନସ୍ଥାନର ଅମୀର ହେଲେ ।

ସିନ୍ଧୁ ବିଜୟ—ଲର୍ଡ଼ ଏଲେନବରା ସିନ୍ଧୁ ଦେଶକୁ ଇଂରେଜରାଜ୍ୟ ସହିତ ମିଶାଇବାକୁ ଚାହିଁଲେ । କଥିତ ଅଛି ଯେ, ସିନ୍ଧୁ ଦେଶର ଅମୀରଙ୍କ ବିପକ୍ଷରେ ଇଂରେଜଙ୍କର ଏହି ଅଭିଯୋଗ ଥିଲା ଯେ, ସେ ଅଫଗାନସ୍ଥାନର ଅମୀରଙ୍କୁ ଇଂରେଜଙ୍କ ବିପକ୍ଷରେ ସାହାଯ୍ୟ କରିଥିଲେ । ସର୍ ଚାର୍ଲସ ନେପିଅର ଦଳେ ସୈନ୍ୟ ସହିତ ସିନ୍ଧୁ ଦେଶକୁ ପ୍ରେରିତ ହେଲେ । ସେ ସିନ୍ଧୁର ଅମୀରଙ୍କ ସହିତ ଗୋଟିଏ ନୂତନ ସନ୍ଧି କଲେ । ଏଥିରେ ବେଲୁଚମାନେ ମାତି ଉଠିଲେ । ମିଆନୀ ଓ ହାଇଦ୍ରାବାଦରେ ଦୁଇଟି ଯୁଦ୍ଧରେ ଅମୀର ପରାଜିତ ହୋଇ ବନ୍ଦୀ ହେଲେ । ତାଙ୍କୁ କାଶୀକୁ ପଠାଇ ଦିଆଗଲା ଓ ସିନ୍ଧୁ ଦେଶକୁ ବୋମ୍ବାଇ ପ୍ରେସିଡେନ୍ସିର ଅନ୍ତର୍ଭୁକ୍ତ କରାଗଲା ।

ଗୋଆଲିଅରର ଜନକଜୀ ସିନ୍ଧିଆଙ୍କର ମୃତ୍ୟୁ ହୋଇଥିଲା । ତାହାଙ୍କର ସ୍ତ୍ରୀ ତାରାବାଈ ଗୋଟିଏ ପୋଷ୍ୟପୁତ୍ର ଗ୍ରହଣ କଲେ । ଲର୍ଡ଼ ଏଲେନ୍‌ବରା ତଦାସ୍ତ ମାମୁଙ୍କୁ ଉକ୍ତ ପୋଷ୍ୟପୁତ୍ରର ଅଭିଭାବକ ନିଯୁକ୍ତ କଲେ ।

ତାରାବାଈ

ତାରାବାଈଙ୍କ ମନକୁ ଏ କଥା ପାଇଲା ନାହିଁ । ତେଣୁ ତାହାଙ୍କୁ ତଡ଼ି ଦିଆଗଲା । ତାରାବାଈ ଯୁଦ୍ଧ ପାଇଁ ଆୟୋଜନର ସୂତ୍ରପାତ କରୁଥିବାର ଜାଣି ପାରି ତାରାବାଈଙ୍କୁ ନିଜର ସୈନ୍ୟ ସଂଖ୍ୟା କମାଇ ଦେବାକୁ ବଡ଼ଲାଟ ଲେଖିଲେ । ତାରାବାଈ ସେ କଥା ମଧ୍ୟ ମାନିଲେ ନାହିଁ । ଏହି କାରଣରୁ ଦଳେ ଇଂରେଜ ସୈନ୍ୟ ଗୋଆଲିଅରକୁ ପ୍ରେରିତ ହେଲେ । ଏ ସୈନ୍ୟ ରାଣୀଙ୍କ ମହାରାଜପୁର ଓ ପନିଅର ଯୁଦ୍ଧରେ ପରାସ୍ତ କଲେ । ରାଣୀ ଅଗତ୍ୟା ସନ୍ଧି କଲେ । ଏହି ସନ୍ଧିର ସର୍ତ୍ତ ଅନୁସାରେ ତାହାଙ୍କର

Digitized by srujanika@gmail.com

ସୈନ୍ୟ ସଂଖ୍ୟାକୁ ୧୦୦୦୦ ପର୍ଯ୍ୟନ୍ତ ହ୍ରାସ କରାଗଲା ଓ ନାବାଳକ ରାଜାଙ୍କର ସହାୟତା ପାଇଁ ଗୋଟିଏ ସଭା ନିଯୁକ୍ତ ହେଲା । ଅତଃପରେ ଲର୍ଡ୍ ଏଲେନ୍‌ବରା ବିଲାତରୁ ଆଦେଶ ପ୍ରାପ୍ତ ହୋଇ ଫେରି ଚାଲିଗଲେ ।

ଲର୍ଡ ହାର୍ଡିଞ୍ଜ୍—ଦ୍ୱାଦଶ ଗଭର୍ଣ୍ଣର ଜେନେରାଲ୍ ୧୮୪୪—୧୮୪୮—ଯଦି ଏହାଙ୍କୁ ଶିଖମାନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ି ନ ଥାନ୍ତା ତେବେ ତାଙ୍କ ଅମଳରେ ଅନେକ ସଂସ୍କାରମୂଳକ କର୍ମମାନ ଅନୁଷ୍ଠିତ ହୋଇ ଥାଆନ୍ତା । ଭାରତବର୍ଷରେ ରେଲ୍ ଚଳାଇକରି ଯାତାୟାତର ସମ୍ପୂର୍ଣ୍ଣ ସୁବିଧା କରିବାପାଇଁ ସେ କଳ୍ପନା କରିଥିଲେ, କିନ୍ତୁ ଯୁଦ୍ଧରେ ବ୍ୟାପୃତ ରହିବାରୁ ଏ ବିଗରେ ଲକ୍ଷ୍ୟ ଦେବାକୁ ତାଙ୍କୁ ଅବସର ମିଳିଲା ନାହିଁ । ତଥାପି ସେ ଗଙ୍ଗାର ନାଳ ଖୋଳାଇଥିଲେ । ପଞ୍ଜାବର ରୁଡ଼କୀ ନାମକ ସ୍ଥାନରେ ପ୍ରସିଦ୍ଧ ଇଞ୍ଜିନିୟରିଙ୍ଗ୍ କଲେଜ ସ୍ଥାପିତ କରିଥିଲେ । ଦେଶୀୟ ରାଜ୍ୟଗୁଡ଼ିକରୁ ଶିଶୁହତ୍ୟା ଓ ସତୀଦାହ ନିଃଶେଷରୂପେ ଉଠାଇ ଦେଇଥିଲେ । ରବିବାର ଦିନ ଅଫିସ (କାର୍ଯ୍ୟାଳୟ) ପ୍ରଭୃତି ବନ୍ଦ ରହିବା ପ୍ରଥା ଏହାଙ୍କର ଆଜ୍ଞାରେ ଜାରି ହୋଇଥିଲା ।

ମହାରାଜ ରଣଜିତ୍ ସିଂହଙ୍କ ଅମଳରେ ପଞ୍ଜାବର ଅବସ୍ଥାର ବିଶେଷ ଉନ୍ନତି ହୋଇଥିଲା । କିନ୍ତୁ ୧୮୩୯ ଖ୍ରୀଷ୍ଟାବ୍ଦରେ ରଣଜିତ୍ ସିଂହଙ୍କ ମୃତ୍ୟୁ ପରେ ପଞ୍ଜାବର ଅବସ୍ଥା ଦିନକୁଦିନ ଅବନତି ଆଡ଼କୁ ଚାଲିଲା । ଶିଖମାନଙ୍କ ସେନା ପ୍ରବଳ ଥିଲେ, କିନ୍ତୁ ତାଙ୍କୁ ଶାସନ କରିବାପାଇଁ କେହି ଉପଯୁକ୍ତ ନାୟକ ନ ଥିଲେ । ରାଜ୍ୟର ସରଦାର ବିଦ୍ରୋହୀମାନେ ଇଚ୍ଛାନୁସାରେ ଜଣକ ପରେ ଆଉ ଜଣକୁ ରାଜଗାଦିରେ ବସାଉଥାଆନ୍ତି ଓ ହଟାଉଥାଆନ୍ତି । ଅବଶେଷରେ ସେମାନେ ରଣଜିତ୍‌ଙ୍କ କନିଷ୍ଠ ପୁତ୍ର

ଦଲୀପ ସିଂହ

ଦଲୀପ ସିଂହଙ୍କୁ ୧୮୪୩ ଖ୍ରୀଷ୍ଟାବ୍ଦରେ ରାଜପଦରେ ଅଭିଷିକ୍ତ କଲେ । ସେ ପାଞ୍ଚ ବର୍ଷବୟସ୍କ ବାଳକ ଥିଲେ । ତାହାଙ୍କ ମାତା ଚନ୍ଦ୍ରକୁମାରୀ ନାବାଳକର ଅଭିଭାବକରୂପେ ରାଜକାର୍ଯ୍ୟ ନିର୍ବାହ କରିବାକୁ ଲାଗିଲେ । କିନ୍ତୁ ରଣକଣ୍ଠୁରେ ମତ୍ତ ସୈନ୍ୟମାନଙ୍କୁ ସଂଯତ କରିବାକୁ ତାହାଙ୍କର ଯଥେଷ୍ଟ ଶକ୍ତି ନ ଥିଲା । ଅବଶେଷରେ ସେ ନାଚାର ହୋଇ ଇଂରେଜ ରାଜ୍ୟ ଆକ୍ରମଣ କରିବାକୁ

Digitized by srujanika@gmail.com

ଶିଖ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଶିଖ ସୈନ୍ୟ ଶତଦ୍ରୁ ନଦୀ ପାର ହୋଇ ଆସି ଲୁଟପାଟ କରିବାକୁ ଆରମ୍ଭ କଲେ । ଏଥିପାଇଁ ଲର୍ଡ ହାର୍ଡିଞ୍ଜଙ୍କୁ ଶିଖମାନଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପଡ଼ିଲା ।

ପ୍ରଥମ ଶିଖଯୁଦ୍ଧ—ସର୍ ହିଉ ଗଫ୍‌ଙ୍କ ଅଧୀନରେ ଇଂରେଜ ସୈନ୍ୟ ପ୍ରେରିତ ହେଲେ । କିଛି ଦିନ ମଧ୍ୟରେ ଯଥାକ୍ରମେ ମୁଦକି, ଫିରୋଜସାହା, ଆଲିଓ୍ୱାଲ ଓ ସୋବ୍ରାଓଁ ନାମକ ସ୍ଥାନମାନଙ୍କରେ ଚାରି ଗୋଟି ଯୁଦ୍ଧ ହେଲା । ଶିଖମାନଙ୍କ ବୀରତ୍ୱରେ ଇଂରେଜମାନଙ୍କର ହଲକ ଶୁଖିଗଲା । ଭାରତରେ ଯୁଦ୍ଧବିଶାରଦ ଜାତି ଅଛନ୍ତି ବୋଲି ସେମାନଙ୍କର ଜ୍ଞାନ ଉଦୟ ହେଲା । ଲର୍ଡ ହାର୍ଡିଞ୍ଜ ଇଂରେଜ ସୈନ୍ୟମାନଙ୍କୁ ଉତ୍ସାହିତ କରିବାପାଇଁ ସ୍ୱୟଂ ଫିରୋଜସାହା ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହୋଇ ସେନା ଚାଳନ କଲେ । ଅନେକ କ୍ଷତିଗ୍ରସ୍ତ ହେବା ପରେ ଇଂରେଜମାନେ ବିଜୟୀ ଓ ଶିଖମାନେ ଶତଦ୍ରୁର ଅପର ପାର୍ଶ୍ୱକୁ ବିତାଡ଼ିତ ହେଲେ । ଶିଖମାନେ ହାର୍ଡିଞ୍ଜଙ୍କ ସଙ୍ଗେ ସନ୍ଧି କଲେ । ଏ ସନ୍ଧିଦ୍ୱାରା ଦଲୀପସିଂହ ରାଜା ବୋଲି ସ୍ୱୀକୃତ ହେଲେ; ଶିଖ ସୈନ୍ୟଙ୍କ ସଂଖ୍ୟା ହ୍ରାସ କରାଗଲା, ଜଳନ୍ଧର ଦୋଆବ୍ ଅଞ୍ଚଳ ଇଂରେଜ ରାଜ୍ୟ ସାମିଲ କରାଗଲା ଓ ଶିଖମାନଙ୍କଠାରୁ ଯୁଦ୍ଧର କ୍ଷତିପୂରଣସ୍ୱରୂପ ଦେଢ଼ କୋଟି ଟଙ୍କା ଅସୁଲ କରା ହେଲା । ଶିଖ ରାଜସରକାର ଏକ କୋଟି ଟଙ୍କା ନିଜ ରାଜକୋଷରୁ ଦେଲେ ଓ ଗୋଲାବ ସିଂହଙ୍କୁ କାଶ୍ମୀର ଦେଶକୁ ବିକ୍ରି କରି ତାଙ୍କଠାରୁ ପ୍ରାପ୍ତ ଜର୍‌ସମନରୁ ଅବଶିଷ୍ଟ ଅର୍ଦ୍ଧାଂଶ ଦେଲେ । ସେହି ସମୟରୁ ଗୋଲାବ ସିଂହ କାଶ୍ମୀରର ସ୍ୱାଧୀନ ନୃପତି ହେଲେ ।

କାଶ୍ମୀର ରାଜ୍ୟ

ଲର୍ଡ଼ ଡେଲହାଉସି ତ୍ରୟୋଦଶ ଗଭର୍ଣ୍ଣର ଜେନେରଲ୍

୧୮୪୮—୧୮୫୬—ଇଂରେଜ ରାଜ୍ୟ ବିସ୍ତାର କରିବା ବିଷୟରେ ଡେଲହାଉସି ଓ୍ୱେଲେସ୍ଲୀଙ୍କୁ ଟପି ଗଲେ । ଡେଲହାଉସିଙ୍କ ନୀତି ଅନୁସାରେ ଦେଶୀୟ ରାଜାମାନେ ନିଃସନ୍ତାନ ଅବସ୍ଥାରେ ମୃତ ହେଲେ ସେମାନଙ୍କର ରାଜ୍ୟ ଇଂରେଜ ରାଜ୍ୟ ସାମିଲ କରାଯାଉଥିଲା । ମୃତ ରାଜାମାନଙ୍କର ଗାଦିରେ ବସିବା ପାଇଁ ତାଙ୍କର କେହି ଜ୍ଞାତି କୁଟୁମ୍ବ ଥିବା ନ ଥିବା କଥା ଡେଲହାଉସି ଅନୁସନ୍ଧାନ କରୁ ନ ଥିଲେ । ଭାରତବର୍ଷରେ ଦତ୍ତକ ପୁତ୍ରଗ୍ରହଣପ୍ରଥା ସନାତନ ରୀତି

Digitized by srujanika@gmail.com

ଅଛି । କିନ୍ତୁ ଡେଲ୍‌ହାଉସି ଇଂରେଜ ରାଜ୍ୟକୁ ବିସ୍ତୃତ କରିବା ଅଭିପ୍ରାୟରେ ଏହି ପ୍ରଥାକୁ ଆଦୌ ଦୃଷ୍ଟି ଦେଲେ ନାହିଁ । ତାଙ୍କ ଶାସନକାଳରେ ଶିଖ ଓ ବ୍ରହ୍ମଦେଶବାସୀଙ୍କ ସଙ୍ଗେ ଦୁଇଟି ଯୁଦ୍ଧ ହୋଇଥିଲା ।

ଦ୍ୱିତୀୟ ଶିଖଯୁଦ୍ଧ—ଶିଖମାନଙ୍କୁ ପ୍ରଥମ ଯୁଦ୍ଧର ଫଳରେ ଯେଉଁ କ୍ଷତିପୂରଣ ଦେବାକୁ ପଡ଼ିଥିଲା, ସେଥିପାଇଁ ସେମାନଙ୍କ ମନରେ କ୍ରୋଧାଗ୍ନି ଜାଗ୍ରତ ଥିଲା । ପଞ୍ଜାବରେ ଇଂରେଜମାନଙ୍କ ଆଧିପତ୍ୟ ଶିଖମାନଙ୍କର ସହ୍ୟ ହେଉ ନ ଥିଲା । ଇଂରେଜ ସରକାର ମୂଲତାନର ଶାସନକର୍ତ୍ତା ମୂଲରାଜଙ୍କୁ ଜମାଖରଚର ହିସାବ ତଲବ କରିବାରୁ ସେ ମେଳ କଲେ । ଏଥିରେ ଶିଖମାନଙ୍କୁ ଗୋଟିଏ ସୁଯୋଗ ମିଳିଗଲା । ପଞ୍ଜାବର ସମସ୍ତ ଶିଖସୈନ୍ୟ ମୂଲରାଜଙ୍କ ସହିତ ଯୋଗଦାନ କଲେ ଓ ସେର୍ ସିଂହଙ୍କୁ ସେମାନଙ୍କର ପ୍ରଧାନ ସେନାପତି କଲେ । ଏପରି ଅବସ୍ଥାରେ ଯୁଦ୍ଧ କରିବା ଛଡ଼ା ଇଂରେଜ

ଡେଲ୍‌ହାଉସି

ସରକାରଙ୍କର ଉପାୟାନ୍ତର ନ ଥିଲା, କିନ୍ତୁ ସହସା ମୂଲତାନ ଆକ୍ରମଣ କରିବାକୁ ଇଂରେଜ ସରକାର ସାହସୀ ହେଲେ ନାହିଁ । ଶିଖମାନଙ୍କ ବୀରତ୍ୱର ପରିଚୟ ଇଂରେଜମାନେ ପୂର୍ବଯୁଦ୍ଧରେ ପାଇଥିଲେ । ସେନାପତି ଗଫ୍ ସାହେବ ବହୁ-କଷ୍ଟରେ ମୂଲତାନ ଜୟ କରି ୧୮୪୯ ଖ୍ରୀଷ୍ଟାବ୍ଦରେ ମୂଲରାଜଙ୍କୁ ବନ୍ଦୀ କଲେ । ଅତଃପର ସମଗ୍ର ଶିଖସୈନ୍ୟ ସେର୍ ସିଂହଙ୍କ ଅଧିନାୟକତ୍ୱରେ ଚିଲନ୍‌ଓ୍ୱାଲା ନାମକ ସ୍ଥାନରେ ଇଂରେଜମାନଙ୍କ ବିରୋଧରେ ସମବେତ ହେଲେ । ଗଫ୍ ଏମାନଙ୍କ ସମ୍ମୁଖୀନ ହେଲେ ଓ ଭୀଷଣ ଯୁଦ୍ଧ ହେଲା । ଏଥିରେ ଇଂରେଜମାନେ ବିଶେଷ କ୍ଷତିଗ୍ରସ୍ତ ହେଲେ । ଅଢ଼େଇ ହଜାର ଇଂରେଜସୈନ୍ୟ ନିହତ ହେଲେ ଓ ଶିଖମାନେ ଇଂରେଜ ସୈନ୍ୟଙ୍କଠାରୁ ଚାରିଗୋଟି କମାଣ ଓ ତିନିଗୋଟି ପତାକା

Digitized by srujanika@gmail.com



ଛଡ଼ାଇ ନେଲେ । ଏତଦ୍ଦ୍ୱାରା ଗଫ୍ ନିଜକୁ ବଡ଼ ଅପମାନିତ ବୋଧ କଲେ । ତାଙ୍କ ସ୍ଥାନରେ ସର୍ ଚାର୍ଲସ୍ ନେପିଅର୍ ସେନାପତି ନିଯୁକ୍ତ ହେଲେ । ଯାହା ହେଉ, ନେପିଅର୍ ସେନାପତିତ୍ୱ ଗ୍ରହଣ କରିବାକୁ ଉପସ୍ଥିତ ହେବା ପୂର୍ବରୁ ଗଫ୍ ଦ୍ୱିତୀୟ ଗୁଜରାଟ ଯୁଦ୍ଧରେ ଶିଖମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାଜିତ କରି ନିଜର ଲୁପ୍ତଗୌରବର ପୁନରୁଦ୍ଧାର କଲେ । ଏଥର ଲର୍ଡ ଡେଲ୍ହାଉସି ଆକାରରେ ଇଂଲଣ୍ଡ ଓ ୱେଲ୍ସର ଦେଢ଼ଗୁଣ ପଞ୍ଜାବ ପ୍ରଦେଶକୁ ଇଂରେଜ ରାଜ୍ୟଭୁକ୍ତ କଲେ ଓ ପୂର୍ବତନ ରାଜା ଦଲ୍ଲୀପ ସିଂହଙ୍କ ପାଇଁ ବାର୍ଷିକ ଛଅ ଲକ୍ଷ ଟଙ୍କା ପେନ୍‌ସନ ଦେଲେ । ଦଲ୍ଲୀପ ସିଂହ ପରେ ଖ୍ରୀଷ୍ଟଧର୍ମ ଗ୍ରହଣ କରି ବିଲାତକୁ ପ୍ରସ୍ଥାନ କଲେ । ଏହି ବିଜୟରେ 'କୋହିନୂର' ନାମକ ପ୍ରସିଦ୍ଧ ହୀରକ ଇଂରେଜମାନଙ୍କ ହାତରେ ପଡ଼ିଲା ।

କୋହିନୂର ହୀରା

ଡାଲହଉସି ଭାରତରେ ନବଯୁକ୍ତ ପଞ୍ଜାବ ପ୍ରଦେଶର ଭୂମିମାନ ଜରିପ କରାଗଲା ଓ ରାଜସ୍ୱ ନିରୂପିତ ହେଲା । ସମଗ୍ର ପ୍ରଦେଶକୁ କେତେ ଗୋଟି ଜିଲ୍ଲାରେ ବିଭକ୍ତ କରାଗଲା । କୃଷି ଓ ବାଣିଜ୍ୟର ସୁବିଧା
ପଞ୍ଜାବରେ ଶାନ୍ତି ପାଇଁ ସଡ଼କମାନ ତିଆରି ହେଲା ଓ ନାଳମାନ ଖୋଳା ହେଲା । ଇଂରେଜଙ୍କ ସୁଶାସନରେ ପ୍ରୀତ ହୋଇ ଶିଖମାନେ କ୍ରମେ କ୍ରମେ ଇଂରେଜ ସରକାରଙ୍କ ସେନାଦଳରେ ଭର୍ତ୍ତି ହେଲେ ଓ ରାଜଭକ୍ତ ପ୍ରଜା ହେଲେ ।

ଦ୍ୱିତୀୟ ବ୍ରହ୍ମ ଯୁଦ୍ଧ—ବ୍ରହ୍ମ ଦେଶର ରାଜାଙ୍କ ସହିତ ଇଂରେଜମାନେ ସନ୍ଧି କରିଥିଲେହେଁ ଇଂରେଜଙ୍କ ପ୍ରତି ତାହାଙ୍କର ବ୍ୟବହାର ଭଲ ନ ଥିଲା । ଏ ବିଷୟ ବ୍ରହ୍ମର ରାଜାଙ୍କୁ ଚେତାଇ ଦିଆଗଲା, କିନ୍ତୁ ସେଥିରେ ସେ କର୍ଣ୍ଣପାତ ନ କରି ଅଧିକନ୍ତୁ ଇଂରେଜ ରାଜଦୂତଙ୍କୁ ଅପମାନ ଦେଲେ । ଏଥିରେ ଇଂରେଜ ସେନା ୧୮୫୨ ଖ୍ରୀଷ୍ଟାବ୍ଦରେ ଏକାଦିକ୍ରମେ ରେଙ୍ଗୁନ, ବେସିନ, ପ୍ରୋମ୍ ଓ ପେଗୁ ଅଧିକାର କଲେ । ଏହି ଅଞ୍ଚଳମାନ ମିଶାଯାଇ ନିମ୍ନ ବ୍ରହ୍ମ

Digitized by srujanika@gmail.com

(ଲୋଅରବର୍ମା) ପ୍ରଦେଶର ସୃଷ୍ଟି ହେଲା । ରେଙ୍ଗୁନ ଉକ୍ତ ନବଗଠିତ ପ୍ରଦେଶର ରାଜଧାନୀ ହେଲା । ବ୍ରହ୍ମଦେଶର ରାଜା ଇଂରେଜଙ୍କ ସଙ୍ଗେ ସନ୍ଧି କରିବାର ପ୍ରସ୍ତାବ କଲେ ମଧ୍ୟ ଲର୍ଡ଼ ଡେଲ୍ହାଉସି ଏହି ଦେଶଗୁଡ଼ିକ ପାଇ ସନ୍ତୁଷ୍ଟ ହେଲେ । ଇଂରେଜମାନଙ୍କ ସୁବ୍ୟବସ୍ଥାଦ୍ୱାରା ସେ ପ୍ରଦେଶରେ ବାଣିଜ୍ୟାଦିର ବିଶେଷ ଉନ୍ନତି ହେଲା ଓ ପ୍ରଜାମାନେ ସନ୍ତୁଷ୍ଟ ହେଲେ ।

ଡେଲାଉସିଙ୍କର ରାଜ୍ୟ ବିସ୍ତାର—ଇଂରେଜମାନେ ଯୁଦ୍ଧରେ ଜୟଲାଭ କରି ପଞ୍ଜାବ ଓ ପେଗୁ ପାଇଲେ । ସିକିମର ରାଜାଙ୍କର କୁ-ଶାସନ

ଓ୍ୱାଜିଦ୍ ଅଲ୍ଲୀ ସାହା

ଯୋଗୁଁ ଉକ୍ତ ରାଜ୍ୟର ଅନେକ ଅଂଶ ଇଂରେଜ ରାଜ୍ୟଭୁକ୍ତ ସାମିଲ କରାଗଲା । ଅଯୋଧ୍ୟାର ନବାବ ଓ୍ୱାଜିଦ୍ ଅଲ୍ଲୀ ସାହା ରାଜ୍ୟ ଶାସନ ପରିବର୍ତ୍ତିରେ ଭୋଗ ବିଳାସରେ ମାତି ରହିଲେ । ବେଣ୍ଟିକ୍ ଓ ହାର୍ଡିଞ୍ଜ୍ ତାହାଙ୍କୁ ଅନେକ ସଦୁପଦେଶ ଦେଲେ ସୁଦ୍ଧା ସେ ତହିଁରେ କର୍ଣ୍ଣପାତ କଲେ ନାହିଁ । ଡେଲ୍ହାଉସି ପ୍ରଜାମାନଙ୍କର ଦୁରବସ୍ଥା ଦର୍ଶନ କରି ଅଯୋଧ୍ୟାକୁ ଇଂରେଜ ରାଜ୍ୟ ସାମିଲ କଲେ ଓ ନବାବଙ୍କ ପାଇଁ ବାର୍ଷିକ ପେନ୍‌ସନ ଖଞ୍ଜା କଲେ ।

ସାତାରା, ଝାନ୍‌ସୀ, ନାଗପୁର, ସମ୍ବଲପୁର, ଜୈତପୁର, ପଞ୍ଜାବର ବାଘାଟ, ନିମ୍ନ ବଙ୍ଗର ଉଦୟପୁର ଓ ଖାନ୍ଦେଶର ବୃନ୍ଦାବନ ଇଂରେଜ ରାଜ୍ୟ ସାମିଲ କରାଗଲା । ଏହି ରାଜ୍ୟମାନଙ୍କ ରାଜାମାନେ ନିଃସନ୍ତାନ ଅବସ୍ଥାରେ ମରିଥିଲେ ଓ ସେମାନଙ୍କ ମଧ୍ୟରୁ ଯେଉଁ ଯେଉଁମାନଙ୍କ ବିଧବା ରାଣୀ ପୋଷ୍ୟ-ପୁତ୍ର ଗ୍ରହଣ କରିଥିଲେ, ଡେଲ୍ହାଉସି ଉକ୍ତ ପୋଷ୍ୟପୁତ୍ରମାନଙ୍କୁ ଉତ୍ତରାଧିକାରୀ ସ୍ୱୀକାର କଲେ ନାହିଁ । ଡେଲ୍ହାଉସିଙ୍କର ଧାରଣା ଥିଲା ଯେ, ଦେଶୀୟ ରାଜା-ମାନେ ପ୍ରଜାମାନଙ୍କର ମଙ୍ଗଳ ପ୍ରତି ଦୃଷ୍ଟି ରଖନ୍ତି ନାହିଁ, ଅତଏବ ଉକ୍ତ ରାଜ୍ୟମାନ ଇଂରେଜ ରାଜ୍ୟର ଅନ୍ତର୍ଭୁକ୍ତ ହେଲେ ପ୍ରଜାମାନଙ୍କର କଲ୍ୟାଣ ସାଧିତ ହେବ । ଡେଲ୍ହାଉସିଙ୍କ ନିଜର ବଦ୍ଧମୂଳ ଧାରଣା ବିରୋଧରେ କେହି କିଛି କହିଲେ ସେ ତହିଁରେ କର୍ଣ୍ଣପାତ କରୁ ନ ଥିଲେ । ବାଜି ରାଓ ପେଶବାଙ୍କ ମୃତ୍ୟୁ ପରେ ତାହାଙ୍କ ପୋଷ୍ୟପୁତ୍ରଙ୍କ ପାଇଁ କିଛି ମାତ୍ର ପେନ୍‌ସନ୍ ଖଞ୍ଜା ହେଲା ନାହିଁ । ଏଥି ପୂର୍ବରୁ ତାଞ୍ଜୋର ଓ କର୍ଣ୍ଣାଟକ ରାଜ୍ୟ ଇଂରେଜ ରାଜ୍ୟ

Digitized by srujanika@gmail.com

ସାମିଲ କରାଯାଇଥିଲା । ଉକ୍ତ ଦୁଇ ରାଜ୍ୟର ପୂର୍ବତନ ଶାସନକର୍ତ୍ତାମାନେ ଯଥାକ୍ରମେ ନାମକୁ ନବାବ ବା ରାଜା ଉପାଧି ଧାରଣ କରିଥିଲେ । ସେମାନଙ୍କ ମୃତ୍ୟୁ ପରେ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ପୂର୍ବୋକ୍ତ ଉପାଧି ଓ ପେନ୍‌ସନ୍ ଦିଆଗଲା ନାହିଁ । ନିଜାମଙ୍କୁ ଆପଣା ରାଜଧାନୀରେ ଇଂରେଜ ସୈନ୍ୟ ରଖିବାକୁ ପଡ଼ିଥିଲା । ଏ ଇଂରେଜ ପଲଟଣଙ୍କ ଖର୍ଚ୍ଚ ନିଜାମ ତୁଲାଇ ନ ପାରିବାରୁ ନିଜାମଙ୍କ ଉପରେ ଅନେକ ଟଙ୍କା ବାକି ପଡ଼ିଲା । ଭବିଷ୍ୟତରେ ମଧ୍ୟ ଏ ପଲଟଣଙ୍କ ନଗଦ ଖର୍ଚ୍ଚ ଚଳାଇବା ନିଜାମଙ୍କ ପକ୍ଷରେ ଅସମ୍ଭବ ହେଲା । ପଲଟଣଙ୍କ ଏହି ବାକି ଟଙ୍କା ଓ ଆଗାମୀ ଖରଚ ଦେଇ ନ ପାରି ତହିଁ ବଦଳରେ ନିଜାମ ଇଂରେଜ ସରକାରଙ୍କୁ ବେରାର ପ୍ରଦାନ କଲେ । ଏହିରୂପେ ଭାରତବର୍ଷର ଆଠ ଭାଗରୁ ପାଞ୍ଚ ଭାଗରେ ଅର୍ଥାତ୍ ଦଶପଣ ଅଂଶରେ ଇଂରେଜ ସରକାରଙ୍କ ଧ୍ୱଜା ଉଡ଼ିଲା । ପଲାସୀ ଯୁଦ୍ଧକ୍ଷେତ୍ରରେ ଯେଉଁ ରାଜ୍ୟଗଠନ କର୍ମ ଆରବ୍ଧ ହୋଇଥିଲା, ଶତ ବର୍ଷ ମଧ୍ୟରେହିଁ ତାହା ସମ୍ପୂର୍ଣ୍ଣ ହେଲା ।

ଦେଶହିତକର ସଂସ୍କାରମାନ—ଲର୍ଡ ଡେଲ୍‌ହାଉସି କେବଳ ଇଂରେଜ ରାଜ୍ୟ ବିସ୍ତାର କରି ସନ୍ତୁଷ୍ଟ ରହି ନ ଥିଲେ, ପରନ୍ତୁ ସେ ସଙ୍ଗେ ସଙ୍ଗେ ଅନେକଗୁଡ଼ିଏ ଦେଶହିତକର କାର୍ଯ୍ୟ ମଧ୍ୟ କରିଥିଲେ । ସେ ପହିଲେ ଭାରତବର୍ଷରେ ରେଲ, ଡାକ, ଟେଲିଗ୍ରାଫ (ତାରଡାକ)ର ବ୍ୟବସ୍ଥା କଲେ । ଲୋକେ ସ୍ୱଚ୍ଛନ୍ଦରେ ଓ ଅଳ୍ପ ସମୟ ମଧ୍ୟରେ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ଗମନାଗମନ କରିବାକୁ ସମର୍ଥ ହେଲେ, ଅଳ୍ପବ୍ୟୟରେ ଦେଶଦେଶାନ୍ତର ସହିତ ସମ୍ବାଦ ଆଦାନପ୍ରଦାନ କରି ପାରିଲେ ଏବଂ ଇଚ୍ଛାନୁସାରେ ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଦ୍ରବ୍ୟାଦି ପ୍ରେରଣ କରି ପାରିଲେ । କେବଳ ଏତିକି ନୁହେଁ,

ବାରିକ ମିସ୍ତ୍ରୀ ବିଭାଗ

ଡେଲହାଉସି ନାଳ, ସଡ଼କ ଓ ହର୍ମ୍ୟାଦି ନିର୍ମାଣ କରିବାପାଇଁ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ (ବାରିକମିସ୍ତ୍ରୀ ବିଭାଗ) ନାମକ ଗୋଟିଏ ପୃଥକ୍ ସରକାରୀ ପୂର୍ତ୍ତ ବିଭାଗ ପ୍ରତିଷ୍ଠା କଲେ । ଏତଦ୍ଦ୍ୱାରା ପ୍ରଜାମାନଙ୍କର ମଧ୍ୟ ମହତ୍ ଉପକାର ସାଧିତ ହେଲା । ଶିକ୍ଷା ପ୍ରଚାରପାଇଁ ମଧ୍ୟ ଡେଲ୍‌ହାଉସି ବିଶେଷ ଯତ୍ନଶୀଳ ହେଲେ । କଲିକତା, ବୋମ୍ବାଇ ଓ ମାନ୍ଦ୍ରାଜରେ କେତେକ କଲେଜ ପ୍ରତିଷ୍ଠିତ ହେଲା । ସ୍ତ୍ରୀଶିକ୍ଷା ନିମିତ୍ତ କଲିକତାରେ ବେଥନ୍ କଲେଜ୍ ନାମରେ ଗୋଟିଏ ସ୍ୱତନ୍ତ୍ର ଶିକ୍ଷାଗାର ସ୍ଥାପିତ

Digitized by srujanika@gmail.com



ଦେଖ । ଏହାପରେ ଲର୍ଡ଼ ଡେଲ୍‌ହାଉସିଙ୍କ ଶାସନକାଳ ଇଂରେଜଶାସିତ ଭାରତର ଇତିହାସରେ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସମୟ ଅଟେ ।

Digitized by srujanika@gmail.com

ସନନ୍ଦ ପରିବର୍ତ୍ତନ—୧୮୫୩ ଖ୍ରୀଷ୍ଟାବ୍ଦରେ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କୁ ପୁଣି ନୂଆ ସନନ୍ଦ ମିଳିଲା । ଏ ସନନ୍ଦରେ କୌଣସି ମିଆଦ୍ ରଖାଗଲା ନାହିଁ । ପରନ୍ତୁ ସନନ୍ଦର ମିଆଦ (ପୂରିବାକାଳ) ବିଲାତ ପାର୍ଲିଆମେଣ୍ଟଙ୍କ ଇଚ୍ଛା ଉପରେ ଛାଡ଼ି ଦିଆଗଲା । ରାଜ୍ୟ ବୃଦ୍ଧି ଯୋଗୁଁ ବଡ଼ଲାଟଙ୍କ କାମ ବହୁତ ବଢ଼ିଯିବାରୁ ବଙ୍ଗଳାହତା ପାଇଁ ଜଣେ ସ୍ୱତନ୍ତ୍ର ଲାଟ (ଗଭର୍ଣ୍ଣର) ନିଯୁକ୍ତ ହେଲେ । ସରକାରୀ ଚାକିରୀ ପାଇଁ ଇଂଲଣ୍ଡରେ ସିଭିଲ ସର୍ଭିସ୍ ପରୀକ୍ଷା ପ୍ରବର୍ତ୍ତିତ ହେଲା । ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଯେ କୌଣସି ଲୋକ ଭାରତରେ ଉଚ୍ଚ ରାଜପଦ ପାଇ ପାରନ୍ତି ।

ଲର୍ଡ କାନିଙ୍ଗ, ଚତୁର୍ଦ୍ଦଶ ଗଭର୍ଣ୍ଣର ଜେନେରଲ—୧୮୫୬-୧୮୫୮

ସିପାହୀବିଦ୍ରୋହ—ଲର୍ଡ କାନିଙ୍ଗ୍ ଅନ୍ତିମ ଗଭର୍ଣ୍ଣର ଜେନେରଲ । ଏହାଙ୍କ ଶାସନକାଳ ସିପାହୀ ବିଦ୍ରୋହ ନିମନ୍ତେ ପ୍ରସିଦ୍ଧ । ଏହି ବିଦ୍ରୋହ ପଲାସୀ ଯୁଦ୍ଧର ଠିକ୍ ଏକ ଶତ ବର୍ଷ ପରେ ଘଟିଥିଲା । ୧୮୫୭ ଖ୍ରୀଷ୍ଟାବ୍ଦରେ ଅକସ୍ମାତ୍ ଆଗ୍ନେୟଗିରିର ଅଗ୍ନ୍ୟୁତ୍ପାତ ତୁଲ୍ୟ ସମସ୍ତ ଉତ୍ତର ଭାରତ ଜଳି ଉଠିଲା । ନିମ୍ନଲିଖିତ ତିନୋଟି ଘଟନାହିଁ ଏ ବିଦ୍ରୋହର ମୁଖ୍ୟ କାରଣ ବୋଲି ବିବେଚିତ :—

(୧) ଲର୍ଡ ଡେଲ୍‌ହାଉସି ପୋଷ୍ୟପୁତ୍ର ଗ୍ରହଣରୂପ ପ୍ରାଚୀନ ପ୍ରଥାକୁ ଅସ୍ୱୀକାର କରି ଦେଶୀୟ ରାଜାମାନଙ୍କ ମନରେ ଏହି ଧାରଣା ବଦ୍ଧମୂଳ କରାଇ ଦେଲେ ଯେ, ଭବିଷ୍ୟତରେ ଆଉ କୌଣସି ଦେଶୀୟ ରାଜ୍ୟ ତିଷ୍ଠି ପାରିବ ନାହିଁ । ପେଶବାଙ୍କ ଦତ୍ତକ ପୁତ୍ରଙ୍କ ପେନ୍‌ସନ୍ ବନ୍ଦ କରି ସେ ତଦ୍ଦେଶବାସୀଙ୍କୁ ଇଂରେଜମାନଙ୍କର ଘୋର ଶତ୍ରୁ ରୂପରେ ପରିଣତ କରିଥିଲେ । କାରଣ ଦତ୍ତକ ପୁତ୍ରର ଅଧିକାରକୁ ଅସ୍ୱୀକାର କରିବା ହିନ୍ଦୁ ଧର୍ମଶାସ୍ତ୍ର ଓ ଦେଶାଚାରବିରୁଦ୍ଧ । ଅବହମାନକାଳରୁ ନିଷ୍କରରୂପେ ଲୋକେ ଭୋଗ କରି ଆସୁଥିବା ଲାଖରାଜ ଜମିମାନଙ୍କ ଉପରେ ଲର୍ଡ ବେଣ୍ଟିକ୍ କର ବସାଇଲେ । ଏଥିଦ୍ୱାରା ଜମିଦାରମାନେ ମଧ୍ୟ ଅସନ୍ତୁଷ୍ଟ ହୋଇଥିଲେ । ଲର୍ଡ ଡେଲ୍‌ହାଉସିଙ୍କ ପରେ ସମଗ୍ର ଦେଶରେ ଏକ ପ୍ରକାର ଆତଙ୍କ ଘୋଟିଗଲା ଏବଂ ଦେଶବାସୀ ସମସ୍ତେ ଅନୁମାନ କଲେ ଯେ, ଇଂରେଜ ରାଜ୍ୟରେ ଆଉ ଆମ୍ଭମାନଙ୍କର ରକ୍ଷାର ଆଶା ନାହିଁ ।

ସିପାହୀ ବିଦ୍ରୋହର କାରଣ

Digitized by srujanika@gmail.com

(୨) ଇଂରାଜୀ ଭାଷାର ପ୍ରଚାର, ସତୀଦାହପ୍ରଥାର ନିରୋଧ, ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କଦ୍ୱାରା ଖ୍ରୀଷ୍ଟଧର୍ମ ପ୍ରଚାର, ରେଳ, ଟେଲିଗ୍ରାଫ ଆଦି ବିଭାଗର ପ୍ରତିଷ୍ଠାନଦ୍ୱାରା ଲୋକଙ୍କ ମନରେ ଏହି ବିଶ୍ୱାସ ଜନ୍ମିଲା ଯେ, ଭାରତର ସନାତନ ଧର୍ମ ଇଂରେଜ ଶାସନରେ ତିଷ୍ଠି ପାରିବ ନାହିଁ । ଏହି ସବୁ କଥାକୁ ଅବଲମ୍ବନ କରି କେତେକ ଧୂର୍ତ୍ତ ବ୍ୟକ୍ତି ପ୍ରଜାମାନଙ୍କୁ ଆତୁର ଛନଅଁ କରିଦେଲେ ।

(୩) ସିପାହୀମାନଙ୍କୁ ଏକପ୍ରକାର ନୂତନ ପ୍ରକାର ବନ୍ଧୁକ ଦିଆ ହେଲା; ତହିଁରେ ମହମ ବା ଚର୍ବିବୋଳା ଚିକ୍କଣିଆ କାର୍ତ୍ତୁସ୍ (ଟୋଟା) ବ୍ୟବହୃତ ହେଉଥିଲା । ଏହି ଟୋଟାର ଅଗକୁ ଦାନ୍ତଦ୍ୱାରା ଛିଣ୍ଡାଇ ବନ୍ଧୁକ ଭିତରେ ଭରିବାକୁ ପଡୁଥିଲା । ସିପାହୀମାନଙ୍କ ମଧ୍ୟରେ ଏହିପରି ଏକ ଜନରବ ଉଠିଲା ଯେ, ହିନ୍ଦୁ ଓ ମୁସଲମାନମାନଙ୍କର ଜାତି ନଷ୍ଟ କରିବା ନିମିତ୍ତ କାର୍ତ୍ତୁସରେ ହିନ୍ଦୁଙ୍କ ଅବ୍ୟବହାର୍ଯ୍ୟ ଗୋରୁଚର୍ବି ଏବଂ ମୁସଲମାନମାନଙ୍କ ଅବ୍ୟବହାର୍ଯ୍ୟ ଘୁଷୁରି ଚର୍ବି ମିଶାଯାଇଅଛି । ଏଥି ପୂର୍ବେ ହିନ୍ଦୁ ସିପାହୀମାନଙ୍କୁ ଭାରତର ବାହାରକୁ ଯିବାକୁ ପଡୁ ନ ଥିଲା, କିନ୍ତୁ ଏବେ ନୂତନ ଆଇନ ଅନୁସାରେ ପ୍ରତ୍ୟେକ ସିପାହୀଙ୍କୁ ପ୍ରତିଜ୍ଞା କରିବାକୁ ପଡ଼ିଲା ଯେ, ଯେ କୌଣସି ସ୍ଥାନକୁ ଯିବାପାଇଁ ପ୍ରୟୋଜନ ହେଲେ ସେ ଅବଶ୍ୟ ଯିବାକୁ ବାଧ୍ୟ । ଏଥିରେ ହିନ୍ଦୁ ସିପାହୀମାନେ ଭାବିଲେ ଯେ, ଆମ୍ଭେମାନେ ସମୁଦ୍ରଯାତ୍ରା କରି ଦେଶାନ୍ତରକୁ ଯିବାଦ୍ୱାରା ଆମର ଧର୍ମ ନଷ୍ଟ ହେବ ।

ବିଦ୍ରୋହର ବିସ୍ତାର—ବଙ୍ଗ ଦେଶରେ ବାରକ୍‌ପୁର ଓ ବରହମପୁରଠାରେ ପ୍ରଥମେ ବିଦ୍ରୋହର ପୂର୍ବ ଲକ୍ଷଣ ପ୍ରକାଶିତ ହେଲା । ଏହା ପରେ ଅମ୍ବାଲାର ସିପାହୀମାନେ ମେଳି କଲେ । ମୀରଟରେ ସିପାହୀଙ୍କ ମଧ୍ୟରେ ପ୍ରକାଶ୍ୟରେ ମେଳି ହେଲା । ଏଥିପାଇଁ ୮୫ ଜଣ ସୈନିକଙ୍କୁ ଦଣ୍ଡ ଦିଆଗଲା । ଏଠାରେ ବିଦ୍ରୋହୀ ସୈନ୍ୟମାନେ ଆପଣାର ଇଂରେଜ ଅଫିସର୍ (ସୈନ୍ୟାଧ୍ୟକ୍ଷ) ମାନଙ୍କୁ ହତ୍ୟା କଲେ ଓ ଜେଲଖାନାକୁ ଭାଙ୍ଗି ବନ୍ଦୀ ସୈନିକଙ୍କୁ ମୁକୁଳାଇଲେ । ବିଦ୍ରୋହୀମାନେ ଘରେ ନିଆଁ ଲଗାଇ ଦେଲେ ଓ ଇଂରେଜ ସ୍ତ୍ରୀ, ପୁରୁଷ ଓ ଶିଶୁମାନଙ୍କୁ ହତ୍ୟା କଲେ । ଅବଶେଷରେ ମୀରଟର ବିଦ୍ରୋହୀମାନେ ଦିଲ୍ଲୀରେ ଉପସ୍ଥିତ ହେଲେ ଓ ତତ୍ରତ୍ୟ ସୈନ୍ୟମାନେ ଏ ବିଦ୍ରୋହୀଙ୍କ ସହିତ ଯୋଗ

Digitized by srujanika@gmail.com

ଦେଲେ । ଦିଲ୍ଲୀର ଅନ୍ତିମ ମୋଗଲ ସମ୍ରାଟ ଦ୍ୱିତୀୟ ବାହାଦୁର ସାହା ନିଜର ହୀନଦଶା ଯୋଗୁଁ ଇଂରେଜମାନଙ୍କ ପ୍ରତି ପୂର୍ବରୁ ଅସନ୍ତୁଷ୍ଟ ଥିଲେ । ସେ ଭାବିଥିଲେ ଯେ, ସମ୍ଭବତଃ ମୋଗଲ ରାଜବଂଶର ସୌଭାଗ୍ୟରବି ପୁନରୁଦିତ ହେବ । ସେ ମଧ୍ୟ ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଲେ । ବିଦ୍ରୋହୀମାନେ ବାହାଦୁର ସାହାଙ୍କୁ ଭାରତ ସମ୍ରାଟ ବୋଲି ଘୋଷଣା କଲେ ଓ ଦିଲ୍ଲୀକୁ ଅଧିକାର କଲେ । ଦିଲ୍ଲୀର ଏହି ଅବସ୍ଥା ଦର୍ଶନ କରି ସମଗ୍ର ଉତ୍ତର ଭାରତର ଅବସ୍ଥା ମଧ୍ୟ ଏକଦମ୍ ବଦଳିଗଲା । ଅଲ୍ଲାହାବାଦ, କାନପୁର, ଲକ୍ଷ୍ନୌ ଏବଂ ଆଗ୍ରା ପ୍ରଭୃତି ସ୍ଥାନରେ ବିଦ୍ରୋହାନଳ ପ୍ରବଳ ବେଗରେ ଜଳି ଉଠିଲା । ଅଯୋଧ୍ୟାର ସିପାହୀମାନଙ୍କ ସହିତ ପ୍ରଜାମାନେ ମଧ୍ୟ ବିଦ୍ରୋହରେ ଯୋଗ



ଦାନ କଲେ । କେତେ ଜଣ ବ୍ୟକ୍ତି ବିଦ୍ରୋହୀମାନଙ୍କ ନେତୃତ୍ୱ ଗ୍ରହଣ କଲେ । ନେତାମାନଙ୍କ ମଧ୍ୟରେ ଝାନ୍ସୀର ରାଣୀ ଲକ୍ଷ୍ମୀ ବାଈ, ପେଶବାଙ୍କ ପୋଷ୍ୟପୁତ୍ର

Digitized by srujanika@gmail.com

ନାନା ସାହେବ ଏବଂ ଖାଲ ସର୍ଦ୍ଦାର ତାନ୍ତିଆ ଟୋପୀଙ୍କ ନାମହିଁ ସର୍ବାପେକ୍ଷା ବେଶି ଉଲ୍ଲେଖଯୋଗ୍ୟ । ଝାନ୍ସୀର ରାଣୀ ତାଙ୍କ ସ୍ୱର୍ଗୀୟ ସ୍ୱାମୀଙ୍କ ପାଇଁ ଗ୍ରହଣ କରିଥିବା ପୋଷ୍ୟପୁତ୍ରଙ୍କୁ ସିଂହାସନରେ ବସାଇ ରାଜ୍ୟ ଶାସନ କରୁଥିଲେ । ରାଣୀଙ୍କର ବୀରତା ଓ ରାଜକାର୍ଯ୍ୟକୁଶଳତା ଥିଲା । ଏହାଙ୍କ ଶାସନରେ ପ୍ରଜାବର୍ଗ ସନ୍ତୁଷ୍ଟ ଥିଲେ, କିନ୍ତୁ ଡେଲ୍‌ହାଉସି ତାହାଙ୍କ ପୋଷ୍ୟପୁତ୍ରକୁ ସିଂହାସନରୁ ଅପସାରିତ କରି ଉକ୍ତ ରାଜ୍ୟକୁ ଇଂରେଜ ରାଜ୍ୟ ସାମିଲ କରିଥିଲେ । ରାଣୀଙ୍କୁ ପେନ୍‌ସନ୍ ଦିଆଯିବାର ବ୍ୟବସ୍ଥା ହେଲା ଓ ସେ ଅପଣା ଭାଗ୍ୟକୁ ଆଦର ସନ୍ତୁଷ୍ଟ ହୋଇ ରହିଲେ, କିନ୍ତୁ ଇଂରେଜ କର୍ମଚାରୀବୃନ୍ଦ ବିଦ୍ରୋହୀମାନଙ୍କ ସାହାଯ୍ୟକାରିଣୀ ବୋଲି ରାଣୀଙ୍କ ଉପରେ ସନ୍ଦେହ କଲେ । ରାଣୀ ଏଥିରେ ନିରତିଶୟ ଦୁଃଖିତା ହୋଇ ପୁରୁଷବେଶ ଧାରଣ ପୂର୍ବକ ପ୍ରକାଶ୍ୟ ଭାବରେ ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଇ ରଣପ୍ରାଙ୍ଗଣରେ ଅବତୀର୍ଣ୍ଣ ହେଲେ । ଡେଲ୍‌ହାଉସି ନାନା ସାହେବଙ୍କୁ ପେନ୍‌ସନ୍ ଦେଲେ ନାହିଁ । ଏଥି ପାଇଁ ସେ ମଧ୍ୟ ଅସନ୍ତୁଷ୍ଟ ଥିଲେ । ସେ କାନପୁରରେ ନିଜକୁ ପେଶବା ବୋଲି ଘୋଷଣା କଲେ । ତାନ୍ତିଆ ଟୋପୀ ଜଣେ ଦୁର୍ଦ୍ଧର୍ଷ ଡକାଏତ ଥିଲା ଏବଂ ବ୍ରିଟିଶ ସରକାରଙ୍କୁ ନାନା ଭାବରେ ବ୍ୟତିବ୍ୟସ୍ତ କରୁଥିଲା । ସେ ଏଥି ପୂର୍ବରୁ ଅନେକ ଥର ଜେଲରୁ ଖସି ପଳାଇ ଯାଇଥିବାରୁ ସରକାର ତାହା ପ୍ରତି ପୂର୍ବରୁ ସତର୍କ ଦୃଷ୍ଟି ରଖିଥିଲେ । ଏ ବିଦ୍ରୋହଦ୍ୱାରା ତାକୁ ମଧ୍ୟ ଉପଯୁକ୍ତ ସୁଯୋଗ ମିଳିଗଲା । ଇଉରୋପରେ ହେଉଥିବା କ୍ରିମିୟା ଯୁଦ୍ଧ ଯୋଗୁଁ ଭାରତର ସବୁ ସ୍ଥାନରୁ ଅଧିକାଂଶ ବ୍ରିଟିଶ ସୈନ୍ୟ ଇଉରୋପକୁ ଏଥି ପୂର୍ବରୁ ପ୍ରେରିତ ହୋଇଥିଲେ । ଅବଶିଷ୍ଟ ମୁଷ୍ଟିମେୟ ଇଂରେଜ ସୈନିକ ଓ ସେନାଧ୍ୟକ୍ଷଗଣ ବିଦ୍ରୋହୀମାନଙ୍କର କିଛି କରି ପାରିଲେ ନାହିଁ । ଏପରି ଆଶଙ୍କା ହେଲା ଯେ, ଆର୍ଯ୍ୟାବର୍ତ୍ତରେ ବୋଧ ହୁଏ ଆଉ ବ୍ରିଟିଶ ରାଜ୍ୟ ରହିବ ନାହିଁ ।

ବିଦ୍ରୋହ ଦମନ—ଲର୍ଡ କ୍ୟାନିଙ୍ଗ୍ ଖୁବ୍ ଧୈର୍ଯ୍ୟ ଓ ବିଚକ୍ଷଣତା ସହକାରେ ଏ ଗୁରୁତର ଉପଦ୍ରବର ସମ୍ମୁଖୀନ ହେଲେ । ବୋମ୍ବାଇ, ମାନ୍ଦ୍ରାଜ ଓ ହାଇଦ୍ରାବାଦ ପ୍ରଭୃତି ଦକ୍ଷିଣ ପ୍ରଦେଶୀୟ ରାଜ୍ୟମାନଙ୍କରେ ବିଦ୍ରୋହାଗ୍ନି

Digitized by srujanika@gmail.com

ପ୍ରଜ୍ଜ୍ୱଳିତ ହେବାର ସୁଯୋଗ ଘଟି ନଥିଲା । ଉତ୍ତରରେ ପଞ୍ଜାବର ଶିଖମାନେ, ନେପାଳର ଗୁର୍ଖାମାନେ ଏବଂ ଅନ୍ୟାନ୍ୟ ରାଜା ରାଜୋଡ଼ାମାନେ ବ୍ରିଟିଶଙ୍କର ସପକ୍ଷ ଥିଲେ । ଏମାନେ ପ୍ରାଣପଣେ ଇଂରେଜଙ୍କୁ ସାହାଯ୍ୟ କରିବାକୁ ଲାଗିଲେ । ଲର୍ଡ଼ କ୍ୟାନିଙ୍ଗ୍ କେବଳ ଏହିମାନଙ୍କ ସାହାଯ୍ୟରେହିଁ ଏହି ବିଦ୍ରୋହ ଦମନ କରିବାକୁ ସମର୍ଥ ହେଲେ । ସେ ଦାକ୍ଷିଣାତ୍ୟରୁ ସୈନ୍ୟ ଆଣାଇ ବିଶ୍ୱସ୍ତ ଶିଖ ଏବଂ ଗୁର୍ଖାମାନଙ୍କ ସାହାଯ୍ୟରେ ବିଦ୍ରୋହ ଦମନ କରିବାକୁ ଆରମ୍ଭ କଲେ ।

ଲର୍ଡ କ୍ୟାନିଙ୍ଗ୍

ନାନା ସାହେବ

କାନପୁରର ଇଂରେଜଙ୍କ ସେନାନିବାସ ନାନା ସାହେବଙ୍କ ଅଧିକାରରେ ପଡ଼ିଥିଲା । ସେଠାରେ ସେ ବହୁସଂଖ୍ୟକ ଇଂରେଜ ସ୍ତ୍ରୀ ବାଳକଙ୍କୁ ବନ୍ଦୀ କରି ରଖିଥିଲେ । ସେନାପତି ହୁଇଲର୍ ସାହେବ ସାହସପୂର୍ବକ ନାନା ସାହେବଙ୍କ ସମ୍ମୁଖୀନ ହେଲେ, କିନ୍ତୁ ପରାଜିତ ହୋଇ ତାଙ୍କୁ ନାନା ସାହେବଙ୍କଠାରେ ଆତ୍ମସମର୍ପଣ କରିବାକୁ ପଡ଼ିଲା । ନାନା ସାହେବ ସମସ୍ତ ଇଂରେଜ ସୈନ୍ୟଙ୍କୁ ବିଦାୟ କଲେ ଓ ସେମାନଙ୍କୁ ଆଲ୍ଲାହାବାଦ ଯିବାକୁ ଅନୁମତି ଦେଲେ । ଇଂରେଜମାନେ ନୌକା ଯୋଗେ ଗଙ୍ଗା ପାର ହେଉଥିବା ସମୟରେ ନାନା ସାହେବଙ୍କର ସିପାହୀମାନେ ନୌକାରେ ଥିବା ସାହେବମାନଙ୍କ ଉପରକୁ ଗୁଳି ଫାଏର୍ କଲେ । ଏ ଗୁଳି ମୁହଁରୁ କେବଳ ଚାରି ଜଣ ସାହେବ ବର୍ତ୍ତିଲେ । ଏଥିପାଇଁ ନାନା ସାହେବଙ୍କ ପ୍ରତି ସର୍ବାଗ୍ରେ ଦଣ୍ଡବିଧାନ କରିବାହିଁ ସମୀଚୀନ ବିବେଚିତ ହେଲା । ସେନାପତି ହାଭେଲକ୍ ସୈନ୍ୟସହ କାନପୁରରେ ପହୁଞ୍ଚିଲେ । ସେ ବିଦ୍ରୋହୀମାନଙ୍କୁ ପରାଭୂତ କରି ନାନା ସାହେବଙ୍କୁ ବିତାଡ଼ିତ କଲେ, କିନ୍ତୁ ପଳାଇ ଗଲାବେଳେ ନାନା ସାହେବ ସମସ୍ତ ଇଂରେଜ ସ୍ତ୍ରୀ ଓ ଶିଶୁ ବନ୍ଦୀମାନଙ୍କୁ ହତ୍ୟା କରି ଗୋଟିଏ କୂପ ମଧ୍ୟରେ ନିକ୍ଷିପ୍ତ କଲେ । ପରେ ନାନା ସାହେବଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ତାନ୍ତିଆ ଟୋପୀ ଝାନ୍‌ସୀର

Digitized by srujanika@gmail.com

ରାଣୀଙ୍କ ସହିତ ମିଳିତ ହୋଇ ଗୋଆଲିଅର ଅଧିକାର କଲେ । ସର୍ ହିଉ ରୋଜ୍ ଉଭୟଙ୍କୁ ପରାଜିତ କଲେ । ରାଣୀ ପୁରୁଷ ବେଶରେ ଯୁଦ୍ଧ କରୁ କରୁ ମୃତ୍ୟୁକୁ ଆଲିଙ୍ଗନ କଲେ । ତାନ୍ତିଆଟୋପୀ ଧୃତ ହେଲେ । ଏଣେ ସର୍ ଜନ୍ ଲରେନ୍ସ ପାଞ୍ଚ ମାସ ଅବରୋଧ କରିବା ପରେ ଦିଲ୍ଲୀକୁ ଅଧିକାର କଲେ । ବାହାଦୁରସାହାଙ୍କୁ ଓ ତାହାଙ୍କ ସଙ୍ଗେ ତାଙ୍କର ଦୁଇ ପୁତ୍ରଙ୍କୁ ବନ୍ଦୀ କରି ରେଙ୍ଗୁନକୁ ପଠାଇ ଦିଆଗଲା । ଅକବର ବାଦସାହାଙ୍କ ବଂଶ ଲୋପ ପାଇଲା । ସେନାପତି କାମ୍ପବେଲ୍ ଲକ୍ଷ୍ନୌର ବିଦ୍ରୋହୀମାନଙ୍କୁ ଦମନ କଲେ ଏବଂ ୧୮୫୮ ଖ୍ରୀଷ୍ଟାବ୍ଦରେ ମାର୍ଚ୍ଚ ମାସ ମଧ୍ୟରେ ସେଠାରେ ପୂର୍ଣ୍ଣଶାନ୍ତି ପ୍ରତିଷ୍ଠିତ ହେଲା । ବେରିଲିଠାରେ ବିଦ୍ରୋହୀମାନେ ଜଣେ ରୋହିଲା ସର୍ଦ୍ଦାରଙ୍କୁ ରାଜପଦରେ ପ୍ରତିଷ୍ଠିତ କରିଥିଲେ । କାମ୍ପବେଲ୍ ମେ ମାସ ମଧ୍ୟରେ ସେଠାରେ ମଧ୍ୟ ବିଦ୍ରୋହ ଦମନ କରି ଶାନ୍ତି ସ୍ଥାପନ କରିବାରେ କୃତକାର୍ଯ୍ୟ

ବାବୁ କୁଅଁର ସିଂହ

ହେଲେ । ବିହାର ଜଗଦୀଶପୁରର ବୃଦ୍ଧରାଜା ବାବୁ କୁଅଁରସିଂହ ବିଦ୍ରୋହୀମାନଙ୍କ ପ୍ରରୋଚନାରେ ନିଜର ଅନିଚ୍ଛାସତ୍ତ୍ୱେ ମଧ୍ୟ ସେମାନଙ୍କ ସହିତ ଯୋଗ ଦେଇଥିଲେ । ବିଦ୍ରୋହୀମାନେ ଆରାଠାରେ ଗୋଟିଏ ଗୃହରେ (ବର୍ତ୍ତମାନ ଏହା ଆର୍‌ହାଉସ୍ ନାମରେ କଥିତ) ଇଂରେଜମାନଙ୍କୁ ଘେରିଥିଲେ । ଇଂରେଜ ସୈନିକଗଣଙ୍କ ସହିତ ଅନେକ ଥର ଏଠାରେ ବିଦ୍ରୋହୀମାନଙ୍କର ସମ୍ମୁଖ ଯୁଦ୍ଧ ହେଲା । ଅବଶେଷରେ ଗଙ୍ଗାନଦୀ ପାର ହେବା-ସମୟରେ କୁଅଁରସିଂହଙ୍କ ବାହୁରେ ଗୋଟିଏ ଗୁଳି ବାଜିଲା । ସେ ଆହତ ହସ୍ତଟିକୁ ନିଜ ହାତରେ କାଟି ପକାଇଲେ ଏବଂ ଯାଇ ନିଜ ଘର ଜଗଦୀଶପୁରରେ ପହଞ୍ଚିଲେ । ସେଠାରେ ନିଜ ସ୍ୱଇଙ୍କ, ବିଜୟବାର୍ତ୍ତା ଶ୍ରବଣାନନ୍ତର ବୃଦ୍ଧବୀର କୁଅଁର ସିଂହ ଅମରବାଞ୍ଛିତ ଧାମକୁ ପ୍ରୟାଣ କଲେ । ଏହାର କିଛିଦିନ ପରେ ଇଂରେଜମାନେ ବିଦ୍ରୋହୀଗଣଙ୍କୁ ପରାସ୍ତ କରି ଜଗଦୀଶପୁର ପ୍ରାସାଦକୁ ତୋପ ଦ୍ୱାରା ଧ୍ୱଂସ କଲେ । ଏହିପରି ଦେଢ଼ କି ଦୁଇ ବର୍ଷ ମଧ୍ୟରେ ଦିଲ୍ଲୀଠାରୁ ବଙ୍ଗଦେଶ ପର୍ଯ୍ୟନ୍ତ ଉତ୍ତର ଭାରତରେ ସର୍ବତ୍ର ଶାନ୍ତି ସ୍ଥାପିତ ହେଲା ।

ବିଦ୍ରୋହୀଗଣ ଧୃତ ହୋଇ କେତେକ ପ୍ରାଣଦଣ୍ଡରେ ଦଣ୍ଡିତ ହେଲେ । ଅନେକଙ୍କ ପ୍ରତି ଦ୍ୱୀପାନ୍ତର ଦଣ୍ଡ ଦିଆ ଗଲା ଏବଂ ଅବଶିଷ୍ଟ

Digitized by srujanika@gmail.com

ଅନେକ ବିଦ୍ରୋହୀଙ୍କୁ କ୍ଷମା ଦିଆଗଲା । ଏଥିଯୋଗୁଁ ଅନେକ ଇଂରେଜ ତାଙ୍କୁ "ଦୟାଳୁ କାନିଙ୍ଗ୍" ବୋଲି ଉପହାସ କରିବାକୁ ଲାଗିଲେ । ଯାହା ହେଉ, କାନିଙ୍ଗ୍ ତାହାଙ୍କ ଦୟାଗୁଣରେ ସର୍ବତ୍ର ଶାନ୍ତି ପ୍ରତିଷ୍ଠିତ କରିବାକୁ ସମର୍ଥ ହୋଇଥିଲେ ।

ବ୍ରିଟିଶ୍ ପାର୍ଲିଆମେଣ୍ଟ୍ ଅଧୀନ ଭାରତବର୍ଷ

ମହାରାଣୀ ଭିକ୍ଟୋରିଆଙ୍କ ରାଜତ୍ୱକାଳ

ଲର୍ଡ଼ କାନିଙ୍ଗ୍ ପ୍ରଥମ ରାଜପ୍ରତିନିଧି ବା ଭାଇସରୟ୍

୧୮୫୮—୧୮୬୨—ସିପାହୀବିଦ୍ରୋହର ସଂବାଦରେ ବ୍ରିଟିଶ ପାର୍ଲିଆମେଣ୍ଟରେ ଘୋରମତ ଶୃଙ୍ଖଳା ଉପସ୍ଥିତ ହେଲା । ଏତେଦିନ ଯାଏ ଇଷ୍ଟ ଇଣ୍ଡିଆ କୋମ୍ପାନୀ ପାର୍ଲିଆମେଣ୍ଟଙ୍କ ଆଜ୍ଞାରେ ଭାରତବର୍ଷରେ ବାଣିଜ୍ୟ ଓ ରାଜ୍ୟଶାସନ କରି ଆସୁଥିଲେ । ଯଦିଚ ପାର୍ଲିଆମେଣ୍ଟ୍ ସମୟ ସମୟରେ କୋମ୍ପାନୀ ରାଜ୍ୟକୁ ସୁଶାସନ କରିବା ପାଇଁ କେତେକ ବ୍ୟବସ୍ଥା କରି ଦେଉଥିଲେ, ତଥାପି ଏ ପର୍ଯ୍ୟନ୍ତ ଭାରତର ଶାସନଭାର ପ୍ରତ୍ୟକ୍ଷ ଭାବରେ ପାର୍ଲିଆମେଣ୍ଟ୍ ଗ୍ରହଣ କରି ନ ଥିଲେ । ୧୮୫୮ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ ବ୍ରିଟିଶ୍ ପାର୍ଲିଆମେଣ୍ଟ୍ ଭାରତର ଶାସନଭାର ସ୍ୱହସ୍ତରେ ଗ୍ରହଣ କଲେ ଓ ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ଶାସନର ଅବସାନ ହେଲା । ଇଂଲଣ୍ଡର ରାଣୀ ଶ୍ରୀମତୀ ଭିକ୍ଟୋରିଆ ସମଗ୍ର ଇଂରେଜ ଅଧିକୃତ ଭାରତର ମହାରାଣୀ ଆଖ୍ୟା ଗ୍ରହଣ କଲେ । ଯେଉଁ ଦିନ ମହାରାଣୀ ଭାରତେଶ୍ୱରୀ ଆଖ୍ୟା ଗ୍ରହଣ କଲେ, ସେହି ଦିନ ଲର୍ଡ଼ କାନିଙ୍ଗ୍ ଆଲ୍ଲାହାବାଦଠାରେ ଗୋଟିଏ ଦରବାର ଆହ୍ୱାନ କଲେ ଏବଂ

ମହାରାଣୀ ଭିକ୍ଟୋରିଆ

ସେହି ଦରବାରରେ ଦେଶର ସମସ୍ତ ରାଜା, ରାଜୋଡ଼ା ଓ ଜମିଦାର ଆଦି

Digitized by srujanika@gmail.com

ମୁଖ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ହେଲେ । ଏହି ଦରବାରରେ ଲର୍ଡ୍ କାନିଙ୍ଗ୍ ଶ୍ରୀମତୀ ମହାରାଣୀଙ୍କ ଘୋଷଣାପତ୍ର ସବୁ ସମକ୍ଷରେ ପାଠ କଲେ । ଏଥିରେ

ଭିକ୍ଟୋରିଆଙ୍କ ଘୋଷଣାପତ୍ର

ମହାରାଣୀ ଭାରତୀୟ ପ୍ରଜାବର୍ଗଙ୍କୁ ଏହି ସମାଚାର ପଠାଇ ଥିଲେ ଯେ, ଆଜିଠାରୁ ଆମ୍ଭେ ତୁମ୍ଭମାନଙ୍କୁ ଶାସନ କରିବୁଁ । ସରକାର କୌଣସି ପ୍ରଜାଙ୍କ ଧର୍ମ ବିଷୟରେ କଛୁ ହସ୍ତକ୍ଷେପ କରିବେ ନାହିଁ, ସରକାର ସମସ୍ତ ପ୍ରଜାଙ୍କୁ ସମାନ ଚକ୍ଷୁରେ ଦେଖିବେ, ନୃପତିବର୍ଗଙ୍କ ସହିତ ଯେଉଁ ଯେଉଁ ପ୍ରତିଜ୍ଞା ବା ସନ୍ଧି କରାଯାଇଅଛି, ସେଗୁଡ଼ିକ ପ୍ରତିପାଳିତ ହେବ ଏବଂ ଆଜିଠାରୁ କୌଣସି ଦେଶୀୟ ରାଜ୍ୟକୁ ବ୍ରିଟିଶ ରାଜ୍ୟ ସାମିଲ କରାଯିବ ନାହିଁ; ନିଃସନ୍ତାନ ରାଜାମାନଙ୍କର ଦତ୍ତକପୁତ୍ର ଗ୍ରହଣ କରିବାର ଅଧିକାର ରହିବ । ସମସ୍ତ ପ୍ରଜାଙ୍କୁହିଁ ନିରପେକ୍ଷଭାବରେ ସରକାରୀ ଚାକିରି ଓ ଶିକ୍ଷା ଦିଆଯିବ ଏବଂ ଶାସନକର୍ମରେ ମଧ୍ୟ ସେମାନଙ୍କୁ ଅଧିକାର ଦିଆଯିବ । ଲର୍ଡ କାନିଙ୍ଗ୍ ଭାଇସରୟ ବା ରାଜପ୍ରତିନିଧିପଦ ପ୍ରାପ୍ତ ହେଲେ । ଏଥିର ଅଭିପ୍ରାୟ ଏହି କି ଇଂଲଣ୍ଡର ରାଜା ବା ରାଣୀ ଭାରତକୁ ଆସି ସ୍ୱୟଂ ଶାସନ କରିବା ସମ୍ଭବ ନୁହେଁ; ସୁତରାଂ ତାହାଙ୍କର ପ୍ରତିନିଧିହିଁ ଏହି ଦେଶ ଶାସନ କରନ୍ତି । ପ୍ରଥମ ଭାଇସ୍‌ରୟ କାନିଙ୍ଗ୍ ୧୮୬୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ଦେଶ ଶାସନ କରିଥିଲେ । ଭାରତ ଶାସନକାର୍ଯ୍ୟ ପ୍ରତି ଦୃଷ୍ଟି ରଖିବା ନିମନ୍ତେ ଇଂଲଣ୍ଡରେ ଜଣେ ଭାରତସଚିବ (ସେକ୍ରେଟରି-ଅଫ୍-ଷ୍ଟେଟ୍ ଫର୍ ଇଣ୍ଡିଆ) ନିଯୁକ୍ତ ହେଲେ ଏବଂ ତାହାଙ୍କର ସହାୟତା କରିବା ନିମିତ୍ତ ଗୋଟିଏ କମିଟି ଗଠିତ ହେଲା ।

ଇଣ୍ଡିଆ କାଉନ୍‌ସିଲ ଆକ୍ଟ

ମହାରାଣୀଙ୍କ ଘୋଷଣାପତ୍ର ପାଠ କରି କାନିଙ୍ଗ୍ ସମଗ୍ର ଭାରତବର୍ଷରେ ଶ୍ରଦ୍ଧା ଓ ରାଜଭକ୍ତିର ସଞ୍ଚାର କରାଇଲେ । ଦେଶୀୟ ରାଜନ୍ୟମଣ୍ଡଳୀ ପ୍ରସନ୍ନ ହେଲେ ଓ ଦେଶ ତମାମ୍ ଶାନ୍ତି ସ୍ଥାପିତ ହେଲା ।

ଏଥର କାନିଙ୍ଗ୍ ଶାସନ ଓ ସମାଜର ସୁବ୍ୟବସ୍ଥାମୂଳକ କାର୍ଯ୍ୟରେ ହସ୍ତକ୍ଷେପ କଲେ । ପୂର୍ବେ କୋମ୍ପାନୀଙ୍କ ସେନା ଇଂଲଣ୍ଡର ରାଜକୀୟ ସେନାଙ୍କଠାରୁ ପୃଥକ୍ ଥିଲେ । ବର୍ତ୍ତମାନ ଉଭୟଙ୍କୁ ମିଳାଇ ଏକ କରାଗଲା । ୧୮୬୦ ଖ୍ରୀଷ୍ଟାବ୍ଦରେ ଆୟକର (ଇନ୍‌କମ୍ ଟାକ୍‌ସ) ନିୟମ ସୃଷ୍ଟି ହେବାରୁ ରାଜକର ଯଥେଷ୍ଟ ବୃଦ୍ଧି ହେଲା । ଏହି ବର୍ଷ ଗୋଟିଏ ଆଇନ ପ୍ରଣୟନ

Digitized by srujanika@gmail.com

ଫଳରେ ପ୍ରଜାସାଧାରଣଙ୍କ ନିକଟରୁ ଅସ୍ତ୍ର ଶସ୍ତ୍ର କାଢ଼ି ନିଆଗଲା । ୧୮୬୧ ଖ୍ରୀଷ୍ଟାବ୍ଦରେ ଶିକ୍ଷା ବିସ୍ତାରାର୍ଥେ କଲିକତା, ବୋମ୍ବାଇ ଏବଂ ମାନ୍ଦ୍ରାଜରେ ତିନି ଗୋଟି ବିଶ୍ବବିଦ୍ୟାଳୟର ସୃଷ୍ଟି ହେଲା । ଲର୍ଡ ଡେଲ୍ହାଉସି ବହୁ ସଂଖ୍ୟକ ସ୍କୁଲ ଓ କଲେଜ ସ୍ଥାପନ କରିଥିଲେ । ଏବେ ଏହି ସ୍କୁଲ ଓ କଲେଜମାନଙ୍କୁ ସ୍ବ ସ୍ବ ପ୍ରଦେଶସ୍ଥ ବିଶ୍ବବିଦ୍ୟାଳୟ ଅଧୀନ କରାଗଲା ଏବଂ କ୍ରମଶଃ ଶିକ୍ଷାର ପ୍ରସାର ହେବାକୁ ଲାଗିଲା । ଏହି ବର୍ଷ 'ଇଣ୍ଡିଆ କାଉନ୍‌ସିଲ ଆକ୍ଟ' ବିଧିବଦ୍ଧ ହେଲା ଏବଂ ଏହା ଫଳରେ ଭାଇସରାୟଙ୍କ ବ୍ୟବସ୍ଥାପକ ସଭାରେ ପ୍ରଜାସାଧାରଣଙ୍କ ପ୍ରତିନିଧିବର୍ଗ ମଧ୍ୟ ସ୍ଥାନ ପାଇଲେ ଓ ଶାସନକାର୍ଯ୍ୟ କେତେଗୁଡ଼ିଏ ବିଭାଗରେ ବିଭକ୍ତ ହୋଇ ପ୍ରତ୍ୟେକ ବିଭାଗ ଜଣେ ସଭ୍ୟଙ୍କ ତତ୍ତ୍ବାବଧାନରେ ବ୍ୟବସ୍ଥିତ ହେଲା । ସଦର ଦେବାନୀ ଓ ସଦର ନିଜାମତ ଅଦାଲତଦ୍ବୟ ଉଠାଇ ଦିଆଗଲା ଓ ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଲେଖାଏଁ ହାଇକୋର୍ଟ ପ୍ରତିଷ୍ଠିତ ହେଲା । କେତେଗୁଡ଼ିଏ ଆଇନ ପ୍ରଣୀତ ହେଲା ଏବଂ ତଦନୁସାରେ ରାଜ୍ୟର ଶାସନକାର୍ଯ୍ୟମାନ ପରିଚାଳିତ ହେବାକୁ ଲାଗିଲା । ଏହି କାର୍ଯ୍ୟଗୁଡ଼ିକ ସମାଧା କରି କାନିଙ୍ଗ୍ ବିଲାତ ଫେରିଗଲେ । ଅତିରିକ୍ତ ପରିଶ୍ରମ ଯୋଗୁଁ ତାହାଙ୍କର ସ୍ବାସ୍ଥ୍ୟଭଙ୍ଗ ହୋଇଥିଲା; ସୁତରାଂ ସ୍ବଦେଶ ଗମନର ବର୍ଷକ ମଧ୍ୟରେ ତାହାଙ୍କର ସ୍ବର୍ଗଲାଭ ହେଲା ।

ଲର୍ଡ ଏଲଗିନ୍—ଦ୍ବିତୀୟ ଭାଇସରାୟ ୧୮୬୨—୧୮୬୩—

ଲର୍ଡ କାନିଙ୍ଗଙ୍କ ପରେ ଲର୍ଡ ଏଲ୍‌ଗିନ୍ ରାଜପ୍ରତିନିଧି ହୋଇ ଆସିଲେ । ବର୍ଷକରୁ କିଛି ଅଧିକ ସମୟ ଶାସନକାର୍ଯ୍ୟ କରିବା ପରେ ହିମାଳୟ ପ୍ରଦେଶରେ ତାହାଙ୍କର ମୃତ୍ୟୁ ହେଲା । ଏହାଙ୍କ ସମୟରେ ଉତ୍ତର ପଶ୍ଚିମ ପ୍ରଦେଶର ୱାହାବିଜାତି ବିଦ୍ରୋହୀ ହୋଇଥିଲେ, କିନ୍ତୁ ଅଚିରେ ସେମାନଙ୍କୁ ଦମନ କରାଗଲା । ପରବର୍ତ୍ତୀ ଭାଇସରାୟ ସର୍ ଜନ୍ ଲରେନ୍‌ସଙ୍କ ଆଗମନ ପର୍ଯ୍ୟନ୍ତ ମାନ୍ଦ୍ରାଜର ଗଭର୍ଣ୍ଣର ଡେନ୍‌ସିନ୍ ଭାଇସରାୟ କାର୍ଯ୍ୟ ଚଳାଇଲେ ।

ସର୍ ଜନ୍ ଲରେନ୍‌ସ—ତୃତୀୟ ଭାଇସରାୟ ୧୮୬୪-୧୮୬୯-

ସର୍ ଜନ୍ ଲରେନ୍‌ସ ପ୍ରଥମେ ପଞ୍ଜାବର ଗଭର୍ଣ୍ଣର ଥିଲେ ଏବଂ ସିପାହୀବିଦ୍ରୋହ ସମୟରେ ସେ ନିଜ ଚତୁରତା ବଳରେ ପଞ୍ଜାବକୁ ବରାବର ଶାନ୍ତ ରଖିଥିଲେ ।

Digitized by srujanika@gmail.com

ଏବଂ ଶିଖମାନଙ୍କୁ ଉତ୍ତେଜିତ ହେବାର ସୁଯୋଗ ଦେଇ ନ ଥିଲେ ବରଂ ସେମାନଙ୍କ ସାହାଯ୍ୟରେ ବିଦ୍ରୋହ ଦମନ କରି ବିଶେଷ ଖ୍ୟାତି ଲାଭ କରିଥିଲେ । ଏଣୁ ସେ ଲର୍ଡ଼ ଏଲ୍‌ଗିନ୍‌ଙ୍କ ପରେ ଭାଇସ୍‌ରୟ୍ ରୂପେ ନିଯୁକ୍ତ ହେଲେ । ତାହାଙ୍କ ଶାସନକାଳରେ ଭୁଟାନଯୁଦ୍ଧ ଓ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ହୋଇଥିଲା ।

ଭୁଟାନୀମାନେ ଅନେକଥର ଇଂରେଜ ରାଜ୍ୟ ଆକ୍ରମଣ କରୁଥିଲେ । ଏମାନଙ୍କୁ ସତର୍କ କରିବାକୁ ଜଣେ‌କ ରାଜଦୂତ ପ୍ରେରିତ ହେଲେ; କିନ୍ତୁ ସେମାନେ ଦୂତଙ୍କୁ ଧରି ନେଇ ଗୋଟିଏ ସନ୍ଧିପତ୍ରରେ ତାହାଙ୍କଠାରୁ ଜବରଦସ୍ତି ସ୍ୱାକ୍ଷର କରାଇ ନେଲେ । ଏଣୁ ସେମାନଙ୍କ ସହିତ ଗୋଟିଏ ଘୋର ଯୁଦ୍ଧ କରିବାକୁ ପଡ଼ିଲା । ଇଂରେଜ ପ୍ରଥମେ ପରାସ୍ତ ହେଲେ । ଅବଶେଷରେ ବିଜୟଲକ୍ଷ୍ମୀ ସେମାନଙ୍କର କରତଳଗତ ହେଲା । ଭୁଟାନୀମାନେ ବାଧ୍ୟ ହୋଇ ଇଂରେଜଙ୍କ ସହିତ ସନ୍ଧି କଲେ । ଏତଦନୁସାରେ ସେମାନଙ୍କ 'ଦ୍ୱାରପ୍ରାନ୍ତ' ପ୍ରଦେଶ ଇଂରେଜମାନଙ୍କ ଅଧିକାରକୁ ଛାଡ଼ ଦେବାକୁ ପଡ଼ିଲା ।

ଭୁଟାନଯୁଦ୍ଧ

୧୮୬୩ ଖ୍ରୀଷ୍ଟାବ୍ଦରେ ଦୋସ୍ତ୍ ମହମ୍ମଦଙ୍କ ମୃତ୍ୟୁ ପରେ କାବୁଲ ସିଂହାସନ ଲାଗି ଘୋର ବିବାଦ ହେଲା । କିନ୍ତୁ ଲରେନସ କୌଣସି ପକ୍ଷର ସହାୟତା କଲେ ନାହିଁ । ଅବଶେଷରେ ଦୋସ୍ତ୍ ମହମ୍ମଦଙ୍କ ପୁତ୍ର ସେର ଅଲ୍ଲୀ ସମସ୍ତଙ୍କୁ ପରାଜିତ କରି ସିଂହାସନ ଅଧିକାର କଲେ । ଭାଇସ୍‌ରୟ୍ ତାହାଙ୍କୁହିଁ ଅମୀର୍ ବୋଲି ସ୍ୱୀକାର କଲେ ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଅଞ୍ଚଳରେ ଭୀଷଣ ଦୁର୍ଭିକ୍ଷ ହେଲା ଓ ଲୋକେ ଅନାହାରରେ ମୃତ୍ୟୁମୁଖରେ ପତିତ ହେବାକୁ ଲାଗିଲେ । ପ୍ରାୟ ୨୦ ଲକ୍ଷ ବ୍ୟକ୍ତିଙ୍କର ମୃତ୍ୟୁ ହେଲା । ଏହା ଓଡ଼ିଶାରେ ନଅଙ୍କ ବୋଲି ବିଖ୍ୟାତ । ବୁନ୍ଦେଲଖଣ୍ଡ ଓ ଆର୍ଯ୍ୟାବର୍ତ୍ତରେ ମଧ୍ୟ ଦୁର୍ଭିକ୍ଷର ଲକ୍ଷଣ ପ୍ରକାଶ ପାଇଲା । ଦୁର୍ଭିକ୍ଷ ନିବାରଣର ଉପାୟ ଅନୁସନ୍ଧାନ ପାଇଁ ଲାଟ ସାହେବ ଗୋଟିଏ କମିଶନ୍ ନିଯୁକ୍ତ କରି ଭବିଷ୍ୟତରେ ଯେପରି ଦୁର୍ଭିକ୍ଷ ଦମନ କରାଯିବ, ତତ୍‌ସମ୍ବନ୍ଧେ ବିସ୍ତର ଉପାୟ କଳ୍ପନା କଲେ ।

ଲର୍ଡ଼ ମେୟୋ-ଚତୁର୍ଥ ଭାଇସ୍‌ରୟ୍ ୧୮୬୯—୧୮୭୨—

ଲର୍ଡ଼୍ ମେୟୋ ଦେଶୀୟ ରାଜାମାନଙ୍କ ପୁତ୍ରମାନଙ୍କର ଶିକ୍ଷା ନିମିତ୍ତ ଆଜମୀର

Digitized by srujanika@gmail.com

ଲର୍ଡ୍ ମେୟୋ

ଠାରେ ରାଜକୁମାର କଲେଜର ନିଅଁ ପକାଇଲେ । ତାହାର ନାମ ମେୟୋ କଲେଜ । ତାହାଙ୍କର ପ୍ରତ୍ୟାଗମନ ପରେ ଉକ୍ତ କଲେଜରେ ଶିକ୍ଷାକର୍ମ ଆରମ୍ଭ ହେଲେ ମଧ୍ୟ ସେ ଏହାର ଜନ୍ମଦାତା ଥିଲେ । ଏହି କାର୍ଯ୍ୟ ଯୋଗୁଁ ଦେଶୀୟ ରାଜାମାନେ ଅତ୍ୟନ୍ତ ସନ୍ତୁଷ୍ଟ ହେଲେ ଓ ତାହାଙ୍କୁ ସେମାନଙ୍କର ବନ୍ଧୁ ଆଖ୍ୟା ଦେଲେ । ଏହାଙ୍କ ଶାସନ-କାଳରେ ମହାରାଣୀ ଭିକ୍ଟୋରିଆଙ୍କ ଦ୍ୱିତୀୟ ପୁତ୍ର ଡିଉକ୍ ଅଫ୍ ଏଡିନ୍‌ବର୍‌ଗ ଭାରତକୁ ଆଗମନ କରିଥିଲେ । ତାହାଙ୍କ ଆଗମନ ଯୋଗୁଁ ଭାରତର ସର୍ବାଂଶରେ ରାଜଭକ୍ତିର ତେଜ ଖେଳିଗଲା ଓ ସମସ୍ତେ ତାଙ୍କୁ ଖୁବ୍ ରାଜଭକ୍ତି ଦେଖାଇଥିଲେ । ବଡ଼ଲାଟ ଅମ୍ବାଲାଠାରେ ଗୋଟିଏ ଦରବାର ଆହ୍ୱାନ କରି ଆଫଗାନିସ୍ଥାନର ଅମୀର ସେର୍ ଅଲ୍ଲୀଙ୍କ ସହିତ ଭାରତ ସରକାରଙ୍କ ମିତ୍ରତାକୁ ଦୃଢ଼ତର କଲେ ।

ଲର୍ଡ ମେୟୋ ପ୍ରାଦେଶିକ ଗଭର୍ଣ୍ଣମେଣ୍ଟ ସମୂହକୁ ଆଭ୍ୟନ୍ତରୀଣ ଆୟ ବ୍ୟୟ ସମ୍ବନ୍ଧରେ ସ୍ୱାଧୀନତା ପ୍ରଦାନ କଲେ । ତେଣୁ ସେମାନେ ସାବଧାନ ହୋଇ ବ୍ୟୟ କଲେ ଓ ଶାସନ ସମ୍ବନ୍ଧରେ ସୁବ୍ୟବସ୍ଥା କରିବାକୁ ଲାଗିଲେ । ଏହି ଶାସନସଂସ୍କାର ମେୟୋଙ୍କର ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା । ସେ ପ୍ରଜାଙ୍କ ହିତାର୍ଥେ ଅନେକ ରାଜପଥ, କେନାଲ ଓ ରେଲପଥ ନିର୍ମିତ କରାଇଲେ ଓ ସରକାରଙ୍କ କୃଷିବିଭାଗ ସଂସ୍ଥାପନ କଲେ ଓ ଚୁଙ୍ଗୀ (ଅବକାରୀ) ଟିକସର ଅବ୍ୟବସ୍ଥାକୁ ସଂଶୋଧନ କଲେ । ସେ ଅଣ୍ଡାମାନ ଦ୍ୱୀପ (କଳାପାଣି) ପରିଦର୍ଶନ କରିବାକୁ ସେଠାକୁ ଯାଇଥିବା ସମୟରେ ସେଠାରେ ଜଣେ ଦୁଷ୍ଟ ମୁସଲମାନ୍ କଏଦୀଦ୍ୱାରା ନିହତ ହେଲେ ।

ଲର୍ଡ଼ ନର୍ଥବ୍ରୁକ୍ ପଞ୍ଚମ ଭାଇସ୍‌ରୟ୍ ୧୮୭୨—୧୮୭୬— ଏହାଙ୍କ ଶାସନକାଳରେ (୧୮୭୩—୭୪)ରେ ବଙ୍ଗ ଓ ବିହାରରେ ଭୀଷଣ

Digitized by srujanika@gmail.com

ଦୁର୍ଭିକ୍ଷ ପଡ଼ିଲା । କିନ୍ତୁ ସେ ପ୍ରଜାମାନଙ୍କୁ ନାନାପ୍ରକାରରେ ସାହାଯ୍ୟ ଦେଲେ । ବରୋଦା ମହାରାଜ ମଲହର ରାଓଙ୍କ ବିରୁଦ୍ଧରେ ବ୍ରିଟିଶ୍ ରେସିଡେଣ୍ଟ (ରାଜଦୂତ)ଙ୍କୁ ବିଷ ଦେଇ ହତ୍ୟା କରିବା ଅଭିଯୋଗ ଉତ୍‌ଥାପିତ ହେଲା । ଏହାର ସତ୍ୟାସତ୍ୟ ନିର୍ଣ୍ଣୟ କରିବା ନିମିତ୍ତ ଗୋଟିଏ କମିସନ (ପଞ୍ଚାଏତ୍) ନିଯୁକ୍ତ ହେଲା । କମିସନର ସଭ୍ୟମାନଙ୍କ ମଧ୍ୟରେ ମତଭେଦ ଘଟିଥିଲେ ସୁଦ୍ଧା ମଲହର ରାଓ ଦୋଷୀ ସାବ୍ୟସ୍ତ ହେଲେ ।

ଲର୍ଡ଼୍ ନର୍ଥବ୍ରୁକ

ତାହାଙ୍କୁ ରାଜ୍ୟଚ୍ୟୁତ କରି ତଦ୍‌ବଂଶୀୟ ଗୋଟିଏ ଶିଶୁ ପୁତ୍ରକୁ ଉକ୍ତ ରାଜସିଂହାସନରେ ସ୍ଥାପିତ କରାଗଲା । ଏହି ବାଳକହିଁ ବର୍ତ୍ତମାନ ମହାରାଜ ସାୟାଜୀ ରାଓ ଗାଇକୋୱାଡ଼ ।

୧୮୭୫ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିଆଙ୍କ ଜ୍ୟେଷ୍ଠପୁତ୍ର ତଦାନୀନ୍ତନ ପ୍ରିନ୍ସ ଅଫ୍ ୱେଲ୍‌ସ (ଆମ୍ଭମାନଙ୍କ ଭୂତପୂର୍ବ ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ୍) ଭାରତବର୍ଷ ପରିଦର୍ଶନ କରିବାକୁ ଆସିଲେ ।

ସୟାଜୀ ରାଓ ଗାଇକୋୱାଡ଼

Digitized by srujanika@gmail.com

ପ୍ରଜାମାନେ ତାହାଙ୍କ ଆଗମନରେ ବିଶେଷ ଆନନ୍ଦିତ ହେଲେ ଓ ପୂର୍ଣ୍ଣଭାବରେ ରାଜଭକ୍ତି ଦେଖାଇଲେ ।

ଲର୍ଡ଼ ଲିଟନ୍—ଷଷ୍ଠ ଭାଇସ୍‌ରୟ୍ ୧୮୭୬-୧୮୮୦— ଏ ୧୮୭୭ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀଠାରେ ମହାସମାରୋହରେ ଗୋଟିଏ ଦରବାର ଆହ୍ୱାନ କଲେ । ଏଥିରେ ମହାରାଣୀ ଭିକ୍ଟୋରିଆଙ୍କର ଦ୍ୱିତୀୟ ଘୋଷଣାପତ୍ର ପଠିତ ହେଲା । ଏହାର ମର୍ମାନୁସାରେ ମହାରାଣୀ ଭାରତର ସମ୍ରାଜ୍ଞୀ (ରାଜ-ରାଜେଶ୍ୱରୀ) ଉପାଧିରେ ଭୂଷିତା ହେଲେ । ଏହି ଉପଲକ୍ଷରେ ଆନନ୍ଦ ପ୍ରକାଶ କରିବା ପାଇଁ ବିଶେଷ ଉତ୍ସବମାନ ଅନୁଷ୍ଠିତ ହୋଇଥିଲା ।

ଲର୍ଡ ଲିଟନ୍

ଏହି ବର୍ଷ ଦାକ୍ଷିଣାତ୍ୟରେ ମନ୍ଦ୍ର ଯୋଗୁଁ ଭୀଷଣ ଦୁର୍ଭିକ୍ଷ ହେଲା । ରେଳ ଓ ଜାହାଜଦ୍ୱାରା ଦୁର୍ଭିକ୍ଷପ୍ରପୀଡ଼ିତ ଅଞ୍ଚଳକୁ ଖାଦ୍ୟ ସାମଗ୍ରୀ ପଠାଇବାର ଯତ୍ନ କରାଗଲା ଓ ଏଥିରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟ ହେଲା । ତଥାପି ୫୨ ଲକ୍ଷରୁ ଅଧିକ ଲୋକ କ୍ଷୁଧାଜ୍ୱାଳାରେ ମୃତ୍ୟୁମୁଖରେ ପତିତ ହେଲେ । ଏପରି ଦୁର୍ଭିକ୍ଷ ପୂର୍ବେ ଏ ଦେଶରେ କେବେ ହୋଇ ନ ଥିଲା ।

ତୃତୀୟ ଆଫଗାନ୍ ଯୁଦ୍ଧ— ଲର୍ଡ ଲିଟନ୍ ଆଫଗାନସ୍ଥାନର ଅମୀର ସେର୍ ଅଲ୍ଲୀଙ୍କ ନିକଟକୁ ଦୂତ ପ୍ରେରଣ କଲେ । ସେହି ସମୟରେ ରୁଷୀୟ ଦୂତ ମଧ୍ୟ କାବୁଲ ଆସିଥିଲେ । ସେର୍ ଅଲ୍ଲୀ ରୁଷୀୟ ଦୂତଙ୍କୁ ଯଥେଷ୍ଟ ଆଦର ସତ୍କାର କଲେ; କିନ୍ତୁ ଇଂରେଜଦୂତଙ୍କୁ କାବୁଲକୁ ଆସିବାକୁ ସୁଦ୍ଧା ସୁବିଧା ଦେଲେ ନାହିଁ । ଅମୀରଙ୍କର ଏହି ବ୍ୟବହାରରେ ଲର୍ଡ ଲିଟନ୍ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇ ଯୁଦ୍ଧ ଘୋଷଣା କଲେ । ବୋଲନ୍ ଘାଟି ବାଟେ କାବୁଲକୁ ଇଂରେଜ ସୈନ୍ୟ ପ୍ରେରିତ ହେଲେ ଓ ଯୁଦ୍ଧ ଲାଗିଲା । ଅମୀର ପଳାୟନ

Digitized by srujanika@gmail.com

କଲେ । ତାହାଙ୍କ ପୁତ୍ର ୟାକୁବ୍ ଖାଁଙ୍କୁ ୧୮୭୯ ଖ୍ରୀଷ୍ଟାବ୍ଦରେ ଅମୀର ପଦରେ ପ୍ରତିଷ୍ଠିତ କରାଗଲା ଏବଂ ସେହିଦିନଠାରୁ କାବୁଲରେ ଜଣେ ବ୍ରିଟିଶ ରେସିଡେଣ୍ଟ (ଦୂତ) ରହିବେ ବୋଲି ୟାକୁବ୍ ଖାଁଙ୍କ ସଙ୍ଗେ ବ୍ୟବସ୍ଥା ହେଲା । କିଛିଦିନ ପରେ ଅଫଗାନମାନେ ପୁନରାୟ ମେଳ କରି ସେଠାରେ ଥିବା ଇଂରେଜ ରେସିଡେଣ୍ଟଙ୍କୁ ହତ୍ୟା କଲେ । ଏଥିର ଫଳରେ ଦ୍ବିତୀୟ ଆଫଗାନ ଯୁଦ୍ଧ ଆରମ୍ଭ ହେଲା । ଯୁଦ୍ଧାବସାନ ପୂର୍ବରୁ ଲର୍ଡ ଲିଟନଙ୍କର କାର୍ଯ୍ୟକାଳ (୪ ବର୍ଷ) ପୂର୍ଣ୍ଣ ହୋଇଯିବାରୁ ସେ ବିଲାତ ପ୍ରତ୍ୟାଗତ ହେଲେ ।

ଲର୍ଡ ରିପନ—ସପ୍ତମ ଭାଇସରୟ, ୧୮୮୦-୧୮୮୪—ଲର୍ଡ ରିପନ୍ ଭାରତରେ ପଦାର୍ପଣ କରିବା ମାତ୍ରକେ ଆଫଗାନସ୍ଥାନର ବ୍ୟାପାରରେ ପ୍ରଥମେ ହସ୍ତକ୍ଷେପ କଲେ । ସେ ସର୍ ଫ୍ରେଡ଼ରିକ୍ ରବର୍ଟଙ୍କ ଅଧିନାୟକତ୍ବରେ ଦଳେ ସୈନ୍ୟ ଅଫଗାନମାନଙ୍କ ବିରୁଦ୍ଧରେ ପ୍ରେରଣ କଲେ । ଫ୍ରେଡ଼ରିକ୍ ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାଜିତ କରି କାବୁଲ ଓ କାନ୍ଦାହାର ଅଧିକାର କଲେ । ସେର୍ ଅଲ୍ଲୀଙ୍କ ଭ୍ରାତୁଷ୍ପୁତ୍ର ଅବ୍ଦୁର୍ ରହମାନଙ୍କୁ ଆଫଗାନସ୍ଥାନର ଅମୀର୍ କରାଗଲା । ତାହାଙ୍କ ପ୍ରତିଦ୍ୱନ୍ଦୀ ବିତାଡ଼ିତ ଅମୀର୍ ୟାକୁବଙ୍କ ଭ୍ରାତା ଆୟୁବ୍ ଇଂରେଜ ସୈନ୍ୟଙ୍କ ପରାସ୍ତ କରି କାବୁଲର ସିଂହାସନ ଦାବୀ କଲେ । ଲର୍ଡ ରିପନ୍ ଦଳେ ପରାକ୍ରମଶାଳୀ ସୈନ୍ୟ ପ୍ରେରଣ କରି ଅୟୁବ୍‌ଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ । ଅବ୍ଦୁର ରହମାନ୍ ତଦବଧି ଇଂରେଜମାନଙ୍କର ମିତ୍ରରୂପେ ପରିଣତ ହେଲେ ।

ଲର୍ଡ ରିପନ

ଲର୍ଡ ରିପନ୍ ସ୍ୱୀୟ ଉଦାରତା ଓ ନ୍ୟାୟପ୍ରିୟତା ଯୋଗୁଁ ବିଖ୍ୟାତ । ପୂର୍ବତନ ଭାଇସରୟ ଲର୍ଡ ଲିଟନ୍ ପ୍ରେସ୍ ଏକ୍ଟ (ମୁଦ୍ରାଯନ୍ତ୍ର ଆଇନ) ପ୍ରଣୟନ କରି ସମ୍ବାଦପତ୍ରମାନଙ୍କଠାରୁ ସରକାରଙ୍କ କାର୍ଯ୍ୟମାନଙ୍କୁ ସମାଲୋଚନା କରିବା

Digitized by srujanika@gmail.com

ଅଧିକାର କାଢ଼ି ନେଇଥିଲେ । ରିପନ୍ ଏହି ଆଇନଟି ସେଥିରୁ ଦୂରୀଭୂତ କରି ସଂଶୋଧନ କଲେ, ତଦ୍ଦ୍ୱାରା ସମ୍ପାଦକମାନେ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସରକାରଙ୍କ କାର୍ଯ୍ୟମାନ ସମାଲୋଚନା କରିବାର ଅଧିକାର ପୁନଃପ୍ରାପ୍ତ ହେଲେ । ଜନସାଧାରଣଙ୍କ ମଧ୍ୟରେ ଶିକ୍ଷା ପ୍ରଚାର କରିବାପାଇଁ ଏ ଗୋଟିଏ କମିଶନ୍ ନିଯୁକ୍ତ କଲେ ଏବଂ କୃଷି ଓ ଶିଳ୍ପର ଉନ୍ନତି ଉଦ୍ଦେଶ୍ୟରେ ଗୋଟିଏ ବୃହତ୍ ପ୍ରଦର୍ଶନୀ (ମେଳା) ଅନୁଷ୍ଠିତ କଲେ । ଏ ଲୋକାଲ ସେଲ୍ଫ ଗଭର୍ଣ୍ଣମେଣ୍ଟ ଆକ୍ଟ୍ (ସ୍ଥାନୀୟ ସ୍ୱାୟତ୍ତଶାସନ ଆଇନ) ପାସ୍ କରାଇ ଭାରତର ବିଶେଷ ମଙ୍ଗଳ ସାଧନ କଲେ । ଏହି ଆଇନର ବିଧାନମତେ ପ୍ରତି ଜିଲ୍ଲାରେ ଡିଷ୍ଟ୍ରିକ୍ଟ୍ ବୋର୍ଡ୍ ଓ ମିଉନିସିପାଲ ବୋର୍ଡ୍ ନାମରେ ଦୁଇଟି ଲୋକାର୍ଥ ସମିତି ସ୍ଥାପିତ ହେଲା । ଏ ସଙ୍ଘଦ୍ୱୟର ପରିଚାଳନ ଭାର ଦେଶବାସୀମାନଙ୍କ ହସ୍ତରେ ନ୍ୟସ୍ତ ହେଲା । ଏହି ସଙ୍ଘଦ୍ୱୟ ଶିକ୍ଷା, ପଥ ଓ ସ୍ୱାସ୍ଥ୍ୟବିଷୟକ କାର୍ଯ୍ୟାଦି ନିର୍ବାହ କରନ୍ତି । ଏତଦ୍ଭିନ୍ନ ସେ ବେଙ୍ଗଲ ଟେନେନ୍ସି (ଶ୍ରୀଲୁ) ବ୍ରାସ ଓ ଟେନାନ୍ସି ଆକ୍ଟ (ପ୍ରଜାସ୍ୱତ୍ୱ ଆଇନ) ନାମରେ ଗୋଟିଏ ଆଇନ୍ ପାସ୍ କଲେ । ଏତଦ୍ଦ୍ୱାରା ପ୍ରଜାମାନେ ଜମିଦାରଙ୍କ ଅତ୍ୟାଚାରରୁ ଅନେକ ପରିମାଣରେ ନିସ୍ତାର ଲାଭ କଲେ । ଏପର୍ଯ୍ୟନ୍ତ ମହୀଶୂର ରାଜ୍ୟ ଇଂରେଜ ସରକାରଙ୍କଦ୍ୱାରା ଶାସିତ ହୋଇ ଆସୁଥିଲା, କିନ୍ତୁ ଲର୍ଡ଼ ରିପନ୍ ୧୮୮୧ ଖ୍ରୀଷ୍ଟାବ୍ଦରେ ଏ ରାଜ୍ୟକୁ ଯଥାର୍ଥ ଅଧିକାରୀଙ୍କ ହସ୍ତରେ ସମର୍ପଣ କଲେ ।

ପ୍ରଜାସ୍ୱତ୍ୱ ଆଇନ

ଲର୍ଡ୍ ଡଫ୍‌ରିନ୍ ଅଷ୍ଟମ ଭାଇସ୍‌ରୟ୍ ୧୮୮୪-୧୮୮୮—

ଲର୍ଡ଼ ଡଫ୍‌ରିନ୍ ଜଣେ ଚତୁର ରାଜନୀତିଜ୍ଞ ଥିଲେ । ରୁଷ ସେନାମାନେ ମଧ୍ୟଏସିଆରେ କ୍ରମଶଃ ଅଗ୍ରସର ହେଉଥିଲେ । ସେମାନଙ୍କ ରାଜ୍ୟର ସୀମା ଅଫଗାନିସ୍ଥାନର ସୀମାକୁ ଲାଗିଥିବାରୁ ଜନସାଧାରଣଙ୍କ ମନରେ ରୁଷମାନଙ୍କ ଉପରେ ନାନାପ୍ରକାର ସନ୍ଦେହ ଜନ୍ମିଥିଲା । ଲୋକଙ୍କ ମନରୁ ଏବମ୍ଭୂତ ସନ୍ଦେହ ଦୂରୀକରଣାର୍ଥ ଡଫରିନ୍ ଗୋଟିଏ କମିଶନ୍ ନିଯୁକ୍ତ କଲେ । ଏ କମିଶନରେ ଆସନ ପାଇବାପାଇଁ ବଡ଼ ବଡ଼ ଇଂରେଜ, ଅଫଗାନ୍ ଓ ରୁଷ୍ ସଭ୍ୟମାନେ ନିର୍ବାଚିତ ହେଲେ । ରୁଷିଆ ଓ ଅଫଗାନି-

ରୁଷଭୟ

Digitized by srujanika@gmail.com

ସ୍ଥାନର ସୀମା ନିର୍ଦ୍ଦେଶ କରିବାର ଭାର, ଏ କମିଶନଙ୍କ ଉପରେ ନ୍ୟସ୍ତ ହେଲା । ବର୍ଷକ ପରେ କମିଶନ୍ ଯେଉଁ ରିପୋର୍ଟ ଦେଲେ, ତହିଁରେ ରୁଷୀୟ ସଭ୍ୟ ଏକମତ ହେଲେ ନାହିଁ; ପରନ୍ତୁ ସେ ଅଫଗାନିସ୍ଥାନର ସୀମାଭୁକ୍ତ କେତେକ ଅଞ୍ଚଳ ରୁଷୀୟା ପକ୍ଷରୁ ଦାବୀ କରି ତାହା ଆକ୍ରମଣ କଲେ । ବଡ଼ଲାଟ ଦେଶୀୟ ରାଜାମାନଙ୍କ ସାହାଯ୍ୟରେ ତୁରନ୍ତ ବଳେ ସୈନ୍ୟ ସଜ୍ଜିତ କଲେ ଓ ସଙ୍ଗେ ସଙ୍ଗେ ରାୱଲପିଣ୍ଡିଠାରେ ଗୋଟିଏ ବଡ଼ ଦରବାର ଅହ୍ୱାନ କରି ଅମୀର ଅବ୍ଦୁର ରହମାନଙ୍କୁ ସେଠାକୁ ନିମନ୍ତ୍ରଣ କଲେ । ସେଠାରେ ବିଶେଷ ସମାରୋହ ଓ ଆଡ଼ମ୍ବର ସହକାରେ ଅମୀରଙ୍କ ଆଦର ଅଭ୍ୟର୍ଥନା କରାଗଲା । ବର୍ତ୍ତମାନ ସେ ଇଂରେଜମାନଙ୍କର ପୂର୍ବାପେକ୍ଷା ଘନିଷ୍ଠତର ବନ୍ଧୁ ହୋଇ ପଡ଼ିଲେ । ଏହା ଦେଖି ରୁଷୀୟମାନେ ଯୁଦ୍ଧ ବନ୍ଦ କଲେ ଓ କମିଶନଙ୍କ ରାୟକୁ ମାନିନେଲେ ।

ତୃତୀୟ ବ୍ରହ୍ମଯୁଦ୍ଧ—ବ୍ରହ୍ମଦେଶର ରାଜା 'ଥୀବୋ' ଇଂରେଜମାନଙ୍କ ଅପେକ୍ଷା ଫରାସୀମାନଙ୍କ ପ୍ରତି ଅଧିକତର ଅନୁକୂଳ ଥିଲେ । ସେ ଇଂରେଜ ବଣିକ-ମାନଙ୍କୁ ଦୁଃଖ ଦେଉଥିଲେ । ଏଣୁ ଜଣେ ଇଂରେଜ ରେସିଡେଣ୍ଟଙ୍କୁ ନିଜ ରାଜଧାନୀରେ ସ୍ଥାନ ଦେବାପାଇଁ ବଡ଼ଲାଟ ଥୀବୋଙ୍କୁ ପତ୍ର ଦେଲେ । ଥୀବୋ ଏ ପ୍ରସ୍ତାବରେ ଅସମ୍ମତ ହେବାରୁ ୧୮୮୫ ଖ୍ରୀଷ୍ଟାବ୍ଦରେ ତୃତୀୟ ବ୍ରହ୍ମଯୁଦ୍ଧ ଆରମ୍ଭ ହେଲା ଓ ଫଳରେ ଅପର୍ ବର୍ମ୍ମା (ଉତ୍ତର ବ୍ରହ୍ମଦେଶ, ମଧ୍ୟ ଇଂରେଜରାଜ୍ୟ ସାମିଲ କରାଗଲା ଏବଂ ଥୀବୋଙ୍କୁ ଭାରତ ସରକାରଙ୍କଠାରୁ ପେନ୍‌ସନ ଦିଆଯାଇ ରତ୍ନ-ଗିରିରେ ବାସ କରିବାପାଇଁ ପଠାଇ ଦିଆଗଲା ।

ଲର୍ଡ଼ ଡଫ୍‌ରିନ୍‌ଙ୍କ ଶାସନକାଳରେ ଅନେକଗୁଡ଼ିଏ ପ୍ରଜାହିତକର ଆଇନ ବିଧିବଦ୍ଧ ହେଲା । ଏହାଙ୍କ ଶାସନକାଳରେହିଁ ଭାରତୀୟ ଜାତୀୟ ମହାସଭା (ଇଣ୍ଡିଆନ୍ ନେସନାଲ୍ କଙ୍ଗ୍ରେସ୍) ସ୍ଥାପିତ ହେଲା । ୧୮୮୭ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିଆ ଶାସନକାଳର ପଞ୍ଚାଶତ ବର୍ଷ ପୂର୍ଣ୍ଣ ହେବାରୁ ଗୋଲଡେନ ଜୁବିଲି ନାମକ ଗୋଟିଏ ବିରାଟ ଉତ୍ସବ ଅନୁଷ୍ଠିତ ହେଲା । ଏହି ବର୍ଷ ବଡ଼ଲାଟମହିଷୀ ଲେଡ଼ୀ ଡଫ୍‌ରିନ୍ ଭାରତର ସ୍ଥାନେ ସ୍ଥାନେ ଜନାନା ହାସପାତାଳ (ସ୍ତ୍ରୀ ଚିକିତ୍ସାଳୟ)ମାନ ସ୍ଥାପନ କଲେ । ଏଥିରେ ସ୍ତ୍ରୀ ଡାକ୍ତରମାନେ ନିଯୁକ୍ତ ହେଲେ ।

Digitized by srujanika@gmail.com

ଲର୍ଡ଼୍ ଲାନ୍ସ୍‌ଡାଉନ୍—ନବମ ଭାଇସ୍‌ରୟ୍ ୧୮୮୮—୧୮୯୪—

୧୮୯୧ ଖ୍ରୀଷ୍ଟାବ୍ଦରେ ମଣିପୁର ରାଜାଙ୍କ ମନ୍ତ୍ରୀ ଟିକେନ୍ଦ୍ରଜିତ୍ ସିଂହ ଆସାମର ଚିଫ୍ କମିଶନର ଓ ଅନ୍ୟ କେତେକ ଜଣ ଇଂରେଜ କର୍ମଚାରୀଙ୍କୁ ହତ୍ୟା କରି ବିଦ୍ରୋହୀ ହେଲେ । ତେଣୁ ଦଳେ ଇଂରେଜ ସୈନ୍ୟ ମଣିପୁରକୁ ପ୍ରେରିତ ହେଲେ । ସେଠାରେ ରାଜା ବନ୍ଦୀ ହୋଇ ଆଣ୍ଡାମାନ ଦ୍ୱୀପକୁ ପ୍ରେରିତ ହେଲେ ଓ ତଦ୍‌ବଂଶୀୟ ଗୋଟିଏ ବାଳକଙ୍କୁ ସିଂହାସନରେ ଅଧିଷ୍ଠିତ କରାଗଲା ।

ମଣିପୁର

୧୮୯୨ ଖ୍ରୀଷ୍ଟାବ୍ଦରେ ଲାନସ୍‌ଡାଉନ୍ ଇଣ୍ଡିଆ କାଉନ୍‌ସିଲ୍ ଆକ୍ଟ (ଭାରତ ବ୍ୟବସ୍ଥାପକ ସଭା ଆଇନ) ପାସ କରାଇଲେ । ଏହାର ବିଧାନ ଅନୁସାରେ ଲୋକାଲ ବୋର୍ଡ଼ ଓ ଡିଷ୍ଟ୍ରିକ୍ଟ ବୋର୍ଡ଼ ପ୍ରଭୃତିଙ୍କୁ ସରକାରୀ ବ୍ୟବସ୍ଥାପକ ସଭାକୁ ନିଜ ନିଜ ପ୍ରତିନିଧି ପ୍ରେରଣ କରିବାର ଅଧିକାର ଦିଆଗଲା । ଏହି ପ୍ରତିନିଧିମାନଙ୍କୁ କେତେକ ସରକାରୀ ବିଷୟରେ ବାଦାନୁବାଦ କରିବାର ଏବଂ ଅଭିମତ ଦେବାର ଅଧିକାର ଦିଆଗଲା ।

୧୮୯୦ ଖ୍ରୀଷ୍ଟାବ୍ଦରେ ଚୀନ ସହିତ ସନ୍ଧି ହେଲା । ଏତଦନୁସାରେ ସିକିମକୁ ଇଂରେଜଙ୍କ ରକ୍ଷିତ ରାଜ୍ୟ ବୋଲି ଚୀନମାନେ ସ୍ୱୀକାର କଲେ ।

ଚୀନ ସହ ସନ୍ଧି

ଦ୍ୱିତୀୟ ଲର୍ଡ଼ ଏଲ୍‌ଗିନ୍—ଦଶମ ଭାଇସ୍‌ରୟ୍ ୧୮୯୪–୧୮୯୯—

ଏ ଭୂତପୂର୍ବ ରାଜପ୍ରତିନିଧି ଲର୍ଡ଼ ଏଲଗିନ୍‌ଙ୍କର ପୁତ୍ର ଥିଲେ । ଏହାଙ୍କ ଶାସନକାଳ ନାନାପ୍ରକାର ଜଟିଳତା ଓ ଯୁଦ୍ଧରେ ପୂର୍ଣ୍ଣ ଥିଲା । ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ କତିପୟ ପାର୍ବତ୍ୟ ଜାତି ଉପଦ୍ରବ ଆରମ୍ଭ କଲେ । ସେମାନଙ୍କ ସହିତ ଯୁଦ୍ଧ କରିବା କଠିନ ଥିଲା । କାରଣ ସେମାନେ କଦାପି ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହେଉ ନ ଥିଲେ । ସେନାପତି ୱିଲିଅମ୍ ଲକ୍‌ହାର୍ଟ ବହୁ କଷ୍ଟରେ ସେମାନଙ୍କୁ ବଶୀଭୂତ କଲେ ଏବଂ ସମସ୍ତ ପାର୍ବତ୍ୟ ପ୍ରଦେଶକୁ ଇଂରେଜମାନଙ୍କର ଅଧିକାରଭୁକ୍ତ କଲେ ।

ଅନାବୃଷ୍ଟି ହେତୁ ଏହାଙ୍କ ଶାସନକାଳରେ ପ୍ରାୟ ସର୍ବତ୍ର ଦୁର୍ଭିକ୍ଷ ଉପସ୍ଥିତ ହେଲା । ଏହି ଦୁର୍ଭିକ୍ଷର ପ୍ରଭାବ ବିଶେଷ ଭାବରେ ବିହାର ଓ

Digitized by srujanika@gmail.com

ପଶ୍ଚିମୋତ୍ତର ପ୍ରଦେଶରେ ଅନୁଭୂତ ହେଲା । ସରକାର ବହୁତ ପ୍ରକାର ଏଥିର ପ୍ରତିକାରର ବ୍ୟବସ୍ଥା କଲେ, ତଥାପି ବହୁ ବ୍ୟକ୍ତି ମୃତ୍ୟୁମୁଖରେ ପତିତ ହେଲେ । ୧୮୯୭ ଖ୍ରୀଷ୍ଟାବ୍ଦରେ ବୋମ୍ବାଇ ପ୍ରଦେଶରେ ପ୍ଲେଗ୍ ନାମକ ମହାମାରୀର ପ୍ରାଦୁର୍ଭାବ ହେଲା ଓ ଏହି ରୋଗ ତଦବଧି ଭାରତର ସବୁ ଅଞ୍ଚଳରେ ବ୍ୟାପି ଏତଦ୍ଦ୍ୱାରା ଅନେକ ଲୋକ ମରୁଅଛନ୍ତି । ୧୮୯୭ ଖ୍ରୀଷ୍ଟାବ୍ଦରେ ଆସାମ ପ୍ରାନ୍ତରେ ଭୂମିକମ୍ପ ହେଲା । ଏହି ଭୂମିକମ୍ପର ପ୍ରଭାବ ବିହାରରେ ମଧ୍ୟ କେତେକ ପରିମାଣରେ ଅନୁଭୂତ ହୋଇଥିଲା । ଆସାମରେ ଅନେକ ସରକାରୀ କୋଠା ଏବଂ ଗଡ଼ ଓ ରେଳ ଲାଇନ୍ ଧସିଗଲା । ଏତିକି ମାତ୍ର ସୁଖର ବିଷୟ ଯେ, ଏହାଙ୍କ ଶାସନ କାଳରେହିଁ ମହାରାଣୀ ଭିକ୍ଟୋରିଆଙ୍କର ରାଜତ୍ୱକାଳ ୬୦ ବର୍ଷ ଅତିକ୍ରମ କରିବାରୁ ଏତଦୁପଲକ୍ଷେ ସମଗ୍ର ଭାରତରେ "ହୀରକ ଜୁବିଲି" (ଡାଏମଣ୍ଡ ଜୁବିଲି) ମହୋତ୍ସବ ଅନୁଷ୍ଠିତ ହେଲା ଓ ପ୍ରଜାମାନେ ରାଜଭକ୍ତିର ପରାକାଷ୍ଠା ପ୍ରଦର୍ଶନ କଲେ !

ପ୍ଲେଗ୍ ଆରମ୍ଭ

ହୀରକ ଜୁବିଲି

ଲର୍ଡ୍ କର୍ଜନ୍ ଏକାଦଶ ଭାଇସ୍‌ରୟ୍ ୧୮୯୯-୧୯୦୫-ଲର୍ଡ୍ କର୍ଜନ ବିଶେଷ ପରିଶ୍ରମୀ ଭାଇସ୍‌ରୟ ଥିଲେ । ତାହାଙ୍କ ଆଗମନ ପୂର୍ବରୁହିଁ ପଶ୍ଚିମ ଭାରତରେ ଦୁର୍ଭିକ୍ଷ ଦେଖି ଥିଲା । ତେଣୁ ଏହି ଦୁର୍ଭିକ୍ଷର ପ୍ରତିକାର ତାହାଙ୍କର ପ୍ରଥମ ଚିନ୍ତା ହେଲା । ସେ "ପଞ୍ଜାବ ଲାଣ୍ଡ୍ ଏଲିନେସନ୍ ଆକ୍ଟ" (ଭୂମି ହସ୍ତାନ୍ତର ଆଇନ) ବିଧିବଦ୍ଧ କରାଇ ଚାଷୀଙ୍କ ଜମିଗୁଡ଼ିକୁ ମହାଜନମାନଙ୍କ କବଳରୁ ରକ୍ଷା କଲେ ।

ଲର୍ଡ଼ କର୍ଜନ୍

ତିବ୍ବତ୍ ଓ ରୁଷିଆ ମଧ୍ୟରେ ଘନିଷ୍ଠତା ଦିନକୁଦିନ ବଢ଼ୁଥିଲା । ଏହା ଦେଖି ଲର୍ଡ଼ କର୍ଜନ ଦଳେ ସୈନ୍ୟ ପ୍ରେରଣ କରି ତିବ୍ବତୀୟମାନଙ୍କ ସହିତ

Digitized by srujanika@gmail.com

ସନ୍ଧି ସ୍ଥାପନ କଲେ ଓ ଏହିଦ୍ୱାରା ଭାରତରେ ଇଂରେଜଙ୍କର ପ୍ରତିଷ୍ଠା ବୃଦ୍ଧି ପାଇଲା । ତାହାଙ୍କ ଶାସନକାଳରେ ଭାରତେଶ୍ୱରୀ ଶ୍ରୀମତୀ ମହାରାଣୀ ଭିକ୍ଟୋରିଆ ୧୯୦୧ ଖ୍ରୀଷ୍ଟାବ୍ଦ ଜାନୁୟାରି ମାସ ୨୨ ତାରିଖରେ ଇହଲୀଳା ସାଙ୍ଗ କରି ଅମରଧାମକୁ ପ୍ରସ୍ଥାନ କଲେ ।

ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ଼ଙ୍କ ରାଜତ୍ୱକାଳ—ସ୍ୱର୍ଗତା ସମ୍ରାଜ୍ଞୀଙ୍କ ଜ୍ୟେଷ୍ଠ ପୁତ୍ର ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ଼ ସିଂହାସନାରୋହଣ କରି ଭାରତର ସମ୍ରାଟ୍ ଆଖ୍ୟା ଗ୍ରହଣ କଲେ । ସମ୍ରାଟଙ୍କ ଘୋଷଣାପତ୍ର ଜନସାଧାରଣଙ୍କ ଗୋଚର କରିବା ନିମିତ୍ତ ୧୯୦୩ ଖ୍ରୀଷ୍ଟାବ୍ଦ ପହିଲା ଜାନୁୟାରିରେ ଲର୍ଡ଼ କର୍ଜନ୍ ଦିଲ୍ଲୀ ନଗରୀରେ ଗୋଟିଏ ଦରବାର ଆହ୍ୱାନ କଲେ ଓ ସେଥିରେ ପ୍ରଜାମାନଙ୍କ ପ୍ରତି ସମ୍ରାଟଙ୍କର ସ୍ନେହସମ୍ଭାଷଣ ପଠିତ ହେଲା ।

ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ଼

ଶାସନର ସୁବିଧା ପାଇଁ ଲର୍ଡ଼ କର୍ଜନ୍ ଭାରତର କେତେକ ପ୍ରଦେଶର ସୀମା ସମ୍ବନ୍ଧେ କେତେକ ହେରଫେର (ପରିବର୍ତ୍ତନ) କଲେ । ପଞ୍ଜାବ ପ୍ରଦେଶର ପଶ୍ଚିମ ଭାଗରୁ କିୟଦଂଶ ନେଇ ତହିଁରେ ସୀମାନ୍ତ ପ୍ରଦେଶର ପାର୍ବତ୍ୟ ଅଞ୍ଚଳ ମୁକ୍ତ କରି ସେ ଗୋଟିଏ ସ୍ୱତନ୍ତ୍ର ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶର ସୃଷ୍ଟି କଲେ ଏବଂ ଏହି ନୂତନ ଗଠିତ ପ୍ରଦେଶକୁ ଜଣେ ଚିଫ୍ କମିଶନରଙ୍କ ଶାସନାଧୀନ କରାଗଲା । ଉତ୍ତର-ପଶ୍ଚିମ ପ୍ରଦେଶର ନାମ 'ଆଗ୍ରା ଓ ଅଯୋଧ୍ୟାର ସଂଯୁକ୍ତ ପ୍ରଦେଶ' ହେଲା । ଏହିପରି ମଧ୍ୟ ସେ

ବଙ୍ଗଭଙ୍ଗ

ବଙ୍ଗ ପ୍ରଦେଶର ପୂର୍ବାଂଶ ଓ ଆସାମକୁ ମିଶାଇ ବଙ୍ଗ-ପ୍ରଦେଶଠାରୁ ଗୋଟିଏ ସ୍ୱତନ୍ତ୍ର ନୂତନ ପ୍ରଦେଶ ସୃଜନ କଲେ । ଏହି ବଙ୍ଗ-ବିଚ୍ଛେଦ ଫଳରେ ସମଗ୍ର ଭାରତରେ ଅସନ୍ତୋଷର ଲକ୍ଷଣ ପ୍ରକାଶ ପାଇଲା ।

Digitized by srujanika@gmail.com

କର୍ଜନ୍ ଶିକ୍ଷାବିଭାଗ ଓ ବିଶ୍ୱବିଦ୍ୟାଳୟସମୂହରେ ଅନେକ ସମୟୋପଯୋଗୀ ପରିବର୍ତ୍ତନ ବିଧାନ କଲେ ଓ ଶିକ୍ଷା ବିସ୍ତାର ନିମନ୍ତେ ଅଧିକତର ବ୍ୟୟର ବ୍ୟବସ୍ଥା କଲେ । ଏତଦ୍‌ବ୍ୟତୀତ ସେ ଲବଣ ଓ ଆୟକର (ଇନକମ-ଟ୍ୟାକ୍‌ସ)ର କେତେକ ହ୍ରାସ ଓ ପୁରାତନ କୀର୍ତ୍ତିମାନଙ୍କ ରକ୍ଷାର ବ୍ୟବସ୍ଥା କଲେ ।

୧୯୦୫ ଖ୍ରୀଷ୍ଟାବ୍ଦରେ ଲର୍ଡ଼ କର୍ଜନ ଇସ୍ତଫା ଦେଇ ବିଲାତକୁ ଫେରିଗଲେ । ଇତିପୂର୍ବେ ସେ ୧୯୦୪ ଖ୍ରୀଷ୍ଟାବ୍ଦରେ କେତେକ ଦିନ ଛୁଟି ନେଇ ସ୍ୱଦେଶକୁ ଯାଇଥିଲେ ଓ ତାହାଙ୍କ ସ୍ଥାନରେ ମାନ୍ଦ୍ରାଜର ଗଭର୍ଣ୍ଣର ଲର୍ଡ ଆମ୍‌ଥିଲ ଅସ୍ଥାୟୀ ବଡ଼ଲାଟରୂପେ ଭାରତ ଶାସନକର୍ମ ଚଳାଇଥିଲେ ।

ଦ୍ୱିତୀୟ ଲର୍ଡ଼ ମିଣ୍ଟୋ—ଦ୍ୱାଦଶ ଭାଇସରୟ, ୧୯୦୫—୧୯୧୦—ଏ ଭୂତପୂର୍ବ ଗଭର୍ଣ୍ଣର ଜେନେରଲ ଲର୍ଡ ମିଣ୍ଟୋଙ୍କର ବଂଶଧର ଥିଲେ । ଏହାଙ୍କ ଶାସନକାଳରେ ବଙ୍ଗ-ବିଚ୍ଛେଦଜନିତ ଅସନ୍ତୋଷ ବିଶେଷ ବଢ଼ିବାର ଅନୁଭୂତ ହେଲା । ସେହି କାରଣରୁ ବିପ୍ଳବବାଦୀ ସଭା ସମିତି ବିରୁଦ୍ଧରେ ଓ ପ୍ରେସ (ମୁଦ୍ରାଯନ୍ତ୍ର) ମାନଙ୍କ ପ୍ରତି କଡ଼ା ରଖିବାପାଇଁ ଆଇନ ପାସ ହେଲା । ଏହାଙ୍କ ସମୟରେ କେତୋଟି ଶାସନସଂସ୍କାର ପ୍ରବର୍ତ୍ତିତ ହେଲା । ଷ୍ଟେଟ ସେକ୍ରେଟେରି (ଭାରତସଚିବ) ଲର୍ଡ ମର୍ଲି ସାହେବଙ୍କ ସହିତ ମିଳି ସେ ମର୍ଲି-ମିଣ୍ଟୋ ଶାସନ ସଂସ୍କାର ନାମକ ଏକ ଯୋଜନା ପାର୍ଲିଆମେଣ୍ଟରେ ପାସ କରାଇଲେ ।

ଲର୍ଡ ମିଣ୍ଟୋ

ମର୍ଲିମିଣ୍ଟୋଙ୍କ ସୁବ୍ୟବସ୍ଥା

ଏତଦନୁସାରେ କେନ୍ଦ୍ରୀୟ ଓ ପ୍ରାଦେଶିକ ବ୍ୟବସ୍ଥାପକ ସଭା-ସମୂହରେ ବେସରକାରୀ ସଦସ୍ୟଙ୍କ ସଂଖ୍ୟା ବଢ଼ାଇ ଦିଆଗଲା ଓ ବିଲାତରେ ଭାରତ ସଚିବଙ୍କ ସଭାରେ ଦୁଇ ଜଣ ଭାରତୀୟ ସଦସ୍ୟଙ୍କ ସ୍ଥାନ ଦିଆଯିବାର ବ୍ୟବସ୍ଥା ହେଲା । ବଙ୍ଗ, ବୋମ୍ବାଇ ଓ ମାନ୍ଦ୍ରାଜ ପ୍ରଦେଶରେ

Digitized by srujanika@gmail.com

ଗୋଟିଏ ଲେଖାଏଁ ଶାସନସଭା ପ୍ରତିଷ୍ଠିତ ହେଲା ଓ ତହିଁରେ ଜଣେ ଜଣେ ଭାରତୀୟଙ୍କୁ ସଦସ୍ୟ ଗ୍ରହଣ କରାଗଲା । ଏହିପରି ଭାରତବାସୀଗଣ ପୂର୍ବ ଅପେକ୍ଷା ରାଜ୍ୟଶାସନ ସମ୍ପର୍କରେ ଅଧିକତର ଅଧିକାର ଲାଭ କଲେ । ଏହାଙ୍କ ଶାସନକାଳରେ ତଦାନୀନ୍ତନ ପ୍ରିନ୍ସ ଅଫ୍ ୱେଲ୍ସ (ଆମ୍ଭମାନଙ୍କର ସ୍ୱର୍ଗୀୟ ସମ୍ରାଟ୍ ପଞ୍ଚମ ଜର୍ଜ) ଭାରତବର୍ଷରେ ପଦାର୍ପଣ କରିଥିଲେ । ଏହାଙ୍କ ସମୟରେ କାଶୀ ନରେଶଙ୍କୁ କରଦରାଜା ଶ୍ରେଣୀଭୁକ୍ତ କରାଗଲା ।

୧୯୧୦ ଖ୍ରୀଷ୍ଟାବ୍ଦ ମେ ମାସ ୬ ତାରିଖରେ ୯ ବର୍ଷ ରାଜତ୍ୱ କଲା ପରେ ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ୍ ସ୍ୱର୍ଗଧାମକୁ ପ୍ରୟାଣ କଲେ ଓ ତାହାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀମାନ୍ ପଞ୍ଚମ ଜର୍ଜ୍ ସିଂହାସନାଧିରୂଢ଼ ହେଲେ ।

ସମ୍ରାଟ୍ ପଞ୍ଚମ ଜର୍ଜଙ୍କ ରାଜତ୍ୱକାଳ

ଲର୍ଡ୍ ହାର୍ଡିଞ୍ଜ୍ — ତ୍ରୟୋଦଶ ଭାଇସରୟ୍ ୧୯୧୦

ସମ୍ରାଟ ପଞ୍ଚମ ଜର୍ଜ୍

୧୯୧୬—ସମ୍ରାଟ୍ ପଞ୍ଚମ ଜର୍ଜଙ୍କ ରାଜ୍ୟାଭିଷେକ ନିମନ୍ତେ ଲର୍ଡ୍ ହାର୍ଡିଞ୍ଜଙ୍କ ଶାସନକାଳ ସୁପ୍ରସିଦ୍ଧ । ଏ ପର୍ଯ୍ୟନ୍ତ କୌଣସି ଇଂରେଜ ସମ୍ରାଟଙ୍କ ଅଭିଷେକ କିମ୍ବା ଏ ଦେଶରେ ସମାହୃତ ହୋଇ ନ ଥିଲା । ସମ୍ରାଟ ପଞ୍ଚମ ଜର୍ଜ ପିତାଙ୍କ ମୃତ୍ୟୁ ପରେ ଯଦିଚ ଇଂଲଣ୍ଡ ରାଜସିଂହାସନରେ ଉପବେଶନ କରିଥିଲେ, ତଥାପି ସେ ସ୍ୱୀୟ ଧର୍ମପତ୍ନୀ ସମ୍ରାଜ୍ଞୀ ମେରୀଙ୍କୁ ସଙ୍ଗରେ ନେଇ ଭାରତକୁ ଆସିଲେ ଏବଂ ୧୯୧୧ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସ ୧୨ ତାରିଖ ଦିନ ଅପୂର୍ବ ସମାରୋହ ସହକାରେ ଦିଲ୍ଲୀଠାରେ ଗୋଟିଏ ଦରବାର କଲେ । ଏହି ଦରବାରରେ ସେ ସ୍ୱୀୟ ଘୋଷଣାପତ୍ର ସ୍ୱୟଂ

Digitized by srujanika@gmail.com

ଦିଲ୍ଲୀ ଦରବାର

ପାଠ କରି ସମବେତ ଜନମଣ୍ଡଳୀ ଓ ରାଜନ୍ୟବର୍ଗଙ୍କୁ ଶୁଣାଇଲେ। ଏହି ଘୋଷଣା ଅନୁସାରେ ବଙ୍ଗଳା ପୂର୍ବ ଓ ପଶ୍ଚିମ ବଙ୍ଗ ଏକୀଭୂତ ହେଲା, ତେଣୁ ବଙ୍ଗଭଙ୍ଗଜନିତ ଅସନ୍ତୋଷ ପ୍ରଜାମାନଙ୍କ ମନରୁ ଦୂରୀଭୂତ ହେଲା। ଆସାମ ପ୍ରଦେଶର ଶାସନଭାର ଜଣେ ଚିଫ୍ କମିଶନରଙ୍କ ହସ୍ତରେ ନ୍ୟସ୍ତ ହେଲା। ବିହାର ଓଡ଼ିଶା ସହିତ ସଂଯୁକ୍ତ ହୋଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା। ନୂତନ ପ୍ରଦେଶ ଗଠନ ଫଳରେ ସମ୍ବଲପୁର ଓ ତତ୍ସନ୍ନିହିତ କେତେକ ଗଡ଼ଜାତ ଓଡ଼ିଶା ଅନ୍ତର୍ଭୁକ୍ତ ହେଲା। ଭାରତବର୍ଷର ରାଜଧାନୀ କଲିକତାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ ହେଲା ଏବଂ ଶିକ୍ଷା ବିଭାଗକୁ ସରକାରଙ୍କର ବାର୍ଷିକ ୫୦ ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା ହେଲା। ଏହି ବ୍ୟବସ୍ଥା ଯୋଗୁଁ ଭାରତବାସୀ ଅତ୍ୟନ୍ତ ପ୍ରସନ୍ନ ହେଲେ। ତଦନନ୍ତର ରାଜରାଜେଶ୍ୱର ଭିନ୍ନ ଭିନ୍ନ ଅଞ୍ଚଳରେ କେତେକ ମାସ ପର୍ଯ୍ୟଟନ କରି ଅବଶେଷରେ ବିଲାତକୁ ବାହୁଡ଼ା ବିଜେ କଲେ।

ଲର୍ଡ ହାର୍ଡିଞ୍ଜ

ସମ୍ରାଟଙ୍କ ଘୋଷଣାପତ୍ର

ଲର୍ଡ ହାର୍ଡିଞ୍ଜଙ୍କ ଶାସନକାଳରେ ଶିକ୍ଷା ପ୍ରଚାର, ସରକାରୀ ଚାକିରି, ସୈନ୍ୟସମ୍ବନ୍ଧୀୟ ବ୍ୟୟ, ସମବାୟ ସମିତି, ଶିଳ୍ପ, ବାଣିଜ୍ୟ ଇତ୍ୟାଦି ବିଭାଗରେ ନାନାପ୍ରକାର ସଂସ୍କାର କାର୍ଯ୍ୟମାନ ଆରମ୍ଭ ହେଲା। ଏହି ସଂସ୍କାରମାନ ପରୀକ୍ଷା କରିବାପାଇଁ ପବ୍ଲିକ୍ ସର୍ଭିସ୍ କମିଶନ ଓ ଇଣ୍ଡଷ୍ଟ୍ରିଆଲ୍ କମିଶନ ନାମରେ ଦୁଇଟି ସମିତି ଗଠିତ ହୋଇଥିଲା। ୧୯୧୪ ଖ୍ରୀଷ୍ଟାବ୍ଦରେ ଇଉରୋପୀୟ ମହାଯୁଦ୍ଧ ଲାଗିଲା। ଏହି ଯୁଦ୍ଧରେ ବ୍ରିଟିଶ୍ ସରକାର ଜର୍ମାନୀ ଓ ରୁଷିୟା ବିରୋଧରେ ଫ୍ରାନ୍ସ ଓ ବେଲଜିୟମର ପକ୍ଷ ଗ୍ରହଣ କଲେ। ଏହି ଯୁଦ୍ଧରେ ପ୍ରାୟ ଏଗାର ଲକ୍ଷ ସୈନ୍ୟ ଓ ଦେଢ଼ ଶହ କୋଟି ମୁଦ୍ରା ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟଙ୍କ ସହାୟତାପାଇଁ ଭାରତରୁ ପ୍ରେରିତ

ଇଉରୋପୀୟ ମହାସମର

Digitized by srujanika@gmail.com

ହୋଇଥିଲା । ଦେଶୀୟ ରାଜନ୍ୟବୃନ୍ଦ ଯୁଦ୍ଧ ସାହାଯ୍ୟାର୍ଥ ଧନ ଓ ଜନ ଯୋଗାଇବା ବିଷୟରେ ସମଧିକ ଉତ୍ସାହ ପ୍ରଦର୍ଶନ କଲେ । ରାଜନ୍ୟମଣ୍ଡଳୀରୁ କେହି କେହି ଯୁଦ୍ଧ କରିବାପାଇଁ ସ୍ୱୟଂ ୟୁରୋପର ଯୁଦ୍ଧକ୍ଷେତ୍ରକୁ ଗମନ କଲେ । ଭାରତୀୟ ସିପାହୀବୃନ୍ଦ ଫ୍ରାନ୍‌ସ, ମେସୋପୋଟାମିଆଁ ଏବଂ ପାଲେଷ୍ଟାଇନ୍‌ ଇତ୍ୟାଦି ଅଞ୍ଚଳର ଯୁଦ୍ଧକ୍ଷେତ୍ରମାନଙ୍କରେ ବିଶେଷ ଶୌର୍ଯ୍ୟ ପ୍ରଦର୍ଶନ କରି ସମଧିକ ପ୍ରଶଂସା ଲାଭ କଲେ ।

ଲର୍ଡ ହାର୍ଡିଞ୍ଜ୍ ପାଟଣାରେ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ସ୍ଥାପନ କରି ବିହାର ପ୍ରାନ୍ତର ପ୍ରଭୂତ ଉପକାର ସାଧନ କଲେ ଓ କାଶୀରେ ହିନ୍ଦୁ ବିଶ୍ୱବିଦ୍ୟାଳୟର ଭିତ୍ତି ପକାଇଲେ । ଏ ୧୯୧୬ ଖ୍ରୀଷ୍ଟାବ୍ଦରେ ବିଲାତ ପ୍ରତ୍ୟାଗମନ କଲେ ।

ଲର୍ଡ ଚେମସ୍‌ଫୋର୍ଡ— ଚତୁର୍ଦ୍ଦଶ ଭାଇସ୍‌ରୟ୍ ୧୯୧୬—୧୯୨୧ ଇଉରୋପୀୟ ମହାଯୁଦ୍ଧର ଅବସାନ, ଇଣ୍ଡିଆ ଆକ୍ଟ ଅଧିନ୍ ପାସ୍ ହେବା ଓ ପ୍ରଜାମାନଙ୍କ ମଧ୍ୟରେ ବିଶୃଙ୍ଖଳାର ଲକ୍ଷଣ ପ୍ରକାଶ ଚେମ୍‌ସଫୋର୍ଡଙ୍କ ଶାସନର ପ୍ରଧାନ ଘଟନା ଅଟେ ।

ଲର୍ଡ କର୍ଜନଙ୍କ ସମୟରେ ଭାରତବର୍ଷରେ ଯେଉଁ କଂଗ୍ରେସ (ଜାତୀୟ ମହାସଭା) ଗଠିତ ହୋଇଥିଲା, ତାହାର ପ୍ରଭାବରେ ଜନସାଧାରଣଙ୍କ ମଧ୍ୟରେ ଉତ୍ତରୋତ୍ତର ରାଜନୀତିକ ଜାଗରଣ ହେଲା ଏବଂ ପ୍ରଜାମାନେ ଶାସନ ପ୍ରଣାଳୀରେ ଅଧିକତର ଅଧିକାର ଦାବି କରିବାକୁ ଲାଗିଲେ । ୧୯୧୭ ଖ୍ରୀଷ୍ଟାବ୍ଦରେ ଇଉରୋପୀୟ ମହାସମର ଯେତେବେଳେ ଘନୀଭୂତ ହେଲା, ସେତେବେଳେ ଭାରତ ସଚିବ ମଣ୍ଟେଗୁ ସାହେବ ବିଲାତ ପାର୍ଲିଆମେଣ୍ଟରେ ଘୋଷଣା କଲେ ଯେ, ଭାରତରେ ଧୀରେ ଧୀରେ ଦାୟିତ୍ୱପୂର୍ଣ୍ଣ ଶାସନ ସ୍ଥାପିତ କରିବା ଇଂରେଜ ଶାସନର ଉଦ୍ଦେଶ୍ୟ ଅଟେ । ଏହାର ପରବର୍ଷ ସେ ସ୍ୱୟଂ ଭାରତରେ ପଦାର୍ପଣ କଲେ ଏବଂ ବଡ଼ଲାଟଙ୍କ ସହିତ ଗୋଟିଏ ଶାସନ ସଂସ୍କାରର

ମଣ୍ଟେଗୁ ଚେମସ୍‌ଫୋର୍ଡ ରିପୋର୍ଟ

ଯୋଜନା ପ୍ରକାଶ କଲେ । ୧୯୧୮ ଖ୍ରୀଷ୍ଟାବ୍ଦରେ ଇଉରୋପୀୟ ମହାସମରର ଅବସାନ ହେଲା ଓ ଯୁଦ୍ଧ କରୁଥିବା ଜାତିମାନଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହେଲା । ଭାରତବର୍ଷରେ ମଧ୍ୟ ଏହି ଉପଲକ୍ଷରେ ଉତ୍ସବ ଅନୁଷ୍ଠିତ ହେଲା । ଫଳରେ

Digitized by srujanika@gmail.com

୧୯୧୯ ଖ୍ରୀଷ୍ଟାବ୍ଦରେ ଇଣ୍ଡିଆ ଆକ୍ଟ ନାମରେ ପୂର୍ବୋକ୍ତ ସଂସ୍କାର ଆଇନ ପାସ୍ ହେଲା । ଏତଦ୍ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଶାସନର ଭିତ୍ତି ସ୍ଥାପିତ ଓ ପ୍ରଜାବର୍ଗଙ୍କୁ ଶାସନ ସମ୍ବନ୍ଧେ କେତେକ ଅଧିକ ଅଧିକାର ପ୍ରଦତ୍ତ ହେଲା । ଏତଦ୍ଦ୍ୱାରା କେନ୍ଦ୍ରସଭା (ଅସେମ୍ବ୍ଲୀ) ଓ ପ୍ରାଦେଶିକ ସଭା (କାଉନ୍‌ସିଲ୍) ମାନଙ୍କରେ ବେସରକାରୀ ସଭ୍ୟମାନଙ୍କ ସଂଖ୍ୟା ବଢ଼ାଇ ଦିଆଗଲା । ପ୍ରାଦେଶିକ ଶାସନ ଦୁଇ ଭାଗରେ ବଣ୍ଟାଗଲା । ଏଥିର ଏକ ଭାଗ ଅର୍ଥାତ୍ ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାନୀୟ ସ୍ୱାୟତ୍ତଶାସନ ବିଭାଗ ଭାରତୀୟ ମନ୍ତ୍ରୀମାନେ ପରିଚାଳନ କଲେ । ଲୋକଙ୍କଦ୍ୱାରା ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରୁ ଗଭର୍ଣ୍ଣର ଜଣକୁ ମନ୍ତ୍ରୀ ବାଛନ୍ତି । ମହାଯୁଦ୍ଧ ଶେଷରେ ଭାରତ ରକ୍ଷା ଆଇନ୍ ପାଶ ହେଉ ହେଉ 'ରାଓଲାଟ୍ ଅକ୍ଟ' ନାମରେ ଗୋଟିଏ ଆଇନ୍ ଜାରି ହେଲା । ଏଥିରେ ଚରମପନ୍ଥୀଦଳ ଅସନ୍ତୁଷ୍ଟ ହେଲେ ଓ ଦେଶରେ ଅଶାନ୍ତି ବଢ଼ିବାକୁ ଲାଗିଲା । ଏହି ଭାଇସରୟଙ୍କ ସମୟରେ ଲର୍ଡ ସିଂହ ବିଲାତରେ ସହକାରୀ ଭାରତସଚିବ ହେଲେ ଓ ଯୁଦ୍ଧ ସମିତିର ଓ ବିଶ୍ୱଶାନ୍ତିପରିଷଦର ସଦସ୍ୟ ନିର୍ବାଚିତ ହେଲେ ଓ ବିହାର ପ୍ରଦେଶର ପ୍ରଥମ ଭାରତୀୟ ଗଭର୍ଣ୍ଣର ହେଲେ ।

ଚତୁର୍ଥ ଆଫଗାନ୍ ଯୁଦ୍ଧ—କାବୁଲର ଅମୀର ହବିବୁଲ୍ଲା ଖାଁ ମୃତ ହେଲେ ଓ କେତେଗୋଟି କ୍ଷୁଦ୍ର କ୍ଷୁଦ୍ର ଯୁଦ୍ଧ ପରେ ତାହାଙ୍କ କନିଷ୍ଠପୁତ୍ର ଅମାନୁଲ୍ଲା ଖାଁ ଅମୀର ହେଲେ । ସେ ଏହି ଅଶାନ୍ତି ସମୟରେ ଭାରତ ଆକ୍ରମଣ କଲେ । ଏଣେ ଭାରତ ସରକାର ମଧ୍ୟ ଅମୀର ସୈନ୍ୟଙ୍କୁ ଭେଟିବାକୁ ସୈନ୍ୟ ପଠାଇଲେ । ଅବଶେଷରେ ୧୯୨୧ ଖ୍ରୀଷ୍ଟାବ୍ଦରେ ଉଭୟ ପକ୍ଷ ମଧ୍ୟରେ ସନ୍ଧି ହେଲା । ଏଥିର ଫଳରେ ଅମୀର ସମ୍ପୂର୍ଣ୍ଣରୂପେ ସ୍ୱାଧୀନ ହେଲେ ଓ ଇଂରେଜ ଗଭର୍ଣ୍ଣମେଣ୍ଟ ତାହାଙ୍କୁ ପୂର୍ବରୁ ଦେଇ ଆସୁଥିବା ବାର୍ଷିକ ବୃତ୍ତି ବନ୍ଦ କରିଦେଲେ ।

ଲର୍ଡ ରେଡିଂ—ପଞ୍ଚଦଶ ଭାଇସରୟ, ୧୯୨୧-୧୯୨୬—

ଏହାଙ୍କ ସମୟରେ ସମ୍ରାଟଙ୍କ ଜ୍ୟେଷ୍ଠପୁତ୍ର ପ୍ରିନ୍‌ସ ଅଫ୍ ୱେଲ୍‌ସ୍ ଭାରତକୁ ଆସିଥିଲେ । ପାଟଣାରେ ଏହାଙ୍କର ଖୁବ୍ ସମ୍ବର୍ଦ୍ଧନା ହେଲା ଓ ଏ କେତେକ ଛାତ୍ରମାନଙ୍କ ସଙ୍ଗେ କଥାବାର୍ତ୍ତା ମଧ୍ୟ କଲେ ।

Digitized by srujanika@gmail.com

ରାଓଲାଟ୍ ଆଇନ ଜାରି ହେବା ପରେ ଦେଶରେ ଅଶାନ୍ତି ବଢ଼ିବାକୁ ଲାଗିଥିଲା । ଲର୍ଡ଼୍ ରେଡ଼ିଙ୍ଗ୍ ବିଚକ୍ଷଣତାର ସହିତ ଅଶାନ୍ତିକୁ ଦମନ କଲେ ।

ଲର୍ଡ଼୍ ରେଡ଼ିଙ୍ଗ୍

ସରକାରୀ ଅଯଥା ବ୍ୟୟର ହ୍ରାସ, ଭାରତବାସୀଙ୍କ ମଧ୍ୟରେ ସାମରିକ ଶିକ୍ଷାର ପ୍ରସାର ଓ ଭାରତବାସୀମାନେ ଉଚ୍ଚ ରାଜ-ପଦରେ ନିଯୁକ୍ତ ହେବାର ପଥ ପୂର୍ବାପେକ୍ଷା ଅଧିକତର ସୁଗମ କରିବା ଇତ୍ୟାଦି ବିଷୟ ଆଲୋଚନା କରିବା ନିମିତ୍ତ ସେ ଅନେକଗୁଡ଼ିଏ କମିଶନ୍ ନିଯୁକ୍ତ କଲେ । କେତେଦୂର ପର୍ଯ୍ୟନ୍ତ ଭାରତବର୍ଷକୁ ଦାୟିତ୍ୱ-ପୂର୍ଣ୍ଣ ଅର୍ଥାତ୍ ସ୍ୱାୟତ୍ତଶାସନ ଦିଆଯାଇ ପାରିବ ଏହା ଆଲୋଚନା କରିବା ନିମିତ୍ତ ଆଉ ଗୋଟିଏ କମିଶନ ମଧ୍ୟ ନିଯୁକ୍ତ ହେଲା । ଏହାଙ୍କ ଶାସନକାଳରେ ଲବଣଶୁଳ୍କ ଓ ଡାକ ମାସୁଲ ବେଶି ହେଲା । ଡେରାଡୂନ ଠାରେ ଗୋଟିଏ ମିଲିଟାରି କଲେଜ୍ (ସୈନିକ ଶିକ୍ଷାଳୟ) ସ୍ଥାପିତ ହେଲା । ଏହାଙ୍କ ଅମଳରେ ଭାରତରେ ତିଆରି ସୂତା ଲୁଗା ଉପରୁ ଶୁଳ୍କ ଉଠାଇ ଦିଆଗଲା ଓ ଏତଦ୍ୱାରା ଦେଶୀ ଲୁଗାର କାରଖାନାମାନଙ୍କର ଉନ୍ନତି ହେଲା ।

ଲର୍ଡ଼୍ ଆରଉଇନ୍ ଷୋଡ଼ଶ ଭାଇସରୟ୍ ୧୯୨୬-୧୯୩୧

ଏହାଙ୍କ ଆସିବାର ଅଳ୍ପଦିନେ କଲିକତାରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଝଗଡ଼ା ଲାଗିଲା । ଏହି ଝଗଡ଼ାର ପ୍ରଭାବ ସମଗ୍ର ଭାରତକୁ ସ୍ପର୍ଶ କଲା ଏବଂ କେତେସ୍ଥାନରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଭୟଙ୍କର ଦଙ୍ଗା ହେଙ୍ଗାମା

Digitized by srujanika@gmail.com

ହେଲା । ପରିଶେଷରେ ଏ ବିବାଦ ଅପୋସରେ ମେଣ୍ଟିଗଲା ଓ ହିନ୍ଦୁ ମୁସଲମାନମାନେ ପରସ୍ପର ସଙ୍ଗେ ମିଳି ମିଶି ଚଳିବାକୁ ଲାଗିଲେ ।

ଲର୍ଡ ଅରୱିନ୍ କୃଷିବିଷୟକ ସଂସ୍କାରର ବିଶେଷ ପକ୍ଷପାତୀ ଥିଲେ । କାରଣ ଏ ବିଲାତରେ କେତେକ ବର୍ଷ ଏହି ବିଭାଗରେହିଁ କାର୍ଯ୍ୟ କରିଥିଲେ । ଏ ଭାରତରେ କୃଷିର ସଂସ୍କାର ନିମିତ୍ତ ଗୋଟିଏ କମିଶନ୍ ନିଯୁକ୍ତ କଲେ ।

ଲର୍ଡ ଅରୱିନ୍

ପୂର୍ବୋକ୍ତ ଇଣ୍ଡିଆ ଆକ୍ଟରେ ପ୍ରତି ଦଶବର୍ଷ ଅନ୍ତରରେ ଦେଶର ଅବସ୍ଥା ତଦନ୍ତ କରାଯାଇ ଭାରତୀୟମାନଙ୍କୁ କ୍ରମଶଃ ଅଧିକତର ଶାସନ ଅଧିକାର ଦିଆଯିବାର ବ୍ୟବସ୍ଥା କରାଯାଇଅଛି । ଏହି ତଦନ୍ତ ଉଦ୍ଦେଶ୍ୟରେ ବିଲାତର ପାର୍ଲିଆମେଣ୍ଟ ବିଲାତର ସର୍ ସାଇମନ୍ ସାହେବଙ୍କ ସଭାପତିତ୍ୱରେ ସର୍ବସମେତ ୭ଜଣ ଇଂରେଜ ସଦସ୍ୟ ଗଠିତ କମିଶନଙ୍କୁ ଭାରତକୁ ପ୍ରେରଣ କଲେ । ଏହି ସମିତି ସାଇମନ୍ କମିଶନ ନାମରେ ପରିଚିତ । କମିଶନ୍ ଭାରତର ନାନା ଅଞ୍ଚଳ ଭ୍ରମଣ କରି ସାକ୍ଷ୍ୟ ନେଲେ ଓ ରିପୋର୍ଟ ଦେଲେ । କେତେଦିନ ପୂର୍ବେ ଭାରତୀୟ ସର୍ବଦଳର ନେତୃବୃନ୍ଦ ପଣ୍ଡିତ ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଗଠିତ ସମିତିରେ ବହୁ ଆଲୋଚନା ପରେ 'ନେହେରୁ ରିପୋର୍ଟ' ନାମରେ ଗୋଟିଏ ରିପୋର୍ଟ ଦେଶବାସୀଙ୍କଠାରେ ପେଶ୍ କଲେ । ଭାରତର ଭାବୀ ଶାସନପଦ୍ଧତିର ବିଚାର ପାଇଁ ବିଲାତ ପାର୍ଲିଆମେଣ୍ଟରେ ବିଲାତର ସର୍ବଦଳର ନେତୃବୃନ୍ଦ ଗୋଟିଏ ଗୋଲଟେବୁଲ ବୈଠକ (ରାଉଣ୍ଡ ଟେବଲ୍ କନଫରେନ୍ସ) ବସାଇ ସେଥିକୁ ବିଲାତର ଓ ଭାରତର ସର୍ବଦଳର ପ୍ରତିନିଧିଙ୍କୁ ଓ ଭାରତୀୟ ରାଜନ୍ୟବର୍ଗଙ୍କୁ ନିମନ୍ତ୍ରଣ କଲେ । ଲର୍ଡ ଅରୱିନଙ୍କ

ସାଇମନ୍ କମିଶନ୍

ଗୋଲଟେବୁଲ୍ ବୈଠକ

Digitized by srujanika@gmail.com

ସମୟରେ ଦକ୍ଷିଣ ଅଫ୍ରିକାବାସୀ ଭାରତୀୟମାନେ ସେଠାରେ ବହୁକାଳରୁ ଭୋଗ କରୁଥିବା ଦୁରବସ୍ଥା କମିଲା ଓ ଅଫ୍ରିକା ସରକାର ଏବଂ ଭାରତ ସରକାରଙ୍କ ମଧ୍ୟରେ ଘନିଷ୍ଠତା ହେଲା । ଏହାଙ୍କ ସମୟରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଉଡ଼ାଜାହାଜଦ୍ୱାରା ଡାକ ଓ କେତେ କେତେ ଯାତ୍ରୀ ମଧ୍ୟ ଯିବା ଆସିବା କରୁଅଛନ୍ତି ।

ଉଡ଼ାଜାହାଜ ଯୋଗେ ଡାକ

ଲର୍ଡ଼ ଅରୱିନଙ୍କ ଶାସନକାଳ ନ ପୂରୁଣୁ ସେ କେତେକ ଦିନ ଛୁଟି ନେଇ ବିଲାତ ଯାଇଥିଲେ ଏବଂ ତାଙ୍କ ଅନୁପସ୍ଥିତ କାଳରେ ଲର୍ଡ଼ ଗୋସେନ କିଛୁଦିନ ବଡ଼ଲାଟଙ୍କ କାର୍ଯ୍ୟ କରିଥିଲେ ।

ଲର୍ଡ଼ ୱିଲିଙ୍ଗଡନ-ସପ୍ତଦଶ ଭାଇସ୍‌ରୟ୍ ୧୯୩୧ଠାରୁ—

ଲର୍ଡ଼ ୱିଲିଙ୍ଗଡନ୍ ୧୯୩୧ ଖ୍ରୀଷ୍ଟାବ୍ଦରେ ଭାରତର ବଡ଼ଲାଟ ହୋଇ ଆସିଲେ । ସେ ପୂର୍ବେ ମାନ୍ଦ୍ରାଜ ଓ ବୋମ୍ବାଇରେ ୫ ବର୍ଷ ଲେଖାଏଁ ଲାଟ ହୋଇଥିଲେ । ଏ ମହାଶୟ ଭାରତର ଅବସ୍ଥା ବିଷୟରେ ଖୁବ୍ ଅଭିଜ୍ଞ । ଏହାଙ୍କ ଅମଳରେ ଲଣ୍ଡନରେ ଦ୍ୱିତୀୟ ଗୋଲ୍ ଟେବଲ୍ ବୈଠକ ବସିଲା । ଏ ବୈଠକରେ ଗାନ୍ଧିଜୀ ମଧ୍ୟ ଯୋଗ ଦେଇଥିଲେ । ଏହାଙ୍କ ଅମଳରେ ସିନ୍ଧୁନଦରେ ସକ୍କର ବନ୍ଧ (ଆନିକଟ୍) ଉଦ୍‌ଘାଟିତ ହେଲା ଏବଂ ତଦ୍ୱାରା ସ୍ଥାନୀୟ ଲୋକଙ୍କର କୃଷି ସମ୍ବନ୍ଧୀୟ ଅନେକ ଅସୁବିଧା ଦୂର ହୋଇଗଲା । ଶୀଘ୍ର ଭାରତବାସୀଙ୍କୁ ଯଥାସମ୍ଭବ ଶାସନ ବିଷୟରେ ପୂର୍ଣ୍ଣ ଅଧିକାର ମିଳିବ ଏଥିନିମନ୍ତେ ଆମ୍ଭମାନଙ୍କ ଭାଇସ୍‌ରୟ୍ ସର୍ବଦା ଚିନ୍ତା କରୁଅଛନ୍ତି ।

ସକ୍କର ବନ୍ଧ

ଏହାଙ୍କ ଉଦ୍ୟମରେ ଗୋଟିଏ ସମିତିଙ୍କର ଏହା ବିଚାରାଧୀନ ଅଛି ଯେ, କାଉନ୍‌ସିଲର ସଦସ୍ୟମାନଙ୍କୁ ନିର୍ବାଚନ କରିବାପାଇଁ କିପରି ସାଧାରଣ ଭାରତବାସୀମାନେ ଭୋଟ୍ ଦେଇ ପାରିବେ । ଆଶା ହେଉଅଛି ଯେ, ଏହାଙ୍କ ଶାସନକାଳରେ ଭାରତବାସୀମାନଙ୍କୁ ସ୍ୱାୟତ୍ତଶାସନ ମିଳିବାର ଆଇନ ବିଲାତ ପାର୍ଲିଆମେଣ୍ଟରେ ପାଶ୍ ହୋଇଅଛି ।

Digitized by srujanika@gmail.com

ଏତଦ୍ଦ୍ୱାରା ଭାରତୀୟ ପୁରୁଷମାନଙ୍କର ଭୋଟ୍ ଦେବା ଅଧିକାର ବଢ଼ିଅଛି ଓ ସ୍ତ୍ରୀମାନେ ଭୋଟ୍ ଦେବା ଅଧିକାର ପାଇଅଛନ୍ତି । ୧୯୩୫ ସାଲରେ ଭାରତ ସମ୍ରାଟଙ୍କ ରାଜତ୍ୱର ୨୫ ବର୍ଷ ପୂର୍ଣ୍ଣ ହେବାରୁ ଭାରତ ସାମ୍ରାଜ୍ୟରେ ଓ ଦେଶୀୟ ରାଜ୍ୟମାନଙ୍କରେ ରଜତଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ଏହି ଉତ୍ସବ ଉପଲକ୍ଷରେ ସଂଗୃହୀତ ଧନ ଦୁଃଖୀ ଓ ରୋଗୀମାନଙ୍କ ସେବା ନିମନ୍ତେ ସ୍ଥାୟୀ ଅନୁଷ୍ଠାନମାନଙ୍କରେ ବ୍ୟୟ କରାଗଲା ।

୧୯୩୪ ଖ୍ରୀଷ୍ଟାବ୍ଦରେ ବିହାର ପ୍ରଦେଶରେ ଭୟଙ୍କର ଭୂମିକମ୍ପ ଓ ୧୯୩୫ ଖ୍ରୀ:ରେ ପଶ୍ଚିମ ଭାରତର କ୍ୱେଟା ଅଞ୍ଚଳରେ ଭୟଙ୍କର ଭୂମିକମ୍ପଦ୍ୱାରା ବହୁସହସ୍ର ଲୋକ ଜୀବନ ହରାଇଲେ ଓ ବହୁ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହେଲା ।

୧୯୩୬ ଖ୍ରୀଷ୍ଟାବ୍ଦରେ ଜାନୁଆରି ୨୦ ତାରିଖରେ ଭାରତ ସମ୍ରାଟ ପଞ୍ଚମ ଜର୍ଜ ଇହଧାମ ତ୍ୟାଗ କଲେ ଓ ବର୍ତ୍ତମାନ ତାଙ୍କ ଜ୍ୟେଷ୍ଠ ପୁତ୍ର ଅଷ୍ଟମ ଏଡ଼ୱାର୍ଡ଼ ଆମ୍ଭମାନଙ୍କର ସମ୍ରାଟ ଅଟନ୍ତି । ଏହାଙ୍କର ବୟସ ୪୨ ବର୍ଷ ଅଟେ ।

ପାର୍ଲିଅମେଣ୍ଟରେ ପାଶ୍ ହୋଇଥିବା ଭାରତ ସଂସ୍କାର ଆଇନର ବିଧାନ ଅନୁସାରେ ୧୯୩୭ ସାଲଠାରୁ ବ୍ରିଟିଶ୍ ଶାସିତ ଭାରତ ଓ ଦେଶୀୟ ରାଜନ୍ୟ-ମଣ୍ଡଳଙ୍କ ଶାସିତ ଭାରତଦ୍ୱାରା ଗଠିତ ଶାସନସଂଘ ଭାରତରେ ପ୍ରତିଷ୍ଠିତ ହୋଇ ଭାରତ ସ୍ୱାୟତ୍ତଶାସନ ମାର୍ଗରେ ଦ୍ରୁତଗତି କରିବ ବୋଲି ଆଶା କରାଯାଏ ।

ଲର୍ଡ ୱିଲିଙ୍ଗଡନଙ୍କ ଭାଇସ୍‌ରୟ କର୍ମକାଳ ପୂରିବା ପରେ ଲର୍ଡ ଲିନ୍‌ଲିଥ୍‌ଗୋ ଭାରତର ଭାଇସ୍‌ରୟ ହେବା ସ୍ଥିର ହୋଇଅଛି । ଭାରତବାସୀଙ୍କ ପ୍ରତି ତାଙ୍କର ସମଧିକ ସ୍ନେହ ଓ ସହାନୁଭୂତି ପୂର୍ବରୁ ପ୍ରକାଶିତ ହୋଇଅଛି ।

ଭାରତ ସମ୍ରାଟଙ୍କର ଜୟ ହେଉ ।

Digitized by srujanika@gmail.com

ଉପସଂହାର

ଆମ୍ଭେମାନେ ପ୍ରାଚୀନକାଳରୁ ଆଜିପର୍ଯ୍ୟନ୍ତ ଭାରତୀୟ ଇତିହାସ ସମ୍ବନ୍ଧରେ ସ୍କୁଲରେ ଅଳ୍ପ ବହୁତ କଥା ଜାଣିଲୁଁ ଓ ଭିନ୍ନ ଭିନ୍ନ ରାଜବଂଶର ଉତ୍ଥାନ ଓ ପତନ ବିଷୟ ପାଠ କଲୁଁ । ଏବେ ଦେଶର ବର୍ତ୍ତମାନ ଅବସ୍ଥା ସମ୍ବନ୍ଧରେ କିଛି ପର୍ଯ୍ୟାଲୋଚନା କରିବା ଆବଶ୍ୟକ । ଏଥିରୁ ଆମ୍ଭେମାନେ ଭାରତର ଭବିଷ୍ୟତ ସମ୍ବନ୍ଧରେ କେତେକ ଅନୁମାନରେ ଉପନୀତ ହୋଇ ପାରିବା । ଇତିହାସ ପାଠ କରିବାର ମୁଖ୍ୟ ଉଦ୍ଦେଶ୍ୟ ଏହି ଯେ, ଆମ୍ଭେମାନେ ନିଜର ପୂର୍ବ ଗୌରବ ସ୍ମରଣ କରିବୁଁ, ନିଜର ଭ୍ରମ ସଂଶୋଧନ କରିବୁଁ ଓ ଭବିଷ୍ୟତ୍ ଉନ୍ନତି ପାଇଁ ଯତ୍ନ କରିବୁଁ । ପୂର୍ବେ ଭାରତରେ ଅନେକ ସଭ୍ୟ, ବିଦ୍ୱାନ୍, ବଳବାନ୍ ଓ ଧନବାନ୍ ବ୍ୟକ୍ତି ଥିଲେ, କିନ୍ତୁ ଆଲସ୍ୟବଶତଃ ଭାରତୀୟ ସଭ୍ୟତା ଓ ଶକ୍ତିର ହ୍ରାସ ହେଲା । ଇଂରେଜମାନେ ଯେତେବେଳେ ଏ ଦେଶର ଶାସନଭାର ଗ୍ରହଣ କଲେ, ସେତେବେଳେ ଦେଶର ଅବସ୍ଥା ଅତି ଶୋଚନୀୟ ଥିଲା । ଏବେ ମଧ୍ୟ ଆମ ଦେଶ ଅନ୍ୟାନ୍ୟ ସଭ୍ୟ ଦେଶମାନଙ୍କର ଅନେକ ପଛରେ ପଡ଼ିଅଛି । କିନ୍ତୁ ଇଂରେଜ ଶାସନଫଳରେ ସମଗ୍ର ଦେଶରେ ଜାତୀୟତାର ଭାବ ଜାଗ୍ରତ ହୋଇଅଛି ଓ ପୃଥିବୀର ଅନ୍ୟାନ୍ୟ ଦେଶ ସହିତ ଭାରତର ସମ୍ପର୍କ ସ୍ଥାପିତ ହୋଇଅଛି । ଭାରତବାସୀମାନଙ୍କ ମଧ୍ୟରେ ଏପରି ଜାତୀୟ ଏକତାର ଭାବ ଇଂରେଜ ଶାସନର ପୂର୍ବେ କେବେ ଦେଖାଯାଉ ନ ଥିଲା । ପୂର୍ବେ ବିଭିନ୍ନ ପ୍ରଦେଶ ଓ ଜାତିମାନଙ୍କ ମଧ୍ୟରେ ଦ୍ୱେଷ ଓ ଈର୍ଷାର ଭାବ ବିଦ୍ୟମାନ ଥିଲା । ଉଚ୍ଚ ଜାତିମାନେ ନୀଚ ଜାତିମାନଙ୍କୁ ପୂର୍ବେ ପଦଦଳିତ କରି ଆସୁଥିଲେ, କିନ୍ତୁ ବଳଶାଳୀ ଇଂରେଜ ସରକାରଙ୍କ ସୁକୌଶଳ ଯୋଗୁଁ ସବୁ ଜାତିହିଁ ଆଇନ ବଳରେ ବର୍ତ୍ତମାନ ସମାନ ଅଧିକାର ଲାଭ କରିଅଛନ୍ତି । ଆଜି ଆମ୍ଭେମାନେ ସମସ୍ତେ ଆପଣା ଆପଣାକୁ ଭାରତବାସୀ ବୋଲି ମନେ କରୁଅଛୁଁ ଏବଂ ସେହି ହେତୁରୁ ନିଜର ସଂସ୍କାର ପାଇଁ ଏତେ ବ୍ୟସ୍ତ ହେଉଥାଉଁ । ଇଂରେଜ ସରକାର ନବ୍ୟ ସଭ୍ୟତାର ସମସ୍ତ ଉପକରଣ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି । ଆମ୍ଭେମାନେ ତିନି ପଇସାର ପୋଷ୍ଟ କାର୍ଡ଼ ଖଣ୍ଡିକରେ ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ସମ୍ବାଦ ଡାକ (ପୋଷ୍ଟ) ଦ୍ୱାରା ପ୍ରେରଣ କରି ପାରୁଁ

Digitized by srujanika@gmail.com

ଥାଇଁ । ଜରୁରୀ ପ୍ରୟୋଜନ ହେଲେ ତାର (ଟେଲିଗ୍ରାଫ୍) ଦ୍ୱାରା ସମ୍ବାଦ ପଠାଇ ତୁରନ୍ତ କାର୍ଯ୍ୟନିର୍ବାହ କରି ପାରୁଥାନ୍ତି ଓ ରେଳଗାଡ଼ି ଓ ମଟରରେ ଆରୋହଣ କରି ସର୍ବତ୍ରର ଯହିଁ ଇଚ୍ଛା ତହିଁ ଗମନାଗମନ କରି ପାରୁଥାନ୍ତି । ଶିକ୍ଷା ପ୍ରଚାର ମଧ୍ୟ ଦିନକୁଦିନ ବର୍ଦ୍ଧିତ ହେଉଅଛି ଓ ଦେଶ କ୍ରମଶଃ ଜାଗ୍ରତ ହେଉଅଛି । ବର୍ତ୍ତମାନ ବେତାର ଯନ୍ତ୍ର, ଟେଲିଫୋନ୍ ଓ ଉଡ଼ାଜାହାଜ କ୍ରମଶଃ ଭାରତରେ ବିସ୍ତୃତ ହେଉଅଛି ।

ଇଂରେଜ ଶାସନକାଳରେ ରାଷ୍ଟ୍ର ଭାବର ଉତ୍ଥାନ ହୋଇଅଛି ଓ ଏକତା ବଢ଼ୁଅଛି । ଦେଶୀୟ ଓ ବିଦେଶୀୟ ବିଦ୍ୱାନ୍‌ମାନେ ଭାରତୀୟ ଇତିହାସ ସମ୍ବନ୍ଧରେ ଗବେଷଣା କରୁଅଛନ୍ତି ଓ ଅନୁସନ୍ଧାନଦ୍ୱାରା ଭାରତର ଲୁପ୍ତଗୌରବ ଠିକଣା ହେଉଅଛି । ପ୍ରତ୍ୟେକ ବ୍ୟକ୍ତିଙ୍କର ଧର୍ମ ସମ୍ବନ୍ଧରେ ସ୍ୱାଧୀନତା ରହିଅଛି । ଏହି କାରଣରୁ ଧର୍ମର ଦୋହାଇ ଦେଇ କେହି ଅନ୍ୟ ଜଣଙ୍କ ପ୍ରତି ଅତ୍ୟାଚାର କରି ପାରୁ ନାହିଁ । ହିନ୍ଦୁ ଓ ମୁସଲମାନ-ମାନଙ୍କ ମଧ୍ୟରେ ଭ୍ରାତୃଭାବ ଜାଗିଅଛି ଓ ଦୁହେଁ ଦେଶର ଉନ୍ନତିପାଇଁ ଯତ୍ନ କରୁଅଛନ୍ତି । ଭିନ୍ନ ଭିନ୍ନ ଜାତିମାନେ ନିଜ ନିଜର ସୋସାଇଟି (ସଭା-ସମିତି) ମାନ ସ୍ଥାପନ କରି ସାମାଜିକ କୁରୀତିମାନ ଦୂର କରିବାକୁ ଯତ୍ନ କରୁଅଛନ୍ତି । ନିକଟ ଭବିଷ୍ୟତରେହିଁ ଭାରତବର୍ଷ ସର୍ବାଙ୍ଗୀନ ଉନ୍ନତିଶିଖରରେ ଆରୂଢ଼ ହେବ ଏଥିରେ ସନ୍ଦେହ ନାହିଁ ।

ଆମ୍ଭମାନଙ୍କ ନବୀନ ସମ୍ରାଟ ଅଷ୍ଟମ ଏଡ୍‌ୱାର୍ଡ୍

Digitized by srujanika@gmail.com

ଇଂରେଜ ସରକାର ଯେଉଁ ହିସାବରେ ଆମ୍ଭମାନଙ୍କୁ ଶାସନ ଅଧିକାର ଦେଇ ଆସୁଅଛନ୍ତି, ଆମ୍ଭମାନଙ୍କ ଭାରତ ସମ୍ରାଟ ମହାମହିମ ପଞ୍ଚମ ଜର୍ଜ ଭାରତ ସମ୍ବନ୍ଧରେ ଯେପରି ସଦିଚ୍ଛାମାନ ପ୍ରକାଶ କରିଥିଲେ ଓ ତାଙ୍କ ପୁତ୍ର ଆମ୍ଭମାନଙ୍କ ନବୀନ ସମ୍ରାଟ୍ ଅଷ୍ଟମ ଏଡ୍‌ୱାର୍ଡ ମଧ୍ୟ ଇତି ମଧ୍ୟରେ ଭାରତବାସୀଙ୍କ ପ୍ରତି ଯେପରି ସଦିଚ୍ଛା ପ୍ରକାଶ କରିଅଛନ୍ତି ଓ ଆମ୍ଭମାନଙ୍କ ମଧ୍ୟରେ ଯେପରି ଦ୍ରୁତଗତିରେ ସଂସ୍କାର କାର୍ଯ୍ୟଗୁଡ଼ିକ ଚଳୁଅଛି, ସେଥିରୁ ମନେ ହୁଏ ଯେ, ଅନତିକାଳମଧ୍ୟେ ଭାରତବାସୀଙ୍କୁ "ଦାୟିତ୍ୱପୂର୍ଣ୍ଣ ବା ସ୍ୱାୟତ୍ତଶାସନ ଅଧିକାର" ଅବଶ୍ୟ ମିଳିବ ଓ ଭାରତବାସୀମାନେ ନିଜ ନିଜର ପୂର୍ଣ୍ଣ ସଂସ୍କାର କରିବେ । ଭଗବାନ୍ ଭାରତରେ ଏ ସୁଦିନ ଯେତେବେଳେ ଆଣି ଦେଇବେ, ସେତେବେଳେ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ ଯେ, ଇଂଲଣ୍ଡ ଭାରତକୁ ପୁନରାୟ ସଭ୍ୟ କରି ଦେଇଅଛି ଓ ସେଥିପାଇଁ ଆମ୍ଭମାନଙ୍କୁ ଚିରକାଳ ଇଂଲଣ୍ଡ ପ୍ରତି କୃତଜ୍ଞ ରହିବାକୁ ହେବ । ପ୍ରାଚୀନକାଳରେ ଦିନେ ଭାରତ ସମଗ୍ର ସଂସାରର ଗୁରୁପଦ ପାଇବାର ଯୋଗ୍ୟ ଥିଲା, କିନ୍ତୁ ବର୍ତ୍ତମାନ ଭାରତର ଦଶା ଅନ୍ୟ ଦେଶମାନଙ୍କ ତୁଳନାରେ ବିଶେଷ ଶୋଚନୀୟ ହୋଇ ପଡ଼ିଅଛି ; ଅତଏବ ଯଦି ବ୍ରିଟିଶ ଶାସନରେ ଭାରତ ସ୍ୱାଧିକାର ପ୍ରାପ୍ତ ହେବ, ତାହାହେଲେ କହିବାକୁ ହେବ ଯେ, ଯାହା କାହାର ଦ୍ୱାରା ସାଧିତ ହୋଇ ପାରି ନ ଥିଲା, ଇଂରେଜ ଜାତି ତାହା ସାଧନ କଲେ । ଭଗବାନ୍ ତାହାହିଁ କରନ୍ତୁ ।

Printed by M. Kar, The Utkal Sahitya Press, Cuttack.

Digitized by srujanika@gmail.com